# SARASWATA MADHURI

## 2024



22nd Annual Convention

## AMERICA SARASWATA SANGHA

Efland, North Carolina, USA



Paramahansa Shreemat Swami Nigamananda Saraswati Dev

ଜୟଗୁରୁ

# ସାରସ୍ୱତ ମାଧୁରୀ

# Saraswata Madhuri

## ଆମେରିକା ସାରସ୍ୱତ ସଂଘ

ଦ୍ୱାବିଂଶ ବାର୍ଷିକ ସମ୍ମିଳନୀ

ତା ୪ ଜୁଲାଇ ୨୦୨୪ ରୁ ତା ୬ ଜୁଲାଇ ୨୦୨୪

ନିଗମ ସ୍ମୃତି-ମନ୍ଦିର

ଏଫ୍‌ଲାଣ୍ଡ, ନର୍ଥ କାରୋଲିନା

**Jayaguru**

## Saraswata Madhuri - 2024

**22nd Annual Convention**
1040 Jayaguru Lane
Efland
North Carolina 27243
United States of America

**Published on:**
4th July 2024

**Published by:**
Editorial Board
America Saraswata Sangha
[Registration No: 548107-2, Date : 26th June 2003]
(A non-profit organization)

President : Brajendra Nath Panda
Phone : 001-479-409-7288
E-mail : bpanda@uark.edu

Secretary : Biswajit Sundar Ray
Phone : 001-704-516-1804
Email : biswajitray2@gmail.com

**Available at:**

America Saraswata Sangha
Nigam Smruti Mandir
1040 Jayaguru Lane
Efland, NC 27243
United States of America

Satshikhya Mandir
A-4, Unit-9
Bhubaneswar-751 022
Odisha, India
Phone - 91-674-2390055
Email: nsspuri35@gmail.com

Pranami : Rs. 20/-

Electronic copy available at www.jayaguru.org

**DTP & Printed at:**
Print-tech Pvt. Ltd.
Chandaka Industrial Area,
Bhubaneswar-24
Email: Printtechbbsr@gmail.com

# ସୂଚୀପତ୍ର


| କ୍ର.ନଂ. | ବିଷୟ | ଲେଖକଙ୍କ ନାମ | ପୃଷ୍ଠା |
|---|---|---|---|
| 1. | 'ସାରସ୍ୱତ ମାଧୁରୀ' ଏକ ଆଲେଖ୍ୟ | ଶ୍ରୀ ଶରତ ଚନ୍ଦ୍ର ସିଂହଦେଓ | 5 |
| 2. | Message | Sri Brajendra Nath Panda | 6 |
| 3. | 'ସାରସ୍ୱତ ମାଧୁରୀ' ବିଷୟରେ ପଦେ | ସମ୍ପାଦନା ମଣ୍ଡଳୀ | 8 |
| 4. | ବନ୍ଦନା, ପ୍ରାର୍ଥନା, ନୀତିବାଣୀ, ଜ୍ଞାତବ୍ୟ ତଥ୍ୟ | ଶ୍ରୀ ଯୋଗେଶ୍ୱର ସୁନ୍ଦରରାୟ | 9 |
| 5. | Incarnation | AMSAS Editorial Board | 13 |
| 6. | ଶ୍ରୀଶ୍ରୀଠାକୁର ମହାରାଜଙ୍କ ଲୀଳାକ୍ଷେତ୍ର - କାଶୀଗମ୍ଭୀରା | ଶ୍ରୀ ନବକିଶୋର ନାୟକ | 18 |
| 7. | ଶ୍ରୀଶ୍ରୀଠାକୁର ମହାରାଜଙ୍କ ଆହାର ଓ ଭୋଗ ପ୍ରସଙ୍ଗ | ପ୍ରଫେସର ଜଗନ୍ନାଥ ଦାଶ | 20 |
| 8. | ସମ୍ମିଳନୀ ଗୀତିକା | ଶ୍ରୀମତୀ ସ୍ମିତା ରାୟ | 42 |
| 9. | Music of the Mountain | Shri Santosh Kumar Mohanty | 43 |
| 10. | ଶ୍ରୀଶ୍ରୀଠାକୁରଙ୍କ ଦୃଷ୍ଟିରେ 'ସାହିତ୍ୟ' | ଶ୍ରୀ ମନୋରଞ୍ଜନ ମହାନ୍ତି | 46 |
| 11. | ଗୁରୁକରଣର ଆବଶ୍ୟକତା | ଶ୍ରୀ ସଂଗ୍ରାମ କେଶରୀ ସିଂହ | 48 |
| 12. | ସାଧନାର ପ୍ରୟୋଜନ | ଶ୍ରୀ ରାମଚନ୍ଦ୍ର ସାହୁ | 51 |
| 13. | ଶିଷ୍ୟ ଭକ୍ତମାନଙ୍କର କର୍ତ୍ତବ୍ୟ | ଶ୍ରୀ କମ୍ବୁ ଚରଣ ଧର | 54 |
| 14. | ପ୍ରେମର ପରିଭାଷା (୨) | ଶ୍ରୀ ନରେଶ ଚନ୍ଦ୍ର ପତି | 56 |
| 15. | କେବେ ଆମ୍ଭେ ମଣିଷ ହେବା ? | ଶ୍ରୀ ଶ୍ୟାମସୁନ୍ଦର ମହାନ୍ତି | 60 |
| 16. | Sangha – Path to Realization | Smt. Nibedita Nayak | 64 |
| 17. | ମନ ବାୟାରେ | ଶ୍ରୀମତୀ କଳ୍ପନା ଦାଶ | 67 |
| 18. | ନାମେ ରୁଚି ଜୀବେ ଦୟା | ଶ୍ରୀ ନିହାରରଞ୍ଜନ ନାୟକ | 68 |
| 19. | ସମର୍ପଣକାରିତା | ଶ୍ରୀମତୀ ଯଶସ୍ୱିନୀ ମହାନ୍ତି | 72 |
| 20. | ଏ ଜୀବନ ତୁମ ସେବାରେ | ଶ୍ରୀମତୀ ଶିବାନୀ ମହାନ୍ତି | 74 |
| 21. | ଏତିକି କରଇ ଅଳି | ଶ୍ରୀମତୀ ଶ୍ରଦ୍ଧାଞ୍ଜଳୀ ନାୟକ | 77 |
| 22. | ସୁଗମ ପଥ | ଶ୍ରୀମତୀ ଶ୍ରଦ୍ଧାଞ୍ଜଳୀ ନାୟକ | 78 |
| 23. | ଚମକ ଭଙ୍ଗ | ଶ୍ରୀମତୀ ପ୍ରିୟମ୍ବଦା ହୋତା | 80 |
| 24. | ହୃଦୟ ବୀଣାର କୋହ | ଡ. ସଂଗ୍ରାମ କେଶରୀ ମଲ୍ଲିକ | 81 |
| 25. | ଯାହା ମୁଁ ଅଙ୍ଗେ ନିଭାଇଛି | ୰ ଚୈତନ୍ୟ ଚରଣ ଦାସ | 82 |

| କ୍ର.ନଂ. | ବିଷୟ | ଲେଖକଙ୍କ ନାମ | ପୃଷ୍ଠା |
|---|---|---|---|
| 26. | ଅଧମ ଭକ୍ତର ପୁର୍ନଜନ୍ମ | **ଶ୍ରୀ ଗୀରିଶ ଚନ୍ଦ୍ର ନାୟକ** | 84 |
| 27. | ପ୍ରାଣ ଠାକୁର ହେ | **କାଞ୍ଚନବାଳା ଦାଶ ମା** | 86 |
| 28. | କି ଭାଷାରେ କୃତଜ୍ଞତା ଜଣାଇବି ମୋର | **ଶ୍ରୀମତୀ ସ୍ମିତା ରାୟ** | 87 |
| 29. | ମୋ ଜୀବନରେ ଶ୍ରୀଶ୍ରୀଠାକୁର ଭାଗ - ୪ | **ଶ୍ରୀମତୀ ଉଦିତା ସୁନ୍ଦରରାୟ** | 90 |
| 30. | ପାଶେ ପାଶେ ରହିଥାଅ | **ଶ୍ରୀ ବିଜୟ ଉପାଧ୍ୟାୟ** | 92 |
| 31. | ସାରସ୍ୱତ ସଂଘ କି ଜୟ | **ଶ୍ରୀ ଅମିତାଭ ଦାଶ** | 93 |
| 32. | 73rd Pradeshik Bhakta Sammilani- My Personal Experience | Smt. Lipsita Patnaik | 94 |
| 33. | My Experience Attending the 2024 Sammilani | Saumyashree Ray | 96 |
| 34. | ପୁନେ ସମ୍ମିଳନୀର ଅନୁଭୂତି, "ଗୁରୁ କୃପା ହିଁ କେବଳମ" | **ଶ୍ରୀ ଅଜିତ୍ ବେହେରା** | 98 |
| 35. | ପ୍ରାର୍ଥନା ଓ କାମନା ପୂରଣ | **ଶ୍ରୀମତୀ ସ୍ମିତା ରାୟ** | 105 |
| 36. | ମୋ ଜୀବନର ପ୍ରଥମ ପ୍ରାଦେଶିକ ସମ୍ମିଳନୀର ଅନୁଭୂତି | **ଶ୍ରୀ ସୁପ୍ରିତ୍ ପଟ୍ଟନାୟକ** | 108 |
| 37. | ସତୀର୍ଥ ସ୍ମରଣେ - ଶ୍ରଦ୍ଧେୟ ଯଦୁଭାଇ | **ଶ୍ରୀ ସୁଭାଷ ଚନ୍ଦ୍ର ପଢ଼ିହାରୀ** | 109 |
| 38. | ଆମେରିକା ସାରସ୍ୱତ ସଂଘ ବାର୍ଷିକ ବିବରଣୀ | **ଶ୍ରୀ ବିଶ୍ୱଜିତ୍ ସୁନ୍ଦର ରାୟ** | 111 |
| 39. | ଆମେରିକା ସାରସ୍ୱତ ସଂଘର ଏକବିଂଶ ବାର୍ଷିକ ଭକ୍ତ ସମ୍ମିଳନୀର ବିବରଣୀ | **ଶ୍ରୀ ବିଶ୍ୱଜିତ୍ ସୁନ୍ଦର ରାୟ** | 117 |
| 40. | Guru, The Guide | Shreyasee Nanda (YA) | 122 |
| 41. | Religion and the Underlying Truth | Ansh Nayak (YA) | 124 |
| 42. | Spirituality for Children | Aishee Nanda (YA) | 126 |
| 43. | Wrangle Between Science and Spirituality - Part 1 | Pratyush Mohanty (YA) | 127 |
| 44. | My Sammilani Experience | Sreeja Pattanayak (YA) | 128 |
| 45. | Reflections Halfway Into College | Aryaan Jena (YA) | 129 |
| 46. | Father's Day from a Hindu Perspective | Saraswat Dash (YA) | 130 |
| 47. | Thakura (in) My Life | Naitik Sinha (YA) | 131 |

# 'ସାରସ୍ୱତ ମାଧୁରୀ' ଏକ ଆଲେଖ୍ୟ

ଅତ୍ୟନ୍ତ ଆନନ୍ଦର ବିଷୟ ଆମର ପରମାରାଧ୍ୟ ଗୁରୁଦେବ ପରମହଂସ ଶ୍ରୀମଦ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବଙ୍କ ଅପାର କରୁଣାରୁ ତାଙ୍କ ସ୍ୱହସ୍ତ ପ୍ରତିଷ୍ଠିତ ନୀଳାଚଳ ସାରସ୍ୱତ ସଂଘ, ପୁରୀ (କେନ୍ଦ୍ରସଂଘ) ଦ୍ୱାରା ପ୍ରତିଷ୍ଠିତ ଆମେରିକା ସାରସ୍ୱତ ସଂଘ ଆଜି ସୁଦୂର ଆମେରିକାର ଭକ୍ତ ସମ୍ମିଳନୀ ରୂପକ ମହାନ୍ ଜଗତହିତକର ଅନୁଷ୍ଠାନ କରିଆସୁଅଛି । ଏହି ସମ୍ମିଳନୀର ଶୁଭ ଅବସରରେ ସଂଘର ମୁଖପତ୍ର 'ସାରସ୍ୱତ ମାଧୁରୀ' ପତ୍ରିକା ପ୍ରକାଶନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ।

ଭକ୍ତ ସମ୍ମିଳନୀ ଶ୍ରୀଶ୍ରୀଠାକୁରଙ୍କ ପ୍ରାଣପ୍ରିୟ ଅନୁଷ୍ଠାନ । ସେ କହିଛନ୍ତି "ଜଗତରେ ମୁଁ ଆଉ କିଛି କରି ଯାଇନଥିଲେ ମଧ୍ୟ ଏହି ଭକ୍ତ ସମ୍ମିଳନୀ ହିଁ ମୋର ସ୍ମୃତି ରକ୍ଷା କରିଆନ୍ତା" ତେଣୁ ତାଙ୍କର ପ୍ରିୟ ଅନୁଷ୍ଠାନ ହିଁ ଭକ୍ତମାନଙ୍କର ଅତ୍ୟନ୍ତ ପ୍ରିୟ ଏବଂ ଏହି ଭକ୍ତ ଭଗବାନଙ୍କର ମିଳନ ଭୂମି ହିଁ ମର୍ତ୍ତ୍ୟରେ ଅମୃତାନନ୍ଦ ଆସ୍ୱାଦନର କ୍ଷେତ୍ର ।

ଆମେରିକା ଭଳି ପୃଥିବୀର ଏକ ବିଶାଳ ମହାଦେଶରେ ବହୁ ଦୂରଦୂରାନ୍ତରରେ ବସବାସ କରୁଥିବା ଭକ୍ତମାନେ କେତେ ଯେ ଘାତ ପ୍ରତିଘାତ ସହ୍ୟ କରି ସଂଘ ଗଠନକରି ଠାକୁରଙ୍କ ଭାବଧାରାକୁ ଏବଂ ବାଣୀକୁ ରକ୍ଷା କରିବାକୁ ଯାଇ ବର୍ଷକରେ ଥରେ ନର୍ଥ କାରୋଲିନା ରାଜ୍ୟରେ ସପରିବାର ଏକତ୍ରିତ ହୋଇ ସମ୍ମିଳନୀର ଅନୁଷ୍ଠାନ କରନ୍ତି ତାହା ସ୍ୱଚକ୍ଷୁରେ ନ ଦେଖିଲେ ବିଶ୍ୱାସ କରିହେବ ନାହିଁ ।

ଆଧ୍ୟାତ୍ମିକ ଜଗତର ସାଧନ ରହସ୍ୟକୁ ଶ୍ରୀଶ୍ରୀଠାକୁର ଯେପରି ସହଜ ଓ ସୁଗମ କରିଦେଇଛନ୍ତି ତାହାହିଁ ଆଜିର ଦୁର୍ବଳ ମାନବମାନଙ୍କର ଏକମାତ୍ର ଆଶା ଓ ଭରସାର ସ୍ଥଳ । ଭଗବାନ 'ଅସାଧନର ଧନ' । ତାଙ୍କୁ ପାଇବା ପାଇଁ ଏକମାତ୍ର ସାଧନା 'ସେ ଅଛନ୍ତି ଓ ତାଙ୍କୁ ଭଲ ପାଇବା' । ସେଥିପାଇଁ ଶ୍ରୀଶ୍ରୀଠାକୁର ନିଜ ଶ୍ରୀମୁଖରେ କହିଛନ୍ତି, "ଅଛି ଚିରକାଳ ଥିବି ଚିରକାଳ ତିଳେ ଯେ ସନ୍ଦେହ କରିବ, ଅସ୍ତିତ୍ୱରେ ମୋର ନାହିଁ ତା ବିଶ୍ୱାସ ଝୁରିଝୁରି ଦିନ ସରିବ ବସ୍ତ୍ର ବିଫଳେ ଜୀବନ ହାରିବ ।" କେବଳ ତାଙ୍କୁ ଭଲ ପାଇବା ଆମର ଏକମାତ୍ର ସାଧନା ଓ ସେ ହିଁ ଏକମାତ୍ର ସାଧ୍ୟ । ସେଥିପାଇଁ ପରମ ଭକ୍ତ ଆମର ପ୍ରିୟ ଶ୍ରୀଯୁକ୍ତ ଦୁର୍ଗାଚରଣ ଭାଇ ପ୍ରାର୍ଥନା କରିଛନ୍ତି "ପ୍ରତି ଅଣୁ ମଧ୍ୟେ ତୁମରି ବିକାଶ ଦେଖିବାକୁ ଯେହ୍ନେ ପାଇ, ତୁମରି ରୂପର ମାଧୁରୀମା ମଧ୍ୟେ ନିଜକୁ ଦେଇ ହଜାଇ" ତେଣୁ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଥମେ ନିଜ ଅନ୍ତରରେ ଦର୍ଶନ କରିବା ହିଁ ଆମର ପ୍ରଥମ କାର୍ଯ୍ୟ । ଏହା ହିଁ ଆତ୍ମଗଠନ ବା ଚିତ୍ତଶୁଦ୍ଧି । ଶ୍ରୀଶ୍ରୀଠାକୁରଙ୍କୁ ଏକମାତ୍ର ଭଲପାଇ ବା ଭକ୍ତିକରି ବା ଗୋଟିଏ ଇଷ୍ଟଗୋଷ୍ଠୀ ମଧ୍ୟରେ ବା ସଂଘର ପ୍ରତ୍ୟେକ ଭକ୍ତଙ୍କ ମଧ୍ୟରେ କେବଳ ତାଙ୍କରି ଦର୍ଶନ ଓ ସଂଘବଦ୍ଧ ଭାବରେ ତାଙ୍କ ସେବା କରିବା ହିଁ ଗୋଷ୍ଠୀ ସାଧନା । ଶ୍ରୀମଦ୍ ଭାଗବତରେ ନିର୍ଦ୍ଦେଶିତ "ଗୋଷ୍ଠୀ କରିବ ବହୁମିଳି ମୋ ଗୃହେ ଜାଳି ଦୀପାବଳୀ" ଉଲ୍ଲେଖଯୋଗ୍ୟ । ପରେ ସମଗ୍ର ଜୀବ ଜଗତ ମଧ୍ୟରେ ଭଗବାନଙ୍କୁ ଦେଖିବା ଓ ତତ୍ପରେ ସେମାନଙ୍କ ସେବା କରିବା ହିଁ ସମଷ୍ଟି ସାଧନା । ମୋଟ ଉପରେ ଏହିପରି ଭାବରେ ସାଧନାର କ୍ରମ ଅନୁସାରେ ଭଲପାଇବା ହେଉଛି ମନୁଷ୍ୟତ୍ୱ, ଦେବତ୍ୱ, ଈଶ୍ୱରତ୍ୱ ଓ ବ୍ରହ୍ମତ୍ୱର ସାଧନା । ଶ୍ରୀଶ୍ରୀଠାକୁର ଏହି କ୍ରମ ସାଧନା ମଧ୍ୟ ଦେଇ ଜୀବକୁ ତା'ର ଚରମ ଲକ୍ଷ୍ୟ ଲାଭ ପଥରେ ବା ସ୍ୱରୂପ ଲାଭ ପଥରେ ନେଇଯିବାର ସହଜ ସୁଗମ ବ୍ୟବସ୍ଥା ଏହି ଜଗତରେ ପ୍ରଦାନ କରିଛନ୍ତି । ଭକ୍ତ ସମ୍ମିଳନୀ ଏହି ଜଗତରେ ନିତ୍ୟ ରାସସ୍ଥଳୀ ସ୍ୱରୂପ । ଏହାହିଁ ରାଧାକୃଷ୍ଣଙ୍କର ମିଳନ କ୍ଷେତ୍ର ବା ମର୍ତ୍ତ୍ୟରେ ଅମୃତର ଆସ୍ୱାଦନ । ଏହି ସମ୍ମିଳନୀ ହିଁ ମରଜଗତରେ ବୃନ୍ଦାବନ ବା ନିତ୍ୟଲୋକ ଭାବଧାରାର ପ୍ରଚାର ଓ ପ୍ରସାରର ମୂର୍ତ୍ତ ପ୍ରତୀକ । ଗୋପୀମାନଙ୍କୁ ପରକୀୟା ସଜାଇ ପରମପୁରୁଷ ଶ୍ରୀକୃଷ୍ଣ ମର୍ତ୍ତ୍ୟ ବୃନ୍ଦାବନରେ ସ୍ଥୂଳଲୀଳା କରିବାଭଳି ନିତ୍ୟଲୋକର ନିତ୍ୟପୁରୁଷ ତାଙ୍କ ନିଜର ଅନ୍ତରଙ୍ଗ ପାର୍ଶ୍ୱଦମାନଙ୍କୁ ଭକ୍ତ ବେଶରେ ସଜାଇ ଏହି ସମ୍ମିଳନୀ ରୂପକ ଭୁବୃନ୍ଦାବନରେ ଲୀଳା କରୁଛନ୍ତି । ଏଥିପାଇଁ ଭକ୍ତମାନେ ନିଜର ଜଡ଼ ଦେହକୁ ନିତ୍ୟ ମନେ ନ କରି ନିଜର ଚିନ୍ମୟ ସ୍ୱରୂପ ଉପଲବ୍ଧି କରି ସେବା କରିବାକୁ ଶ୍ରୀଶ୍ରୀଠାକୁର ବାରମ୍ବାର ଚେତାଇ ଦେଇ କହିଛନ୍ତି, "ମୋତେ ଚିନ୍ମୟ ପୁରୁଷ ସଚ୍ଚିଦାନନ୍ଦ ଘନ ବିଗ୍ରହ ମନେକରିବ ଏବଂ ତୁମେମାନେ ମଧ୍ୟ ନିଜର ଚିନ୍ମୟ ସ୍ୱରୂପତ୍ୱ ଚିନ୍ତା କରିବ ।" କେବଳ ଏହି ଚିନ୍ତା ଫଳରେ ଶ୍ରୀଶ୍ରୀଠାକୁରଙ୍କ କୃପାରୁ ଆମର ମଧ୍ୟ ଏହି ଜଡ଼ ଦେହର ଅନିତ୍ୟ ବୋଧ ଦୂର ହୋଇ ନିତ୍ୟ ଚିନ୍ମୟବୋଧ ଅନୁଭବ ହୋଇପାରିବ । ସେଥିପାଇଁ ଶ୍ରୀଶ୍ରୀଠାକୁର କହିଛନ୍ତି "ମୋ ଚିନ୍ତା ମୋହରି ଧ୍ୟାନେ ଯେ, ସବୁ ସିଦ୍ଧି ବୀର୍ଯ୍ୟ ସକଳ ଐଶ୍ୱର୍ଯ୍ୟ ପ୍ରକାଶିବ ନିଜ ଜ୍ଞାନ ଯେ ।" ସମ୍ମିଳନୀ ଉପଲକ୍ଷେ ଆମେରିକା ସାରସ୍ୱତ ସଂଘର ମୁଖପତ୍ର 'ସାରସ୍ୱତ ମାଧୁରୀ' ପ୍ରକାଶନର ଶୁଭ ଅବସରରେ ଶ୍ରୀଶ୍ରୀଠାକୁରଙ୍କ ରାତୁଳ ଶ୍ରୀଚରଣରେ ପ୍ରାର୍ଥନା, ସାରସ୍ୱତ ମାଧୁରୀ ପ୍ରକାଶ କରାଇଥିବା ଭକ୍ତ ଭାଇ ଓ ମା'ମାନଙ୍କର ଲେଖନୀ ପ୍ରସୂତ ଶ୍ରୀଶ୍ରୀଠାକୁରଙ୍କ ଭାବଧାରା ସମ୍ବଳିତ ଆଲେଖ୍ୟ, ସମଗ୍ର ଜଗତରେ ତାଙ୍କ ଭାବଧାରାକୁ ଆପ୍ଳୁତ କରିଦେଉ ଓ ଏହି ଅନିତ୍ୟ ଜଗତର ଐଶ୍ୱର୍ଯ୍ୟ ଭାବ ଦୂରୀଭୂତ କରାଇ ସମଗ୍ର ମାନବ ସମାଜରେ ସାରସ୍ୱତ ଜଗତର ମାଧୁର୍ଯ୍ୟ ଭାବ ବିକଶିତ କରିବାରେ ସହାୟକ ହେଉ ଏବଂ 'ସାରସ୍ୱତ ମାଧୁରୀ' ପତ୍ରିକା ନାମକରଣର ସାର୍ଥକତା ପ୍ରତିପାଦନ କରୁ ।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ
**ଶ୍ରୀ ଶରତ ଚନ୍ଦ୍ର ସିଂହଦେଓ**
ପରିଚାଳକ, ନୀଳାଚଳ ସାରସ୍ୱତ ସଂଘ, ପୁରୀ

# MESSAGE

**Mannāthaḥ Śri Jagannātho MadGuruḥ Śri JagadGuruḥ**
**Madātmā SarvaBhutātmā Tasmai Śri Gurave Namaḥ.**

With the immense blessings and love of Sri Sri Thakur Maharaj, America Saraswata Sangha has been able to publish the 21st volume of its annual magazine, Saraswata Madhuri, on the grand occasion of its 22nd Annual Bhakta Sammilani. This religious congregation is the favorite event of Sri Sri Thakur. He has unequivocally said that if he had done nothing else in this world, the Bhakta Sammilani would have kept the memories of him alive. Such is the significance of this assembly.

Sri Sri Thakur Maharaj is the sovereign Guru. His teachings, vision, and philosophy are aimed at imparting the eternal religion, the Sanatan Dharma, which is equally applicable to people from all religious sects across the globe. A few months before leaving his mortal body, while living in Nilachal Kutir, Puri, Odisha, he formed Nilachal Saraswata Sangha (NSS) upon receiving a response from God. Thus, the Nilachala Saraswata Sangha was a work of both Guru and God. With the goal unite Sri Sri Thakur Maharaj's devotees and disciples living in the USA, America Saraswata Sangha (AMSAS) was formed as a branch of the NSS, the only branch outside of India. Although it started its activities a few years before, AMSAS received the approval of the then-president of the NSS in 2003 to be considered a branch sangha of the NSS. Since then, AMSAS has been active in inculcating Sri Sri Thakur's philosophy and teachings among his devotees in the Western world.

America Saraswata Sangha is different from the other branches of the NSS in that the devotees live all over the United States of America (which has an area approximately three times that of India), Canada, and the United Kingdom. Therefore, the only possibility for its members to carry out their weekly worship and discussions is to meet virtually. Hence, to further strengthen fellow feelings, the devotees started a sammilani (convention) in 2001 and since then have been meeting annually. This sammilani is modeled according to the three objectives of Sri Sri Thakur: helping the devotees lead an ideal householder's life, establish the power of sangha, and exchange spiritual feelings among each other. The goal of leading an ideal householder's life is to move oneself on the path of virtuousness. This can be achieved through continuous introspection of one's activities daily. The establishment of the power of the sangha requires more dedication and commitment. It asks each of the members to forgo their ego and allow the wishes of Sri Guru to guide them incessantly. True exchange of spiritual feelings will occur at that time when each one can reach the two previous goals.

Sangha provides the much-needed platform for all its members to learn and test their progress toward achieving the above-mentioned objectives. Sangha is the testing ground to assess one's behavior and ascertain if they are ready for the real world. Sammilani provides a wide-ranging opportunity to showcase one's worthiness in the path of spiritual progression. While sangha activities are limited, in sammilani the devotees spend three days together carrying out many competing essential activities – sharing food, sleeping space, instruments, and other paraphernalia. This is the initial move in the direction of the feeling "Vasudhaiva Kutumbakam", the whole world is my family. It becomes easier when one realizes that the Guru is the head of the family, and we all are his children. This feeling must be realized – not just be said. Once attained by heart, the feeling

will spread beyond sangha and will encompass the entire world, helping us fulfill the wishes and directives of our Gurudev – "Forget all the uncertain and momentary relationships and connect yourself to the entire universe. In spiritual relationships, all are closer than family relations. Sacrifice your selfish interests for the interest of the entire universe. Forget your infinitesimal existence and coalesce with the immense world. Unite your soul with the soul of the world and expand your confined heart to encompass the entire universe."

May He bless and inspire us on this occasion of our sangha's 22nd Annual Convention so that we may succeed in realizing his purpose.

Sri Sri Thakura Maharaj's Krupa Bhikshu
**Sri Brajendra Nath Panda**
President, America Saraswata Sangha

Each of you must lead an ideal household life. My household devotees have progressed far more than others. They have more fear of religion than those who have renounced their home. … … If you lead a sacred household life, your children will be of bright moral character. Then *Vyasa*, *Vasistha*, *Jaimini*, *Patanjali*, and others will be born in your homes. The *Rishis* are also the children of the householders. Therefore, you lead an ideal household life.

xxxx

Remember that your goal in life is one and you are the disciples of the same Guru. Your *sadhana* is also one. You think that you are brothers and sisters of one family and children of one father. Thus, all your separateness, conflicts of opinion, and tiny unhappiness will be removed. If you can unite under the spell of deep feeling for one another, you can make impossible things possible.

xxxx

When guru-brothers and guru-sisters congregate, they will exchange their spiritual feelings with one another. How far one has progressed on the path of *sadhana*, what impediments, what feelings, what joys, and what changes one has experienced are to be discussed in the sessions of *sangha*. Thereby one will help another unnoticed on the path of *sadhana*. One will have ample opportunities to visualize his lapses and mistakes. You will overcome uneven steps on the path of the spiritual realm with the help of one another.

xxxx

The Guru-sisya relationship is the closest. Infact, Guru and sisya are one in soul but separate in body. Again ascending higher it is found that Guru is body and sisya is shadow. Thus at the highest level, one day, the shadow will melt in the body. **— Sri Sri Thakur**

# 'ସାରସ୍ୱତ ମାଧୁରୀ' ବିଷୟରେ ପଦେ

ଶ୍ରୀଶ୍ରୀଠାକୁର ମହାରାଜଙ୍କ ଅକଳନୀୟ ଅପାର କୃପାର ଫଳସ୍ୱରୂପ ଆମେରିକା ସାରସ୍ୱତ ସଂଘର ଦ୍ୟୋତକ 'ସାରସ୍ୱତ ମାଧୁରୀ' ନିଜ ପ୍ରକାଶନରେ ଯୋଡ଼ିଲା ୨୦୨୪ ମସିହାର ସଂସ୍କରଣ। ବିଗତ ୨୧ ବର୍ଷ ଧରି ଏହି 'ସାରସ୍ୱତ ମାଧୁରୀ' ବାର୍ଷିକ ପତ୍ରିକାଟି ଆମେରିକା ସାରସ୍ୱତ ସଂଘର ଭକ୍ତ ସମ୍ମିଳନୀ ଅବସରରେ ପ୍ରକାଶ ପାଉଅଛି ଏବଂ ଭକ୍ତମାନଙ୍କୁ ଶ୍ରୀଶ୍ରୀଠାକୁର ମହାରାଜଙ୍କ ଭାବରସରେ ଆପ୍ଲୁତ କରିଆସୁଅଛି। ଏହି ପତ୍ରିକାଟି ଦେଶବିଦେଶର ଭକ୍ତଗଣଙ୍କୁ ଶ୍ରୀଶ୍ରୀଠାକୁରଙ୍କ ପ୍ରେମଭକ୍ତି ସଲିଳ ଧାରାରେ ପ୍ଲାବିତ କରିପାରିବ ବୋଲି ଆମେ ଆଶାୟୀ।

ଭାରତ ବାହାରେ ଶ୍ରୀଶ୍ରୀଠାକୁର ମହାରାଜଙ୍କ ଭାବଧାରା ସମ୍ୱଳିତ ପତ୍ରିକା ମଧ୍ୟରେ 'ସାରସ୍ୱତ ମାଧୁରୀ' ଏକ ଅନବଦ୍ୟ ପତ୍ରିକା। ଶ୍ରୀଶ୍ରୀଠାକୁର ମହାରାଜଙ୍କ ଉପଦେଶ, ବାଣୀ, ଭାବଧାରା ଓ ମହିମାମଣ୍ଡିତ ପ୍ରବନ୍ଧ, ତତ୍ତ୍ୱ ଆଲୋଚନା, ଲୀଳା ପ୍ରସଙ୍ଗ ଆଦି ବିଷୟମାନ ସହିତ ପ୍ରାର୍ଥନା ଗୀତିକା ଓ ବନ୍ଦନା ଏହି ପତ୍ରିକାର କଳେବରକୁ ସମୃଦ୍ଧ କରିଛି। ଏହି ପତ୍ରିକାଟିରେ ଓଡ଼ିଆ ଓ ଇଂରାଜୀ ଭାଷାରେ ପ୍ରବନ୍ଧମାନ ପ୍ରକାଶ କରାଯାଇଛି।

ସଂଘ ହିଁ ଶ୍ରୀଶ୍ରୀଠାକୁରଙ୍କ ସ୍ୱରୂପ। ତାଙ୍କ ଆଦେଶ ଓ ଉପଦେଶ ପାଳନରେ ଗୁରୁକୃପାର ପ୍ଲାବନ ନ ଆସି ରହିପାରିବ ନାହିଁ। ସଂଘସେବୀ ଭକ୍ତମାନଙ୍କପାଇଁ ଏହି ପତ୍ରିକାଟି ଭାବବିନିମୟର ଏକ ସ୍ଥୂଳ ମାଧ୍ୟମ।

ସାରସ୍ୱତ ମାଧୁରୀରେ ପ୍ରକାଶିତ ଆମେରିକା ସାରସ୍ୱତ ସଂଘ ତଥା ଭାରତର ବିଭିନ୍ନ ଶାଖା ସଂଘର ଭକ୍ତମାନଙ୍କ ଲେଖନୀ ନିଃସୃତ ମହିମାମଣ୍ଡିତ ପ୍ରବନ୍ଧ, ତତ୍ତ୍ୱ ଆଲୋଚନା, ଅନୁଭୂତି, ପ୍ରାର୍ଥନା ଗୀତିକା ଇତ୍ୟାଦି ଖୁବ୍ ଶିକ୍ଷାପ୍ରଦ ଓ ଉପାଦେୟ।

Young Aspirants ବା କୋମଳମତି ବାଳକ ବାଳିକାମାନଙ୍କ ଦ୍ୱାରା ଲିଖିତ ବିଭିନ୍ନ ଅନୁଭୂତି ଓ ପ୍ରବନ୍ଧମାନ ଏକ ସ୍ୱତନ୍ତ୍ର ବିଭାଗରେ ପ୍ରକାଶ କରାଯାଇଅଛି। ଏହି ଲେଖାଗୁଡ଼ିକ ପରବର୍ତ୍ତୀ ପିଢ଼ିଙ୍କ ପାଇଁ ଏକ ନୂତନ ଦିଗନ୍ତ ସୃଷ୍ଟି କରିବ ବୋଲି ଆମେ ଆଶାୟୀ।

ନିଜର ସ୍ୱଳ୍ପ ସାମର୍ଥ୍ୟ ମଧ୍ୟରେ ବିଦେଶ ମାଟିରେ ଶ୍ରୀଶ୍ରୀଠାକୁରଙ୍କ ଭାବଧାରା ରକ୍ଷାକରି ଆମ ପରି ଅକିଞ୍ଚନ ଭକ୍ତମାନେ ଶ୍ରୀଶ୍ରୀଠାକୁରଙ୍କ କୃପାକୁ ପାଥେୟ କରି ଭକ୍ତ ସମ୍ମିଳନୀଟିଏ ଆୟୋଜନ କରିବାପାଇଁ ଚେଷ୍ଟା କରିଅଛୁ। ପୂର୍ବ ବର୍ଷର ସବିଶେଷ ବିବରଣୀ ଓ ଫଟୋମାନ ଏହି ପତ୍ରିକାରେ ପ୍ରକାଶିତ ହୋଇଅଛି। ଏତତ୍‌ବ୍ୟତୀତ ସଂଘର ବିଶେଷ ସେବାକାର୍ଯ୍ୟ ତଥା ଦରିଦ୍ରନାରାୟଣ ସେବା ଇତ୍ୟାଦିର ବିବରଣୀ ଓ ଆମେରିକା ସାରସ୍ୱତ ସଂଘର ବାର୍ଷିକ ଆୟବ୍ୟୟର ବିବରଣୀ ମଧ୍ୟ ଏଥିରେ ପ୍ରଦତ୍ତ ହୋଇଅଛି।

ଏଥିରେ ପ୍ରକାଶିତ ହୋଇଥିବା ଲେଖାଗୁଡ଼ିକ ଭକ୍ତମାନଙ୍କ ନିଜସ୍ୱ ମତାମତ ଏବଂ ସେଥିରେ ଥିବା ଦୋଷାଂଶ ନିମନ୍ତେ ଆମେରିକା ସାରସ୍ୱତ ସଂଘ କିମ୍ବା ନୀଳାଚଳ ସାରସ୍ୱତ ସଂଘ ଦାୟୀ ନୁହନ୍ତି। ସାରସ୍ୱତ ମାଧୁରୀ ପ୍ରକାଶନରେ ଏହାର ସମ୍ପାଦନା ମଣ୍ଡଳୀ ବ୍ୟତୀତ ବହୁ ସେବକ ସେବିକାମାନଙ୍କ ଅବଦାନ ରହିଅଛି। ଅଯାଚିତ ଭାବରେ ଯେଉଁମାନେ ଏହି ପ୍ରକାଶନକୁ ସର୍ବାଙ୍ଗସୁନ୍ଦର କରିବାରେ ଦେହମନ ପ୍ରାଣଦେଇ ସେବା କରିଛନ୍ତି ସେମାନଙ୍କ ନିକଟରେ ଆମେ ଚିର ଋଣୀ ଏବଂ ତତ୍‌ସଙ୍ଗେସଙ୍ଗେ ଶ୍ରୀଶ୍ରୀଠାକୁର ମହାରାଜଙ୍କ ଶ୍ରୀଚରଣରେ ସେମାନଙ୍କ ସର୍ବବିଧ ଉନ୍ନତି ନିମନ୍ତେ ପ୍ରାର୍ଥନା କରୁଅଛୁ। ପ୍ରେସର ଯେଉଁ କର୍ମୀମାନେ ଏହି ପତ୍ରିକାଟିକୁ ଯଥାସମୟରେ ପ୍ରକାଶ କରିବାରେ ସହାୟତା ପ୍ରଦାନ କରିଛନ୍ତି ସେମାନଙ୍କ ସର୍ବାଙ୍ଗୀନ ଉନ୍ନତି ଓ ମଙ୍ଗଳବିଧାନ ନିମିତ୍ତ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଅଛୁ। ଆମର ଶତ ପ୍ରଚେଷ୍ଟା ସତ୍ତ୍ୱେ ପତ୍ରିକାଟିର ସମ୍ପାଦନ ଓ ମୁଦ୍ରଣଜନିତ ତ୍ରୁଟି ଯଦି କିଛି ରହିଯାଇଥାଏ ସେଥିନିମିତ୍ତ ଶ୍ରୀଶ୍ରୀଠାକୁର ମହାରାଜ ଓ ପାଠକପାଠିକାଙ୍କ ନିକଟରେ ଆମେ କ୍ଷମା ପ୍ରାର୍ଥନା କରୁଅଛୁ।

**'ସାରସ୍ୱତ ମାଧୁରୀ' ସମ୍ପାଦନା ମଣ୍ଡଳୀ**
**ଆମେରିକା ସାରସ୍ୱତ ସଂଘ**
୪ ଜୁଲାଇ ୨୦୨୪

୧୦୪୦ ଜୟଗୁରୁ ଲେନ୍
ଏଫ୍‌ଲାଣ୍ଡ, ନର୍ଥ କାରୋଲିନା –୨୭୨୪୩
ଯୁକ୍ତରାଷ୍ଟ୍ର ଆମେରିକା

# ବନ୍ଦନା

ବିଶ୍ୱଂ ଦର୍ପଣ ଦୃଶ୍ୟମାନ
ନଗରୀ ତୁଲ୍ୟଂ ନିଜାନ୍ତର୍ଗତମ୍
ପ୍ରଶ୍ୟନ୍ନାତ୍ମନି ମାୟୟା
ବହି ରିବୋଦ୍‌ଭୂତଂ ଯଥା ନିଦ୍ରୟା
ଯଃ ସାକ୍ଷାତ୍ କୁରୁତେ ପ୍ରବେଧ
ସମୟେ ସ୍ୱାତ୍ମ ନମେ ବା ଦ୍ୱୟମ୍
ତସ୍ମୈ ଶ୍ରୀ ଗୁରୁ ମୂର୍ତ୍ତୟେ
ନମ ଇଦଂ ଶ୍ରୀଦକ୍ଷିଣାମୂର୍ତ୍ତୟେ
ଶ୍ରୀ ଦକ୍ଷିଣା ମୂର୍ତ୍ତିସ୍ତୋତ୍ରମ୍ (୧)

ଯେ ନିଜର ହୃଦୟ ସ୍ଥିତ ଦର୍ପଣରେ ଦୃଶ୍ୟମାନ ନଗରୀ ସଦୃଶ ବିଶ୍ୱକୁ ନିଦ୍ରାରେ ସ୍ୱପ୍ନବତ୍ ମାୟାଦ୍ୱାରା ବର୍ହିପ୍ରକାଶ ହେବାଭଳି ଆତ୍ମା ମଧ୍ୟରେ ଦର୍ଶନ କରି ଜ୍ଞାନ ଲାଭ ଦ୍ୱାରା ଅଥବା ନିଦ୍ରାଭଙ୍ଗ ହେବାପରେ ନିଜ ଅଦ୍ୱିତୀୟ ଆତ୍ମାର ସାକ୍ଷାତ୍ (ଦର୍ଶନ) କରିଥାଆନ୍ତି, ସେହି ଶ୍ରୀଗୁରୁ, ସ୍ୱରୂପ ଶ୍ରୀ ଦକ୍ଷିଣାମୂର୍ତ୍ତିଙ୍କୁ ପ୍ରଣାମ କରୁଅଛି।

ନିଜ ହୃଦୟ ଦର୍ପଣ ମଧ୍ୟରେ,
ବିଶ୍ୱ ଦୃଶ୍ୟ ହୁଏ ନଗ୍ରରୂପରେ
ମାୟା ଘେରା ନିଦ୍ରାଗତ ସ୍ୱପ୍ନରେ,
ଜ୍ଞାନଲାଭ କରି ହୃଦ କନ୍ଦରେ
ଦେଖିଥାନ୍ତି ଅଦ୍ୱିତୀୟ ଆତ୍ମାକୁ,
ପ୍ରଣାମ କରେ ସେ ଗୁରୁଦେବଙ୍କୁ।

# ପ୍ରାର୍ଥନା

ଏତାବାନସ୍ୟ ମହିମାତୋଜ୍ୟାୟାଁଶ୍ଚ ପୁରୁଷଃ
ପାଦୋଽସ୍ୟ ବିଶ୍ୱଭୂତାନି ତ୍ରିପାଦସ୍ୟାମୃତଂଦିବି। (ଋଗ୍‌ବେଦ ୧୦।୯୦।୩)

ଉତ ବାପ ପିତାଽସିନଃ ସଖା, ସନୋ ଜୀବାତ ବେ କୃଧି। *(ଋଗ୍‌ବେଦ ୧୦।୧୮୬)*

ବ୍ରହ୍ମ ହିଁ ଶୁଦ୍ଧ ଚେତନ ତତ୍ତ୍ୱ। ଜଡ଼ ତତ୍ତ୍ୱଠାରୁ ପୃଥକ୍ କେବଳ ଶୁଦ୍ଧ ଜ୍ଞାନସ୍ୱରୂପ। ଏହି ବ୍ରହ୍ମ ଏତେ ବିଶାଳ ଯେ ତାହା ଅକଳ୍ପନୀୟ। ସେହିପରି ତାଙ୍କ ମହିମା ମଧ୍ୟ ବିଶାଳ। ଏହା ପୁରୁଷ ବା ପରମ ଶୁଦ୍ଧ ଚେତନ ତତ୍ତ୍ୱ ଠାରୁ ମଧ୍ୟ ଅଧିକ ବିଶାଳ। ସମଗ୍ର ସୃଷ୍ଟି ହିଁ ଏହାଙ୍କର ଏକ ପାଦ। ଏହାଙ୍କର ତିନିପଦ ଅମୃତସ୍ୱରୂପ, ନିଜର ସ୍ୱପ୍ରକାଶ ହିଁ ଅଟନ୍ତି। ଏହାଙ୍କ ସଂଜ୍ଞା ଶୁଦ୍ଧ ବ୍ରହ୍ମ ହିଁ ନିର୍ଗୁଣ ବ୍ରହ୍ମ ଏବଂ ପରମାତ୍ମା। ଏହି ଜଡ଼ ତତ୍ତ୍ୱର ସମସ୍ତ ଉପାଧି ସମଷ୍ଟି ବ୍ୟଷ୍ଟି ଏକତ୍ୱ ବହୁତ୍ୱ ଇତ୍ୟାଦିରୁ ପୃଥକ କେବଳ ଜ୍ଞାନସ୍ୱରୂପ ଅମୃତମୟ ନିର୍ଗୁଣ ବ୍ରହ୍ମ।

ହେ ପରମାତ୍ମା ରୂପୀ ବ୍ରହ୍ମସ୍ୱରୂପ ଅମୃତମୟ ନିର୍ଗୁଣ ବ୍ରହ୍ମ! ତୁମେ ହିଁ ଆମ୍ଭମାନଙ୍କର ପିତା, ତୁମେ ଆମ୍ଭମାନଙ୍କର ଭ୍ରାତା, ତୁମେ ହିଁ ତୁମେ ଆମ୍ଭମାନଙ୍କର ପ୍ରଭୁ। ଆପଣଙ୍କ ପାଦପଦ୍ମରେ ଏତିକି ପ୍ରାର୍ଥନା ତୁମେ ଆମ୍ଭମାନଙ୍କର ଆୟୁଷ ବର୍ଦ୍ଧନ କର। ଫଳରେ ଆମ୍ଭେମାନେ ତୁମର ସେବା କରିବାପାଇଁ ଅଧିକ ସମୟ ପାଇପାରିବୁ।

ହେ ପରମବ୍ରହ୍ମ ଜ୍ଞାନସ୍ୱରୂପ,
ଏକ ପାଦେ ଧର ବିଶ୍ୱର ରୂପ
ଅବ୍ୟକ୍ତ ତ୍ରିପାଦ ନିର୍ଗୁଣ ବ୍ରହ୍ମ,
ଲୀଳାକର ନାନା ଭାବେ ପରମ
କର ସଦା ଆଶୀର୍ବାଦ ଯେ, ଦୀର୍ଘଜୀବୀ ହୋଇ ସେ ହୁଏ ଭୂବନେ ହୋଇଣ ମୁକ୍ତ ପ୍ରମାଦ ଯେ।

# ନୀତିବାଣୀ

୧. ଚିନ୍ତୟନ୍ତ୍ୟେ କୟା ବୁଦ୍ଧ୍ୟା ମହାପୁରୁଷମୀଶ୍ୱରମ୍
ପ୍ରଗୃହ୍ୟେନ୍ଦ୍ରିୟ ଦୁଷ୍ଟାଶ୍ୱାନ ମନସା ବୁଦ୍ଧି ସାରଥିଃ
ମନଶ୍ଚୈକାଗ୍ରୟା ବୁଦ୍ଧ୍ୟା ଭଗବତ୍ୟଖିଳାତ୍ମନି
ବାସୁଦେବ ସମାଧାୟ ଚଚାରହ ପେୟୋବ୍ରତମ୍। *(ଶ୍ରୀମଦ୍ ଭାଗବତ ୮।୧୭।୨-୩)*

**ମାତା ଅଦିତିଙ୍କ ଜୀବନ ଚର୍ଯ୍ୟାରୁ ଶିକ୍ଷା**

ବୁଦ୍ଧିକୁ ସାରଥି କରି ମନକୁ ଲଗାମ କରି ଏହାଦ୍ୱାରା ଇନ୍ଦ୍ରିୟରୂପୀ ଦୁଷ୍ଟ ଅଶ୍ୱକୁ ନିଜର ବଶ କଲେ ଏବଂ ଏକନିଷ୍ଠ ବୁଦ୍ଧିଦ୍ୱାରା ସେ ପୁରୁଷୋତ୍ତମ ଭଗବାନଙ୍କ ଚିନ୍ତା କରିବାକୁ ଲାଗିଲେ। ଏହାଙ୍କର ଏକାଗ୍ର ବୁଦ୍ଧିରେ ନିଜର ମନକୁ ସର୍ବାତ୍ମା ଭଗବାନ ବାସୁଦେବଙ୍କୁ ପୂର୍ଣ୍ଣରୂପରେ ସଂଲଗ୍ନକରି ପୟୋବ୍ରତର ଅନୁଷ୍ଠାନ କଲେ। ଏହିପରି କଠୋର ବ୍ରତ ପାଳନ କରି ବାମନରୂପୀ ଭଗବାନଙ୍କୁ ପୁତ୍ର ରୂପରେ ମାତା ଅଦିତି ପ୍ରାପ୍ତ ହୋଇଥିଲେ।

**୨. ଅନ୍ତଃକରଣ**

ମନୋବୁଦ୍ଧିରହଂକାର ଶ୍ଚିତ୍ତଂ କରଣମନ୍ତରମ୍
ସଂଶୟୋ ଗର୍ବଃ ସ୍ମରଣଂ ବିଷୟା ଇମେ। *(୧।୧୭।୧୬)*

ଅନ୍ତଃକରଣ ବୃତ୍ତିର ଚାରିଗୋଟି ରୂପ ଅଟେ। ୧ - ମନ, ୨ - ବୁଦ୍ଧି ୩ - ଅହଂକାର ୪ - ଚିତ୍ତ। ମନରୁ ବିତର୍କ ଏବଂ ସଂଶୟ ସୃଷ୍ଟ। ଅହଂକାରରୁ ଗର୍ବ ଅର୍ଥାତ୍ ଅହଂଭାବର ଅଭିବ୍ୟକ୍ତି ଜାତ ହୁଏ। ଚିତ୍ତରେ ସ୍ମରଣ ହୁଏ। ଅନ୍ତଃକରଣକୁ ମନ ମଧ୍ୟ କୁହାଯାଏ ତଥା ଯୋଗ ଦର୍ଶନରେ ଚିତ୍ତ ସଂଜ୍ଞା ପ୍ରଦତ୍ତ ହୋଇଛି। ଅନ୍ତଃକରଣ ଦ୍ୱାରା ଆତ୍ମାର ପ୍ରକାଶ ହିଁ ଜ୍ଞାନ ପ୍ରକ୍ରିୟା ସମ୍ପନ୍ନ ହୁଏ।

**୩. ଜ୍ଞାନ - ଶକ୍ତିର ବିନାଶ ପ୍ରକ୍ରିୟା**

ଧ୍ୟାୟତୋ ବିଷୟାନ୍‌ପୁଂସଃ ସଙ୍ଗସ୍ତେଷୂପଜାୟତେ
ସଙ୍ଗାତ୍ସଂଜାୟତେ କାମଃ କାମାତ୍ କ୍ରୋଧୋଽଭିଜାୟତେ
କ୍ରୋଧାତ୍‌ଭବତି ସଂମ୍ମୋହଃ ସଂମୋହାତ୍ ସ୍ମୃତି ବିଭ୍ରମଃ
ସ୍ମୃତିଭ୍ରଂଶାତ୍ ବୁଦ୍ଧିନାଶୋ ବୁଦ୍ଧି ନାଶାତ୍ ପ୍ରଣଶ୍ୟତି। *(ଶ୍ରୀମଦ୍ ଭଗବତ୍ ଗୀତା)*

ଅର୍ଥାତ୍: ବିଷୟ ଚିନ୍ତା କରୁଥିବା ବ୍ୟକ୍ତି ଉକ୍ତ ବିଷୟରେ ଆସକ୍ତ ହୋଇଥାଏ ଏବଂ ଆସକ୍ତିରୁ ବିଷୟର କାମନା ଉତ୍ପନ୍ନ ହୁଏ ଏବଂ କାମନାରେ ବିଘ୍ନ ସୃଷ୍ଟିହେବାରୁ କ୍ରୋଧ ଉତ୍ପନ୍ନ ହୁଏ। କ୍ରମେ କ୍ରୋଧରୁ ଅବିବେକ ଅର୍ଥାତ୍ ମୂଢ଼ଭାବ ଜାତ ହୁଏ ଏବଂ ଅବିବେକତାରୁ ସ୍ମରଣ ଶକ୍ତିର ବିନାଶ ହୁଏ। ସ୍ମୃତି ବିଭ୍ରମ ହେବାରୁ ବୁଦ୍ଧି ଅର୍ଥାତ୍ ଜ୍ଞାନ ଶକ୍ତିର ନାଶ ହୁଏ ଏବଂ ବୁଦ୍ଧିର ବିନାଶ ହେବା ଫଳରେ ପୁରୁଷ ନିଜର ଶ୍ରେୟ ସାଧନରେ ପତନ ହୁଏ।

୪. କୁଳୀନୈଃ ସହ ସମ୍ପର୍କଂ ପଣ୍ଡିତୈଃ ସହ ମିତ୍ରତାମ୍
ଜ୍ଞାତିଭିଃଚ ସମମେଳଂ କୁର୍ବାଣ ନ ବିନଶତି । *(ମହାମତି ଚାଣକ୍ୟ)*

ଯେଉଁ ବ୍ୟକ୍ତି ନିଜ କୂଳ କୁଟୁମ୍ବ ବ୍ୟକ୍ତିଙ୍କ ସହିତ ସୁସମ୍ପର୍କ ସ୍ଥାପନ କରି ଚଳେ ଓ ପଣ୍ଡିତମାନଙ୍କ ସହିତ ମିତ୍ରତା ଭାବପୋଷଣ କରିଥାଏ ଏବଂ ଜ୍ଞାତିଜନମାନଙ୍କ ସହିତ ମିଳିତ ହୋଇ ଚଳେ ତାହାର କେବେ ବିନାଶ ଅର୍ଥାତ୍ ଜୀବନ ଯାପନ ମଧ୍ୟରେ ଅବନତି ହୁଏ ନାହିଁ। ତିନି ପୁରୁଷ ମଧ୍ୟରେ ପିଣ୍ଡଦାନ କରୁଥିବା ବ୍ୟକ୍ତିମାନେ ଜ୍ଞାତି ତଦୁର୍ଦ୍ଧ କୁଟୁମ୍ବ ବୋଲି ପରିଗଣିତ ହୋଇଥା'ନ୍ତି।

୫. ଯାବତ୍ ଦେହାନ୍ତକାଳୋଽସ୍ତି ତାବତ୍‌ଦେବୀ ଗୁରୁସ୍ମରେତ୍
ଗୁରୁଲୋପ ନ ବକ୍ତବ୍ୟଃ ସ୍ୱଚ୍ଛନ୍ଦଂ ଯଦି ଭାବୟେତ୍। *(ଶ୍ରୀଶ୍ରୀ ଗୁରୁଗୀତା)*

ଅର୍ଥାତ୍ - ଯଦି କେହି ସାଧକ କାହାରି ସହାୟତା ବିନା ସାଧନ ଜୀବନରେ ନିଜର ସ୍ୱରୂପ ଉପଲବ୍ଧି କରିପାରିଛନ୍ତି ବୋଲି ଚିନ୍ତା କରୁଥା'ନ୍ତି ତଥାପି ସେ ଶ୍ରୀଗୁରୁଦେବଙ୍କର ଲୋପ ଘଟିଛି ବୋଲି ମୁଖରେ ବ୍ୟକ୍ତ କରିବା ଅନୁଚିତ୍। ମନରେ ମଧ୍ୟ ଏପରିଭାବ ପୋଷଣ କରିବା ଅବିଧେୟ। ଶ୍ରୀଗୁରୁଦେବ ହିଁ ବ୍ରହ୍ମ, ନିତ୍ୟବର୍ତ୍ତମାନ। ଜୀବକୁ କଲ୍ୟାଣକରି ଭବ ବନ୍ଧନରୁ ମୁକ୍ତ କରିବାପାଇଁ ଶ୍ରୀଗୁରୁଦେବଙ୍କ ରୂପ ଧାରଣ କରିଥା'ନ୍ତି। ସେ ଅଜ ଓ ଅବିନଶ୍ୱର ସତ୍ତା, ସେ ଏକ ଏବଂ ଅଦ୍ୱିତୀୟ। ତାଙ୍କ ପ୍ରତି ମନୁଷ୍ୟ ବୁଦ୍ଧି ଆରୋପ କରିବା ଗୁରୁତତ୍ତ୍ୱର ବିରୁଦ୍ଧାଚରଣ ଏବଂ ଏହି ମନ୍ଦବୁଦ୍ଧି ନରକର ଦ୍ୱାର ଉଦ୍‌ଘାଟନ କରେ। ତେଣୁ ଯେତେଦିନ ପର୍ଯ୍ୟନ୍ତ ଏହି ନଶ୍ୱର ଶରୀରର ଅନ୍ତିମ କାଳ ଉପସ୍ଥିତ ନହୋଇଛି, ସେତେଦିନ ପର୍ଯ୍ୟନ୍ତ ଅମୃତ ସ୍ୱରୂପ ଶ୍ରୀଗୁରୁ ଦେବଙ୍କ ନାମ 'ଜୟଗୁରୁ' ସିଦ୍ଧମନ୍ତ୍ର ନିରନ୍ତର ସ୍ମରଣ କରିବା ସହିତ ହୃଦୟରେ ତାଙ୍କର ରୂପ ଧ୍ୟାନ କରିବା ଉଚିତ୍।

# ଜ୍ଞାତବ୍ୟ ତଥ୍ୟ

୧. **ବେଦ ଚତୁଷ୍ଟୟଃ:** ୧) ଋକ୍, ୨) ଯଜୁଃ, ୩) ସାମ, ୪) ଅଥର୍ବ।

୨. **ଚାରିଉପବେଦ:** ୧) ଆୟୁର୍ବେଦ, ୨) ଧନୁର୍ବେଦ, ୩) ଗାନ୍ଧର୍ବବେଦ, ୪) ଅର୍ଥଶାସ୍ତ୍ର।
"ଆୟୁର୍ବେଦଃଧନୁର୍ବେଦୋ ଗାନ୍ଧର୍ବ ଏବ ଚ
ଅର୍ଥ ଶାସ୍ତ୍ରମିତି ପ୍ରୋକ୍ତ ମୁପବେଦ ଚତୁଷ୍ଟୟମ୍"

୩. **ବେଦାଙ୍ଗଞ୍ଚଃ**
ଶିକ୍ଷା କଳ୍ପୋ ବ୍ୟାକରଣଂ ନିରୁକ୍ତଂ ଜ୍ୟୋତିଷାଂ ଗତିଃ
ଛନ୍ଦସାଂ ବିଚିତିଶ୍ଚେତି ଷଡ଼ଙ୍ଗାନି ପ୍ରଚକ୍ଷତେ

୧) ଧର୍ମଶାସ୍ତ୍ର, ୨) ପୁରାଣ, ୩) ମିମାଂସା, ୪) ଅନ୍ୱୀକ୍ଷିକୀ (ତର୍କଶାସ୍ତ୍ର)- ଉପାଙ୍ଗ।

୧) ଶିକ୍ଷା, ୨) କଳ୍ପ, ୩) ବ୍ୟାକରଣ, ୪), ନିରୁକ୍ତ, ୫) ଜ୍ୟୋତିଷ, ୬) ଛନ୍ଦ- ବେଦାଙ୍ଗ।

୪. **ମହାଭାରତ:** ୧ ଲକ୍ଷ ଶ୍ଳୋକ। ଏଥିରୁ ପ୍ରଥମ ୮୫ ହଜାର ମହାଭାରତ ଓ ଶେଷ ୧୫ ହଜାର ହରିବଂଶ।

୫. ଶ୍ରୀମଦ୍ ଭଗବତ୍ ଗୀତା ଉକ୍ତ ମହାଭାରତ ଗ୍ରନ୍ଥର ଭୀଷ୍ମ ପର୍ବରୁ ଉଦ୍ଧୃତ। ଏହାର ଶ୍ଳୋକ ସଂଖ୍ୟା ୭୦୦। ଏହା ଅଠର ଅଧ୍ୟାୟ ବିଶିଷ୍ଟ ଭୀଷ୍ମ ପର୍ବର ୨୫ ଅଧ୍ୟାୟଠାରୁ ୪୩ ଅଧ୍ୟାୟ ପର୍ଯ୍ୟନ୍ତ ୧୮ ଅଧ୍ୟାୟ। ବକ୍ତା - ଶ୍ରୀକୃଷ୍ଣ, ଶ୍ରୋତା - ଅର୍ଜ୍ଜୁନ।

୬. **ଶ୍ରୀଶ୍ରୀ ଗୁରୁଗୀତାର ଶ୍ଳୋକ ସଂଖ୍ୟା ୭୦୦।**

ଏହା ସ୍କନ୍ଦ ପୁରାଣର ଉତ୍କଳ ଖଣ୍ଡରୁ ଉଦ୍ଧୃତ ଶଙ୍କର ଭଗବାନ ଓ ମାତା ପାର୍ବତୀଙ୍କ କଥୋପକଥନ। ବିଶ୍ୱସାରତନ୍ତ୍ରରୁ ୧୨୪ ଶ୍ଳୋକ ବିଶିଷ୍ଟ ଶ୍ରୀଶ୍ରୀଗୁରୁ ଗୀତା ଗୁରୁଗତପ୍ରାଣ ଭକ୍ତମାନଙ୍କ ଶ୍ରଦ୍ଧା ଭକ୍ତି ବିଶ୍ୱାସ ଓ ନିର୍ଭରତା ଆଦି ଦୈବୀଗୁଣର ବିକାଶ ନିମିତ୍ତ ରଚିତ ଓ ପ୍ରଚାରିତ।

**୭. ସପ୍ତଶତୀ ଚଣ୍ଡୀ:** ଏହାର ଶ୍ଳୋକ ସଂଖ୍ୟା ୭୦୦। ଏହା ମାର୍କଣ୍ଡେୟ ପୁରାଣରୁ ଉଦ୍ଧୃତ। ଏଥିରେ ମା' ଜଗଜ୍ଜନନୀ ଦୁର୍ଗାଙ୍କ ମହିମା ବର୍ଣ୍ଣିତ।

ବକ୍ତା – ମେଧସ – ଋଷି ଶ୍ରୋତା – ସୁଦାସ ବୈଶ୍ୟ।

**୮. ଶିକ୍ଷା ବୃତ୍ତିଭିରେତେଷାମନ୍ୱଶିକ୍ଷମିହାତ୍ମନଃ**

**ଶ୍ରୀମଦ୍ ଭାଗବତରେ ୨୪ ଗୁରୁଙ୍କ ନାମ:** ୧) ପୃଥ୍ୱୀ, ୨) ବାୟୁ, ୩) ଆକାଶ, ୪) ଜଳ, ୫) ଅଗ୍ନି, ୬) ଚନ୍ଦ୍ରମା, ୭) ସୂର୍ଯ୍ୟ, ୮) କବୁତର (କପୋତ), ୯) ଅଜଗର ୧୦) ସମୁଦ୍ର, ୧୧) ପତଙ୍ଗ, ୧୨) ମଧୁମକ୍ଷିକା, ୧୩) ହାତୀ, ୧୪) ମଧୁସଂଗ୍ରାହକ, ୧୫) ହରିଣ, ୧୬) ମାଛ, ୧୭) ପିଙ୍ଗଳା ବେଶ୍ୟା, ୧୮) କୁରୁରପକ୍ଷୀ, ୧୯) ବାଳକ, ୨୦) କନ୍ୟା, ୨୧) ବାଣାକାର, ୨୨) ସର୍ପ, ୨୩) ଭୃଙ୍ଗୀ (ଭ୍ରମର), ୨୪) ବୁଢ଼ୀଆଣି।

**୯. ଶିକ୍ଷା:** ବିଦ୍ୟା ବିବାଦାୟ ଧନ ନା ଦାୟ, ଶକ୍ତିଃ ପରେଷାଂ ପରିପୀଡ଼ାୟ
ଖଳସ୍ୟ ସାଧୋଃବିପରୀତ ମେତ, ଜ୍ଞାନାୟ ଦାନାୟ ଚ ରକ୍ଷଣାୟ

ଭାରତୀୟ ଶାସ୍ତ୍ରାନୁସାରେ ଦୁଷ୍ଟ ଲୋକମାନଙ୍କ ବିଦ୍ୟା ବିବାଦ ନିମିତ୍ତ ହିଁ ଉଦ୍ଦିଷ୍ଟ, ଏହାଙ୍କ ଧନ ମଦ ବିଳାସିତା ସ୍ୱାର୍ଥପୂର୍ତ୍ତି ନିମିତ୍ତ ଏବଂ ଶକ୍ତି ଶୋଷଣ ଉତ୍ପୀଡ଼ନ ନିମିତ୍ତ ପ୍ରଯୁକ୍ତ ହୋଇଥାଏ। କିନ୍ତୁ ସାଧୁ ପୁରୁଷ ବିଦ୍ୟାକୁ ଜ୍ଞାନ ଲାଭ ନିମିତ୍ତ, ଧନକୁ ଦାନ ନିମିତ୍ତ ଏବଂ ଶକ୍ତିକୁ ଆର୍ତ୍ତ ପ୍ରାଣୀଙ୍କ ରକ୍ଷା ନିମିତ୍ତ ବ୍ୟୟିତ କରିଥାନ୍ତି।

**୧୦. ଶ୍ରୀମଦ୍ ଭାଗବତ ମହାପୁରାଣ**: ଏହା ଅଷ୍ଟଦଶ ପୁରାଣର ଶେଷ ପୁରାଣ। ଦେବର୍ଷି ନାରଦଙ୍କ ପରାମର୍ଶ କ୍ରମେ ଭଗବାନଙ୍କ ମହିମା ପରିବର୍ତ୍ତେ ଲୀଳା କାହାଣୀ ବର୍ଣ୍ଣନା କରିବାକୁ ଯାଇ ଶ୍ରୀମଦ୍ ଭାଗବତ ମହାପୁରାଣ ରଚନା କରିଥିଲେ। ଏହା ପରମହଂସ ସଂହିତା ଏହାର ଶ୍ଳୋକ ସଂଖ୍ୟା ୧୮୦୦୦। ସମ୍ଭବତଃ ମହର୍ଷି ବେଦବ୍ୟାସ ଓଁ କ୍ଲୀଂ କୃଷ୍ଣାୟ ଗୋବିନ୍ଦାୟ ଗୋପୀଜନ ବଲ୍ଲଭାୟ ନମଃ – ଅଷ୍ଟାଦଶାକ୍ଷରୀ ମନ୍ତ୍ରରେ ସିଦ୍ଧି ଲାଭ କରିଥିବାରୁ ୧୮୦୦୦ ଶ୍ଳୋକ ବିଶିଷ୍ଟ ପରମହଂସ ସଂହିତା ଶ୍ରୀମଦ୍ ଭାଗବତ ଗ୍ରନ୍ଥ, ୧୮ ଅଧ୍ୟାୟ ବିଶିଷ୍ଟ ଶ୍ରୀମଦ୍ ଭଗବତ୍ ଗୀତା ରଚନା କରିଥିଲେ। ପୁନଶ୍ଚ ଭକ୍ତ ପ୍ରବର ଶ୍ରୀ ଜଗନ୍ନାଥ ଦାସ ମଧ୍ୟ ଶ୍ରୀମଦ୍ ଭାଗବତ ନବାକ୍ଷରୀ ବୃତ୍ତରେ ରଚନା କରି ପ୍ରତିପଦରେ ୧୮ ଅକ୍ଷର ରଖିଛନ୍ତି। ୧୮ ଦିନ ବ୍ୟାପି ମହାଭାରତ ଯୁଦ୍ଧ ସଂଘଠିତ ହୋଇଥିଲା।

**୧୧. ସର୍ବମାନ୍ୟ:** ବେଦ ଚତୁଃଷ୍ଟୟର କେତେକ ମହତ୍ ଉକ୍ତି ଅବଲମ୍ବନରେ ବିଭିନ୍ନ ପ୍ରାମାଣିକ ଗ୍ରନ୍ଥ ରଚିତ ହୋଇଥିବା ଅନୁମେୟ।

୧) ପିତୃଦେବ ଭବ– କର୍ମ ପ୍ରାଧାନ୍ୟ ଗ୍ରନ୍ଥ – ରାମାୟଣ ଗ୍ରନ୍ଥର ଶ୍ରେଷ୍ଠ ଉକ୍ତି।

୨) ମାତୃଦେବ ଭବ– ଜ୍ଞାନ ପ୍ରଧାନ ଗ୍ରନ୍ଥ – ମହାଭାରତ ଗ୍ରନ୍ଥର ଭକ୍ତି ପ୍ରଧାନ ଭକ୍ତି।

୩) ଆଚାର୍ଯ୍ୟ ଦେବଭବ– ଶ୍ରୀମଦ୍ ଭାଗବତ ଗ୍ରନ୍ଥର ଶେଷ ଉକ୍ତି।

**୧୨. ମହାମାନ୍ୟ ବେଦ ଚତୁଷ୍ଟୟର ଏକ ଶ୍ରେଷ୍ଠ ମନ୍ତ୍ର**

ଗାୟତ୍ରୀ ମନ୍ତ୍ର: ଓଁ ଭୂଃ ଭୁର୍ବସ୍ୱଃ ତତ୍ ସବିତୁର୍ବରେଣ୍ୟଂ
ଭର୍ଗୋଦେବସ୍ୟ ଧୀମହି ଧୀୟୋୟୋନଃ ପ୍ରଚୋଦୟାତ୍। **(ସଂଗୃହୀତ)**

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ
**ଶ୍ରୀ ଯୋଗେଶ୍ୱର ସୁନ୍ଦରରାୟ**
ବେଗୁନିଆ ଶାଖା ସଂଘ

# INCARNATION

Those who have seen Sri Sri Thakur in person, in His physical form, were indeed fortunate. They describe Sri Sri Thakur as the most handsome man in God's creation. As explained by them, it was as though Nirguna Brahma Himself descended into this mortal world to show a little glimpse of Himself to the human race.

In this article we will try to translate and describe in a few words, Sri Sri Thakur's captivating, eye catching divine beauty, as explained by few devotees whose testimonials have been published in various books and magazines, a long time ago. The devotees were spellbound by the first glimpse of the divine aura of Sri Sri Thakur's captivating auspicious body, for them a transcendental experience, as they even could not blink their eyes as tears of bliss flowed down their cheeks, when their heads bowed towards His lotus feet, automatically.

The only reason to describe, discuss, and meditate about the Nama (name) and Rupa (appearance) of God or Guru is to move one's mind to a stable state and to acquire chitta-suddhi (purification of mind). The higher our spiritual quest, the more our attraction towards Him. And this method (chanting of Nama - one of the method of Navadha Bhakti) results in the vision of Sri Guru Dev. In this context, we will dwell upon everyone's adored and worshipped Sri Sri Thakur Srimat Swami Nigamananda Saraswati Maharaj. We have to indeed transcend to a particular realm to describe his Rupa.

God's infinite form, if God can manifest Himself in different forms, then why can't He be seen as Sadguru? In this context, below are few Banis (divine statements) by Sri Sri Thakur on various occasions.

- In this physical body lies the supreme consciousness. I have obtained this supreme consciousness. Even if I am in the gross physical body, I possess the knowledge of creation – the center and its circumference - within me. I am Bramha in this physical body. (Jibani o Bani)
- The moment fire comes in contact with a stationary object, we realize the presence of fire, similarly Brahma is revealed when this energy comes in contact with this physical body. The realization of Brahma happens in this physical body. (Shruti o Smruti)
- Yes, with the meditation of a physical form, realization of Brahma happens. (Kathamruta-Part1)
- Think of me, internalize an astronomical brightened sphere, this is the most superior spiritual practice. Leave aside the higher state bhabas, even if you meditate on this physical body, one day this meditation will result in realising my real form inside you. (Jibani O Bani)
- Sadguru is not the symbol of Jagatguru, He Himself is Jagatguru. Therefore, in whichever physical form Jagatguru descends to this mortal world and becomes active, that physical form is definitely divine, and transcendental.

Sri Sri Thakur is visualized as transcendental being in a physical form. How His charming, glorious, smart, handsome looking transcendental form capture the heart of people, have been described by many disciples and also the general public. After leaving His first established ashram

(Garohill Jogashram), Sri Sri Thakur first appeared as Guru to the common people in localities in the northern villages of Mayanmansing district (East Bengal currently in Bangladesh), i.e., Benuachar, Natipotan, Gadanpota, Palashdanga, Gendenda and Jhagadachar. Durgapur Shanti Ashram was later relocated to Kokilamukh (Assam, India) and renamed as Assam Bongiya Saraswat Math. In this article we further gather the testimonials of a few Cummila-based (now in Bangladesh) devotees who were amazed by the divine appearance of Sri Sri Thakur.

During His stay of around three and a half years in Durgapur Shanti Ashram, many disciples and devotees have described their feelings when they saw Sri Sri Thakur for the first time. From the articles published in Arya Darpan or in other books, we are astonished to read such descriptions by the then disciples and devotees. The articles published in those books and magazines were testimonials about their first glimpse of Sri Sri Thakur and how amazed they were by His radiant divine physical appearance. These descriptions have been published with more details in Sangha Sebaka 57th Year, Part 1 and Part 2.

The very first written description is from Yogamaya Saraswati (previously known as Hemalata Devi, wife of Umacharan Sarkar). Umacharan Sarkar was working as Tahasildar in the office of Benuachar Jamindar. After coming to know that Sri Sri Thakur was a great powerful saint, he invited Sri Sri Thakur to his house. Those days women were not allowed to come in front of guests, even though they managed all the preparations for Sri Sri Thakur's visit. However, one day when Sri Sri Thakur was returning from His bath, Hemalata Devi got a glimpse of Sri Sri Thakur and described her feelings as follows: "Wow, such a tall and slim person, like a palm tree, hairs matted with dust and sands winging beside two ears, the physical complexation is so magnificent, just like the body is created directly from live flames. It creates a burning sensation in the eyes of the beholder. With the charming physical body, His feet were more beautiful, like red lotus. His beautiful physique dazzled like unalloyed pure gold. As the proverb says – a man is recognized when dead, God is recognized from His feet."

Sri Sri Thakur used to visit Mayanamati flower garden (about 2 miles away from Durgapur Shanti Ashram) that belonged to the king of Tripura. The description from the garden keepers is worth noting: "Whenever Thakur passed by we can't stop looking at Him. We pause all our work only to see Him. We just keep looking at Him, even then we never get satisfied and keep watching. We are more astonished to see His eyes lit up like lightning and His body that blazed like an aura of fire".

Jogeswar Gangopadhay reached Durgapur Shanti Ashram after reading Yogi Guru and wanted to meet Sri Sri Thakur. He described Thakur with this statement: "When I saw Him coming out from a room, I was astonished with His appearance, I remained transfixed, without a blink of my eyes. That image resembled the form of condensed fire. I had never had an encounter with a human with such divine appearance. From His head, a crop of curly hair cascaded to reach His shoulders, sparse beard covered the calm face, broad and wide forehead, between the eyebrows was a red dot of sindur (red color powder used on forehead); beautiful moist eyes, with sharp incisive sight, a knee-length silk saffron kurta (a dress wore by men mostly of Sikh community) with matching saffron Dhoti and a very noticeable bright aura that enveloped his full form. He held a stick of Picher tree and wore tiger skin shoes. I was so surprised to see such a majestic physical form.

When He walked a few steps in the patio and paused, my conceited head bowed down, and soon my entire body was stretched on the floor, prostrated automatically, and someone from inside my head kept prompting, He is your Guru."

Nrupendra Chandra Ray's first vision of Sri Sri Thakur was at Chasada (District Narayanganj) when Sri Sri Thakur visited Durgacharan Dutta's house. He was overwhelmed with devotion at his first sight and wrote, "When I entered the room, Paramhansa Dev was sitting on a comfortable, well designed bed. He was wearing a saffron dhoti and a saffron shawl. A red dot of sindur adorned His forehead, he held on to a bluish color stoned hukkah. His palm and His feet were red colored as if someone dyed the edges with alata (a red liquid dye used to paint feet of women on festive occasions). Is it possible to have red color hand and feet like God in a human being? It was my first such vision in life. When I bowed my head to Sri Sri Thakur's feet and touched His toes with my forehead, I felt a current that ran through the whole length of my body. Plus, when I sat down and watched Sri Sri Thakur's face, the feeling remains inexpressible. I can only say that I have never seen such a glow in any human being. Only a small chain made up of Rudrakhya beads adorned Sri Sri Thakur's arm and neck. The skin in His neck was folded to form three lines. I was at the end of the queue to bow before Paramahansa Dev. I prostrated myself to offer my Sastang Pranam (bowing to someone with eight parts of body touching the floor) and smeared my forehead with Sri Sri Thakur's Charanadhuli (dust from his feet) and retreated to sit in one corner. While doing Pranam, my forehead touched Sri Sri Thakur's big toe, I felt the power like an electric current traverse my body. When I picked myself up from the floor and looked up at to Sri Sri Thakur's face, a divine glow radiated His being. What I felt then is impossible to describe. However, I can only say that, the resplendent aura, that bright radiant beauty, I had never witnessed in my life. His radiant, fair divine complexion and from every body part, including face and eyes, a divine energy glowed and filled the space. Whoever saw Him for the first time can never forget Sri Sri Thakur's radiant form and presence. After my initiation, I once heard a prominent lawyer from Manikganj area, say, "Ahh today for the first time I saw a true Brahmin's complexion". After a few days when Sri Sri Thakur visited Dhaka city, the students from the schools and colleges discussed among themselves about Sri Sri Thakur's complexion that His entire physical body was radiating with Brahmajyoti. No one has ever seen such a gentle vibrant physical form."

In B1316 S (1909 AD), during the month of August month, Jatindra Mohan Gangopadhaya had his first vision of Sri Sri Thakur at Mahadevpur in Nrupen Bhai's house. He describes his feelings as "By seeing Sanyasi-Guru's physical form, my head automatically bowed to touch His feet in amazement. I have seen Lord Shiva in photographs, read about Lord Shiva's appearance in books, however after seeing Sri Guru Dev, I felt Lord Shiva himself had arrived in front of me. It appeared that "Brahma Jyoti" was emanating from Sayansi Guru's physical body. The soles of His feet and the edges of His palms were glowing with the lustre of blooming red lotus! His face glowed like a full moon with a sweet smile. His gaze was full of compassion. As is with our mothers, His hair was separated in the middle, curly hair on top, with twisted matted hair that hung on both sides of His face. Between His two eye brows was a red Sindur dot just like the combined form of Hara-Gouri in a single idol. Sri Sri Thakur wore a saffron outfit and His feet adorned a pair of wooden sandals. There was the impression of moving lotus flowers that travelled along with each of His steps. When he laughed, it appeared as though His entire body was giggling with laughter. Sri Sri Thakur's body and His clothes always held some kind of sweet fragrance which was not akin to any commercially available scent. The fragrance was a mix, with the scent of fresh lotus flowers unmistakably present and dominating. That fragrance was unique and cannot be explained to a person who has not experienced it himself. Every moment I was with Thakur, it was my great fortune to serve Him by softly kneading or caressing His feet or to fan His body. This gave me the opportunity to be enveloped by the sweet fragrance that emanated from His body, and from His clothes. While visiting Sri Sri Thakur, all the five senses got satiated. Eyes got satisfied by view of

His physical form, ears got satisfied by listening to His divine words, nose - by His body's sweet fragrance, tongue by His Prasad and skin got satisfied by touching His feet." Rajachandra Dhar (later known as Swami Swarupananda) got initiated along with his wife, with blessings from Sri Sri Thakur at Rajphoolbadia in 1326(B.S). Rajachandra Dhar expressed his feelings with a beautiful poem named "Smruti", when he first saw Sri Sri Thakur. The entire poem is published in Saraswata Math and Swami Swarupananda's book.

Upon request from Sri Rajachandra Dhar, Sri Sri Thakur visited the house of Yogendranath Sarkar (Brother in Law of Sri Rajachandra Dhar, who later became Swami Yogananda) at Mayanmansing in 1910. Both Rajachandra and Yogendra went to Mayamansingh railway station with a horse-driven carriage to receive and welcome Sri Sri Thakur. At the railway station itself, Yogendranath was amazed and overwhelmed by his first glimpse of the glorious radiant impression of Sri Sri Thakur. Sri Yogendra Sarkar describes Sri Sri Thakur visit to Durgapur Shanti Ashram as follows, "After two months of taking initiation in the month of August, on the occasion of Janmastami, I wanted to see Sri Sri Thakur and visited Durgapur Shanti Ashram in Cummila. At the edge of the Durgapur village there was a huge lake with cremation grounds with a few tombs on both sides of the lake. In one corner of the lake there stood two huts made of thatched roof and clay walls. The day I reached, I accompanied Sri Sri Thakur for a stroll around the lake. With the advent of dawn, Sri Sri Thakur returned to the Ashram and sat to rest on an "easy chair" that was placed in the inner porch area. After sometime, a group of children from the village entered the Ashram reciting Hari Nama and walked in a circle around Sri Sri Thakur all the while chanting their melodious songs, kirtan. Then, after a few minutes, Sri Sri Thakur stood up from the chair and started to dance with those children matching their rhythm. Sri Sri Thakur was submerged in Bhaba and started dancing in glorious way, with both arms flung upwards, exactly like Mahaprabhu Nityananda. His Jata (matted hairs) kepts swinging rhythmically. A divine light emerged from His body, the whole space was filled with amazing bright light, a divine aura. I have seen many phenomenal things during my life time, however, I never witnessed such glorious, heavenly dance of Natabar Shiva-Nrutya". (LeelaPrasanga, 2nd part).

When Sri Sri Thakur visited Yogananda Sarkar's place at Mayanmansingh, young 5 year old Surabala Devi (youngest daughter of Dr. Rajachandra Dhar) saw Him. Later she recounts a very heart-touching description, "Me and my elder sister Sailabala were watching Sri Sri Thakur from behind a bush in the house, while Sri Sri Thakur sat on a chair, with a small footrest, at the main entrance of the house. From behind the bushes, I could see only the sole of His feet, and being astonished asked myself – can a human's feet be so beautiful and reddish? Next day when Sri Sri Thakur walked to take a bath, Surabala got an opportunity, along with other siblings in the house, to see Sri Sri Thakur in close proximity. She realized the complexion of His form and structure were unique, fair, radiant, well-shaped beautiful body. I was delighted by the view of pure reddish Sricharana (the divine feet) along with His snow-white fair complexion. When Sri Sri Thakur was taking steps to go for a bath, on the slight muddy pathway of the porch, I felt red lotus flowers bloomed with every step".

God only knows the kind of overwhelming beauty that Sri Sri Thakur had, that was so unique and unmistakable when someone saw Him! Even a person who came to murder Him, on His first glimpse of Sri Sri Thakur, fell on His feet and with a loud cry begged for forgiveness – "Thakur, I am a very sinful man, please uplift me". Sri Sri Thakur remaining tranquil and calm replied – "I came only to uplift people like you". This person later became a great disciple of Sri Sri Thakur, like the dacoit Ratnakar became sage Valmiki. This disciple is considered as the core, through whose effort "the sangha" was established. He whose life was instantly transformed is none other than the most

fortunate devotee Sri Nrusingha Narayana Ray of Mahadevpur. During Sri Sri Thakur's stay at Durgapur Shanti Ashram, a famous saint of that time named Muth-Fakir lived close by. He kept one fist in a closed position always, and that was his claim to fame. Sri Sri Thakur learned about this saint and wanted to visit him. He was accompanied by a few disciples and He wore very fine and attractive clothes, expensive dhoti, a shirt, socks, shoes, shawl over the body, and a gold-framed eye glasses.Muth-Fakir automatically realized Sri Sri Thakur's presence and announced to everyone present, have you ever seen 'Barnachora Amba'? This is a special type of mango which is green outside but red and ripened from inside. The fakir jumped out from his seat and came rushing to Sri Sri Thakur and hugged him tight. Sri Sri Thakur also hugged him tight. Both entered into Bhaba Samadhi for few minutes. (from Leelaprasanga – 2nd part).

During summer of B 1236 SL, Priyanath Khasnobis (Swami Premananda) recounts, "Sri Sri Thakur was sitting in Nrupen Ray's house surrounded by devotees and responded to questions from the assembled devotees and also offered advice and guidance. At that time I joined the devotees, and after offering my Pranam, sat in one corner, and was startled by Sri Sri Thakur's glorious beauty, and could no stop my gaze that remained trans fixed on Sri Sri Thakur. My exact thought was "can a human being's appearance and complexation be like this?". After his third visit, Priyanath got initiation from Sri Sri Thakur. One day he visited Sri Sri Thakur in the afternoon when one of Thakur's old devotee Sarat Chandra Bandopadhay was very eagerly asking Thakur to describe His life story. Listening to Sarat Bhai's request to Sri Sri Thakur, others who were present also showed their keen interest to know about Sri Sri Thakur's life history. They too joined in support of Sarat Bhai's request. Sri Sri Thakur said, **"My present state is the result of the past. In whatever form you people are seeing or realising me, the past is very hidden inside. My thought will gradually get revealed in my present entity for a very keen aspirant mind. That's how one can actually know me. I may be recognized as a very important person however my actual form is the form of Guru (Guruswarupa), through which Sanatana Dharma is personified. I am not a separate entity. I am the Dharma and Dharma is me. Without giving importance to the person, give importance to Dharma. Preaching by narrating my own life history will mean preaching self glorification to attract people, and this is against my ideology."**

Ramananda Brahmhachari, from Durgapur, the youngest brother of Sri Sri Thakur describes his first vision of his enlightened elder brother, "Nalini Dada". He describes his elder brother "Nalini" as a completely different person than what he had seen or known during their childhood. "Now His appearance is young, wearing a bright saffron outfit, with garland of Rudrakhya around His neck and arms, holding a Chimuta (metal tong). Well chiseled eyebrows, reddish lips, teeth like bright white pearls, entire body is bright and blazing, the forehead sports a red Kumkum dot, palms and feet glowing like blooming red lotus, curly hair, aroma of lotus fragrance that emanated from His entire body, face just like a complete full moon".

Sri Sri Thakur's Upadesha (advice) to His younger brother is very relevant here for all of us. Sri Sri Thakur said, **"There is no need for any personal spiritual practices. I have done this austere Sadhana for you all. I have churned the ocean and brought the sweet nectar for your benefit. None of you will receive any result doing Sadhan-Bhajan, or through austere Sadhana, only love me and you will attain everything. With the taste of sweet nectar, one day, you will also become the sweet nectar". Jayaguru!**

***To be Continued...***

***AMSAS Editorial Board***

# ଶ୍ରୀଶ୍ରୀଠାକୁର ମହାରାଜଙ୍କ ଲୀଳାକ୍ଷେତ୍ର - କାଶୀଗମ୍ଭୀରା

ମନେପଡେ ଆମେରିକା ସାରସ୍ୱତ ସଂଘରେ ଅନୁଷ୍ଠିତ ସେହି ଅମୀୟ ମଧୁର ଶୁଭ ଭକ୍ତ ସମ୍ମିଳନୀର ସ୍ମୃତି। ଦୁଇଥର ବ୍ୟୋମଯାନ ପରିବର୍ତ୍ତନ କରି ଜ୍ୟେଷ୍ଠ ପୁତ୍ର ନିହାର, ବୋହୂ, ନାତୁଣୀ ଓ ତା'ର ମା'ଙ୍କୁ ନେଇ ସେହି ଆନନ୍ଦମୟ ଲୀଳାକ୍ଷେତ୍ର ସମ୍ମିଳନୀରେ ପହଞ୍ଚି ଶ୍ରୀଶ୍ରୀଠାକୁର ମହାରାଜଙ୍କୁ ପ୍ରତ୍ୟକ୍ଷ ଅନୁଭବ କରିଥିଲୁ। "ସରବେ ନିଃସ୍ୱାର୍ଥ ସେବା ନିରତ ଓ ମହାନନ୍ଦରେ ଆନନ୍ଦିତ"। ମନେପଡିଥିଲା ଶ୍ରୀଶ୍ରୀଠାକୁରଙ୍କ ଭକ୍ତ ସମ୍ମିଳନୀ ପ୍ରବର୍ତ୍ତନର ଇତିହାସ। ସେହି କାଶୀଗମ୍ଭୀରାରେ ଅବସ୍ଥାନ କାଳରେ ୧୩୨୧ ସାଲରେ ଶିଷ୍ୟ ଭକ୍ତ ପରିବୃତ୍ତ ହୋଇ ଶ୍ରୀଶ୍ରୀଠାକୁର ହରିଦ୍ୱାର କୁମ୍ଭରେ ଯୋଗ ଦେଇଥିବା ଅବସରରେ ତାଙ୍କର ଅନ୍ତରଙ୍ଗ ପ୍ରିୟ ସନ୍ନ୍ୟାସୀ ଶିଷ୍ୟ ଚିଦାନନ୍ଦ ମହାରାଜ ଶ୍ରୀଶ୍ରୀଠାକୁରଙ୍କୁ ପ୍ରାର୍ଥନା କରିଥିଲେ - ଆପଣ ଏହିଭଳି ଏକ ସମ୍ମିଳନୀ ପ୍ରବର୍ତ୍ତନ କଲେ ହୁଅନ୍ତା ନାହିଁ ? ଶ୍ରୀଶ୍ରୀଠାକୁର ନୀରବ ରହିଥିଲେ ମଧ୍ୟ ବ୍ରହ୍ମ ଚେତନାରେ ଅଧିଷ୍ଠିତ ବ୍ରହ୍ମବିଦ୍ ଗୁରୁଙ୍କ ମାନସ ନେତ୍ରରେ ଭାସି ଉଠିଥିଲା, ତାଙ୍କ ହୃଦ ନିକୁଞ୍ଜର ପୋଷା ଶାରୀ ବିହଙ୍ଗମାନଙ୍କୁ ନେଇ ଆନନ୍ଦ କରିବାର ବିଶୁଦ୍ଧ ଶୁଭ ଇଚ୍ଛା ଓ ତାହା ସଂକଳ୍ପରେ ପରିଣତ ହୋଇଥିଲା କାଶୀଗମ୍ଭୀରାରେ ଅବସ୍ଥାନ କରୁଥିବା ବେଳେ ଯେତେବେଳେ ସେ ପତ୍ର ଓ ଟେଲିଗ୍ରାମ ମାଧ୍ୟମରେ ତାଙ୍କ ପ୍ରିୟ ଶିଷ୍ୟମାନଙ୍କୁ ଡକାଇଥିଲେ ଗୁରୁପୀଠ କୋକିଲାମୁଖ ମଠକୁ ୧୩୨୨ ସାଲର ଡିସେମ୍ବର ମାସ ୧୧,୧୨ ଓ ୧୩ ପୌଷମାସ ବଡଦିନ ଛୁଟି ସମୟରେ ଏକ ଭକ୍ତ ସମ୍ମିଳନୀ ପ୍ରବର୍ତ୍ତନ କରିବାକୁ "ଜଗତରେ ମୁଁ ଯଦି ଆଉ କିଛି କରି ନ ଯାଇଥାନ୍ତି, ତେବେ ଏହି ସମ୍ମିଳନୀ ହିଁ ମୋର ସ୍ମୃତି ରକ୍ଷା କରିଥାନ୍ତା" ବୋଲି ଶ୍ରୀଶ୍ରୀ ଠାକୁରଙ୍କ ଅମୋଘ ବାଣୀ ଓ ସେ ଯୋର ଦେଇ କହିଛନ୍ତି - "ଶତ୍‌କାର୍ଯ୍ୟ ପରିତ୍ୟାଗ କରି ଏହି ସମ୍ମିଳନୀରେ ଯୋଗଦେବ। ଏଥିରେ ମଠର ଗୌରବ ପ୍ରତିଷ୍ଠା ଓ ଜଗତର ମଙ୍ଗଳ ହେବ।" ଏହି କାଶୀଗମ୍ଭୀରା ହିଁ ସମ୍ମିଳନୀ ସୃଷ୍ଟିର ପ୍ରାଣକେନ୍ଦ୍ର। ବିଶ୍ୱପ୍ରସିଦ୍ଧ ବିଶ୍ୱନାଥ ବିଶ୍ୱେଶ୍ୱରଙ୍କ ଅଧିଷ୍ଠାନ କ୍ଷେତ୍ର ଏହି କାଶୀକ୍ଷେତ୍ର। ସାଧନାର ସ୍ତର ଭିତରକୁ ଶିବବୀର୍ଯ୍ୟରେ ଅଗ୍ରସର ହୋଇ ଆସିଥିବା ଏକାକ୍ଷରୀ ମନ୍ତ୍ର ପ୍ରାପ୍ତିପରେ ଏହି କାଶୀ କ୍ଷେତ୍ରରେ ଗୁରୁ ଅନ୍ୱେଷଣ କରିବା ଅବସରରେ ଅବସ୍ଥାନ ଓ 'ଓଁ' କାର ବୀଜାକ୍ଷରୀ, ବ୍ରହ୍ମାଣ୍ଡ ଭାଣ୍ଡୋଦରୀ, ନିଗମାର୍ଥ ଗୋଚରକାରୀ ମା' ଅନ୍ନପୂର୍ଣ୍ଣେଶ୍ୱରୀ ମଧ୍ୟ ଶ୍ରୀଶ୍ରୀଠାକୁରଙ୍କ ଅପୂର୍ଣ୍ଣତା ବୋଧ ଜାଗ୍ରତ କରାଇ ତାଙ୍କ ପର ଓ ଅବର - 'ପରାବର ବ୍ରହ୍ମରେ' ପୂର୍ଣ୍ଣବ୍ରହ୍ମରେ ପ୍ରତିଷ୍ଠିତ କରାଇବା ପାଇଁ ଭାବ ସାଧନାର ସ୍ତରରେ ପ୍ରବିଷ୍ଟ କରାଇ - 'ସର୍ବଂ ଖଲ୍ୱିଦଂ ବ୍ରହ୍ମ'ର ଅବବୋଧ ଜାଗ୍ରତ କରାଇ ଦେଇଥିଲେ ସ୍ୱୟଂ ବାରାଣାସୀ ଚେଳପରିହିତା ରତ୍ନାଳଙ୍କାର ଭୂଷିତା ହୋଇ ଦର୍ଶନ ଦାନ କରି କହିଥିଲେ 'ଆଜ ଓ ତୁମି ଅପୂର୍ଣ୍ଣ।'

ବଙ୍ଗାବ୍ଦ ୧୩୧୮ ସାଲରେ ଶ୍ରୀଶ୍ରୀଠାକୁର କୋକିଲାମୁଖରେ ପ୍ରଥମେ ଶାନ୍ତି ଆଶ୍ରମ ଓ ପରେ ସାରସ୍ୱତ ମଠ ସ୍ଥାପନ କରି ୧୩୧୯ ସାଲ ବୈଶାଖ ମାସ ୭ଦିନ ଅକ୍ଷୟ ତୃତୀୟାରେ ଅସାମ୍ପ୍ରଦାୟିକ ମତର ପ୍ରବର୍ତ୍ତକ ଭାବରେ ମୂର୍ତ୍ତିବିହୀନ ଗୁରୁବ୍ରହ୍ମ ଆସନ ପ୍ରତିଷ୍ଠା କରିଥିଲେ ମଧ୍ୟ କାଶୀ କ୍ଷେତ୍ରର ଦିବ୍ୟାକର୍ଷଣରୁ ନିଜକୁ ଏଡାଇ ପାରିନଥିଲେ ଓ ଶ୍ରୀ କାଶୀକ୍ଷେତ୍ରରେ ଶୀବାଲା ପୋଷ୍ଟ ଅଫିସ ନିକଟରେ ୪୮ନଂ ପିଲଖାନା ରୋଡରେ ଏକ ଗମ୍ଭୀରାରେ। (ଅର୍ଥାତ୍ ଶିବ ମନ୍ଦିରରେ - କାରଣ ଶିବଙ୍କ ଅନ୍ୟନାମ ଗମ୍ଭୀର) ଅବସ୍ଥାନ କରି କାଶୀଗମ୍ଭୀରା ବା 'ଶ୍ରୀ ନିଗମାନନ୍ଦ ଗମ୍ଭୀରା' ବୋଲି ନାମକରଣ କରିଥିଲେ। ଜଣାଯାଏ, ଏପରିକି ୧୩୧୮ ସାଲରେ ଏହି କାଶୀ ଗମ୍ଭୀରାରେ ସେ ତାଙ୍କ ପ୍ରିୟ ଶିଷ୍ୟ କାଟିହାରର ଜଣେ ବଙ୍ଗୀୟ ଉଚ୍ଚପଦସ୍ଥ କର୍ମଚାରୀ ହାଲିସହର ନିବାସୀ ସତୀଶଚନ୍ଦ୍ର ହାଲଦାରଙ୍କୁ ଦୀକ୍ଷା ପ୍ରଦାନ କରିଥିଲେ। ଏହାଛଡା ଏହି ସମସାମୟିକ କାଳରେ ଆଉ ଏକ ଘଟଣା ଏହି କାଶୀଗମ୍ଭୀରାରେ ଘଟିଥିଲା ଯାହା ଶ୍ରୀଶ୍ରୀଠାକୁର ମହାରାଜଙ୍କ ଅଲୌକିକ ଶକ୍ତି ଓ ବିଭୂତି ଏବଂ ଶ୍ରୀଶ୍ରୀଠାକୁରଙ୍କ ଶରୀରରେ ସକଳ ଦେବତାଙ୍କ ଅଧିଷ୍ଠାନର ସାକ୍ଷ୍ୟ ପ୍ରଦାନ କରେ। ଘଟଣାଟି ହେଲା -

ଶ୍ରୀଶ୍ରୀଠାକୁର ସେତେବେଳେ ଏହି କାଶୀ ଗମ୍ଭୀରାରେ ଅବସ୍ଥାନ କରୁଥା'ନ୍ତି। ଦିନେ ଦଶାଶ୍ୱମେଧ ଘାଟରେ ବସି କେତେଜଣ ଆଗନ୍ତୁକ ଓ ଜିଜ୍ଞାସୁ ପ୍ରଶ୍ନକର୍ତ୍ତାଙ୍କର ଶ୍ରୀଶ୍ରୀଗୀତା ସମ୍ପର୍କୀୟ କେତେକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଗୀତାତତ୍ତ୍ୱ ଆଲୋଚନା କରୁଥା'ନ୍ତି। ହଠାତ୍ ସେଠାରେ ଏହି ସୌମ୍ୟ ଦର୍ଶନ ଓ ତେଜପୁଞ୍ଜ କଳେବର ନବୀନ ଯୁବ ସନ୍ନ୍ୟାସୀଙ୍କ ପ୍ରତି ଆକୃଷ୍ଟ ହୋଇ ସେହି ସ୍ଥାନରେ ଉପସ୍ଥିତ ହେଲେ ଜଣେ ବୃଦ୍ଧ ବ୍ରାହ୍ମଣ ଏବଂ ସନ୍ନ୍ୟାସୀଙ୍କ ଗୀତା ଆଲୋଚନା ତାଙ୍କ ତତ୍ତ୍ୱ ଦୃଷ୍ଟି ଓ ବାଚନ ଭଙ୍ଗୀରେ ଅଭିଭୂତ ହୋଇ ସେଠାରେ ଦଣ୍ଡାୟମାନ ହୋଇ ରହିଲେ ସେ। କିଛି ସମୟପରେ ଅନ୍ୟମାନେ ଜଣେ ଜଣେ ଉଠି ସାଧୁଙ୍କୁ ପ୍ରଣାମ କରି ପ୍ରସ୍ଥାନ କଲେ। ବୃଦ୍ଧ ବ୍ରାହ୍ମଣ ସେଠାରେ ଦଣ୍ଡାୟମାନ ରହି ସାଧୁବାବାଙ୍କୁ ଅନୁନୟ ବିନୟ ହୋଇ କହିବାକୁ ଲାଗିଲେ - ବାବା ମୁଁ ଜଣେ ବୃଦ୍ଧ ବ୍ରାହ୍ମଣ। ଭାରତର ବିଭିନ୍ନ ତୀର୍ଥ ପର୍ଯ୍ୟଟନ କରି ଆସି ଏହି ବ୍ୟାସକାଶୀରେ ବିଶ୍ୱେଶ୍ୱର ଓ ଅନ୍ନପୂର୍ଣ୍ଣାଙ୍କ ଦର୍ଶନ କରି ଦେଶକୁ ଫେରିଯିବା ପଥରେ ଏକ ବିପଦରେ ପଡିଛି। ମୋ ନିକଟରେ ପାଥେୟ ଯେତିକି ଟଙ୍କା ଅଛି ତଦତିରିକ୍ତ ଆଉ ଅଧିକ କିଛି ନାହିଁ ଯାହାକୁ ଖର୍ଚ୍ଚ କରି ଅନ୍ନପୂର୍ଣ୍ଣାଙ୍କ

ପଣ୍ଡାମାନଙ୍କୁ ଉତ୍କୋଚ ଦେଇ ମା'ଙ୍କ ଦର୍ଶନ କରିପାରିବି। ତେଣୁ ଆପଣଙ୍କୁ ଅନୁରୋଧ ଆପଣ ଦୟାକରି ଯଦି ମା' ଅନ୍ନପୂର୍ଣ୍ଣାଙ୍କ ଦର୍ଶନ କରାଇଦେଇ ପାରନ୍ତେ ମୁଁ ଉପକୃତ ହୁଅନ୍ତି। କିୟତ୍‌କ୍ଷଣ ଗମ୍ଭୀର ହୋଇ ସନ୍ନ୍ୟାସୀଠାକୁର ବୃଦ୍ଧ ବ୍ରାହ୍ମଣଙ୍କ ଅନୁରୋଧ ରକ୍ଷା କରି କହିଲେ – "ଚାଲ ମୋ ସହିତ, ମୁଁ ତୁମକୁ ଅନ୍ନପୂର୍ଣ୍ଣା ଦର୍ଶନ କରାଇଦେବି। ଏହା କହି ସେ ବ୍ରାହ୍ମଣଙ୍କୁ ତାଙ୍କୁ ଅନୁସରଣ କରିବାକୁ କହି ଆସନରୁ ଉଠି ଦୃତ ପଦରେ ଆଗେଇ ଚାଲିଲେ। କିନ୍ତୁ ପ୍ରମାଦ ଗଣିଲେ ବ୍ରାହ୍ମଣ ଜଣକ। ଦେଖିଲେ – ସନ୍ନ୍ୟାସୀ ଶ୍ରୀଶ୍ରୀଠାକୁର ଅନ୍ନପୂର୍ଣ୍ଣା ମନ୍ଦିରର ବିପରୀତ ଦିଗକୁ ଆଗେଇ ଚାଲିଛନ୍ତି। ସେ ଆଶ୍ଚର୍ଯ୍ୟହେଲେ ଓ ମନେ ମନେ ଭାବିଲେ କୌଣସି ଦୁର୍ବୃତ୍ତ ହାବୁଡରେ ପଡିନାହାନ୍ତି ତ ? କିନ୍ତୁ ସନ୍ନ୍ୟାସୀଙ୍କୁ ଦେଖିଲେ ତ ସେପରି ମନେ ହେଉନାହିଁ। ହେଉ, ଯାହା ହେବାର ଥିବ ହେବ। ସେ'ତ କହିଛନ୍ତି ଅନ୍ନପୂର୍ଣ୍ଣାଙ୍କ ଦର୍ଶନ କରାଇଦେବେ। ସନ୍ନ୍ୟାସୀଙ୍କ ଦୃତ ପଦକ୍ଷେପରେ ତାଙ୍କୁ ପ୍ରାୟ ଦୌଡିବାକୁ ପଡିଲା। ଯାହାହେଉ ସେ ତାଙ୍କ ପଶ୍ଚାତ୍‌ଧାବନ କରି ସନ୍ନ୍ୟାସୀ ରହୁଥିବା ଗୃହର ଦୋତାଲା ଉପରକୁ ଉଠିଲେ ଓ ସନ୍ନ୍ୟାସୀ ଦୁଇଟି ଆସନ ପକାଇ ନିଜେ ଏକ ଆସନରେ ଉପବେଶନ କରି ସମ୍ମୁଖବର୍ତ୍ତୀ ଆସନରେ ବୃଦ୍ଧଙ୍କୁ ବସିବାକୁ ନିର୍ଦ୍ଦେଶ ଦେଲେ। ଏହାପରେ କହିଲେ – ଚକ୍ଷୁ ମୁଦ୍ରିତ କରନ୍ତୁ ଓ ମୁଁ କହିଲେ ଚକ୍ଷୁ ଖୋଲିବେ। ବ୍ରାହ୍ମଣ ତାଙ୍କ ନିର୍ଦ୍ଦେଶ ପାଳନ କରି ଚକ୍ଷୁ ମୁଦ୍ରିତ କଲେ ଓ କିଛି ସମୟ ପରେ ଅପୂର୍ବ ସୁଗନ୍ଧରେ ଗୃହାଭ୍ୟନ୍ତର ଭରି ଉଠିଥିବା ବେଳେ ସନ୍ନ୍ୟାସୀ ଠାକୁରଙ୍କର ବଜ୍ରଗମ୍ଭୀର କଣ୍ଠସ୍ୱର ଶୁଣାଗଲା – 'ଚକ୍ଷୁ ଖୋଲନ୍ତୁ'। ଭାଗ୍ୟବାନ ବ୍ରାହ୍ମଣ ଚକ୍ଷୁ ଉନ୍ମୀଳନ କରି ଯାହା ଦେଖିଲେ ତାହା ଅବିଶ୍ୱାସ୍ୟ ହେଲେ ମଧ୍ୟ ସତ୍ୟ। ସନ୍ନ୍ୟାସୀଙ୍କ ସ୍ଥାନରେ ସେ ମା' ଅନ୍ନପୂର୍ଣ୍ଣାଙ୍କୁ ସ୍ଥୂଳରୂପରେ ପ୍ରତ୍ୟକ୍ଷ କଲେ ଓ ସାଷ୍ଟାଙ୍ଗ ପ୍ରଣାମ କଲେ। ପୁନଶ୍ଚ ସନ୍ନ୍ୟାସୀଙ୍କ କଣ୍ଠସ୍ୱର ଶୁଣିଲେ ବ୍ରାହ୍ମଣ 'ପ୍ରାଣଭରି ଅନ୍ନପୂର୍ଣ୍ଣାଙ୍କ ସ୍ଥୂଳରୂପ ଦେଖିନିଅନ୍ତୁ।' ବ୍ରାହ୍ମଣ ନତମସ୍ତକହୋଇ ମା'ଙ୍କ ଶ୍ରୀପାଦପଦ୍ମରେ ପ୍ରଣାମ କରି ହସ୍ତଚାଳନା କରି ମା'ଙ୍କ ସ୍ଥୁଳ ରୂପ ପ୍ରତ୍ୟକ୍ଷ କରି ଧନ୍ୟ ହେଲେ। ତା'ପରେ ଶବ୍ଦ ଶୁଭିଲା ଏଥର ଚକ୍ଷୁ ମୁଦ୍ରିତ କରନ୍ତୁ। ବ୍ରାହ୍ମଣ ଚକ୍ଷୁ ମୁଦ୍ରିତ କଲେ ଓ ସନ୍ନ୍ୟାସୀଙ୍କ ନିର୍ଦ୍ଦେଶରେ ଚକ୍ଷୁ ଉନ୍ମୀଳନ କରି ଦେଖିଲେ ସେଠାରେ ସନ୍ନ୍ୟାସୀ ଶ୍ରୀଶ୍ରୀଠାକୁର ଆସନରେ ବିରାଜମାନ କରିଛନ୍ତି। ଆଉ ମା' ଅନ୍ନପୂର୍ଣ୍ଣା ନାହାଁନ୍ତି। ବ୍ରାହ୍ମଣଙ୍କର ଆଉ ବୁଝିବାକୁ ବାକି ରହିଲା ନାହିଁ ଯେ ଏହି ସନ୍ନ୍ୟାସୀ ଜଣକ ଅନନ୍ତ ଶକ୍ତିର ଆଧାର ଓ ତାଙ୍କ ଶରୀରରେ ସମସ୍ତ ଦେବଦେବୀଙ୍କ ଅଧିଷ୍ଠାନ। ସାଷ୍ଟାଙ୍ଗ ପ୍ରଣାମ କରି ବ୍ରାହ୍ମଣ କହିଲେ ମୋତେ କ୍ଷମା କରନ୍ତୁ। ମୁଁ ପ୍ରଥମ ଦର୍ଶନରେ ଜଣେ ଯୁବକ ସନ୍ନ୍ୟାସୀ ଭାବି ବୟସ ଦୃଷ୍ଟିରୁ ନିଜକୁ ବଡ ମନେକରି ପ୍ରଣାମ କରିପାରିନାହିଁ। ଆପଣଙ୍କ ଶ୍ରୀଚରଣରେ ସ୍ଥାନ ଦେଇ ଶିଷ୍ୟତ୍ୱ ସ୍ୱୀକାର କରନ୍ତୁ। ଶ୍ରୀଶ୍ରୀଠାକୁର କହିଲେ ଏଠାରେ ନୁହେଁ ଆପଣଙ୍କ ଗ୍ରାମକୁ ଯାଇ ଦୀକ୍ଷା ଦେଇଆସିବି। ସେହି ବୃଦ୍ଧ ବ୍ରାହ୍ମଣ ଜଣକ ହେଉଛନ୍ତି ପୂର୍ବବଙ୍ଗରେ ଚଟ୍ଟଗ୍ରାମ ଅଞ୍ଚଳର ମେଖଲା ଗ୍ରାମର ଡାକ୍ତର ହରଚନ୍ଦ୍ର ଦେଓ ଏତଦଞ୍ଚଳର ସେ ହିଁ ପ୍ରଥମ ଶିଷ୍ୟ ଓ ଆଦିକେଶବ ଯାହାଙ୍କ ପ୍ରାର୍ଥନାରେ ଶ୍ରୀଶ୍ରୀଠାକୁର ତାଙ୍କ ଗ୍ରାମକୁ ଯାଇ ତାଙ୍କୁ ଦୀକ୍ଷା ପ୍ରଦାନ କରିଥିଲେ। ଏହି ଘଟଣାଟି ଘଟିଥିଲା- କାଶୀର ଶ୍ରୀନିଗମାନନ୍ଦ ଗମ୍ଭୀରାରେ। ଏହି ଗମ୍ଭୀରାର ଅବସ୍ଥାନ ଜାଣିବା ନିମିତ୍ତ ପରବର୍ତ୍ତୀ କାଳରେ ଶ୍ରୀଶ୍ରୀଠାକୁରଙ୍କର ଜଣେ ଅନ୍ତରଙ୍ଗ ଶିଷ୍ୟ ଅନୁସନ୍ଧାନ କରି ଏହି ଗମ୍ଭୀରାରେ ପହଞ୍ଚି ଶ୍ରୀଶ୍ରୀଠାକୁର ମହାରାଜଙ୍କ ପୂତ ପଦଧୂଳି ପୂତ ଓ ଏଠାକୁ ଶ୍ରୀଶ୍ରୀଠାକୁର ମହାରାଜଙ୍କୁ ଦର୍ଶନ କରିବାକୁ, କଥୋପକଥନ କରିବାକୁ ଆସୁଥିବା ଅନେକ ମହାପୁରୁଷ, ସାଧୁ ସନ୍ଥ ଓ ସନ୍ନ୍ୟାସୀ ଏବଂ ବିଭିନ୍ନ ଦର୍ଶନାର୍ଥୀମାନଙ୍କ ପୂତ ପଦଧୂଳି ପୂତ କ୍ଷେତ୍ରକୁ ପ୍ରଣାମ କରି ଫେରି ଆସିଥିଲେ। ସେ କହିଛନ୍ତି। – ସସ୍ତ୍ରୀକ ସେ କାଶୀ ଭ୍ରମଣ କରିବାକୁ ଯାଇ କାଶୀ ଗମ୍ଭୀରାର ଠିକଣାଟି ସନ୍ୟାସିନୀ ଶାନ୍ତିମୟୀ ପୁସ୍ତିକାରୁ ସଂଗ୍ରହ କରି ୪୭ ନଂ ପିଲଖାନା ରୋଡ୍ ଶିବାଲା ପୋଷ୍ଟ ଅଫିସ୍ ଓ ରାମପ୍ରସାଦ ବାଗାନ୍‌ବାଟୀ ନିକଟରେ ଥିବା ଏହି ଗୃହଟି ଖୋଜି ଖୋଜି ବହୁ କଷ୍ଟରେ ପାଇଥିଲେ। ସର୍ପିଳ ଅଙ୍କାବଙ୍କା ପଥ ଦେଇ ଦଶାଶ୍ୱମେଧ ଘାଟରୁ ଦକ୍ଷିଣ ଦିଗକୁ ଉତ୍ତର ବାହିନୀ ଜାହ୍ନବୀ ଘାଟ ପାର ହୋଇ ଆଗେଇ ଯାଉଯାଉ ମନେପଡ଼ିଲା ଶାନ୍ତି ମାଆ ଶ୍ରୀଶ୍ରୀଠାକୁରଙ୍କ ପାଇଁ ପ୍ରତିଦିନ କେଦାର ଘାଟ ଗଳିରୁ ପରିବାପତ୍ର ଓ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ କିଣିନେଉଥିଲେ। କିନ୍ତୁ ଶିବାଲା ରୋଡ୍ ଉପରେ ଶ୍ରୀବିଜୟକୃଷ୍ଣ ଗୋସ୍ୱାମୀ ଓ କାଠିଆବାବାଙ୍କ ଆଶ୍ରମ ଏବଂ କେତେଗୁଡ଼ିଏ ଗଳିପଥ ପାରହୋଇ ପଚାରି ପଚାରି ପହଞ୍ଚି ଥିଲେ ସୋନାପୁରା-ଶିବାଲା ରାସ୍ତାରେ ଓ ସ୍ଥାନଟି ଗୌରୀଗଞ୍ଜର ମୋଡ଼। ଗଳିମୁଖରେ ହିଁ ୪୮ନଂ. ପିଲଖାନା। ସେ ଉକ୍ତଗୃହର ତତ୍‌କାଳୀନ ମାଲିକ ବିଜୟ କୁମାର ଜୟସଓ୍ୱାଲଙ୍କ ସହିତ କଥା ହୋଇ ଜାଣିଲେ ତାଙ୍କ ପିତା ରାମେଶ୍ୱର ପ୍ରସାଦ ଜୟସଓ୍ୱାଲଙ୍କ ସମୟରେ ଜଣେ ସୁପ୍ରସିଦ୍ଧ ସନ୍ନ୍ୟାସୀ ଦୋତାଲା ଉପରେ ଅବସ୍ଥାନ କରୁଥିଲେ। ସେହି ଶ୍ରୀନିଗମାନନ୍ଦ ଗମ୍ଭୀରାର ଭଗ୍ନପ୍ରାୟ ଅବସ୍ଥା ଦର୍ଶନ କଲେ। ପ୍ରଣାମ ଜଣାଇ ପ୍ରସ୍ଥାନ କଲାବେଳେ ଭାବିଲେ ଆମେମାନେ କ'ଣ ଏହି ଭଗ୍ନାବଶେଷର ପୁନରୁଦ୍ଧାର କରି ଶ୍ରୀଶ୍ରୀଠାକୁରଙ୍କ ସ୍ମୃତି ରକ୍ଷାକରିପାରିବୁ ? କାଶୀଗମ୍ଭୀରା ସମ୍ପର୍କୀୟ ଶ୍ରୀଶ୍ରୀ ଠାକୁରଙ୍କ ଅନେକ ଲୀଳାକାହାଣୀ ପରବର୍ତ୍ତୀ ସମୟରେ ପ୍ରକାଶ ପାଇବ।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ

**ଶ୍ରୀ ନବକିଶୋର ନାୟକ**

ସଭାପତି, ଝାରସୁଗୁଡା ଶାଖାସଂଘ

# ଶ୍ରୀଶ୍ରୀଠାକୁର ମହାରାଜଙ୍କ ଆହାର ଓ ଭୋଗ ପ୍ରସଙ୍ଗ

## ଉପକ୍ରମଣିକା

ଅଦ୍ୟାବଧି ପ୍ରତ୍ୟେକ ଯୁଗରେ ଭଗବତ୍ ସେବାର ମାହାତ୍ମ୍ୟ ବିଭିନ୍ନ ଭାବରେ ବର୍ଣ୍ଣିତ ହୋଇ ଆସିଛି। ଏହା ମଧ୍ୟରେ ଆହାର ଓ ଭୋଗ ପ୍ରସ୍ତୁତି ସେବା ଏକ ନିର୍ଦ୍ଦିଷ୍ଟ ସ୍ଥାନ ଅଧିକାର କରି ଆସିଛି। ହିନ୍ଦୁ ଧର୍ମର ପ୍ରତ୍ୟେକ ଶାସ୍ତ୍ର ପୁରାଣରେ ମଧ୍ୟ ଶ୍ରୀଗୁରୁ ଓ ଭଗବାନଙ୍କ ସଂପର୍କରେ ବିଶେଷ ବର୍ଣ୍ଣନା ଦିଆଯାଇଛି ଓ ଏଥିରେ ଶ୍ରୀଗୁରୁଙ୍କ ଶ୍ରେଷ୍ଠତ୍ୱ ପ୍ରତି କ୍ଷେତ୍ରରେ ପ୍ରତିପାଦିତ କରାଯାଇଛି। ଏ ସମସ୍ତ ବର୍ଣ୍ଣନା ଗୁଡ଼ିକୁ ଶ୍ରୀଶ୍ରୀଗୁରୁଗୀତା ମାଧ୍ୟମରେ ଜଗତବାସୀ ଜାଣିବାର ସୁଯୋଗ ପାଇଛନ୍ତି। ଏସବୁ ତ ହେଲା ମାହାତ୍ମ୍ୟ ବର୍ଣ୍ଣନାର କଥା। ଭଗବତ୍ ଉପାସନା ଓ ସେବାର ଧାରା ସଂପର୍କରେ ଜଗତବାସୀ ଅନେକ ଭାବରେ ଅବଗତ ହୋଇଛନ୍ତି। ମାତ୍ର ଶ୍ରୀଗୁରୁଦେବଙ୍କ ମାହାତ୍ମ୍ୟ ତଥା ସେବାର ଧାରା ସଂପର୍କରେ ଅନେକ ଉପାଦେୟ ଗ୍ରନ୍ଥ ଥିଲେ ମଧ୍ୟ ଧର୍ମର ପ୍ରଚଳିତ ଚଳଣି ମଧ୍ୟରେ ଏହା ବିଶେଷ ଭାବରେ ପ୍ରବେଶ କରି ନ ଥିଲା। ଶ୍ରୀଗୁରୁଙ୍କ ଶ୍ରେଷ୍ଠତ୍ୱ ହେଉଛି ଏହି ଶ୍ରୀଗୁରୁ-ସେବା ଧାରାର ମୂଳ ଉପାଦାନ। ଶ୍ରୀଶ୍ରୀଠାକୁର ଜଗଦଗୁରୁଙ୍କ ମାନୁଷୀତନୁ ସଦ୍‌ଗୁରୁ ଭାବରେ ଜଗତରେ ଆବିର୍ଭାବ ପରଠାରୁ ଏହି ସେବାର ଧାରା ପ୍ରଚଳିତ ଆଧ୍ୟାତ୍ମିକ ପରମ୍ପରା ମଧ୍ୟରେ ନିର୍ଦ୍ଦିଷ୍ଟ ଭାବରେ ପ୍ରବେଶ କରିଥିବାର ମନେହୁଏ। ଏହି ସେବାର ଧାରା ବିଭିନ୍ନ ଧର୍ମଗ୍ରନ୍ଥରେ ବିଶଦ୍ ଭାବରେ ବର୍ଣ୍ଣିତ ନ ଥିବାରୁ ଶ୍ରୀଶ୍ରୀଠାକୁର ମହାରାଜାଙ୍କ ବ୍ୟବହାରିକ ଚଳଣିକୁ ମୂଳସୂତ୍ର ଭାବରେ ଏହି ପ୍ରବନ୍ଧରେ ଲିପିବଦ୍ଧ କରିବାର ପ୍ରୟାସ କରାଯାଇଛି। ଶ୍ରୀଶ୍ରୀଠାକୁରଙ୍କ ଭାବଧାରା ତଥା ସେବା ଧର୍ମ ଯେ ସଂପୂର୍ଣ୍ଣ ଭାବରେ ସ୍ୱତନ୍ତ୍ର, ଏହାକୁ ପ୍ରାମାଣିକ ତଥ୍ୟ ମାଧ୍ୟମରେ ଏହି ପ୍ରବନ୍ଧରେ ପ୍ରମାଣ କରିବାର ଚେଷ୍ଟା କରାଯାଇଛି ମାତ୍ର।

## ପ୍ରଥମ ପର୍ଯ୍ୟାୟ

ପ୍ରବନ୍ଧର ପ୍ରାରମ୍ଭରେ ଇଚ୍ଛାମଣି ମା'ଙ୍କର ନିଜସ୍ୱ ଲେଖାରୁ ଭୋଗ ଓ ପ୍ରସାଦର ଅନନ୍ୟ ଅନୁଭୂତି ପ୍ରଦାନ କରିବା ଅତ୍ୟାବଶ୍ୟକ ମନେହୁଏ। ସେ ତାଙ୍କର ଦିନଲିପିରେ ପ୍ରଥମ ଦର୍ଶନର ଅନୁଭୂତି ବର୍ଣ୍ଣନା କରିବା ଅବସରରେ ପ୍ରସାଦ ସଂପର୍କରେ ସମ୍ୟକ ସୂଚନା ଦେଇଛନ୍ତି। ଦିନେ ନୀଳାଚଳ କୁଟୀରରେ ଭକ୍ତମାନଙ୍କୁ ଦର୍ଶନ ଦେଇ ଅମୃତମୟ ଆଳାପ ଆଲୋଚନା କରୁଥିଲା ବେଳେ ସେବକ ଶ୍ରୀଶ୍ରୀଠାକୁରଙ୍କୁ ଝୁଣା ଧୂପ ପ୍ରଦାନ କରି ପ୍ରଣାମ କରିବାରୁ, କ'ଣ ବୋଲି ଶ୍ରୀଶ୍ରୀଠାକୁର ପ୍ରଶ୍ନ କରନ୍ତେ, ଭୋଗ ଗ୍ରହଣ କରିବା ସମୟ ହେଲାଣି କହି ଭୋଗ ଆସନକୁ ବିଜେ କରିବାକୁ ସେବକ ନିମନ୍ତ୍ରଣ ଜଣାଇଲେ। ...ଶ୍ରୀଶ୍ରୀଠାକୁର ମହାରାଜ ଭୋଗ ଆସନକୁ ବିଜେ କରି ଭୋଗ ଗ୍ରହଣ କଲେ। ଶ୍ରୀଶ୍ରୀଠାକୁର ଭୋଗ ଗ୍ରହଣ କଲାପରେ, ସେବକମାନେ ଭୋଗ ଘରୁ ପ୍ରସାଦ ବାହାରକୁ ଆଣିବା ବେଳେ, ଇଚ୍ଛାମଣି ମା' ଅତି ସ୍ପଷ୍ଟ ଭାବରେ ନିଜର ଅନୁଭୂତି ପ୍ରଦାନ କରି ଲେଖିଛନ୍ତି – ଜୀବନରେ ଅନେକବାର ଶ୍ରୀମନ୍ଦିରରେ ଦାରୁବ୍ରହ୍ମଙ୍କର ମହାପ୍ରସାଦ ଗ୍ରହଣ କରି ତାହାର ଅଲୌକିକ ସୁଗନ୍ଧ ଓ ସ୍ୱାଦରେ ଆତ୍ମହରା ହୋଇଛି, ମାତ୍ର ଆଜି ଶ୍ରୀଗୁରୁବ୍ରହ୍ମଙ୍କର ପ୍ରସାଦର ସୁଗନ୍ଧ ଅତ୍ୟନ୍ତ ଅନନ୍ୟ ମନେହେଲା। ଏଭଳି ଅନୁଭବ ଜୀବନରେ କେବେ ହୋଇ ନ ଥିଲା। କି ଅସାଧାରଣ ସେ ମହକ ! ପାଗଳୀ ପ୍ରାୟ ହୋଇଗଲି। ଶ୍ରୀଗୁରୁଙ୍କ ପ୍ରସାଦର ମାହାତ୍ମ୍ୟ ଅତିସୁନ୍ଦର ଭାବରେ ଦୁଇଟି ବାକ୍ୟରେ ପ୍ରଦାନ କରି ସେ ଏକ ନୂତନ ଭାବ ଓ ଧାରଣା ଭକ୍ତ ସମାଜକୁ ପ୍ରଦାନ କରିଥିଲେ। ଆଉ ଦିନକର କଥା ସେ ଲେଖିଛନ୍ତି – "ସେ ଦିନ ଶ୍ରୀଶ୍ରୀଠାକୁରଙ୍କ ପଦ୍ମ ପାଦୋ'ଟି ଉପରେ ମୁଣ୍ଡ ଛୁଇଁ କରି ପ୍ରଣାମ କରି ଥରିବାକୁ ଲାଗିଲି। ଶ୍ରାବଣଧାର ପରି ଅଶ୍ରୁଧାର ଛୁଟିବାକୁ ଲାଗିଲା। ଶ୍ରୀଶ୍ରୀଠାକୁର ହସିହସି ଗମ୍ଭୀର ମଧୁରସ୍ୱରରେ କହିଲେ – 'କାନ୍ଦଛ କେନ'। (ଅନ୍ତରରେ ଭାବନା ହେଉଥାଏ, କିଛି ତ ଜାଣିନାହିଁ, କିପରି କ'ଣ ପୂଜା କରିବି ? ସ୍ପଷ୍ଟ ଭାବରେ କହିପାରୁ ନ ଥାଏ) ଶ୍ରୀଶ୍ରୀଠାକୁର କହିଉଠିଲେ – 'ତୋମାକେ କିଛୁ କରିତେ ହବେନା ଆମି ସବ୍ କରେ ଦିବେ, ତୋମାର ଭାର ଆମାର ଘାଡେ ଦାଓ, ଆମି ତୋମାର ସବ୍ କରେ ଦିବେ'। ବଙ୍ଗଳା ଜାଣି ନଥିବାରୁ 'ସ୍ୱାମୀଙ୍କୁ ପଚାର' ଏତିକି କହିବାରୁ ଶ୍ରୀଶ୍ରୀଠାକୁର ହସିହସି ଅସ୍ଥିର ହୋଇଗଲେ। ଆରେ 'ପଚାକିରେ, ପଚାକିରେ' କହି ହସିଲେ। ଶ୍ରୀଶ୍ରୀଠାକୁରଙ୍କ ହସ ଦେଖି ସମସ୍ତେ ଅବାକ୍ ହୋଇଗଲେ। ନୃପାଳଜୀ ଭାଇ ଶ୍ରୀଶ୍ରୀଠାକୁରଙ୍କର ଖିଲିଖିଲି ହସ ଶୁଣି ଦୌଡ଼ି ଆସି ବୁଝାଇ କହିଲେ – ଶ୍ରୀଶ୍ରୀଠାକୁର ! ଛେଲେ ମେୟେର କଥା କ୍ଷୀରୋଦ ଦା'କେ ଜିଜ୍ଞାସା କରୁନ୍। ଶ୍ରୀଶ୍ରୀଠାକୁର ପୁନର୍ବାର କହିଲେ – 'ଓରେ ତାର ନାମଟା କି ପଚାର'। ଶ୍ରୀଶ୍ରୀଠାକୁରଙ୍କ ହସ ଥମିଗଲା। ତାଙ୍କ ନିର୍ଦ୍ଦେଶରେ ବାଲ୍ୟ ପ୍ରସାଦ ସେହିଠାରେ ବିତରଣ ହେଲା। ମୋ ଦେହ ସେହିପରି ଥରୁଥାଏ,

ଆଖିରୁ ଲୁହ ଧାରା ଝରୁଥାଏ, ପ୍ରସାଦ ତଳେ ପଡ଼ିଯାଉଥାଏ। ଶ୍ରୀଶ୍ରୀଠାକୁର ତାଙ୍କ ବାମପଟେ ଚଉକି ପାଖକୁ ନିର୍ଦ୍ଦେଶ କରି ଡାକିଲେ ଓ କହିବାକୁ ଲାଗିଲେ - 'କାନ୍ଦୁଛ କେନ, ଖାଓ, ଖାଓ - ପୁଣି କହିଲେ ଆର୍ ପ୍ରସାଦ ଏଇ ମେୟେ କେ ଦାଓ'। ଦେଲେ ମଧ ଖାଇ ପାରୁ ନ ଥାଏ। ଶ୍ରୀଶ୍ରୀଠାକୁରଙ୍କର ସେହି ମଧୁର ଆଶ୍ୱାସନା ବାଣୀ 'ତୁମି ଖାଓ ତୁମି ଖାଓ'ରେ ମୋର ଅନ୍ତର ସେ ଦିନ ପରମ ତୃପ୍ତି ଲାଭ କରିଥିଲା। ଏଠାରେ ପ୍ରସାଦ ମାହାତ୍ମ୍ୟର ଅନ୍ୟ ଏକ ଦିଗ ଉନ୍ମୋଚିତ ହୋଇଥିଲା। ଶ୍ରୀଗୁରୁଦେବଙ୍କ ପ୍ରସାଦ ଅତ୍ୟନ୍ତ ଦୁର୍ଲ୍ଲଭ ଓ ତା ସାଙ୍ଗକୁ ତାଙ୍କର କୃପାଭରା ବାଣୀ ଏହି ମାହାତ୍ମ୍ୟକୁ ଶତଗୁଣେ ବର୍ଦ୍ଧିତ କରେ।

ଏହି କ୍ରମରେ ଇଚ୍ଛାମଣି ମା'ଙ୍କର ଆଉ ଏକ ପ୍ରତ୍ୟକ୍ଷ ଅନୁଭବ ଏଠାରେ ବର୍ଣ୍ଣନା ନ କରି ରହିହେଉନି। 'ଥରେ ସରଯୁ ମା ବନ୍ତଳ କଦଳୀ ତରକାରୀ ପାଇଁ ଓଳାଉଛନ୍ତି (ଚୋପା ଛଡ଼ାଇବା)। ଶ୍ରୀଶ୍ରୀଠାକୁର କହିଲେ 'ତୁମାକେ କାଟି ଆସେନା, ବହୁତ ଚୋପା ଛେଲି ଦାଓ। ଆମାର ଯେ ଏତେଗୁଡ଼ିଏ ଛେଲେ ମେୟେ କି ଖାବେ ? ଉଠ୍ ଉଠ୍ ଆମି ପରିବା କାଟ୍‌ବେ। ଏହା କହି ନିଜେ ପନିକିରେ ପରିବା ଓଳେଇଲେ (ଚୋପା ଛଡ଼ାଇଲେ)। ଏହା ମା' ମାନେ ଦେଖି ଅବାକ୍ ହୋଇଗଲେ। କାଗଜ ଫର୍ଦ୍ଦ ଲେଉଟାଇଲେ ଯେଉଁ ଅଙ୍ଗୁଠିରୁ ରକ୍ତ ଚୋହି (ଗଡ଼ିଆସେ) ଆସେ, ସେଥିରେ ସେ କିପରି ପରିବା କାଟିବେ ? ମା' କହିଲେ - ଆମାର କି ଦୋଷ ହେଲା, ଆମେ ସେପରି ଏଣିକି କରିବୁ, ତୁମେ ଉଠ। ଶ୍ରୀଶ୍ରୀଠାକୁର କହିଲେ 'ଏପରି କାର୍ଯ୍ୟରେ ଆମି ତ ଗରୀବ ହୟେ ଯାବେ। ଭକ୍ତଶିଷ୍ୟ ଆମାର କି ଖାବେ ? ଏହା କହି ଉଠିଗଲେ।' ଇଚ୍ଛାମଣି ମା' ପୁଣି ଲେଖିଛନ୍ତି - 'ଆମେ ପୁରୀକୁ ଗଲେ ନୀଳାଚଳ କୁଟୀରରେ ପ୍ରସାଦ ପାଉ। ଅନ୍ୟ କିଛି ପ୍ରସାଦକୁ ଆଗ୍ରହ ଆସେନା। ଥରେ ପ୍ରସାଦ ପାଇବା ଆଶାରେ ଦେଉଳରେ ନ ଖାଇ ନୀଳାଚଳ କୁଟୀରରେ ପହଞ୍ଚିଗଲୁ। ସରଯୁ ମା' ଆମମାନଙ୍କୁ ପ୍ରସାଦ ସେବା କରିବାକୁ କହିଲେ। ମହା ଆଗ୍ରହରେ ପେଟ ଭରି ପ୍ରସାଦ ପାଇଲୁ। ବାବୁଙ୍କର (କ୍ଷୀରୋଦଭାଇ) ସାନ ଭାଇ ବରାହନାଥ ସେଥର ସାଙ୍ଗରେ ଯାଇଥାନ୍ତି। ସେ ପ୍ରସାଦ ପାଇ କହିଲେ ପିଆଜ ସଣ୍ଡା ତରକାରୀ ଖୁବ୍ ଭଲ ହୋଇଛି। ଆମେ ଶୁଣି ଅବାକ୍। ଆମେ ମଧ ସେ ତରକାରୀ ଚିହ୍ନି ପାରିନାହୁଁ, ପ୍ରସାଦ ଭାବେ ଭୋଳ ହୋଇ ପାଇଛୁ। ମା' କହିଲେ ଶ୍ରୀଶ୍ରୀଠାକୁର କି ପିଆଜ ରସୁଣ ଖାଆନ୍ତି ? ତୁମେ ଚିହ୍ନିପାରିଲେ ନା ? ସେ ମୋଟା ମୋଟା ନାଡ଼ ଯେ କଳମ ନଟାର ଝୋଲ୍। ତା'ପରେ ହରଡ଼ ଡ଼ାଲି ଏପରି ହୋଇଥିଲା ଯେ ହାତରେ ମୁଠା ବାନ୍ଧିଲା ପରି, କିନ୍ତୁ ଭାଙ୍ଗିଲେ ତା ଭିତରେ ପାଣି ଡ଼ାଲି ବୋହି ଆସେ। ତାପରେ ସାରୁ ପତ୍ରର ତରକାରୀ, ସାରୁ ଦାଣ୍ଡାର ତରକାରୀ ଓ ସାରୁ ଭାଜି। ଠାକୁରେ ସାରୁକୁ ଭଲପାଆନ୍ତି ବୋଲି - ମା' ଏ ସମସ୍ତ କରନ୍ତି।'

ଇଚ୍ଛାମଣି ମା' ପୁନର୍ବାର ଲେଖିଛନ୍ତି - ସେ ସମୟର କୁଟୀରରେ ଯେ ଠାକୁରଙ୍କ ପ୍ରସାଦ ପାଇଥିବ, ସେ ଦେଉଳର ପ୍ରସାଦ ଯେ କି ମହାପ୍ରସାଦ, ତାକୁ ମନେ କରିବ ନାହିଁ (ମନେ ପକାଇବ ନାହିଁ)। ପାୟସ୍‌ରେ ପାୟସ କେତେ ପ୍ରକାର ପାୟସ। ଠାକୁରଙ୍କୁ ବଜାର ସିମେଇ ଦିଆଯାଏନି। ମା' ହାତରେ ପ୍ରସ୍ତୁତ କରନ୍ତି ମଇଦାରେ। ଦୁଗ୍ଧ ମିଶ୍ରିରେ କେବଳ ହୁଏ କିସ୍‌ମିସ୍ ମସଲା ଦିଆଯାଇ। କୌଣସି ତରକାରୀ ରାଗ ହୁଏନି କିନ୍ତୁ ଏପରି ସେ ଅମୃତ ପରି ଲାଗେ, ତାହା ଭାଷାର ଅତୀତ। କେତେ ପ୍ରକାର କାନିକା, ଖଟା ମଧ୍ୟେ ଆଳୁ ବାଖର ଖଟା ଓ ରାବିଡ଼ିର ପାଏସ। କୌଣସି ତରକାରୀରେ ବହୁ ଗୁଡ଼ାଏ ଝୋଳ ଥାଏନା। ଲାଉ ଚୁନିଚୁନି ହୋଇ କଟାଯାଇଥାଏ, ତେଲରେ କଳରାପତ୍ର ଛଣାଯାଇ ଫୁଟଣ ଦେଇ ସେଇଥିରେ ଲାଉକୁ କସି ତାରି ଜଳରେ ତାକୁ ରାନ୍ଧିଲେ ଅତି ବଢ଼ିଆ ହୁଏ। ସେ ଠାକୁରଙ୍କର ଖାଇବା ଜିନିଷ ଥିଲା। କଦଳୀ ଭଣ୍ଡାକୁ ଖୋଳପା ଛଡ଼ାଇ କାଟି ତାହା ଲୁଣ ଦେଇ ଦେଇ ଦଳି, ଚିପୁଡ଼ି ତାର କସପାଣି ବାହାରି କରି ଦେଇ ତାକୁ ଆଳୁ ସହିତ ତେଲରେ କସି ଅଳ୍ପ ସାମାନ୍ୟ ଜିରା ବାଟଣ, ଟିକେ ନଡ଼ିଆ କୋରା, ଟିକେ ଦହି, ଅଳ୍ପ ସାମାନ୍ୟ ଚିନି ଦେଇ ରାନ୍ଧିଲେ ସେ ଠାକୁରଙ୍କ ଭୋଗ ଲାଗି ହୁଏ। ସହଜେ ତ ପସାରୁଣି ପତ୍ରବରା ରୋଜ ଭୋଗ ଲାଗିଲେ ଠାକୁରଙ୍କର ଖୁସି। ବିରି ବାଟି ତାହା କନାରେ ବାନ୍ଧି ସିଦ୍ଧ କରି ହାଣ୍ଡିରେ ଟିକେ ହେଙ୍ଗୁ ସେଥିରେ ଦିଆଯାଇଥିବ। ଗୁଆଘିଅ ପକାଇ ତାହା ଅନ୍ନ ସଙ୍ଗେ ଠାକୁରଙ୍କୁ ଦେଲେ ଠାକୁରଙ୍କ ମହାଖୁସି। ଶ୍ରୀଶ୍ରୀଠାକୁରଙ୍କର ଭୋଗ କଥା କେଉଁଠି ବର୍ଣ୍ଣନା ନାହିଁ, କ'ଣ ବା ଲେଖିବି ? ଆଉଥରେ କୁଟୀରକୁ ଯାଇଛି। ମା' ପ୍ରସାଦ ଦେଲେ। ସେଥିରେ କସି ଓଉ ଖଟା ଅଛି, ଭାରି ସୁନ୍ଦର ଦିଶୁଛି। ଭାରି ଭଲ ମଧ ଲାଗୁଥାଏ। ପଚାରିଲି, ମା' ଏ ଖଟା କିରକମ୍ (କେମିତି) କଲେ ? ମା' କହିଲେ ଓଉକୁ ଚୋପା ବାହାରକରି ତାର ପାଖୁଡ଼ା ଟିକ୍ ଟିକ୍ କରି ଧୋଇ ଦେଲୁ। ତାର ପର ଅଳ୍ପ ସୋରିଷ ବାଟଣ ପାଣିରେ ମିଶାଇ ଲୁଣ ହଳଦୀ ଦେଇ ସିଦ୍ଧ କଲୁ। ସିଦ୍ଧ ହେଲାରୁ ତଳକୁ ଆଣି ତା ଉପରେ ଅଳ୍ପ ସୋରିଷ ତେଲ ଦେଇ ଦେଲୁ। ପଚାରିଲି ମା' ସୋରିଷ ତେଲରେ ଫୁଟଣ ଦେଇ ବଘାରିଲେ ନାହିଁ କାହିଁକି, ପଛରେ ତେଲ ଉପରେ ଦେଇ ଦେଲେ। ମା' କହିଲେ କେଉଁ ଖାଦ୍ୟ କିପରି ପ୍ରସ୍ତୁତ ହେଲେ ତାର ଗୁଣ କ'ଣ ହେବ ଏହା ଅଛି ନା। ଖାଲି କରିଦେଲେ ହେବ ? ଭୋଗ ରାନ୍ଧିବାକୁ ହେଲେ ବିଚାର କରି ରାନ୍ଧିବାକୁ ହୋଇଥାଏ। ଏ'ତ ଠାକୁରଙ୍କ ଭୋଗ। ଭୋଗ ବା ପ୍ରସାଦ

ବାହାରେ ଯେପରି ପୁଷ୍ଟିକର ଭିତରେ ତ ସେହିପରି ପୁଷ୍ଟିକର ହେବା ଦରକାର। ତେଣୁ ସାବଧାନର ସହିତ ଭୋଗ ରାନ୍ଧିବାକୁ ହୁଏ। ଏହା କହି ସେ ଗୋଟିଏ କଥା କହିବାକୁ ଲାଗିଲେ। ଶ୍ରୀଶ୍ରୀଠାକୁର ଥରେ ପ୍ରଜ୍ଞାନନ୍ଦ ସରସ୍ୱତୀ ଓ ସରଯୁ ମା'ଙ୍କୁ ନେଇ ଜଣେ ଶିଷ୍ୟଙ୍କ ଘରକୁ ଯାଇଥିଲେ। ତାଙ୍କ ଗୃହକୁ ଠାକୁରେ ଆସିଛନ୍ତି ବୋଲି ସେ ବହୁତ ଗୁରୁ ଭାଇ ଭଉଣୀଙ୍କୁ ନିମନ୍ତ୍ରଣ କରିଥିଲେ। ଜଣେ ବିଖ୍ୟାତ ବ୍ରାହ୍ମଣ ପୂଜାରୀଙ୍କୁ ଭୋଗ ରାନ୍ଧିବା ପାଇଁ ଆଣିଥିଲେ। ଅନେକ ପ୍ରକାର ଭୋଗ ସବୁ ତିଆରି ହୋଇଗଲା। ଭୋଗ ଘରକୁ ଭୋଗ ବୁହାଯାଉଛି। ଏହି ସମୟରେ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଜ୍ଞାନନ୍ଦ ସରସ୍ୱତୀ ତୈଳମର୍ଦ୍ଦନ କରୁଛନ୍ତି। ଶ୍ରୀଶ୍ରୀଠାକୁର କହିଲେ- 'ପ୍ରଜ୍ଞାନନ୍ଦ ଶିଘ୍ର ଯାଇ ଚୂହ୍ଲା ଜାଳି ଭାତବସା। ସେଥିରେ ଏକଟା ଆଳୁ ସିଦ୍ଧ କରିଦେ। ଆମି ଖାବେ। ପ୍ରଜ୍ଞାନନ୍ଦ ମହାରାଜ ଏକଥା ଶୁଣି ହତବାକ୍ ହୋଇ କହିଲେ ତୁମଲାଗି ଏତେ ଆୟୋଜନ କ'ଣ ହେବ ? ଶ୍ରୀଶ୍ରୀଠାକୁର କହିଲେ ନା ନା ସେ ସମସ୍ତ ମାରା ହଏଛେ। ଭୋଗଯିବା ରାସ୍ତାରେ ଏକଟା ଚାରିମାସର ମେୟେ ପିସାବ କରେ ଛେ। ସେଇ ପାଖାପାଖି ଭୋଗ ଘରେ ଭୋଗ ଯାଛେ। ତେଣୁ ତା ହବେନା।' ଏହା ଶୁଣି ସମସ୍ତଙ୍କ ମନରେ କୋଳାହଳ ଆତଙ୍କ ପଡ଼ିଗଲା। ସ୍ୱାମୀ ସ୍ତ୍ରୀ ମୁଣ୍ଡ ପିଟି କାନ୍ଦିବାକୁ ଲାଗିଲେ। ଶ୍ରୀଶ୍ରୀଠାକୁର ସେହି ଆଳୁ ସିଦ୍ଧ ଅନ୍ନପ୍ରସାଦରେ ମଣୋହି ସାରିଲେ। ଅନେକ ଭକ୍ତ ଶିଷ୍ୟ ଶ୍ରୀଶ୍ରୀଠାକୁର ଖାଇଲେ ନାହିଁ ବୋଲି ପଳାଇ ଗଲେ। ପଚାରିଲି, ମା' ଶ୍ରୀଶ୍ରୀଠାକୁର ଏପରି କାହିଁକି କଲେ। ମା' କହିଲେ 'ସେ ପୂଜାରୀ ଶିଷ୍ୟ କି ଭକ୍ତ ନୁହଁ। କେବଳ ରାନ୍ଧିବାରେ ନାମକୁ ଯାହା ବ୍ରାହ୍ମଣ। ଏପରି ପୂଜାରୀଙ୍କୁ ଟଙ୍କାଦେଇ ରୋଷାଇ କରାଇ ଠାକୁରଙ୍କୁ ଭୋଗ ଦେବାର ନୁହେଁ। ଶ୍ରୀଶ୍ରୀଠାକୁର ତାହା ଗ୍ରହଣ କରନ୍ତି ନାହିଁ। ତେଣୁ ଉଭୟଙ୍କର ଗର୍ବ ଭାଙ୍ଗିବା ପାଇଁ ସେ ଏ ଛଳନା କଲେ। ସରଯୁ ମା ନ' ବର୍ଷ ବେଳୁ ବିଧବା। ସେ ଠାକୁରଙ୍କଠାରୁ ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରି ଠାକୁରଙ୍କ ସେବା ପୂଜାରେ ଜୀବନ ଅତିବାହିତ କରୁଥିଲେ। ସେ ଭୋଗ ରାନ୍ଧିବାରେ ମା'ଲକ୍ଷ୍ମୀ କହିଲେ ଚଳେ। ରାନ୍ଧିବା ଓ ପରଷିବାରେ ସିଦ୍ଧହସ୍ତା।

ସରଯୁ ମା'ଙ୍କଠାରୁ ଇଚ୍ଛାମଣି ମା' କିପରି ଭୋଗ ରନ୍ଧନ ସଂପର୍କରେ ବିଶେଷ ଶିକ୍ଷା ପାଇଥିଲେ, ଏଠାରେ ଆଲୋଚନା କରିବା ସମୀଚୀନ ମନେ ହୁଏ। ଇଚ୍ଛାମଣି ମା' ଲେଖିଛନ୍ତି – "ଥରେ ଜନ୍ମୋତ୍ସବକୁ ଇନ୍ଦୁ ମା', ଦୁର୍ଗା ମା' ଓ ମୁଁ ଗଲୁ ସରଯୁ ମା'ଙ୍କୁ ସାହାଯ୍ୟ କରିବାକୁ। ଏହା ଶ୍ରୀଶ୍ରୀଠାକୁରଙ୍କ ସମାଧି ପରର କଥା। ଆମେ ଖୁବ୍ ଭଲ ଲୁଗା ପଟା ନେଇଥିଲୁ। ତାହା ପିନ୍ଧି ମା'ଙ୍କୁ (ସରଯୁ ମା') ସେବା ମାଗିଲୁ।" ସରଯୁମା ଅଳ୍ପହସି କହିଲେ, 'ଆଚ୍ଛା ବାହିରେ ହାତ ପା ମୁଖ ଧୁଏ ଏସ।' ଆମେ ତାଇ କଲୁ। ସେ କହିଲେ ମୁଁ ଏଠାରେ ତୁମ ପାଇଁ ତିନିଖଣ୍ଡ ଶାଢ଼ୀ ଥୋଇଯିବି। ତୁମେ ଦ୍ୱାର ବନ୍ଦ କରି ତୁମ ଲୁଗା ଏଖାନେ ଥୁଏଦିବେ, ତାର ପର ଆମାର ଶାଢ଼ୀ ପରିୟେ ଆମାକେ ଡାକ୍‌ବେ। ଆମି ତାଇ କଲୁ। ମା' ଆମମାନଙ୍କୁ ଗୋଟିଏ କୋଠରୀକୁ ଡ଼ାକିନେଲେ। ଚାରିଆଡୁ ଦ୍ୱାର ବନ୍ଦ କରିଦେଲେ। ସମସ୍ତ ପରିବା ପତ୍ର ଦେଖାଇ ଦେଲେ। ଜିରା ସୋରିଷ ଗୋଲମରିଚ ଅଦା ଆଦି ବାଟିବାକୁ ଦେଲେ। ବୁଝାଇ କହିଲେ ଦେଖ ଯେପରି ଅନ୍ୟ ଚିନ୍ତା କି ଭାବନା ଏ ଘରେ ଥାଇ ସେବା କରୁଥିବା ପର୍ଯ୍ୟନ୍ତ ନ କରି କେବଳ ଠାକୁରଙ୍କ ରୂପ ଚିନ୍ତା, ତାଙ୍କ ନାମ ସ୍ମରଣ ଜାଗ୍ରତ ହୋଇ ଦୃଢ଼ ଭାବେ କରୁଥିବ। ଶ୍ରୀଶ୍ରୀଠାକୁର ତ ସାରୁକୁ ଅତି ଭଲ ପାଆନ୍ତି, ତେଣୁ ବଡ଼ ସାନ ନକରି ଏହି ଭାବରେ ସାରୁର ମୋଟା ମୋଟା ଲଡ଼ା (ଦଣ୍ଡା)କୁ କାଟି ଏଇ ଯାଗାମାନଙ୍କରେ ରଖ। ମସଲା ଖୁବ୍ ଚିକ୍କଣ କରି ଏହିପରି ବାଟ। ଟିକିଏ କାଠୁଆ ରହିବ ଓ ଟିକିଏ ଅଳ୍ପ ପାଣିଆ ହେବ କହି ଚାଲି ଆସିଲେ। ଘର ଭିତରେ ଅଧ ଘରେ ପରିବା, ଆମେମାନେ ଭୟଭୀତ ହୋଇ ସେହି ମୁତାବକ କଲୁ। ମା' ଆସି ଦେଖିଲେ ଓ ବତାଇ ମଧ୍ୟ ଦେଲେ। ତା'ପରେ ଲୁଗାବଦଳାଇ ନିଜଲୁଗା ପିନ୍ଧିବାକୁ ନିର୍ଦ୍ଦେଶ ଦେଲେ। ସେତେବେଳକୁ ରାତି ଦୁଇଟା। ମା' କିନ୍ତୁ ଶୋଇ ନାହାଁନ୍ତି। ସକାଳ ହେଲାରୁ ମା ଖଡ଼ଖଡ଼ କରି ଉଠାଇଦେଲେ। ଆମେ ନିତ୍ୟକର୍ମ ସାରିଦେଲୁ। ଭୋଗରନ୍ଧନର ଅନେକ କିଛି ଶିକ୍ଷା ଇଚ୍ଛାମଣି ମା' ସେ ଦିନ ରାତିରେ ସରଯୁ ମା'ଙ୍କଠାରୁ ଗ୍ରହଣ କରିଥିଲେ। ସକାଳ ହେବାରୁ ଦୁର୍ଗାଚରଣ ଭାଇ ପ୍ରଭୃତି ଆସନ ସଜାଇ ପୂଜା ଆୟୋଜନ କରି ଭୋଗ ପ୍ରସ୍ତୁତ କଲେ। ଭୋଗ ମଧ୍ୟରେ 'ଭୀମ ନାଗର' ସନ୍ଦେଶ ଥିଲା। ଏହି ସନ୍ଦେଶ ଶ୍ରୀଶ୍ରୀଠାକୁର ଭଲ ପାଆନ୍ତି ବୋଲି ତାହା ମଗାଯାଇଥିଲା। ମା' ମାନେ ଘର ଭିତରେ ଓ ଭାଇମାନେ ବାରଣ୍ଡାରେ ବସିଥିଲେ। ୧୨ଟାରେ ପୂଜା ଶେଷ ହେଲା। ଶ୍ରୀଶ୍ରୀଠାକୁରଙ୍କୁ ଗୁଡ଼ାଖୁ ଦିଆଯାଇଥାଏ। ଏହାର ବାସନାରେ ଚତୁର୍ଦ୍ଦିଗ ଆମୋଦିତ ହେଉଥାଏ। ସରଯୁ ମା' କହିଲେ – ଏ ଗୁଡ଼ାଖୁ ମା'ମାନେ ହାତରେ ତିଆରି କରିଥାଆନ୍ତି ଖଜୁରୀ ଓ ଜାଫ୍ରାନ୍ କେଶର ସହ ଯଷ୍ଟି ମଧୁ ଆଦି ମିଶାଇ। ମା' ଠାକୁରଙ୍କୁ ଉପରକୁ ଯାଇ ଶ୍ରୀଶ୍ରୀଠାକୁରଙ୍କୁ ବିଶ୍ରାମ ଦେଇ ପାନ ଛେଚି ଦେଲେ ଓ ଗୁଡ଼ାଖୁ ଦେଲେ। ଏହାପରେ ଭୋଗଦର୍ଶନ କରି ଭକ୍ତମାନେ ଦୁଆର ପାଖରେ ପ୍ରଣାମ କଲେ। ଭୋଗର ଦୃଶ୍ୟ ଥିଲା – ବଡ଼ ରୂପା ଥାଳିରେ ଦେଉଳ ଚୂଳ ପ୍ରାୟ ଅନ୍ନ, ତା ଉପରେ ରୂପାଗିନାରେ ଗିନାଏ ଘିଅ। ଚାରି ପାଖରେ ରୂପାର ବାଟିରେ ତରକାରୀ ଆଦି। ଖୁବ୍ ବଡ଼ ରୂପା

ଗ୍ଲାସରେ ପାଣି, ମୁହଁରେ ତାଙ୍କୁଣି, ଖୁବ୍ ଗୋଟାଏ ବଡ଼ ପିଢ଼ା, ତା ଉପରେ ଧଳାକନାର ଆସନ। ଆଉ ସମସ୍ତ ଭୋଗ ହାଣ୍ଡିମାନ ଗୋଟିଏ କଡ଼ରେ। ଡାହାଣ ହାତ ପାଖକୁ ଗଡୁରେ ପାଣି ଓ ହାତ ଧୋଇବାକୁ କୁଣ୍ଡ ଓ ରୁମାଲ। ମା' ଭୋଗ ନିବେଦନ କରି ବାହାରେ ହାତ ଯୋଡି କେତେ ସମୟ ଠିଆ ହେବା ପରେ, କଣ ଇଙ୍ଗିତ ପାଆନ୍ତି, ପ୍ରଣାମ କରି ଦ୍ୱାର ଖୋଲନ୍ତି। ସେ ଭୋଗ ଘରର ବାସନାରେ ସେ ଖଣ୍ଡ ମଣ୍ଡଳ ବାସି ଉଠି ଉଦ୍ଭାସିତ କରି ଦେଉଥାଏ। ଏହାପରେ ଭାଇ ଓ ମା'ମାନେ ପ୍ରସାଦ ପାଇଲେ। ସରଯୁ ମା' ଅତି ଦ୍ରୁତ ଗତିରେ କାର୍ଯ୍ୟ କରୁଥାନ୍ତି। ସରଯୂ ମା'ଙ୍କର ରାନ୍ଧିବା ଯେପରି ବାଢ଼ିବା ମଧ୍ୟ ସେହିପରି। ସେଥର ମାଣିକ ପାଟଣା ଦହି ମୁଣ୍ଡା ମୁଣ୍ଡା ଶ୍ରୀଶ୍ରୀ ଠାକୁରଙ୍କୁ ଭୋଗ ଦିଆଯାଇଥାଏ।

## ଦ୍ୱିତୀୟ ପର୍ଯ୍ୟାୟ

ଇଚ୍ଛାମଣି ମା'ଙ୍କ ପ୍ରତ୍ୟକ୍ଷ ଦର୍ଶନର ଅନୁଭୂତିରୁ ଶ୍ରୀଶ୍ରୀଠାକୁରଙ୍କ ଭୋଗ ଓ ପ୍ରସାଦ ସଂପର୍କରେ କିଛି ସୂଚନା ଦିଆଗଲା। ଏହାର ମୂଳ ସୂତ୍ରଧର ଥିଲେ ସରଯୁ ମା'। ଶ୍ରୀଶ୍ରୀଠାକୁରଙ୍କ ଭୋଗ ପ୍ରସ୍ତୁତି କେବଳ ଜଣେ ସିଦ୍ଧ ମହାପୁରୁଷଙ୍କର ଭୋଗ ପ୍ରସ୍ତୁତି ସେବା ନ ଥିଲା। ଏହାଥିଲା ସ୍ୱୟଂ ଜଗଦ୍‌ଗୁରୁଙ୍କ ମାନୁଷୀତନୁ ସଦ୍‌ଗୁରୁଙ୍କ ଶ୍ରୀଚରଣରେ ଅନନ୍ୟ ସେବା। ଏହା ହିଁ ନିଗମ ଦର୍ଶନର ମୂଳତତ୍ତ୍ୱ। ଏହି ସେବାର ଧାରଣା ଦେଇଥିଲେ ସ୍ୱୟଂ ଜଗଜ୍ଜନନୀ ମା' ଯୋଗମାୟାଙ୍କ ଶରୀର ମଧ୍ୟରେ ୭ବର୍ଷ କାଳ ଆବିଷ୍ଟ ହୋଇ। ସମ୍ଭବତଃ ଏହିଠାରୁ ଆରମ୍ଭ ହୋଇଥିଲା ଶ୍ରୀଗୁରୁ ସେବାର ନିଆରା ପରମ୍ପରା। ଏଣୁ ଦ୍ୱିତୀୟ ପର୍ଯ୍ୟାୟରେ ଭୈରବୀ ମା' ବା ଯୋଗମାୟା ଦେବୀଙ୍କ ମାଧ୍ୟମରେ ସ୍ୱୟଂ ଜଗଜ୍ଜନନୀ ଏହି ସେବାର ପ୍ରାରମ୍ଭ କିପରି କଲେ, ଆଲୋଚନା କରିବା। 'ସଦ୍‌ଗୁରୁ ନିଗମାନନ୍ଦ ଦେବଙ୍କ ପଞ୍ଚ ସନ୍ନ୍ୟାସିନୀ ଶିଷ୍ୟା,' ଗ୍ରନ୍ଥରୁ ଏ ସଂପର୍କରେ ନିମ୍ନଲିଖିତ ତଥ୍ୟ ମାନ ପ୍ରଦାନ କରାଯାଉଛି।

ଯୋଗେଶ୍ୱର ଭାଇ କହିଛନ୍ତି – ଭୈରବୀ ମା'ଙ୍କ ଭିତରେ ସ୍ୱୟଂ ଜଗଦୀଶ୍ୱରୀ ଅନ୍ନପୂର୍ଣ୍ଣା ରୂପରେ ଆବିଷ୍ଟା ହୋଇଥିଲେ। ୧୩୧୫ ସାଲଠାରୁ ଶ୍ରୀଶ୍ରୀଠାକୁରଙ୍କ ନିକଟକୁ ଜଣଜଣ ହୋଇ ଯେଉଁମାନେ ଆସିଥିଲେ ସେମାନଙ୍କ ମଧ୍ୟରେ ବିଶିଷ୍ଟ ଭକ୍ତ ନୃପେନ୍ଦ୍ର ଚନ୍ଦ୍ର ରାୟ, ଡାକ୍ତର ରାଜଚନ୍ଦ୍ର ଧର, ଓକିଲ ଯୋଗେନ୍ଦ୍ରନାଥ ସରକାର ଓ ଯତୀନ୍ଦ୍ର ମୋହନ ବନ୍ଦୋପାଧ୍ୟାୟଙ୍କ ନାମ ଉଲ୍ଲେଖ ଯୋଗ୍ୟ। ଏମାନେ ସମସ୍ତେ ଥିଲେ ଶ୍ରୀଶ୍ରୀଠାକୁରଙ୍କ ପୂର୍ବ ଜନ୍ମର ଶିଷ୍ୟ ସନ୍ତତି ଅନ୍ତରଙ୍ଗ ପରିକର। ଏହି ଭକ୍ତ ଶିଷ୍ୟ ସମସ୍ତେ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀମୁଖରୁ ଶୁଣିଥିଲେ ଯେ ଭୈରବୀ ଯୋଗମାୟାଙ୍କ ଦେହକୁ ଆଶ୍ରୟ କରି 'କାଶୀ ପୁରାଧୀଶ୍ୱରୀ ଅନ୍ନପୂର୍ଣ୍ଣା' ଗୁରୁ ଶକ୍ତି ରୂପରେ ପ୍ରକଟିତ ହୋଇଛନ୍ତି। ମା'ଙ୍କ ଶ୍ରୀଶ୍ରୀଠାକୁର ସେବା ପ୍ରତ୍ୟକ୍ଷ କରି ସପରିବାରରେ ଏହି ଗୃହୀଶିଷ୍ୟମାନେ ଚିନ୍ତା କରୁଥିଲେ, ଏଭଳି ଅତନ୍ଦ୍ର ନିରଳସ ଭାବରେ ସେବା କରିବା କୌଣସି ମାନବୀ ପକ୍ଷରେ କେବେହେଲେ ସମ୍ଭବ ନୁହେଁ।' ଭୈରବୀ ମା' ଶ୍ରୀଶ୍ରୀଠାକୁରଙ୍କର ପ୍ରଥମ ସନ୍ନ୍ୟାସିନୀ ଶିଷ୍ୟା। ଏହି ପ୍ରୌଢ଼ା ହିଁ ଏକାଧାରରେ ଜନନୀ, ଭଗିନୀ ଓ ସେବିକା ତୁଲ୍ୟା। ଶ୍ରୀଶ୍ରୀଠାକୁରଙ୍କ ସର୍ବବିଧ ସେବା ଶୁଶ୍ରୂଷା ସଂପାଦନ କରୁଥିଲେ। ୧୩୧୪ ସାଲ (୧୯୦୭ ମସିହା)ରେ ଦୁର୍ଗାପୁର ଆଶ୍ରମକୁ ଯେଉଁ ଭକ୍ତ ଶିଷ୍ୟମାନେ ଆସୁଥିଲେ, ସେମାନଙ୍କ ମଧ୍ୟରୁ ଯୋଗେଶ୍ୱର ଭାଇ ଲେଖିଛନ୍ତି – "ପ୍ରାଥମିକ ଅବସ୍ଥାରେ ଆଶ୍ରମରେ ଅଧିକ ଲୋକ ସମାଗମ ନ ଥିଲା। ତେଣୁ ଉତ୍ସାବାଦି ଉପଲକ୍ଷରେ ଆଶ୍ରମର ଗୋଟିଏ ମାତ୍ର ରନ୍ଧନ ପାତ୍ର ଗୋଟିଏ ଦେଢ଼ସେରୀ ଟୋକଣା (ପିତଳରେ ତିଆରି ବିଶେଷ ପ୍ରକାର ହାଣ୍ଡି)ରେ ଖେଚେଡି ରାନ୍ଧି ମା'ଗୁରୁବ୍ରହ୍ମଙ୍କ ଆସନରେ ଭୋଗ ଦିଅନ୍ତି। ଦ୍ୱିତୀୟ ଥର ପାଇଁ ଆଉ ହାଣ୍ଡିଏ ଖେଚେଡି ରାନ୍ଧିବାର ପ୍ରୟୋଜନ ହୁଏ ନାହିଁ। ସେହି ଗୋଟିଏ ହାଣ୍ଡି ଖେଚେଡିରେ ପ୍ରସାଦାର୍ଥୀମାନଙ୍କର ପୂର୍ଣ୍ଣମାତ୍ରାରେ ଆହାର ସମ୍ପନ୍ନ ହୋଇଥାଏ। କିନ୍ତୁ ଦିନ ଯେତେ ଗଡ଼ିଚାଲିଲା, ଆଶ୍ରମର ଉତ୍ସବ ପର୍ବମାନଙ୍କରେ ଲୋକ ସମାଗମ ମଧ୍ୟ ସେତିକି ବୃଦ୍ଧି ପାଇବାକୁ ଲାଗିଲା। ପ୍ରଥମେ ପ୍ରଥମେ ଦଶ ବାର ଜଣ ଲୋକ ହେଉଥିଲେ। କ୍ରମେ ସେହି ସଂଖ୍ୟା ଚାଳିଶ ପଚାଶ ଅଥବା ତାହାଠାରୁ ଅଧିକ ହେବାକୁ ଲାଗିଲା, କିନ୍ତୁ ଏଥିପାଇଁ ଭୈରବୀମା'ଙ୍କୁ ଦ୍ୱିତୀୟ ଥର ଖେଚେଡି ରାନ୍ଧିବାର ମୁଁ କେବେ ଦେଖିନାହିଁ। ପୂର୍ବର ସେହି ଦେଢ଼ସେରୀ ପାତ୍ରର ଖେଚେଡ଼ିରେ ହିଁ ପ୍ରସାଦ ବିତରଣ ସୁସମ୍ପନ୍ନ ହେଉଥିଲା।"

"ଶ୍ରୀଶ୍ରୀଠାକୁର ମଠର ଆଚାର, ନୀତି ଓ ନିୟମାବଳୀ ଗଠନ କରିଦେଲେ। ତାହାକୁ ବାସ୍ତବ ରୂପ ପ୍ରଦାନ କରିବାର ଦାୟିତ୍ୱ ପ୍ରଧାନତଃ ଯୋଗମାୟାଙ୍କ ଉପରେ ନ୍ୟସ୍ତ ରହିଲା ଏବଂ ସେବିକା ସଂଘ ତାଙ୍କରି ନିକଟରୁ ଠାକୁରଙ୍କ ସେବା ଓ ଜୀବସେବାର ଶିକ୍ଷା ଗ୍ରହଣ କଲେ। ପରବର୍ତ୍ତୀକାଳରେ ଯେଉଁମାନେ ଠାକୁରଙ୍କ ଭ୍ରମଣ ସମୟରେ ସେବକ ରୂପେ ନିର୍ଦ୍ଦିଷ୍ଟ ହେଉଥିଲେ ତାଙ୍କୁ ଭୈରବୀ ମା'ଙ୍କ ନିକଟରୁ ସେବା ପଦ୍ଧତି ଶିକ୍ଷା କରିବାକୁ ହେଉଥିଲା।" (୬୩ପୃ) ଶ୍ରୀଶ୍ରୀଠାକୁରଙ୍କ ଭୋଗ ବିଷୟରେ ଲେଖାଅଛି ଯେ

"ରାତ୍ରିରେ ଶ୍ରୀଶ୍ରୀଠାକୁରଙ୍କ ଭୋଗ ଶେଷ ହେବାକୁ ଏଗାରଟା ବାଜିଯାଏ। ତତ୍ପରେ ଠାକୁରଙ୍କୁ ପାନ ତମାଖୁ ଦେଇ ମା' ତାଙ୍କର ଦେହ ହସ୍ତପଦ ସମ୍ବାହନ କରିଦେଇ ଶୁଆଇ ଦିଅନ୍ତି। ଶ୍ରୀଶ୍ରୀଠାକୁର ନିଦ୍ରା ଯିବା ପରେ ମା' ପ୍ରସାଦ ସେବନ କରି ସାରି, ରନ୍ଧନ ଶାଳା ପ୍ରଭୃତି ଯଥାରୀତି ଲିପାପୋଛା କାର୍ଯ୍ୟ ମା'ମାନଙ୍କ ଦ୍ୱାରା ହୋଇଛି କି ନାହିଁ ତାହା ତଦାରଖ କରି, ସେବିକାମାନଙ୍କୁ ହାଣ୍ଡି, କଡ଼ା ପ୍ରଭୃତି ବାହାର କରିଦେବାକୁ ଆଦେଶ ଦେଉଥିଲେ। ପ୍ରତିଦିନ ନିଜେ ଘଷିମାଜି ଠାକୁରଙ୍କ ଜଗ୍, କରଙ୍ଗା, ପିକଦାନୀ, ଘଟି ଓ ଡ଼ାଲ ସୁନାଭଳି ଚକ୍‌ଚକ୍ କରି ରଖନ୍ତି। ଶ୍ରୀଶ୍ରୀଠାକୁରଙ୍କ ନିଦ୍ରାଭଙ୍ଗ ପରେ ନିଜ ହସ୍ତରେ ତମାଖୁ ସଜାଇ ଜଳନ୍ତା ଟିକିଆ ସହିତ କଳିକାକୁ ହୁକ୍‌କାରେ ବସାଇ ଠାକୁରଙ୍କ ହସ୍ତରେ ହୁକ୍‌କାନଳ ଧରାଇ ଦେଇ ଭୈରବୀ ମା' ଠାକୁରଙ୍କ ପାଇଁ ପାଇଖାନାରେ ଜଳ ଓ ଗାମୁଛା ରଖିଦେଇ ଆସନ୍ତି। ତତ୍ପରେ ପନିକି ଧରି ସକାଳ ଭୋଗ ପାଇଁ ଫଳ କାଟିବା, ମିଷ୍ଟାନ୍ନ ପ୍ରସ୍ତୁତ କରିବା ଓ ଚୁଡ଼ା ମୁଢ଼ିର ଉପକରଣ ସଜାଇବାରେ ଲାଗି ଯାଆନ୍ତି। ଶ୍ରୀଶ୍ରୀଠାକୁର ଶୌଚକୃତ୍ୟ ସମାପନ କରି ଫେରି ଆସି ଶ୍ରୀଶ୍ରୀଠାକୁର ମୁଖ ଧୌତ କରିବା ପରେ ମା' ତାଙ୍କର ଆଣ୍ଠୁ ପର୍ଯ୍ୟନ୍ତ ଧୋଇ ଦେଇ ଖୁବ୍ ଯତ୍ନ ସହକାରେ ଗାମୁଛାରେ ପୋଛି ଆଣନ୍ତି। ତତ୍ପରେ ଠାକୁରଙ୍କ ସମୀପରେ ଉପବେଶନ ପୂର୍ବକ ତାଙ୍କୁ ବିଭିନ୍ନ ଭୋଗ ସାମଗ୍ରୀ ଭୁଞ୍ଜାଇବାରେ ଲାଗି ପଡ଼ନ୍ତି। ଜଗତ୍‌ହିତ ବ୍ରତ ପାଳନରେ ସଦା କର୍ମ ବ୍ୟସ୍ତ ଗୁରୁ ମହାରାଜାଙ୍କୁ ଯେ ଏକ ଦୁଗ୍ଧ ପୋଷ୍ୟ ଶିଶୁଭଳି ବଳ ପ୍ରୟୋଗ କରି ଖୁଆଇବାକୁ ହେବ, ତାହା ଭୈରବୀ ମା'ଙ୍କୁ ଅଜ୍ଞାତ ନଥିଲା।"

ସମୟେ ସମୟେ ଘଟଣା ଏପରି ଘଟେ ଯେ ମା' ଭଣ୍ଡାର ଘରକୁ ଭୋଗ ଆଣିବାକୁ ଯାଇଥିବା ମୁହୂର୍ତ୍ତରେ ଯଦି ଶ୍ରୀଶ୍ରୀଠାକୁରଙ୍କର ଆର୍ଯ୍ୟ ଦର୍ପଣର କୌଣସି ଏକ ଅସମ୍ପୂର୍ଣ୍ଣ ଲେଖା ସଂପର୍କରେ ମନେ ପଡ଼ିଯାଏ, ତେବେ ତତ୍‌କ୍ଷଣାତ୍ ସେ ଭୋଜନ ବିଷୟ ପାଶୋରି ଯାଇ ଶୟନ କକ୍ଷରେ ପ୍ରବେଶ କରି ନିଜ କର୍ମରେ ଲାଗି ପଡ଼ନ୍ତି। ଯୋଗମାୟା ଫେରି ଆସି ଏ ଘଟଣା ଦେଖି ଶୟନ ଗୃହରେ ପ୍ରବେଶ ପୂର୍ବକ କହନ୍ତି – ଏ କ'ଣ ? ଜଳଯୋଗ ଶେଷ ନ କରି ଚାଲି ଆସିଲ ? ତାହା ହେବ ନାହିଁ। ଆଗେ ଖାଇ ନିଅ। ମୋତେ ସମୟ ନାହିଁ, କହି ଶ୍ରୀଶ୍ରୀଠାକୁର ଗଭୀର ମନୋଯୋଗ ସହକାରେ ଟେବୁଲ ଉପରେ ନଇଁ ପଡ଼ି କଲମ ଚଳାଇବାରେ ଲାଗି ଯାଆନ୍ତି। ବଡ଼ ମା'ତ ଛାଡ଼ିବାରପାତ୍ରୀ ନୁହଁନ୍ତି। ସେ କହନ୍ତି – "ଠିକ୍ ଅଛି। ତାହା ହେଲେ ମୁଁ ଖୁଆଇ ଦିଏ, ଆଁ କର, ଏ ଆଡ଼କୁ ଟିକିଏ ବୁଲି ବସ", ଶ୍ରୀଶ୍ରୀଠାକୁର ମହାରାଜ ଜାଣିଥିଲେ ଯୋଗମାୟା'ଙ୍କ ହାତରୁ ପରିତ୍ରାଣ ନାହିଁ, ବାଧ୍ୟ ଶିଶୁଟି ପରି ଆଁ କରି ଆହାର୍ଯ୍ୟ ଗ୍ରହଣ କରି ପୁଣି କାର୍ଯ୍ୟରେ ଲାଗି ଯାଆନ୍ତି। କ'ଣ ଯେ ଖାଉଛନ୍ତି ତାଙ୍କର ଖିଆଲ ନଥାଏ। ମା' ପଚାରନ୍ତି – "ଶ୍ରୀଶ୍ରୀଠାକୁର ! ମୁଢ଼ି ଭଲ ଲାଗୁଛି ? କାଲି ସନ୍ଦେଶ କରିଥିଲି – ମିଠା ଠିକ୍ ହୋଇଛି ତ ? ଠାକୁରଙ୍କ ଠାରୁ କେବଳ ଛୋଟ 'ହୁଁ'ଟିଏ ଶୁଣି ବଡ଼ ମା' ବୁଝି ପାରନ୍ତି, ଠାକୁରଙ୍କ କାନକୁ ଏକଥା କିଛି ଯାଉନାହିଁ। ରାଗି କରି ଆପଣାମନକୁ କହନ୍ତି, "ଯାହା ହେଉ, ଭାରି ଭଲ ଲୋକ। ଯଦି ବିଷ ଖୁଆଇ ଦିଏ ତ ତାହା ବି ଆଖି ବୁଜି ଖାଇଯିବେ। ଥାଉ, ମୁଁ ପ୍ରସାଦ ପାଇଲେ କ'ଣ ଦୋଷ ତ୍ରୁଟି ଅଛି ବଳେ ଜାଣିବି ଯେ !"

ଶ୍ରୀଶ୍ରୀଠାକୁରଙ୍କର ଏପରି ଅନ୍ୟମନସ୍କତା ସାଙ୍ଗରେ ତାଙ୍କର ଭୋଗ ଗ୍ରହଣର ଏକ ବିଚିତ୍ର ସଂପର୍କ ରହିଛି। ସମନସ୍କ ଥିବା ସମୟରେ ଶ୍ରୀଶ୍ରୀଠାକୁର କେବେ ହେଲେ ଗୁରୁପାକ ଖାଦ୍ୟ ଅଧିକ ଗ୍ରହଣ କରୁ ନଥିଲେ। ତେବେ ମା' ପ୍ରତ୍ୟେହ ସକାଳେ ଛୋଟ ଗିନାରେ ଗିନାଏ ଘିଅ ଠାକୁରଙ୍କୁ ଖୁଆଇ ଦିଅନ୍ତି। ସାଧାରଣ ଅନ୍ନବ୍ୟଞ୍ଜନକୁ ମଧ୍ୟ ଥରେ ଦୁଇଥରରୁ ଅଧିକ ଖାଆନ୍ତି ନାହିଁ। ମା' କହନ୍ତି ଶ୍ରୀଶ୍ରୀଠାକୁର ଯେତେବେଳେ ଉମାଚରଣ ସରକାରଙ୍କ ବେନିଆରଚର ଘରକୁ ପ୍ରଥମେ ଆସିଥିଲେ, ସେତେବେଳେ ଖାଇବସି ସର୍ବଦା ଅନ୍ୟମନସ୍କ ହୋଇଯାଉଥିଲେ ଓ କୌଣସି ପଦାର୍ଥ ଥରକରୁ ଅଧିକ ନିଅନ୍ତି ନାହିଁ। ତିନି ଚାରି ଗ୍ରାସ ଅନ୍ନରେ ଦୁଇ ତିନି ପ୍ରକାର ତରକାରୀ ଗୋଳାଇ ଖାଇ ଦେଇ ଉଠି ଯାଆନ୍ତି। ଏଣୁ ମା' ପ୍ରତ୍ୟେହ ୫ ପ୍ରକାର ରାନ୍ଧିଲେ। ପାୟସ ଓ ମିଠା ମଧ୍ୟ ତିଆରି କଲେ। ଏହାଦ୍ୱାରା ଖାଇବା ଟିକିଏ ବେଶୀ ହେଲା। ଏହାପରେ ମା' ଦଶ ପ୍ରକାର ବ୍ୟଞ୍ଜନ କରିବାକୁ ଲାଗିଲେ। ସମସ୍ତ ବ୍ୟଞ୍ଜନକୁ ଥରେ ଦୁଇଥର ଖାଇବା ଫଳରେ ଦଶ ପନ୍ଦର ଗ୍ରାସ ଖାଇବା ହେଲା। ସେହିପରି ଶ୍ରୀଶ୍ରୀଠାକୁର ଢ଼ୋକେ ଦୁଧ ଗ୍ରହଣ କରିବା ଦେଖି ଅଧସେର କ୍ଷୀର ଘନ କରି ପାଏ କରି ମା' ତାଙ୍କୁ ପିଆନ୍ତି। ଏହି ସୁଯୋଗରେ ଯୋଗମାୟା ଦେବୀ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଶ୍ରୀବିଗ୍ରହକୁ ପ୍ରଥମେ ମାଂସଳ ଓ ପରେ ଅତ୍ୟନ୍ତ ସ୍ଥୁଳକାୟ କରି ଦେଇଥିଲେ। ଶ୍ରୀଶ୍ରୀଠାକୁରଙ୍କର ଭୋଗ ପରିପାଟୀ ମଧ୍ୟରେ ଗୁଡ଼ାଖୁ ନିବେଦନର ଏକ ବିଶେଷ ଭୂମିକା ଥିଲା। ଜଳଯୋଗ କରାଇବା ପରେ ଠାକୁରଙ୍କ ହାତରେ ତମାଖୁ-ନଳ ଧରାଇ ଦେଇ ସେ ରନ୍ଧନଶାଳାକୁ ଯାଆନ୍ତି। ରନ୍ଧନଗୃହ ଲିପାପୋଛା, ବାସନମଜା, ପରିବା କଟା ଓ ରନ୍ଧନ ଆୟୋଜନ ପ୍ରଭୃତି କାର୍ଯ୍ୟ ମଠକୁ ଆସିବା ପୂର୍ବରୁ ନିଜେ ଏକାକୀ କରୁଥିଲେ। ତାଙ୍କୁ ଶାନ୍ତି ମା' କିଛି ସାହାଯ୍ୟ କରୁଥିଲେ। କିନ୍ତୁ ମଠରେ ସୁଶୀଳା ମା', ଶୈଳ ମା' ଓ ଶାନ୍ତି ମା' ସମସ୍ତେ ଏସବୁ କର୍ମରେ ସାହାଯ୍ୟ କରନ୍ତି। ନିଜେ ମା' ପରିବା କଟାକଟି କରି ଦେଇ ଓ ଅନ୍ୟାନ୍ୟ ରନ୍ଧନ ସେବା ପାଇଁ ବରାଦ କରିଦେଇ ଗୁଡ଼ାଖୁର

କଳିକା ବଦଳାଇ ଦେଇ ଠାକୁରଙ୍କ ହାତରେ ତମାଖୁ ନଳ ଧରାଇ ଦିଅନ୍ତି। ତାପରେ ଯୋଡ଼ାଚୂଲୀରେ ରନ୍ଧନ ସେବା ଆରମ୍ଭ ହୁଏ। ଏହା ମଧ୍ୟରେ ପୁନର୍ବାର ଯାଇ ତମାଖୁ ଦରକାର କି ନା ଦେଖି ଆସନ୍ତି। ଶ୍ରୀଶ୍ରୀଠାକୁରଙ୍କ ସ୍ନାନ ପରେ ମସ୍ତକରେ ୭ଟି ଜଟା ପକାଇ ଦେଇ ତାଙ୍କୁ ପ୍ରଣାମ କରି ନିଜ ହାତରେ ଭୋଗ ନିବେଦନ ପ୍ରସ୍ତୁତି ଆରମ୍ଭ କରନ୍ତି ଭୋଗ ବେଦୀ ସଜାଇ, ବେଦୀ ଉପରେ କୋମଳ ଆସନ ପାତି, ଜଗ ଓ କରଙ୍ଗାରେ ଜଳପୂର୍ଣ୍ଣ କରି, ହାତପୋଛା ରୁମାଲ ଓ ପିକଦାନୀ ସଜାଇ ଭୋଗ ସଜାଡ଼ିବା ଆରମ୍ଭ କରନ୍ତି। ତାଙ୍କ ଆଦେଶାନୁସାରେ ମା'ମାନେ ରନ୍ଧନଶାଳାରୁ ସମସ୍ତ ଅନ୍ନବ୍ୟଞ୍ଜନ ଭୋଗ ଘରକୁ ନେଇ ଆସି ଢ଼ାଙ୍କୁଣୀ ଦେଇ ରଖନ୍ତି। ମା ଜଳପୂର୍ଣ୍ଣ ତାଟିଆ ଓ ଖଣ୍ଡେ ସଫା କନା ଧରି ଏକ ବିରାଟ ରୂପାଥାଳିରେ ଉଚ୍ଚ କରି ନୈବେଦ୍ୟ ଭଳି ଅନ୍ନ ସଜାଇ ଦିଅନ୍ତି। ବାରମ୍ବାର ସଫା କନାରେ ଥାଳି ପୋଛା ଚାଲିଥାଏ। ଯେପରି ଭାତ ପଡ଼ି ସେଥିରେ ଦାଗ ନ ହୁଏ। ପୁନର୍ବାର ସର୍ବଶେଷରେ ଆଉ ଥରେ ଧରିଥିବା କନାରେ ଥାଳି ପୋଛି ଦେଇ ଚକ୍ ଚକ୍ କରି ଲୁଣ ଦାନୀରେ ଲେମ୍ବୁଖଣ୍ଡ ଓ ଲୁଣ ଦେଇ ମା' ଥାଳି ଚାରିପଟେ ତାଟିଆ ଗୁଡ଼ିକରେ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ବାଢ଼ି ଦେଇ ନିଜେ ଯାଇ ଠାକୁରଙ୍କୁ ପାଛୋଟି ଆଣି ଭୋଗାସନରେ ବସାଇ ଯତ୍‌ପରୋନାସ୍ତି ଅଧିକ ଭୁଞ୍ଜାଇବାର ଚେଷ୍ଟା କରନ୍ତି। 'ଏଇଟା ଖାଅ, ସେଇଟା ଖାଅ' ବୋଲି ଦୁଇତିନିଥର କହିବା ପରେ ମଧ୍ୟ ଶ୍ରୀଶ୍ରୀଠାକୁର ବେଶୀ ଗ୍ରହଣ କରୁ ନାହାଁନ୍ତି ଦେଖି ନିଜେ ଛୋଟ ହତାରେ ଡାଲି ତରକାରୀ ଆଣି ପାତ୍ରରେ ମନଇଚ୍ଛା ଢ଼ାଳି ଦିଅନ୍ତି। ଅଳ୍ପ ଖାଇଲେ ମା'ଙ୍କର ଅତ୍ୟନ୍ତ ଦୁଃଖ ହୁଏ ଦେଖି, ଠାକୁରଙ୍କୁ ଇଚ୍ଛା ବିରୁଦ୍ଧରେ ମଧ୍ୟ ଟିକିଏ ଅଧିକ ଭୋଗ ଗ୍ରହଣ କରିବାକୁ ହୁଏ।

ଏଠାରେ ଭୋଗ ରନ୍ଧନ ତଥା ନିବେଦନ ସେବାର ଆଉ କିଛି ବିଶେଷ ଉପଚାର ଆଲୋଚନା କରିବା। ନାରାୟଣୀ ମା'ଙ୍କ ଲେଖାରେ ପ୍ରକାଶିତ ହୋଇଛି – "ଆହା କି ନିଷ୍ଠାପର ସ୍ନେହ। କେଡ଼େ ଶୁଚିଶୁଦ୍ଧ ଶ୍ରୀଶ୍ରୀଠାକୁର ସେବା। ମୁଁ ମା'ଙ୍କଠାରୁ ଶୁଣିଛି ନିଷ୍ଠାବାନ ପୂଜକ ଯେଭଳି ଭାବରେ ସଦାଚାର ସଂପନ୍ନ ହୋଇ ଶ୍ରଦ୍ଧା ସହକାରେ ଦେବତାଙ୍କ ପୂଜା କରନ୍ତି, ଠିକ୍ ସେହି ଭାବରେ ହିଁ ମଠର ମା' ଠାକୁରଙ୍କ ସେବା କରୁଥିଲେ। ତାଙ୍କର ପାନ ଖାଇବା ଅଭ୍ୟାସ ଥିଲା। କିନ୍ତୁ ଯେତେଥର ସେ ପାନ ଖାଆନ୍ତି, ସେତେଥର ସେ ଢ଼ାଳରେ ପାଣି ନେଇ ମୁହଁ ହାତ ପରିଷ୍କାର ଭାବେ ଧୋଇ ଠାକୁରଙ୍କ ଜିନିଷରେ ହାତ ଦିଅନ୍ତି। ପୁଣି ଉଚ୍ଛିଷ୍ଟ ବିଚାର ଏତେ ଅଧିକ ଥିଲା ଯେ ପାନ ଡେଙ୍ଗିରେ ଚୂନ ଦେଇ ତାହାକୁ ଦାନ୍ତରେ ଛିଣ୍ଡାଇ ଦେଇ ତତ୍‌କ୍ଷଣାତ୍ ହାତ ଧୋଇବାରେ ତାଙ୍କର କେବେ ତ୍ରୁଟି ହୁଏ ନାହିଁ। ଧାଁ ଧପଡ଼ କରି କାର୍ଯ୍ୟ କଲାବେଳେ ଯଦି କୌଣସି ପ୍ରକାରେ ଠାକୁରଙ୍କ ପରିବା ବା ଫଳ କଟା ପନିକିରେ ଗୋଡ଼ ବାଜିଗଲା ତ ତେବେ ସଙ୍ଗେ ସଙ୍ଗେ ତାହାକୁ ଧୋଇ ପକାଉଥିଲେ। ଯଦି ଦୈବାତ୍ ପରିବା ବୋଝ ବା ଫଳ ଡାଲାରେ ପାଦ ଲାଗିଗଲା ତେବେ ସେ ସମସ୍ତ ଫିଙ୍ଗି ଦିଆଯାଉଥିଲେ। ଗଛ କୌଣସି ଫଳରେ ଟିକିଏ ପକ୍ଷୀ ଥଣ୍ଟ ଚିହ୍ନ ଦେଖିଲେ ତାହା ମଧ୍ୟ ଫିଙ୍ଗି ଦିଅନ୍ତି। ସର କାଢ଼ି ମା' ନିଜେ ଘିଅ ଫୁଟାନ୍ତି, ଛେନା କାଟି ସ୍ୱହସ୍ତରେ ମିଷ୍ଟାନ୍ନ ପ୍ରସ୍ତୁତ କରନ୍ତି। ମୁଖ ଲଗାଇବା ଦୂରେ ଥାଉ, ବିରାଡ଼ି ଯଦି କୌଣସି ଜିନିଷକୁ ଶୁଙ୍ଘି ଦିଏ, ତେବେ ତାହାକୁ ତତ୍‌କ୍ଷଣାତ୍ ବାଳିକା ସଂଘର ବାଳିକାମାନଙ୍କୁ ବା ଛୋଟ ପିଲାଙ୍କୁ ବାଣ୍ଟି ଦିଅନ୍ତି। ତାହା ଆଉ ଠାକୁରଙ୍କ ଭୋଗରେ ଲାଗେ ନାହିଁ। ଶ୍ରୀ ଶ୍ରୀ ଠାକୁରଙ୍କୁ ତ ବଡ଼ ମା' ମନୁଷ୍ୟ ଦୃଷ୍ଟିରେ ଦେଖନ୍ତି ନାହିଁ। ଶ୍ରୀଶ୍ରୀଠାକୁର ତ ମନ୍ଦିରର ଠାକୁର। ତଦ୍ରୂପ ଶୁଦ୍ଧାଚାରରେ ସେବା ଆବଶ୍ୟକ।" ବଡ଼ ମା'ଙ୍କଠାରୁ ଶିକ୍ଷା ଲାଭ କରି ପରବର୍ତ୍ତୀ ପର୍ଯ୍ୟାୟରେ ଭୁବନ, ହରିଦାସ, ନୀଳମଣି, ଜିତେନ୍ଦ୍ର ଭାଇ ପ୍ରଭୃତି ଏବଂ ମୋ ମା' (ସୁରବାଳା ମା') ଓ ପ୍ରାଚୀନ ସନ୍ନ୍ୟାସୀ – ସମସ୍ତେ ଠାକୁରଙ୍କ ସେବାରେ ଅତି ସଦାଚାରୀ ଓ ବିଚାରଶୀଳ ହୋଇପାରିଥିଲେ।

ବଡ଼ ମା'ଙ୍କ ଭୋଗ ପ୍ରସ୍ତୁତି ସେବାର ଆଉ କେତୋଟି ଦର୍ଶନୀୟ ଓ ଶିକ୍ଷଣୀୟ ଦିଗ ଆଲୋଚନା କରିବା। ଠାକୁରଙ୍କ ପାଇଁ କମଳା ଲେମ୍ବୁ ସଜାଇଲାବେଳେ, ସେ କମଳାର ପ୍ରତ୍ୟେକ କୋଷାରେ ଟିକିଏ ହେଲେ ସୂତା ରଖନ୍ତି ନାହିଁ। କୋଷାଗୁଡ଼ିକୁ ଦୁଇ ଫାଳ କରି କାଟି ଭିତରର ମଞ୍ଜି ବାହାର କରି ଦେଇଥାଆନ୍ତି। ଖଜୁରୀକୁ ମଧ୍ୟ ଏହିଭଳି କାଟି ମଞ୍ଜି ବାହାର କରି ଭୋଗ ପ୍ରସ୍ତୁତ କରନ୍ତି। ବଡ଼ ମା' (ଯୋଗମାୟା ଦେବୀ)ଙ୍କ ଭୋଗ ରନ୍ଧନ ସେବାର ସର୍ବାପେକ୍ଷା ଦର୍ଶନୀୟ ଦିଗ ହେଲା ଠାକୁରଙ୍କ ପାଇଁ ରୁଟି ତିଆରି। ନାରାୟଣୀ ମା' ଲେଖିଛନ୍ତି – "ଆଉ ଠାକୁରଙ୍କ ଭୋଗ-ରୁଟି ! ସର୍ବନାଶ, ମୁଁ କେବେ ହେଲେ ସେଭଳି ଭାବରେ କାହାରି ପାଇଁ ରୁଟି କରିପାରିବି ନାହିଁ ବୋଲି ଠାକୁରଙ୍କୁ ପୂର୍ବରୁ ରଖିଥାଏ। ଠାକୁରଙ୍କ ବଡ଼ଥାଳି ଆକୃତିର ରୁଟି ହୁଏ ଏବଂ ତାହା କାଗଜ ପରି ପତଳା। ସେହି ରୁଟି ଖଣ୍ଡିଏ ଲେଖାଏଁ ତାୱାରେ ଭାଜି ଏମିତି ଭାବରେ ନିଆଁରେ ସେକିବାକୁ ପଡ଼େ ଯେ ଯେପରି ତାହା ପୋଡ଼ି ନ ଯାଏ ବା ସେଥିରେ କୌଣସି ଦାଗ ନହୁଏ। ଏଭଳି ପତଳା ରୁଟି ନିଆଁରେ ସେକି ଦେଲେ ତାହା ତ ନିଶ୍ଚୟ ଭଜା ପାପଡ଼ ପରି ରଡ଼ମଡ଼ ହୋଇଯିବ। ସୁତରାଂ ଗରମ ତାୱାରେ ଜଳ ଢାଳି ପତଳା ଧଳା କନା ସେହି ଜଳରେ ଭିଜାଇ ପ୍ରତି ରୁଟିକୁ ଭଲ ରୂପେ ସାବଧାନତା ସହକାରେ ଦୁଇ ତିନିଥର କରି

ପୋଛିବାକୁ ପଡ଼େ । ରୁଟି ଯେପରି ଭାଙ୍ଗି ନଯାଏ, ଏଥିପ୍ରତି ଧ୍ୟାନ ରଖି ପୋଛିବାକୁ ପଡୁଥିଲା । ଫଳରେ ରୁଟି ଗୁଡ଼ିକ ସାଧାରଣ ରୁଟି ଭଳି ନରମ ହୋଇଯାଏ । ପ୍ରତ୍ୟେକ ରୁଟିକୁ ଥାଳିରେ ମେଲାଇ ରଖି ତା'ର ଜଳ ଶୁଖି ଯାଇ ସ୍ୱାଭାବିକ ଅବସ୍ଥା ଆସିଲେ ଚାମଚରେ ଗରମ ଗୁଆଘିଅ ନେଇ ଧୀରେ ଧୀରେ ରୁଟିର ଦୁଇ ପଟରେ ଭଲ ରୂପେ ବୋଳି ଦୁଇ ଭାଙ୍ଗି କରି ଅର୍ଦ୍ଧଚନ୍ଦ୍ରାକାରରେ ଥାଳିରେ ସଜାଇ ଦେବା ଏହାହିଁ ହେଲା ରୁଟି ଭୋଗ । ପଚାଶ ଷାଠିଏ ବର୍ଷ ପୂର୍ବେ ଦୋକାନ ବଜାର କିଛି ତ ନଥିଲା ଅଥଚ ସବୁ ଗୃହସ୍ଥଙ୍କ ଗୃହରେ ଧାନ ଚାଉଳ ଥିଲା । ତେଣୁ ଚୁଡ଼ାକୁଟା, ଧାନକୁଟା, ମୁଢ଼ିଭଜା, ଖଇଭଜା, ଚୁଡ଼ାଭଜା ଇତ୍ୟାଦି ପ୍ରତ୍ୟେକ ସ୍ତ୍ରୀ ଲୋକ ଶିଖିଥିଲେ । ସାଧାରଣ ଦରକାର ବେଳେ ଦୋକାନରୁ ଚୁଡ଼ା, ମୁଢ଼ି ବା ମିଠାଇ ମଣ୍ଡା ପ୍ରଭୃତି କିଣାଗଲେ ମଧ୍ୟ କେବେ ହେଲେ ଗୁରୁ, ପୁରୋହିତ କିମ୍ବା ଦେବତାଙ୍କ ସେବାରେ ଦୋକାନ ତିଆରି ଜିନିଷ ଦିଆଯାଉ ନଥିଲା । ସମସ୍ତେ ଜାଣନ୍ତି, ସେ ସବୁ ଜିନିଷ ଦୋକାନରେ ଶୁଦ୍ଧ ଆଚାରରେ ପ୍ରସ୍ତୁତ କରା ହୋଇନଥାଏ । ସୁତରାଂ ମଠର ବଡ଼ ମା' ଯେ ଏହା ସବୁ ଜାଣିଥିଲେ ଓ ଠାକୁରଙ୍କ ପାଇଁ ସବୁ ନିଜେ ହାତରେ ତିଆରି କରୁଥିଲେ ଏଥିରେ ଆଶ୍ଚର୍ଯ୍ୟର କଥା କିଛି ନାହିଁ । କିନ୍ତୁ ସେଭଳି ରୁଟି ତିଆରି ଖୁବ୍ କମ୍ ସ୍ତ୍ରୀଲୋକ ଜାଣିଥିଲେ । ମୋଟ କଥା ମୋ ମା' ସୁରବାଳା ଦେବୀ କହନ୍ତି, "ମୁଁ ମା'ଙ୍କର ଯେପରି ସେବା ପରିଚର୍ଯ୍ୟା ଦେଖିଛି, ଏ ଜୀବନରେ ଆଉ କାହାକୁ ଏଭଳି ନିପୁଣ ଭାବରେ ଠାକୁରଙ୍କ ସେବା କରିବାର ଦେଖିନାହିଁ । ମା'ଙ୍କଠାରେ ଆଳସ୍ୟ ବୋଲି କିଛି ନଥିଲା । ଆହାର ନିଦ୍ରାର ନିୟମ ନଥିଲା ।"

ମଠକୁ ବାହାର ଲୋକ ଖୁବ୍ କମ୍ ଆସନ୍ତି । ଅନ୍ତରଙ୍ଗ ସେବକସେବିକାମାନଙ୍କ ନିକଟରେ ଶ୍ରୀଶ୍ରୀଠାକୁର ନିଜ ମୁଖରେ ପ୍ରକାଶ କରିଥିଲେ ଯେ, ଯୋଗମାୟାଙ୍କ ବିଗ୍ରହରେ ସ୍ୱୟଂ ମହାଦେବୀ ଆବିଷ୍ଟା ହୋଇ ତାଙ୍କର ସେବା ସମ୍ପନ୍ନ କରୁଛନ୍ତି । ସୁତରାଂ ତତ୍କାଳୀନ ଆସାମ ମଠରେ ରାଜରାଜେଶ୍ୱରୀଙ୍କ ମହିମାରେ ମା' ବିରାଜିତା ଥିଲେ । ଏଇ ହେଲା ଯୋଗମାୟା ଦେବୀଙ୍କ ଭଗବତ୍ ଜ୍ଞାନରେ ଗୁରୁସେବାର ବିବରଣୀ । *(ପୃ୭୦-୭୨)*

ମଠରେ ବଡ଼ମା'ଙ୍କ ଭୋଗ ରନ୍ଧନ ସେବା ଥିଲା ଅସାଧାରଣ । ଶ୍ରୀଗୁରୁଦେବଙ୍କ ଭୋଗ ରନ୍ଧନ ସେବାର ତାତ୍ପର୍ଯ୍ୟ ଓ ମାହାତ୍ମ୍ୟ ସେ ନିଜ ହାତରେ ଅନୁସରଣ କରି ସେବକମାନଙ୍କୁ ଶିଖାଇ ଦେଇ ଯାଇଛନ୍ତି । କଥାମୃତରେ ନନ୍ଦୋତ୍ସବର 'ତାଳବରା' ଭୋଗ ସଂପର୍କରେ ଉଲ୍ଲେଖ ଅଛି । ନନ୍ଦୋତ୍ସବ ଦିନ ସେବିକାମାନଙ୍କୁ ଧରି ଭୈରବୀ ମା' ରନ୍ଧନଶାଳାରେ ତାଳବରା ପ୍ରସ୍ତୁତ କରୁଥାନ୍ତି । ଶ୍ରୀଶ୍ରୀଠାକୁର ସେବକମାନଙ୍କୁ ନେଇ ପୂର୍ବ ପାର୍ଶ୍ୱରେ ଥିବା ପୁଷ୍କରିଣୀରେ ସ୍ନାନରତ । ତାଳବରା ଗନ୍ଧରେ ମଠ ପ୍ରାଙ୍ଗଣ ପୁରି ଉଠିଥାଏ । କେହି ଜଣେ ସେବକ ଏ ପ୍ରସଙ୍ଗ ଉଠାଇବାରୁ ଶ୍ରୀଶ୍ରୀଠାକୁର କହିଲେ - "ଯା ମୋ ନାଁ କହି ଗଣ୍ଡିଏ ବରା ନେଇଆ" । ବରା ଆସିଯିବାରୁ ସେହି ବରାକୁ ମୁଠା କରି ପୁଷ୍କରିଣୀ ଜଳରେ ଫିଙ୍ଗି ଦେଇ ପିଲାମାନଙ୍କ ଉଦ୍ଦେଶ୍ୟରେ ଶ୍ରୀଶ୍ରୀଠାକୁର କହିଲେ - "ଧର, ଧର, କିଏ କେତେ ବରା ଧରି ପାରିବ ଦେଖିବା" । ଏହିପରି ତିନିଥର ଶ୍ରୀଶ୍ରୀଠାକୁର ତାଳବରା ମଗାଇଲେ । ତାଳବରା କେତେ କଷ୍ଟରେ କରିବାକୁ ପଡ଼େ, ତାହା ମା'ମାନେ ନିଶ୍ଚୟ ଜାଣିଥିବେ । ତଥାପି ସେହି ବରାର ଏପରି ଅପବ୍ୟୟ ସେବାନିଷ୍ଠ ଭୈରବୀ ମା' ହସ ହସ ମୁଖରେ ସହ୍ୟ କରି ନେଇଥିଲେ । ଶ୍ରୀଶ୍ରୀଠାକୁରଙ୍କ ଶ୍ରୀମୁଖରେ ହସ ଫୁଟାଇବା ଓ ତାଙ୍କୁ ଆନନ୍ଦ ଦେବା, ତାଙ୍କର ଏକମାତ୍ର ଲକ୍ଷ୍ୟ ଥିଲା । *(ପୃ-୮୪)*

ଫକୀର ଭାଇ (ସ୍ୱାମୀ ତୁରୀୟାନନ୍ଦ) ଜଣେ କୃଷି ବିଭାଗର ସେବକ ଥିଲେ । ସେ ଲେଖିଛନ୍ତି - ଶ୍ରୀଶ୍ରୀଠାକୁର ଥିଲେ ଭୈରବୀ ମା'ଙ୍କ ପ୍ରାଣ । କିପରି ମଠର ସବୁଠାରୁ ଭଲ ଫଳ ଓ ଫୁଲ ଗୁଡ଼ିକ ଶ୍ରୀଶ୍ରୀଠାକୁରଙ୍କ ସେବାରେ ଲାଗି ପାରିବ - ଏହି ଭାବନା ବ୍ୟତୀତ ମା'ଙ୍କର ଅନ୍ୟ କିଛି ଚିନ୍ତା ନଥିଲା । ଶ୍ରୀଶ୍ରୀଠାକୁର କହିଥିଲେ - "ମୋର ଏହି ଦେହ ମଧ୍ୟ ଯୋଗମାୟା କର୍ତ୍ତୃକ ଗଠିତ ।" ଏହା ସତ୍ୟ ଯେ ବହିର୍ଜଗତରେ ବିଗ୍ରହ ବିଚାରରେ ଶ୍ରୀଶ୍ରୀନିଗମାନନ୍ଦଙ୍କୁ ଏକ ଦୀର୍ଘକାୟ ହୃଷ୍ଟ ପୁଷ୍ଟ ପୁରୁଷରେ ରୂପାନ୍ତରିତ କରିବାର କୃତିତ୍ୱ କେବଳ ଯୋଗମାୟା ଦେବୀଙ୍କର ପ୍ରାପ୍ୟ । ଗୁରୁ ମହିମାରେ ସୁପ୍ରତିଷ୍ଠିତ ପରମହଂସ ଶ୍ରୀ ନିଗମାନନ୍ଦ ଦେବଙ୍କୁ ମଧ୍ୟ ସେହିଭଳି ଶାଳପ୍ରାଂଶୁ ମହାଭୁଜ ଉନ୍ନତ ଭୂଧର ବିଗ୍ରହରେ ପରିଣତ କରି ଦେଇ ନଥିଲେ ସେ କ'ଣ ଶୋଭା ପାଇଥାନ୍ତେ ? ମଠର ସମସ୍ତ ସେବକମାନେ ମତ ପୋଷଣ କରୁଥିଲେ ଯେ - ମଠାଧିଶ୍ୱର ସେମାନଙ୍କ ଚକ୍ଷୁରେ ସର୍ବଦା ପର୍ବତ ତୁଲ୍ୟ ବୋଧ ହେବା ଆବଶ୍ୟକ । ତାହା ନ ହେଲେ ଲୋକେ ତାଙ୍କୁ ମାନ୍ୟ କରିବେ କିପରି ? "ଅସ୍ଥି ଚର୍ମ-ସାର ପରମହଂସ ଶ୍ରୀନିଗମାନନ୍ଦ ଦେବ ଯେ ଶେଷରେ ପ୍ରାୟ ୩ ମହଣ ଓଜନର ମହାବପୁଷ୍ମାନ୍ ପୁରୁଷ ହୋଇପାରିଥିଲେ, ସେଥିରେ ଶ୍ରୀଶ୍ରୀଠାକୁରଙ୍କର ଯେତେ ଆପତ୍ତି ଥିଲେ ମଧ୍ୟ ମା'ଙ୍କ ପକ୍ଷରେ ତାହା ଅତ୍ୟନ୍ତ ତୃପ୍ତିକର ତଥା ଆନନ୍ଦ ଦାୟକ ଥିଲା ।" *(ପୃ. ୧୦୫)*

ନାରାୟଣୀ ମା' ଲେଖିଛନ୍ତି - ୧୩୩୯ ସାଲରେ (୧୯୩୨ ମସିହା) ଶ୍ରୀଶ୍ରୀଠାକୁର ଆମମାନଙ୍କୁ କୃପାକରି ମଠକୁ ନେଇ ଯାଇଥିଲେ। ସେଠାରେ ଆମର ସଂଘ ଜନନୀ ଯୋଗମାୟା ଦେବୀଙ୍କ ଅପାର ବାତ୍ସଲ୍ୟ ମମତା ଓ ଶ୍ରୀଶ୍ରୀଠାକୁରଙ୍କ ପ୍ରତି ତାଙ୍କର କିପରି ଗଭୀର ମମତ୍ୱ ବୋଧ ଥିଲା ଦେଖିଛୁ। ବଡ଼ ମା'ଙ୍କ ଦୃଷ୍ଟି ଶକ୍ତି ୧୯୩୦ ମସିହା ପରଠାରୁ କ୍ଷୀଣ ହୋଇ ଆସିଥିଲା। ସେ ଶ୍ରୀଶ୍ରୀଠାକୁରଙ୍କ ପାଇଁ ନିଜେ କିଛି କରି ନପାରି ସେବକ ନଳିନୀ ଭାଇଙ୍କୁ (ଅଦ୍ୱୈତାନନ୍ଦ) ନିଜେ ହାତ ଧରି ଚୂଡ଼ା ମୁଢ଼ି ଭଜା, ଖଇଭଜା, ଲଡ୍ଡୁ ତିଆରି, ଘୃତ ପ୍ରସ୍ତୁତ ବିଭିନ୍ନ ପ୍ରକାର ମିଷ୍ଟାନ୍ନ ଓ ବ୍ୟଞ୍ଜନ ପ୍ରସ୍ତୁତି ପ୍ରଣାଳୀର ଶିକ୍ଷା ଦେଇଥିଲେ। ପୁନଶ୍ଚ ଶ୍ରୀଶ୍ରୀଠାକୁରଙ୍କୁ ଭୋଗ ଆସନରେ ବସାଇ ନିଜେ ସମ୍ମୁଖରେ ବସି ରହି ପ୍ରଶ୍ନ କରି ବୁଝନ୍ତି - ସୁକ୍ତ ଭଲ ହୋଇଛି ତ ଶ୍ରୀଶ୍ରୀଠାକୁର ? ଶାଗ ତରକାରୀ ନଳିନୀ ଠିକ୍ ଭାବରେ ରାନ୍ଧିଛି ତ ? ଡାଲମାଟା କିପରି ହୋଇଛି ? ବାସ୍ତବିକ୍ କି କଠୋର ସେବାବ୍ରତ ତାଙ୍କର, ସହଜେ ନିଜେ ତ ପାକ କର୍ମରେ ଅକ୍ଷମ, ସେଥିରେ ପୁଣି ଶ୍ରୀଶ୍ରୀଠାକୁର କେଉଁ ଭୋଗ କେତେ ଗ୍ରହଣ କଲେ ତାହା ଚକ୍ଷୁରେ ଦେଖିବା ପାଇଁ ବ୍ୟାକୁଳ ହୋଇ ଉଠୁଥିଲେ ମଧ୍ୟ ସେ ପଥ ରୁଦ୍ଧ। ନିଜେ ପରିବେଷଣ କରୁଥିଲେ ସିନା ବେଶୀ କରି ଢାଳି ଦିଅନ୍ତେ, ତାହା ମଧ୍ୟ ସେ ପାରୁ ନଥିଲେ। ଫଳରେ ନିରୁପାୟ ହୋଇ କ୍ଷୋଭର ସହିତ ବାରମ୍ବାର କହନ୍ତି - "ଆରେ ସୁର, ଆରେ ସରଯୁ, ଶ୍ରୀଶ୍ରୀଠାକୁର କଣ ଖାଇଲେ ଟିକେ ଦେଖରେ। ସଙ୍ଗେ ସଙ୍ଗେ କଣ ଭୋଜନ ସରିଗଲା ? ଭଲ କରି କିଛି ଖାଇଲେ ନାହିଁ ବୋଧହୁଏ ? ସବୁ ତ ପାତ୍ରରେ ରହିଛି ! ଭୈରବୀ ମା'ଙ୍କର ସେହି ବ୍ୟାକୁଳତା ଏତେ ଆନ୍ତରିକ ଯେ ଆମେ ଅବାକ୍ ହୋଇ ଦେଖୁ ଶ୍ରୀଶ୍ରୀଠାକୁର ଯେଉଁ ସାମଗ୍ରୀ ଗ୍ରହଣ କରିଥାନ୍ତି ପୁଣି ତାଙ୍କ ଅନୁରୋଧରେ ସେହି ସାମଗ୍ରୀକୁ ଅଧିକ କିଛି କିଛି ଗ୍ରହଣ କରନ୍ତି ଓ ଶେଷରେ କହନ୍ତି ଯୋଗମାୟା ଆଉ ପାରିବି ନାହିଁ। ତୁମେ ସରଯୁ ପ୍ରଭୃତିଙ୍କୁ ପ୍ରଶ୍ନ କରି ବୁଝ ପୁରୀରେ ଏଠାକାର ଆହାରର ଅର୍ଦ୍ଧାଂଶ ମୁଁ ଖାଉଥିଲି'। ଦିଦି (ସରଯୁ ମା) ଓ ମା' (ସୁରବାଳା ଦେବୀ) ଶ୍ରୀଶ୍ରୀଠାକୁରଙ୍କର କଥା ସମର୍ଥନ କଲେ ଯାଇ ଭୈରବୀ ମା'ଙ୍କ ମନ ନିଶ୍ଚିନ୍ତ ହୁଏ। ସେତେବେଳେ ସେ ଦୀର୍ଘ ନିଶ୍ୱାସ ପକାଇ କହନ୍ତି, ନିଜେ ରନ୍ଧନ କରି ତ ଦେଇ ପାରୁନାହିଁ, ତେଣୁ ବେଶୀ ଜୋର କରିପାରୁ ନାହିଁ। ନଳିନୀ କିପରି ରନ୍ଧନ କରେ ତାହା କ'ଣ ମୁଁ ଜାଣେ ନାହିଁ ? ଠାକୁରଙ୍କୁ ରୁଚି କର ହେବ କିପରି ? ତଥାପି ମୁଁ ଅଭ୍ୟାସ ହେତୁ ଏଇଟା ଖାଅ, ସେଇଟା ଖାଅ ବୋଲି କହିଥାଏ ସିନା ! ତାଙ୍କୁ ଅନୁରୋଧ କରି ନ ଖୁଆଇଲେ, ସେ କିଛି ଖାଆନ୍ତି ନାହିଁ, ଅନ୍ୟମନସ୍କ ଭାବରେ ଅର୍ଦ୍ଧଭୁକ୍ତ ହୋଇ ଉଠିଯାନ୍ତି ସେ କଥା କଣ ତୁମେମାନେ ଜାଣନାହିଁ ?'' ଶ୍ରୀଶ୍ରୀଠାକୁର ଯୋଗମାୟାଙ୍କ ଅନ୍ତରର ଭାବ ଅବଗତ ଥିଲେ। ଏଥିପାଇଁ ଯୋଗମାୟା ଦେବୀଙ୍କ ଏତାଦୃଶ ସ୍ନେହପୂର୍ଣ୍ଣ ଦାବୀ ସ୍ୱୀକାର କରି ଶ୍ରୀଶ୍ରୀଠାକୁର ଆହାରରେ ମନଯୋଗୀ ହେବାକୁ ଚେଷ୍ଟା କରିଥାନ୍ତି। *(ପୃ:୧୧୦-୧୧୧)*

ଏଥର ସନ୍ନ୍ୟାସିନୀ ଶାନ୍ତିମୟୀ ଦେବୀଙ୍କ ପ୍ରସଙ୍ଗରୁ ମଠରେ ଶ୍ରୀଶ୍ରୀଠାକୁରଙ୍କ ଭୋଗରନ୍ଧନ ସଂପର୍କରେ ଆଉ କିଛି ତଥ୍ୟ ଆଲୋଚନା କରିବା। ପ୍ରଥମ କଥା ଜାଳେଣୀ କାଠ ଆସିଲେ ତ ଭୋଗ ରନ୍ଧନ ହେବ। ଯେଉଁ ସବୁ ବଣୁଆ ଗଛ କାଟି ଫିଙ୍ଗି ଦିଆଯାଏ, ତାକୁ ଖଣ୍ଡ ଖଣ୍ଡ କରି କାଟି ଶୁଖାଇ ଜାଳେଣୀ ରୂପେ ବ୍ୟବହାର କରାଯାଉଥିଲା। ପ୍ରତ୍ୟେହ ଅପରାହ୍ନରେ ସୁର ମା' ଓ ଶାନ୍ତି ମା' ଉଭୟେ ଦୁଇଟି ଝୁଡ଼ି ଧରି ଆଶ୍ରମ ନିକଟବର୍ତ୍ତୀ ପଡ଼ିଆକୁ ଯାଇ ଝୁଡ଼ିଏ ଲେଖାଏଁ ଜାଳେଣୀ କାଠ ସଂଗ୍ରହ କରି ଆଣୁଥିଲେ। ପୂର୍ବାହ୍ନରେ ପ୍ରଥମେ ଦୁଇ ତିନି ଘଣ୍ଟା ମାଟି ଲିପା କାମ କରିସାରି ତାପରେ ଶାନ୍ତି ମା' ଓ ମୋ ମା' ପାକ ଆୟୋଜନରେ ଲାଗି ପଡ଼ନ୍ତି। ଆଶ୍ରମରେ ପ୍ରଥମେ ତ ପରିବାପତ୍ର ଚାଷ ହେଉ ନଥିଲା କି ସେଭଳି ସୁବିଧା ସେହି ଅରଣ୍ୟାଞ୍ଚଳରେ ନଥିଲା। ବଣରେ କେବଳ ସାରୁଗଛ ଏଣେ ତେଣେ ସର୍ବତ୍ର ବହୁ ପରିମାଣରେ ଥାଏ। ଅରୁଣା ଖାଲ କୂଳରେ ପ୍ରଚୁର କଳମ୍ବ ଓ ହିଡ଼ମିଚା ଶାଗ ଉତ୍ପନ୍ନ ହୁଏ। ଶାନ୍ତି ମା' ଓ ମୋ ମା' (ସୁରବାଳା ଦେବୀ) ପାଛିଆ ଧରି ସେହି ଶାଗ ଓ ସାରୁନାଡ଼ ପ୍ରତ୍ୟେହ ପ୍ରଚୁର ପରିମାଣରେ ସଂଗ୍ରହ କରି ଆଣନ୍ତି। ପ୍ରତ୍ୟେହ ଗୋଟାଏ ଶାଗ ଓ ଡାଲି - ଏତିକି ମାତ୍ର ସକାଳର ନିତିଦିନିଆ ପାକ ଆୟୋଜନରେ ଲାଗିପଡ଼ନ୍ତି। ଶାନ୍ତି ମା' ହିଁ ଅଧିକାଂଶ ଦିନ ରନ୍ଧନ କରୁଥିଲେ। ମଧ୍ୟେ ମଧ୍ୟେ ଯୋଗମାୟା ଦେବୀ ମଧ୍ୟ ସହଯୋଗ କରୁଥିଲେ। ମୋ ମା' ଅବ୍ରାହ୍ମଣ ହେତୁ ଅନ୍ୟ ସମସ୍ତ ସେବାରେ ସାହାଯ୍ୟ କରୁଥିଲେ। *(ପୃ :୨୩୦)*

୧୯୧୭ ମସିହାରେ କୁମ୍ଭମେଳାରୁ ଫେରି ଶ୍ରୀଶ୍ରୀଠାକୁର ମହାରାଜ ଶୈଳବାଳା ମା' ଓ ସୁରବାଳା ମା'ଙ୍କ ନିକଟରେ ଶାନ୍ତି ମା'ଙ୍କ ସେବା ନିଷ୍ଠା ବିଷୟରେ ଅନେକ କିଛି କହିଥିଲେ। ପୂର୍ବରୁ ଯୋଗମାୟା ଦେବୀ ଯେପରି ଅତିନିଷ୍ଠାର ସହିତ ଅହୋରାତ୍ର ନିରଳସ ଭାବରେ ଶ୍ରୀଶ୍ରୀଠାକୁରଙ୍କର ସମସ୍ତ ସେବା କରୁଥିଲେ, ଶାନ୍ତି ମା' ଅନୁରୂପ ଭାବରେ ଶ୍ରୀଶ୍ରୀଠାକୁରଙ୍କର ଭୋଗରନ୍ଧନଠାରୁ ଆରମ୍ଭ କରି ସମସ୍ତ ସେବା କାଶୀରେ ଠିକ୍ ଠିକ୍ ଭାବରେ କରିଥିବାର ଶ୍ରୀଶ୍ରୀଠାକୁର ସ୍ୱୟଂ ଶ୍ରୀମୁଖରେ ପ୍ରକାଶ କରିଥିଲେ। ଶ୍ରୀଶ୍ରୀଠାକୁରଙ୍କର ବିବିଧସେବା ମଠରେ ଭୈରବୀ ମା' ସଂପାଦନ କରୁଥିବା ସମସ୍ତେ ଜାଣନ୍ତି। ଏ ସମସ୍ତ ସେବାରେ ସାହାଯ୍ୟ କାରିଣୀ ଥିଲେ ଶାନ୍ତି

ମା’। କାଶୀ ଯିବା ହେତୁ ଶାନ୍ତି ମା’ଙ୍କର ଅନୁପସ୍ଥିତି ଯୋଗୁଁ ଶୈଳବାଳା ମା’ଙ୍କ ଉପରେ ସେହି ସବୁ ସେବାର ଭାର ପଡ଼ିଥିଲା। ଭୈରବୀ ମା’ଙ୍କର ନିର୍ଦ୍ଦେଶାନୁଯାୟୀ ଶୈଳଦିଦି ସମସ୍ତ ସେବା କାର୍ଯ୍ୟରେ ସାହାଯ୍ୟ କରିବାକୁ ଆରମ୍ଭ କଲେ। *(ପୃ:୨୮୩)*

## ତୃତୀୟ ପର୍ଯ୍ୟାୟ

ଶ୍ରୀଶ୍ରୀଠାକୁର ମହାରାଜଙ୍କ ଭୋଗ ରନ୍ଧନ ସେବା କ୍ରମରେ ପରବର୍ତ୍ତୀ ପର୍ଯ୍ୟାୟରେ ଆସୁଛନ୍ତି ସରଯୁ ମା’। ଇଚ୍ଛାମଣି ମା’ଙ୍କ ପ୍ରସଙ୍ଗରେ ତାଙ୍କର ଭୋଗରନ୍ଧନ ସେବାର ପାରଦର୍ଶିତା ଅନେକ କିଛି ଆଲୋଚିତ ହୋଇସାରିଛି। ସେ ଶ୍ରୀଶ୍ରୀଠାକୁରଙ୍କଠାରୁ ନିଜର ସେବାନିପୁଣତା ଯୋଗୁଁ ସ୍ୱୀକୃତି ପାଇ ସାରିଥିଲେ। ଶ୍ରୀଶ୍ରୀଠାକୁର ଦାର୍ଜିଲିଂରୁ ଫେରିଆସିବା ପରେ ବସ୍ତରର ରାଜା ଶ୍ରୀ ପ୍ରଫୁଲ୍ଲଚନ୍ଦ୍ର ଭଞ୍ଜଦେଓଙ୍କୁ ସରଯୁ ମା’ଙ୍କ ସମ୍ବନ୍ଧରେ କହିଥିଲେ – ଏଇ ଝିଅଟି ମୋର ସଂସାରର ବୋଝ ତା’ ମୁଣ୍ଡରେ ଧରି ରଖିଛି। ତା’ ଉପରେ ସମସ୍ତ ଦାୟିତ୍ୱ ଚାପିଦେଇ ମୁଁ ନିଶ୍ଚିନ୍ତରେ ଇଚ୍ଛାମୁତାବକ ବାହାରେ ଘୂରିବୁଲେ। ଲୀଳାର ସବୁ ଅତ୍ୟାଚାର ସେ ହସ ହସ ମୁଖରେ ସହିଯାଏ। ଏହି ସବୁ ବ୍ୟବହାର ଯୋଗୁଁ ମୁଁ ତା ଉପରେ ଦିନକୁ ଦିନ ବେଶୀ ବେଶୀ ସନ୍ତୁଷ୍ଟ ହେଉଛି। ଦିନ ସାରା ସେ ଖୁବ୍ ପରିଶ୍ରମ କରେ, ତା ଭିତରେ କେତେବେଳେ ଯଦି ସେ ମୋର ସେବା କରିବାର ସୁଯୋଗ ପାଏ ଅତି ପ୍ରସନ୍ନତାର ସହିତ ସେ ସମସ୍ତ କାର୍ଯ୍ୟ ସଂପାଦନ କରେ। ତାର ଏହି କଥାଟି ମୋତେ ଖୁବ୍ ଭଲଲାଗେ। ଶ୍ରୀଶ୍ରୀଠାକୁର ଆମ ସମସ୍ତଙ୍କୁ (ଲୀଳା ମା’, ସ୍ନେହଲତା ମା’ ଓ ପ୍ରିୟବ୍ରତ ବ୍ରହ୍ମଚାରୀ) ଲକ୍ଷ୍ୟକରି କହିବାକୁ ଲାଗିଲେ, ଯେଉଁମାନେ ମୋ ପାଖରେ ରହିବେ, ସରଯୁ ଭଳି ମୋ ମନ ବୁଝି ଚଳିବାକୁ ଚେଷ୍ଟା କରିବା ସେମାନଙ୍କ ପକ୍ଷରେ ଉଚିତ।” ଦିନେ ଶ୍ରୀଶ୍ରୀଠାକୁରଙ୍କ ପାଦଧୋଇ ପୋଛି ଦେଉଥିବା ସମୟରେ ଶ୍ରୀଶ୍ରୀଠାକୁର ନିମ୍ନ ସ୍ୱରରେ ସରଯୁ ମା’ଙ୍କୁ କ’ଣ ଗୋଟିଏ ପ୍ରଶ୍ନ ପଚାରିଲେ। ସରଯୁ ମା’ ମଧ ହସହସ ମୁଖରେ ନିମ୍ନ ସ୍ୱରରେ ଉତ୍ତର ପ୍ରଦାନ କଲେ। ସରଯୁ ମା’ଙ୍କ ଉତ୍ତର ଶୁଣି ଶ୍ରୀଶ୍ରୀଠାକୁର ହସହସ ମୁଖରେ ତାଙ୍କ ମୁଣ୍ଡ ଆଉଁସି ଦେଇ ପ୍ରସନ୍ନ କଣ୍ଠରେ କହିଥିଲେ, ବାଃ, ବାଃ, ମୁଁ ତ ସେଇଆ ଚାହେଁ। ସରଯୁ ମା’ଙ୍କର ଚକ୍ଷୁଦୁଇଟି ଜଳପୂର୍ଣ୍ଣ ହୋଇଗଲା। ସେ ଶ୍ରୀଶ୍ରୀଠାକୁରଙ୍କର ଶ୍ରୀଚରଣରେ ପଡ଼ି ପ୍ରଣାମ କଲେ।” *(ପୃ:୩୩୪-୩୩୫)*

ସରଯୁ ମା’ ଭୋଗରନ୍ଧନ ସେବା ସାଙ୍ଗକୁ ଗୃହିଣୀର ଯାବତୀୟ କଳାରେ ନିପୁଣା ଥିଲେ। ଯାହା ପୂର୍ବରୁ କୁହାଯାଇଛି, ସେକାଳର ଦୋକାନ ବଜାରରେ ତିଆରି କୌଣସି ଜିନିଷ ଦେବତା, ଗୁରୁ ଓ ପୁରୋହିତଙ୍କୁ ଭୋଗ ଦିଆହେଉ ନଥିଲା। ବଧୂ ଓ କନ୍ୟାମାନେ ଏଥିପାଇଁ ପ୍ରତିଦିନ ଗୃହଜାତ ଦ୍ରବ୍ୟରେ ନାନାପ୍ରକାର ଭୋଜ୍ୟ ସାମଗ୍ରୀ ପ୍ରସ୍ତୁତ କରୁଥିଲେ। ସରଯୁ ମା’ ପୋଡ଼ା ମାଟିର ଛାଞ୍ଚରେ ନଡ଼ିଆ ସନ୍ଦେଶ ଓ ଛେନାର ସନ୍ଦେଶ ଶ୍ରୀଶ୍ରୀଠାକୁରଙ୍କ ସାନ୍ଧ୍ୟ ଭୋଗ ନିମନ୍ତେ ତିଆରି କରୁଥିଲେ। ସକାଳେ ଓ ସନ୍ଧ୍ୟାରେ ଶ୍ରୀଶ୍ରୀଠାକୁରଙ୍କ ଭୋଗପାଇଁ ନାନା ପ୍ରକାର ପିଠା ଓ ମିଠାଇ ତିଆରି କରୁଥିଲେ। ସରଯୁ ମା’ ଠାକୁରଙ୍କ ପାଇଁ ଆମ୍ବସଢ଼ା ତିଆରି କରିବାରେ ସିଦ୍ଧହସ୍ତା ଥିଲେ। ତାଙ୍କ ଆମ୍ବସଢ଼ା ତିଆରିରେ ଗୋଟିଏ ବୈଶିଷ୍ଟ୍ୟ ଥିଲା। ଦୁଧକୁ ଖୁବ୍ ଘନ ପାକ କରି ପରିମାଣ ଅନୁଯାୟୀ ଚିନିରସ କରି ଫୁଟାଇ ଥଣ୍ଡା ହେବା ପରେ ଦୁଧ ଚିନିରସ ଓ ପାଚିଲା ଆମ୍ବର ରସକୁ ଏକତ୍ର ମିଶାଇ ପଥର ଛାଞ୍ଚରେ ଢାଳି ରଖନ୍ତି। ତାପରେ ତାକୁ ଢାଙ୍କୁଣୀ ଦେଇ ବାହାରେ ଶୁଖାନ୍ତି। ଏହିକାର୍ଯ୍ୟ ପାଇଁ ସେ ନାନା ଆକାରରେ ବାଉଁଶ ପାତିଆରେ ଚାଲୁଣି ତିଆରି କରୁଥିଲେ। (ପୃ:୩୨୫-୩୨୬) ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ୧୯୨୬ ବର୍ଷର ପ୍ରାରମ୍ଭରେ ଶ୍ରୀଠାକୁର ଦାସ ବ୍ରହ୍ମଚାରୀ (ହରେନ୍ ଦା) ସେବକ ରୂପେ ନୀଳାଚଳ କୁଟୀରକୁ ଆଗମନ କଲେ। ଏହି ବର୍ଷର ଶେଷ ଆଡ଼କୁ ଶ୍ରୀଶ୍ରୀଠାକୁର ହରିଦ୍ୱାର କୁମ୍ଭମେଳାରେ ଯୋଗଦେବା ପାଇଁ ହରିଦାସ ବ୍ରହ୍ମଚାରୀଙ୍କୁ ସାଙ୍ଗରେ ନେଇ ଯିବାପାଇଁ ଆୟୋଜନ କଲେ। ସେହି ସମୟରେ ଶ୍ରୀଶ୍ରୀଠାକୁର ସରଯୁ ମା’ଙ୍କୁ କୁଟୀରରେ ଭୋଗରନ୍ଧନ କରିବାର ଅଧିକାର ପ୍ରଦାନ କଲେ। (ପୃ:୩୨୮)। ୧୩୪୨ (୧୯୩୫) ସାଲଠାରୁ ୧୩୫୩ (୧୯୪୬) ସାଲ ପର୍ଯ୍ୟନ୍ତ ଦୀର୍ଘ ଏଗାର ବର୍ଷକାଳ ସରଯୁମା’ କୁଟୀରର ସମସ୍ତ ଦାୟିତ୍ୱ ଏକା ବହନ କରିଥିଲେ। ଶ୍ରୀଶ୍ରୀଠାକୁରଙ୍କ ନୌକାବିହାରରେ ମଧ ମା’ମାନଙ୍କୁ ଭୋଗର ଯୋଗାଡ଼ କରି ନେବାକୁ ହେଉଥିଲା। ନୌକାର ଏକପାର୍ଶ୍ୱରେ ଶ୍ରୀଶ୍ରୀଠାକୁରଙ୍କ ପାଇଁ କମ୍ବଳ ଆସନ ବିଛାଇ ଗୋଲ ତକିଆ ସଜାଇ ରଖୁଥିଲେ ଯୋଗାନନ୍ଦ ମହାରାଜ। ସାନ୍ଧ୍ୟଭୋଗର ଆୟୋଜନ, ହୁକ୍କା, ତମାଖୁ, ଟିକିଆ, ଦିଆସିଲି, ମହମବତୀ ଇତ୍ୟାଦି ଉପକରଣ ସଙ୍ଗରେ ନେବାକୁ ସେବକମାନଙ୍କର କେବେ ଭୁଲ ହୁଏ ନାହିଁ। ସମସ୍ତଙ୍କ ପାଇଁ ପ୍ରଚୁର ପରିମାଣରେ ମୁଢ଼ି, କାକୁଡ଼ି, ନଡ଼ିଆ, ସୋଲାଭଜା, ଚୁଡ଼ାଭଜା, ଚୁଡ଼ାମୁଆଁ, ନଡ଼ିଆଲଡୁ ପ୍ରଭୃତି ମା’ମାନେ ଯୋଗାଡ଼ କରି ନେଉଥିଲେ। ଦୁଇଜଣ ସେବକ ପାଳିକରି ଆଶ୍ରମ ଜଗିବାରେ ରହୁଥିଲେ।’ *(ପୃ: ୩୭୯)*

**ମଠ ସ୍ଥାପନର ପ୍ରଥମ ଅବସ୍ଥା:**

ଗୃହତ୍ୟାଗୀ କେତେଜଣ ସେବକ ବ୍ରହ୍ମଚାରୀଙ୍କୁ ନେଇ ନିଜ ଜଗଦ୍ଧିତକର କର୍ମରେ ଆତ୍ମନିୟୋଗ କରିଥାନ୍ତି ଶ୍ରୀଶ୍ରୀଠାକୁର। ଖାଦ୍ୟ ପେୟରେ ଆଡ଼ମ୍ବର ତାଙ୍କର ଲକ୍ଷ୍ୟ ନ ଥିଲା। ସେ ସମୟରେ ସେବକମାନଙ୍କୁ ଯେ କେତେ କଷ୍ଟ ସ୍ୱୀକାର କରିବାକୁ ପଡ଼ିଛି, ତାହା ସେହିମାନେ ହିଁ ଜାଣନ୍ତି। ଭାତ ସଙ୍ଗେ ବଣରୁ ସଂଗୃହିତ ମିଶାମିଶି ଶାଗର ଘାଣ୍ଟ, କଦଳୀ ମଞ୍ଜା ଓ କଦଳୀର ବ୍ୟଞ୍ଜନ ଥିଲା ଯଥେଷ୍ଟ। କେବେ କେବେ ଡ଼ାଲି ହେଲେ ଛୋଟପିଲା ଧୀରେନ୍ଦ୍ର (ନରସିଂହ ବ୍ରହ୍ମଚାରୀ) ତାଳିମାରି ନାଚି ନାଚି କହେ 'ଆଜି ଡାଲି ହୋଇଛି', ଯଦିବା ସେ ଡାଲିର ସ୍ୱରୂପ ଥିଲା ହଳଦୀ ଗୋଳା ହାତଧୁଆ ପାଣିପରି। ପରେ ମଠ ସ୍ୱୟଂ ସଂପୂର୍ଣ୍ଣ ହୋଇ ବିଭିନ୍ନ ପ୍ରକାର ପନିପରିବା ଚାଷ ହେବା ଫଳରେ ଏହି ଅବସ୍ଥାର ପରିବର୍ତ୍ତନ ହୋଇଥିଲା। ପ୍ରଥମାବସ୍ଥାରେ ମଠରେ ୫ବର୍ଷରୁ ଊର୍ଦ୍ଧ୍ୱ ସେବକ ସେବିକାମାନଙ୍କ ପାଇଁ ଖାଦ୍ୟ ଗ୍ରହଣରେ ଗୋଟିଏ ନିୟମ ଥିଲା। ୫ ବର୍ଷରୁ କମ୍ ହେଲେ ଶିଶୁ ତାଲିକାର ଅନ୍ତର୍ଭୁକ୍ତ ହେଉଥିଲେ। ଖାଦ୍ୟପେୟର ବ୍ୟବସ୍ଥା ମା' ଯୋଗମାୟା ଦେବୀଙ୍କ ତତ୍ତ୍ୱାବଧାନ ତଥା ନିର୍ଦ୍ଦେଶ କ୍ରମେ ହୋଇଥାଏ। *(ପୃ: ୩୮୬-୩୮୭)*

ମଠରେ ପିଲାମାନଙ୍କୁ ନେଇ ଅନେକ ସମୟରେ ଶ୍ରୀଶ୍ରୀଠାକୁର ବଣ ଭୋଜିର ଆୟୋଜନ କରନ୍ତି ଓ ନିଜ ହାତରେ ରାନ୍ଧନ୍ତି। "ସେ ବିଷୟରେ ଅନ୍ୟ କାହାରିକୁ ଅବଗତ କରାଯାଉ ନଥିଲା। ଶ୍ରୀଶ୍ରୀଠାକୁର ନିଜ ଇଚ୍ଛା ଅନୁସାରେ ଦିନେ ଦିନେ ଆମକୁ ସାଙ୍ଗରେ ଧରି ଏହି ଉଦ୍ଦେଶ୍ୟରେ ପଞ୍ଚବଟୀକୁ ଯାଉଥିଲେ। "ସ୍ୱୟଂ ଶ୍ରୀଶ୍ରୀଠାକୁର ହେଉଥିଲେ ପାଚକ। ଛୋଟ ଚୁଲିଟିଏ ତିଆରି କରାଯାଉଥିଲା। ତାଙ୍କର ଭୃତଦଳ ଲାଗିଯାଆନ୍ତି ଆଦେଶ ପାଳନରେ। କେହି ଜାଳେଣି ଓ କେହି ପାଣି ଆଣନ୍ତି। ଆଉ କେତେଜଣ ଠାକୁରଙ୍କ କହିବା ଅନୁଯାୟୀ ଯୋଗମାୟା ମା'ଙ୍କଠାରୁ ମଇଦା, ଘିଅ, କ୍ଷୀର, ମସଲା, ତେଲ ସବୁ କିଛି ଆଣନ୍ତି। ଲୁଚି, ଆଳୁଦମ୍, ବାଇଗଣ ଭଜା ଓ କେବେ କେବେ କ୍ଷୀରୀ ମଧ୍ୟ ପ୍ରସ୍ତୁତ କରାଯାଏ। ତା'ପରେ ସମସ୍ତଙ୍କ ପାଇଁ ଏକ ସାଙ୍ଗରେ ପତ୍ର ପଡ଼ି ପରିବେଷଣ କରାଯାଏ। ସେ ଆସରରେ ଅନ୍ୟ କେହି ଯୋଗ ଦିଅନ୍ତି ନାହିଁ। କେବଳ ଦିନେ ଦିନେ ଯୋଗମାୟା ମା' ଆସି ତଦାରଖ କରନ୍ତି କିମ୍ବା ଗୋପନରେ ରହି ପର୍ଯ୍ୟବେକ୍ଷଣ କରନ୍ତି। ଚୁଲି ଧରାଇବାକୁ ଯାଇ ଅଧିକ ଧୂଆଁରେ ଶ୍ରୀଶ୍ରୀଠାକୁର ବ୍ୟସ୍ତ ହେଉଥିବାର ଦେଖି ମା' ଆସି ଚୁଲି ଲଗାଇ ଦେଇ ଯାଆନ୍ତି। ବଣ ଭୋଜୀର ଆନନ୍ଦ ଖୁବ୍ ଉପଭୋଗ୍ୟ ହେଉଥିଲା। ସେ ସମୟରେ ଠାକୁରଙ୍କୁ ଆମମାନଙ୍କର ସମବୟସ୍କ ଜଣେ ବାଳକ ଛଡ଼ା ଅନ୍ୟ କିଛି ମନେ ହୁଏ ନାହିଁ। ସିଦ୍ଧ ମହାପୁରୁଷମାନଙ୍କର ଏହାହିଁ ସ୍ୱଭାବ।" *(୩୯୮ ପୃ:)*

ଏଥର ମଠରେ ଭୋଗ ଦ୍ରବ୍ୟ ସଂଗ୍ରହର ଏକ ଭିନ୍ନ ତଥ୍ୟ ପରିବେଷଣ ବେଶ ରୁଚିକର ମନେ ହେବ। ବନଭୂମି ପରିବେଷ୍ଟିତ ମଠ ଚତୁପାର୍ଶ୍ୱରେ ଅନେକ କୋଳି ଗଛ ଓ କଦଳୀ ଗଛ ଦେଖିବାକୁ ମିଳୁଥିଲା। ଶ୍ରୀଶ୍ରୀଠାକୁରଙ୍କ ସହିତ ବ୍ରହ୍ମପୁତ୍ର ତୀରରେ ଭ୍ରମଣ କରିବାକୁ ଗଲାବେଳେ ଯୋଗମାୟା ମା' ଏ ସବୁ ସନ୍ଧାନ କରି ମନ କରୁଥିଲେ। ପରେ ପିଲାମାନଙ୍କୁ ପଠାଇ ଏସବୁ ସଂଗ୍ରହକରି ବର୍ଷଯାକ ପାଇଁ ଭୋଗ ନିମିତ୍ତ ଆଚାର ପ୍ରସ୍ତୁତ କରୁଥିଲେ। ଏତଦ୍ ବ୍ୟତୀତ କଇଁଥ, ଜେଉଟ ପ୍ରଭୃତି ଖଟା ଫଳ, ଛୋଟ କଲରା, ବଣ ପୋଟଳ ମଧ୍ୟ ପିଲାମାନେ ମା'ଙ୍କ ନିର୍ଦ୍ଦେଶରେ ସଂଗ୍ରହ କରୁଥିଲେ। (୩୯୯ ପୃ:)। ମଠରେ ପ୍ରସାଦ ସେବନର ଭିନ୍ନ ଏକ ରୋଚକ ତଥ୍ୟ ଏଠାରେ ପରିବେଷଣ କରିବା। ଏସବୁ ଆଉ କିଛି ନୁହେଁ ଭୋଗ ତଥା ପ୍ରସାଦ ଗ୍ରହଣର ପାତ୍ର ସଂପର୍କରେ। ମଠରେ ପ୍ରାଥମିକ ପର୍ଯ୍ୟାୟରେ ରୋଷେଇ ବାସନ ଓ ଠାକୁରଙ୍କ ଭୋଗ ବାସନ ବ୍ୟତୀତ ବ୍ୟକ୍ତିଗତ ଭାବରେ କାହାରି ଥାଳି ଗିନା ନ ଥିଲା। ତେଣୁ କାଶୀରୁ ମଠକୁ ପ୍ରତ୍ୟାବର୍ତ୍ତନ କାଳରେ ଶ୍ରୀଶ୍ରୀଠାକୁର ଅନେକ ଗୁଡ଼ିଏ ବାସନ ଆଣିଥିଲେ। ସନ୍ଧ୍ୟାରତି ପରେ ପ୍ରଥମେ ସର୍ବ କନିଷ୍ଠା ବିମଳା ହାତରେ ଥାଳିଗିନା ଦେଇ ପରେ ବୟସାନୁକ୍ରମରେ ପାତ୍ର ବିତରଣ କରିଥିଲେ। ଶେଷରେ କହିଲେ – "ଏଗୁଡ଼ିକୁ କେହି ହଜାଇବ ନାହିଁ, ଯତ୍ନରେ ରଖିବ, ନହେଲେ ଆଉ ଦେବି ନାହିଁ। ମୁଁ ନିଜେ 'ବିଶ୍ୱନାଥ ଗଳିରୁ' ପସନ୍ଦ କରି ତୁମ ମାନଙ୍କ ପାଇଁ କିଣି ଆଣିଛି। ତୁମେ କେହି କିଛି କହି ନ ଥିଲ, ମୁଁ ଇଚ୍ଛା କରି ଆଣିଛି। ପୂର୍ବରୁ ମଠର ସେବକ ଓ ସେବିକା ମାନେ କଦଳୀ ପତ୍ର ଓ ନଡ଼ିଆ ସଢ଼େଇରେ ଖାଉଥିଲେ। ଯୋଗାନନ୍ଦ ମହାରାଜ ପ୍ରତ୍ୟେକଙ୍କ ପାଇଁ ସଢ଼େଇ ଗୁଡ଼ିକୁ ପରିଷ୍କାର କରି ସୁନ୍ଦର ଭାବେ ତିଆରି କରୁଥିଲେ। ପ୍ରତ୍ୟେକ ଏଥିରେ ତରଳ ଖାଦ୍ୟ ଖାଇବା ପରେ ଧୋଇ ନିଜ ନିଜ ଦାୟିତ୍ୱରେ ରଖୁଥିଲେ। (୪୦୯ – ୪୧୦ ପୃ:)। ଏଠାରେ ଗୋଟିଏ ସ୍ୱତନ୍ତ୍ର ପ୍ରସଙ୍ଗ ଆଲୋଚନା କରିବା। କାଶୀରେ ଶ୍ରୀଶ୍ରୀଠାକୁରଙ୍କ ସହିତ ଥିଲାବେଳେ ଦିନେ ସୁର ମା' କାଶୀରେ ପ୍ରସ୍ତୁତ ହେଉଥିବା 'ମଲାଇ' ଖାଇବା ବିଷୟରେ ଆଗ୍ରହ ପ୍ରକାଶ କରିଥିଲେ ଅନ୍ତେବାସିନୀ ହରିଦାସୀ ମା'ଙ୍କୁ ଭୟ କରିଥିଲେ ଯେ ଶ୍ରୀଶ୍ରୀଠାକୁର ଏହା ଜାଣିଲେ ଅସନ୍ତୁଷ୍ଟ ହେବେ ବୋଲି। କିନ୍ତୁ ଦୀକ୍ଷିତା ହରିଦାସୀ ମା' ବୁଝାଇ ଦେଇଥିଲେ – ମୁଁ ଠାକୁରଙ୍କ ଭୋଗ ଉଦ୍ଦେଶ୍ୟରେ ଆଣି ଯୋଗମାୟା ମା'ଙ୍କୁ ଦେବି। ଠାକୁରଙ୍କ ଭୋଗପରେ ମା' ସମସ୍ତଙ୍କୁ ପ୍ରସାଦ

ଦେବେ, ତୁମେ ମଧ୍ୟ ପାଇବ।' (୪୨୧ପୃ) ମଠରେ ଶ୍ରୀଶ୍ରୀଠାକୁରଙ୍କ ପାଇଁ ନିତ୍ୟ ଭୋଗ ରନ୍ଧନ ନିର୍ଦ୍ଦିଷ୍ଟଭାବରେ ଯୋଗମାୟା ମା'ଙ୍କ ତତ୍ତ୍ୱାବଧାନରେ ହେଉଥିଲେ ମଧ୍ୟ, ମଠର ପ୍ରତ୍ୟେକ ଉତ୍ସବମାନଙ୍କରେ ଭଜୁ ଗ୍ରାମର ଅଶ୍ୱିନୀ କୁମାର ଦେ'ଙ୍କୁ ନିମନ୍ତ୍ରଣ କରାଯାଉଥିଲା। ସେ ଥିଲେ ପ୍ରବାସୀ ବଙ୍ଗାଳୀ ଓ ଜାତିରେ ଗୁଡ଼ିଆ। ପୂଜା ନିମନ୍ତେ – ମିଠାଇ, ସନ୍ଦେଶ, ରସଗୋଲା, ଛେନାଗଜା ପ୍ରଭୃତି ନାନା ପ୍ରକାର ମିଷ୍ଟାନ୍ନ ଓ ଭୋଗ ସାମଗ୍ରୀ ସେ ପ୍ରସ୍ତୁତ କରନ୍ତି। ଥରେ ଆସିଲେ ୨/୩ ମାସ ମଠରେ ରହି ଯାଆନ୍ତି। ଭୋଗ ରନ୍ଧନ ସାଙ୍ଗକୁ ତାଙ୍କର ପ୍ରଗାଢ଼ ଭକ୍ତି ଓ ସୁଲଳିତ କଣ୍ଠରେ କୀର୍ତ୍ତନଗାନ ଶ୍ରୀଶ୍ରୀଠାକୁରଙ୍କର ଏକ ବିଶେଷ ଆକର୍ଷଣ ଥିଲା। ସୁରମା' ଲେଖିଛନ୍ତି – ଶ୍ରୀଶ୍ରୀଠାକୁର ତାଙ୍କ କୀର୍ତ୍ତନ ଗାନରେ ମୁଗ୍ଧ ହୋଇ ଯାଉଥିଲେ। ଅଶ୍ୱିନୀ ଭାଇଙ୍କର ଆଗମନ ସମ୍ବାଦ ପାଇବା ମାତ୍ରେ ଶ୍ରୀଶ୍ରୀଠାକୁର ଉଲ୍ଲସିତ ହୋଇ କହୁଥିଲେ – "ଅଶ୍ୱିନୀ ଆସିଛି ? ଏଥର ପ୍ରାଣଭରି କୀର୍ତ୍ତନ ଶୁଣା ହେବ।" *(୪୬୩ ପୃ.)*

## ଚତୁର୍ଥ ପର୍ଯ୍ୟାୟ

ଏଥର ଆହାର ଓ ଭୋଗ ପ୍ରସଙ୍ଗରେ ନିଗମ ଦର୍ଶନ ଏବଂ ଶାସ୍ତ୍ରୀୟ ଉପାଖ୍ୟାନ ସଂପର୍କରେ ଟିକିଏ ଆଲୋଚନା କରିବା। ୧୫ ବର୍ଷ ସଂଘ ସେବକ (୩୧୮-୩୨୧ ପୃ:)ରେ ଏ ସଂପର୍କରେ ଅତ୍ୟନ୍ତ ଗୂଢ଼ତତ୍ତ୍ୱମାନ ଆଲୋଚନା କରାଯାଇଛି। ଏଥିରେ ମହାଭାରତ ଶାନ୍ତି ପର୍ବର ସଂସ୍କୃତ ଶ୍ଳୋକ ଉଦ୍ଧାର କରାଯାଇ ଆଦର୍ଶ ଗୃହୀମାନଙ୍କ ଆଚରଣୀୟ ଆହାର ନୀତି ମାନ ଆଲୋଚନା କରାଯାଇଛି।

୧. ଗୃହସ୍ଥ ମାନେ ଅତି ପ୍ରତ୍ୟୁଷରୁ ସୂର୍ଯ୍ୟ-ଉଦୟ ପୂର୍ବରୁ ଶଯ୍ୟାତ୍ୟାଗ କରିବା ବିଧେୟ। ହସ୍ତ-ପଦ-ମୁଖ ପ୍ରକ୍ଷାଳନ କରି ଭୋଜନ କରିବା ବିଧେୟ।

୨. ଅତିଥି, ପୋଷ୍ୟବର୍ଗ ଏବଂ ନିଜର ପରିବାରର ସମସ୍ତଙ୍କୁ ସମାନ ଭାବରେ ଭୋଜନ ପ୍ରଦାନ କରିବା ଦରକାର।

୩. ଦିନରେ ଦୁଇଥର ମାତ୍ର ଭୋଜନ କରିବା ଆବଶ୍ୟକ। ସୂର୍ଯ୍ୟାସ୍ତ ପରେ ଭୋଜନ କରିବା ନିଷିଦ୍ଧ। ପୂର୍ବୋକ୍ତ ନିରୂପିତ ସମୟରେ ଭୋଜନ କଲେ ଉପବାସର ଫଳ ଲାଭ ହୋଇଥାଏ। ଏଠାରେ ଭୋଜନକୁ ପ୍ରସାଦ ସେବନ ଭାବରେ ଗ୍ରହଣ କରିବା ଆବଶ୍ୟକ।

୪. ପୁନଶ୍ଚ କୁହାଯାଇଛି – ପଞ୍ଚାଦୋ ଭୋଜନଂ ଭୁଜ୍ୟାତ୍ ପ୍ରାଙଂ ମୁଖୋ ମୌନ ମା ସ୍ଥିତଃ
ନ ନିନ୍ଦ୍ୟାଦନ୍ନ ଭକ୍ଷ୍ୟାଂଶ୍ଚ ସ୍ୱାଦୁ ସ୍ୱାଦୁ ଚ୍ ଭକ୍ଷୟେତ।

ଅର୍ଥାତ୍ ଦୁଇ ହାତ, ଦୁଇପାଦ ଓ ମୁଖ ଏହି ପଞ୍ଚ ଅଙ୍ଗ ଧୌତ କରି ପୂର୍ବ ମୁଖ ହୋଇ ମୌନାବଲମ୍ବନ ପୂର୍ବକ ଭୋଜନ କରିବା ବିଧେୟ।

୫. ଅନ୍ନ ବା ଖାଦ୍ୟ ଦ୍ରବ୍ୟର ନିନ୍ଦା କରିବା ଉଚିତ୍ ନୁହେଁ।

୬. ଭଲ ମନ୍ଦ ବିବେଚନା ନ କରି ଆନନ୍ଦ ମନରେ ଭୋଜନ ସମାପ୍ତ କରିବା ବିଧେୟ।

୭. ନିଜେ ଯେଉଁ ଦ୍ରବ୍ୟ ସଂଗ୍ରହ କରିଥିବ, ତାହା ଶ୍ରୀଗୁରୁଦେବଙ୍କୁ ନିବେଦନ କରିବାପରେ ଭୁକ୍ତାବଶିଷ୍ଟକୁ ତାଙ୍କ ପ୍ରସାଦ ସ୍ୱରୂପ ଗ୍ରହଣ କରିବା ଆବଶ୍ୟକ।

୮. ଯେ ଅତିଥିଙ୍କର ସତ୍କାର କରନ୍ତି ନାହିଁ, ସେମାନଙ୍କର ଗୃହଧର୍ମ ପାଳନ ଓ ରନ୍ଧନ – ଭୋଜନାଦି ସମସ୍ତ ବ୍ୟର୍ଥ ହୋଇଯାଏ। *(୩୩୨ ପୃ)*

୯. ଯଦି ସାମାନ୍ୟ ଅସନ୍ତୋଷ ସହକାରେ ଭୋଜନ କରିବ, ତେବେ ସେହି ଭୋଜନ ଦ୍ୱାରା ଅସୁର , ପ୍ରେତ ଓ ରାକ୍ଷସ ମାନେ ତୃପ୍ତିଲାଭ କରିବେ।

୧୦. ମହାଭାରତର ଅଶ୍ୱମେଧ ପର୍ବରେ କୁହାଯାଇଛି – ଜଳପାତ୍ରରୁ ଅଧେଜଳ ପାନ କରିବା ପରେ ଅବଶିଷ୍ଟ ଜଳ ପୁନରାୟ ପାନ କରିବ ନାହିଁ। ଭୋଜନରେ ବସିବା ପରେ ଆସନରୁ ଉଠିଯାଇ ପୁନରାୟ ଭୋଜନ କରିବ ନାହିଁ।

୧୧. ଅନ୍ନ ଯଦି ପରିବେଷଣକାରୀ କିମ୍ବା ଅନ୍ୟର ପାଦ ସ୍ପୃଷ୍ଟ ହୁଏ, ତେବେ ତାହା ଭୋଜନର ଅଯୋଗ୍ୟ ହୋଇଯାଏ। *(୩୩୫ପୃ)*

୧୨. ଯେଉଁ ବ୍ୟକ୍ତି ଗୋଟିଏ ବର୍ଷ ମାତ୍ର ହବିଷ୍ୟ ଭୋଜନ (ଅର୍ଥାତ୍ ଦିନରେ ଥରେ ମାତ୍ର ଭୋଜନ) ଓ ବ୍ରାହ୍ମଣମାନଙ୍କ ଭୋଜନ ଶେଷରେ ଭୋଜନ କରନ୍ତି, ସେମାନଙ୍କର ଅଶେଷ ପୁଣ୍ୟଲାଭ ହୋଇଥାଏ।

୧୩. ମହାଭାରତ ଶାନ୍ତିପର୍ବରେ ପୁନଶ୍ଚ କହାଯାଇଛି - ଯେଉଁମାନେ କେବେହେଲେ ମାଂସ ଭକ୍ଷଣ କରନ୍ତି ନାହିଁ ଯଜ୍ଞାବଶିଷ୍ଟ ଅନ୍ନ ଭୋଜନ କରନ୍ତି, ପ୍ରତିଦିନ ଦିବାର ପ୍ରଥମ ଯାମରେ (ପ୍ରାତଃକାଳରେ) ଏବଂ ଶେଷ ଯାମରେ (ସନ୍ଧ୍ୟା ପୂର୍ବରୁ) ଦିନରେ ଦୁଇଥର ଭୋଜନ କରନ୍ତି, ଏତଦ୍ ବ୍ୟତୀତ ଅନ୍ୟ କିଛି ଭକ୍ଷଣ କରନ୍ତି ନାହିଁ, ସେହିମାନଙ୍କୁ ନିତ୍ୟ ଉପବାସୀ ବୋଲି ଜାଣିବ।

୧୪. ଯେଉଁମାନେ ଅତିଥି ଅଭ୍ୟାଗତଙ୍କ ଭୋଜନ ପରେ ନିଜେ ଭୋଜନ କରନ୍ତି, ସେମାନେ ଅମୃତ ଭୋଜନ କରିବା ସହିତ ସେହି ପୂଣ୍ୟ ଫଳରେ ସ୍ୱର୍ଗଲୋକ ଜୟ କରନ୍ତି। *(ପୃ:୩୨୬-୩୨୭)*

୧୫. ଦେବଗଣ, ପିତୃଗଣ, ମାତାପିତା, ଅତିଥି, ପରିବାର-ପରିଜନ ଏବଂ ଭୃତ୍ୟମାନଙ୍କ ଭୋଜନ ଶେଷରେ ଯେଉଁ ଅବଶିଷ୍ଟ ଅନ୍ନ ଥାଏ, ତାକୁ ଯେଉଁ ଗୃହସ୍ଥ ଭୋଜନ କରନ୍ତି, ତାଙ୍କୁ ଯଜ୍ଞାବଶିଷ୍ଟ ଅନ୍ନଭୋଜନକାରୀ ବୋଲି ଜାଣିବ।

ଏଠାରେ ଏତିକି କହିବା ବାହୁଲ୍ୟ ଯେ ଶାସ୍ତ୍ର ପୁରାଣରେ ଭୋଜନରେ ଏପରି ନୀତି ନିୟମ ଓ କଟକଣା ଏହିଭଳି ଭାବରେ ଯେପରି ବ୍ୟାଖ୍ୟାନ କରାଯାଇଛି, ଏଥିରୁ ବହୁ ଉର୍ଦ୍ଧ୍ୱରେ ସ୍ଥିତ ଶ୍ରୀଗୁରୁଙ୍କ-ଉପାସନା-ପରମ୍ପରାରେ ଭୋଗ ନିବେଦନର ଗୁରୁତ୍ୱ ଓ ମାହାତ୍ମ୍ୟ ସାଧାରଣ ଭାବରେ ଅନୁମେୟ। ୧୫ ବର୍ଷ ସଂଘ ସେବକର ୩୯୭ ପୃଷ୍ଠାରେ ସତ୍ତ୍ୱଗୁଣ ବର୍ଦ୍ଧକ ଆହାର ସଂପର୍କରେ କୁହାଯାଇଛି। ଏସବୁ ଯେ ଭୋଗ ପ୍ରସ୍ତୁତ ପାଇଁ ଅତୀବ ବିଚାର୍ଯ୍ୟ, ଏଥିରେ ସନ୍ଦେହ ନାହିଁ। ଏହି ତଥ୍ୟ ସମୂହର ସାରାଂଶ ନିମ୍ନରେ ପ୍ରଦ ହେଲା।

୧. ଯେଉଁ ଆହାର ସ୍ୱାସ୍ଥ୍ୟପ୍ରଦ, ତାହାହିଁ ସାତ୍ତ୍ୱିକ ଆହାର।

୨. ଯାହା ହୃଦ୍ୟ ଅର୍ଥାତ୍ ଯେଉଁ ଖାଦ୍ୟ ଦୃଷ୍ଟିପଥକୁ ଆସିବାମାତ୍ରେ ଆନନ୍ଦସଞ୍ଚାର କରେ, ତାହାହିଁ ସତ୍ତ୍ୱଗୁଣ ବୃଦ୍ଧିକର ଆହାର।

କ. କ୍ଷୀରଦ୍ୱାରା ଆୟୁ ଓ ବଳ ବୃଦ୍ଧି ହୁଏ।

ଖ. ଘୃତ ଦ୍ୱାରା ମନର ଉତ୍ସାହ ବୃଦ୍ଧିପାଏ ଏବଂ ଶରୀରର ଅବସାଦ ଦୂରହୁଏ।

ଗ. ତିକ୍ତ ଦ୍ରବ୍ୟ ଗ୍ରହଣରେ, ପୀଡ଼ାଥିଲେ ଆରୋଗ୍ୟ ଲାଭହୁଏ।

ଘ. ମଧୁଦ୍ୱାରା ତେଜ ବୃଦ୍ଧି ହୋଇ ସୁଖ ଲାଭହୁଏ।

ଙ. ହବିଷ୍ୟାନ୍ନ ଅର୍ଥାତ୍ ଯାହାର ସାରାଂଶ ଦେହରେ ସ୍ଥାୟୀ ଭାବରେ କାର୍ଯ୍ୟକରେ।

ଚ. ପାୟସ, ଘୃତ, ମିଷ୍ଟ ଦ୍ରବ୍ୟାଦି ଏବଂ ସୁମିଷ୍ଟ ଫଳ ପ୍ରଭୃତି ଦର୍ଶନରେ ମନରେ ଆନନ୍ଦ ଜାତ ହୁଏ, ତେଣୁ ସେ ସବୁ ଆହାର ହୃଦ୍ୟ।

ଛ. ସାତ୍ତ୍ୱିକ ଆହାର ଗ୍ରହଣ ନକଲେ ସାଧକମାନଙ୍କ ପକ୍ଷରେ ବହୁ ବିଘ୍ନ ଉପସ୍ଥିତ ହୁଏ।

ଜ. ଶ୍ୱାସର ସ୍ଥିରତା ଆନୟନରେ ସାତ୍ତ୍ୱିକ ଆହାର ବିଶେଷ ସାହାଯ୍ୟକାରୀ।

ଝ. ଯେଉଁମାନେ ଧ୍ୟାନ, ଧାରଣା, ଉପାସନା, ପ୍ରଭୃତି ନିୟମିତ ଅଭ୍ୟାସ କରନ୍ତି, ସେମାନେ ସାତ୍ତ୍ୱିକ ଆହାର କରିବା ଉଚିତ୍।

ଞ. ଦେହ-ମନ ଶୁଦ୍ଧ ନଥିଲେ ସର୍ବଦା ଭଗବତ୍ ସ୍ମୃତିର ଉଦୟ ହୁଏ ନାହିଁ।

ଟ. ସତ୍ତ୍ୱଗୁଣାନ୍ୱିତ ଆହାର ଫଳରେ ମନ ଶୁଦ୍ଧଭାବ ଧାରଣ କରେ।

ଏହିଠାରେ ମନେ ରଖିବାକୁ ହେବ ଯେ ଯେଉଁ ମାନଙ୍କର ସତ୍ତ୍ୱଗୁଣ ପ୍ରବଳ, ସେମାନଙ୍କର ରାଜସିକ ଓ ତାମସିକ ଆହାରରେ ରୁଚି ହୁଏ ନାହିଁ।

**ରାଜସିକ ଖାଦ୍ୟ:** କଷା, ଅତିକଟୁ ଯଥା ନିମ୍ବାଦି, ଅତି ଅମ୍ଳ ଯେପରି ନୂତନ ତେନ୍ତୁଳି ପ୍ରଭୃତି, ଅତିଉଷ୍ଣ ଯଥା ଗରମ ଦୁଗ୍ଧପାନାଦି ; ଅତିତୀକ୍ଷ୍ଣ ଅର୍ଥାତ୍ ଲଙ୍କାମରିଚ, ଅତିରୁକ୍ଷ ଯଥା ଚାଉଳ ଭଜା, ମୁଢ଼ି ପ୍ରଭୃତି ବିଦାହୀ ଅର୍ଥାତ୍ ସୋରିଷ ପ୍ରଭୃତି। ଏସବୁ ଭୋଜନ ଶରୀରକୁ କଷ୍ଟ ଦାନକରେ। ଏହାର ପରିଣାମ ଦୁଃଖ ଦାୟକ ଓ ବ୍ୟାଧିଉତ୍ପନକାରୀ। *(୩୯୭-୩୯୮ ପୃ)*

**ତାମସିକ ଖାଦ୍ୟ:** (୧) ଯେଉଁ ଦ୍ରବ୍ୟ ଭୋଜନର ୩ ଘଣ୍ଟା ପୂର୍ବରୁ ପ୍ରସ୍ତୁତ ହୋଇ ଶୀତଳ ହୋଇଥାଏ। ୨) ଯେଉଁ ବସ୍ତୁର ସାର ବାହାର କରି ନିଆଯାଇଥାଏ। (୩) ଯାହା ବାସି ଓ ଦୁର୍ଗନ୍ଧ ଯୁକ୍ତ, ଯାହା ଅନ୍ୟର ଉଚ୍ଛିଷ୍ଟ ଓ ଅଭକ୍ଷ୍ୟ, ଯଥା- ମାଂସାଦି।

ଏସବୁ ଖାଦ୍ୟର ପ୍ରକାର ଭେଦର ବିଚାର ଦ୍ୱାରା ଏହା ସାବ୍ୟସ୍ତ ହେଉଛି ଯେ ଭୋଗ ରନ୍ଧନ କେବଳ ସତ୍ତ୍ୱଗୁଣ ବର୍ଦ୍ଧକ ଖାଦ୍ୟ ଉପାଦାନରେ ପ୍ରସ୍ତୁତ ହେବା ବାଞ୍ଛନୀୟ। ଶ୍ରୀଗୁରୁଦେବଙ୍କୁ ଏହା ନିବେଦନ ପରେ ଏହା ଅମୃତତ୍ୱ ଲାଭ କରିଥାଏ।

## ପଞ୍ଚମ ପର୍ଯ୍ୟାୟ

**ସାଧକ ଜୀବନରେ ଶ୍ରୀଶ୍ରୀଠାକୁରଙ୍କ ଭୋଗ/ଆହାର:**

ଶ୍ରୀଶ୍ରୀଠାକୁରଙ୍କ ଜୀବନୀରୁ ଯାହା ସୂଚନା ମିଳେ, ସେ ଯୋଗୀଗୁରୁ ଅନୁସନ୍ଧାନରେ ଥିବା ବେଳେ କେତେଥର ଜଳାଶୟ ବା ଝରଣାରୁ କାଦୁଅ ଖାଇଛନ୍ତି। *(ସଂ.ସେବକ ୧୯:୧୨୬ପୃ)*

ପୁଷ୍କରରେ ଗୁରୁସଚ୍ଚିଦାନନ୍ଦଙ୍କ ନିକଟରେ ଥିଲାବେଳେ କେବଳ ଖଟା ଓ ମିଠା ଖାଇ ରହିବାକୁ ହେଉଥିଲା, ଯାହା ସଙ୍ଗରେ ସେ କେବେ ବି ଅଭ୍ୟସ୍ତ ନଥିଲେ। ଏହା ଥିଲା ଖଟା ଦହି ଓ ଲଙ୍କା ସାଙ୍ଗରେ ଧୂନୀ ଅଗ୍ନିରେ ସେକା ଯାଇଥିବା ମୋଟା ରୁଟି। ଗୁରୁ ସୁମେରୁ ଦାସଙ୍କ ନିକଟରେ ଶିକ୍ଷା ଲାଭ ସମୟରେ ବିଭିନ୍ନ ବନଜାତ ଫଳମୂଳ ଆହାର ଶ୍ରୀଶ୍ରୀଠାକୁର କରୁଥିଲେ। କିନ୍ତୁ ପ୍ରେମଗୁରୁ ଗୌରୀ ମା'ଙ୍କ ନିକଟରେ ସମସ୍ତ ଭୋଗ ସ୍ୱତନ୍ତ୍ର ଓ ସ୍ୱର୍ଗୀୟ ଥିଲା। ଏଠାରେ କହିବା ବାହୁଲ୍ୟ ଯେ ଶ୍ରୀଶ୍ରୀଠାକୁର ପୂର୍ବଜନ୍ମରେ ଇଲିଶି ମାଛର ଆଗ୍ରହରେ ପତ୍ନୀ-ରୂପା ଜଗଜ୍ଜନନୀଙ୍କୁ ହରାଇ ଥିଲେ। ଏହି ଜନ୍ମରେ ଡାହାଣ କପାଳରେ କ୍ଷତ ଚିହ୍ନ ସାଙ୍ଗକୁ ସେହି ଇଲିଶି ମାଛର ଆଗ୍ରହ ତାଙ୍କ ବାଲ୍ୟକାଳରେ ଥିଲା। ଗାରୋହିଲରୁ ଜଗଜ୍ଜନନୀଙ୍କ ଅନୁରୋଧରେ (ସଂ.ସେ-୧୯-୨୫୧) ଶ୍ରୀଶ୍ରୀଠାକୁର ଯେତେବେଳେ ଲୋକାଳୟକୁ ଆସି କଂସ ନଦୀ ପାର ହୋଇ ଝଗଡ଼ାରଚରରେ ଗ୍ରାମରେ ପହଞ୍ଚି ତିନି ଦିନ ଅବସ୍ଥାନ କରିଛନ୍ତି, ସେ ସମୟରେ ଶ୍ରୀଶ୍ରୀଠାକୁରଙ୍କ ଭୋଗ କଥା ଏଥର ଅନୁଧ୍ୟାନ କରିବା ନାରାୟଣୀ ମା'ଙ୍କ ଲେଖାରୁ।

୧. ଝଗଡ଼ାରଚର ଗ୍ରାମର ନିତ୍ୟାନନ୍ଦ ମୋଦକ ମହାଶୟ, ପତ୍ନୀଙ୍କ ଶୂଳରୋଗ ନିରାମୟ ହୋଇଯିବା ପରେ ଶ୍ରୀଶ୍ରୀଠାକୁର ମହାରାଜାଙ୍କୁ ସ୍ୱବାସଗୃହକୁ ନିମନ୍ତ୍ରଣ କରି ନେଇଥିଲେ। ଶ୍ରୀଶ୍ରୀଠାକୁର ଅଳ୍ପ ହସି କହିଥିଲେ "କେଉଁଠାକୁ ଯିବା ପାଇଁ ମୋର ଆପତ୍ତି ନାହିଁ। ଯେଉଁଠି ହେଉ ମୁଠିଏ ଅନ୍ନ ମିଳିଲେ ହେଲା।" ମୋଦକ ମହାଶୟଙ୍କ ପତ୍ନୀ ନିଜ ହାତରେ ଅରୁଆ ଚାଉଳ, ଘିଅ, ଲୁଣ, ତେଲ, ପନିପରିବା ପ୍ରଚୁର ପରିମାଣରେ ସଜାଇ ନିବେଦନ କଲେ। ରନ୍ଧନ ପାଇଁ ମାଟିହାଣ୍ଡି ଓ ସରା-ପଲମ ସାଙ୍ଗରେ ପଥରର ଥାଳି ଗିନା ମଧ୍ୟ ଯୋଗାଇ ଦେଇଥିଲେ। ଶ୍ରୀ ଶ୍ରୀ ଠାକୁରଙ୍କୁ ନିଜ ହସ୍ତରେ ରାନ୍ଧି ଖାଇବାର ପରିମାଣ ଦେଖି ମୋଦକ ଦମ୍ପତି ଭାବିଲେ - "ଏ କ'ଣ ଖାଇବା?" ତାଙ୍କ ଘରେ ପାଞ୍ଚ ବର୍ଷର ପିଲା ବୋଧ ହୁଏ ଏହା ଠାରୁ ଅଧିକ ଖାଏ। ପଚାରିଲେ - "ବାବା, ଲଜ୍ଜାବଶତଃ ପେଟ ପୂରାଇ ଖାଇଲେ ନାହିଁ, ନା କ'ଣ?" ଶ୍ରୀଶ୍ରୀଠାକୁର ଉତ୍ତର ଦେଲେ - "ନା, ମା ! ମୁଁ ଏହାଠାରୁ ଅଧିକ ଖାଏ ନାହିଁ।" ପାଇବି କେଉଁଠୁ? ପଇସାଟାକର ଛତୁଆ କି ମୁଢ଼ି ଖାଇ କେତେ ଦିନ କଟି ଯାଇଛି। ଆଜି ସକାଳେ ତ କାଳୀ ମଣ୍ଡପରେ ଫଳ ମିଠା ଟିକିଏ ଖାଇଛି। ବର୍ତ୍ତମାନ ଭାତ ଖାଇବା ପରେ ମନେ ହେଉଛି ଖାଇବା ବେଶୀ ହୋଇଗଲା। ରାତ୍ରିରେ ଆଉ କିଛି ଦରକାର ହେବ ନାହିଁ। ଛଳଛଳ ନେତ୍ରରେ ମୋଦକ ଦମ୍ପତି ସେଦିନ କହିଥିଲେ - ଖାଣ୍ଟି ସାଧୁ ଆଉ କାହାକୁ କହନ୍ତି? ଆହା! ସେଇଥି ପାଇଁ ଦେହର ଏଇ ଅବସ୍ଥା। *(ଲୀଳା ପ୍ରସଙ୍ଗ (୧ମ)-୨୪୨-୨୪୩ପୃ)*

୨. ଝଗଡ଼ାରଚର ଗ୍ରାମବାସୀଙ୍କ ପ୍ରଦତ୍ତ ଫଳ ମିଠା ସାମାନ୍ୟ ଖାଇବାକୁ ପସନ୍ଦ କରନ୍ତି ଠାକୁର। ମୋଦକ ଦମ୍ପତିଙ୍କ ପ୍ରଦତ୍ତ ଦୁଧ, ସର, ମିଠାରୁ ସାମାନ୍ୟ ମାତ୍ର ଗ୍ରହଣ କରନ୍ତି।

୩. ସକାଳ ସ୍ନାନ ପରେ ଧ୍ୟାନାଦି ଶେଷ କରି ଘରକୁ ଫେରିବା ବାଟରେ କାହାରି ଘରକୁ ଯାଇ ଶ୍ରୀଶ୍ରୀଠାକୁର କହନ୍ତି - "ମା', ମୋତେ ଦୁଇଟା ମୁଢ଼ି ଦିଅ, ପିତ୍ତ ରକ୍ଷା କରିବି"। ...ପିଢାରେ ବସି ଖାଇବାକୁ ଅନୁରୋଧ କଲେ, ଶ୍ରୀଶ୍ରୀଠାକୁର କହନ୍ତି -

"ମା' ବସି ମୁଢ଼ି ଖାଇବାକୁ ମୋତେ ଭଲ ଲାଗେ ନାହିଁ। ଚାଲୁ ଚାଲୁ ଖାଇବି"। କାନି ପତାଇ ଦିଅନ୍ତି ଠାକୁର। ମୁଢ଼ି ସହିତ ଫେଣି, ଲଡୁ ଢ଼ାଳି ଦିଅନ୍ତି ଘରର ଗୃହିଣୀ। ଘର ବଡ଼ ପୁଅ ହିସାବରେ ପିଲା ଦିନରୁ ସମସ୍ତଙ୍କର ବାଣ୍ଟି ଖାଇବାକୁ ଠାକୁରଙ୍କର ଅଭ୍ୟାସ ଥିଲା। ଏଠାରେ ଗ୍ରାମର ପିଲାମାନଙ୍କୁ ବାଣ୍ଟିବା ସହିତ ଶ୍ରୀଶ୍ରୀଠାକୁର ଖାଇ ଖାଇ ଆଗେଇ ଚାଲନ୍ତି। *(୨୪୫ପୃ)*

୪. କିଛି ବାଟଯିବା ପରେ ଅନ୍ୟ ଏକ ଘରୁ କେହି ଜଣେ ସାଗ୍ରହରେ ଡାକ ଦିଏ "ବାବା! ତେଲ ମୁଢ଼ି ଖାଇବେ କି କଞ୍ଚାଲଙ୍କା ଦେଇ?" ସବୁ ମୁଢ଼ି ବାଣ୍ଟି ଦେଇ କିଛି ତ ଖାଇଲ ନାହିଁ। "ଘରର ଘଣା ପକା ତେଲ। ଆଉ ଗଛର ଲଙ୍କା ଖାଇବ କି?" ଶ୍ରୀଶ୍ରୀଠାକୁର ଉତ୍ତର ଦିଅନ୍ତି – "ତେଲ ଲଙ୍କା ଦେଇ ମୁଢ଼ି ଖାଇବାକୁ ସତରେ ମୁଁ ଖୁବ୍ ଭଲପାଏ। ତୁମେ କିପରି ଜାଣିଲ?" ନିମନ୍ତ୍ରଣକାରୀ ଆହ୍ଲାଦରେ ନାଚି ଉଠନ୍ତି। ମୁହଁରେ ହସ ଖେଳାଇ କହନ୍ତି, "ଜାଣିବି ଆଉ କେମିତି? ମୁଁ ବଡ଼ ଗରୀବ ଲୋକ ବାବା! କିଏ ଫେଣି ଦେଲେ, କେହି ବା ଲଡୁ ଦେଲେ – ସେ ସବୁ ମୁଁ ପାଇବି କେଉଁଠୁ?" ମୋଦକ ମହାଶୟଙ୍କ ଘରେ ମୁଢ଼ି, ତେଲ, ଲଙ୍କା ଦେଇ ଆସିବାକୁ ଅନୁରୋଧ ଜଣାନ୍ତେ, ଶ୍ରୀଶ୍ରୀଠାକୁର ଉତ୍ତର ଦିଅନ୍ତି – "ନେଇ ଦେଇ ଆସିବାକୁ ହେବ ନାହିଁ, ମୁଁ ନିଜେ ମାଗି ଆଣି ଖାଇବି। ଯାହା ଲୋଭ ଦେଖାଇଲଣି – ତେଲ, ଲଙ୍କା ସେଥିରେ ପୁଣି କାକୁଡ଼ି, ନଡ଼ିଆ"। *(୨୪୬ପୃ:)*। ଠାକୁରଙ୍କ ଘର 'ନଦେ ଜିଲ୍ଲା' (ନଦିୟା) ଜାଣି ବ୍ୟକ୍ତି ଜଣକ ଆଦରରେ କହନ୍ତି – "ଆହା, ଏ'ତ ଦ୍ୱିତୀୟ ନଦିଆ ଚାନ୍ଦରେ"।

୫. ଶ୍ରୀଶ୍ରୀଠାକୁର ଝଗଡ଼ାରଚର ଗ୍ରାମରୁ ବେନିଆରଚର ଗ୍ରାମକୁ ଆସିଲେ ଉମାଚରଣ ସରକାରଙ୍କ ନିମନ୍ତ୍ରଣରେ। ମା' ହେମଲତା ଶ୍ରୀଶ୍ରୀଠାକୁରଙ୍କ ସ୍ଥଳ-କମଳ-ଗଞ୍ଜନ ସେଇ ଅପୂର୍ବ ଚରଣକମଳ ଦେଖି ଆନନ୍ଦ ଆବେଗରେ କାନ୍ଦି ପକାଇଲେ। ପ୍ରଥମେ ପ୍ରଥମେ ଏଠାରେ ଭୋଗ ସଜାଡ଼ି ଦେଇ ମା' ହେମଲତା ଦୂରରେ ସାଧୁଙ୍କ ଅଲକ୍ଷ୍ୟରେ ରହି ସାଧୁଙ୍କ ଭୋଗ ଗ୍ରହଣ ପ୍ରତ୍ୟକ୍ଷ କରନ୍ତି। ସେ ଦେଖିଲେ ଯେ ସାଧୁ ଅନ୍ୟମନସ୍କ ଭାବରେ ଭୋଗ ଗ୍ରହଣ କରନ୍ତି। କ'ଣ ଖାଇବେ, କେଉଁ ବ୍ୟଞ୍ଜନ ସହିତ କିପରି ଖାଇବାକୁ ହୁଏ, କୌଣସି ବିଷୟରେ ସାଧୁଙ୍କର ଧ୍ୟାନ ନାହିଁ। ସ୍ୱାମୀଙ୍କ ସ୍ୱୀକୃତି କ୍ରମେ ସାଧୁଙ୍କୁ ପଚାରି (ଶ୍ରୀଶ୍ରୀଠାକୁରଙ୍କୁ), ସମ୍ମୁଖରେ ବସି ତାଙ୍କୁ ଖୁଆଇବାକୁ ଅନୁମତି ପ୍ରାପ୍ତହେଲେ। ଶ୍ରୀଶ୍ରୀଠାକୁରଙ୍କ ଭୋଗ ସୁନ୍ଦର ଭାବରେ ସଜାଯାଇଛି। ଶ୍ରୀଶ୍ରୀଠାକୁର ଧୀରେ ଧୀରେ ଆସନରେ ବସିଲେ ମାତ୍ର ଭୋଗ ସାମଗ୍ରୀରେ ହାତ ଦେଲେ ନାହିଁ। ଏହା ଦେଖି ମା' କାନ୍ଦୁଥାନ୍ତି, ପରକ୍ଷଣରେ ମା' ନିଜକୁ ସଂଯତ କରି କହିଲେ – "ବସି ରହିଲେ କାହିଁକି? ଖାଆନ୍ତୁ ନା!" ଭିନ୍ନ ଚିନ୍ତା ରାଜ୍ୟରେ ଅବସ୍ଥାନ କରୁଥିବା ଶ୍ରୀଶ୍ରୀଠାକୁର ଚମକ ଭାଙ୍ଗି ଥାଳିରେ ହାତ ଦେଲେ। ମା' ନାନା କଥା କହି ଠାକୁରଙ୍କୁ ଆହାର ପ୍ରତି ମନୋଯୋଗୀ ହେବାକୁ ବାଧ୍ୟ କଲେ। ସେହିଦିନଠାରୁ ଏହିପରି ପ୍ରତିଦିନ ମା' ଭୋଗସମୟରେ ସମ୍ମୁଖରେ ବସି ଠାକୁରଙ୍କୁ ଖୁଆନ୍ତି।

୬. ସୁର ମା' ଲେଖିଛନ୍ତି – ବାଲ୍ୟଭୋଗରେ ଶ୍ରୀଶ୍ରୀଠାକୁରଙ୍କୁ ଦିନେ ଦିନେ ଫଳ, ମିଠା ଓ ସନ୍ଦେଶ ଦିଆଯାଉଥିଲା। କେବେକେବେ ହାତ ତିଆରି ଲଡୁ, ଚୁଡ଼ାଭଜା ଓ ଅନ୍ୟାନ୍ୟ ଲୁଣି ଜଳଖିଆ ଦିଆଯାଉଥିଲା। ମୁଢ଼ି ଖାଇବାକୁ ଶ୍ରୀଶ୍ରୀଠାକୁର ଖୁବ୍ ଭଲ ପାଉଥିଲେ। ବୁଟଭଜା, ବାଦାମଭଜା ଓ ସାମାନ୍ୟ ସୋରିଷ ତେଲରେ ରାଶିକୁ ଭାଜି ମୁଡି ସହିତ ଖାଇବା ତାଙ୍କର ଖୁବ୍ ପ୍ରିୟଥିଲା। କଞ୍ଚା ଲଙ୍କା, ସୋରିଷ ତେଲ ଓ କାକୁଡି ସାହାଯ୍ୟରେ ମୁଢି ଖାଇବା ମଧ୍ୟ ତାଙ୍କର ଖୁବ୍ ପ୍ରିୟ ଥିଲା। *(ସଂ.ସେ. ୪୨ବର୍ଷ-୩୮୧ପୃ)*

## ଷଷ୍ଠ ପର୍ଯ୍ୟାୟ

### ଭୋଗ ରନ୍ଧନ ଓ ଗ୍ରହଣର କିଛି ବିଶେଷ କଥା

୧. ଶ୍ରୀଶ୍ରୀଠାକୁର ଦିନେ ତିସ୍ତା ଷ୍ଟେସନର A.S.M. ଅନୁକୂଳ ଭାଇଙ୍କ (ନୃପେନ୍ଦ୍ର ଭାଇଙ୍କ ବଡ଼ଭାଇ) ଆମନ୍ତ୍ରଣ କ୍ରମେ ଯାଇଥାନ୍ତି। ସେଠାରେ ବସାଟି ଅତ୍ୟନ୍ତ ଛୋଟ ଓ ରୋଷେଇଘରେ ଗୋବିନ୍ଦ ପଣ୍ଡା ଭାଇ ଭୋଗ ରନ୍ଧନ କରୁଥାଆନ୍ତି। ହଠାତ୍ ଶ୍ରୀଶ୍ରୀଠାକୁର ରୋଷେଇଘରେ ପ୍ରବେଶ କରି ଭୋଗ ରନ୍ଧନ ଦେଖିବାକୁ ଲାଗିଲେ। ସେହି ସଂକୀର୍ଣ୍ଣ ଗୃହରେ ଶ୍ରୀଶ୍ରୀଠାକୁରଙ୍କୁ ବସିବାକୁ ଆସନ ଦିଆଗଲା। ଶ୍ରୀଶ୍ରୀଠାକୁର ହସହସ ବଦନରେ ରନ୍ଧନ ବିଷୟ ବ୍ୟାଖ୍ୟା କରିବାକୁ ଲାଗିଲେ। କିଏ କିପରି ରାନ୍ଧେ, କେଉଁ ଜିନିଷର କିପରି ସ୍ୱାଦ, ରନ୍ଧାରେ କି କି ପ୍ରକରଣ ଇତ୍ୟାଦି ବିଷୟ ବିଶ୍ଳେଷଣ କରି ଶ୍ରୀଶ୍ରୀଠାକୁର ଘରଟିକୁ ଆନନ୍ଦ ମୁଖରିତ କରିଦେଲେ (ଦୁଃଖର ବିଷୟ କେହି ଏ ବିଷୟକୁ ଲିପିବଦ୍ଧ କରିନାହାଁନ୍ତି)। ଶ୍ରୀଶ୍ରୀଠାକୁରଙ୍କ ଶ୍ରୀମୁଖରୁ ଗଳ୍ପ ଶୁଣି ଗୋବିନ୍ଦ ପଣ୍ଡା ଭାଇ ରନ୍ଧା କଥା ଭୁଲିଗଲେ। ହଠାତ୍ ଡାଲି ଉତୁରି ପଡ଼ିଲା। ଡାଲି ଉତୁରାର ସଁ ସଁ ଶବ୍ଦରେ ଗୋବିନ୍ଦଭାଇଙ୍କ ଚମକ ଭାଙ୍ଗିଲା

ଓ ସେ କିଛି ବିଚାର ନକରି ଡାଲିକୁ ଫୁଙ୍କିବାକୁ ଲାଗିଲେ । ଏହାଦେଖି ଶ୍ରୀଶ୍ରୀଠାକୁର କହିଲେ "ଭୋଗ ରାନ୍ଧିବାବେଳେ କେବେ ଫୁଙ୍କିବ ନାହିଁ । ଏଥିରେ ଭୋଗଦ୍ରବ୍ୟ ଅଶୁଦ୍ଧ ହୁଏ । ଦେଖିଥିବ କାଳୀପୂଜା ସମୟରେ ଭୋଗ ରନ୍ଧନକାରୀ ନିଷ୍ଠାବାନ ପାଚକ ମୁଖରେ ଲୁଗାବାନ୍ଧି ଭୋଗ ରନ୍ଧନ କରିଥାଆନ୍ତି । ଅନ୍ୟଥା ଛେପ ପଡ଼ି ଭୋଗ ଅଶୁଦ୍ଧ ହୋଇଯାଇପାରେ । ଯାହାହେଉ, ତମେ ରନ୍ଧା ବଦଳାଇବା ଆବଶ୍ୟକ ନାହିଁ । ଭବିଷ୍ୟତରେ ଏପରି କରିବ ନାହିଁ । ଆଜି ଆଉ ରନ୍ଧା ବଦଳାଇବା ଆବଶ୍ୟକ ନାହିଁ ।

୨. ବିମଳା ମା' ଶାଶୁ ଘରକୁ ଚାଲିଯିବା ପରେ ୧୩୩୧ ସାଲରୁ ସୁର ମା'ଙ୍କ ସେବିକା ଜୀବନ ଆରମ୍ଭ ହେଲା । ସେ ଏକୁଟିଆ ହୋଇଯାଇଥିବାରୁ ୧୩୩୧ ଫାଲଗୁନ୍ ମାସରେ ସରଯୁମା' ଶ୍ରୀଶ୍ରୀଠାକୁରଙ୍କ ଅନୁମତି କ୍ରମେ ନୀଳାଚଳ କୁଟୀରରେ ସେବିକା ଜୀବନ ଆରମ୍ଭ କଲେ । ଦୁଇଜଣ ମିଳିମିଶି ଶ୍ରୀଶ୍ରୀଠାକୁରଙ୍କ ସେବା ସଂପାଦନରେ ଆତ୍ମନିୟୋଗ କଲେ । ତେବେ ଭୋଗରନ୍ଧନର ସଂପୂର୍ଣ୍ଣ ଦାୟିତ୍ୱ ସରଯୁମା' ଗ୍ରହଣ କରିଥିଲେ । ଏହି ପ୍ରବନ୍ଧର ଦ୍ୱିତୀୟ ପର୍ଯ୍ୟାୟରେ ତାଙ୍କ କର୍ତ୍ତୃକ ଭୋଗରନ୍ଧନର ନୀତିନିୟମ ବିବୃତ ହୋଇଛି ।

୩. ତେବେ ଶ୍ରୀଶ୍ରୀଠାକୁରଙ୍କର ଦୁଇଟି ଜିନିଷ ଅତି ପ୍ରିୟ ଥିଲା । ଯଥା– କ୍ଷୀର ଓ ଗୁଡ଼ାଖୁ । ଏହା ସେ ନିୟମିତ ଗ୍ରହଣ କରୁଥିଲେ । ସୁର ମା'ଙ୍କ ବର୍ଣ୍ଣନାନୁସାରେ – "ଶ୍ରୀଶ୍ରୀଠାକୁର ଯେଉଁ ସୁଗନ୍ଧି ମସଲାଯୁକ୍ତ ଗୁଡ଼ାଖୁ ସେବନ କରୁଥିଲେ ତାର ନାମଥିଲା 'ଅମ୍ବୁରୀ' । ବେଳେବେଳେ ଆମେ କୁଟୀରରେ ନିଜହାତରେ ଏହା ପ୍ରସ୍ତୁତ କରୁଥିଲୁ । ଧୂଆଁପତ୍ର, ଚନ୍ଦନ ଚୂର୍ଣ୍ଣ, କର୍ପୂର, ଡାଲଚିନି, ବଡ଼ ଅଳେଇଚ, ଲବଙ୍ଗ ପ୍ରଭୃତି ମସଲା ଖରାରେ ଦିଆଯାଇ ଗୁଣ୍ଡ କରାଯାଏ । ତାପରେ ଗୁଡ଼, ଚମ୍ପାକଦଳୀ ଚକଟାଯାଇ ଖରାରେ ଶୁଖାଯାଏ । ଶୁଖିଆସିଲେ ସେଥିରେ ଏହି ମସଲା ମିଶ୍ରିତ ଧୂଆଁପତ୍ର ଗୁଣ୍ଡ ମିଶାଯାଇ ଆଉ କିଛି ସମୟ ଖରାରେ ରଖାଯାଇ ଗୁଡ଼ାଖୁ ପ୍ରସ୍ତୁତ କରାଯାଏ । ସର୍ବଶେଷରେ ଗୋଲାପ ଅତର ଦିଆଯାଇ ବ୍ୟବହାର ପାଇଁ (ଶ୍ରୀଶ୍ରୀଠାକୁରଙ୍କର) ସଂରକ୍ଷିତ କରୁ ।" *(ସଂ.ସେ – ୪୪/୫୨୯ ରୁ ୫୩୧ପୃ)* । ଶ୍ରୀଶ୍ରୀଠାକୁର ନୀଳାଚଳ କୁଟୀରରେ ଦିନକୁ ୫/୬ ଥର ଗୁଡାଖୁ ଗ୍ରହଣ କରୁଥିଲେ ।

୪. ଶ୍ରୀଶ୍ରୀଠାକୁରଙ୍କ ଭୋଗ ଗ୍ରହଣ ସମୟର ଏକ ରୋଚକ ତଥ୍ୟ ଦୃଷ୍ଟିଗୋଚର ହୁଏ । ଲୀଳା ମା' ବଡ଼ ହେବା ପରେ ତାର ସ୍ନେହମୟ ପରମାଶ୍ରୟ ଶ୍ରୀଶ୍ରୀଠାକୁରଙ୍କର ଚାରି ବେଳାର ଆହାର ସଙ୍ଗିନୀ ହୋଇଥିଲା । ଏପରିକି ତାଙ୍କର ଚିର ଅଦର୍ଶନର ଶେଷ ଦିନ ପର୍ଯ୍ୟନ୍ତ ନିଜ ପାଖରେ 'ଲୀଲୁ'ର ଆସନ-ବାସନର ଆୟୋଜନ କରାଇଥିଲେ । ଭୋଗଘରେ ନିଜ ପାଖରେ ତାକୁ ବସାଇ ଭୋଗ ପାତ୍ରରୁ ଅନ୍ନ ଗ୍ରହଣ କରି ଏକ ଗ୍ରାସ ନିଜେ ମୁଖରେ ଦେଇ ପରେ ଲୀଲୁର ପାତ୍ରରେ ସେହି ଅମୃତମୟ ଅନ୍ନ ପରିପାଟୀ କରି ସଜାଇ ଦିଅନ୍ତି । ସେତେବେଳେ ଆମେ ତାଙ୍କର ସେହି ଆଚରଣ ସ୍ତବ୍ଧ ହୋଇ ଦେଖୁ । କିପରି ଏକ ସଶ୍ରଦ୍ଧ ସ୍ନେହପ୍ରୀତିମୟ ଭାବ ତାଙ୍କ ବ୍ୟବହାରରେ ସେତେବେଳେ ଫୁଟି ଉଠୁଥିଲା । *(ସଂ.ସେ – ୪୪-୬୫୧ପୃ)*

୫. ଶ୍ରୀଶ୍ରୀଠାକୁରଙ୍କର ଭୋଗ ଗ୍ରହଣ ସମୟରେ ଦୁଇଟି ଅଲୌକିକ କଥା ଏଠାରେ ପ୍ରଦାନ କରିବା ଅତ୍ୟାବଶ୍ୟକ ମନେ ହେଉଛି । ଯାହା ନୃପେନ୍ଦ୍ରରାୟ ଭାଇ ଲେଖିଛନ୍ତି – ତୀର୍ଥ ଭ୍ରମଣ ସମୟରେ ଗୟାରେ ରାତିରେ ଯେତେବେଳେ ଭୈରବୀ ମା' ଶ୍ରୀଶ୍ରୀଠାକୁରଙ୍କୁ ଭୋଗ ଗ୍ରହଣ କରାଉଥିଲେ, ଠିକ୍ ଏହି ସମୟରେ ମୁଁ ସୌଭାଗ୍ୟବଶତଃ ଶ୍ରୀଶ୍ରୀଠାକୁରଙ୍କର ସ୍ୱଚ୍ଛ ସ୍ଫଟିକ ପରି ଜ୍ୟୋତିର୍ମୟ ଶରୀର ଦେଖିବାକୁ ପାଇଲି । ଗେଣ୍ଡାରିୟା ଆଶ୍ରମରେ ମଧ୍ୟ ଦିନେ ରାତିରେ ଶ୍ରୀଶ୍ରୀଠାକୁରଙ୍କର ଭୋଗଗ୍ରହଣ ସମୟରେ ଠିକ୍ ଏହିପରି ସ୍ଫଟିକ ପରି ଉଜ୍ଜଳ ଜ୍ୟୋତିଷ୍ମାନ ଦେହଧାରୀଙ୍କ ସହିତ କଥାବାର୍ତ୍ତା କରିଥିଲି । *(ଲୀ:ପ୍ର ୨ୟ-୨୬୮ପୃ)* । ଏହା ସେ ଶ୍ରୀଶ୍ରୀଠାକୁରଙ୍କୁ ଜଣାଇବାରେ, ତୁ ମୋର ସ୍ୱରୂପ ଦର୍ଶନ କରିଦେଲୁ ବୋଲି ଶ୍ରୀଶ୍ରୀଠାକୁର ପ୍ରକାଶ କରିଥିଲେ ।

୬. ଏହି ତୀର୍ଥଯାତ୍ରାରେ ଶ୍ରୀଶ୍ରୀଠାକୁର ଭକ୍ତମାନଙ୍କୁ ନେଇ ନୈମିଷାରଣ୍ୟ (ନିମ୍‌ସାର) ଯାତ୍ରା କରିଥିଲେ ଓ ଏଠାରେ ଉଚ୍ଛିଷ୍ଟ ବା ସଙ୍କୁଡ଼ିକୁ ବାରଣ କରାଯାଏ ନାହିଁ ବୋଲି କହିଥିଲେ । ଷାଠିଏ ହଜାର ଋଷିଙ୍କର ଅଧିଷ୍ଠାନ କ୍ଷେତ୍ର, ଧରିବାକୁ ଗଲେ ହିନ୍ଦୁ ଧର୍ମଶାସ୍ତ୍ର ପ୍ରକାଶର ମୂଳକେନ୍ଦ୍ର ଏହି ନୈମିଷାରଣ୍ୟରେ ସଙ୍କୁଡ଼ି ବୋଲି କିଛି ନାହିଁ ବା ଛୁଆଁ ଦୋଷ ନାହିଁ । ଶ୍ରୀଶ୍ରୀଠାକୁର ପୁନର୍ବାର କହିଥିଲେ – "ସଦ୍‌ଗୁରୁମାନେ ଶିଷ୍ୟଙ୍କୁ ସନ୍ନ୍ୟାସ ଦେବା ପୂର୍ବରୁ ଚାରିଧାମ ବା ସମଗ୍ର ଭାରତ ବୁଲି ଆସିବାକୁ ଉପଦେଶ ଦେଇ ଥାଆନ୍ତି । ଏହାର ପ୍ରଧାନ ଉଦ୍ଦେଶ୍ୟ ହେଲା ସଂସ୍କାର ଦୂର କରିବା । ସଂସ୍କାର ଦୂର ନହେଲେ ସନ୍ନ୍ୟାସ ସାଧନାର ଅଧିକାରୀ ହେବା ସମ୍ଭବ ହୁଏନାହିଁ ।" ଏଠାରେ ଭୋଜନ ସମୟରେ ପ୍ରଥମେ ଶ୍ରୀଶ୍ରୀଠାକୁର ବସି ଆମ ସମସ୍ତଙ୍କୁ

ବସିବାକୁ କହିଲେ। ପଣ୍ଡାଠାକୁରାଣୀ ଭାତହାଣ୍ଡି ଆଣି ଏକ ଖଜୁରୀ ପତ୍ର ପଟି ଉପରେ ରଖିଲେ ଓ ହାତରେ ଭାତ ଆଣି ସମସ୍ତଙ୍କ ପତ୍ରରେ ପରିବେଷଣ କଲେ। ଶ୍ରୀଶ୍ରୀଠାକୁର ପ୍ରଥମେ ଭୋଜନ ଆରମ୍ଭ କରିବା ପରେ ଆମେ ସମସ୍ତେ ଶ୍ରୀଶ୍ରୀଠାକୁରଙ୍କ ନିକଟକୁ ଯାଇ ହାତପତାଇ ପ୍ରସାଦ ଆଣି ସ୍ୱ ସ୍ୱ ଆସନରେ ବସି ଭୋଜନ କଲୁ। ଏଠାରେ ଆମର ତିନୋଟି ଶିକ୍ଷା ଲାଭ ହେଲା। (୧) ଆମ ଉଚ୍ଛିଷ୍ଟ ସଂପର୍କରେ ଆସି ମଧ୍ୟ ଏହି ହାଣ୍ଡିରେ ଅନ୍ନ ନଷ୍ଟ ହେଲା ନାହିଁ, ଶିକ୍ଷା। (୨) ଏକାସନରେ ବ୍ରାହ୍ମଣ, କାୟସ୍ଥ ପ୍ରଭୃତି ବିଭିନ୍ନ ଜାତିର ଲୋକ ବସି ଆହାର କଲେ ମଧ୍ୟ ଜାତି ଭ୍ରଷ୍ଟର କାରଣ ହେଲାନାହିଁ ଓ ଶିକ୍ଷା (୩) ପଣ୍ଡା ଠାକୁରାଣୀ କାହାକୁ ୨ୟ ବାର ଅନ୍ନ ଦେବାକୁ ହେଲେ ହାତରେ ଭାତ ଆଣି ସେହି ପତ୍ରରେ ହାତ ଲଗାଇ ପରିବେଷଣ କଲେ। ଉଚ୍ଛିଷ୍ଟ ଦୋଷ ଯୋଗୁଁ ହାଣ୍ଡି ବା ହାଣ୍ଡିର ଭାତ ନଷ୍ଟ ହେଲା ନାହିଁ। *(ଲୀ:ପ୍ର:୨ୟ-୨୬୯- ୨୭୧ପୃ)*

୭. ନୃପେନ୍ଦ୍ର ଭାଇଙ୍କ ଅନୁଭୂତିରେ ଶ୍ରୀଶ୍ରୀଠାକୁରଙ୍କ ପ୍ରିୟ ଭୋଗ ବିଷୟରେ ଆଉ ଗୋଟିଏ କଥା ଦେଖିବାକୁ ମିଳେ। ପ୍ରଥମଟି ହେଉଛି ରାମ ପାଲର (ବଙ୍ଗଳା ଦେଶ) ବିଖ୍ୟାତ ଅମୃତ ସାଗର କଦଳୀ ଓ ଗୋୟାଲନ୍ଦର ସୁବିଖ୍ୟାତ ପ୍ରକାଣ୍ଡ ତରଭୂଜ। ସେ ଏହି ଦୁଇଟି ବିଶେଷ ଦ୍ରବ୍ୟ ଶ୍ରୀଶ୍ରୀଠାକୁରଙ୍କ ପାଇଁ କିଣି ଦୁର୍ଗାପୁର ଆଶ୍ରମକୁ ଯିବାକୁ ବାହାରି ଥିଲା ବେଳେ, ବାଟରେ ଖବର ପାଇଲେ ଯେ ଶ୍ରୀଶ୍ରୀଠାକୁର ଚଟ୍ଟଗ୍ରାମ ଯାଇଛନ୍ତି, ଦୁର୍ଗାପୁର ଆଶ୍ରମରେ ନାହାଁନ୍ତି। ମନ ଦୁଃଖରେ କୁମିଲା ଷ୍ଟେସନରୁ ଓହ୍ଲାଇ କୁଲି ବା ଗାଡ଼ି ନ ପାଇ ବହୁ କଷ୍ଟରେ ଏହି ଓଜନିଆ ଭୋଗ ଦ୍ରବ୍ୟ ନେଇ ଦୁର୍ଗାପୁର ଆଶ୍ରମରେ ପହଞ୍ଚି ଦେଖିଲା ବେଳକୁ, ଶ୍ରୀଶ୍ରୀଠାକୁର ଅଛନ୍ତି ଜାଣି ତାଙ୍କ ଆନନ୍ଦର ସୀମା ରହିଲା ନାହିଁ।

୮. ପ୍ରସାଦର ମାହାତ୍ମ୍ୟ ବିଷୟରେ ନୃପେନ୍ଦ୍ର ଭାଇ ଲେଖିଛନ୍ତି – ଏକଦା ସେ ଓ ଜନୈକ ବନ୍ଧୁ ଭ୍ରମଣ ଉଦ୍ଦେଶ୍ୟରେ ଯାଇ ବାଟବଣା ହୋଇ ଆଶ୍ରୟ ଖୋଜୁଥିବା ବେଳେ ଚିନୀଶପୁର କାଳୀବାଡ଼ିରେ ପହଞ୍ଚିଗଲେ। ସ୍ୱୟଂ କାଳୀ ମା' ବାଳିକା ବେଶରେ ତାଙ୍କୁ ବୈକାଳିକ ପୂଜା ପ୍ରସାଦ ଦେଲେ। ପ୍ରସାଦ ଥିଲା କିଛି ଭଜାଚୁଡ଼ା ଓ ଟିକିଏ ତେନ୍ତୁଳି। ବିନା ମିଠାରେ ଚୁଡ଼ା କେମିତି ପାଇବୁ ଚିନ୍ତା କରି ପ୍ରସାଦ ମୁଖରେ ଦେଇ ଯେଉଁ ସ୍ୱାଦ ପାଇଲେ, ତାଙ୍କର ଅନୁଭବ ହେଲା ଆଜି ପର୍ଯ୍ୟନ୍ତ ଜୀବନରେ ଏପରି କୌଣସି ଖାଦ୍ୟ ଖାଇ ନାହିଁ, ଯାହା ସଙ୍ଗେ ସେହି ସ୍ୱାଦର ତୁଳନା ହୋଇପାରେ। ସ୍ୱୟଂ ବାଳିକା ବେଶୀ ମା' ସେମାନଙ୍କୁ ନେଇ ନିଜ କୁଡ଼ିଆ ନାମରେ ଜନୈକ ବୃଦ୍ଧ ବ୍ରାହ୍ମଣଙ୍କ ଗୃହ ସମ୍ମୁଖରେ ଛାଡ଼ି ଦେଲାପରେ, ଉକ୍ତ ବୃଦ୍ଧଙ୍କର କନ୍ୟା ନ ଥିବାର ଓ ସ୍ୱୟଂ କାଳୀବାଡ଼ିର ମା' ଯେ ସେମାନଙ୍କୁ ଆଣି ସେଠାରେ ଛାଡ଼ିଛନ୍ତି, ଏହାଜାଣି ଆମେ ପରମ ସୌଭାଗ୍ୟ ବଶତଃ ମା'ଙ୍କର ଦର୍ଶନ ପାଇଛୁ ବୋଲି ଆନନ୍ଦ ସାଗରରେ ବୁଡ଼ିଗଲୁ। *(ଲୀ:ପ୍ର:୨ୟ - ୩୦୨-୩୦୪ପୃ)*। ପ୍ରସାଦ ଜଗଦ୍‌ଗୁରୁଙ୍କର ହେଉ ବା ଜଗଜ୍ଜନନୀଙ୍କର ହେଉ, ତାହାର ମାହାତ୍ମ୍ୟ ସଦାସର୍ବଦା ଏହିପରି ଅବର୍ଣ୍ଣନୀୟ, ଅତୁଳନୀୟ।

୯. ଆଉ ଏକ ବିଶେଷ ଘଟଣା ଏଠାରେ ଉଲ୍ଲେଖଯୋଗ୍ୟ। ଶ୍ରୀଶ୍ରୀଠାକୁର ଥରେ ସନ୍ଦ୍ୱୀପ ଯାଇଥାଆନ୍ତି ଓ ଭବରଞ୍ଜନ ଗୁହ କିମ୍ବା ଗୋପାଳ ବାନାର୍ଜିଙ୍କ ଘରେ ଥାଆନ୍ତି। ପ୍ରାୟ ଅପରାହ୍ନ ଦେଢ଼ଟା ବେଳେ ପାକଶେଷ ହେଲା, ତାପରେ ଭୋଗ ଘରକୁ ଅନ୍ନ ବ୍ୟଞ୍ଜନ ନିଆଯାଉଥାଏ। ସେହିପଥରେ କାହାର ଗୋଟାଏ ପିଲା ପ୍ରସାବ କରିଦେଇଥାଏ। ଭୋଗ ନେଉଥିବା ବ୍ୟକ୍ତି ସେହି ପ୍ରସାବ ମାଡ଼ି ଚାଲିଗଲେ। "ସଙ୍ଗେ ସଙ୍ଗେ ବିନା ମେଘରେ ବଜ୍ରପାତ ହେଲା – ଶ୍ରୀଶ୍ରୀଠାକୁର ହୁଙ୍କାର କରି ଉଠିଲେ – ଏ କ'ଣ ଶ୍ରୀଶ୍ରୀଠାକୁର-ଭୋଗ ନା ଭୂତର ଭୋଗ ତୁମେମାନେ ଦେଉଛ ?" ସରଯୂ ମା'ଙ୍କ ଭାଷାରେ ସତେ ଯେପରି କଡ଼ମଡ଼କରି ସେହି ଚାଳ ଘରଟା ଭାଙ୍ଗିପଡ଼ିଲା। ଏପରି ଭୟଙ୍କର ଗର୍ଜନରେ ସମସ୍ତେ ଥରହର ହୋଇ କମ୍ପୁଥାନ୍ତି। ଟିକିଏ ଆଗରୁ ଯିଏ ହୁକାନଳ ଟାଣି ଆନନ୍ଦରେ ଗଳ୍ପ କରୁଥିଲେ, ସେ ମୁହୂର୍ତ୍ତକ ମଧ୍ୟରେ ରାଗରେ ଲାଲ୍ ପଡ଼ିଗଲେ। ସମସ୍ତେ ମିଳି ପାଦ ଧରି କ୍ଷମା ମାଗି ଶେଷରେ ତାଙ୍କୁ ଶାନ୍ତ କଲେ। ସବୁ ଫିଙ୍ଗି ଦେଇ ପୁଣି ନୂଆ କରି ଭୋଗ ରନ୍ଧା ଗଲା। ସେ ଯଥାର୍ଥ ଚତୁର୍ଥାଶ୍ରମୀ ଥିଲେ, ସେ ସନ୍ନ୍ୟାସ ଜୀବନରେ ଜାତି ବର୍ଣ୍ଣର ଗଣ୍ଡି ଅତିକ୍ରମ କରି ଯାଇଥିଲେ। ସେ ଥିଲେ ପରମହଂସ। ତାଙ୍କର ନିଜର କିଛି ବାଛ ବିଚର ନଥିଲା। ତାଙ୍କର ଶୁଚି ଅଶୁଚି ସମାନ ହୋଇଯାଇଥିଲା। ତଥାପି ସେ ସନ୍ଦ୍ୱୀପରେ ଯେପରି ରାଗ କଲେ, ତାହା ନିଜ ପାଇଁ ନଥିଲା। "ସେ ସବୁ ଖାଇ ପାରନ୍ତି। କିନ୍ତୁ ଯେଉଁମାନେ ଗୁରୁ ସେବା କରୁଛନ୍ତି, ସେମାନଙ୍କର ପ୍ରତ୍ୟବାୟ ହେବ। ଏହା ସେମାନଙ୍କର ନିଷ୍ଠାର ଅଭାବ ଓ ଅସତର୍କତା ଯୋଗୁଁ ହୋଇଛି। ସମନସ୍କ ସଦାଶୁଚି ହୋଇ ଦେବ ସେବା ଓ ଗୁରୁ ସେବା କିପରି କରିବାକୁ ହୁଏ, ଏହା ସେମାନେ ଜାଣି ନଥିଲେ ବୋଲି ଠାକୁରଙ୍କର ରାଗ।" *(ନୀ:ଠା:ନି:-୧ମ:୧୬୫ପୃ)* ଏହି ବିଷୟଟି ପ୍ରଥମ ପର୍ଯ୍ୟାୟରେ ମଧ୍ୟ ପରିବେଷଣ ହୋଇଛି। କିନ୍ତୁ ଟିକିଏ ଭିନ୍ନ ନିର୍ଯ୍ୟାସ ସହିତ।

୧୦. ଲୀଳାମା'ଙ୍କୁ ନୃପ ଭାଇ, ଦୁର୍ଗାଚରଣ ଭାଇ ଓ ଲକ୍ଷ୍ମୀଧର ଭାଇ ଶ୍ରୀଶ୍ରୀଠାକୁରଙ୍କର ବିଭିନ୍ନ ପସନ୍ଦ ଓ ଅପସନ୍ଦ କଥା ପଚାରିବା ମଧ୍ୟରେ, ଥରେ ଲୀଳା ମା' ଠାକୁରଙ୍କର ପସନ୍ଦ ଭୋଗ ସଂପର୍କରେ କହିଥିଲେ – "ବାବା ମସୁର ଡାଲି ଓ ଆଳୁ ପସନ୍ଦ କରନ୍ତି ନାହିଁ, ସାରୁ ଖାଇବାକୁ ଭଲ ପା'ନ୍ତି। ଶାଗ ଖାଇବାକୁ ଭଲ ପା'ନ୍ତି ଓ ମଟର ଡାଲି ମଧ୍ୟ।" *(ନୀ:ଠା:ନି: ୧ମ: ୧୯୩ପୃ)*

୧୧. ଏଥର ଶ୍ରୀଶ୍ରୀଠାକୁର ମହାରାଜା ନିଜେ କିପରି ଭୋଗ ରନ୍ଧନ କରନ୍ତି, ସେ ବିଷୟରେ ଆଲୋଚନା କରିବା। ଲୀଳା ମା' କହୁଛନ୍ତି – ଆଜି ବଙ୍ଗଳାରୁ ଗଙ୍ଗାଗୋପାଳଭାଇ ନା କିଏ କେଜାଣି ପରିବା ପାର୍ଶଲ ପଠାଇ ଥିଲେ। ଅନେକ ପ୍ରକାର ନୂତନ ପରିବା ଥିଲା, ଯାହା ଏଠାକାର ବଜାରରେ ମିଳେ ନାହିଁ। ବାବା ତାହାଦେଖି ମା'ମାନଙ୍କୁ କହିଲେ ତୁମେମାନେ ଯାହା ଯୋଗାଡ଼ କରୁଛ କର। ମୁଁ ଆଜି ଚଡ଼ଚଡ଼ି ରାନ୍ଧିବି, ଏହାଶୁଣି ଲକ୍ଷ୍ମୀଧର ଭାଇ ଉତ୍ସୁକ ଓ ନୃପଭାଇ ଅବାକ୍ ତଥା ଆଶ୍ଚର୍ଯ୍ୟ ହୋଇ ଯାଇଥାଆନ୍ତି। ବଡ଼ବଡ଼ ଆଖିକରି ଖାଲି ଅନାଇ ରହିଥାନ୍ତି। ମୁଁ (ଲୀଳା ମା') ହାତ ଗୋଡ଼ ହଲାଇ କହିଲି – "ସେ ଯେଉଁ କାଣ୍ଡ ! ଯେଉଁ ପିଢ଼ାରେ ସେ ଜଳଯୋଗ କରନ୍ତି, ସେ ବଡ଼ ପିଢ଼ାଟାକୁ ଦକ୍ଷିଣ ପାଖ ବାରଣ୍ଡାରେ ପକାଇ ଦିଆଗଲା। ବାବା ଆଖିରେ ଚଷମାଦେଇ ପିଢ଼ା ଉପରେ ଆସନ କରି ବସିଲେ; ବସି ନଇଁ ପଡ଼ି ପରିବା କାଟିବାକୁ ଲାଗିଲେ। ଏଣେ ବାଁ ପାଖରେ ହୁକାଟା ରହିଥାଏ – ଥରେ ଥରେ ପନିକି ଛାଡ଼ି ଦେଇ ନଳରେ ମୁଖ ଦେଇ କେତେଥର ଟାଣି ନେଉଥାନ୍ତି। କହୁ କହୁ ମୋତେ ଭାରି ହସ ଲାଗିଲା। ଲକ୍ଷ୍ମୀଧର ଭାଇ ମଧ୍ୟ ହସୁଥାନ୍ତି, ନୃପାଳ ଭାଇ ମୁରୁକି ହସି କହିଲେ– 'ବାବା ସବୁ ପରିବା କାଟିଲେ ?' ହସ ବନ୍ଦକରି କହିଲେ, ହଁ ସୁନ୍ଦର ଭାବରେ କାଟିଲେ। ପୁଣି ଦିଦିଙ୍କୁ (ସରଯୂ ମା'), ଝିଅକୁ (ଡ଼ାକ୍ତର ମା') ଡ଼ାକି ପରିବା ଚୋପା କେତେ କମ୍ କରି ଛଡ଼ାଇଛନ୍ତି, ତାହା ଦେଖାଇଲେ। ତାଙ୍କର ଆଜି ଆଉ ରାନ୍ଧିବା ହେଲାନାହିଁ – ସମୟ ଅତିରିକ୍ତ ହୋଇଯିବ ବୋଲି ମା'ମାନେ ତାଙ୍କୁ ରାନ୍ଧିବାକୁ ଦେଲେ ନାହିଁ। କାଲି ସକାଳୁ ସକାଳୁ ସବୁ ବ୍ୟବସ୍ଥା କରି ବାବାଙ୍କୁ ରାନ୍ଧିବାକୁ ଦେବେ। *(ନୀ:ଠା:ନି: ୧ମ: ୧୯୪– ୧୯୫ପୃ)*

୧୨. ପରିବା କାଟିବା ସଂପର୍କରେ ଠାକୁରଙ୍କର ଆଉ ଏକ ଉକ୍ତି ବହୁତ ଭଲଲାଗେ। ଦିନେ ନୀଳାଚଳ କୁଟୀରରେ ସରଯୂ ମା' କଞ୍ଚାକଦଳୀ କାଟୁଥାନ୍ତି (ପୂର୍ବବଙ୍ଗରେ ଚୋପାର ଚିହ୍ନ ପର୍ଯ୍ୟନ୍ତ ରଖାଯାଏ ନାହିଁ)। ଶ୍ରୀଶ୍ରୀଠାକୁର ଦକ୍ଷିଣ ବାରଣ୍ଡାରେ ବସି ମୁଖ ଧୋଉଥିଲେ। ହଠାତ୍ ମୁଖ ଫେରାଇ ପାକଶାଳା ସମ୍ମୁଖରେ ଉପବିଷ୍ଟ ସରଯୂ ମା'ଙ୍କ ଉଦ୍ଦେଶ୍ୟରେ କହିଉଠିଲେ ସାରିଲାରେ, ଏ ଝିଅ ମୋତେ ଫକୀର କରିବ। ସରଯୂ ମା' ତ ଲଜ୍ଜା ଭୟରେ କାଠ ପାଲଟି ଗଲେଣି, କ'ଣ ହେଲାରେ ବାବା ? ସେତେବେଳେ ସଦୟ ହୋଇ କହିଲେ କଞ୍ଚା କଦଳୀର ଚୋପା ଏତେ ଛଡ଼ାଇ ଦେଲ କାହିଁକି ? ଆହୁରି କମ୍ କରି ଛଡ଼ାଇବ। *(ନୀ:ଠା:ନି: ୧ମ: ୧୯୫ପୃ)*

୧୩. ଆଉ ଏକ ବିଶେଷ ପ୍ରସଙ୍ଗକୁ ଆସିବା। ଭାରତ ଭ୍ରମଣ ସମୟରେ ଟ୍ରେନ୍‌ରେ ଭ୍ରମଣକାଳୀନ ସମସ୍ତ ଆନନ୍ଦ ଖାଇବା ସମୟରେ ଉଭେଇ ଯାଉଥିଲା। "ପ୍ରତିଦିନ ଗୋଡ଼ିମିଶା ମୋଟା ଚାଉଳର ଭାତ, ଅସିଦ୍ଧ ହରଡ଼ ଡାଲି ଓ ରାଜ୍ୟଯାକର ଯେତେ ବାଜେ ପରିବାରେ ତିଆରି ଗୋଟାଏ ଘାଣ୍ଟ ଦେଇ ଖାଇଲା ବେଳେ, ତାହା କଣ୍ଠନାଳୀ ଦେଇ ଯେପରି ଭିତରକୁ ଯାଉ ନ ଥାଏ ! ବାବା (ଶ୍ରୀଶ୍ରୀଠାକୁର) ତରକାରୀକୁ ଏପଟ ସେପଟ କରି କହନ୍ତି – ରାନ୍ଧୁଣିଆମାନେ ଯେଉଁଠି ବସି ରାନ୍ଧନ୍ତି ସେ ସ୍ଥାନଟା ଆଗେ ପରିଷ୍କାର କରିସାରି ସିନା ପଛରେ ଚୂଲି ତିଆରି କରନ୍ତେ ! ସେହି ଘାସପତ୍ର ଜଙ୍ଗଲ ଗଛଗୁଡ଼ାକୁ ମଧ୍ୟ ଏଥିରେ ପକାଇ ଦେଉଛନ୍ତି। ତା ସଙ୍ଗରେ ଶୁଷ୍କ 'ନରବର' (ଗୋ–ବର ଗୋରୁର ମଳ, ଅତଏବ ନରବର ମନୁଷ୍ୟର) ପାଇଲେ ତାହା ମଧ୍ୟ ମସଲା ହିସାବରେ ହୁଏତ ଦେଇ ଦେଉଥିବେ !" ଯାହାହେଉ ସେ ହସହସ ମୁଖରେ ତାକୁ ହିଁ ନେଇ କ୍ଷୁଧା ନିବୃତ୍ତି କରନ୍ତି ଏବଂ ମା'ମାନେ ତାହା ଦେଖି ହାୟ ହାୟ କରନ୍ତି। ସବୁ ସ୍ଥାନରେ ତ ବଜାର ହାଟ ନଥାଏ। (ମା'ମାନେ ଦୁଃଖ କରୁଥିଲେ) ଗୋଟାଏ କ୍ଷୋଭ ଆଣିଥିଲେ ସେମାନେ ଠାକୁରଙ୍କୁ ଏଭଳି କଦନ୍ନ ଖାଇବାକୁ ଦେଇ ନଥାନ୍ତେ। *(ନୀ:ଠା:ନି: ୧ମ–୨୪୫–୨୪୬ପୃ)*

୧୪. ଶ୍ରୀଶ୍ରୀଠାକୁର ସ୍ୱୟଂ ବଗୁଡ଼ା ଆଶ୍ରମରେ ଦୁଇଟି ଲିଚୁ ଗଛ ଲଗାଇଥିଲେ। ଏହା ବିଶେଷ କିସମର ଲିଚୁ ଥିଲା। ବହୁତ ମିଠା ଓ ମଞ୍ଜିଛୋଟ। ୧୦୦ ବର୍ଷରୁ ଅଧିକ ହେଲାଣି ଏଇ ବୃକ୍ଷ ଦ୍ୱୟଙ୍କୁ। ପ୍ରଚୁର ଫଳ ଏବେ ବି ହେଉଛି। ବଗୁଡ଼ା ଆଶ୍ରମରେ ଫଜିଲି ଆମ୍ବ ମଧ୍ୟ ପ୍ରଚୁର ଫଳେ। ଏତଦ୍ ବ୍ୟତୀତ ଜାମୁରୋଳ ଗଛଟିରେ ଅଜସ୍ର ଫଳ ଧରେ। ଏଠାରେ ଥିବା କରମଙ୍ଗା ଗଛଟି ଥିଲା

ସ୍ୱତନ୍ତ୍ର । ବଡ଼ ଫଳ ହୁଏ ଯାହାକି ଖଟା ନାହିଁ କିନ୍ତୁ ଅତ୍ୟନ୍ତ ସୁସ୍ୱାଦୁ । ଏସବୁ ଫଳ ଅତ୍ୟନ୍ତ ପ୍ରିୟ ଥିଲା ଠାକୁରଙ୍କର । ଏଠାରୁ ଲିଚୁ ପାର୍ଶଲ ଯୋଗେ ନୀଳାଚଳ କୁଟୀରକୁ ଠାକୁରଙ୍କ ପାଇଁ ପଠାଯାଉଥିଲା । *(ବଗୁଡ଼ା ସ୍ମୃତି - ୩୪ପୃ)*

୧୫. ବଗୁଡ଼ାରେ ଶ୍ରୀଶ୍ରୀଠାକୁରଙ୍କର ଜନ୍ମୋତ୍ସବ ପାଳନରେ ମୁଖ୍ୟ ଭୋଗ ଥିଲା - ଖେଚୁଡ଼ି (ଲାବଡ଼ା) ଓ ଦୀନୁ ଘୋଷର ପ୍ରସିଦ୍ଧ ଦହି । ବଗୁଡ଼ାର ଦକ୍ଷିଣ ଚେଲୋପୋଡ଼ାର ଦୀନୁଘୋଷ ଆଶ୍ରମକୁ ଭୋଗ ନିମିତ୍ତ ଦହି ଯୋଗାନ୍ତି । ଏହା ଅତ୍ୟନ୍ତ ସୁସ୍ୱାଦୁ ଓ ସ୍ୱତନ୍ତ୍ର ଥିଲା । *(୩୭ପୃ)*

୧୬. ଶ୍ରୀଶ୍ରୀଠାକୁରଙ୍କର ଭୋଗ ଓ ପ୍ରସାଦ ଗ୍ରହଣରେ ଏକ ଅପୂର୍ବ ସାମଞ୍ଜସ୍ୟ ହାଲିସହର ସମ୍ମିଳନୀରେ ଦେଖିବାକୁ ମିଳେ । ଏକ ହାଲିସହର ସମ୍ମିଳନୀରେ ଶ୍ରୀଶ୍ରୀଠାକୁର ଭକ୍ତ ଭାବରେ ଆବିଷ୍ଟ ହୋଇଥିଲେ । ତାଙ୍କୁ ସ୍ୱତନ୍ତ୍ର ଭାବେ ରନ୍ଧାଯାଇ ଭୋଗ ଗ୍ରହଣ ପାଇଁ ନିମନ୍ତ୍ରଣ କରାଗଲା । ସେ କିନ୍ତୁ ସେଦିନ ଛଳଛଳ ନେତ୍ରରେ କାନ୍ଦି କାନ୍ଦି କହିଲେ - "ମୁଁ ଗୁରୁ ଗୃହକୁ ଆସିଛି, ଗୁରୁଙ୍କର ପ୍ରସାଦ ପାଇବି ସମସ୍ତଙ୍କ ସହିତ ଏକ ସଙ୍ଗରେ, ସମସ୍ତେ ଯାହା ପାଇବେ ମୁଁ ମଧ୍ୟ ତାହାହିଁ ପାଇବି ।" ଅଗତ୍ୟା ବାହାରେ ତାଙ୍କର ଆସନ ପକାଗଲା । ସେ ସେଠାକୁ ଆସି ଆସନକୁ ଫୋପାଡ଼ି ଦେଇ ମାଟି ଉପରେ ବସି ପଡ଼ିଲେ ଓ କହିଲେ- "ଗୁରୁଙ୍କ ପ୍ରସାଦ ପାଇବା ପାଇଁ ଆସନର ପ୍ରୟୋଜନ ?" ସେଦିନ ଶ୍ରୀଶ୍ରୀଠାକୁର ଭକ୍ତ ଭାବ ଅବଲମ୍ବନ କରି ଭକ୍ତଗଣଙ୍କୁ ତାଙ୍କର ଆଚରଣ ଶିକ୍ଷା ଦେଲେ । *(ବଗୁଡ଼ା ସ୍ମୃତି - ୫୭ପୃ)*

୧୭. ଶ୍ରୀଶ୍ରୀଠାକୁର ସେବକ ବ୍ରହ୍ମଚାରୀଙ୍କୁ ଭୋଗରନ୍ଧନରେ ଶିକ୍ଷାଲାଭ ପାଇଁ ଭୈରବୀ ମା'ଙ୍କ ନିକଟକୁ ପଠାଉଥିଲେ । ବଗୁଡ଼ାରେ ଥିଲାବେଳେ ନଳିନୀ ଭାଇଙ୍କ ହାତରନ୍ଧା ମୋଟେ ସୁସ୍ୱାଦୁ ନଥିଲା । ଶ୍ରୀଶ୍ରୀଠାକୁରଙ୍କ ନିର୍ଦ୍ଦେଶରେ ମଠକୁ ଯାଇ "ଶ୍ରୀଶ୍ରୀଠାକୁରଙ୍କ ଭୋଗ ରନ୍ଧନରେ ହାତଦେବା ପରେ, ମା'ଙ୍କର (ଭୈରବୀ ମା') ଶିକ୍ଷାନୁସାରେ ତାଙ୍କର ହାତ ଖୋଲି ଯାଇଥିଲା । ତାଙ୍କର ରୋଷେଇ ଏପରି ସୁସ୍ୱାଦୁ ହେଉଥିଲା ଯେ, ତାହା ଅନିର୍ବଚନୀୟ ।" *(୧୦୭ପୃ)*

୧୮. ଉପସ୍ଥିତ ବୁଦ୍ଧିରେ ଶ୍ରୀଶ୍ରୀଠାକୁରଙ୍କୁ ଦିନେ ଭୁବନ ଦା' ଭୋଗ ନିବେଦନ କରିଥିଲେ । ସମ୍ଭବତଃ ଭାଓ୍ୱାଲରୁ ଶ୍ରୀଶ୍ରୀଠାକୁର ଫେରୁଥାନ୍ତି ନୃପେନ୍ଦ୍ର ଭାଇଙ୍କ ଘରକୁ । ଶ୍ରୀଶ୍ରୀଠାକୁର ଅସୁସ୍ଥତା ବଶତଃ ଦୁର୍ବଳ ଥାଆନ୍ତି, ବାଟରେ ଶ୍ରୀଶ୍ରୀଠାକୁରଙ୍କ ଭୋଗ ନିମିତ୍ତ ଭୁବନଦା କେତେ ଘଣ୍ଟା ପାଇଁ ଚାଳଘରଟିଏ ଭଡ଼ାନେଇ, ରନ୍ଧନ ନିମିତ୍ତ ହାଣ୍ଡି, କଡ଼େଇ, ଚାଉଳ, ଡ଼ାଲି, ପରିବା ଓ ଇନ୍ଧନ ପାଇଁ ଦୁଇବୋଝ କାଉଁରିଆ କାଠି ଆଣି ଭୋଗ ପ୍ରସ୍ତୁତ କରିଦେଲେ । କିନ୍ତୁ ଶ୍ରୀଶ୍ରୀଠାକୁର - ବସିବା ପାଇଁ ଆସନ ନଥିଲା । ଶକ୍ତି ଦା'ନିଜର କମ୍ବଳକୁ ଭାଙ୍ଗି ଆସନ କରିଦେଲେ । ଶ୍ରୀଶ୍ରୀଠାକୁର ଭୋଗ ପାଇସାରିଲା ପରେ ଭୁବନଭାଇ, ଶକ୍ତିଭାଇ, କରୁଣାମା, ବନବିହାରୀ ଭାଇ ଓ ପ୍ରାଣବନ୍ଧୁ ଭାଇ ପ୍ରସାଦ ପାଇଲେ । ଶକ୍ତି ଭାଇଙ୍କ କମ୍ବଳ ସେଦିନ ଧନ୍ୟ ହୋଇଗଲା । *(୧୧୪ପୃ)*

୧୯. ଜୟଦେବପୁର ରାଜବାଟୀରେ ଶ୍ରୀଶ୍ରୀଠାକୁରଙ୍କ ଭୋଗ ପରିପାଟୀ ଖୁବ୍ ଦର୍ଶନୀୟ ଥିଲା । ଶ୍ରୀଶ୍ରୀଠାକୁର ସେଠାରେ ଗୋଟିଏ ଦିନ ଓ ଗୋଟିଏ ରାତି ଅବସ୍ଥାନ କରିଥିଲେ । ରାଜବାଟୀରେ ବିରାଟ ରୂପା ଥାଳିରେ ମନ୍ଦିର ଚୂଡ଼ାକୃତି ଅନ୍ନ-ସ୍ତୂପ, ରୂପାର ଡାଟିଆରେ ବିବିଧ ବ୍ୟଞ୍ଜନ, ଦୁଇ ତିନି ପ୍ରକାର ଡ଼ାଲି, ଆମ୍ବିଳ, ହାଣ୍ଡି ହାଣ୍ଡି ଭର୍ତ୍ତି ବିବିଧ ତରକାରୀ । ସେଦିନର ଭୋଗ ନିବେଦନ ମଧ୍ୟ ଅଭିନବ ଥିଲା । ଶ୍ରୀଶ୍ରୀଠାକୁରଙ୍କୁ ମୂଲ୍ୟବାନ ଆସନରେ ବସାଇ ତାଙ୍କ ସମ୍ମୁଖରେ ସମସ୍ତ ଜିନିଷ ଯୋଗେନ୍ଦ୍ର ଭାଇ ରଖିଦେଲେ । ଘଣ୍ଟା ବଜାଇ ଧୂପଦୀପ ଦେଇ ସାକ୍ଷାତ ଦେବତାଙ୍କର ଆରତୀ କଲେ । ସେ ଯେ କି ଏକ ସ୍ୱର୍ଗୀୟ ଦୃଶ୍ୟ । ଶ୍ରୀଶ୍ରୀଠାକୁର ସେଥିମଧ୍ୟରୁ ସାମାନ୍ୟ କିଛି ଗ୍ରହଣ କଲେ । ବାକି ସବୁ ଅବଶିଷ୍ଟ ରହିଲା ତାଙ୍କର ପ୍ରସାଦ ତଥା ଅମୃତ ରୂପରେ । ଆମେମାନେ ସମସ୍ତେ ସେ ଅମୃତୋପମ ପ୍ରସାଦ ପାଇ ଧନ୍ୟ ଏବଂ କୃତକୃତାର୍ଥ ହୋଇଗଲୁ । *(୧୧୫ପୃ)*

୨୦. ମଠର ସମ୍ଭବତଃ ଶେଷ ସମ୍ମିଳନୀରେ, ଶ୍ରୀଶ୍ରୀଠାକୁର ସନ୍ଧ୍ୟାପରେ ଆଲଷ୍ଟାର ଓ ପଶମ ଶାଲରେ ଆପାଦ ମସ୍ତକ ଘୋଡ଼ାଇ ହୋଇ ଲାଲ ମୋହନ ଭାଇଙ୍କ ମିଠା ଦୋକାନକୁ ଯାଇ ବେଞ୍ଚ ଉପରେ ବସି ପଡ଼ିଲେ । ଅନ୍ୟତ୍ର ବର୍ଣ୍ଣନା ଅଛି, ସମ୍ମିଳନୀରେ ସମସ୍ତେ ଆନନ୍ଦ କଲେ କିନ୍ତୁ ଲାଲ ମୋହନ ଭାଇଙ୍କ ମିଠା ବିକ୍ରୀ ନ ହେବାରୁ ତାଙ୍କ ମନ ଦୁଃଖ ଥିଲା । ଅନ୍ତର୍ଯ୍ୟାମୀ ଠାକୁରଙ୍କୁ ଏହା କଷ୍ଟ ପ୍ରଦାନ କରିଥିଲା । ସେ ନିଜ ବିଶ୍ରାମ କକ୍ଷରୁ ବାହାରି ଆସି ତାଙ୍କ ମିଠା ଦୋକାନକୁ ଚାଲିଲେ । ସମସ୍ତଙ୍କୁ ଏବଂ ଲାଲ୍‌ମୋହନ ଭାଇଙ୍କୁ କହିଲେ ଭୁବନ ଆଜି ମୋତେ ଯାହା ଭୋଗ ନିବେଦନ କଲା, ମୋର ପେଟ ପୂରିଲା ନାହିଁ । ଏଣୁ

ମୋତେ ସମସ୍ତ ମିଠେଇ ଥାଳି ଦେଇ ଦେ। ସେତେବେଳକୁ ଭକ୍ତମାନେ ଠାକୁରଙ୍କୁ ଘେରି ଗଲେଣି। ଶ୍ରୀଶ୍ରୀଠାକୁର ସାଲାଗଣ ମୋତେ ଖାଇବାକୁ ଦେବେନି କହି ଆନନ୍ଦରେ ସମସ୍ତଙ୍କୁ ମିଠେଇ ବାଣ୍ଟି ଦେଇ ଭୁବନ ଦା'ଙ୍କୁ ପଇସା ଆଣି ଦେଇ ଦେବାକୁ ଆଦେଶ କଲେ।

୨୧. ତା.୦୩.୧୧.୧୯୩୩ ତାରିଖରେ ଶ୍ରୀଶ୍ରୀଠାକୁର ନୀଳାଚଳ କୁଟୀରରୁ ଶକ୍ତି ଦା'ଙ୍କୁ ଏକ ପତ୍ରରେ ଲେଖିଥିଲେ - "ଆଶ୍ରମରେ ଘିଅ ଥିଲେ ତାହା ପଠାଇବା ପାଇଁ ପ୍ରେମାନନ୍ଦକୁ କହିବ। ଭାତରେ ଖାଇବା ପାଇଁ ଘିଅର ଏକାନ୍ତ ଅଭାବ।" *(୧୨୦ ପୃ:)*

୨୨. ଆଉ ଏକ ବିଚିତ୍ର ଭୋଗ ଗ୍ରହଣ ଏଠାରେ ବର୍ଣ୍ଣନା ନ କରି ରହି ହେଉନି। ଭାଓ୍ୱାଲ ସମ୍ମିଳନୀର ଆନନ୍ଦ ସଭା। ରସରାସେଶ୍ୱର ରସିକ ପ୍ରବର ଶ୍ରୀଶ୍ରୀଠାକୁର ମଧ୍ୟମଣି ସ୍ୱରୂପ ବସିଥାଆନ୍ତି। ଆନନ୍ଦ ସଭା ମଝିରେ ଶ୍ରୀଶ୍ରୀଠାକୁରଙ୍କୁ ନୈଶ୍ୟ ଭୋଗ ଗ୍ରହଣ କରିବା ନିମିତ୍ତ ଆହ୍ୱାନ ଆସିଲା। ଶ୍ରୀଶ୍ରୀଠାକୁର କହି ଉଠିଲେ - "ଆନନ୍ଦ ସଭା ଛାଡ଼ି ମୁଁ ଭିତରକୁ ଯାଇ ପାରିବି ନାହିଁ। ମୋର ଭୋଗର ସମ୍ଭାର ଏଠାକୁ ନେଇ ଆସ। ଏହି ଠାରେ ହିଁ ମୁଁ ଆଜି ଭୋଗ ଗ୍ରହଣ କରିବି। କିଏ ମୋର ଟେବୁଲ ହେବ ଚାଲିଆସ। ତା' ମୁଣ୍ଡ ଉପରେ ରହିବ ମୋର ଭୋଗର ଥାଳି। ବଗୁଡ଼ାର ସୁରେନ୍ ଭାଇ ସଙ୍ଗେ ସଙ୍ଗେ ଛୁଟିଗଲେ ଏବଂ ଶ୍ରୀଶ୍ରୀଠାକୁରଙ୍କ ଚୌକି ସମ୍ମୁଖରେ ବସି ପଡ଼ିଲେ। ଶ୍ରୀଶ୍ରୀଠାକୁରଙ୍କର ନିର୍ଦ୍ଦେଶକ୍ରମେ ସୁରେନ୍ଦ୍ର ଭାଇଙ୍କ ମସ୍ତକରେ ରଖାଗଲା ଶ୍ରୀଶ୍ରୀଠାକୁରଙ୍କର ଭୋଗର ଥାଳି। ଶ୍ରୀଶ୍ରୀଠାକୁର ଧୀରେ ଧୀରେ ଭୋଗ ଗ୍ରହଣ କରିବାକୁ ଲାଗିଲେ। ଏଣେ ନିରବଚ୍ଛିନ୍ନ ଭାବରେ ଆନନ୍ଦ ରସର ପରିବେଷଣ ଚାଲିବାକୁ ଲାଗିଲା। ଶ୍ରୀଶ୍ରୀଠାକୁରଙ୍କର ରସନା ଭୋଗ୍ୟ ବସ୍ତୁର ରସାସ୍ୱାଦନ କରୁଥାଏ ଏବଂ କର୍ଣ୍ଣ କରୁଥାଏ ଆନନ୍ଦ ସଭାର ଆନନ୍ଦରସର ଆସ୍ୱାଦନ। ଶ୍ରୀଶ୍ରୀ ଠାକୁରଙ୍କର ଭୋଗ ଗ୍ରହଣ ସମାପ୍ତ ହେଲା। ତାଙ୍କର ଦକ୍ଷିଣ ହସ୍ତ ନିମ୍ନାଭିମୁଖରେ ଲମ୍ବମାନ ହେଲା। ସୁରେନ୍ଦ୍ର ଭାଇ ସେତେବେଳେ ଶ୍ରୀଶ୍ରୀଠାକୁରଙ୍କର ସେହି ରସସିକ୍ତ ଆଙ୍ଗୁଳିକୁ ସ୍ତନ୍ୟପାୟୀ ଶିଶୁ ତାହାର ଜନନୀର ସ୍ତନ୍ୟପାନ କଲା ପରି ଚାଟିବାକୁ ଲାଗିଲେ। ଶ୍ରୀଶ୍ରୀଠାକୁର ବୁଝିଲେ ଏ ସୁରେନ୍ଦ୍ରର କାଣ୍ଡ। ସେ ହସି ହସି କହିଲେ - "ଦେଖ୍ ଯେପରି ଆମିଷ କରି ନ ପକାଉ।" (ଏହାର ଅର୍ଥ - ଯେପରି ରକ୍ତ ବାହାର କରି ନ ପକାଉ।) *(୧୨୭ପୃ:)*

୨୩. ଶ୍ରୀଶ୍ରୀଠାକୁରଙ୍କ ବିଚିତ୍ର ଭୋଗ ଗ୍ରହଣର ଆଉ ଏକ ନୂତନ ଅଧ୍ୟାୟ। ଶ୍ରୀଶ୍ରୀଠାକୁର ଯାଇଥାଆନ୍ତି ଆଲୋକଝାଡ଼ୀ ଗ୍ରାମକୁ। ପ୍ରିୟବ୍ରତ ଭାଇ ଶ୍ରୀଶ୍ରୀଠାକୁରଙ୍କର ଭୋଗ ରାନ୍ଧନ୍ତି। ସେ ରନ୍ଧନର ଉପକରଣ ଗୁଡ଼ିକ ସଜାଇ ରଖି ଥାଆନ୍ତି। ସୈନ୍ଧବ ଲବଣ ଗୁଣ୍ଡ ଓ ମିଶ୍ରି ଗୁଣ୍ଡ ଏକା ପ୍ରକାର ପାତ୍ରରେ ଥାଏ। ଉଭୟ ପାତ୍ରର ସ୍ଥାନ ଯଥା ସ୍ଥାନରେ ପ୍ରିୟବ୍ରତ ଭାଇ ରଖିଥିଲେ। କିନ୍ତୁ କେହି ଜଣେ ଦୁଇଟି ପାତ୍ରର ସ୍ଥାନ ପରିବର୍ତ୍ତନ କରି ଦେଇଥିଲା। ଫଳତଃ ସୈନ୍ଧବ ଲୁଣ ଯାଗାରେ ମିଶ୍ରି ଓ ମିଶ୍ରି ଯାଗାରେ ସୈନ୍ଧବ ଲୁଣ ମିଶିଥିଲା। ଶ୍ରୀଶ୍ରୀଠାକୁର ଭୋଗରେ ବସି ଦେଖିଲେ ଏ କ'ଣ ? ଡାଲି, ତରକାରୀ ମିଠା ଲାଗିଲା। ଦୁଧ ଓ ସର ଲୁଣିଆ ଲାଗିଲା। ଶ୍ରୀଶ୍ରୀ ଠାକୁରଙ୍କ ଭୋଗ ଠିକ୍ ଭାବେ ହେଲା ନାହିଁ। ସେ କାହା ଉପରେ ମଧ୍ୟ ରାଗିଲେ ନାହିଁ କି ବିରକ୍ତ ହେଲେ ନାହିଁ। ନିଃଶବ୍ଦରେ ଆସନ ଛାଡ଼ି ଉଠିଗଲେ। କାହାରି ପାଖରେ ଏକଥାଟି ପ୍ରକାଶ ମଧ୍ୟ କଲେ ନାହିଁ। କାରଣ ଥିଲା- ଶ୍ରୀଶ୍ରୀଠାକୁର ଥିଲେ ଅତ୍ୟନ୍ତ ସ୍ନେହ ପରାୟଣ ଓ କାହାରି ମନରେ କଷ୍ଟ ଦେବାକୁ ସେ ଚାହୁଁ ନ ଥିଲେ। *(୧୭୨ପୃ.)*

୨୪. ଶ୍ରୀଶ୍ରୀଠାକୁରଙ୍କର ଭୋଗ ଗ୍ରହଣ ସଂପର୍କରେ ଆଉ ଏକ ନୂଆ କଥା। ଦିନେ କୁଚ ବିହାର ଟାଉନର କମଳକାନ୍ତ ଦଲାଇ ଭାଇ କିଛି ଭଲ ପାମ୍ପଡ଼ ଆଣି ଭୁବନ ଭାଇଙ୍କୁ କହିଲେ - ଆଜି ପାଁପଡ଼ର ଡାଲଣା କରି ଠାକୁରଙ୍କ ଭୋଗରେ ଦେବ। ଆଶ୍ଚର୍ଯ୍ୟ ହେଲେ ଭୁବନ ଭାଇ। କହିଲେ- ସେ ପୁଣି କି ଜିନିଷ ? କମଳ ଭାଇ ବତାଇ ଦେବାରୁ ପାମ୍ପଡ଼ ଡାଲଣା ହେଲା ଓ ଶ୍ରୀଶ୍ରୀଠାକୁର ଅତ୍ୟନ୍ତ ତୃପ୍ତି ସହକାରେ ଏହା ଗ୍ରହଣ କରି କହିଲେ ଆଜି ଗୋଟିଏ ନୂଆ ଜିନିଷ ଖାଇଲି।

୨୫. ଶ୍ରୀଶ୍ରୀଠାକୁର ମହାରାଜାଙ୍କର ଭୋଗ ସମ୍ପର୍କରେ ଏକ ଅଭାବନୀୟ ଘଟଣା ମନରେ ଗଭୀର ଦୁଃଖ ସଞ୍ଚାର କରେ। ପ୍ରାରମ୍ଭରେ ମଠର ଆର୍ଥିକ ଅବସ୍ଥା ଖୁବ୍ ଶୋଚନୀୟ ଥିଲା। ୧୯୧୪ ମସିହାରେ ମଠରେ ଶ୍ରୀଶ୍ରୀଠାକୁରଙ୍କ ଭୋଗରେ ୫ଟି ବ୍ୟଞ୍ଜନ ଥିଲା, ଯଥା - ତରକାରୀ, ସିଝାଡ଼ାଲି, ଟିକେ ଘିଅ, ଦୁଧ ଓ ଦୁଇଚାମଚ ଭାତ। ଏଥିରେ ମାସିକ ୭୦ ଟଙ୍କା ବ୍ୟୟ ହେଉଥିଲା। ମଠର ଆର୍ଥିକ ଅଭାବ ହେତୁ ବୋଧାନନ୍ଦ ମହାରାଜ ଏହି ଖର୍ଚ୍ଚ କମାଇବାକୁ ଶ୍ରୀଶ୍ରୀଠାକୁରଙ୍କୁ ଜଣାଇଲେ। ସେ ସମୟରେ ଭକ୍ତ ଓ ସେବକମାନଙ୍କର ଭାତ ସାଙ୍ଗକୁ ଲାଉ ସିଝା ଓ କଳମଶାଗ ଭଜା ଦୈନନ୍ଦିନ ଆହାର ଥିଲା। ଶ୍ରୀଶ୍ରୀଠାକୁରଙ୍କ ଭୋଗ ଖର୍ଚ୍ଚ କମାଇବା ପାଇଁ ଅନୁରୋଧରେ ଶ୍ରୀଶ୍ରୀଠାକୁରଙ୍କୁ ବହୁତ କଷ୍ଟ ହୋଇଥିଲା। ଶ୍ରୀଶ୍ରୀଠାକୁର କହିଲେ ତାଙ୍କର ଦୈନନ୍ଦିନ ଭୋଗବାବଦକୁ

ସେମାନଙ୍କଠାରୁ ପଇସାଟିଏ ବି ନେବେ ନାହିଁ। ଏହି ଘଟଣା ମଠ ଇତିହାସରେ ଏକ ଦୁଃଖଦାୟକ ଘଟଣାଥିଲା। ତେବେ ଜନୈକ ଜମିଦାର ଓ କିଛି ଭକ୍ତ ଅଳ୍ପଦିନ ମଧ୍ୟରେ ମାସିକ ଟ'୧୦୦ଙ୍କା ଭୋଗ ଖର୍ଚ୍ଚ ବହନ କରିବାରୁ ସମସ୍ୟାର ଆଶୁ ସମାଧାନ ହୋଇଥିଲା।

୨୬. ସିଦ୍ଧାନନ୍ଦ ମହାରାଜ ଲେଖିଛନ୍ତି - କୋକିଳାମୁଖି ମଠରେ ସପ୍ତାହରେ ଦିନେ ମାତ୍ର ପାଣିଆ ଡ଼ାଲି ଓ ଅନ୍ୟଦିନମାନଙ୍କରେ କଳମଶାଗର ଝୋଳ ହେଉଥିଲା। ଶ୍ରୀଶ୍ରୀଠାକୁରଙ୍କ ମନ୍ତ୍ରଶିଷ୍ୟ ଓଡ଼ିଶାର ଗୋବିନ୍ଦ ପଣ୍ଡା ଭାଇ ବଗୁଡ଼ାରେ ପସାରୁଣୀ ପତ୍ରଦେଇ ତରକାରୀ ରାନ୍ଧିବା ଶିଖାଇଥିଲେ। ଦିନେ ବଗୁଡ଼ା ଆଶ୍ରମ ତହବିଲରେ ଗୋଟିଏ ପଇସା ବି ନ ଥିଲା ବେଳେ ବିନା ତେଲରେ ଖାଲି ଲୁଣଦେଇ ପସାରୁଣୀ ପତ୍ର ଝୋଳ ତିଆରି କରି ଠାକୁରଙ୍କୁ ନିବେଦନକରି ସମସ୍ତେ ଆନନ୍ଦ ସହକାରେ ପ୍ରସାଦ ପାଇଥିଲେ।

୨୭. ଶ୍ରୀଶ୍ରୀଠାକୁରଙ୍କର ବିଚିତ୍ର ଭୋଗ ଓ ପ୍ରସାଦ ଆଉଦିନେ ଦେଖିବାକୁ ମିଳିଥିଲା ହାଲିସହର ସମ୍ମିଳନୀରେ। ପ୍ରଥମଦିନ କ୍ଷେପାଭାଇ (ପଣ୍ଡିତ କ୍ଷେପାଦାସ ଭଟ୍ଟାଚାର୍ଯ୍ୟ) ପ୍ରତ୍ୟକ୍ଷ ସଂଧ୍ୟାରାତୀ କରିଥିଲେ ଓ ଠାକୁରଙ୍କ ମୁଖରେ ସନ୍ଦେଶ ଭୋଗ ଖୁଆଇ ଦେଇ ଭୋଗ ନିବେଦନ କରିଥିଲେ ଓ ଜଳପାନ କରାଇ ଶ୍ରୀମୁଖ ରୁମାଲରେ ପୋଛି ଦେଇଥିଲେ। ସମସ୍ତଙ୍କ ଭାଗରେ ଗୋଟିଏ ଲେଖାଏଁ ସନ୍ଦେଶ ପ୍ରସାଦ ପଡ଼ିଥିଲା। ଏହାପରେ ଶ୍ରୀଶ୍ରୀଠାକୁର ହୁକାନଳୀରେ ତମାଖୁ ଖାଇବା ପରିବର୍ତ୍ତେ ସିଗାରେଟ୍ ଖାଇବା ପାଇଁ ଚାହିଁଲେ। ଶ୍ରୀଶ୍ରୀଠାକୁର ସିଗାରେଟ୍ ଖାଉ ଖାଉ ଅଧାଜଳା ସିଗାରେଟ୍ ଧରି ଭକ୍ତ ମାନଙ୍କୁ ସମ୍ବୋଧନ କରି କହିଲେ - କିଛି ସମୟ ପୂର୍ବରୁ ମୋର ସନ୍ଦେଶ ପ୍ରସାଦ ପାଇଲ। ବର୍ତ୍ତମାନ ତୁମମାନଙ୍କ ଭିତରୁ ସିଗାରେଟ୍ ପ୍ରସାଦ କିଏ ନେବ ଆସ। ବଗୁଡ଼ାର ସୁରେନ୍ଦ୍ର ଭାଇ ନିର୍ଭୟରେ ଶ୍ରୀଶ୍ରୀଠାକୁରଙ୍କ ନିକଟକୁ ଯାଇ କହିଲେ ଦିଅନ୍ତୁ। ଶ୍ରୀଶ୍ରୀଠାକୁର ସ୍ନେହ ପୂର୍ଣ୍ଣ ଧମକ ଦେଇ କହିଲେ 'ଯା ବସ୍ ଯା।' ସେଦିନ ଶ୍ରୀଶ୍ରୀଠାକୁର ଦେଖାଇ ଦେଲେ ଯେ ତାଙ୍କର ଏପରି ଭକ୍ତ ଅଛନ୍ତି ଯିଏ କି ସିଗାରେଟ୍ ପ୍ରସାଦ ନେବାକୁ ପଶ୍ଚାତ୍‌ପଦ ନୁହନ୍ତି। *(୨୨୭ପୃ)*

୨୭. ବଗୁଡାରେ ଆଉ ଏକ ଦିନକର ଘଟଣା — ଗୋବିନ୍ଦ ଭାଇଙ୍କର ଇଚ୍ଛା ହେଲା ମାଛ ତରକାରୀ କରି ଶ୍ରୀଶ୍ରୀଠାକୁରଙ୍କୁ ଭୋଗ ନିବେଦନ କରିବେ। ଭକ୍ତର ପ୍ରାଣର ଇଚ୍ଛା ପୂରଣ କରିବା ପାଇଁ ଶ୍ରୀଶ୍ରୀଠାକୁର ସମ୍ମତି ପ୍ରଦାନ କରିଥିଲେ। କିନ୍ତୁ ତାହା ଏଡ଼ାଇ ଦେଇ ଶ୍ରୀଶ୍ରୀଠାକୁର ଅନ୍ୟ ସମସ୍ତ ଭୋଗ ଗ୍ରହଣ କରିଥିଲେ। *(୨୮୯ପୃ.)*

୨୮. ଦିନେ କବିରାଜ ଭାଇଙ୍କ ଜଳେଶ୍ୱରୀତଳା ସ୍ଥିତ ଭଡ଼ା ଘରେ ଶ୍ରୀଶ୍ରୀଠାକୁର ପଦାର୍ପଣ କରିଥିଲେ। ସେଦିନ ଏକାଦଶୀ ଥିଲା। କିନ୍ତୁ ଭକ୍ତମାନଙ୍କର ଐକାନ୍ତିକ ଅନୁରୋଧରେ ଶ୍ରୀଶ୍ରୀଠାକୁର ସେଦିନ ଅନ୍ନଭୋଗ ଗ୍ରହଣ କଲେ ଓ ଅନ୍ୟମାନଙ୍କୁ ପ୍ରସାଦ ପାଇବା ପାଇଁ ନିର୍ଦ୍ଦେଶ ଦେଲେ। ଶକ୍ତିଭାଇ ଲେଖିଛନ୍ତି — ଶ୍ରୀଶ୍ରୀଠାକୁରଙ୍କ ଆଦେଶରେ ମୋର ମଧ୍ୟ ସେଦିନ ଏକାଦଶୀ ଭଙ୍ଗ ହୋଇଥିଲା।

୨୯. ଦିନେ ସ୍ଥଳର ଜମିଦାର ନରେଶ ପାକଡ଼ାଶୀ ଭାଇ ଶ୍ରୀଶ୍ରୀଠାକୁରଙ୍କୁ ତାଙ୍କ ଘରେ ଭୋଗ ଗ୍ରହଣ ପାଇଁ ନିମନ୍ତ୍ରଣ ଜଣାଇ ଥିଲେ। କିନ୍ତୁ ଠାକୁରଙ୍କର ସେଠାକୁ ଯିବାକୁ ଇଚ୍ଛା ନ ଥିଲା। ସେ ଯାଇ ପାରିବେ ନାହିଁ ବୋଲି ସମ୍ବାଦ ପଠାଇଲେ। ନରେଶ ଭାଇ ମଠା ଲୁଗା ପିନ୍ଧି ମଧ୍ୟାହ୍ନ ସମୟରେ ଗୋଟିଏ ନୌକାରେ ଠାକୁରଙ୍କ ପାଇଁ ରନ୍ଧନ କରାଯାଇଥିବା ଅନ୍ନ, ବିବିଧ ବ୍ୟଞ୍ଜନ, ଦୁଗ୍ଧ, ଦହି, ମିଷ୍ଟାନ୍ନ ନେଇ ଆସିଲେ। ଶ୍ରୀଶ୍ରୀଠାକୁର ତାହା ଗ୍ରହଣ କଲେ। *(୩୧୫ପୃ)*

୩୦. ସେବକ ହରିଦାସଙ୍କର ଗୋଟିଏ କଥା ଏଠାରେ ଦେବା ପାଇଁ ସମୀଚୀନ ମନେ ହୁଏ। ନାରାୟଣୀ ମା' ଲେଖିଛନ୍ତି — ହରିଦାସଭାଇ ଯେଉଁଠାରେ ଯେଉଁ ଭଲ ଖାଦ୍ୟ ଦେଖି ଆସନ୍ତି ତାହା ଶିଖି ତିଆରି କରି ଠାକୁରଙ୍କୁ ଖୁଆଇବାକୁ ଇଚ୍ଛା କରନ୍ତି। ତାଙ୍କର ରନ୍ଧନ ହସ୍ତ ଚମତ୍କାର ଥିଲା - ନିତ୍ୟ ନୂତନ ପ୍ରକାରର ରାନ୍ଧି ଭୋଗ ଦିଅନ୍ତି। କେବେ ରସଗୋଲା କରି ଖୁଆଇ ନ ଥିବାରୁ ଗୁଡିଆ ଦୋକାନରେ ବସି ରସଗୋଲା ତିଆରି ପ୍ରଣାଳୀ ଶିଖି ଆସିଲେ। ଘରକୁ ଆସି ପ୍ରଥମ ଚେଷ୍ଟାରେ ସଫଳ ହୋଇଥିଲେ। ଏହିପରି ରାଜଭୋଗ ମଧ୍ୟ ଶିଖିଆସି ପ୍ରସ୍ତୁତ କରିଥିଲେ। *(ନୀ.ଠା.ନୀ. — (୧ମ)-୭୪ପୃ)*

୩୧. ଶ୍ରୀଶ୍ରୀଠାକୁରଙ୍କ ଭୋଗ ପ୍ରସଙ୍ଗରେ ନାରାୟଣୀ ମା' ଆଉ ଦିନକର ଘଟଣା ଲେଖିଛନ୍ତି। ରୂପା ଥାଳି ଚାରିପଟରେ ରୂପା ତାଟିଆ ସଜ୍ଜିତ। ...ସେ ଆସନରେ ବସି ହାତ ଧୋଇ ଭୋଜନର ଆଡମ୍ବରକୁ ଭଲ କରି ଥରେ ପର୍ଯ୍ୟବେକ୍ଷଣ କରନ୍ତି। ମୁଖରେ ଗୋଟାଏ ବିରାଗ ଭାବ ଫୁଟିଉଠେ। ଭୋଗ ବସ୍ତୁର ବାହୁଲ୍ୟ ଦେଖି ସେ କ୍ୱଚିତ୍ ଆନନ୍ଦିତ ହୋଇଥାନ୍ତି। ...ପ୍ରାୟତଃ କହିଥାନ୍ତି- 'ଏତେ ଗୁଡିଏ କାହିଁକି ?' ସେବିକା ମାନଙ୍କର କୈଫିୟତ୍- ଏ ପରିବା ଗୁଡିକ ଅମୁକ ଭକ୍ତ ଆଗ୍ରହରେ ଆଣିଥିଲେ....ସୁକ୍ତ

କରି ନଥିଲେ ନଷ୍ଟ ହୋଇ ଯାଇଥାନ୍ତା ଇତ୍ୟାଦି। ତଥାପି ତାଙ୍କର ପ୍ରସନ୍ନତା ଦେଖାଦିଏ ନାହିଁ। ଦିନେ ଦିନେ ତାଟିଆକୁ ଆଙ୍ଗୁଳିରେ ଘୁଞ୍ଚାଇ ଦେଇ କହନ୍ତି-ଆଙ୍ଗୁଳିରେ ତ ଛୁଇଁ ଦେଲି, ତୁମ ମାନଙ୍କର ତ ପ୍ରସାଦ ହେଲେ ହେଲା। ରାନ୍ଧଣା କ'ଣ ଖରାପ ହୋଇଛି ବୋଲି ମା ମାନେ ପଚାରିଲେ, ଶ୍ରୀଶ୍ରୀଠାକୁର କହନ୍ତି-ରାନ୍ଧଣା ଖରାପ ହୋଇନାହିଁ। କିନ୍ତୁ ମୋର ଏତେ ଦରକାର ନାହିଁ; ଏତିକିରେ ହିଁ ଚଳିଯିବ। ଏହାକହି ସଜନା ଚଡଚଡି କିମ୍ବା ମଟର ଡାଲିର ତାଟିଆଟି ଟାଣି ନିଅନ୍ତି। ବିଶେଷତଃ କୌଣସି ପ୍ରକାରର ସିଦ୍ଧବ୍ୟଞ୍ଜନ କିମ୍ବା ଶାଗ ଥିଲେ, ସେଦିନ ଅନ୍ୟ ତରକାରୀ ସବୁ ଉପେକ୍ଷିତ ହୋଇଯାଏ। ନାରାୟଣୀ ମା ଆହୁରି ଲେଖିଛନ୍ତି – ଠାକୁରଙ୍କର ଭୋଜନ ରୁଚି ସାତ୍ତ୍ୱିକ ଥିଲା। ଡାଲି, ଝୋଳ, ସାଧାସିଧା ତରକାରୀ, ସୁକ୍ତ, ଶାଗ ପ୍ରଭୃତି ତାଙ୍କର ପ୍ରିୟ ଥିଲା। ଗରମ ମସଲା, ତେଲ, ଘିଅ, ରାଗ ବା ବଟା ମସଲାର ଆଧିକ୍ୟ ସେ ପସନ୍ଦ କରୁ ନଥିଲେ। (ପୂର୍ବ ବଙ୍ଗରେ ରାଜସିକ ଖାଦ୍ୟ ପ୍ରସ୍ତୁତି କିନ୍ତୁ ପଶ୍ଚିମ ବଙ୍ଗରେ ତେଲ ମସଲାର ବ୍ୟବହାର ଅଳ୍ପ)। ଶ୍ରୀରାମକୃଷ୍ଣ ଏହିପରି ଆଡମ୍ବର ବିହୀନ ରାନ୍ଧଣାର ନାମ ଦେଇଥିଲେ – 'ବାଉଲେ ରାନ୍ନା'। ଶ୍ରଦ୍ଧେୟ ରାମାନନ୍ଦ ମହାରାଜ (ଠାକୁରଙ୍କ ସାନଭାଇ)ଏହି ପ୍ରକାର ରନ୍ଧନରେ ପାରଦର୍ଶୀ ଥିଲେ ଏବଂ ଶ୍ରୀଶ୍ରୀଠାକୁର ତାହା ତୃପ୍ତି ସହକାରେ ଭୋଜନ କରୁଥିଲେ। *(ନା.ଠା.ନା. – (୨ୟ)-୨୨-୨୪ପୃ)*

୩୨. ନାରାୟଣୀ ମା ଲେଖିଛନ୍ତି – ଠାକୁରଙ୍କ ରୁଚି ଓ ରସବୋଧ ଆଦୌ କମ୍ ନ ଥିଲା। ଭଲ ରନ୍ଧନ, ତାହା ଯେଉଁ ବଙ୍ଗର ହେଉ ନା କାହିଁକି ସେ ଏହାର ଗୁଣ ନିଶ୍ଚୟ ବୁଝନ୍ତି। ସବୁ ରସର ରସିକ ନ ହେଲେ ତାଙ୍କୁ ପୂର୍ଣ୍ଣ କୁହାଯାଇ ନ ପାରେ। ପୂର୍ବ ବଙ୍ଗର ବାଦଶାହୀ ରନ୍ଧନର ପ୍ରଶଂସା ସେ ନ କରିବେ ବା କାହିଁକି ? ପୁନଶ୍ଚ ଜଳରେ ଛତୁ ଗୋଳାଇ ସେଥିରେ ଟିକିଏ ତେଲ, ଲୁଣ, ଲଙ୍କା ଯୋଗ କରି, ପଖାଳ ଭାତ କେବଳ ଲେମ୍ବୁ ଓ ଛତୁ ଚକଟା ଲଗାଇ ପରମ ତୃପ୍ତିରେ ଖାଇବାର ମଧ୍ୟ ମୁଁ ଦେଖିଛି। ସବୁ ଦେଶର ସବୁ ରକମର ସ୍ୱାଦୁ ଉପକରଣର ସେ ରସ ଗ୍ରହଣ କରନ୍ତି। ... ନୈସର୍ଗିକ କାର୍ଯ୍ୟରେ ଭୋଜି ଖାଇ ଆସିଲେ ମଧ୍ୟ ଘରେ ନିତିଦିନିଆ ଆହାର ସମସ୍ତେ ପସନ୍ଦ କରନ୍ତି। ଶ୍ରୀଶ୍ରୀଠାକୁର ମଧ୍ୟ ସେହିପରି। ଦୈନନ୍ଦିନ ଜୀବନରେ ସାଧାସିଧା ଆହାର ତାଙ୍କର ମନୋମତ ଥିଲା। *(୨୪ପୃ)*

୩୩. ନାରାୟଣୀ ମା ପୁନର୍ବାର ଲେଖିଛନ୍ତି- ଦେବତାଙ୍କର ଭୋଗ ଗ୍ରହଣ ଅନ୍ୟ ପ୍ରକାରର। ନିରାସକ୍ତ ଚିତ୍ତରେ ରସ ଆସ୍ୱାଦନ। ତାହାର ଭଙ୍ଗୀ ଭିନ୍ନ ପ୍ରକାର। ସେ କ୍ଷେତ୍ରରେ ଭୋକ୍ତାଙ୍କ ଆଖିରେ ମୁହଁରେ ଆତ୍ମସ୍ଥଭାବ – ସେଥିରେ ଚଞ୍ଚଳତା କିମ୍ବା ଲିପ୍ସା ନ ଥାଏ। ...ଜୀବ ଓ ଶିବ ମଧ୍ୟରେ ଯେଉଁ ମୌଳିକ ପାର୍ଥକ୍ୟ, ମୁକ୍ତାତ୍ମାଙ୍କର ଭୋଗ ଓ ବଦ୍ଧଜୀବର ଉପଭୋଗ ମଧ୍ୟରେ ସେହି ପ୍ରଭେଦ। "ସମ୍ମୁଖରେ ବସି ପ୍ରତ୍ୟେହ ଯେତେବେଳେ ତାଙ୍କର ଭୋଜନ ଦେଖେ, ସେତେବେଳେ ପାର୍ଥକ୍ୟ କ'ଣ ତାହା ଧରି ନ ପାରିଲେ ମଧ୍ୟ ତାଙ୍କ ପ୍ରତ୍ୟେକ ଅଙ୍ଗୁଳିର ଭଙ୍ଗୀ, ମୁଖର ଭାବ ଓ ଚକ୍ଷୁର ଚାହାଣୀ ତ ମୋ ମନରେ ଅଙ୍କିତ ରହିଛି। ଅଭ୍ୟାସବଶରେ ଅଙ୍ଗୁଳି ଚାଲୁଥାଏ। ମୁଖକୁ ଆହାର ନେଉଥାନ୍ତି। ଖାଉ ଖାଉ ଥରେ ଥରେ ସିଧା ହୋଇ ବସି କିଛି ସମୟ ବିରାମ ଦେଇ ହୁଏ ତ କୌଣସି ତରକାରୀର ଦୋଷଗୁଣ ଅଥବା କୌଣସି ଦେଶର କୌଣସି ବିଶିଷ୍ଟ ରନ୍ଧନ ବିଷୟ କହିବାରେ ଲାଗନ୍ତି।" *(୨୪-୨୫ପୃ)*

୩୪. କୁତବପୁରରେ ଶ୍ରୀଶ୍ରୀଠାକୁରଙ୍କ ଭୋଗ ବିଷୟରେ ବିଜ୍‌ଲୀ ମା ଲେଖିଛନ୍ତି- ଶ୍ରୀଶ୍ରୀଠାକୁରଙ୍କର ଦୃଷ୍ଟିଭୋଗ ହିଁ ହେଲା।କଣ ବା ଖାଇଲେ? କ୍ଷୀରରେ ହାତ ଦେଇ କହିଲେ, 'ଗରମ ବେଶୀ'। ମା'ଙ୍କ ଆଡକୁ ଚାହିଁ କହିଲେ 'ଥଣ୍ଡା କରିଦିଅ'। ....ମା' କହିଲେ ଛୁଇଁବି ତ? ଶ୍ରୀଶ୍ରୀଠାକୁର ହସି ହସି କହିଲେ କାହିଁକି ଛୁଇଁବ ନାହିଁ। ମୁଁ କଣ ହୋଇଛି କି?.... ହଁ ହଁ ଛୁଅଁ। *(ଲୀ.ପ୍ର.(୪ର୍ଥ) ୨୪୫-୨୪୬ପୃ)*

## ସପ୍ତମ ତଥା ଶେଷ ପର୍ଯ୍ୟାୟ

**ଶ୍ରୀଶ୍ରୀଠାକୁର ହିଁ ବ୍ରହ୍ମକୋଟୀ ପୁରୁଷ, ଜଗଦଗୁରୁଙ୍କର ମାନୁଷୀ ତନୁ – ସ୍ୱୟଂ ସଦଗୁରୁ।**

ଏଣୁ ତାଙ୍କର ଜୀବନଚର୍ଯ୍ୟାର ପ୍ରତ୍ୟେକଟି ପରିପାଟୀ ସମ୍ପୂର୍ଣ୍ଣ ଅଭିନବ ଓ ଶିକ୍ଷଣୀୟ। ଏ ସମସ୍ତ, ପ୍ରବନ୍ଧର ସଂକ୍ଷିପ୍ତ ପରିସର ମଧ୍ୟରେ ବର୍ଣ୍ଣନା କରିବା ସମ୍ପୂର୍ଣ୍ଣ ଅସମ୍ଭବ। ତଥାପି ଅଳ୍ପ କେତୋଟି ପର୍ଯ୍ୟାୟ ମଧ୍ୟରେ ଏହାର ମୁଖ୍ୟ ବିଷୟଟିକୁ ବର୍ଣ୍ଣନା କରିବା ଅବସରରେ ଶ୍ରୀଶ୍ରୀଠାକୁରଙ୍କ ପରମପ୍ରୀୟ ଫଣୀଭାଇଙ୍କ ଘର ମା ସନ୍ତୋଷ ମା'ଙ୍କ କଥାରେ ପ୍ରବନ୍ଧଟିକୁ ଶେଷ କରିବା।

୧. ଶ୍ରୀଶ୍ରୀଠାକୁରଙ୍କ ଭୋଗ ପ୍ରସ୍ତୁତିରେ ଫଣୀଭାଇ ଓ ସନ୍ତୋଷ ମା'ଙ୍କର ଗଭୀର ଅନୁରାଗ ଓ ନିଷ୍ଠା ଥିଲା। ପ୍ରତ୍ୟେକ ଋତୁରେ ପ୍ରଥମେ ପ୍ରଥମେ ଆସୁଥିବା ପରିବାପତ୍ର ଫଣୀଭାଇ କାଠପେଟିରେ ହାଓଡା ଷ୍ଟେସନରେ କର୍ମରତ ଜାନକୀ ଚକ୍ରବର୍ତ୍ତୀ ଭାଇଙ୍କ ସାହାଯ୍ୟରେ ପୁରୀ ପଠାନ୍ତି ଓ ପୁରୀରେ ଶ୍ରୀଶ୍ରୀଠାକୁର ପାର୍ସଲ ଦେଖି ଶିଶୁଙ୍କ ଭଳି ଏଥିରେ କଣ ଅଛି, ସେଥିରେ କଣ ପଠାଇଛି ବୋଲି ଜିଜ୍ଞାସା କରିବା ସହିତ, ଏଗୁଡିକ ନୂଆ ଫସଲ, ଖୁବ୍ ମିଠା ହୋଇଥିବ, ଖୁବ୍ ଦାମ୍ ହୋଇଥିବ ଇତ୍ୟାଦି କହି ଆନନ୍ଦିତ ହୁଅନ୍ତି। ଗୁରୁଗତ ପ୍ରାଣ ଫଣୀଭାଇ ଋତୁର ପ୍ରଥମ ଫସଲ ଠାକୁରଙ୍କୁ ନ ଦେଇ ଗ୍ରହଣ କରି ପାରନ୍ତି ନାହିଁ। *(ସ୍ମୃତି ପଥେ ଶ୍ରୀଶ୍ରୀଠାକୁର ନିଗମାନନ୍ଦ, ୨୨ପୃ)*

୨. ଅନ୍ୟ ପକ୍ଷରେ ୨୦୩ ପଞ୍ଚାନନ ତାଲା ରୋଡ ଘରେ ଶ୍ରୀଶ୍ରୀଠାକୁରଙ୍କ ଭୋଗ ରନ୍ଧନ ତାଙ୍କ ସେବିକା ମାନେ କରନ୍ତି। ବ୍ରାହ୍ମଣଙ୍କ ଛଡା ଅନ୍ୟ କେହି ଭୋଗ ରନ୍ଧନ କରନ୍ତି ନାହିଁ ବୋଲି ଶୁଣିବାରୁ, ସନ୍ତୋଷ ମା(କାୟସ୍ଥ) ଖୁବ୍ ସଙ୍କୋଚ ଓ ଲଜ୍ଜାର ସହିତ ଭୋଗ ରନ୍ଧନରେ ଆଗ୍ରହ ପ୍ରକାଶ କରି ଠାକୁରଙ୍କୁ ଏଥିପାଇଁ ଅନୁମତି ଭିକ୍ଷା କରିବାକୁ ସୁର ମାଙ୍କୁ ଅନୁରୋଧ ଜଣାଇଲେ। ସବୁ ଶୁଣି ଶ୍ରୀଶ୍ରୀଠାକୁର କହିଲେ – "ମୁଁ ଫଣି ଘରକୁ ଆସି ସନ୍ତୋଷ ରନ୍ଧା ଖାଇବି ନାହିଁ, ଏହା କଣ ହୋଇ ପାରିବ ? ....ମୋର ଅନେକ ଦିନ ଧରି ତା ହାତରନ୍ଧା ଖାଇ ଦେଖିବା ପାଇଁ ଇଚ୍ଛା। ଆଜି ସନ୍ତୋଷକୁ ହିଁ ରାନ୍ଧିବାକୁ କହ।" ସନ୍ତୋଷ ମା କହିଥିଲେ –"ସେପରି କୌଣସି ଧରାବନ୍ଧା ନିୟମ ମାନି ଶ୍ରୀଶ୍ରୀଠାକୁର ଖାଉ ନ ଥିଲେ। ....ଖାଇବା ଆରମ୍ଭ କରିବା ପୂର୍ବରୁ ଶ୍ରୀଶ୍ରୀଠାକୁର ବିଷଦ ଭାବରେ ପଚାରି ଜାଣି ନିଅନ୍ତି, ଏଇଟା କି ତରକାରୀ, ସେଇଟା କଣ ରାନ୍ଧିଛ ଇତ୍ୟାଦି। କୌଣସି ବିଶେଷ ତରକାରୀଟି ତାଙ୍କ ପାଇଁ ରନ୍ଧାଯାଇଛି ବୋଲି ସେବିକା ମାନେ କହିଲେ, ସେମାନଙ୍କ ଅନୁରୋଧରେ ସ୍ମିତ ହସି ଟିକିଏ ନେଇ ମୁଖରେ ଦେଇ କହନ୍ତି, ବାଃ ବେଶ୍ ଭଲ ହୋଇଛି।" *(୨୩ପୃ)*

୩. ଫଣୀଭାଇଙ୍କ ଗୃହରେ ଫଣୀଭାଇଙ୍କ ଭଣଜା ଶୁକଦେବ ସେନ୍ ଦିନେ ଦିନେ ନୂଆ ନୂଆ ପ୍ରକାରର ଖାଦ୍ୟଦ୍ରବ୍ୟ ଆଣି ସନ୍ତୋଷ ମା'ଙ୍କୁ ତାହା ଭୋଗରେ ନିବେଦନ କରିବାକୁ ଦିଅନ୍ତି। ଶ୍ରୀଶ୍ରୀଠାକୁର ତାହା ଗ୍ରହଣ କରି କହନ୍ତି- 'ବାଃ, ଏଟା ଖାଇବାକୁ ବଢିଆ ହୋଇଛି ତ ! ଶୁକ ଏତେ ନୂଆ ନୂଆ ଖାଇବା ଜିନିଷର ସନ୍ଧାନ କିପରି ପାଏ କୁହ ତ ?' *(୨୪ପୃ)*

୪. ଫଣୀଭାଇଙ୍କ ବସାଘରେ ପରିବାରବର୍ଗ ତଥା ଶିଷ୍ୟ,ଭକ୍ତମାନେ ଅନୁଭବ କରନ୍ତି ଯେ, ଅନ୍ନ ଓ ତରକାରୀ ଆଦିର ସାଧାରଣ ଭାବରେ ଯାହା ସ୍ୱାଦ ହୁଏ, ଶ୍ରୀଶ୍ରୀଠାକୁରଙ୍କ ଭୋଗ ପରେ ସେହି ସ୍ୱାଦ କୁଆଡେ ଅନେକ ବଦଳି ଯାଏ ଅର୍ଥାତ୍ ବହୁତ ଅଧିକ ସୁସ୍ୱାଦୁ ହୋଇଯାଏ। ବିଶେଷ କରି ଏସବୁ ଖାଦ୍ୟଦ୍ରବ୍ୟରୁ ଏପରି ଏକ ସୁଗନ୍ଧ ମିଳେ ଯେ, ସେଥିରେ ହିଁ ପେଟ ଭରିଯାଏ। ...ଠାକୁରଙ୍କ ଭୋଗ ଦ୍ୱିପ୍ରାହରିକ ଆହାର ସମୟରେ ହିଁ ସେମାନଙ୍କ ମଧ୍ୟରେ ଚାଲୁଥିଲା ଭାବ ବିନିମୟ- ଶ୍ରୀଶ୍ରୀଠାକୁର ପ୍ରସଙ୍ଗ, ଠାକୁରଙ୍କ ବୈକାଳିକ ଓ ନୈଶଭୋଗର ବ୍ୟଞ୍ଜନ ବିଷୟ ଇତ୍ୟାଦି।

୫. ଫଣୀଭାଇଙ୍କ ଘରେ ଦିନେ ଭୋଗ ରନ୍ଧନ ସଂପର୍କରେ ଏକ ଘଟଣାରୁ ଶ୍ରୀଶ୍ରୀଠାକୁରଙ୍କ ନୀତି-ନିୟମ-ବଦ୍ଧତା ଜଣା ପଡିଗଲା। ଦିନେ ମା' ମାନେ ରନ୍ଧା ଘରେ ଭୋଗ ରନ୍ଧନରେ ବ୍ୟସ୍ତ ଥିବା ବେଳେ, ଜଣେ ମହିଳା ନିଃଶବ୍ଦରେ ଆସି ପହଞ୍ଚିଲେ। ତାଙ୍କୁ ଦେଖି ସନ୍ତୋଷ ମା' ଗମ୍ଭୀର ହୋଇଗଲେ, କାରଣ ସେ ଥିଲେ ଠାକୁରଙ୍କର ଅବାଂଛିତ। ସେ ଭୋଗ ରନ୍ଧନରେ ସାହାଯ୍ୟ କରିବାକୁ ଜିଦ୍ ଧରିବାରୁ, କେହି ଜଣେ ଉପରକୁ ଯାଇ ଠାକୁରଙ୍କୁ ଜଣାଇଥିଲା। ହଠାତ୍ ବାରଣ୍ଡାରୁ ବଜ୍ର ଗମ୍ଭୀର କଣ୍ଠ ସ୍ୱର ଶୁଣାଗଲା। ସନ୍ତୋଷ ! ସୁର ! ତାକୁ ବାହାରକୁ ଯିବାକୁ କୁହ, ହିନ୍ଦୁ ଘରର ଝିଅ ସେ, ଜାଣେନା ଯେ ବର୍ତ୍ତମାନ ସେ ଭୋଗ ରନ୍ଧନ କରି ପାରିବନି। ....କାନ୍ଦି କାନ୍ଦି ସେ ମହିଳା ଜଣକ ବାହାରିଗଲେ। ପରେ ଜଣାଗଲା –ମହିଳା ଜଣକ ଅଶୁଚି ଅବସ୍ଥାରେ ଥିଲେ। ଶ୍ରୀଶ୍ରୀଠାକୁର ସାଧାରଣତଃ ସମସ୍ତ ଆଚାର-ବିଚାର-ସଂସ୍କାର ଊର୍ଦ୍ଧ୍ୱରେ ଅବସ୍ଥାନ କରୁଥିଲେ ମଧ୍ୟ ସାମାଜିକ କିଛିଟା ଶୁଚି ଅଶୁଚିର ବିଚାର (ଲୋକାଚାର) ମାନି ଚଳୁଥିଲେ। ସେ ଜାଣିଥିଲେ ଯେ ଏଇ ଟିକକ ନ ରହିଲେ ସମାଜରେ ଅପବିତ୍ରତା, ସ୍ୱେଚ୍ଛାଚାରିତା, ଉଶୃଙ୍ଖଳତାର ବ୍ୟାପକ ପ୍ରସାର ଘଟିବ। *(୭୪ପୃ)*

## ଉପସଂହାର

ଶ୍ରୀଶ୍ରୀଠାକୁର ଯେପରି ଅନନ୍ତ, ତାଙ୍କର ଲୀଳା ଯେପରି ଅସୁମାରି ଓ ଅଲୌକିକ, ତାଙ୍କର ଜୀବନର ପ୍ରତ୍ୟେକଟି ଅଧ୍ୟାୟ ସେହିପରି ଅନିର୍ବଚନୀୟ। ଏସବୁ ମଧ୍ୟରେ ତାଙ୍କର ଆହାର ଓ ଭୋଗ ସମ୍ବନ୍ଧୀୟ ସମସ୍ତ ତଥ୍ୟ, ତତ୍ତ୍ୱ ଓ ଲୀଳା ଅନୁରୂପ ରୋଚକ, ଶିକ୍ଷଣୀୟ, ଆଚରଣୀୟ ଓ ହୃଦୟଗ୍ରାହୀ। ଶ୍ରୀଶ୍ରୀଠାକୁରଙ୍କ ସମଗ୍ର ଜୀବନଚର୍ଯ୍ୟାର ଲୀଳା ଯେପରି ଅଗଣିତ, ଭୋଗ ସମ୍ବନ୍ଧୀୟ ଲୀଳା ମଧ୍ୟ ସେହିପରି ମାନବୀୟ ବିଦ୍ୟା ବୁଦ୍ଧିର ଅଗମ୍ୟ। ଏହାର ଅସଂଖ୍ୟ ଦିଗ ମଧ୍ୟରୁ ଅଳ୍ପ କେତୋଟିକୁ ଚୟନ କରାଯାଇ ଏହି ପ୍ରବନ୍ଧରେ ସନ୍ନିବେଶିତ କରାଯାଇଛି। ପ୍ରତି କ୍ଷେତ୍ରରେ ଏହା ଶିଷ୍ୟଭକ୍ତମାନଙ୍କୁ ଠାକୁରଙ୍କ ଭୋଗ ରନ୍ଧନ ସେବା ସଂପର୍କରେ ଅସରନ୍ତି ଶିକ୍ଷା ପ୍ରଦାନ କରି ଆସିଛି ଓ ଭବିଷ୍ୟତରେ ମଧ୍ୟ କରିବ। ଏହି ପ୍ରବନ୍ଧର ଅବତାରଣା ସାମାନ୍ୟ ସୁଦୀର୍ଘ ହେଲେ ମଧ୍ୟ ଶ୍ରୀଶ୍ରୀଠାକୁରଙ୍କ ସମସ୍ତ ଭକ୍ତମାନଙ୍କ ପାଇଁ ଏହା ଶିକ୍ଷାପ୍ରଦ ଓ ଦିଗ୍‌ଦର୍ଶକ ହେଉ, ଏହି ପ୍ରାର୍ଥନା ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ଆକୁଳ ଭାବରେ ନିବେଦନ କରି ପ୍ରବନ୍ଧଟିକୁ ସାଙ୍ଗ କରୁଛି। ଜୟଗୁରୁ !

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ
**ପ୍ରଫେସର ଜଗନ୍ନାଥ ଦାଶ**
କେନ୍ଦ୍ର ପରିଚାଳନାମଣ୍ଡଳୀ ସଦସ୍ୟ, ନୀଳାଚଳ ସାରସ୍ୱତ ସଂଘ, ପୁରୀ

# ସମ୍ମିଳନୀ ଗୀତିକା

ଭକତ ବତ୍ସଳ ଆହେ ପ୍ରାଣର ଠାକୁର
ଆଜି ଶୁଭ ଦିନେ ବିଜେ କରି ପ୍ରଭୁ
ଦିଅ ସେବା ଅଧିକାର। (୦)

ରୂପ ମନୋହର ବାଣୀ ସୁମଧୁର
ସୁଧା ଝରେ ଶ୍ରୀପୟରୁ
ଅନାଇ ରହିଛୁ ତୁମ ପଥ ଚାହିଁ
ଆହେ ପ୍ରେମ କଳ୍ପତରୁ
ହୃଦ ସିଂହାସନେ ବସାଇ ତୁମକୁ
ପୁଜୁଥିବୁ ଶ୍ରୀପୟର। (୧)

ପୀରତୀ ଚନ୍ଦନ ଶରଧା ସୁମନ
ଭକତି ନୈବେଦ୍ୟ ନେଇ,
ସଜାଡ଼ି ରଖିଛୁ ଅରଚନା ଥାଳି
ବନ୍ଦିବାକୁ ପ୍ରାଣସାଇଁ।
ଅନ୍ତରେ ଭରିବ ପ୍ରେମ ଭକ୍ତିଭାବ
ବହିବ ପ୍ରେମ ଜୁଆର। (୨)

ଭକ୍ତ ସମ୍ମିଳନୀ ଏ ସ୍ମୃତି ମନ୍ଦିରେ
ଶୁଭେ ଶଙ୍ଖ ହୁଳହୁଳି,
ଭକତେ ନାଚନ୍ତି ହୋଇ ଆନନ୍ଦିତ
'ଜୟଗୁରୁ' ଜୟ ବୋଲି।

ନିତ୍ୟ ବୃନ୍ଦାବନ ଏ ମର୍ତ୍ତ୍ୟ ଧାମରେ
ହେଉ ସରସ ସୁନ୍ଦର। (୩)

କେତେ ଉପଦେଶ ଦେଇଛ ଶ୍ରୀଶ୍ରୀଠାକୁର
ଜୀବନର ଧ୍ରୁବତାରା
ତୁମ ଭାବଧାରା ପ୍ରସ୍ଫୁଟିତ ହେଉ
ବ୍ୟାପୁ ଏ ଜଗତ ସାରା
ଜୀବନ ନାବକୁ ବାହି ନେଇଯାଅ
ଜୀବନର କର୍ଣ୍ଣଧାର। (୪)

ତୁମେ ପିତା ମାତା ବନ୍ଧୁ, ସଖା, ପ୍ରିୟ
ତୁମ ବିନା ନାହିଁ ଆନ,
ସ୍ମରଣେ, ମନନେ ଶୟନେ, ସ୍ୱପନେ
ହେଉଥାଉ ତୁମ ଧ୍ୟାନ।
ତୁମ ଶ୍ରୀଚରଣେ ଆଶ୍ରୟ ଲଭିଣ
ବିତୁ ଜୀବନ ଆମର। (୫)

ଶ୍ରୀଶ୍ରୀଠାକୁର ଚରଣାଶ୍ରିତା
**ଶ୍ରୀମତୀ ସ୍ମିତା ରାୟ**
ଆମେରିକା ସାରସ୍ୱତ ସଂଘ

# MUSIC OF THE MOUNTAIN

It is a scientific fact, that behind activation of any movable object, there is invariably an immovable, stable existence. Aligning with this fact Sanatan Dharm (Hindu religion) has presented various theories pertaining to creation of universe.

These theories are Arambhavad, Parinamavad, Kampanavad, Chhandavad, and Spotavad. Arambhavad says that whatever seen or unseen in this universe is the result of direct manifestation of Bramha. Parinamavad says that there is the Cause and Effect principle behind the creation. The moment the desire ‘To be many’ surfaced in the Universal Mind it took an invisible existence which is called Saguna Brahma or Brahma with attributes. Saguna Brahma creates the universe with help of it’s gunas. Shaktivad accepts the theory of guna but says it is the Maha Shakti or Cosmic Energy which solely is responsible for this creation. Maha Shakti is Paraprakruti. From her emerges the Aparaprakruti and Prakruti in a phased manner. This in today’s language, it can be described as Pre mordial Nature, Mother Nature and Nature.

Kampanvad says that whatever may be the reason of Kampan (vibration), vibration is the basis from which process of creation commences. Shukla yajurved supports this version. Prior to creation there are nothing. Out of a vibration emerged the fundamental components of creation.

Chhandavad is as strong as other theories. It agrees with the vibration theory, but reiterates that it cannot be the wild or random. This type of vibration cannot produce anything. It is the particular type of vibration or Rhythemetic vibration that has produced this huge universe. It sites Rhythemetic vibration of different decimals of musical instrument which produces various melodies.

Spotavad states that bubbles are formed in running water. These bubbles are nothing but water and air. They originate from water, float in the water and ultimately lose their existence, merging with the water from which they originated. Similarly, the universe as bubble originate from Bramha, remain within Bramha and merge into Bramha at the time of dissolution.

Vaisnavaism has its own theory. It says that whole universe has originated from Visnupada or from feet of Vishnu. Vishnu is responsible for creation and sustenance of the creation.

Those who propagate Braja bhav as best, present their opinion that creation, sustenance and dissolution take part in a tiny part of Krishna’s toe, Brahma projected by Vedanta and other scriptures is the radiation of Krisnna’s body light or aura (Tasya Tanuva).

Vivarta Advaita of Sri Shankaracharya presents a different theory. In order to end the controversy of Cause and Effect the saint presents his theory of two causes. He says that Purusa or consciousness is Nimitta Karana or Efficient cause and Prakruti energy is Upadana Karana or Material Cause. In modern language this can be said one is Idea the other is Reality. Both the factors are vital for creation and sustenance of creation. One without other is incomplete, hence not viable.

There are few other opinions. However, describing them in detail is beyond the scope of this article. One may be confused as which theory is to be accepted. There ought to be no confusion as all these opinions are in some sense true.

The essence of these opinions is that the universe has originated from a single source. The universe with multiple colours, dimensions, shapes, sizes, and forms has emerged from a single source which is formless, attributeless, and omnipresent.

We present our view that the source, beyond any alteration, nirvikar, resembles the mountain, steady fast and unchanging. The universe full of diversity and subject to various activities, resembles the music establishing an eternal connection between the two.

The theory of creation and the concept of salvation are two very important factors in any religion. Equally important is the method not only to comprehend them but also to actualize or attain the truth –in other words to acheive the objective.

To reach the objective, Hindu religion has presented four Margas or paths, these are Jnan Marga i.e. path of knowledge, Yoga Marga i.e. path of Yoga, Tanta Marga i.e. path of Tantra; and Bhakti Marga i.e. path of devotion.

While all the Margas or paths have their merits, we will delve into the Bhakti Marga as it is considered as the path most suited of the age.

Bhakti Marga though described as easier to other Margas is not that simple. It is described as easy because one need not practice Sadhan Chatustaya, that is Nityanitya Vastu Vichar, (to diffentiate impermanent from Permanent), Ehamutratha phala bhoga virag (to discard desire for a happy life here on earth and to enjoy heavenly pleasure in afterlife). Sat sadhan (six modes of spiritual practices), or Mumukhhutwa (to aspire for salvation). To practice Bhakti Yoga one need not leave his house to become a forest dweller. One can successfully practise Bhakti yoga and fulfill the worldly duties while remaining with his family.

Bhakti, originating in the mind of a seeker, is to be practiced with the help of all organs. It moves through Dos and Don'ts; Vidhi and vidhinisedh and going beyond these finally reaching the Aprakruta bhumi; plain of super Natural where law of Nature does not apply.

Bhakti is not in opposition to Jnana (knowledge) and Karma (action) as these are helping factors of Bhakti. Knowledge stabilises Bhakti at primary stage, Karma expresses Bhakti and helps in Cittasudhi i.e. purity of mind which helps Bhakti to grow. It is true that after certain stage of Bhakti yoga, these two factors are overpowered by emotion or rather emotional attachment with God. This emotional attachment is Bhaba. When Bhaba reaches the higher level, Jnana and Karma become diminished and no help is required from these factors. Vidhi and Vidhinisedh become ineffective and are discarded.

This Bhaba is of five categories, such as Shanta Bhava, Dasya Bhava, Sakhya Bhava, Batsalya Bhava and finally Madhura Bhava. Madhura bhav contains all other four bhavas. The best is Shanta bhava that belongs to self realised Saints. Even Self realisation cannot take the seeker beyond Shanta bhav.

Dasya Bhav is of two categorics, Gourav Dasya Bhav and Sambhrama Dasya Bhav. Dasya Bhav contains Shanta bhav within it. It is the relation between master and servant. Sakhya bhav is bhava between two friends. Sakhya bhava demand no secrecy. The devotee must divulge all secrets before God and contains Shanta and Dasya within it. Batsalya bhava is parental love towards one's children. It is of two categories like Pitru Matru bhava and Apatya bhava. Pitru, Matru bhava accepts that God is their child and they have to take care of Him and fulfil all his need. Aptya bhava is accepting God as one's father and obey his commands without any question. Batsalya contains Shanta, Dasya and Sakhya bhava within it's fold.

Madhura bhava is the emotional attachment which exists between wife and husband or lover and beloved. It touches the peak if it becomes bhava between lover and beloved. It is of two categories Raganuga and Ragatmika. Raganuga is Tantra based, Yoga based and knowledge based. Ragatmika is also of two categories, these are Pradhanibhukta or Aisuriya and Kevala or Bisudha. There are many divisions of this Bhava depending on Rati which is of three categories. Sadharani, Samanjasya and Samartha. We can't go into detail and site examples as it is not possible in an article.

Madhura bhav is described by Devarshi Narada as Kanta, Kant bhava. It contains all other four bhavas with it.

Bhava or emotional attachment with God is the higher type of Bhakti. Prembhakti is the best, But there is no process or system adoption which one can attain the stage of Prem bhakti. It is the grace of one's Gurudev, or of Siddha Bhakti yogi and of Scriptures that can make the devotee reach this stage.

Braja bhav is greatest and is purest form of Bhakti. Gopibhav is ideal in Braja bhava. Gopies had no desire of their own. There activities, thinking, planning was to unite Radharani with Krushna Chandra. Gopis did not desire pleasure for themselves but become happy when Radharani and Krusna Chandra become happy. As they had no desire Lord could not pay back the price of their devotion and thus remained indebted to them forever. Among this "Radha bhava is Sadhya Siromani".

If we can love our most beloved Thakur in this manner our lives become complete and wholesome. For this we need His grace. Knowing our inability to reach that stage, let us now pray for his grace.

Paying respect to Brajvasi, Braja bhumi, Sriman Gourang Dev, Sadha Goswami, and finally to Sri Gouri Ma, I offer this article to rest at the lotus feet of Sri Sri Thakur Maharaj and pray for all round improvement of all the members of America Saraswat Sangha.

25.04.2024
Satsikshya Mandir, Bhubaneswar

Sri Sri Thakur Charanasrita
**Sri Santosh Kumar Mohanty**
President, Nilachala Saraswata Sangha, Puri

There occurs an amazing transformation in life as soon as one forsakes ego. When you completely surrender, you can realize the splendor of surrendered life. The people initiated with the hymn of surrender can realize the essence of following a noble mind encompassing the manifestation of great ideals in one's life.

x x x

Dear Child! Deep yearning is the only way to realise Him. The more one is burnt in the fire of separation, the more one's spiritual body is formed and flourished. **- Sri Sri Thakur**

# ଶ୍ରୀଶ୍ରୀଠାକୁରଙ୍କ ଦୃଷ୍ଟିରେ 'ସାହିତ୍ୟ'

ସାହିତ୍ୟର ସଂଜ୍ଞା ଅନେକ। କିନ୍ତୁ ଗଭୀର ବିଚାର ବିଶ୍ଳେଷଣ କଲେ ଜଣାଯାଏ ସାହିତ୍ୟ ତାହା, ଯାହା ସକାରାତ୍ମକ ଦୃଷ୍ଟି ବଳରେ ଆନନ୍ଦର ଭାବ ସୃଷ୍ଟି କରେ, ଈଶ୍ୱରୀୟ ଚିନ୍ତନ ବଳରେ ହିତୈଷୀଭାବ ସୃଷ୍ଟିକରେ, ଯମ ବା ସଂଯମ ବଳରେ ତ୍ୟାଗ ତିତିକ୍ଷାର ଭାବ ସୃଷ୍ଟି କରେ। ସାହିତ୍ୟ ପୁସ୍ତକଟିଏ ଜୀବନ ଓ ଜଗତର କର୍ଣ୍ଣଧାର ଭଳି କାର୍ଯ୍ୟ କରେ, ଜୀବନ ଓ ଜଗତର ସ୍ତବପାଠ କରେ, ଜୀବନ ଓ ଜଗତକୁ ପରିପୂର୍ଣ୍ଣ କରେ। ସାହିତ୍ୟ ପୁସ୍ତକଟି ସ୍ତନୟିତ୍ନୁ ବା ମେଘ ସଦୃଶ। ବାୟୁମଣ୍ଡଳରେ ଉତ୍ତାପ ବୃଦ୍ଧି ହେଲେ ଜଳ ବାଷ୍ପ ହୁଏ, ବାଷ୍ପ ଘନୀଭୂତ ହୋଇ ମେଘ ବର୍ଷା ହେଲାପରି ଜୀବନ ଓ ଜଗତରେ ନୈରାଶ୍ୟ ଓ ଅବିଶ୍ୱାସର ଉତ୍ତାପ ବୃଦ୍ଧି ହେଲେ ସାହିତ୍ୟ ପୁସ୍ତକଟିଏ ଆଶା ଓ ବିଶ୍ୱାସର ମେଘ ବର୍ଷା କରେ। ସମସ୍ତ ମନୁଷ୍ୟ ଅମୃତର ସନ୍ତାନ। ସାହିତ୍ୟ ପୁସ୍ତକଟିଏ ପୁତ୍ର ସନ୍ତାନକୁ ସୂଚାଇଦିଏ ଯେ ଯିଏ ପୌରୁଷ ଓ ତ୍ୟାଗ ବଳରେ ଆନନ୍ଦର ରମ୍ୟଭୂମିକୁ ଉତ୍ତୋଳିତ ହୋଇଯାଏ ସେ ପୁତ୍ର। ସେହିପରି କନ୍ୟା ସନ୍ତାନକୁ ସୂଚାଇଦିଏ ଯେ, ଯିଏ କର୍ତ୍ତବ୍ୟପରାୟଣତା, ନମନୀୟତା, ଯମ ବା ସଂଯମ ବଳରେ ଆନନ୍ଦର ଉଚ୍ଚ ଭୂମିକୁ ଉତ୍ତୋଳିତ ହୋଇଯାଏ ସେ କନ୍ୟା। ସାହିତ୍ୟ ପୁସ୍ତକଟିଏ ସଂସାରର ସମସ୍ତ ପୁତ୍ରକନ୍ୟାଙ୍କୁ ଅର୍ଥାତ୍ ଅମୃତର ସନ୍ତାନମାନଙ୍କୁ ଏହିଭଳି ଆହ୍ୱାନ ଦିଏ। ସାହିତ୍ୟିକଙ୍କ କର୍ତ୍ତବ୍ୟ ସମ୍ବନ୍ଧରେ ଶ୍ରୀଶ୍ରୀଠାକୁର କହିଛନ୍ତି- "କବି, ସାହିତ୍ୟିକ, ଧାର୍ମିକ ସମସ୍ତଙ୍କର ହିଁ ଗୋଟିଏ କଠୋର କର୍ତ୍ତବ୍ୟ ରହିଛି। ଭାବ-ବିଳାସ ନେଇ ରହିଲେ ଚଳିବ ନାହିଁ। ଜାତିକୁ ସର୍ବାଗ୍ରେ ପ୍ରାଣବାନ, ବୀର୍ଯ୍ୟବାନ୍ ହେବାକୁ ହେବ।" ('ଶ୍ରୀଶ୍ରୀନିଗମାନ୍ଦ ଉପଦେଶାମୃତ' ରୁ ଉଦ୍ଧୃତ)।

ଶ୍ରୀଶ୍ରୀଠାକୁରଙ୍କ ସୁଉଳ ମାନସମ୍ପନ୍ନ ଲେଖନୀରୁ ନିର୍ଗତ ନାଟକ, ଉପନ୍ୟାସ, ନିବନ୍ଧ ପୁସ୍ତକଗୁଡ଼ିକ ଆମ ସାହିତ୍ୟଜଗତକୁ ରୁଚିବନ୍ତ ଓ ବୁଦ୍ଧିମନ୍ତ କରିଛି ଯେହେତୁ ସେଥିରେ ଜୀବନର ଆଧ୍ୟାତ୍ମିକ ଆବେଗ ଓ ଆସ୍ପୃହାଗୁଡ଼ିକ ଅତୀବ ପରିଚ୍ଛନ୍ନ ଭାବରେ ଅଭିବ୍ୟକ୍ତ ହୋଇଛି। ବ୍ୟକ୍ତି-ଜୀବନକୁ ପୁଷ୍କଳ, ପ୍ରାଣବନ୍ତ, ଶୌର୍ଯ୍ୟଦୀପ୍ତ, ଆଦର୍ଶନିଷ୍ଠ, ମନନଧର୍ମୀ କରିବାର ଅଭୀପ୍ସା ନେଇ ସେ ଲେଖନୀ ଚାଳନା କରିଛନ୍ତି। ଜଣେ ସାହିତ୍ୟିକ କେବଳ ଭାବବିଳାସୀ ନ ହୋଇ ବାସ୍ତବବାଦୀ ହେଲେ, ସାହିତ୍ୟ-ସର୍ଜନାରେ ବ୍ୟକ୍ତି-ଜୀବନର ଶକ୍ତି ସାହସକୁ ରୂପାୟିତ କଲେ ସମଗ୍ର ଜଗତର କଲ୍ୟାଣ ସାଧନ ହେବ। ସାହିତ୍ୟିକର ସର୍ଜନା ଏଭଳି ହେବାର କଥା ଯେଭଳି ପାଠକ ତାକୁ ଅଧ୍ୟୟନ କରି ହୃଦୟରୁ ମାଳିନ୍ୟ, ଦୌର୍ବଲ୍ୟକୁ ଦୂରେଇ ଦେବାର ସଂକଳ୍ପ ଗ୍ରହଣ କରିବ। ନିମ୍ନପ୍ରକାରେ ନିଜର ମତବ୍ୟକ୍ତ କରିଛନ୍ତି ଶ୍ରୀଶ୍ରୀଠାକୁର – "ଆଜିକାଲି କେବଳ ହୃଦୟର ଭାଷା ହୃଦୟର ବ୍ୟଥାରେ ହିଁ ସାହିତ୍ୟ, ନାଟକଗୁଡ଼ିକ ପରିପୂର୍ଣ୍ଣ। ସୁସ୍ଥସବଳ ପୌରୁଷର କଥା ଖୁବ୍ କମ୍ ହିଁ ଦେଖାଯାଏ। ଗୋଟିଏ ଜାତିକୁ ଯଦି ଜଗତରେ ମଥା ଉଚ୍ଚ କରି ଠିଆ ହେବାକୁ ହୁଏ, ତେବେ କେବଳ କାବ୍ୟଚର୍ଚ୍ଚା କରିଲେ ହିଁ ଚଳିବ ନାହିଁ। ଶୌର୍ଯ୍ୟ-ବୀର୍ଯ୍ୟର ମଧ୍ୟ ଅନୁଶୀଳନ ଦରକାର। ଆଦର୍ଶରେ ସୁସ୍ଥ ସବଳତା ଥିବା ଦରକାର।" *('ଶ୍ରୀଶ୍ରୀନିଗମାନନ୍ଦ ଉପଦେଶାମୃତ'ରୁ ଉଦ୍ଧୃତ)*

ସାହିତ୍ୟିକ ଯେତେ ସଂସ୍କାରମନସ୍କ ହେବ ତା'ର ସାହିତ୍ୟ ସର୍ଜନା ସାମାଜିକ ରୂପାନ୍ତର ଓ ବ୍ୟକ୍ତିଜୀବନର ପୁନର୍ଗଠନ ନିମିତ୍ତ ସେତେ ସହାୟକ ହେବ। ତତ୍କାଳୀନ ସମାଜରରେ ଯାବତୀୟ ଅନ୍ଧବିଶ୍ୱାସ ଓ କୁସଂସ୍କାର ବିଜଡ଼ିତ ପରମ୍ପରାକୁ, ଧର୍ମ ନାମରେ ପ୍ରଚଳିତ ଭଣ୍ଡାମିକୁ ଶ୍ରୀଶ୍ରୀଠାକୁର ଦୃପ୍ତସ୍ୱରରେ ସମାଲୋଚନା କରିଥିଲେ। ଯେଉଁ ସାହିତ୍ୟସାଧକମାନେ ଧର୍ମଭଣ୍ଡମାନଙ୍କୁ ବିରୋଧକରି ସାହିତ୍ୟ ସର୍ଜନା କରୁଥିଲେ, ସେମାନଙ୍କୁ ଭୂୟସୀ ପ୍ରଶଂସା କରୁଥିଲେ ଶ୍ରୀଶ୍ରୀଠାକୁର। ଏ ସମ୍ବନ୍ଧରେ ସେ କହିଛନ୍ତି – "ଛୋଟ ବେଳେ ଯେଉଁ ସବୁ କବିତା ପଢ଼ିଛି, ତାହାଠାରୁ ବର୍ତ୍ତମାନ ଅନେକ ଉପକରଣ ପାଏ। ଅକ୍ଷୟ ଦତ୍ତଙ୍କର 'ଚାରୁପାଠ' ଖୁବ୍ ସୁନ୍ଦର। କାଳୀପ୍ରସନ୍ନ ସିଂହଙ୍କର 'ହୁତୁମ୍ ପେଁଚାର ନକ୍ସା'- ସେଥିରେ ସବୁ ଧର୍ମଭଣ୍ଡଙ୍କୁ ଆକ୍ରମଣ କରାହୋଇଛି।" (ଶ୍ରୀଶ୍ରୀନିଗମାନନ୍ଦ ଉପଦେଶାମୃତ'ରୁ ଉଦ୍ଧୃତ)। ସାହିତ୍ୟର କୋମଳତମ ଐଶ୍ୱର୍ଯ୍ୟ ହେଉଛି କବିତା, ଯେଉଁଥିରେ ଅତ୍ୟନ୍ତ କଳାତ୍ମକ ଭାବରେ ସାମାଜିକ କ୍ରାନ୍ତିର ମାର୍ଗ ନିର୍ଦ୍ଦେଶ କରାଯାଇଥାଏ। ଶ୍ରୀଶ୍ରୀଠାକୁର ସ୍ୱରଚିତ 'ଯୋଗୀଗୁରୁ' ପୁସ୍ତକରେ ପାଶ୍ଚାତ୍ୟର ଦୁଇଜଣ ପ୍ରତିଭାଦୀପ୍ତ ବ୍ୟକ୍ତିଙ୍କ ମତ ଉଦ୍ଧାର କରି ଲେଖିଛନ୍ତି – "କୋଲରିଜ୍ ସାହେବ କହିଥିଲେ, "Poetry has given me the habit of wishing to discover the good and beautiful in all that meets and surrounds me." ପୁଣି ଆଉ ଜଣେ ପ୍ରତିଭାପରାୟଣ ସାହେବ କହିଛନ୍ତି – "The end of poetry is the elevation of the soul, the Improvement and the elevation of the moral and spiritual nature of man". ('ଯୋଗୀଗୁରୁ' ପୁସ୍ତକରୁ ଉଦ୍ଧୃତ)। ଯଥାର୍ଥରେ କବି ତା'ର ଚତୁଃପାର୍ଶ୍ୱରେ ସତ୍ୟ ଓ ସୌନ୍ଦର୍ଯ୍ୟର ଅନ୍ୱେଷଣ କରିଥାଏ। ଉନ୍ନତମାନର କବିତା ମନୁଷ୍ୟର ଆତ୍ମିକ, ନୈତିକ, ଆଧ୍ୟାତ୍ମିକ ଉତ୍ତରଣର କଥା କହେ। କବି ସେଭଳି କବିତା

ରଚନା କରିବା ଉଚିତ୍ ଯେଉଁଭଳି ସମାଜରେ ଏକ ଆଧ୍ୟାତ୍ମିକ କ୍ରାନ୍ତିର ପଥ ପ୍ରସ୍ତୁତ କରିବାକୁ ସମାଜ ବାସିନ୍ଦାମାନେ ପ୍ରଭାବିତ, ଅନୁପ୍ରେରିତ ହେବେ। ଏହା ଥିଲା ଶ୍ରୀଶ୍ରୀଠାକୁରଙ୍କର ଇଚ୍ଛା।

କବି, ନାଟ୍ୟକାର, କଥାକାର, ପ୍ରାବନ୍ଧିକ ଯାହା ରଚନା କରନ୍ତି ତାକୁ ଆମୂଳାନ୍ତ ଅଧ୍ୟୟନ କରି ସାହିତ୍ୟ ସମାଲୋଚକମାନେ ନିବନ୍ଧ ରଚନା କରନ୍ତି। ସୁତରାଂ ସାରସ୍ୱତ ଜଗତରେ ସମାଲୋଚକମାନଙ୍କର ଭୂମିକା ଖୁବ୍ ଗୁରୁତ୍ୱ ବହନ କରେ। ସାହିତ୍ୟିକ ଓ ପାଠକମାନଙ୍କର ମଧ୍ୟସ୍ଥଳରେ ଅବସ୍ଥାନ କରନ୍ତି ସମାଲୋଚକ। ସମାଲୋଚକ ଯେତେ ଅଧ୍ୟୟନଶୀଳ, ଅନ୍ତର୍ଦୃଷ୍ଟିସମ୍ପନ୍ନ, ବିଶ୍ଳେଷଣାଭିମୁଖୀ, ନିଷ୍ପକ୍ଷ ଓ ସ୍ଥିରମତି ହେବେ ସମାଲୋଚନା-ସାହିତ୍ୟ ସେତେ ସମୃଦ୍ଧ, ଶକ୍ତିମନ୍ତ, ସର୍ବଜନଗ୍ରାହ୍ୟ ହେବ। ତତ୍‌କାଳୀନ ସାହିତ୍ୟଜଗତରେ ମହେନ୍ଦ୍ର ଚୌଧୁରୀଙ୍କ ଭଳି ସାହିତ୍ୟ-ସମାଲୋଚକଙ୍କୁ ଶ୍ରୀଶ୍ରୀଠାକୁର ଉଚ୍ଛ୍ୱସିତ ପ୍ରଶଂସା କରିଛନ୍ତି। ଶ୍ରୀଶ୍ରୀଠାକୁରଙ୍କ ମତରେ - "ଆଜିକାଲି ଯଥାର୍ଥ ସମାଲୋଚକ ଆଉ ଦେଶରେ ନାହାନ୍ତି। ଗୋଟିଏ ଯୁଗରେ କେତେଜଣ ମନୀଷୀ ଜନ୍ମଗ୍ରହଣ କରିଥିଲେ, ସେମାନେ ସବୁ ଦିଗରେ ହିଁ ଅସାଧାରଣ କୃତିତ୍ୱ ଦେଖାଇଯାଇଛନ୍ତି। ଧର୍ମ, ସାହିତ୍ୟ, ସମାଲୋଚନା ସବୁ ଦିଗରେ ଥିଲେ ସେମାନେ ସିଦ୍ଧହସ୍ତ। ସମାଲୋଚକଙ୍କୁ ଦ୍ରଷ୍ଟା ହେବାକୁ ହେବ। ଉପନିଷଦର 'କ୍ରାନ୍ତଦର୍ଶୀ' ହୋଇ ନ ପାରିଲେ ସମାଲୋଚକ ହେବା କଠିନ। ସମାଲୋଚନା ଅତ୍ୟନ୍ତ କଠିନ ବିଷୟ। ଯାହାହେଉ, ମହେନ୍ଦ୍ର ଚୌଧୁରୀ ଆମମାନଙ୍କ ବିଶେଷ ପ୍ରିୟ। ସୁତରାଂ ଭଲ ସମାଲୋଚନା ହିଁ ବାହାର କରିବାକୁ ହେବ।" *('ଶ୍ରୀଶ୍ରୀନିଗମାନନ୍ଦ ଉପଦେଶାମୃତ'ରୁ ଉଦ୍ଧୃତ)*

ହାସ୍ୟରସ ସାହିତ୍ୟର ଏକ ପ୍ରମୁଖ ଉପାଦାନ। ସାହିତ୍ୟିକ ନିଜର ସର୍ଜନାରେ ହାସ୍ୟରସ ସ୍ଥାନିତ କରିବା ମୂଳରେ ଏକ ସଂସ୍କାରଧର୍ମୀ ଉଦ୍ଦେଶ୍ୟ ଅବଶ୍ୟ ରହିଥାଏ। ଯେଉଁ ସାହିତ୍ୟରେ ହାସ୍ୟରସ ପରିବେଷଣ ହୁଏ ତାହା ପାଠକଙ୍କୁ ଆନନ୍ଦ ପ୍ରଦାନ କରିବା ସହିତ ମାନସିକ ସ୍ୱଚ୍ଛତା ନିମିତ୍ତ ପ୍ରସ୍ତୁତିରେ ସହାୟତା କରେ। ଜଣେ ସାହିତ୍ୟିକ ତାଙ୍କ ସୃଷ୍ଟିରେ ସମାଜର ଦୁର୍ବଳ ଦିଗଟିକୁ ଉନ୍ମୋଚନ କଲେ ପାଠକ ତାକୁ ପଢ଼ି ହସିଉଠେ ସତ, କିନ୍ତୁ ଆତ୍ମସଚେତନ ହୁଏ, ଅନ୍ୟକୁ ସଚେତନ କରାଏ ଓ ଦୁର୍ବଳତାର ପ୍ରତିକାର ହେବା ଉଚିତ୍ ବୋଲି ଲେଖକ ସହିତ ଏକମତ ହୁଏ। ଜଣେ ଉତ୍ତମ ଲେଖକ ଭଗବତ୍ କୃପା ଲାଭ କରିଥାଆନ୍ତି ବୋଲି ଶ୍ରୀଶ୍ରୀଠାକୁରଙ୍କ ମତ। ସୁତରାଂ ସେ କହନ୍ତି - "ବିଶୁଦ୍ଧ ନିର୍ମଳ ହାସ୍ୟରସ ଲେଖକ ଆଉ ନାହାନ୍ତି କହିଲେ ମଧ୍ୟ ଚଳେ। କେଦାରନାଥ ବନ୍ଦୋପାଧ୍ୟାୟ ହିଁ ବର୍ତ୍ତମାନର ଏକମାତ୍ର ବିଶୁଦ୍ଧ ହାସ୍ୟରସର ଖ୍ୟାତନାମା ଲେଖକ। ଅମୃତଲାଲ ବସୁ ମଧ୍ୟ ଏ ବିଷୟରେ ବେଶ୍ ପଟୁ ଥିଲେ; କିନ୍ତୁ ଗିରୀଶ ଘୋଷଙ୍କ ତୁଳନାରେ ତାଙ୍କର ସ୍ଥାନ ନୀଚରେ। ଗିରୀଶ ଘୋଷ ଥିଲେ ପ୍ରତିଭାବାନ ଲେଖକ। ସେ ଭଗବତ୍ କୃପା ମଧ୍ୟ ପାଇଥିଲେ। ଏପରି ଯୋଗାଯୋଗ ନ ହେଲେ ଏହା କ'ଣ ସମ୍ଭବ ହୁଏ ?" ('ଶ୍ରୀଶ୍ରୀନିଗମାନନ୍ଦ ଉପଦେଶାମୃତ' ରୁ ଉଦ୍ଧୃତ)।

ଶ୍ରୀଶ୍ରୀଠାକୁର ସାହିତ୍ୟ-ପତ୍ରିକା ପଢ଼ିବାକୁ ଖୁବ୍ ସୁଖ ପାଇଥିଲେ। ସାହିତ୍ୟରେ ଗଭୀର ଅନୁରାଗ ଓ ଅଭିନିବେଶ ତାଙ୍କୁ ଅଧ୍ୟୟନଶୀଳ କରିଥିଲା। ସେତେବେଳେ ପ୍ରକାଶ ପାଉଥିବା 'ପାନ୍ଥ' ପତ୍ରିକା ଥିଲା ତାଙ୍କର ପ୍ରିୟତମ, ଯେହେତୁ ସେହି ପତ୍ରିକାରେ ପ୍ରକାଶିତ ପ୍ରବନ୍ଧଗୁଡ଼ିକ ତାଙ୍କର ହୃଦୟସ୍ପର୍ଶୀ ହେଉଥିଲା। ସେ କହନ୍ତି - 'ପାନ୍ଥ' ପତ୍ରିକା ମାସିକ ପତ୍ରିକା ମଧ୍ୟରେ ଉଚ୍ଚ ପ୍ରଶଂସିତ। ବେଶ୍ ସୁନ୍ଦର ସୁନ୍ଦର ପ୍ରବନ୍ଧ ସେଥିରେ ପ୍ରକାଶିତ ହେଉଛି। ଜ୍ଞାନ ଓ ପ୍ରେମ ସମ୍ବନ୍ଧରେ ଖୁବ୍ ଉତ୍କୃଷ୍ଟ ପ୍ରବନ୍ଧ ପ୍ରକାଶ ପାଉଅଛି। 'ପାନ୍ଥ' ପତ୍ରିକାରେ 'ମୁଁ' ନାମକ କେତେଗୋଟି ସୁନ୍ଦର ପ୍ରବନ୍ଧ ଆଧୁନିକ ଭାଷାରେ ଆଧୁନିକ କାଳର ଉପଯୋଗୀ କରି ପ୍ରକାଶ କରାଯାଉଅଛି। 'ପାନ୍ଥ' ପତ୍ରିକା ପଢ଼ି ମୁଁ ବେଶ୍ ଆନନ୍ଦ ପାଉଛି।" (ଶ୍ରୀଶ୍ରୀନିଗମାନନ୍ଦ କଥାମୃତ'ରୁ ଉଦ୍ଧୃତ)।

ସବୁ ଯୁଗରେ ପ୍ରତି କ୍ଷେତ୍ରରେ ମନୁଷ୍ୟମାନଙ୍କ ମଧ୍ୟରେ ବିରୋଧଭାବ ରହିଥାଏ। ସାହିତ୍ୟରେ ମଧ୍ୟ ବିରୋଧ। ସମୟ ସମୟରେ ବିରୋଧଭାବଟି ସୃଷ୍ଟି ହୁଏ ପାରସ୍ପରିକ ଅସୂୟା, ଅସହିଷ୍ଣୁତାରୁ। ତେବେ ସ୍ଥିରଚିତ୍ତ ହୋଇ ନିରପେକ୍ଷତା ଅବଲମ୍ବନ କରି ସତ୍ୟର ଭିତ୍ତିରେ ଜୀବନ ବଞ୍ଚିବା ହିଁ ମନୁଷ୍ୟତ୍ୱ। ସାହିତ୍ୟ ଆମ ମନୋଭୂମିର ସ୍ଥୈର୍ଯ୍ୟ, ବିଚାରବୋଧର କାର୍ଯ୍ୟଧାରାର ସତ୍ୟଶୀଳତା, ବିବେକର କ୍ରିୟାଶୀଳତା ଉପରେ ଗୁରୁତ୍ୱ ଆରୋପ କରେ। ସୁତରାଂ ପାରସ୍ପରିକ ଅସୂୟା- ନିଷ୍ପକ୍ଷତା, ଅସହିଷ୍ଣୁତା-ଜନିତ ବିରୋଧ ଭାବରୁ ମୁକ୍ତ ହେବା ପାଇଁ ସାହିତ୍ୟ ଆମକୁ ଆହ୍ୱାନ ଦିଏ। ଶ୍ରୀଶ୍ରୀଠାକୁର କହନ୍ତି - "ବର୍ତ୍ତମାନ ସମୟଟା ବିରୋଧର ଯୁଗ। ପରିବାରରେ, ସମାଜରେ, ରାଷ୍ଟ୍ରରେ, ସାହିତ୍ୟ କ୍ଷେତ୍ରରେ ସର୍ବତ୍ର ବିରୋଧ। ତୁମେମାନେ ଯେ ଯେଉଁ ସମାଜରେ ଅଛ, ସେଥିରେ ହିଁ ସ୍ଥିର ରହ, ପ୍ରଚଳିତ ସଂସ୍କାରରେ ନିଜକୁ ଭସାଇଦିଅ ନାହିଁ। ତୁମେମାନେ ସର୍ବଦା ନିରପେକ୍ଷ ରହ।" ('ନିଗମ ଉପଦେଶ' ରୁ ଉଦ୍ଧୃତ)।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ
**ଶ୍ରୀ ମନୋରଞ୍ଜନ ମହାନ୍ତି**
ଧର୍ମଶାଳା ଶାଖା ସଂଘ, ଜାରକା

# ଗୁରୁକରଣର ଆବଶ୍ୟକତା ଓ ଗୁରୁଙ୍କ ଠାରେ ଦେହ ମନ ପ୍ରାଣ ସମର୍ପଣ କରିବ କାହିଁକି ?

ଏ ସଂସାରରେ ସମ୍ପୂର୍ଣ୍ଣ ଭାବରେ ସଂସାର ଯାତ୍ରା ନିର୍ବାହ କରିବାକୁ ଗଲେ ମନୁଷ୍ୟତା ଗଠନ ପଥରେ ନାନାବିଧ ବାଧା ଉପସ୍ଥିତ ହୋଇଥାଏ । ସେଥିପାଇଁ ଗୁରୁଙ୍କ ଆଶ୍ରୟ ଗ୍ରହଣ କରି ତାଙ୍କର ଉପଦେଶ ଅନୁସାରେ ନିଜକୁ ପରିଚାଳିତ କରିବାକୁ ହୁଏ ।

ସନାତନ ଧର୍ମରେ 'ଗୁରୁ' ଶବ୍ଦ ୪ଟି ସ୍ଥାନରେ ପ୍ରୟୋଗ ହୁଏ ।

୧) ପିତାଗୁରୁ, ୨) ମାତାଗୁରୁ, ୩) ଶିକ୍ଷାଗୁରୁ, ୪) ଦୀକ୍ଷାଗୁରୁ ।

ଏଠାରେ ମୁଖ୍ୟତଃ ଦୀକ୍ଷାଗୁରୁ ବା ଆତ୍ମଜ୍ଞାନ ପ୍ରଦାନ କରୁଥିବା ଗୁରୁଙ୍କ ବିଷୟରେ ଆଲୋଚନା କରାଯାଉଛି ।

ଜୀବ ଭଗବତ୍ ଇଚ୍ଛାରେ ଏ ଜଗତକୁ ଆସିଛି । ଏଥିରେ ପ୍ରାରବ୍ଧ କର୍ମଫଳ ସଂଯୁକ୍ତ ଥାଏ । ଯେଉଁ ଉଦ୍ଦେଶ୍ୟରେ ଭଗବାନଗୁରୁ ଏ ଜଗତକୁ ଆଣନ୍ତି, ଜନ୍ମ ହେଲାକ୍ଷଣି ସେ ଏହା ବିସ୍ମରଣ ହୁଏ । ଫଳରେ ଭଗବାନଙ୍କୁ ଭୁଲି ସଂସାରରେ ଆସକ୍ତ ହୋଇ ନୂତନ କର୍ମଫଳ ସୃଷ୍ଟିକରେ ଓ ଜନ୍ମ ଜନ୍ମ ଧରି ଭବସାଗରରେ ଦୁଃଖରେ ବୁଡ଼ିଯାଏ ।

ମଙ୍ଗଳମୟ ଭଗବାନ ବା ଗୁରୁ ଜୀବକୁ ଏହି ଭବସାଗରରୁ ମୁକ୍ତି ପ୍ରଦାନ କରିବାକୁ ବ୍ୟଗ୍ର ହୋଇ ଗୁରୁକରଣ ଓ ବରଣର ପ୍ରାଥମିକ ବ୍ୟବସ୍ଥା କରିଛନ୍ତି ।

ଆତ୍ମବିସ୍ମୃତ ଆତ୍ମା ବା ଜୀବକୁ ସଚେତନ କରାଇବା ଗୁରୁବରଣର ପ୍ରାଥମିକ ଉଦ୍ଦେଶ୍ୟ ଭାବରେ ପ୍ରତିପାଦିତ କରାଯାଇଛି ।

**ଉଦାହରଣ:**

୧) ରାଜା ଜନକରଷି ଯାଜ୍ଞବଳ୍କଙ୍କୁ ପଚାରିଥିଲେ ମୋର ଯାହା ପ୍ରାରବ୍ଧ ତାହା ଅବଶ୍ୟ ମୋତେ ମିଳିବ କିନ୍ତୁ ମୁଁ ଜଗତକୁ କ'ଣ ପାଇଁ ଆସିଛି । ମତେ ଦୟାକରି କହନ୍ତୁ ।

୨) ସେହିପରି ଶ୍ରୀମଦ୍ ଶୁକଦେବ ଗୁରୁ ଜନକଙ୍କୁ ପଚାରିଥିଲେ ମୁଁ ତ ବ୍ରହ୍ମଜ୍ଞାନୀ ଗୁରୁକରଣ କରିବାକୁ ବାପା କାହିଁକି କହିଲେ ?

**ଉତ୍ତର:** ତୁମେ କିଏ ? ଏ ଜଗତକୁ କ'ଣ ପାଇଁ ଆସିଛ ଗୁରୁ ବତାଇଦେବେ । ସେଥିପାଇଁ ପ୍ରଭୁ ରାମଚନ୍ଦ୍ର ବଶିଷ୍ଠଙ୍କୁ ଗୁରୁ ଓ ପ୍ରଭୁ ଶ୍ରୀକୃଷ୍ଣ ସନ୍ଦିପନଙ୍କୁ ଗୁରୁ କରିଥିଲେ ।

**ଗୁରୁ କିଏ ?**

(କ) ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ –

୧) ଗୁରୁ ହେଉଛନ୍ତି ମୋକ୍ଷର ସୋପାନ ।

୨) ଗୁରୁଙ୍କ ପାଖରେ ପୂର୍ଣ୍ଣ ସମର୍ପଣ କଲେ ହିଁ ଗୁରୁ ତାଙ୍କର ସମ୍ପୂର୍ଣ୍ଣ ସାମର୍ଥ୍ୟ ଲଗାଇ ତୁମକୁ ପରମତତ୍ତ୍ୱରେ ଅଧିଷ୍ଠିତ କରାଇଦେବେ । ଏହା ହିଁ ନିଜ ସ୍ୱରୂପରେ ପ୍ରବେଶ କରିବାର ରାଜଦ୍ୱାର ।

୩) ସମସ୍ତ ଚରାଚର ମଧ୍ୟରେ ସଂଚରିଯିବାର ସାମର୍ଥ୍ୟ ଯାହା ଭିତରେ ଅଛି ସିଏ ହେଉଛନ୍ତି ଗୁରୁ ।

୪) ସଦ୍‌ଗୁରୁ ହେଉଛନ୍ତି ଆଧାତ୍ମିକ ଶକ୍ତିର ଭଣ୍ଡାର ଯିଏ ଯୁଗେ ଯୁଗେ ଜନ୍ମ ନିଅନ୍ତି । ଶିଷ୍ୟ ଭିତରେ ସେହି ଶକ୍ତିକୁ ଜାଗରଣ କରିବାପାଇଁ, ଗୁରୁଶିଷ୍ୟ ପରମ୍ପରାକୁ ବଜାୟ ରଖିବା ପାଇଁ ।

୫) ଯିଏ ବ୍ରହ୍ମଙ୍କ ଉପଲବ୍ଧି କରିସାରିଛନ୍ତି, ସେ ହିଁ ମାନବ ଜାତିର ଗୁରୁ ହୋଇପାରନ୍ତି ।

୬) ଗୁରୁଭକ୍ତି ହିଁ ସବୁ ଆଧାତ୍ମିକ ବିକାଶର ଆଧାରଶିଳା ।

(ଖ) ଯଦି ତୁମକୁ ଜଣେ ବ୍ୟକ୍ତି ମିଳିଯା'ନ୍ତି ଯିଏ ପ୍ରକାଶକୁ ରଖିଛନ୍ତି, ଯିଏ ଆଲୋକକୁ ଦେଖିଛନ୍ତି, ତୁମେ ତାଙ୍କ ଆଖିରେ ଝଲକଟିଏ ପାଇବ। ଠିକ୍ ସେମିତି ଯିଏ ଭିତରକୁ ଦେଖିଛନ୍ତି, ଯିଏ ଜାଗ୍ରତ ତୁମେ ତାଙ୍କ ପାଖରେ ବସିବ ଓ ଆଲୋକ ଦିଗରେ ଯାତ୍ରା ଆରମ୍ଭ କରିବ। ଯିଏ ଶାସ୍ତ୍ରରେ ବଞ୍ଚନ୍ତି ନାହିଁ ପରମାତ୍ମାରେ ହିଁ ବଞ୍ଚନ୍ତି ସେ ହିଁ ଗୁରୁ। *('ମରେ ହେ ଯୋଗୀ ମରେ' ପୁସ୍ତକରୁ ସଂଗୃହୀତ)*

(ଗ) ଗୋଟିଏ କଥା ମନେରଖ ! ଗୁରୁ ତୁମର ଫୁଲ ପଇସା ପଦାର୍ଥର ପୂଜା ସ୍ୱୀକାର କରନ୍ତି ନାହିଁ। ତୁମର ବାସ୍ତବ ପୂଜା ତୁମର ଯଥାର୍ଥ ଶ୍ରଦ୍ଧା ସେହିଦିନ ହେବ ଯେଉଁଦିନ ତୁମେ ତୁମର ଜ୍ଞାନକୁ ତୁମ ଜୀବନରେ ଉତ୍ତାରିପାରିଲ। ସେହିଦିନ ହିଁ ତୁମେ ତାଙ୍କର ଅସଲି ପୂଜା କଲ, ଶିଷ୍ୟ ହେବାର ଉତ୍ତର ଦାୟିତ୍ୱ ପୂରା କରିଦେଲ। *(ଆନନ୍ଦମୟୀ ଗୁରୁ ମା)*

(ଘ) ଗୁରୁକୃପା ଅର୍ଥ ନୁହେଁ ଯେ ତୁମ ଜୀବନରେ ଦୁଃଖ ଆସିବ ନାହିଁ। ଦୁଃଖରେ ବି ତୁମେ ଦୁଃଖୀ ହେବନାହିଁ। ଦୁଃଖର ସମୟ କେତେବେଳେ ବିତିଗଲା ତାହା ତୁମେ ଜାଣିପାରିବ ନାହିଁ, ଏହାହିଁ ଗୁରୁକୃପା। *(ରାଧାସ୍ୱାମୀ)*

(ଙ) ସଦ୍‌ଗୁରୁ ହେଉଛନ୍ତି ପୂର୍ଣ୍ଣଜ୍ଞାନର ଶୁଦ୍ଧତମ ସ୍ୱରୂପ। ମୁମୁକ୍ଷୁ ଜୀବକୁ ଜ୍ଞାନର ଜଳସିଞ୍ଚି ଶୀତଳ ଶାନ୍ତ କରିବାର ଅନନ୍ତ ସାମର୍ଥ୍ୟ ରଖିଥା'ନ୍ତି ଗୁରୁ। *(ସ୍ୱାମୀ ଚିନ୍ମୟାନନ୍ଦ)*

(ଚ) କର୍ମରେ କର୍ତ୍ତୃତ୍ୱାଭିମାନ, ଭକ୍ତିରେ ଉପାସନା ଅଭିମାନ, ଯୋଗରେ ବୃତ୍ତି ଅଭିମାନ ଲାଗି ରହିଥାଏ। କେବଳ ଜ୍ଞାନୀ ସଦ୍‌ଗୁରୁ ହିଁ ଆତ୍ମଜ୍ଞାନ ଦ୍ୱାରା ଜୀବକୁ ଦେହାଭିମାନରୁ ମୁକ୍ତ କରିଦେବା ପାଇଁ ସମର୍ଥ।

(ଛ) ଯିଏ ଜାଗି ଯାଇଛନ୍ତି, ସିଏ କେବଳ ଜଗାଇ ପାରିବେ, ଯିଏ ନିଜେ ପ୍ରକାଶିତ ହୋଇଛନ୍ତି ସେ ହିଁ କାହାକୁ ପ୍ରକାଶିତ କରିପାରିବେ। ତାଙ୍କୁ ହିଁ ଗୁରୁ କୁହାଯାଏ।

(ଜ) ଗୁରୁ ହିଁ ହେଉଛନ୍ତି ଏଭଳି ଏକ ମାଧ୍ୟମ ଯିଏ ଜୀବକୁ ଅନାତ୍ମ ଦେହ ସଂଘାତ ପ୍ରତି ରହିଥିବା ଅହଂକାରକୁ ନାଶକରି ତାକୁ ଶୁଦ୍ଧ ଆତ୍ମବାନ କରନ୍ତି।

(ଝ) ତୁମେମାନେ ମୋର ଏପାରର କର୍ମଭାର ନିଅ, ମୁଁ ତୁମର ସେପାରିର ଭାରନେଲି। ଏତେ ସାଧନ ଭଜନ କରି ତୁମ ଠାକୁରଙ୍କ ଯେଉଁ ଗତି ହେବ କେବଳ ତାଙ୍କ ଆଦେଶ ପାଳନ କରି ତୁମର ସେହିଗତି ହେବ। *(ଶ୍ରୀଶ୍ରୀଠାକୁର)*

(ଞ) ମୋ ଚିନ୍ତା ମୋହରି ଧ୍ୟାନେ ଯେ
ସବୁ ସିଦ୍ଧିବୀର୍ଯ୍ୟ ସକଳ ଐଶ୍ୱର୍ଯ୍ୟ ପ୍ରକାଶିବ ନିଜ ଜ୍ଞାନେ ଯେ। *(ଶ୍ରୀଶ୍ରୀଠାକୁର)*

(ଟ) ଗୁରୁଗ୍ରହଣ ନ କଲେ ଶରୀର ଶୁଦ୍ଧି ହୁଏନି, ଏଥିପାଇଁ ଗୁରୁକରଣର ଆବଶ୍ୟକତା। *(ତୈଲଙ୍ଗ ସ୍ୱାମୀ)*

(ଠ) ପରମ ପ୍ରାପ୍ତି ପାଇଁ ଗୁରୁକରଣ ଆବଶ୍ୟକ। *(ଶିଖ୍‌ଗୁରୁ ଅମର ଦାସ)*

(ଡ) ଗୁରୁକୃପା ଓ ଗୁରୁସେବା ସକଳ ସିଦ୍ଧିର ମୂଳ।

(ଢ) ପଣ୍ଡିତ, ଜ୍ଞାନ, ଶାସ୍ତ୍ର ସବୁ ତୀର୍ଥ ମନ୍ଦିର ଆଡକୁ ଠେଲିଦେବେ ସଦ୍‌ଗୁରୁ ସିଏ, ଯିଏ ଭିତରକୁ ଯିବାର ବାଟ ଦେଖାନ୍ତି।

(ଣ) ଶ୍ରୀଶ୍ରୀ ଗୁରୁଦେବଙ୍କ ଉପରେ ଯଥାର୍ଥ ନିର୍ଭର କରିପାରିଲେ ସର୍ବାର୍ଥ ସିଦ୍ଧ ହୋଇଥାଏ। *(ଶ୍ରୀଶ୍ରୀଠାକୁର)*

(ତ) ମୁକ୍ତି ଲାଭ କରିବାକୁ ହେଲେ ଜଣେ ମୁକ୍ତ ପୁରୁଷଙ୍କ ସାହାଯ୍ୟ ଆବଶ୍ୟକ। ହିନ୍ଦୁଶାସ୍ତ୍ରରେ ତାଙ୍କୁ ଗୁରୁ କୁହାଯାଏ। ଗୁରୁଙ୍କ କୃପା ନହେଲେ ମୁକ୍ତିପଥରେ ଅଗ୍ରସର ହେବାର ଅନ୍ୟ ଉପାୟ ନାହିଁ। *(ଶ୍ରୀଶ୍ରୀଠାକୁର)*

**୨) ପ୍ରଶ୍ନ: ଗୁରୁଙ୍କ ନିକଟରେ ଦେହ ମନ ପ୍ରାଣ ସମର୍ପଣ କରବା କାହିଁକି ?**

**ଉତ୍ତ:** ଜୀବର ଦେହ ମନ ପ୍ରାଣ ଭଗବାନ ବା ଗୁରୁଙ୍କ ଦାନ କିନ୍ତୁ ଜୀବ ଅହଂକାର ବଶବର୍ତ୍ତୀ ହୋଇ ନିଜର ମନେ କରି, ବିଷୟାସକ୍ତ ହୁଏ ଏବଂ କଷ୍ଟ ଭୋଗ କରେ।

ଏଣୁ ମଙ୍ଗଳମୟ ଗୁରୁ ତାଙ୍କର ଚରଣାଶ୍ରିତ ଅଜ୍ଞାନ ତିମିରାଚ୍ଛନ୍ନ ମାନବମାନଙ୍କୁ ଆତ୍ମଜ୍ଞାନ ପ୍ରଦାନ ପୂର୍ବକ ଦେହାତ୍ମବୁଦ୍ଧି ଅପସାରିତ କରିଦିଅନ୍ତି ।

ସେତେବେଳେ ଜୀବ – ଦେହଦ୍ୱାରା ତାଙ୍କର ସେବା, ମନଦ୍ୱାରା ତାଙ୍କର ଧ୍ୟାନ, ପ୍ରାଣଦ୍ୱାରା ତାଙ୍କୁ ସୁଖ ପାଇବାକୁ ଚେଷ୍ଟାକରେ । *(ଦୁର୍ଗାଚରଣ ଭାଇଙ୍କ ଆଲୋଚନାରୁ)*

**ଗୁରୁଙ୍କ ଉଦ୍ଦେଶ୍ୟରେ ଗୁରୁଙ୍କ ମହିମା**

୧) ଏନାବେ ଗୁରୁ କର୍ଣ୍ଣଧାର, ମୁହିଁ ଅନୁକୂଳ ସମୀର । *(ଭାଗବତ)*

୨) ଆନ୍ଧାରେର୍ ଆଲୋ ତୁମି, ଅସାରେର ସାର
ତୋମାୟ ଭୁଲିୟା ଆମାର୍, କିସେର୍ ସଂସାର ।

୩) ଗୁରୁଙ୍କୁ ନମଣିବ ନର, ଗୁରୁ ହିଁ ସାକ୍ଷାତ ଈଶ୍ୱର । *(ଭାଗବତ)*

୪) ସବ୍ ଧରିତ୍ରୀକୋ ଖତ୍ କରୁ, ଲେଖନି ବନରାୟ
ସାତ୍ ସମୁଦ୍ଦର ମସିକରୁଁ, ଗୁରୁଗୁଣ ଲେଖା ନଯାୟ ।

୫) ଶରୀର ପବିତ୍ର ସେବା କିୟେ, ଧନ ପବିତ୍ର ଦିୟେ ଦାନ
ମନ ପବିତ୍ର ଗୁରୁ ଭଜନ କର, ତିନୋ କରେ କଲ୍ୟାଣ ।

୬) କବିରା ସାରା ଜଗ ନିର୍ଦ୍ଧନା ହୋଏ, ଧନବନ୍ତ ନହିଁ କୋୟେ
ଧନବନ୍ତ ସୋଇ ଜାନିୟେ, ଜାକେ ଗୁରୁନାମ ଧନ ହୋଏ । *(କବୀର)*

୭) ଗୁରୁ ମାତା, ଗୁରୁପିତା ଗୁରୁ ହନ୍ ପତି, ଗୁରୁବିନା ଏ ସଂସାରେ ନାହିଁ ଅନ୍ୟଗତି ।

୮) ଗୁରୁ ମଧ୍ୟେ ସ୍ଥିତ ବିଶ୍ୱ, ବିଶ୍ୱମଧ୍ୟେ ସ୍ଥିତ ଗୁରୁ
ଗୁରୁବିଶ୍ୱ ନମଃସ୍ତୁଭ୍ୟଂ, ବିଶ୍ୱଗୁରୁ ନମାମ୍ୟହଂ ।

୯) ଗୁରୁବିନା ଭବନିଧି ତରଇ ନା କୋଇ, ଯୋ ବିରଞ୍ଚି ଶଙ୍କର ସମ ହୋଇ ।

୧୦) ଗୁରୁକୃଷ୍ଣ ରୂପହନ ଶାସ୍ତ୍ରେର ପ୍ରମାଣ, ଗୁରୁରୂପେ କୃଷ୍ଣ କୃପା କରେନ୍ ଭକ୍ତେଗଣେ । *(ଚୈତନ୍ୟ ଚରିତାମୃତ)*

୧୧) ଗୁରୁକୃଷ୍ଣ ବୈଷ୍ଣବତେ ସମଭକ୍ତିକରି, ନାମାଶ୍ରୟେ ଶୁଦ୍ଧଭକ୍ତ ଶିଘ୍ର ଯାୟ ତରି

୧୨) ଶ୍ରୀଶ୍ରୀଗୁରୁଗୀତାରେ ଅଛି । ପାର୍ବତୀ ଶିବଙ୍କୁ ପଚାରୁଛନ୍ତି –

ପ୍ରଶ୍ନ : କେନ ମାର୍ଗେଣ ଭୋ ସ୍ୱାମୀ ଦେହୀ ବ୍ରହ୍ମମୟୋ ଭବେତ୍

ଉତ୍ତର : ଗୁରୁ ଧ୍ୟାନାତ୍ ତଥା ନିତ୍ୟଂ ଦେହୀ ବ୍ରହ୍ମମୟୋ ଭବେତ୍

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ
**ଶ୍ରୀ ସଂଗ୍ରାମ କେଶରୀ ସିଂହ**
ପଟ୍ଟାମୁଣ୍ଡାଇ ଟାଉନ୍ ସଂଘ

# ସାଧନାର ପ୍ରୟୋଜନ

ଅହଂ ତତ୍ତ୍ୱରେ ମନୁଷ୍ୟ ଏକ ସ୍ୱାଧୀନ ଜୀବ ହୋଇଥିବାରୁ ସେ ଚାହିଁଲେ ପ୍ରବୃତ୍ତି ମାର୍ଗରେ ଗତିକରି ବାରମ୍ବାର ଜନ୍ମ-ମୃତ୍ୟୁ ଚକ୍ରର ଆବର୍ତ୍ତରେ ଘୁରିଥାଏ; କିମ୍ବା ନିବୃତ୍ତି ମାର୍ଗରେ ଗତିକରି ତା'ର ଅନ୍ତିମ ଯାତ୍ରା ଶେଷ କରିଥାଏ। ମନୁଷ୍ୟର ଏହି ସ୍ୱାଧୀନ ଶକ୍ତିକୁ ତଟସ୍ଥା ଶକ୍ତି ବୋଲି କୁହାଯାଏ। ତଟସ୍ଥା ଶକ୍ତି ଅନ୍ତର୍ଗତ ମନୁଷ୍ୟରୂପୀ ଜୀବ ସୁଖ ଲାଭ ଆଶାରେ କେତେବେଳେ ଭଗବାନଙ୍କ ସ୍ୱରୂପଶକ୍ତି ବା ଚିତ୍‌ଶକ୍ତି ସହିତ ମିଶିବାକୁ ଅଗ୍ରସର ହୁଏତ; ପୁଣି କେତେବେଳେ ମାୟା ଶକ୍ତିରେ ପ୍ରଲୁବ୍ଧ ହୋଇ ପାର୍ଥିବ ବସ୍ତୁ ପ୍ରତି ଆକୃଷ୍ଟ ହୁଏ। ଜନ୍ମ-ଜନ୍ମାନ୍ତରର ସୁକୃତିବଶରୁ ଏବଂ ସାଧୁ-ଶାସ୍ତ୍ର କୃପାରୁ ଜୀବ ଯେତେବେଳେ ଜାଣିପାରେ ଯେ ପୂର୍ଣ୍ଣ ସୁଖ, ପୂର୍ଣ୍ଣ ଆନନ୍ଦ ତାହାର ଆତ୍ମାରେ ବିରାଜିତ; ସେତେବେଳେ ତାହାର ବିଷୟ ବୈରାଗ୍ୟ ଉପସ୍ଥିତ ହୁଏ। ଅର୍ଥାତ୍ ମାୟାଶକ୍ତି ବା ପ୍ରବୃତ୍ତି ମାର୍ଗ ପ୍ରତି ସେ ପ୍ରଲୁବ୍ଧ ନ ହୋଇ ସ୍ୱରୂପ ଶକ୍ତି ବା ନିବୃତ୍ତି ମାର୍ଗ ପ୍ରତି ଆକୃଷ୍ଟ ହୋଇଥାଏ। ଏହି ଆତ୍ମୋପଲବ୍ଧି ପାଇଁ ବା ସ୍ୱରୂପ ଜ୍ଞାନ ଲାଭ ପାଇଁ ମନୁଷ୍ୟର ଯେଉଁ ଚେଷ୍ଟା ତାହାକୁ ସାଧନା ବୋଲି କୁହାଯାଏ। ଅନ୍ୟଭାଷାରେ କହିଲେ ସ୍ୱରୂପଜ୍ଞାନ ଲାଭ କରିବା ପଥରେ ବହୁବିଧ ବାଧା-ବିଘ୍ନ ଗୁଡ଼ିକୁ ଅପସାରଣ କରିବା ନିମିତ୍ତ ଯାହା କରଣୀୟ ତାହାର ନାମ ସାଧନା। ସ୍ଥୂଳ ଦେହ ଧାରଣ ନିମିତ୍ତ ଯେପରି ଆହାର ବିହାରର ଆବଶ୍ୟକ ଏବଂ ତାହା ଯେପରି ବିବିଧ ଘାତ ପ୍ରତିଘାତରେ ବନ୍ଦ ହୁଏ ନାହିଁ; ସେହିପରି ଆତ୍ମଜ୍ଞାନ ଲାଭ ନିମିତ୍ତ ସାଧନ ଭଜନର ଏକାନ୍ତ ପ୍ରୟୋଜନ ଏହା ଏକ ବ୍ୟାପକ ବିଷୟ ହୋଇଥିବାରୁ ଅତି ସଂକ୍ଷିପ୍ତରେ ଏହାର କତିପୟ ଦିଗ ଏଠାରେ ବିବକ୍ଷିତ କରାଯାଇଅଛି।

୧. ଜୀବନର ଲକ୍ଷ୍ୟ ସ୍ଥଳରେ ଉପନୀତ ହେବା ହିଁ ସବୁ ସାଧନ ଭଜନର ଉଦ୍ଦେଶ୍ୟ। ତେବେ ଜୀବନର ଲକ୍ଷ୍ୟ କ'ଣ ? ଏହି ପ୍ରସଙ୍ଗରେ ଆମର ପ୍ରାଣପ୍ରିୟ ଶ୍ରୀଶ୍ରୀଠାକୁର କହିଛନ୍ତି – "ଆମି ତୋମାକେ ପୂର୍ବେ ବୋଲି ଆଛେ ମାନୁଷ୍ ଜୀବନର ଲକ୍ଷ୍ୟ ମୁକ୍ତି ଲାଭ କରା; ଅର୍ଥାତ୍ ମାୟାର ସୀମା ଅତିକ୍ରମ କରେ ସ୍ୱରୂପେ ପ୍ରତିଷ୍ଠିତ ହବା।" ତେଣୁ ଶ୍ରୀଶ୍ରୀଠାକୁରଙ୍କ ବାଣୀ ଅନୁଯାୟୀ ମାୟା ଆମକୁ ଯେଉଁ ଜାଗତିକ ଉପାଧି ଦେଇଛି ବା ସାମାଜିକ ପରିଚୟ ଦେଇଛି – ଯାହା ଅଳିକ ଅନିତ୍ୟ – ଏହାର ଉର୍ଦ୍ଧ୍ୱକୁ ଉଠି ଆତ୍ମଜ୍ଞାନ ବା ସ୍ୱରୂପରେ ପ୍ରତିଷ୍ଠିତ ହେବା। ମୁଁ ଏ ସଂସାରର ଅନ୍ୟମାନଙ୍କ ଭଳି ଏକ କ୍ଷୁଦ୍ର ଜୀବ ନୁହେଁ, ମୁଁ ସ୍ୱରୂପରେ ହେଉଛି ଶ୍ରୀଶ୍ରୀଠାକୁରଙ୍କ ନିତ୍ୟ ସେବକ, ପାର୍ଷଦ ବା ଲୀଳା ସହଚର। ବିଶ୍ୱରେ ଯାହା ମାୟା, ଜୀବ ଦେହରେ ତାହାର ନାମ ପ୍ରକୃତି। ପ୍ରକୃତିରୁ ଉର୍ଦ୍ଧ୍ୱକୁ ଉଠିଲେ ଯାଇ ଆତ୍ମଜ୍ଞାନ ଲାଭ ହୋଇଥାଏ। ମାୟାତୀତ ସତ୍ତା ଶ୍ରୀଗୁରୁଦେବଙ୍କ ଆଦେଶ ଅନୁଯାୟୀ ଜୀବନ ଯାତ୍ରା ନିର୍ବାହ କଲେ ମାୟାର ସୀମାକୁ ଅତିକ୍ରମ କରିବା ସହଜ ହୋଇଥାଏ। ଏଥିପାଇଁ ସାଧନାର ପ୍ରୟୋଜନ।

୨. ମନୁଷ୍ୟ ଦେହରେ ମାୟାର ପ୍ରତିନିଧି ହେଉଛି ମନ। ଏହାର ଶକ୍ତି, ଅନନ୍ତ, ଅଚିନ୍ତନୀୟ। ଏହି ମନ ହିଁ ମନୁଷ୍ୟର ବନ୍ଧନ ଏବଂ ମୋକ୍ଷର କାରଣ। ଏହା ବିଷୟ ପ୍ରତି ଆସକ୍ତ ହେଲେ ବନ୍ଧନର କାରଣ ହୋଇଥାଏ ଏବଂ ବୈରାଗ୍ୟ ଜନ୍ମିଲେ ମୁକ୍ତିଲାଭ ହୋଇଥାଏ। "ମନ ଏବ ମନୁଷ୍ୟାଣାଂ କାରଣଂ ବନ୍ଧ ମୋକ୍ଷୟୋଃ, ବନ୍ଧୟା ବିଷୟାସକ୍ତଂ ମୁକ୍ତୈନିର୍ବିଷୟଂ ସ୍ମୃତମ୍।" ମନକୁ ତାହାର ବହୁ ବିଷୟାଭିମୁଖୀ ଗତିପଥରୁ ପ୍ରତ୍ୟାହୃତ କରି ଗୋଟିଏ କେନ୍ଦ୍ରରେ ସ୍ଥିର କରିପାରିଲେ ଏହା ଅସାଧ୍ୟ ସାଧନ କରିପାରେ। ଅତଏବ ମନକୁ ପ୍ରତ୍ୟାହୃତ କରି ଗୋଟିଏ କେନ୍ଦ୍ର ବା ଶ୍ରୀଗୁରୁଦେବଙ୍କ ଚରଣରେ ସଂଲଗ୍ନ କରିବା ନିମିତ୍ତ ସାଧନାର ପ୍ରୟୋଜନ।

୩. ଦଶଗୋଟି ବହିରାନ୍ଦ୍ରିୟ ଛଡା ଚାରୋଟି ଅନ୍ତେରୀନ୍ଦ୍ରିୟ ହେଉଛି ମନ, ବୁଦ୍ଧି, ଅହଂ, ଚିତ୍ତ। ମନ ହେଉଛି 'ସଂଶୟାତ୍ମିକା' ବୃତ୍ତି। କୌଣସି କାର୍ଯ୍ୟ କରିବାପାଇଁ ନିଷ୍ପତ୍ତି ନେଇପାରେ ନାହିଁ। ବୁଦ୍ଧି ହେଉଛି 'ନିଶ୍ଚୟାତ୍ମିକା' ବୃତ୍ତି। କୌଣସି କାର୍ଯ୍ୟ ପାଇଁ ଏହା ସ୍ଥିର ସିଦ୍ଧାନ୍ତ ଗ୍ରହଣ କରିଥାଏ। ଅହଂ ହେଉଛି 'କର୍ତ୍ତାଭିମାନ' ବୃତ୍ତି। କର୍ତ୍ତାଭିମାନ ଦ୍ୱାରା ବଶବର୍ତ୍ତି ହୋଇ ମନୁଷ୍ୟ କାର୍ଯ୍ୟଟି ସମ୍ପନ୍ନ କରିଥାଏ। କର୍ମଟି ସମ୍ପନ୍ନ ହେବାପରେ ତାହାର ଫଳ ଚିତ୍ତକ୍ଷେତ୍ରରେ ଅଙ୍କିତ ହୋଇ ରହିଯାଏ। ଏହି କର୍ମଫଳ ସମୟକ୍ରମେ ଏପରିକି ଜନ୍ମାନ୍ତରରେ ଚିତ୍ତ ରୂପକ ରେକର୍ଡ଼ ରୁମ୍‌ରେ ସଂସ୍କାର ଭାବରେ ପ୍ରକାଶ ପାଇଥାଏ। ସେଥିପାଇଁ ଚିତ୍ତ ହେଉଛି ସଂସ୍କାରାତ୍ମକ ବୃତ୍ତି। ଏହି ଚାରୋଟି ଅନ୍ତକରଣମାନଙ୍କର ବୃତ୍ତି ନିରୋଧ ହେଲେ ଯାଇ ଜ୍ଞାନ (ଆତ୍ମଜ୍ଞାନ) ପ୍ରକାଶ ପାଏ। ଅତଏବ ବୃତ୍ତି ନିରୋଧ ପାଇଁ ସାଧନାର ପ୍ରୟୋଜନ।

୪. ଉପରୋକ୍ତ ଋରୋଟି ଅନ୍ତଃକରଣ ମଧ୍ୟରୁ ଚିତ୍ତ ହେଉଛି ପ୍ରଧାନ। ସେଥିପାଇଁ ଶ୍ରୀଶ୍ରୀଠାକୁର ଆମକୁ ଚିତ୍ତଶୁଦ୍ଧି ମୂଳକ ସାଧନା ଦେଇଛନ୍ତି। ଯୋଗ ଚିତ୍ତବୃତ୍ତି ନିରୋଧ। ବିଷୟ ବାସନା ହେଉଛି ଚିତ୍ତର ବୃତ୍ତି। ଚିତ୍ତ ଯେତେବେଳେ ଯେଉଁ ବିଷୟ ପ୍ରତି ଆକୃଷ୍ଟ ହୁଏ, ସେତେବେଳେ ତାହା ସେହି ବିଷୟର ଆକାରରେ ଆକାରିତ ହୋଇଯାଏ (ତଦାକାରକାରିତ)। ଏହି କାରଣରୁ ଚିତ୍ତ ସର୍ବଦା ଆକାର ପରିବର୍ତ୍ତନ କରୁଥିବାରୁ ତାହା ଅସ୍ଥିର, ଚଞ୍ଚଳ ଓ ବିକ୍ଷେପର କାରଣ ହୋଇଥାଏ। ବିଷୟର ଛାପା ବାରମ୍ବାର ଚିତ୍ତ କ୍ଷେତ୍ରରେ ଅଙ୍କିତ ହେବାଫଳରେ ତାହା ଚିତ୍ତର ସଂସ୍କାରରେ ପରିଣତ ହୋଇଥାଏ। ଏହିପରି ବହୁ ଜନ୍ମ ଧରି ଚିତ୍ତ କ୍ଷେତ୍ରରେ କର୍ମ-ସଂସ୍କାର ଅଙ୍କିତ ହୋଇରହିଛି। ଏହି ସଂସ୍କାର ବଶରୁ ବାସନାର ଉଦୟ ହୋଇଥାଏ; ଯଦ୍ଦ୍ୱାରା କି ବାଧ୍ୟହୋଇ ଜୀବ କର୍ମରେ ନିଯୁକ୍ତ ହୁଏ ଏବଂ ପୁଣି ନୂତନ କର୍ମଫଳ ଓ ସଂସ୍କାରର ସୃଷ୍ଟି ହୋଇଥାଏ। ଏହି ଦୂରୁହ କର୍ମଚକ୍ର ଛିନ୍ନ କରିବାପାଇଁ ତଥା ସଂସ୍କାର କ୍ଷୟ ଓ ବାସନାର ପ୍ରତିରୋଧ ପାଇଁ ସାଧନାର ଏକାନ୍ତ ପ୍ରୟୋଜନ।

୫. ଚିତ୍ତ ମଧ୍ୟରେ ତ୍ରିଗୁଣ ବିଦ୍ୟମାନ। ଚିତ୍ତ ସତ୍ତ୍ୱଗୁଣାନ୍ୱିତ ହେଲେ ବିଶୁଦ୍ଧ ଜ୍ଞାନ ପ୍ରକାଶିତ ହୁଏ। କିନ୍ତୁ ସେଥିରେ ରଜ ଓ ତମୋଗୁଣ ମିଳିତ ହେଲେ ତାହା ପ୍ରବୃତ୍ତି ପଥରେ ଧାବିତ ହୋଇ ସଂସାରରେ ଆସକ୍ତ ହୋଇଥାଏ। ଅତଏବ ସତ୍ତ୍ୱଗୁଣକୁ ବୃଦ୍ଧି ନିମିତ୍ତ ସାତ୍ତ୍ୱିକ ଆହାର, ସତ୍‌ଚିନ୍ତା, ସତ୍‌ସଙ୍ଗ, ସଦ୍‌ଗ୍ରନ୍ଥ ପାଠ ସହିତ ରଜୋଗୁଣର ଆଶ୍ରୟ ନେଇ ଶ୍ରୀଗୁରୁଦେବଙ୍କ ଆଦିଷ୍ଟ ନିଷ୍କାମ କର୍ମରେ ଆତ୍ମନିୟୋଗ କଲେ ତମୋଗୁଣ ନିବାରିତ ହୁଏ। ତେଣୁ ତମୋଗୁଣର ପରାଜୟ ନିମିତ୍ତ ସାଧନାର ପ୍ରୟୋଜନ।

୬. ଜୀବର ଦୁଃଖ ତିନି ପ୍ରକାର - ଆଧିଭୌତିକ, ଆଧିଦୈବିକ ଓ ଆଧ୍ୟାତ୍ମିକ। ଅନ୍ୟ ଜୀବମାନଙ୍କଠାରୁ ପ୍ରାପ୍ତ ଦୁଃଖ ଓ ଆଘାତ ଜନିତ ଦୁଃଖ ଆଧିଭୌତିକ ଦୁଃଖ। ଦେବତାମାନଙ୍କ ଯୋଗୁଁ ଯେଉଁ ଦୈବୀ ବିପଦ ଘଟେ ତାହା ଆଧିଦୈବିକ ଦୁଃଖ। ସ୍ଥୂଳ ଓ ସୂକ୍ଷ୍ମ ଶରୀରର ଯେଉଁ ଦୁଃଖ ତାହା ଆଧ୍ୟାତ୍ମିକ ଦୁଃଖ। ବିବିଧ ପୀଡାଜନକ ମାନସିକ କଷ୍ଟ ଓ ଷଡ ରିପୁଙ୍କର ଯେଉଁ ଅତ୍ୟାଋର ତାହା ଆଧ୍ୟାତ୍ମିକ ଦୁଃଖ। ପ୍ରକୃତ ପକ୍ଷରେ ସ୍ଥୂଳ ଦେହର କୌଣସି ଦୁଃଖ ନାହିଁ। ସୂକ୍ଷ୍ମ ଦେହର ଦୁଃଖ ହିଁ ପ୍ରକୃତ ଦୁଃଖ। ସ୍ଥୂଳ ଦେହରେ ତାହାର ଅଭିବ୍ୟକ୍ତି ହୋଇଥାଏ ମାତ୍ର, ସୂକ୍ଷ୍ମଦେହର ଦୁଃଖକୁ ଦୁଃଖ ବୋଲି ଜ୍ଞାନ ନକରି ସ୍ଥୂଳ ଦେହର ଦୁଃଖକୁ ପ୍ରକୃତ ଦୁଃଖ ବୋଲି ଅନୁଭବ କରିବା ହିଁ ଆଧ୍ୟାତ୍ମିକ ଦୁଃଖ। ସୂକ୍ଷ୍ମ ଦେହର ଲୟ ନ ହେବାଯାଏ ଜୀବର ଆଧ୍ୟାତ୍ମିକ ଦୁଃଖ ଦୂର ହୁଏ ନାହିଁ। ଅତଏବ ସୂକ୍ଷ୍ମ ଦେହର ଲୟ ସାଧନ ନିମିତ୍ତ ସାଧନାର ପ୍ରୟୋଜକ।

୭. ଆଳସ୍ୟ ଜଡତାରେ ଯେଉଁମାନେ ସମୟ ବିତାଇ ଥାଆନ୍ତି ସେମାନେ କୃପାର ପାତ୍ର ନୁହଁନ୍ତି। 'ତାଙ୍କ କୃପାରୁ ଦିନେ ସବୁ ହେବ' - ଏହା ଭାବି ନିଷ୍କ୍ରିୟ ଭାବରେ ବସି ରହିଲେ କେବେହେଲେ ଶ୍ରୀଗୁରୁଦେବଙ୍କ କୃପା ମିଳେ ନାହିଁ। ଏହାକୁ ତୌଷ୍ଟିକତା କୁହାଯାଏ। ନିଜକୁ ଭକ୍ତ ବୋଲି ଭାବିଲେ ବା କେବଳ ତତ୍ତ୍ୱର ସ୍ମରଣ-ମନନ କଲେ ବାସନା ତରଙ୍ଗ ଶାନ୍ତ ହୋଇ ନ ଥାଏ କିମ୍ୱା ସତ୍ୟ ଲାଭ ହୋଇନଥାଏ। ଏଥିପାଇଁ ଶ୍ରୀଗୁରୁଦେବଙ୍କ ପ୍ରଦତ୍ତ ସାଧନ-ଭଜନର ଆବଶ୍ୟକତା ରହିଛି। ସାଧନ-ଭଜନ ହୀନ ଭକ୍ତମାନଙ୍କ ମଧ୍ୟରେ ସର୍ବଦା ମତାନ୍ତର ଲାଗି ରହିଥାଏ। ଶ୍ରୀଗୁରୁଦେବଙ୍କ ଉପରେ ନିର୍ଭରକରି ଯେଉଁମାନେ ତାଙ୍କ ପ୍ରଦତ୍ତ ସାଧନ-ଭଜନ, ଆଦେଶ, ଉପଦେଶକୁ ପ୍ରାଣପଣେ ପ୍ରତିପାଳନ କରନ୍ତି, ସେହିମାନଙ୍କ ପ୍ରତି ସେ କୃପା କରିଥାଆନ୍ତି (କୃପା= କର ଆଉ ପାଅ) ଅତଏବ ଶ୍ରୀଗୁରୁଦେବଙ୍କ କୃପା ଆକର୍ଷଣ ନିମିତ୍ତ ସାଧନାର ପ୍ରୟୋଜନ।

୮. ଦେହ କର୍ମ କରୁ କରୁ ବିଶ୍ରାମ ଲୋଡିଥାଏ। ବିଶ୍ରାମ ଦ୍ୱାରା ଦେହ ପୁଣି କର୍ମ ପାଇଁ ସତେଜ ହୋଇଉଠେ। ସେହିପରି ମନକୁ ବିଷୟ ଚିନ୍ତାରୁ ବିରତ କରି ଭଗବତ୍ ଚିନ୍ତାରେ ଲଗାଇଲେ ମନ ବିଶ୍ରାମ ପାଇଥାଏ। ସାଧନ ଭଜନରେ ମଗ୍ନ ରହିବା ହିଁ ମନର ବିଶ୍ରାମ। ସେଥିପାଇଁ ସାଧକ ଭକ୍ତମାନେ ସମସ୍ତ ଦିବସ ସାଂସାରିକ କର୍ମରେ ଅତିବାହିତ କଲେ ମଧ୍ୟ ଶ୍ରୀଗୁରୁଦେବଙ୍କ ସହିତ କିଛି ସମୟ ଯୁକ୍ତ ହେବାକୁ ବ୍ୟାକୁଳ ହୋଇଥାଆନ୍ତି। ଯେପରିକି କୁଳବଧୂ ସମସ୍ତ ଦିନ ଗୃହକର୍ମରେ ଲିପ୍ତ ଥିଲେ ମଧ୍ୟ ନିଜ ସ୍ୱାମୀଙ୍କ ସହିତ କିଛି ସମୟ ମିଳନ ନିମିତ୍ତ ଉତ୍କଣ୍ଠିତା ଥାଏ, ସେହିପରି ସଂସାରରୁ ମନକୁ ପ୍ରତ୍ୟାହୃତ କରି ସାଧନ - ଭଜନ ଓ ଧ୍ୟାନ ଧାରଣାରେ ମଗ୍ନ ରହିବା ହେଉଛି ସେହି ପ୍ରିୟତମ ଗୁରୁଦେବଙ୍କ ସଂସର୍ଗର ଅନୁରୂପ। ଧ୍ୟାନ ଓ ନାମ ଜପରେ ମଗ୍ନ ରହିବା ହିଁ ମନର ବିଶ୍ରାମ। ଅତଏବ ଚରମ ଉଚ୍ଚାଧିକାରୀଙ୍କ ଠାରୁ ଆରମ୍ଭ କରି ନିମ୍ନାଧିକାରୀଙ୍କ ପର୍ଯ୍ୟନ୍ତ ପ୍ରିୟସଂସର୍ଗ ରୂପକ ତ୍ରିସନ୍ଧ୍ୟାର ସାଧନା ବା ଅନ୍ତରଙ୍ଗ ସାଧନା ସମସ୍ତଙ୍କ ପାଇଁ ଏକାନ୍ତ ପ୍ରୟୋଜନ।

୯. ସାଧନା ଅର୍ଥ ଧ୍ୟେୟ ବସ୍ତୁର ପୌନଃପୌନିକ ଅନୁଧ୍ୟାନ ବା ଅଭ୍ୟାସ। ଅଭ୍ୟାସଦ୍ୱାରା କ୍ରମଶଃ ଜୀବନର କର୍ମଧାରାର ବିନ୍ଦୁମାତ୍ର ପରିବର୍ତ୍ତନ ନ ହୋଇ ଭାବଧାରା ସମ୍ପୂର୍ଣ୍ଣ ବଦଳି ଯାଇଥାଏ ଅର୍ଥାତ୍ ସମସ୍ତ କର୍ମ ଭଗବତ୍ ପ୍ରୀତି ନିମିତ୍ତ ଅନୁଷ୍ଠିତ ହୋଇଥାଏ। ଏହାକୁ ହିଁ 'କର୍ମସନ୍ନ୍ୟାସ ଯୋଗ' କୁହାଯାଏ। ଏହି କର୍ମ ସନ୍ନ୍ୟାସ ଯୋଗ ଅବଲମ୍ବନ ପାଇଁ ସାଧନାର ପ୍ରୟୋଜନ।

'ଯୋଗାବଶିଷ୍ଠ' ରେ କୁହାଯାଇଛି।–

ଉଦ୍ୟମ ସାହସଂ ଧୈର୍ଯ୍ୟ ବଳଂ ବୁଦ୍ଧି ପରାକ୍ରମମ୍<br>ଷଡ୍‌ଗୁଣଂ ଯତ୍ର ତିଷ୍ଠନ୍ତି ସ ସର୍ବଂ ପ୍ରାପ୍ନୁୟାତ୍ ପୁମାନ୍ ।

ଅର୍ଥାତ୍ ଉଦ୍ୟମ, ସାହାସ, ଧୈର୍ଯ୍ୟ, ବଳ, ବୁଦ୍ଧି ଓ ପରାକ୍ରମ – ଏହି ଛଅ ପ୍ରକାରର ଗୁଣ ଯାହାଙ୍କଠାରେ ବିଦ୍ୟମାନ, ସେ ସଂସାରର ସବୁ କାର୍ଯ୍ୟରେ ସଫଳ ହୋଇଥାଆନ୍ତି। ଅତଏବ ଏହିଭଳି ସଦ୍‌ଗୁଣାବଳୀରେ ଭୂଷିତ ହୋଇ ସାଧନାରେ ପ୍ରବୃତ୍ତ ହେଲେ ସାଧକମାନେ ସଫଳତା ପ୍ରାପ୍ତ ହେବେ।

ପରିଶେଷରେ ଏହି ପ୍ରସଙ୍ଗରେ ଆମର ପ୍ରାଣପ୍ରିୟ ଶ୍ରୀଶ୍ରୀଠାକୁର ମହାରାଜ କହିଛନ୍ତି, "ତୁମମାନଙ୍କ ହୃଦୟରେ ମୋର ଆସନ-ମନ୍ଦିର ପ୍ରତିଷ୍ଠିତ ହେଉ। ଏହାବ୍ୟତୀତ ମୁଁ ମଠ, ମନ୍ଦିର କିମ୍ବା କୋଠାବାଡି କିଛି ମାତ୍ର ଚାହୁଁନାହିଁ। ତୁମେମାନେ ମନୁଷ୍ୟ ହୁଅ, ଦେବତା ହୁଅ, ଈଶ୍ୱର ହୁଅ, ବ୍ରହ୍ମ ହୁଅ – ଏହା ହିଁ ତୁମମାନଙ୍କ ନିକଟରେ ମୋର ଭିକ୍ଷା। ତୁମମାନଙ୍କର ସାଧନା ମନୁଷ୍ୟତ୍ୱର ସାଧନା। ତୁମେମାନେ ତୁମର ବିଦ୍ୟା, ବୁଦ୍ଧି, ପାଣ୍ଡିତ୍ୟ ଓ ବଳ ସମସ୍ତ ଏହି ସାଧନା ଉଦ୍ଦେଶ୍ୟରେ ନିୟୋଜିତ କର। ତୁମେମାନେ ଜ୍ଞାନୀଗୁରୁଙ୍କର ସନ୍ତାନ। କଳହ ବିବାଦ ଅଜ୍ଞାନତାର ଲକ୍ଷଣ। ତୁମେମାନେ କଅଣ ସେହି ଅଜ୍ଞାନତା ରୂପ କଳହ ବିବାଦର ଅନୁଶୀଳନ କରି ମୋତେ ଜଗତ ସମ୍ମୁଖରେ ଅଜ୍ଞାନୀ ବୋଲି ପ୍ରଚାର କରିବ ? ତୁମେମାନେ କେବଳ ମୋ କର୍ମରେ ଲାଗିପଡ। କେହି ସନାତନ ଧର୍ମ ପ୍ରଚାର, କେହି ସତ୍‌ଶିକ୍ଷା ପ୍ରତିଷ୍ଠାନ ଗଠନ, କେହି ବା ଦରିଦ୍ର ନାରାୟଣଙ୍କ ସେବା ପ୍ରଭୃତି କାର୍ଯ୍ୟରେ ଆତ୍ମନିୟୋଗ କର। ମୋ ଉଦ୍ଦେଶ୍ୟ ସିଦ୍ଧି ପଥରେ ଅର୍ଥାତ୍ ମୋର ଉପରୋକ୍ତ ଇଚ୍ଛାତ୍ରୟ ପୂରଣ ଉଦ୍ଦେଶ୍ୟରେ ନିଜର ଶକ୍ତି, ଅର୍ଥ, ବିଦ୍ୟା, ବୁଦ୍ଧି ପ୍ରଭୃତି ନିୟୋଜିତ କର। ଆତ୍ମଗଠନ ପୂର୍ବକ ମୋ ଇଚ୍ଛା ଓ ଭାବଧାରାକୁ ଜଗତରେ ରୂପାୟିତ କରିବା ହିଁ ତୁମମାନଙ୍କର ସାଧନା। ତୁମେମାନେ ଏହି ଭାବରେ କର୍ତ୍ତବ୍ୟକର୍ମରେ ଆତ୍ମନିୟୋଗ କରିପାରିଲେ ନିଶ୍ଚୟ ମୋର ଆଶୀର୍ବାଦ ଲାଭ କରିପାରିବ।"

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ<br>**ଶ୍ରୀ ରାମଚନ୍ଦ୍ର ସାହୁ**<br>କେନ୍ଦ୍ର ସେବକ ସଂଘ, ସତ୍‌ଶିକ୍ଷା ମନ୍ଦିର, ଭୁବନେଶ୍ୱର

ତୁମେମାନେ ଆଗେ ନିଜ ନିଜ ପରିବାରରେ ମୋ ଆଦର୍ଶକୁ ରୂପ ଦିଅ, ପରିବାରର ଆଦର୍ଶ ସେତେବେଳେ ଗ୍ରାମରେ, ଗ୍ରାମର ଆଦର୍ଶ ଦେଶରେ, ଦେଶର ଆଦର୍ଶ ମହାଦେଶରେ– ଶେଷରେ ସମଗ୍ର ଜଗତରେ ତାହା ବିଛାଡ଼ି ହୋଇ ପଡ଼ିବ। ମୋ ଆଦର୍ଶକୁ ରୂପ ଦେବା ହିଁ ତୁମମାନଙ୍କର ସାଧନା। ମୁକ୍ତି- ମୋକ୍ଷ ପାଇଁ ତୁମମାନଙ୍କର ଚିନ୍ତା ନାହିଁ। ତୁମେମାନେ ମୋ କାର୍ଯ୍ୟ କରିଯାଅ– ଅନ୍ତିମରେ ମୁଁ ତୁମମାନଙ୍କର ସବୁ ଭାର, ସବୁ ବୋଝ ବହନ କରିବି। **— ଶ୍ରୀଶ୍ରୀଠାକୁର**

ମୁଁ ଚାହେଁ ତୁମେମାନେ ଆଦର୍ଶ ଗୃହସ୍ଥ ହୁଅ, ମୁଁ ଚାହେଁ ତୁମେମାନେ ସଂଘବଦ୍ଧ ହୁଅ, ମୁଁ ଚାହେଁ ତୁମମାନଙ୍କର ସେବା-ସହାୟରେ ଚିତ୍ତଶୁଦ୍ଧିପ୍ରାୟସୀ ସେବକ ତୁମେମାନେ, ଆଉ ଚିତ୍ତଶୁଦ୍ଧି ହିଁ ସର୍ବପ୍ରକାର ଆଧ୍ୟାତ୍ମିକ ଉନ୍ନତିର ସୋପାନ। ସୁତରାଂ ସ୍ୱ-ସ୍ୱ ଅଧିକାରାନୁରୂପ ଯେକୌଣସି ଭାବରେ ନରରୂପୀ ନାରାୟଣଙ୍କର ସେବା ହିଁ ତୁମମାନଙ୍କର ଧର୍ମ। ଫଳାଫଳ ପ୍ରତି ଦୃକ୍‌ପାତ ନ କରି କର୍ତ୍ତବ୍ୟ କର୍ମ କରିଯାଅ। ତୁମମାନଙ୍କର ଶ୍ରୀଗୁରୁ-ସେବା ଏହାଦ୍ୱାରା ହିଁ ସାର୍ଥକ ହେବ। **—ଶ୍ରୀଶ୍ରୀଠାକୁର**

# ଶିଷ୍ୟ ଭକ୍ତମାନଙ୍କର କର୍ତ୍ତବ୍ୟ

- ଜଗତର ମଙ୍ଗଳ ସାଧନ ନିମିତ୍ତ ତୁମମାନଙ୍କର ଅବତରଣ। *(ଉପଦେଶ, ନବବର୍ଷର ଆଶୀର୍ବାଦ- ୧ମ ପୃଷ୍ଠା)*
- ପ୍ରଥମେ ଗୋଟିଏ ଭାବରେ ଆତ୍ମପ୍ରତିଷ୍ଠା କର, ପ୍ରଚାର ପରେ କରିବ। ତୁମେମାନେ ଆଦର୍ଶରେ ପ୍ରତିଷ୍ଠିତ ହୁଅ, ଦେଶ ତୁମମାନଙ୍କୁ ଦେଖି ଉଦ୍‌ବୁଦ୍ଧ ହେଉ। *(ଉପଦେଶ, ନବବର୍ଷର ଆଶୀର୍ବାଦ- ଆତ୍ମପ୍ରତିଷ୍ଠା)*
- ବର୍ଷ ଶେଷ ହୋଇଛି, ପୁଣି ନବବର୍ଷ ଆସିବ। ଅପ୍ରମତ୍ତ ହୋଇ ତୁମେମାନେ ମୋ ଆଦର୍ଶକୁ ରୂପ ଦେବାକୁ ଚେଷ୍ଟା କର। *(ଉପଦେଶ, ନବବର୍ଷର ଆଶୀର୍ବାଦ- ମୋର ପ୍ରକାଶଶକ୍ତି ହୁଅ)*
- ମୋ ଅନ୍ତରରେ ଯେଉଁ ସତ୍ୟ ପ୍ରତିଭାତ ହୋଇଛି, ତୁମେମାନେ ବାହାରେ ତାକୁ ରୂପ ଦିଅ। *(ଉପଦେଶ, ନବବର୍ଷର ଆଶୀର୍ବାଦ-ମୋର ପ୍ରକାଶଶକ୍ତି ହୁଅ)*
- ତୁମେମାନେ ପ୍ରଥମେ ମୋ ଆଦର୍ଶକୁ ନିଜ ପରିବାରରେ ରୂପ ପ୍ରଦାନ କର। *(ଉପଦେଶ, ନବବର୍ଷର ଆଶୀର୍ବାଦ- ମୋ ପ୍ରକାଶଶକ୍ତି ହୁଅ)*
- ମୁଁ ଚାହେଁ ତୁମେମାନେ ଜଗତର ମଙ୍ଗଳପାଇଁ ତୁମମାନଙ୍କର ସମଗ୍ର ପ୍ରାଣ ଢାଳିଦିଅ। *(ଉପଦେଶ, ନବବର୍ଷର ଆଶୀର୍ବାଦ- ଆତ୍ମପ୍ରତିଷ୍ଠା)*
- ତୁମେମାନେ ହିଁ ମୋର ଶୁଭ ଇଚ୍ଛାକୁ ମୂର୍ତ୍ତ କରିବାର ଏକମାତ୍ର ସହାୟ। *(ଉପଦେଶ, ନବବର୍ଷର ଆଶୀର୍ବାଦ-ଅକ୍ଷୟ ତୃତୀୟାରେ ଆଶୀର୍ବାଦ)*
- ଜୀବନର ଲକ୍ଷ୍ୟ ଯେପରି ନିଷ୍କମ୍ପ ପ୍ରଦୀପବତ୍ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଉଜ୍ଜ୍ୱଳ ରହେ, ସେଥିପ୍ରତି ଦୃଷ୍ଟି ଦିଅ। *(ଉପଦେଶ, ଉତ୍ତିଷ୍ଠିତ, ଜାଗ୍ରତ- ବୈରାଗ୍ୟର ଦିପ୍ତୀ)*
- ପରଲୋକରେ ପରମାଗତି ଲାଭ ହୋଇପାରେ, ଏହା ଭାବି ନିଶ୍ଚିନ୍ତରେ କାଳ କ୍ଷୟ କରନ୍ତୁ ନାହିଁ। ସାଧନାଦ୍ୱାରା ଜୀବନ୍ମୁକ୍ତ ହେବାକୁ ଚେଷ୍ଟା କରିବା ସମସ୍ତଙ୍କର କର୍ତ୍ତବ୍ୟ। *(ସାଧାରଣ ଉପଦେଶ- ଅଧ୍ୟବସାୟ)*
- ଆଦର୍ଶ ଗୃହସ୍ଥ ଜୀବନ ପ୍ରତିଷ୍ଠା ହିଁ ମୋର ମୁଖ୍ୟ ଉଦ୍ଦେଶ୍ୟ। *(ଉପଦେଶ, ଯୁଗ ସମସ୍ୟାରେ-ବ୍ରହ୍ମଧାରଣା)*
- ତୁମେମାନେ ଯଦି ଜୀବନର ଲକ୍ଷ୍ୟରୁ, ଜୀବନର ଆଦର୍ଶରୁ ବିଚ୍ୟୁତ ନ ହୁଅ, ତାହାହେଲେ ମୁଁ ତୁମମାନଙ୍କ ପ୍ରତି ସନ୍ତୁଷ୍ଟ ରହିବି। *(ଉପଦେଶ, ସନ୍ନ୍ୟାସୀ, ବ୍ରହ୍ମଚାରୀ, ସେବକମାନଙ୍କ ପ୍ରତି ବ୍ରତରକ୍ଷା)*
- ଦୃଢ଼ ନିଷ୍ଠା ସହକାରେ ଲକ୍ଷ୍ୟ ଧରି ପଡ଼ି ରହିଥିଲେ, ମୁଁ ତୁମମାନଙ୍କୁ କିଛି ଦେଇ ନ ପାରିଲେ ମଧ୍ୟ ତୁମେମାନେ ଏହି ବିଶ୍ୱାସ ରଖିବ ଏବଂ ଏହା ମୋର ଆଶୀର୍ବାଦ ଯେ, ଦିନେ ସଦ୍‌ଗୁରୁଙ୍କ କୃପାରୁ ତୁମମାନଙ୍କର ସବୁ ଅଭାବ ବିଦୁରିତ ହୋଇଯିବ ଏବଂ ତୁମେମାନେ ନିର୍ମଳ ଶାନ୍ତିର ଅଧିକାରୀ ହେବ। *(ଉପଦେଶ, ସନ୍ନ୍ୟାସୀ, ବ୍ରହ୍ମଚାରୀ, ସେବକମାନଙ୍କ ପ୍ରତି-ଗୁଣକ୍ଷୟ)*
- ଆଶ୍ରମର ଉଦ୍ଦେଶ୍ୟ ଲୋକ ତିଆରି କରିବା *(ଉପଦେଶ, ସନ୍ନ୍ୟାସୀ-ବ୍ରହ୍ମଚାରୀ-ସେବକଙ୍କ ପ୍ରତି- ପଞ୍ଚତପା ସାଧନ)*
- ଆତ୍ମୋନ୍ନତି ଆଡ଼କୁ ଲକ୍ଷ୍ୟ ରଖିବା ହିଁ ତୁମମାନଙ୍କର ମୂଳ ଉଦ୍ଦେଶ୍ୟ। *(ଉପଦେଶ, ବ୍ରହ୍ମଚାରୀ, ସେବକଙ୍କ ପ୍ରତି - ଶିବଜ୍ଞାନରେ ଜୀବସେବା)*
- ତୁମ ଗୁରୁ ଯେଉଁ ଉଦ୍ଦେଶ୍ୟ ଘେନି ଆସିଛନ୍ତି, ସେହି ଉଦ୍ଦେଶ୍ୟ ସଫଳ କରିବା ପାଇଁ ଚେଷ୍ଟା କର। ତାହା ହିଁ ତୁମମାନଙ୍କର ସାଧନ ଭଜନ। *(ଉପଦେଶ, ସରଳ ବିଶ୍ୱାସୀଙ୍କ ପ୍ରତି- ଆତ୍ମଜ୍ଞାନୀର ଶକ୍ତି)*
- ଶ୍ରୀଗୁରୁଦେବଙ୍କ ଆଦର୍ଶକୁ ରୂପଦେବା ନିମିତ୍ତ ତୁମମାନଙ୍କର ଜୀବନ।... ତୁମେମାନେ ଗୁରୁଦେବଙ୍କ ଉଦ୍ଦେଶ୍ୟ ସାଧନର ଗୋଟିଏ ଗୋଟିଏ ପ୍ରାଣବନ୍ତ ଯନ୍ତ୍ର। *(ଉପଦେଶ, ସାଧକମାନଙ୍କ ପ୍ରତି, କର୍ମର ଉତ୍ସ)*
- ଶିଷ୍ୟ ପ୍ରାଣରେ ଶ୍ରୀଗୁରୁଦେବଙ୍କର ବିକାଶ ନ ହେଲେ ଶିଷ୍ୟତ୍ୱ ବୃଥା। *(ଉପଦେଶ, ଶିଷ୍ୟମାନଙ୍କ ପ୍ରତି - ମୂଳ ଓ ସ୍ଥୂଳ)*
- ମୋତେ ସୁଖ ପାଇବାର ଅର୍ଥ କ'ଣ ? ଅର୍ଥ ହେଉଛି ମୋର ବ୍ୟକ୍ତ ଓ ଅବ୍ୟକ୍ତ ଇଚ୍ଛାକୁ ରୂପଦେବା ନିମିତ୍ତ ଆପ୍ରାଣ ଚେଷ୍ଟା କରିବା। *(ଉପଦେଶ, ସଂଘସେବୀଙ୍କ ପ୍ରତି-ନିଷ୍କାମ ସାଧନାର କ୍ଷେତ୍ର)*
- ଜୀବନର ଲକ୍ଷ୍ୟ ସତ୍ୟଲାଭ। *(ଉପଦେଶ, ନିର୍ଭରକାରୀଙ୍କ ପ୍ରତି ରିକ୍ତତାରେ ମୁକ୍ତି)*
- ବାହ୍ୟବସ୍ତୁ ପ୍ରତି ଚିତ୍ତର ଆକର୍ଷଣ ପରି ଜୀବର ଆଉ ଶୋଚନୀୟ ଅବସ୍ଥା କିଛି ନାହିଁ। *(ଉପଦେଶ, ପ୍ରାର୍ଥନାକାରୀଙ୍କ ପ୍ରତି- ୧ମ ପାରା)*

- ତୁମେମାନେ ମୋର ବିରାଟ ଇଚ୍ଛାର ଗୋଟିଏ ଗୋଟିଏ ମୂର୍ତ୍ତ ପ୍ରତୀକ ହୁଅ- ଏହା ହିଁ ମୋର ଶେଷ ଆଶୀର୍ବାଦ।
*(ଉପଦେଶ, ଅନ୍ତିମ ଉପଦେଶ, ଆଦର୍ଶ ରକ୍ଷାକର)*
- ମୋର ଇଚ୍ଛା କ'ଣ, ମୁଁ କ'ଣ ଚାହେଁ, ତାହା ଚିଠିପତ୍ର ଦ୍ୱାରା, ପୁସ୍ତକରେ, ବ୍ୟକ୍ତିଗତ ଉପଦେଶରେ, ସାର୍ବଭୌମ ସମ୍ମିଳନୀରେ, ସବୁଠାରେ ପ୍ରକାଶ କରିଛି। ଟିକିଏ ନିବିଷ୍ଟ ଚିତ୍ତ ହେବାମାତ୍ରେ ତୁମେମାନେ ମୋର ମୂଳ ଇଚ୍ଛାର ସୁସ୍ପଷ୍ଟ ଇଙ୍ଗିତ ବୁଝି ପାରିବ। ସନାତନ ଧର୍ମ ଅନୁସାରେ ଜୀବନ ଗଠନ କରିବା ଏବଂ ସନାତନ ଧର୍ମ ପ୍ରଚାର କରିବା ହିଁ ମୋର ମୂଳ ଲକ୍ଷ୍ୟ।
*(ଉପଦେଶ, ଅନ୍ତିମ ଉପଦେଶ, କର୍ମପଥ)*
- କି ସନ୍ନ୍ୟାସୀ, କି ଗୃହୀ ମୁଁ ସମସ୍ତଙ୍କୁ 'ମତ୍ କର୍ମପରମୋ ଭବ'- ଏହି ସାଧନା ଦେଇଛି। ମୋ ଇଚ୍ଛା ଭିତରେ ସନାତନ ଭାବ ବା ସତ୍ୟ ହିଁ ଫୁଟି ଉଠିଛି। ତୁମମାନେ ସେହି ସନାତନ ଭାବ ପ୍ରଚାରରେ ସହାୟକ ହୁଅ।
*(ଉପଦେଶ, ଅନ୍ତିମ ଉପଦେଶ- ଆତ୍ମଗଠନ ମୂଳକ ସାଧନା)*
- ମୋର ଶେଷ କଥା, ମୋ ଆଦର୍ଶକୁ ରୂପଦେବା ପାଇଁ କି ଗୃହୀ, କି ସନ୍ନ୍ୟାସୀ, ସମସ୍ତେ ମୋର ଆଶ୍ରୟ ନେଇଛ। ଏହା ତୁମମାନଙ୍କ ଜୀବନର ଏକମାତ୍ର ବ୍ରତ। କିପରି ଠାକୁରଙ୍କ ଭାବ ପ୍ରଚାର କରିପାରିବ, ସେ ବିଷୟ ନେଇ ଚିନ୍ତା ଓ ଚେଷ୍ଟା ନିୟୋଗ କରିବାକୁ ହେବ। *(ଉପଦେଶ, ଅନ୍ତିମ ଉପଦେଶ- ଆଦର୍ଶ ରକ୍ଷାକର)*
- ଗୃହୀମାନଙ୍କୁ କହୁଛି, ତୁମେମାନେ ସମାଜରେ ଅଛ, ତୁମମାନଙ୍କ ଦାୟିତ୍ୱ ଆହୁରି ଅଧିକ। ସଦ୍‌ଗୁରୁଙ୍କ ସନ୍ତାନ ବୋଲି ନିଜକୁ ପରିଚୟ ଦେବାକୁ ଚେଷ୍ଟା କରିବା ହିଁ ତୁମମାନଙ୍କ ଜୀବନରେ ସାଧନା। *(ଉପଦେଶ, ଅନ୍ତିମ ଉପଦେଶ- ଆଦର୍ଶ ରକ୍ଷା କର)*
- ଶୁଣ, ମାନବ ବର୍ତ୍ତମାନ ଏପରି ଇହକାଳ ସର୍ବସ୍ୱ ହୋଇପଡ଼ିଛି ଯେ ପରକାଳର ଚିନ୍ତା ପର୍ଯ୍ୟନ୍ତ ସେ କରିପାରୁ ନାହିଁ।
*(ଉପଦେଶ, ସାଧାରଣଙ୍କ ପ୍ରତି - ଧର୍ମବଳରେ ପ୍ରକୃତ ଉନ୍ନତି)*
- ମୋ ପ୍ରୟୋଜନରେ ତୁମମାନଙ୍କର ଜନ୍ମଗ୍ରହଣ ଓ ଜୀବନଧାରଣ। *(ଉପଦେଶ, ନିଗମ ଉପଦେଶମାଳା, ଜୁଲାଇ ୨୫)*
- ଯଦି ସତ୍ୟଲାଭ କରିବାକୁ ଓ ନିଜର ସ୍ୱରୂପ ଅବସ୍ଥା ଲାଭ କରିବାକୁ ଇଚ୍ଛାକର ତେବେ ଭଗବାନଙ୍କଠାରେ ଦୃଢ଼ ଲକ୍ଷ୍ୟରଖି କର୍ତ୍ତବ୍ୟ ପଥରେ ଅଗ୍ରସର ହୁଅ- ନିଶ୍ଚୟ ସତ୍ୟଲାଭ ହେବ। *(ନିଗମ ଉପଦେଶମାଳା, ଏପ୍ରିଲ-୨୨)*
- ଶ୍ରୀଗୁରୁଦେବଙ୍କ ଆଦର୍ଶକୁ ରୂପଦେବା ନିମିତ୍ତ ତୁମମାନଙ୍କର ଜୀବନ। ଏହି ଆଦର୍ଶ ଏହି ଲକ୍ଷ୍ୟ ତୁମମାନଙ୍କ ମନରେ ଉଜ୍ଜ୍ୱଳ ଥିଲେ ତୁମେମାନେ ନିତ୍ୟନୂତନ କର୍ମରେ ଆତ୍ମନିୟୋଗ କରିପାରିବ ଏବଂ ସେହି କର୍ମର ମଧ୍ୟଦେଇ ଅମୃତ ଆହରଣ କରିପାରିବ। ତୁମେ ଶ୍ରୀଗୁରୁଦେବଙ୍କ ଉଦ୍ଦେଶ୍ୟ ସାଧନରେ ଗୋଟିଏ ପ୍ରାଣବନ୍ତ ଯନ୍ତ୍ର। ଏହି କଥାଟି ମନରେ ଥିଲେ ଗୋଟିଏ ପରେ ଗୋଟିଏ କର୍ମରେ ଆତ୍ମନିୟୋଗ କରି କ୍ରମେ ଅଗ୍ରଗତି ପଥରେ ଧାବିତ ହୋଇପାରିବ। *(ନିଗମ ଉପଦେଶମାଳା- ମେ ୨୧)*
- ତୁମେମାନେ ମୋ ବିରାଟ ଇଚ୍ଛାର ଗୋଟିଏ ଗୋଟିଏ ମୂର୍ତ୍ତପ୍ରତୀକ ହୁଅ। *(ନିଗମ ଉପଦେଶ, ସଂଘସେବୀଙ୍କ ପ୍ରତି, ମନୁଷ୍ୟ ଦୁର୍ଲ୍ଲଭ)*
- ତୁମ ସମସ୍ତଙ୍କ ଜୀବନର ଏକମାତ୍ର ଲକ୍ଷ୍ୟ ଠାକୁରଙ୍କ କର୍ମସାଧନ। ତେଣୁ ତୁମମାନଙ୍କ ଭିତରେ ବିରୋଧ ମନୋବୃତ୍ତି ରହି ନପାରେ। ତୁମେମାନେ କାହିଁକି କର୍ମ କରିବ? ଠାକୁରଙ୍କ ପ୍ରୀତି ନିମିତ୍ତ ତ! ଏହା ହିଁ ତୁମମାନଙ୍କର ଲକ୍ଷ୍ୟ। ଏହା ହିଁ ତୁମମାନଙ୍କର ସାଧନା। *(ନିଗମ ଉପଦେଶ, ସଂଘସେବୀଙ୍କ ପ୍ରତି-ଗତାନୁଗତିକ ପନ୍ଥା ଛାଡ଼)*
- ତୁମେମାନେ ତୁମମାନଙ୍କର ବିଦ୍ୟା, ବୁଦ୍ଧି, ପାଣ୍ଡିତ୍ୟ ଓ ବଳ ସମସ୍ତ ସାଧନା ଉଦ୍ଦେଶ୍ୟରେ ନିୟୋଜିତ କର।
- ମୋ ଉଦ୍ଦେଶ୍ୟ ସିଦ୍ଧି ପଥରେ ଅର୍ଥାତ୍ କେବଳ ମୋର ଉପରୋକ୍ତ ଇଚ୍ଛାତ୍ରୟ ପୂରଣ ଉଦ୍ଦେଶ୍ୟରେ ନିଜର ଶକ୍ତି, ଅର୍ଥ, ବିଦ୍ୟା, ବୁଦ୍ଧି ପ୍ରଭୃତି ନିୟୋଜିତ କର।
- ମୋ ଇଚ୍ଛାକୁ ରୂପଦେବା ବ୍ୟତୀତ ତୁମମାନଙ୍କର ଅନ୍ୟ କୌଣସି ଧ୍ୟାନ ଧାରଣାର ପ୍ରୟୋଜନ ନାହିଁ। ମୋ ଇଚ୍ଛାକୁ ରୂପଦେବାକୁ ଯିବାମାତ୍ରେ ପ୍ରକୃତରେ ମୋ ଧ୍ୟାନରେ ତୁମେମାନେ ତନ୍ମୟ ହୋଇଯିବ। କର୍ମ ସାହାଯ୍ୟରେ ତୁମେମାନେ ମୋ ଧ୍ୟାନରେ ତନ୍ମୟ ହୁଅ। *(ନିଗମ ଉପଦେଶ, ସଂଘସେବୀଙ୍କ ପ୍ରତି- ଲୀଳା ସହଚର)*

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ
**ଶ୍ରୀ କମ୍ବୁ ଚରଣ ଧର**
ଉପ-ସଭାପତି, ନୀଳାଚଳ ସାରସ୍ୱତ ସଂଘ

# ପ୍ରେମର ପରିଭାଷା (୨)

ପ୍ରେମର ପରିଭାଷା ବୁଝିବାକୁ ହେଲେ ପ୍ରେମ କ'ଣ ତାହା ପ୍ରଥମେ ବୁଝିବା ଏକାନ୍ତ ଆବଶ୍ୟକ। 'ପ୍ରେମର ପରିଭାଷା' ପ୍ରଥମ ଭାଗ ପୁସ୍ତକରେ ତତ୍ ସମ୍ବନ୍ଧୀୟ ସମ୍ୟକ୍ ଆଲୋଚନା ହୋଇଥିଲେ ମଧ୍ୟ ପାଠକ ମାନଙ୍କ ମନରେ ତୃପ୍ତି ଆସିନାହିଁ। ତୃପ୍ତି ନ ଆସିବା ମଧ୍ୟ ସ୍ୱାଭାବିକ। କାରଣ ସାଂସାରିକ ବସ୍ତୁର ବିନିଯୋଗ ଜନିତ ତୃପ୍ତି ସୀମିତ। ମାତ୍ର ଆଧାତ୍ମିକ ଭାବ ଜନିତ ପ୍ରେମ ଅସୀମ ଏବଂ ଅନନ୍ତ। ସୁନ୍ଦରତମଭାବ ପ୍ରେମ ଭକ୍ତିକୁ ଯେତେ ଆସ୍ୱାଦନ କଲେ ସୁଦ୍ଧା ଅଧିକରୁ ଅଧକ ଆସ୍ୱାଦନ କରିବାକୁ ପ୍ରେମୀ ମନରେ ଆଗ୍ରହ ଜନ୍ମେ। ପ୍ରେମଭକ୍ତି ଲାଭ କରିଥିବା ବ୍ୟକ୍ତି ନିଜେ ନିଜର ସୌଭାଗ୍ୟ ଉପଲବ୍ଧି କରି ନ ପାରିଲେ ମଧ୍ୟ ଜଗତବାସୀ ତାହା ଉପଲବ୍ଧି କରି ଧନ୍ୟ ହୁଅନ୍ତି ଏବଂ ଶତମୁଖରେ ପ୍ରେମୀରେ ପ୍ରଶଂସା କରିଥାଆନ୍ତି। ଯେପରି:-

ରାଜନ୍ ପତି ର୍ଗୁରୁରଳଂ ଭବତାଂ ଯଦୁନାଂ ଦୈବଂ ପ୍ରିୟଃ କଳପତିଃ କ୍ୱ ଚ କିଂ କରୋଦହଃ
ଅସ୍ତେବମଙ୍ଗ ଭଗବାନ ଭଜତାଂ ମୁକୁନ୍ଦେ ମୁକ୍ତି ଦଦାତି କର୍ହିଚିତ୍ସ୍ମ ନ ଭକ୍ତି ଯୋଗମ୍। *(ଶ୍ରୀମଦ୍ ଭାଗବତ ୦୫/୦୬/୧୮)*

ଏହି ଶ୍ଳୋକରେ ନାରଦ ମୁନି ଯୁଧିଷ୍ଠିରଙ୍କୁ କହୁଛନ୍ତି, ହେ ରାଜନ୍ ମୁକୁନ୍ଦ ନାମରେ ପରିଚିତ ଭଗବାନ କୃଷ୍ଣ ହିଁ ପାଣ୍ଡବ ଏବଂ ଯଦୁବଂଶୀମାନଙ୍କର ଚିରନ୍ତନ ରକ୍ଷାକର୍ତ୍ତା। ସେ ଆପଣଙ୍କର ମଧ୍ୟ ଆଧାତ୍ମିକ ଗୁରୁ ଏବଂ ସବୁ ଦୃଷ୍ଟିରୁ ଆପଣଙ୍କର ଶିକ୍ଷାଦାତା। ଆପଣଙ୍କ ପାଇଁ ସେ ଏକମାତ୍ର ପୂଜାର ଯୋଗ୍ୟ ଭଗବାନ ଅଟନ୍ତି। ସେ ଅତ୍ୟନ୍ତ ପ୍ରିୟ ସ୍ନେହି ଏବଂ ସେ ଆପଣଙ୍କର ବ୍ୟକ୍ତିଗତ ଏବଂ ପାରିବାରିକ ସମସ୍ତ କାର୍ଯ୍ୟରେ ନିୟାମନ। ଅଧିକନ୍ତୁ, ସମୟ ସମୟରେ ସେ ଆପଣଙ୍କର ଆଦେଶ ପାଳନ କରିଛନ୍ତି, ସତେ ଯେପରି ସେ ଆପଣଙ୍କର ଆଜ୍ଞାବହ। ଆପଣ କେତେ ସୌଭାଗ୍ୟବାନ। କାରଣ ଆପଣଙ୍କୁ ମିଳିଥିବା ଏହିସବୁ ବିଭୂତି ଅନ୍ୟମାନଙ୍କ ପକ୍ଷରେ ସ୍ୱପ୍ନ ଅଟେ। ଭଗବାନ ଅନାୟାସରେ ମୁକ୍ତି ପ୍ରଦାନ କରନ୍ତି, କିନ୍ତୁ କ୍ୱଚିତ୍ କେଉଁ ଜୀବକୁ ଭକ୍ତିପୂର୍ଣ୍ଣ ସେବାର ଅଧିକାର ପ୍ରଦାନ କରିଥା'ନ୍ତି; କାରଣ ଭକ୍ତି ଜରିଆରେ ସେ ନିଜେ ଭକ୍ତଦ୍ୱାରା କିଣି ହୋଇଯାଇଥାଆନ୍ତି।

ପ୍ରେମଭକ୍ତି ଏକ ଦୀକ୍ଷା ଯାହାକୁ ପରମାତ୍ମାସ୍ୱରୂପ ଶ୍ରୀଗୁରୁଦେବ ଶିଷ୍ୟର ଯୋଗ୍ୟତା ଦର୍ଶନ କରି ପ୍ରଦାନ କରିଥାଆନ୍ତି। ଯେଉଁମାନେ ସାଧନ ଭଜନର ଅପେକ୍ଷା ନ ରଖି ନିଜର ଅକ୍ଷମତା ସ୍ମରଣ କରି ଶ୍ରୀଗୁରୁଦେବଙ୍କର ଶରଣ ଗ୍ରହଣ କରିଥାଆନ୍ତି, ଶ୍ରୀ ଗୁରୁଦେବଙ୍କ ବାକ୍ୟକୁ ବେଦ ବାକ୍ୟ ପରି ପାଳନ କରୁଥାଆନ୍ତି ଏବଂ ସେହି ବେଦବାକ୍ୟକୁ ସଫଳ କରିବା ପାଇଁ ପ୍ରାଣ ବିସର୍ଜନ କରିବାକୁ ପ୍ରସ୍ତୁତ ଥାଆନ୍ତି, ଯେଉଁମାନେ ନିଜ ପାଇଁ କିଛି ପ୍ରାର୍ଥନା ନ କରି କିମ୍ବା ଫଳ ଆଶା ନ ରଖି ଶ୍ରୀଗୁରୁଦେବଙ୍କ ମହାନ ଇଚ୍ଛାରେ ପୂର୍ତ୍ତି ନିମିତ୍ତ ବଦ୍ଧ ପରିକର, ଯେଉଁମାନେ ନିଜକୁ ଦୀନହୀନ ମନେ କରି ମଧ୍ୟ ଶ୍ରୀଗୁରୁ ଭଗବାନଙ୍କୁ ନିଜର ଆତ୍ମୀୟ ଜ୍ଞାନରେ ଲାଭ କରିଥିବାରୁ ଗୌରବାନ୍ୱିତ, ସେହିମାନେ ହିଁ ପ୍ରେମଭକ୍ତି ରୂପ ଦୀକ୍ଷା ଗ୍ରହଣ କରିବାକୁ ଏକାନ୍ତ ଅଧିକାରୀ ବା ଯୋଗ୍ୟ ବ୍ୟକ୍ତି ଅଟନ୍ତି।

ଏହି ଯୋଗ୍ୟ ବ୍ୟକ୍ତି ପ୍ରେମଭକ୍ତି ଦୀକ୍ଷାରେ ଦୀକ୍ଷିତ ହେଲାପରେ ଯେଉଁ ସୁଖ ଆସ୍ୱାଦନ କରନ୍ତି, ତାହା ବ୍ରହ୍ମାନନ୍ଦ ବା ପରମପୁରୁଷଙ୍କଠାରେ ଲୀନ ହେବାର ସୁଖଠାରୁ କୋଟିଗୁଣ ଶ୍ରେୟସ୍କର ଅଟେ। ତେଣୁ ପରମଭାଗବତ ଶ୍ରୀ ରୂପ ଗୋସ୍ୱାମୀ ତାଙ୍କ ରଚିତ "ଭକ୍ତି ରସାମୃତ ସିନ୍ଧୁ" ଗ୍ରନ୍ଥରେ କହିଛନ୍ତି – ଏ ସୃଷ୍ଟିର ସମସ୍ତ ସୁଖ ଏପରିକି ବ୍ରହ୍ମାନନ୍ଦ ମଧ୍ୟ ଭକ୍ତି ସିନ୍ଧୁର ଏକ ଅଣୁ ଅଂଶ ସହିତ ସମାନ ନୁହେଁ। କାରଣ ବ୍ରହ୍ମାନନ୍ଦ ବା ପରମପୁରୁଷଙ୍କ ଠାରେ ଲୀନ ହୋଇଗଲେ ପ୍ରେମୀ ନିଜର ଅସ୍ତିତ୍ୱ ହରାଇବସେ। ସେଥିରୁ ସେ ନିଜକୁ ପୃଥକ କରି ନ ପାରିବା ହେତୁ ପ୍ରେମରସ ଆସ୍ୱାଦନ କରିପାରେନାହିଁ। ଯେପରି ସିନ୍ଧୁରେ ବିନ୍ଦୁ ମିଶିଗଲେ ବିନ୍ଦୁର ଅସ୍ତିତ୍ୱ ରହେନାହିଁ ଏବଂ ବିନ୍ଦୁ ତା' ନିଜର ସ୍ୱାତନ୍ତ୍ରତା ହରାଇ ବସେ, ଠିକ୍ ସେହିପରି ଅବସ୍ଥା ପ୍ରାପ୍ତ ହେଲେ ବିନ୍ଦୁର ରୂପ ବିଶାଳ ହୋଇଯାଏ ସତ ମାତ୍ର ଏହି ବିଶାଳତ୍ୱ ବିନ୍ଦୁର ଅନୁଭବରେ ଆସେ ନାହିଁ। ଅନୁଭବରେ ଆଣିବାକୁ ହେଲେ ନିଜେ ରସଗୋଲା ହୋଇ ନ ଯାଇ ରସଗୋଲା ଖାଇବାକୁ ପଡିବ। ତେବେଯାଇ ତା'ର ସ୍ୱାଦ ଅନୁଭବରେ ଆସିବ।

'ହରି ଭକ୍ତି ରସୋଦୟ' ଶାସ୍ତ୍ରରେ ଉଲ୍ଲେଖ ଅଛି ଯେ, ପ୍ରହ୍ଲାଦ ମହାରାଜ ନୃସିଂହ ଦେବଙ୍କୁ ନିଜର ପ୍ରାର୍ଥନା ଦ୍ୱାରା ସନ୍ତୁଷ୍ଟ କରି କହୁଛନ୍ତି – "ହେ ବିଶ୍ୱନିୟନ୍ତା ! ଆପଣଙ୍କ ଉପସ୍ଥିତି' ଯୋଗୁଁ ମୁଁ ଦିବ୍ୟଆନନ୍ଦ ଅନୁଭବ କରୁଛି ଏବଂ ସୁଖ ସାଗରରେ ମଜ୍ଜିଯାଇଛି। ବର୍ତ୍ତମାନ ମୁଁ ବୁଝିପାରୁଛି, ଏହି ଆନନ୍ଦ ସାଗର ସଦୃଶ ହେଲେ ବ୍ରହ୍ମାନନ୍ଦ ମୁଖ ତା' ତୁଳନାରେ ଗୋଷ୍ପଦ ଚିହ୍ନରେ ଥିବା ଜଳଠାରୁ ଅଧିକ ନୁହେଁ।" ସେହିପରି ବୈଷ୍ଣବ କୂଳମଣି ଶ୍ରୀଧର ସ୍ୱାମୀ ଶ୍ରୀମଦ୍ ଭାଗବତର ଏହି ଭକ୍ତିକୁ ବର୍ଣ୍ଣନା କରିବାକୁ ଯାଇ କହିଛନ୍ତି ଯେ – "ହେ ଭଗବାନ ! ଆପଣଙ୍କ ଭକ୍ତି ରୂପକ ଅମୃତ ସିନ୍ଧୁରେ ସନ୍ତରଣ କରୁଥିବାବେଳେ ଭାଗ୍ୟବାନ ପୁରୁଷ, ଯେଉଁମାନେ ଆପଣଙ୍କ

ଲୀଳା ବର୍ଣ୍ଣନାର ଅମୃତ ଆସ୍ୱାଦନ କରୁଛନ୍ତି, ସେମାନେ ନିଶ୍ଚିତ ରୂପେ ଦିବ୍ୟ ଆହ୍ଲାଦର ଅଧିକାରୀ, ଯାହା ଧର୍ମପରାୟଣତା, ଆର୍ଥିକ ଉନ୍ନତି, ଇନ୍ଦ୍ରିୟତୃପ୍ତି ଓ ମୁକ୍ତିର ଆନନ୍ଦ ଓ ସୁଖକୁ ଗୌଣ କରିଦିଏ। ଏପରି ଦିବ୍ୟ ଅନୁଭୂତି ପ୍ରାପ୍ତ ଭକ୍ତ ଭକ୍ତିପୂର୍ଣ୍ଣ ସେବା ଜନିତ ସୁଖ ବ୍ୟତୀତ ଅନ୍ୟ ପ୍ରକାର ସୁଖକୁ ରାସ୍ତାର ତୁଚ୍ଛ ତୃଣଖଣ୍ଡ ଠାରୁ ଅଧିକ ବିଚାର କରେ ନାହିଁ।"

ଏହି ଭାବକୁ ଲକ୍ଷ୍ୟକରି ସାଧକ କବି ଗାଇଲେ -

ଆନନ୍ଦ ଧାମର ଆନନ୍ଦ ମୂରତି — ଆନନ୍ଦ ତୁମ ସ୍ୱରୂପ
ଆନନ୍ଦେ ରଚିଛ ଏ ବିଶ୍ୱ ସଂସାର — ଆନନ୍ଦ ଲାଭ ଅମାପ ।୦।
ଆନନ୍ଦେ ବାରିଦ ବାରି ବରଷଇ — ଜଳଧାରା ଲଭେ ମହି
ସକଳ ଜୀବରେ ଜୀବନ ଦେଇ ସେ — ଆନନ୍ଦ ରସ ବାଣ୍ଟଇ ।୧।
ଆନନ୍ଦେ ତପନ କର ବିକଶଇ — ଅମା ଯାଏ ଦୂର ହୋଇ
ଆନନ୍ଦେ ଶଶାଙ୍କ ଶୀତଳ ଚାନ୍ଦିନୀ — ବାଣ୍ଟିନିଏ ମନ ମୋହି ।୨।
ଜୀବ ଆଗମନ ଏ ମହି ମଣ୍ଡଳେ — ଆନନ୍ଦ ଆସ୍ୱାଦ ପାଇଁ
ବୃଥା ଅହଂକାରେ ନିରାନନ୍ଦ ଲଭେ — ତୁମକୁ ନିଜେ ଭୁଲଇ ।୩।
ହେ ବିଶ୍ୱଭାରତୀ ଶୁଣ ମୋ ମିନତୀ — ଶୀତଳାଅ ହୃଦତାପ
ସର୍ବ ସୃଷ୍ଟ ଜୀବ ଆନନ୍ଦ ଲଭନ୍ତୁ — ଆନନ୍ଦ ଦିଅ ଅମାପ ।୪।

ପ୍ରେମଭକ୍ତିର ଗାଢ଼ ଅବସ୍ଥାରେ ପ୍ରିୟତମ ପ୍ରେମୀର ସକଳ ମନବାଞ୍ଛା ପୂରଣ କରିଥାଆନ୍ତି। ସେଥିପାଇଁ ସେ ନିଜର ଅବସ୍ଥିତିରେ ଦୃଢ଼ ରହି ପ୍ରେମୀକୁ ଆନନ୍ଦ ପ୍ରଦାନ କରିବାରେ ସତତ ଚେଷ୍ଟିତ ଥାଆନ୍ତି। ଶ୍ରୀମଦ୍ ସ୍ୱାମୀ ରୂପ ଗୋସ୍ୱାମୀଙ୍କ ରଚିତ 'ଉଜ୍ଜ୍ୱଳ ନୀଳମଣି' ମହାନ ଗ୍ରନ୍ଥରେ ପ୍ରେମୀ ଭକ୍ତର ପ୍ରାପ୍ତିକୁ ସ୍ୱୀକାର କରାଯାଇ ନିମ୍ନମତେ ବର୍ଣ୍ଣିତ ହୋଇଛି।

"ରତି ଦୁଇ ପ୍ରକାର ଯଥା - ଆଲମ୍ବନ ଓ ଉଦ୍ଦୀପନା ଆଲମ୍ବନ ପୁଣି ଦୁଇ ଭାଗରେ ବିଭକ୍ତ - ଆଶ୍ରୟ ଏବଂ ବିଷୟ। ମଧୁର ରସରେ ଶ୍ରୀକୃଷ୍ଣ ଏବଂ ତାଙ୍କର ପ୍ରେୟସୀମାନେ ହିଁ କ୍ରମଶଃ ବିଷୟ ଅଲମ୍ବନ ଏବଂ ଆଶ୍ରୟ ଆଲମ୍ବନ ହୁଅନ୍ତି। ଉଦାହରଣ ସ୍ୱରୂପ - ଶ୍ରୀରାଧା ତାଙ୍କର ପ୍ରେମ ଶିକ୍ଷାଦାତାଗୁରୁ ପୂର୍ଣ୍ଣମାସୀ ଦେବୀଙ୍କୁ ପ୍ରଣାମ କରିବାରୁ ସେ ପୂର୍ବରାଗବତୀ ଶ୍ରୀରାଧିକାଙ୍କୁ ଆର୍ଶିବାଦ ଦେଇ କହିଲେ - ରାଧେ ! ହେ ବୃନ୍ଦାବନେଶ୍ୱରୀ ! ଯିଏ ନିଜର ଚରଣ କମଳର ସୌନ୍ଦର୍ଯ୍ୟଦ୍ୱାରା ଅଗଣିତ ମନ୍ମଥଙ୍କର ରୂପ ଗାରିମାକୁ ବିବିଧ ଉପାୟରେ ଅଶେଷ ଭାବରେ ଖର୍ବ କଲାଭଳି ନେତ୍ରୋଲ୍ଲାସ ଆସି ବିଳାସ ଭଙ୍ଗୀ ଦ୍ୱାରା ଯୁବତୀମାନଙ୍କର ମନ ମୋହିତ କରୁଛନ୍ତି ଯେ ନବଜଳଧର ସଦୃଶ ପରମସ୍ନିଗ୍ଧ ସୁନ୍ଦର ଶ୍ୟାମଳ ବର୍ଣ୍ଣ ଓ ସର୍ବଶ୍ରେଷ୍ଠ ଏବଂ ମନୋହର ଲୀଳା କଦମ୍ବର ଆଶ୍ରୟ ଅଟନ୍ତି, ଯୁବତୀମାନଙ୍କର ଭାଗ୍ୟଫଳ ସ୍ୱରୂପ ଏହି ଶ୍ରୀକୃଷ୍ଣ ହିଁ ତୁମର ଆନନ୍ଦ ବର୍ଦ୍ଧନ କରନ୍ତୁ।"

ଶ୍ରୀଶ୍ରୀଠାକୁର ପରମହଂସ ପରିବ୍ରାଜକାଚାର୍ଯ୍ୟ ଶ୍ରୀମଦ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବ ତାଙ୍କ ପ୍ରଣୀତ ପ୍ରେମିକ ଗୁରୁ ମହାଗ୍ରନ୍ଥରେ ରତି ତତ୍ତ୍ୱ ବିଶ୍ଳେଷଣ କରିବାକୁ ଯାଇ ଲେଖିଛନ୍ତି - ରାଧିକା ପ୍ରଭୃତି ଗୋପୀମାନେ ଏବଂ ରୁକ୍ମିଣୀ ପ୍ରଭୃତି ମହିଷୀମାନେ ମଧୁର ଭାବର ଆଦର୍ଶ ଅଟନ୍ତି। ମଧୁରାକ୍ଷ ଭାବଭକ୍ତି ଦୁଇ ପ୍ରକାର - ବିପ୍ରଲମ୍ଭ ଏବଂ ସମ୍ଭୋଗ। ପଣ୍ଡିତମାନେ ପୂର୍ବରାଗ, ମାନ ଓ ପ୍ରବାସାଦି ଭେଦରେ ବହୁବିଧ ଭାବରେ ଯେଉଁ ଭୋଗ କରନ୍ତି, ତାକୁ ବିପ୍ରଲମ୍ଭ ଏବଂ କାନ୍ତ ଓ କାନ୍ତା ଉଭୟ ମିଳିତ ହୋଇ ଯେଉଁ ଭୋଗ କରନ୍ତି ତାକୁ ସମ୍ଭୋଗ ବୋଲି କୁହାଯାଏ। ରତିର ଗାଢ଼ତା ଏବଂ ମୃଦୁତା ଅନୁସାରେ ଏହି ସମ୍ଭୋଗ ତିନି ଭାଗରେ ବିଭକ୍ତ- ସାଧାରଣୀ, ସମଞ୍ଜସା ଏବଂ ସମର୍ଥା। ଯେଉଁ ରତି ଅତିଶୟ ଗାଢ଼ ହୋଇନାହିଁ, ଯାହା ଅଧିକାଂଶ କ୍ଷେତ୍ରରେ ଭଗବତ୍ ଦର୍ଶନ ମାତ୍ରକେ ଉତ୍ପନ୍ନ ହୁଏ। ଏବଂ ଯାହା ସମ୍ଭୋଗର ହିଁ ନିଦାନ, ତାହାକୁ ସାଧାରଣୀ ରତି କୁହାଯାଏ। ଗାଢ଼ତାର ଅଭାବ ହେତୁ ସ୍ପଷ୍ଟ ରୂପରେ ଏହି ରତିର ସମ୍ଭୋଗ ଇଚ୍ଛା ହିଁ ପ୍ରତୀୟମାନ ହୋଇଥାଏ। ଏହି ସମ୍ଭୋଗ ଇଚ୍ଛା ହ୍ରାସ ହେଲେ ରତିର ମଧ ହ୍ରାସ ହୋଇଥାଏ। ଅତଏବ ସମ୍ଭୋଗ ଇଚ୍ଛା ହିଁ ଏଠାରେ ରତି ଉତ୍ପତ୍ତିର କାରଣ। ଏହି ହେତୁରୁ ଏହାର ନାମ ସାଧାରଣୀ ରତି। ଯେଉଁ ରତିରେ ପତ୍ନୀତ୍ୱ ଅଭିମାନ ବୃଦ୍ଧି ପ୍ରାପ୍ତ ହୋଇଥାଏ, ଯାହା ଗୁଣାଦି ଶ୍ରବଣରେ ଉତ୍ପତ୍ତି ହୋଇଥାଏ ଏବଂ ଯେଉଁଥିରେ କେବେକେବେ ସମ୍ଭୋଗ ଇଚ୍ଛାର ତୃଷ୍ଣା ଜାତ ହୁଏ, ସେହି ରତିର ନାମ ସମଞ୍ଜସା। ପୁଣି ଯେଉଁ ରତିରେ ସାଧାରଣୀ ଓ ସମଞ୍ଜସା ଅପେକ୍ଷା କିଞ୍ଚିତ୍ ବିଶେଷ ସମ୍ଭୋଗ ଇଚ୍ଛା - ତଦାତ୍ମ୍ୟ ଅର୍ଥାତ୍ ଯେଉଁ ରତିର ନାୟକ ନାୟିକା ମଧ୍ୟରେ ଏକୀଭାବ ପ୍ରାପ୍ତ ହୁଏ ତାହାର ନାମ ସମର୍ଥାରତି।

ଏହି ରତିର ପ୍ରଭାବରେ ଗୁରୁକୃଷ୍ଣ ଆକର୍ଷିତ ହୋଇ ପ୍ରେମୀର ମନବାଞ୍ଛା ପୂର୍ଣ୍ଣ କରିଥା'ନ୍ତି। ସମସ୍ତଙ୍କୁ ଆକର୍ଷଣ କରୁଥିବା ଶ୍ରୀକୃଷ୍ଣ ଭକ୍ତିପୂର୍ଣ୍ଣ ସେବା ଦ୍ୱାରା ସ୍ୱୟଂ ଆକର୍ଷିତ ହୋଇ ପ୍ରେମୀର ଚିତ୍ତ କ୍ଷେତ୍ରରେ ରତିର ଲୀଳା ବିଳାସ ରଚନା ପୂର୍ବକ ତାକୁ ପରମାନନ୍ଦ ପ୍ରଦାନ କରିଥାଆନ୍ତି। ପ୍ରିୟତମଙ୍କର ରୂପ ପ୍ରେମୀ ନେତ୍ରରେ ଏତେ ଆକର୍ଷଣୀୟ ବୋଧ ହୁଏ ଯେ ସତେ ଯେପରି ତାହା ସହସ୍ର ସହସ୍ର କନ୍ଦର୍ପର ଆକର୍ଷଣକୁ ପରାଭୂତ କରିପାରିବାର ଶକ୍ତି ଧାରଣ କରିଛି। ଏଣୁ ପ୍ରେମୀ ତାଙ୍କୁ ମଦନମୋହନ ବୋଲି ସମ୍ବୋଧନ କରି ମଦନାକ୍ଷ ମହାଭାବରେ ଆତ୍ମ ବିସର୍ଜନ ଦିଏ। ଚୀର ସୁନ୍ଦର ପ୍ରିୟତମଙ୍କର ରୂପ ଧ୍ୟାନ କରି କରି ପ୍ରେମୀ ମଧ୍ୟ ତଦାକାରକାରିତ ହୋଇଯାଏ ଅବା କ୍ଷେତ୍ରଭେଦରେ ପ୍ରିୟତମଙ୍କ ଠାରୁ ଅଧିକ ସୁନ୍ଦର ରୂପେ ପ୍ରତୀୟମାନ ହୁଏ। ଉଦାହରଣସ୍ୱରୂପ - ଶ୍ରୀକୃଷ୍ଣଙ୍କୁ ମଦନମୋହନ କୁହାଯାଏ। ଏହାର ଅର୍ଥ ତାଙ୍କର ରୂପ ସର୍ବାକର୍ଷଣୀୟ, କନ୍ଦର୍ପଦର୍ପହାରୀ। ମାତ୍ର ରାଧାରାଣୀ ତାଙ୍କଠାରୁ ଆହୁରି ଅଧିକ ଆକର୍ଷଣୀୟ। କାରଣ ସେ ଶ୍ରୀକୃଷ୍ଣଙ୍କୁ ମଧ୍ୟ ନିଜର ସୌନ୍ଦର୍ଯ୍ୟ ବଳରେ ଆକର୍ଷଣ କରିପାରନ୍ତି। ଏହି ବିଳାସର ଲହରୀ ସର୍ବାପେକ୍ଷା ଅଦ୍ଭୁତ। ଏହାର ଅଧିକାରୀ କେବଳ ବ୍ରଜଲଳନାଗଣ। ତଦ୍‌ଭିନ୍ନ ଅନ୍ୟ କେହି ଏହି ବିଳାସ ରସ ଆସ୍ୱାଦନ କରିବାକୁ ସମର୍ଥ ନୁହନ୍ତି। ପ୍ରେମୀ ନିଜକୁ ଏହି ରସ ଆସ୍ୱାଦନ କରିବାକୁ ସମର୍ଥ କରି, ବ୍ରଜଗଂନା ମାନଙ୍କର ଆଚରଣକୁ ଅନୁସରଣ ପୂର୍ବକ ତଦଭ୍ୟସ୍ତ ନ ହେବା ପର୍ଯ୍ୟନ୍ତ ଅନ୍ତରରେ ଏହି ଭକ୍ତିରସ ଆସ୍ୱାଦିତ ହୋଇପାରିବ ନାହିଁ। ଅନ୍ୟଥା ଅର୍ଥରେ ଅନର୍ଥ ଘଟି ରସାସ୍ୱାଦନକୁ କଦର୍ଥ କରି ଦେବ ସିନା ସମର୍ଥ ହେବା ସୁଦୂର ପରାହତ ହେବ। ଏଣୁ ଶାସ୍ତ୍ରକାରମାନେ ପାତ୍ରତ୍ୱକୁ ସର୍ବପ୍ରାଧାନ୍ୟ ପ୍ରଦାନ କରିଛନ୍ତି।

ବିଦ୍ୟା ଦଦାତି ବିନୟମ୍, ବିନୟାତ୍ ଜାତି ପାତ୍ରତାମ୍
ପାତ୍ରତ୍ୱାତ୍ ଧନମାପ୍ନୋତି, ଧନାତ୍‌ଧର୍ମମ୍ ତତଃ ସୁଖମ୍ !

ପ୍ରେମୀ ନିଜର ଚରିତ୍ରକୁ ଜ୍ଞାନ ଆହରଣ ଦ୍ୱାରା ଶୋଧନ କରି ତାକୁ ବହିଃ ପ୍ରଭାବରୁ ସଂରକ୍ଷିତ କରି ରଖିଥିଲେ, ପ୍ରିୟତମଙ୍କ କୃପାରୁ ଭକ୍ତିଧନ ସମୟକ୍ରମେ ଅନ୍ତର ବେଦୀରେ ବିରାଜିତ ହୋଇ ତା'ର ସର୍ବାଙ୍ଗକୁ ପୁଲକିତ କରିବା ସହିତ ପ୍ରିୟତମଙ୍କୁ ପ୍ରେମାର୍ଘ୍ୟ ନିବେଦନରେ ସଫଳ ହୋଇପାରେ।

ପ୍ରେମଭକ୍ତି ଲାଭ କରିବାକୁ ହେଲେ ଜଣେ ସଫଳ ପ୍ରେମୀରେ ଅନୁଗମନ କରି ତା'ର ପ୍ରେମ ସାଧନାର ଧାରାକୁ ଆଚରଣ ପୂର୍ବକ ନିଜକୁ ପ୍ରେମ ପଥରେ ସତର୍କତାର ସହିତ ଅଗ୍ରଗତି କରାଇପାରିଲେ ଅନାୟାସାରେ ପ୍ରେମଲାଭ ହୋଇଥାଏ। ଏହାକୁ ଶାସ୍ତ୍ରକାରମାନେ ଅନୁଗା ଭଜନ ନାମରେ ନାମିତ କରିଛନ୍ତି। ଏ ଜଗତରେ ଏଯାବତ ସଫଳ ପ୍ରେମୀର ଉଦାହରଣ ହେଲେ ରାଇ କିଶୋରୀ ବୃନ୍ଦାବନେଶ୍ୱରୀ ଏଣୁ ବୃନ୍ଦାବନର ପ୍ରେମୀ ଭକ୍ତଗଣ ସେମାନଙ୍କ ଭକ୍ତିର ପରିପୂର୍ଣ୍ଣତା ଲାଭ ପାଇଁ ନିଜକୁ ରାଧାରାଣୀଙ୍କ ଅଧୀନରେ ଅବସ୍ଥାପନ କରନ୍ତି  ଅନ୍ୟ ଭାଷାରେ କହିଲେ, ପ୍ରେମ ଭକ୍ତି ଭୌତିକ ଜଗତର କାର୍ଯ୍ୟ ନୁହେଁ ଏହା ରାଧାରାଣୀଙ୍କ  ନିଜସ୍ୱ ଧନ ଏବଂ ଏହା କେବଳ ତାଙ୍କର ନିୟନ୍ତ୍ରଣରେ ହିଁ ବିଦ୍ୟମାନ। ମହାତ୍ମାଗଣ ତଥା ସ୍ୱର୍ଗର ଦେବତାଗଣ ଭଗବାନଙ୍କ ଅନ୍ତରଙ୍ଗ ଶକ୍ତି ଅର୍ଥାତ୍ ରାଧାରାଣୀଙ୍କ ସୁରକ୍ଷାରେ ଅବସ୍ଥାନ କରି ପ୍ରେମରସ ଆସ୍ୱାଦନ କରିଥାଆନ୍ତି। ଏହି ପ୍ରେମଭକ୍ତି ରାଧାରାଣୀଙ୍କର ନିୟନ୍ତ୍ରଣାଧୀନ ହୋଇ ରହିଥା'ନ୍ତି। ଅତଏବ ଗୁରୁକୃଷ୍ଣଙ୍କୁ ଆକର୍ଷିତ କରିବାର ସହଜ ଏବଂ ସରଳ ଉପାୟ ହେଉଛି ପ୍ରେମ ଭକ୍ତିରେ ପ୍ରତିଷ୍ଠିତ ହେବା।

ଶ୍ରୀମଦ୍ ଭାଗବତ ଏକାଦଶ ସ୍କନ୍ଧ ଦ୍ୱାଦଶ ଅଧ୍ୟାୟ ପ୍ରଥମ ଶ୍ଳୋକରେ କୁହାଯାଇଛି -

ନ ରୋଧୟତି ମାଂ ଯୋଗେ ନ ସାଂଖ୍ୟଂ ଧର୍ମଂ ଏବ ଚ। ନ ସ୍ୱାଧ୍ୟାୟସ୍ତପସ୍ତ୍ୟାଗୋ ନେଷ୍ଟାପୂର୍ତ୍ତଂ ନ ଦକ୍ଷିଣା ॥

ଶ୍ରୀଭଗବାନ କହୁଛନ୍ତି - ହେ ପ୍ରିୟ ଉଦ୍ଧବ ! ଜଗତରେ ଯେତେ ପ୍ରକାର ଆସକ୍ତି ଅଛି, ପ୍ରେମୀଭକ୍ତର ସଙ୍ଗଲାଭ ହେଲେ ସେ ସମସ୍ତ ଆସକ୍ତି ଅଚିରେ ନଷ୍ଟ ହୋଇଯାଏ। ତେଣୁ ସତ୍‌ସଙ୍ଗ ବା ପ୍ରେମୀ ଭକ୍ତର ସଙ୍ଗ ମୋତେ ଯେପରି ବଶ କରିପାରେ, ସାଂଖ୍ୟ, ଯୋଗ, ସ୍ୱାଧ୍ୟାୟ ଏବଂ ଧର୍ମପାଳନ ଆଦି ସାଧନା ଦ୍ୱାରା ମୁଁ ସେପରି ବଶୀଭୂତ ହୁଏ ନାହିଁ। ତପସ୍ୟା, ତ୍ୟାଗ, ଇଷ୍ଟ ପୂର୍ତ୍ତି ଓ ଦକ୍ଷିଣାରେ ମଧ୍ୟ ମୁଁ ସନ୍ତୁଷ୍ଟ ହୁଏ ନାହିଁ। ଏପରିକି ବ୍ରତ, ଯଜ୍ଞ ବେଦ, ତୀର୍ଥ ଏବଂ ଯମ ନିୟମ ମଧ୍ୟ ସତ୍‌ସଙ୍ଗ ସଦୃଶ ମୋତେ ପ୍ରୀତି ପ୍ରଦାନ କରିବାକୁ ସମର୍ଥ ହୁଅନ୍ତି ନାହିଁ। ଶ୍ରୀ ଭଗବାନ ପୁଣି କହୁଛନ୍ତି - ହେ ମୋର ପ୍ରିୟ ଉଦ୍ଧବ ! ମୋ ଠାରୁ ତୁମେ ଏହା ଅବଗତ ହୁଅ ଯେ, ମୋର ଭକ୍ତଗଣଙ୍କ ସେବାଫଳରେ ବା ଭକ୍ତିଭାବ ନିବେଦନରେ ମୁଁ ଯେତିକି ଆକର୍ଷିତ ହୁଏ ଏବଂ ଆନନ୍ଦ ଅନୁଭବ କରେ, ତାହା ଅଷ୍ଟାଙ୍ଗ ଯୋଗ, ଦାର୍ଶନିକ କଳ୍ପନା, କର୍ମକାଣ୍ଡର ଅନୁଷ୍ଠାନ, ଯାଗଯଜ୍ଞାଦି କରଣ, ବେଦାନ୍ତ ପାଠ, କଠୋର ତପସ୍ୟା ସାଧନ କିମ୍ବା

ସର୍ବସ୍ୱ ଦାନ କରିଦେବା ଦ୍ୱାରା ହୋଇପାରେ ନାହିଁ। ଏସବୁ ଭଲ କାର୍ଯ୍ୟ ହୋଇଥିଲେ ମଧ୍ୟ ସେଥିରେ ମୋର ରୁଚି ନ ଥାଏ। ମୋର ପ୍ରେମୀ ଭକ୍ତଙ୍କ ଦ୍ୱାରା ଆଚରିତ ଦିବ୍ୟ ପ୍ରେମଭାବଯୁକ୍ତ ସେବାଦ୍ୱାରା ମୁଁ ତତ୍‌କ୍ଷଣାତ୍ ଆକର୍ଷିତ ହୋଇ ତାକୁ ଆଶୀର୍ବାଦ କରେ।

ପାଠକେ ! ଏବେ ବିଚାର କରନ୍ତୁ ପ୍ରେମଭକ୍ତିର ଶକ୍ତି କେତେ। ପ୍ରେମହିଁ ସାଧ୍ୟ ପ୍ରେମହିଁ ସାଧନା। ପ୍ରେମ ବିନା ଏ ଦୁନିଆରେ ସର୍ବଶ୍ରେଷ୍ଠ ଆକର୍ଷଣୀ ଶକ୍ତି ଆଉ କିଛି ନାହିଁ, କିଛି ବି ନାହିଁ। ଏଣୁ ଶ୍ରୀଶ୍ରୀଠାକୁର ନିଗମାନନ୍ଦ ସରସ୍ୱତୀ ଦେବ ଯଥାର୍ଥରେ କହିଛନ୍ତି – ଆମର ଦେଶ ପ୍ରେମର ଦେଶ। ପ୍ରେମ ସାଧନାରେ ଆମ ଜାତି ଯେତେ ସହଜରେ ସିଦ୍ଧି ଲାଭ କରିପାରିବ, ଅନ୍ୟ ସାଧନାରେ, ସେତେ ସହଜରେ ତାହା ପାଇପାରିବ ନାହିଁ। ଏ ଦେଶର ମନୁଷ୍ୟମାତ୍ରକେ ପ୍ରେମର ଉପାଦାନରେ ଗଠିତ। ଏ ଦେଶର ମାଟିରେ ପ୍ରେମ, ଜଳରେ ପ୍ରେମ, ଆକାଶରେ, ବାୟୁରରେ ସବୁଠାରେ ପ୍ରେମ ପୂରି ରହିଛି। ପ୍ରେମ ଏହି ଦେଶର ସାଧନା ଏବଂ ପ୍ରେମହିଁ ସାଧ୍ୟ। ତେଣୁ ଭାରତର ଅପରାପର ସ୍ଥାନରେ ଜ୍ଞାନର ଅବତାର, କର୍ମର ଅବତାର ଆବିର୍ଭୂତ ହୋଇଥିଲେ ସତ, ମାତ୍ର ପ୍ରେମର ଶ୍ରୀଶ୍ରୀଠାକୁର ଶ୍ରୀ ଗୌରାଙ୍ଗ ଦେବ ଏହି ଦେଶରେ ଜନ୍ମିଥିଲେ। କର୍ମ, ଜ୍ଞାନ, ଓ ଭକ୍ତିର ସମନ୍ୱୟ ପନ୍ଥାରେ ଚାଲିଲେ ପ୍ରେମ ଲାଭ ହୋଇଥାଏ। ଫଳାକାଂକ୍ଷା ବିହୀନ ହୋଇ କର୍ମ କରିଯିବା ହେଉଛି ଏହାର ସାଧନା। ଏଣୁ ଶ୍ରୀମଦ୍ ଭଗବତ୍‌ଗୀତାରେ ଶ୍ରୀକୃଷ୍ଣ ଯଥାର୍ଥରେ କହିଛନ୍ତି:-

"ଯତ୍ କରୋଷି ଯଦସ୍ନାସି ଯଜ୍ଜୁହୋଷି ଦଦାସିଯତ୍ ଯତ୍ତପସ୍ୟସି କୌନ୍ତେୟ, ତତ୍ କୁରୁଷ୍ୱ ମଦର୍ପଣମ୍ ।"

**ଏହି ଭାବକୁ ଲକ୍ଷ୍ୟକରି ସାଧକକବି ଗାଇଲେ:-**

ଭାବର ଭିକାରୀ ତୁମେ ଭାବ ଶ୍ରୀଶ୍ରୀଠାକୁର    ଭାବପାଇଁ ଭକ୍ତ ହୃଦେ ରଚିଛ ଘର
ଭାବ ବିନୋଦିଆ ହରି ଭାବରେ ବନ୍ଧା    ଭାବରେ ଭକତଠାରେ ହୋଇଛ ଛନ୍ଦା
ଭାବଟି ତୁମ ଆହାର ହେ ଭାବଗ୍ରାହୀ    ଭାବବିନା ଆନ ଧନେ ତୋଷ ନ ଥାଇ ।୦।
ଭବ ଜଞ୍ଜାଳରେ ପଡ଼ିଜୀବ ବ୍ୟଥିତ    ଭାବିବାକୁ ତୁମ କଥା ତର ନାହିଁତ
ଭରସା କରିଛୁ ତବ ପଦ ଯୁଗଳ    ଭରସି ରଖିବ ଆହେ କଳାକମଳ
ଭବ ବାରିଧିକୁ ଲଙ୍ଘି ଯିବାକୁ ହେବ    ଭାବରେ ମୋର ନଉକା ଭସାଇ ଦେବ ।୧।
ଭିନ୍ନ ଏ ଜଗତ ଭିନ୍ନତାର ଗଠନ    ଭିନ୍ନ ମଣିଷ ସ୍ୱଭାବ ଭିନ୍ନତା ମନ
ଭଲମନ୍ଦ ବିଚାରକୁ ନୁହେଁ ଭାଜନ    ଭାବୁନାହିଁ କରମ ତୋ ରଚେ ବନ୍ଧନ
ଭଗବାନ ତୁମେ ଗୁରୁ ତୁମେ ଈଶ୍ୱର    ଭବ ବନ୍ଧନୁ ମୁକତି ଦିଅ ଏଥର ।୨।
ଭାସୁଅଛୁ ଭବଜଳେ ରଖ ହେ ହରି    ଭବ ଯାତନାରେ ଭାବ ଯାଉଛି ମରି
ଭାବକୁ ନିକଟ ତୁମେ ଅଭାବେ ଦୂର    ଭାବପାଇବାକୁ ଆମେ ସଦା ଆତୁର
ଭାବର ଦେବତା ଦିଅ ଭାବ ବତାଇ    ଭାବେ ଯୁଗଳ ଚରଣେ ପ୍ରଣମୁ ଥାଇ ।୩।

ଏ ସମଗ୍ର ବିଶ୍ୱ ସୃଷ୍ଟିର ମୂଳରେ ପ୍ରେମ ହିଁ ବିଦ୍ୟମାନ। ପ୍ରେମ ଆସ୍ୱାଦନ ଏକା ଏକା କରିହୁଏ ନାହିଁ। ଏଣୁ ପ୍ରିୟତମଙ୍କ ଭିନ୍ନ ଆଉ ଜଣେ ପ୍ରେମୀ ଆବଶ୍ୟକ। ଏହି ପ୍ରେମୀକୁ ଆଧାର କରି ତା' ହୃଦୟରେ ପ୍ରେମ ସଞ୍ଚାର କରାଇ, ତା' ଦେହରେ ପୁଲକ ସୃଷ୍ଟି ଜଗାଇ, ସମଗ୍ର ଶରୀରକୁ ରୋମାଞ୍ଚିତ କରି, ଅନବରତ ତା' ନେତରୁ ଲୋତକଧାରା ଝରାଇ, ସେ ଲୋତକକୁ ନିଜେ ପାନ କରି ପ୍ରେମୀଭକ୍ତ ସହିତ ଏକାକାର ହୋଇ ଯିବାରେ ପ୍ରିୟତମ ଯେତିକି ଆନନ୍ଦ ଅନୁଭବ କରନ୍ତି, ଅଚଳାଚଳ ଧନସମ୍ପତ୍ତି, ଯୋଗ ସାଧନାର ସର୍ବଶ୍ରେଷ୍ଠ ସିଦ୍ଧି ନିର୍ବିକଳ୍ପ ସମାଧି, ତନ୍ତ୍ର ସାଧନାର ସ୍ଥୂଳ ଉପଲବ୍ଧି ଏବଂ ଜ୍ଞାନ ସାଧନାର ଚରମ ସୀମାରେ ପ୍ରେମୀକୁ ପହଞ୍ଚାଇ ସେ ସେତିକି ଆସ୍ୱାଦନ କରି ନ ପାରିବା କାରଣରୁ ଆନନ୍ଦ ଲାଭ କରିପାରନ୍ତି ନାହିଁ। ଏଣୁ ପାଠକେ ! ଆସନ୍ତୁ କାୟମନବାକ୍ୟରେ ଆମର ପ୍ରାଣପ୍ରିୟ ଶ୍ରୀଗୁରୁଦେବଙ୍କୁ ଭଲପାଇ ତାଙ୍କ ପ୍ରିୟ କର୍ମ ଅନୁଷ୍ଠାନ କରି ତାଙ୍କର ପ୍ରୀତି ଭାଜନ ହେବାକୁ ଚେଷ୍ଟା କରିବା।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ
**ଶ୍ରୀ ନରେଶ ଚନ୍ଦ୍ର ପତି**
ସମ୍ପାଦକ, ନୀଳାଚଳ ସାରସ୍ୱତ ସଂଘ, ପୁରୀ

# କେବେ ଆମ୍ଭେ ମଣିଷ ହେବା ?

ଶ୍ରୀଶ୍ରୀଠାକୁର କହିଲେ – "ମୁଁ ଉପଦେଶ ତ ବହୁତ ଦେଇଛି, କିନ୍ତୁ ଆଜି ଆଶୀର୍ବାଦ କରୁଛି, ତୁମେମାନେ ମନୁଷ୍ୟ ହୁଅ", "ମନୁଷ୍ୟ ଅନେକ ବିଷୟ ପାଇଁ ଭୀକାରୀ ହୁଏ, କେବଳ ମନୁଷ୍ୟତ୍ୱ ଅର୍ଜନ କଲେ ସବୁ ଦୈନ୍ୟ ଆପଣା ମନକୁ ଚାଲିଯାଏ, ମନୁଷ୍ୟକୁ ତୁମେମାନେ ମନୁଷ୍ୟ ହେବାରେ ସାହାଯ୍ୟ କର – ତୁମମାନଙ୍କ ପ୍ରତି ମୋର ଏହି ଆଶୀର୍ବାଦ"। "ତୁମେମାନେ ଗୌରାଙ୍ଗ ଦେବଙ୍କ ପଥରେ ଅର୍ଥାତ୍ ଭକ୍ତି ପଥରେ ଶଙ୍କରଙ୍କ ମତ ଅନୁରୂପ ଜ୍ଞାନ ଲାଭ କରି ଆଦର୍ଶ ମନୁଷ୍ୟ ହୁଅ"। ଏହି ଆଶୀର୍ବାଦ ହିଁ ସମଗ୍ର ପୃଥିବୀକୁ ସୁଖ, ଶାନ୍ତି ଓ ସମୃଦ୍ଧି ଆଣିଦେବ। ସଦ୍‌ଗୁରୁଙ୍କର ଆଶୀର୍ବାଦ ନିଶ୍ଚୟ ଫଳବତୀ ହେବ, ତେଣୁ ଆମକୁ ଏ ପାଇଁ ପ୍ରଯତ୍ନଶୀଳ ହେବାକୁ ପଡ଼ିବ।

ସେ କହିଲେ "ମନୁଷ୍ୟତ୍ୱର ସାଧନ ସର୍ବାପେକ୍ଷା ଦୁର୍ଲଭ ବସ୍ତୁ", ଆମେ ନିଷ୍ପାପର ଭାବରେ ସାଧନାରତ ହେଲେ ଆମମାନଙ୍କର ଆଚରଣ ଦେଖି ଅନ୍ୟମାନେ ଦିନେ ନା ଦିନେ ନିଶ୍ଚୟ ଉଦ୍‌ବୁଦ୍ଧ ହେବେ ଓ ସମଗ୍ର ଜଗତବାସୀ କ୍ରମେ ଶୁଦ୍ଧାଚାର ପରାୟଣ ହୋଇ ପରସ୍ପରର ହିତ କାମନାରେ ବ୍ରତୀ ହେବେ। ଦୁନିଆରେ ଭାତୃଭାବର ପ୍ରତିଷ୍ଠା ହୋଇ ଶାନ୍ତି ରାଜୁତି କରିବ।

ଶ୍ରୀଶ୍ରୀଠାକୁର ପୁନଶ୍ଚ କହିଲେ – "ଟଙ୍କା କଉଡି" ଖୋଜିଲେ ମିଳିବ – ଦୁନିଆସାରା ବିଛେଇ ହୋଇପଡ଼ିଛି, ମାତ୍ର ମଣିଷ ପାଇବା ଦୁର୍ଲ୍ଲଭ।

ସେ ପୁଣି କହିଛନ୍ତି – "ମୁଁ ଯଦି ଜଣକୁ ହେଲେ ମୋର ବୋଲି ପାଏ, ତା' ହେଲେ ମୋର ପରମ ଲାଭ, ଅର୍ଥାତ୍ ସେ କହିବା ପାଇଁ ଚାହୁଁଛନ୍ତି ଯେ ଆମେ କେହି ହେଲେ ତାଙ୍କର ମନୋମତ ମଣିଷ ହୋଇପାରି ନାହୁଁ"। ତେଣୁ ସେ କହିଲେ– "ଆଦର୍ଶ ଗାର୍ହସ୍ଥ୍ୟଜୀବନ ଗଠନ ପ୍ରତିଷ୍ଠା ହିଁ ମୋର ମୁଖ୍ୟ ଉଦ୍ଦେଶ୍ୟ, ଦେଶରେ ଏହା ପୁରାକାଳରେ ଥିଲା ବୋଲି ଘରେ ଘରେ ଶାନ୍ତି ଓ ଆନନ୍ଦ ରାଜତ୍ୱ କରୁଥିଲେ। ଆଜି ତାହା ନାହିଁ ବୋଲି ଦେଶରେ ଅଧଃପତନ ଘଟିଛି। ପ୍ରାଚୀନ ଋଷିପ୍ରଦର୍ଶିତ ପଥରେ ଚାଲି ତୁମେମାନେ ପୁନରାୟ ଆଦର୍ଶ ଗୃହସ୍ଥ ହୁଅ, ଏହାହିଁ ମୋର ଆଶା ଏବଂ ଆଶୀର୍ବାଦ"। "ମୁଁ ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଆଦର୍ଶ ମନୁଷ୍ୟ ରୂପରେ ଦେଖିବାକୁ ଇଚ୍ଛା କରୁଛି"।

ସକ୍ରେଟିସ୍ ଥରେ ଦିନରେ ଲଣ୍ଠନଟିଏ ହାତରେ ଧରି ରାଜରାସ୍ତାରେ କ'ଣ ଖୋଜିଲାପରି ହୋଇ ଚାଲୁଥିଲେ, ଅନ୍ୟଜଣେ ପଥଚାରୀ ପଚାରିଲେ "ଆପଣ ଦିନରେ ସୂର୍ଯ୍ୟାଲୋକରେ ଲଣ୍ଠଣଟିଏ ଧରି କ'ଣ ଖୋଜିଲାପରି ହୋଇ ଚାଲୁଛନ୍ତି" ? ସେ ଉତ୍ତର ଦେଲେ "ହଁ ! ମୁଁ ଖୋଜୁଛି – ମଣିଷଟିଏ ଖୋଜୁଛି"। ରାସ୍ତାରେ ଯାଉଥିବା ଲୋକମାନଙ୍କୁ ସେ କ'ଣ ମଣିଷ ପରି ଦେଖାଯାଉ ନଥିଲେ ? ସେମାନେ ଆକାରଧାରୀ ମଣିଷ ଥିଲେ ମାତ୍ର କାହାରିଠାରେ ସେ ମନୁଷ୍ୟତା ବା ମଣିଷପଣିଆ ଦେଖିପାରୁନଥିଲେ। ଏହା ହିଁ ତାଙ୍କର କହିବାର ତାତ୍ପର୍ଯ୍ୟ।

ଏହି ମଣିଷ ପଣିଆ ତା ହେଲେ କ'ଣ ? ଏହା ଦୁନିଆରେ ସର୍ବଶ୍ରେଷ୍ଠ ସମ୍ପଦ। ଏଣୁ କୁହାଯାଇଛି – Money lost, nothing lost, health lost some thing is lost, It character is lost everything is lost of. ଠାକୁରଙ୍କ ମତରେ ମଣିଷ ପଣିଆ ଦୁର୍ଲ୍ଲଭ, ଏହାକୁ ଖୋଜିଲେ ମିଳେ ନାହିଁ, କିଣିବାକୁ ଚାହିଁଲେ ବଜାରରେ ମିଳେନାହିଁ। ଏହାକୁ ଅର୍ଜନ କରିବାକୁ ପଡେ ଓ ବିକଶିତ କରିବାକୁ ପଡେ। ପ୍ରଭୁ ଦୟାକରି ମଣିଷକୁ ଜନ୍ମ ସାଙ୍ଗରେ ବିବେକରୂପୀ ଯନ୍ତ୍ରଟିଏ ଦେଇଛନ୍ତି। ମାତ୍ର ଆମକୁ ସାଧନା କରି ସେଇ ବିବେକକୁ ବିକଶିତ କରିବାକୁ ହେବ, ଏଇ ସାଧନା ଆଉ କିଛି ନୁହେଁ। ଗୁରୁ, ଗୁରୁଜନ ବା ଶ୍ରେଷ୍ଠ ବ୍ୟକ୍ତିଙ୍କର ଆଦେଶ ଉପଦେଶକୁ ନିଷ୍ଠା ଓ ସମ୍ମାନର ସହ ପାଳନ କରିବା। ଶାସ୍ତ୍ର ସମୂହ ମଧ୍ୟ ଆମମାନଙ୍କୁ ବିଧିନିଷେଧର ଗଣ୍ଡି ଭିତରେ ରହିବାକୁ ବାରମ୍ବାର ନିର୍ଦ୍ଦେଶ ପ୍ରଦାନ କରୁଛନ୍ତି।

ଗୀତା କହୁଛନ୍ତି – "ସନ୍ତୁଷ୍ଟଃ ଯେନକେନଚିତ୍"; ଅର୍ଥାତ୍ ଯେତିକି ମିଳିଲା ସେତିକିରେ ସନ୍ତୁଷ୍ଟ ରହିବା, ବେଶୀ ଲୋଭ କରିବା ନାହିଁ, କାମନା ହିଁ ସର୍ବନାଶର ମୂଳ, ଏଇ କାମନା ହିଁ ପୁନର୍ଜନ୍ମର କାରଣ ହୁଏ, ମୁକ୍ତିର ବାଧକ ହୁଏ, ଭଗବାନ୍ ବୁଦ୍ଧ କହିଲେ 'କାମନାର ବିନାଶରେ ଦୁଃଖର ବିନାଶ', ଦୁଃଖ କ'ଣ ? ଏ ଜଗତରେ ଜନ୍ମ ଓ ମରଣ ହିଁ ପ୍ରକୃତ ଦୁଃଖ। ଯେତିକି ମିଳିଲା ସେତିକିରେ

ସନ୍ତୁଷ୍ଟ ରହିବାର ଅଭ୍ୟାସ କଲେ କାମନାର ଅଗ୍ନି କ୍ରମେ ନିର୍ବାପିତ ହେବ। ସବୁବେଳେ ଆମର ଚିନ୍ତନ ହେବା ଦରକାର ଯେ ପ୍ରଭୂ ମୋ ପାଇଁ ଆଜି ଏତିକି ବ୍ୟବସ୍ଥା କରିଛନ୍ତି। ତା' ସଙ୍ଗେ ସଙ୍ଗେ ମଧ ଚିନ୍ତନ ହେବା ଦରକାର ଯେ ମୁଁ ଏଇ ପ୍ରଭୁଦତ୍ତ ଜିନିଷକୁ ଅନ୍ୟକୁ (ଅଭାବୀ ଲୋକଙ୍କୁ) ଦେଇ ତାକୁ ମଧ ଖୁସି କରିବି, ଇଷୋପନିଷଦ କହୁଛନ୍ତି – "ଇଷାବାସ୍ୟ ଇଦଂ ସର୍ବଂ ଯତ୍‌କିଞ୍ଚିତ୍ ଜଗତ୍ୟାଂ ଜଗତ୍, ତେନ ତ୍ୟକ୍ତେନ ଭୁଞ୍ଜିଥା ମା ଗୃଧ କସ୍ୟସ୍ୱିଦ୍‌ଧନମ୍", ଅର୍ଥାତ୍ ଏ ଜଗତର ସମସ୍ତ ଜିନିଷ ଈଶ୍ୱରଙ୍କର। ସେ ସମସ୍ତଙ୍କୁ ଏହା ଦେଇଛନ୍ତି, ଆମେ ସମସ୍ତେ ଏହାକୁ ପରସ୍ପରକୁ ଦେଇ ଭୋଗ କରିବା। ଅନ୍ୟର ଜିନିଷକୁ ଅପହରଣ କରିବା ନାହିଁ, ବରଂ ଅନ୍ୟପାଇଁ ଆମେ କିଛି ତ୍ୟାଗକରି ତାକୁ ଖୁସି କରାଇବା। ଅନ୍ୟକୁ ସାହାଯ୍ୟ କଲେ ପ୍ରଭୂ ଖୁସି ହୁଅନ୍ତି, ଆଶୀର୍ବାଦ କରନ୍ତି ଯେପରି ଆମେ ପରସ୍ପରକୁ ବେଶୀ ସାହାଯ୍ୟ କରିବା। ଏପରି ନ କରି ଯଦି ସବୁ ନେଇଯିବାକୁ ଚାହିଁବା ପ୍ରଭୁ ଅସୁଖୀ ହେବେ ଓ ଆମର ସର୍ବନାଶ କରିବେ – ଉଦାହରଣ ମହାଭାରତରେ ଦୁର୍ଯ୍ୟୋଧନ।

ଅସାମର୍ଥ୍ୟରୁ ଆମେ ଯଦି କାହାରିକୁ କିଛି ଦେଇ ନ ପାରିବା ତା'ହେଲେ ଦୁଇପଦ ମିଠା କଥା କହିପାରିବା। ଜଣେ ବିପଦରେ ପଡ଼ିଲେ ଆମେ ଯାଇ ତା' ପାଖରେ ଠିଆ ହୋଇ ତାକୁ ଅନ୍ତତଃ ସାନ୍ତ୍ୱନାମୂଳକ କଥା ଦିପଦ କହିଲେ ସେ ଭାବିବ – "ଯା' ହେଉ, ମୋ ପାଇଁ ତ ଜଣେ ଅଛି ମୋତେ ସହାନୁଭୂତି ଦେଖାଇବାକୁ"। ଚିତ୍ତରଞ୍ଜନ ଦାସ ତାଙ୍କର 'ମୋ ବିଦ୍ୟାଳୟ' ପୁସ୍ତକରେ ଏ ବିଷୟରେ ବିସ୍ତୃତ ଆଲୋଚନା କରିଛନ୍ତି। ସେ ଲେଖିଛନ୍ତି – "ମଣିଷକୁ ମଣିଷ ହିସାବରେ ସମ୍ମାନ ଦେବା ଆବଶ୍ୟକବେଳେ ତା'ର ଉଚିତ୍ ଯତ୍ନନେବା। ଜୀବନକୁ ତୁଚ୍ଛ ବୁଦ୍ଧିନେଇ ନୁହେଁ, ବରଂ ହୃଦୟ ଦେଇ ଶ୍ରଦ୍ଧାର ସହିତ ବିଭିନ୍ନ କ୍ଷେତ୍ରରେ ପ୍ରବେଶ କରିବା ଆଉ ଶ୍ରଦ୍ଧାର ସହିତ ବଞ୍ଚିଶିଖିବା। କୌଣସି ଅନ୍ୟାୟ କରିବା ନାହିଁ, କାହାରିକୁ ଅସମ୍ମାନ କରିବା ନାହିଁ। କୌଣସି ଅନ୍ୟାୟ ସହିବା ନାହିଁ, ଏହିପରି ଜୀବନକୁ ଯିଏ ବିତରଣର ତୀର୍ଥ ରୂପରେ ପ୍ରସ୍ତୁତ କରିଛି ସଂସାରରେ ତା'ର ଜୀବନକୁ ଧନ୍ୟ କରିବାକୁ ହେବ, କାରଣ ଆପଣାକୁ ସିଏ ବିଶ୍ୱତୋମୁଖ କରିପାରିଛି। ଦେବାରେ ତା'ର ଦିନେହେଲେ ଦୁଃଖ ନାହିଁ। ତେଣୁ ପ୍ରତ୍ୟେକ ମୁହୂର୍ତ୍ତରେ ସେ ନୂତନ ଅର୍ଜନର ଅଧିକାରୀ ହୋଇପାରିଛି।" ଏହାହିଁ ମଣିଷ ପଣିଆ, ଏହି ମଣିଷ ପଣିଆକୁ ସଦା ଉଜ୍ଜୀବିତ ରଖିବାକୁ ହେବ।

ସ୍ୱାମୀ ଚିଦାନନ୍ଦଙ୍କ ମତରେ "କାମନା ହେଉଛି ଦରିଦ୍ରତା, ଅପୂର୍ଣ୍ଣତା ବୋଧ। ଆପଣ ଯେତେ ଅଧିକ ପାଇବେ ଆପଣଙ୍କର କାମନା ସେତିକି ପରିମାଣରେ ବୃଦ୍ଧି ପାଏ। ତେଣୁ ସନ୍ତୁଷ୍ଟ ରହନ୍ତୁ। ସତ୍‌ପଥରେ ଉପାର୍ଜନ କରୁଥିବା ଆୟରୁ କମ୍ ଖର୍ଚ୍ଚ କରନ୍ତୁ, କଦାପି ଋଣ କରନ୍ତୁ ନାହିଁ।" "ଗୁରୁଜନମାନଙ୍କୁ ଭକ୍ତି ଓ ସମ୍ମାନ ପ୍ରଦର୍ଶନ କରନ୍ତୁ, ଯେଉଁଠାରେ ଗୁରୁଜନମାନେ ପୂଜା ପା'ନ୍ତି ସେଠାରେ ସମୃଦ୍ଧି ଥାଏ, ଗୁରୁଜନ ମାନଙ୍କୁ ଅବଜ୍ଞା କଲେ ସେଠାରୁ ଶ୍ରୀ ତୁଟିଯାଏ, ମାତୃ ଜାତିକୁ ସମ୍ମାନ ଦିଅନ୍ତୁ।" ଯତ୍ର ନାର୍ଯ୍ୟାସ୍ତୁ ପୁଜ୍ୟନ୍ତେ ରମନ୍ତେ ତତ୍ର ଦେବତା।

ମନୁଷ୍ୟର ଦିବ୍ୟଗୁଣ ଯଥା – ଦୟା, କ୍ଷମା, ସହିଷ୍ଣୁତା ଓ ସମ୍ବେଦନଶୀଳତା ଆଦି କୋମଳ ଗୁଣ ଗୁଡ଼ିକୁ ସର୍ବାବସ୍ଥାରେ ଅନୁଶୀଳନ କରିବା ଉଚିତ୍। ଏହି ବୃତ୍ତି ଗୁଡ଼ିକ ନିୟମିତ ଅନୁଶୀଳନ କଲେ ପ୍ରଭୁ ଖୁସି ହେବେ। ପ୍ରଭୂ ଆମକୁ ମନୁଷ୍ୟ ଜନ୍ମ ଦେଇଛନ୍ତି, ଆମମାନଙ୍କ ଭିତରେ ମଣିଷ ପଣିଆ ଦେଖିବାକୁ ସେ ସବୁବେଳେ ଚାହିଁ ବସିଛନ୍ତି। ଶ୍ରୀଶ୍ରୀଠାକୁର ତାଙ୍କର ମତ ନିମ୍ନପ୍ରକାର ବ୍ୟକ୍ତ କରିଛନ୍ତି – "ଆମ୍ଭେମାନେ ବହୁକଥା ଭୁଲିଯାଇ ପରଦୋଷ ଦେଖିବାକୁ ଶିଖିଛୁ। ଏହା ଆମ ଜାତୀୟ ଅବନତିର ପ୍ରଧାନ କାରଣ। ପରନିନ୍ଦା, ପର ବିଷୟ ଆଲୋଚନା କରି ଦିନକୁ ଦିନ ଆମ୍ଭେମାନେ ଅଧଃପତନର ନିମ୍ନତମ ସ୍ତରକୁ ଚାଲି ଯାଉଛୁ", କେବଳ ଉପଦେଶ ଶୁଣିଲେ କିଛି ହୁଏ ନାହିଁ, ଜୀବନରେ ଗୋଟିଏ ଉପଦେଶକୁ ଯଦି କାର୍ଯ୍ୟକାରୀ କରିପାର ତେବେ ସେବକ ଧନ୍ୟ ହୋଇଯିବ।

"ତୁମେମାନେ ପରସ୍ପର ଗୁରୁଭାଇ, ସମସ୍ତେ ଏକ ଗୁରୁଙ୍କ ଶିଷ୍ୟ, ପ୍ରତ୍ୟେକ ଅନ୍ୟପ୍ରତି ସ୍ନେହପ୍ରିତୀ ଦେଖାଇବ। ଜଣକର ଦେହ ଅସୁସ୍ଥ ହେଲେ ଅନ୍ୟଜଣେ ତା'ର ସେବା କରିବ, ଯଦି ତୁମର ପରସ୍ପର ପ୍ରତି ସ୍ନେହପ୍ରିତୀ ନଥାଏ ତେବେ ତୁମେମାନେ ଜଗତକୁ ଭଲପାଇବ କିପରି ?" "ଜୀବସେବା ଶିବଜ୍ଞାନରେ କରିବାକୁ ହୁଏ, ରାଜା, ପ୍ରଜା, ଉଚ୍ଚ, ନୀଚ – ସମସ୍ତଙ୍କୁ ସେବା କରାଯାଇ ପାରେ, ଦେଖ ତୁମେମାନେ ଅନ୍ୟର ଦୋଷ ଦେଖିବ ନାହିଁ, ଦେଖିବ ଗୁଣ ଅଛିକି ନାହିଁ, ଗୋଟିଏ ଦୋଷ ଦେଖିବାକ୍ଷଣି ତା' ପ୍ରତି ବିଦ୍ୱେଷଭାବ ପୋଷଣ କର ନାହିଁ। ଏହାହିଁ ସାଧୁତ୍ୱ," ଯେ ତୁମକୁ ଯେତେ ପର ବୋଲି ମନେ କରନ୍ତୁ ପଛକେ, ତୁମେ କାହାକୁ ପରବୋଲି ମନେ କରନାହିଁ। ମନେ ମନେ ଜାଣିବ ପ୍ରତ୍ୟେକ ଜୀବ ଭଗବାନଙ୍କର। ପାପୀ, ପୁଣ୍ୟବାନ୍, ଧନୀ, ଦରିଦ୍ର – ସମସ୍ତେ ତୁମର ଆପଣାର

ସୁତରାଂ ସମସ୍ତଙ୍କର ମଙ୍ଗଳ ହେଉ, ଏହା ଭିନ୍ନ କାହାରି ଅନିଷ୍ଟ ଚିନ୍ତା କରନାହିଁ, ସମସ୍ତଙ୍କୁ ଭଲ ପାଅ, ପ୍ରତ୍ୟେକଙ୍କୁ ଦେଖି ଆନନ୍ଦିତ ହୁଅ, ସାଧ୍ୟ ସୁବିଧା ଅନୁସାରେ ପ୍ରତ୍ୟେକଙ୍କର ଉପକାର କର, ପୀଡ଼ିତର ଅଶ୍ରୁ ପୋଛି ଦିଅ"।

ସ୍ୱାମୀ ଶିବାନନ୍ଦ କହିଲେ "ତୁମ ହୃଦୟରେ ଦିବ୍ୟ ପ୍ରେମଶିଖା ପ୍ରଜ୍ୱଳନ କର, ତୁମର ଅହଂକାର ଧ୍ୱଂସ କର, ନିଃସର୍ତ୍ତରେ ତାଙ୍କଠାରେ ସମର୍ପିତ ହୋଇଯାଅ," ହୃଦୟରେ ପ୍ରେମର ଶିଖା ପ୍ରଜ୍ୱଳିତ ହେଲେ ମଣିଷର ଅହଂକାର ଧ୍ୱଂସ ହୋଇଯାଏ, କାରଣ ପ୍ରେମପାଖରେ ସ୍ୱାର୍ଥ ନଥାଏ, ପ୍ରେମରେ ଦେବା ଥାଏ, ନେବା ନ ଥାଏ, ମା' ତା'ର ପିଲାଟିକୁ ଯତ୍ନରେ ଖୁଆଏ, ସେଥିରେ ତା'ର ଆନନ୍ଦ, ଫୁଲଟିଏ କେବଳ ନୀରବରେ ତା'ର ସୁଗନ୍ଧ ବିତରଣ କରେ। ଗଛଟିଏ ତା'ର ଫୁଲଫଳ ଅନ୍ୟକୁ ଦିଏ, ନିଜେ ଭୋଗ କରେ ନାହିଁ। ଆମକୁ ଏହିପରି ପରପାଇଁ ଜୀବନ ଜୀଇଁବାକୁ ପଡ଼ିବ।

ସ୍ୱାମୀ ବିବେକାନନ୍ଦ କହିଲେ "They only live who live for others." ସେ ଆହୁରି ମଧ୍ୟ କହିଲେ – "ସଂକୀର୍ଣ୍ଣତା ହିଁ ମୃତ୍ୟୁ, ପ୍ରସାରଣ ହିଁ ଜୀବନ "ସମୟର ବେଳାଭୂମିରେ ପାଦ ଚିହ୍ନ ଛାଡ଼ି ଯାଅ, ଯାହାକୁ ଦେଖି ଉତ୍ତର ଦାୟାଦ କହିବେ – କିଏ ଜଣେ ଆସିଥିଲେ ବୋଲି"।

Mother Teressa କହିଲେ – "Who ever comes to you, must go with a smiling face" - ନିକଟ ଅତୀତରେ ତାଙ୍କୁ ସନ୍ଥ Declare କରାଗଲା। ତାଙ୍କର ଗୋଟିଏ କଥା ସବୁବେଳେ ମନେ ପଡ଼ିଯାଏ, ଗୋଟିଏ ରୋଗୀକୁ ଡାକ୍ତର କହିଦେଲେ ତାଙ୍କର ମୃତ୍ୟୁ ସନ୍ନିକଟ, ଅନ୍ୟମାନେ ତାଙ୍କର ସେବା ନ କରି ଛାଡ଼ି ଦେଲେ ମାତ୍ର Mother Teressa ଖୁବ୍ ମନଧ୍ୟାନ ଦେଇ ନିଷ୍ଠାରେ ତାଙ୍କର ସେବାରେ ଲାଗିଛନ୍ତି, କାରଣ ପଚାରନ୍ତେ କହିଲେ "କେତେ କଷ୍ଟ ପାଇଲେଣି, ମଲାବେଳକୁ ଅନ୍ତତଃ ଟିକିଏ ଶାନ୍ତିରେ ମରନ୍ତୁ"।

ପଣ୍ଡିତ ରବିଶଙ୍କର କହିଲେ "ଅନ୍ୟକୁ ଯେତେ ଆପଣେଇ ପାର", ଅନ୍ୟକୁ ଆପଣେଇବାର ବାଟ ହେଲା ତାଙ୍କୁ ଖୁସି କରିବା। ପରକୁ ଖୁସି କରିପାରିଲେ ପରମେଶ୍ୱର ଆମ ଉପରେ ଖୁସି ହେବେ।

୮୪ ଲକ୍ଷ ଯୋନି ଭ୍ରମଣ ପରେ ପ୍ରଭୁ କୃପାକରି ଆମକୁ ମଣିଷ ଜନ୍ମଟିଏ ଦେଇଛନ୍ତି, ଆମେ କ'ଣ ସତରେ ମଣିଷ ହେଲେ ? ମଣିଷ ହେବାପାଇଁ ଚେଷ୍ଟା ବି କ'ଣ କଲେ ? ଖାଲି ପ୍ରକୃତିର ପ୍ରବାହରେ ପଡ଼ି ମଣିଷ ରୂପଧାରୀ ପଶୁଟିଏ ହେଲେ – ଦ୍ୱିପଦ ପଶୁ – ଆମେ ଯଦି ଠାକୁରଙ୍କ ପିଲା ହେବାକୁ ଚାହୁଁ ତା'ହେଲେ ପ୍ରଥମେ ଆମକୁ ମନୁଷ୍ୟତ୍ୱର ସାଧନା କରିବାକୁ ହେବ। 'ସଂଘ ସେବକ'ରେ କେବଳ ମନୁଷ୍ୟତ୍ୱର ସାଧନା ବିଷୟରେ ଲେଖାଚାଲିଛି, ଆଏ କେତେବର୍ଷ ଲେଖା ହେବ ଶ୍ରୀଶ୍ରୀଠାକୁର ଜାଣନ୍ତି – ତାଙ୍କ ଇଚ୍ଛା – ଆମେ ସବୁ ପଢ଼ୁଛୁ, ସବୁ ଶୁଣୁଛୁ – ମାତ୍ର କେତେ ପରିମାଣରେ ମଣିଷ ହେଲୁଣି ? ମଣିଷ ହେଲେ ଆମେ ତାଙ୍କ କାମ କରିବା। ତାଙ୍କ କାମ କଲେ, ତାଙ୍କୁ ଭଲ ପାଇଲେ ସେ ନିଶ୍ଚୟ ଖୁସି ହେବେ, ତାଙ୍କର ଆଶୀର୍ବାଦ ରହିଲେ ଆମ କ୍ରମୋନ୍ନତି ପଥରେ ଗତିକରି ଦେବତା, ଈଶ୍ୱରତ୍ୱ ଓ ବ୍ରହ୍ମତ୍ୱରେ ଉପନୀତ ହେବା। ତାଙ୍କ ପାଖରେ ଏକାନ୍ତ ପ୍ରାର୍ଥନା ଯେପରି ଆମେ ତାଙ୍କର ମନୋମତ ମଣିଷଟିଏ ହୋଇପାରିବା।

ଶ୍ରୀଶ୍ରୀଠାକୁର ଆମକୁ କହିଛନ୍ତି – "ତୁମେମାନେ ମନୁଷ୍ୟ ହୁଅ, ଜଗତରେ ମନୁଷ୍ୟର ହିଁ ଅଭାବ। ମନୁଷ୍ୟ ହୋଇପାରିଲେ ଅର୍ଥ, ସାମର୍ଥ୍ୟ, ଶକ୍ତି, ସବୁ ଆସି ପଛକୁ ପଛ ପହଞ୍ଚିଯିବ। ଆଧାର ବିଶୁଦ୍ଧ ହେଲେ ତୁମମାନଙ୍କର ସତ୍ୟ ସଂକଳ୍ପକୁ ସିଦ୍ଧ କରିବା ନିମନ୍ତେ ସ୍ୱୟଂ ଭଗବାନ୍ ଅବତରଣ କରିବେ, ତୁମେମାନେ ନିଜକୁ ଭୁଲିଯାଇ ପ୍ରେମଭକ୍ତିରେ ହୃଦୟ ପୂର୍ଣ୍ଣ କର। ଗୁରୁଙ୍କର ଉପଦେଶ ଅନୁସାରେ ଚରିତ୍ର ଗଠନ କର, ସଂଯତ ହୁଅ; ପୃଥିବୀର ନରନାରୀଙ୍କୁ ଭାଇଭଉଣୀ ଜ୍ଞାନରେ ଆଲିଙ୍ଗନ କର, ରୋଗୀର ଶୁଶ୍ରୂଷା କର, ଶୋକ ଗ୍ରସ୍ତଙ୍କୁ ସାନ୍ତ୍ୱନା ଦିଅ, ଦୁଃଖିର ଅଶ୍ରୁ ମୋଚନ କର, ପୀଡ଼ିତକୁ ହୃଦୟରେ ଜାକି ଧର, ପାପୀକୁ ଘୃଣା ନ କରି ପ୍ରେମଜଳ ଦ୍ୱାରା ତାଙ୍କର ପାପ ମଳ ଧୋଇଦିଅ। ସ୍ୱାର୍ଥପର ସଇତାନ୍‌କୁ ହୃଦୟରୁ ବିତାଡ଼ିତ କରି ସେଠାରେ ପ୍ରେମମୟ ଭଗବାନଙ୍କୁ ଆସନ ଦିଅ, ଏହାହିଁ ଧର୍ମ, ନତୁବା ଆଖି କାନ ବୁଜି କେବଳ ଜପତପ କଲେ ଭଗବାନଙ୍କର କୃପା ହୁଏନାହିଁ, ତାହା ଜଡ଼ର ସାଧନା ମାତ୍ର। ଯେ ଜୀବକୁ କୃପାକରି ଶିଖିନାହିଁ ସେ ଭଗବାନଙ୍କ କୃପା ପାଇବ କିପରି ? ଯେ ଅନ୍ୟକୁ କ୍ଷମାକରିପାରେ ନାହିଁ ସେ ଭଗବାନଙ୍କ ନିକଟରେ କ୍ଷମା ପାଇବାକୁ ଅଯୋଗ୍ୟ, ଯେ ଜଗତକୁ ଭଲପାଇପାରେ ନାହିଁ ସେ ଭଗବାନଙ୍କର ପ୍ରେମ ପାଇବାକୁ ଆଶା କରିବା ବୃଥା।"

"ପୁଣି ମନୁଷ୍ୟତ୍ୱ ଲାଭର ଅକପଟ ଇଚ୍ଛା ଥିଲେ ଭଗବାନ ତୁମର ସହାୟ ହେବେ - ଏହା ଧ୍ରୁବ ସତ୍ୟ, ତାମସିକ ଓ ରାଜସିକ ଗୁଣଗୁଡ଼ିକୁ ପଦଦଳିତ କରି ଦାସପରି ଆଜ୍ଞାବହ କରି ରଖ। ଆମୋଦ ଛକରେ ମଧ୍ୟ କାମ କ୍ରୋଧ ଓ ମିଥ୍ୟାର ଆଶ୍ରୟ ନିଅ ନାହିଁ। ବିନୟ ନମ୍ରତା ଗୁଣରେ ମଣ୍ଡିତ ହୋଇ ଜୀବନ୍ମୃତଙ୍କ ପରି ସମାଜରେ କାଳଯାପନ କରିବ, କାହାର କାର୍ଯ୍ୟର ସମାଲୋଚନା କର ନାହିଁ କଲେ ଭଗବାନଙ୍କ ଦୋଷଗୁଣ ବିଚାର କରାଯାଏ।"

ଯୀଶୁଖ୍ରୀଷ୍ଟ କ୍ରୁଶବିଦ୍ଧ ହେବାର ପୂର୍ବଦିନ ନିଜର ପ୍ରିୟଶିଷ୍ୟ ପିଟରଙ୍କର ପଦଧୌତ କରି ଗୋଟିଏ ଶୁଭ୍ର ଗାମୁଛାରେ ପୋଛିଦେଲେ, ପିଟର ଏଥିରେ ଅତ୍ୟନ୍ତ ଲଜ୍ଜିତ ଓ ବ୍ୟଥିତ ହୋଇ ଯୀଶୁଖ୍ରୀଷ୍ଟଙ୍କ ମୁଖକୁ ବିସ୍ମୟାବିଷ୍ଟ ନୟନରେ କେବଳ ଚାହିଁ ରହିଲେ, ଚକ୍ଷୁ ତାଙ୍କର ଲୋତକାପ୍ଳୁତ ହୋଇଗଲା। ପ୍ରଭୁ ତାଙ୍କୁ କହିଲେ "ମୁଁ ଆଜି ତୁମର ଯେପରି ଭାବରେ ସେବା କଲି ତୁମେ ଜଗତ୍‌ବାସୀଙ୍କର ସେହିଭଳି ସମ୍ମାନର ସହ ସେବା କରିବ"। ପିଟର ମଧ୍ୟ ତାଙ୍କର ସାରା ଜୀବନ ସେହି ଆଦର୍ଶରେ ଚଳିଥିଲେ।

ଜଗନ୍ନାଥ ସଂସ୍କୃତିରେ ଗଜପତି ରାଜା ହେଉଛନ୍ତି ମୁଖ୍ୟସେବକ। ଆମେ ସବୁବେଳେ ସେବକ ଭାବ ରଖି ଚଳିଲେ ଆମର ଅହଂଭାବ ଲୋପପାଇବ ଓ ସେବକ ଦେହ ଗଠନ ହେବ। ନୀଳାଚଳ ସାରସ୍ୱତ ସଂଘର ପ୍ରତ୍ୟେକ ଭକ୍ତଙ୍କୁ ପରିଚୟପତ୍ର ଦିଆଯାଇଛି। ଏହା ଏକ Identity Card ନୁହେଁ, ଏହା ଆମପାଇଁ ସାଧକ ଯଷ୍ଟି; ପ୍ରତ୍ୟେକ ଭକ୍ତଙ୍କୁ ଦିନଳିପି ପୂରଣ କରିବାକୁ କୁହାଯାଇଛି, ଏହା ଆମର ସାଧନ ଲିପି ବା ସାଧକ ସମୀକ୍ଷା ଫର୍ଦ୍ଦ, ଯଷ୍ଟିର ସାହାଯ୍ୟ ନେଇ ଯେପରି ଅନ୍ଧଟିଏ ତା'ର ପଥ ଅତିକ୍ରମ କରେ ସେହିପରି ଆମେ ପ୍ରତିଦିନ ପରିଚୟପତ୍ର ପାଠ କଲେ ଏହା ଆମର ମନରେ ଏପରି ରେଖାପାତ କରିବ ଯେ ଆମେ କୌଣସି କାର୍ଯ୍ୟ କରିବା ପୂର୍ବରୁ ଭାବିବା ଯେ ଆମ କାର୍ଯ୍ୟଦ୍ୱାରା କାହାର କିଛି ଅସୁବିଧା ହେଉ ନାହିଁ ତ ? କୌଣସି କ୍ଷତି ହେବ ନାହିଁ ତ ? କାହାରି ମନରେ କଷ୍ଟ ହେବ ନାହିଁ ତ ? ପ୍ରତ୍ୟେକ ଦିନ ଦିନଳିପି ପୂରଣ କରିବା ଦ୍ୱାରା ଆମେ ଆମର ଦୈନିକ କର୍ମ / ଆଚରଣର ସମୀକ୍ଷା କରୁଥାଇଁ ଓ ସେ ପାଇଁ ଠାକୁରଙ୍କ ପାଖରେ କ୍ଷମା ପ୍ରାର୍ଥନା କରିବା ସହିତ ଭବିଷ୍ୟତରେ ଏହାର ପୁନରାବୃତ୍ତି ଯେପରି ନହୁଏ (ମନ୍ଦ କର୍ମ ଗୁଡ଼ିକରେ) ତାଙ୍କ ନିକଟରେ ପ୍ରାର୍ଥନା କରୁଥାଇଁ, ଏପରି କରିବା ଦ୍ୱାରା ଶ୍ରୀଶ୍ରୀଠାକୁର ଆମକୁ ଆଶୀର୍ବାଦ କରିବା ସଙ୍ଗେ ସଙ୍ଗେ ଆମକୁ ଭଲକାମ କରିବାରେ ସାହାଯ୍ୟ କରିବେ। ଏହି ପ୍ରକ୍ରିୟା ଦିନ ପରେ ଦିନ, ବର୍ଷ ପରେ ବର୍ଷ ଚାଲିଲେ ଆମେ କ୍ରମେ ମନୁଷ୍ୟତ୍ୱ ଗଠନ ପଥରେ ଅଗ୍ରସର ହେବା।

ଶ୍ରୀଶ୍ରୀଠାକୁର କହିଲେ "ମୁକ୍ତିପଥ ପ୍ରଦର୍ଶନ କରିବା ହିଁ ମୋର କାର୍ଯ୍ୟ।" ସେ କାହାକୁ ମୁକ୍ତିପଥ ପ୍ରଦର୍ଶନ କରିବେ ? କେବଳ ମଣିଷଙ୍କୁ - ପଶୁପକ୍ଷୀଙ୍କୁ ନୁହେଁ, ତା' ହେଲେ ଆମକୁ ମଣିଷ ହେବାକୁ ପଡ଼ିବ। ଯେତେ ଶୀଘ୍ର ମଣିଷ ହେବା ସେତେ ଶୀଘ୍ର ତାଙ୍କ ଇଲାକାଭୁକ୍ତ ହେବା। ତାଙ୍କ ଇଲାକାଭୁକ୍ତ ହେଲେ ସେ ଆମର ହାତଧରି ନେଇଯିବେ।


ଶ୍ରୀଶ୍ରୀଠାକୁର ଶ୍ରୀଚରଣାଶ୍ରିତ

**ଶ୍ରୀ ଶ୍ୟାମସୁନ୍ଦର ମହାନ୍ତି**

ଏକାମ୍ର ସାରସ୍ୱତ ସଂଘ


ଖୁବ୍ ପ୍ରତ୍ୟୁଷରୁ ଭଗବାନ୍‌ଙ୍କ ନାମ ସ୍ମରଣ କରି ଶଯ୍ୟା ତ୍ୟାଗ କରିବ। ବିଛଣାରେ ଶୋଇ ଶୋଇ ପ୍ରାର୍ଥନା କରିବ, "ହେ ଦେବତା! ମୋ ସମ୍ମୁଖରେ କର୍ମମୟ ସଂସାର, କର୍ତ୍ତବ୍ୟର ଅଲଂଘନୀୟ ଆହ୍ୱାନରେ ବର୍ତ୍ତମାନ ମୋତେ କର୍ମସାଗରକୁ ଡେଇଁ ପଡ଼ିବାକୁ ହେବ। ପ୍ରଭୁ! ପ୍ରାଣରେ ବଳ ଦିଅ, ମନରେ ବଳ ଦିଅ, ଦେହରେ ବଳ ଦିଅ, ଯେପରି ନିଷ୍କଳୁଷ ଭାବରେ ମୁଁ କର୍ତ୍ତବ୍ୟ କର୍ମଗୁଡ଼ିକ ଯଥାଯଥ ଭାବରେ ସମ୍ପାଦନ କରିପାରେ। ମୁଁ କର୍ମର ଜଟିଳ ଆବର୍ତ୍ତରେ ପଡ଼ି ମଧ୍ୟ ଯେପରି ତୁମକୁ ଭୁଲି ନ ଯାଏ।" –**ଶ୍ରୀଶ୍ରୀଠାକୁର**

ମୁଁ ଦେଖିବାକୁ ଚାହେଁ ତୁମମାନଙ୍କର ପ୍ରାଣ, ତୁମମାନଙ୍କର ସାଧୁତ୍ୱ। ତୁମେମାନେ ସମସ୍ତେ ପ୍ରେମ-ପ୍ରୀତିର ବନ୍ଧନରେ ଅଛ, ସମସ୍ତେ ଆତ୍ମୋନ୍ନତି କରୁଛ– ଏହା ଦେଖିଲେ ମୋର ଯେତେ ଆନନ୍ଦ ହେବ, ଗୋଟାଏ ରାଜ୍ୟ ଦେଲେ ମଧ୍ୟ ତାହା ହେବ ନାହିଁ। – **ଶ୍ରୀଶ୍ରୀଠାକୁର**

# SANGHA – PATH TO REALIZATION

**Why Thakura formed sangha:**

Sri Sri Thakura asked his disciples and devotees to be a part of the sangha. In this regard, his words are "Wherever there are three discipies, you form a sangha." When we contemplate on the necessity of this directive, we try to analyze various questions that come to mind. How do we define the sangha? Sangha, according to Thakura, is not just the union of his devotees and disciples, rather He stated, "Sangha is my Swaroopa". Then the question arises- what is His Swaroopa? He said, "I am Guru" – the embodiment of Guru-tatwa – *Narakara parambarmha rupayagyana harine*. This is His Swaroopa. Hence, it can be concluded, Sangha is not just the union of his devotees or disciples, it is something beyond that. During the formation of Nilachala Saraswata Sangha in the year 1934, he added, "There are various Sanghas around the world and they fulfill various purposes. Some work for political purposes, others work for social reforms. However, the objective of this Sangha is ONLY Dharmaniti". Dharmaniti – a word that has immense significance, particularly in understanding the reasons behind why we have joined the sangha.

Thakur has always laid importance on the spread of Sanatana dharma in a non-communal way. According to Him, dharma is not adhering only to the rules and regulations of the Sanatana Hindu dharma. Following rules and regulations (dos and don'ts) undoubtedly is a component of dharma for followers of any religion. The objective of dharma is to attain the ultimate goal of human life, which could be termed as self-realization, God realization, liberation, realization of truth or Nirvana. Although these terms may hold different meaning to those who have attained realization, for seekers with a minimum level of purity of mind, the goals appear similar. Using an analogy, imagine a vertical rod hanging over my head. Self-realization, God realization, liberation, etc. are represented as various dots on the rod. Initially, I could see only one point, the lowest one. Unless I reach that one point, I would not be able to comment on the difference between various types of liberation or goals. In another analogy, Sumerudas ji told Thakura that, *sampragyant ane se asampragyanta apse aa jayega*. (you will realize asampragyant automatically when you reach sampragyant). However, Sumerudas ji was aware of this as he had realized both samadhis. But this is beyond our comprehension. So dharmaniti refers to the process and tools necessary for any seeker aiming to reach the highest goal of human life. Therefore, sangha means a consolidation of processes and tools as well which are aimed at aiding and guiding seekers of truth on the path of God-realization or towards the highest goal of human life. Hence, as a guiding influence to the seekers, the sangha embodies the Swaroopa of Thakura.

**Sangha as a Container of Thakura's principles:**

Thakura aspired to disseminate the rewards of his sadhana among his devotees. To achieve this, a vessel was needed to preserve his ideologies, principles and objectives. These principles were to be embraced by the devotees seeking to traverse the path of realization as shown by Thakura. Devotees were to dedicate themselves to his objectives, such as promoting the Sanatana dharma in a non-communal way, imparting proper education to the masses, and servicing the needy while recognizing the divine in them. By doing so, not only would devotees attain the highest goal by realizing God through service and understanding Sanatana Hindu dharma, but would also affect the masses who aspired to embark on the path of realization. Thus, the definition of dharma

– dharayati iti dharma, signifies anything that sustains. Anything that sustains Thakura's principles and ideologies within us is Sangha. Hence, Thakura has stated, "Once a week, on a designated day all Guru-brothers should assemble and perform arati and prayer before the image of Gurudev, read Arjyadarpana, the spiritual magazine, and engage in discussion about my ideals and teachings among yourselves. In Arjyadarpan, the articles based on my ideals are published." If we maintain this awareness, that we gather in sangha to deliberate upon Thakura's ideals and teachings, our mind wouldn't stray towards other discussions or fault in others.

**Sangha as a Support to the seekers:**

Strictly staying on the 'spiritual' path is not always easy. We're constantly distracted by people and circumstances that test our patience, distract us, or keep us too occupied to meditate. Surrounding ourselves with like-minded seekers or devotees increases the likelihood of staying committed to our practice. In a sangha if one forgets Thakura's teaching, there will be another devotee to remind them. Hearing the spiritual experiences of others can be deeply motivating. This brings to mind the story of a saint who asked his son to fetch a burning charcoal from a distance. By the time the charcoal was brought to him, it would have reduced to ashes. The moral was clear, the charcoal would remain aflame as long as it is in contact with other burning charcoals. Similarly, a seeker remains motivated in the path of sadhana or realization so long as he stays connected with fellow seekers on the same path. In order to make sure that we keep motivating others, Thakura has specifically emphasized "bhava binimaya" when guru bhais or maas gather together. Without Sangha, where would there be a place for "Bhava binimaya"?

Indeed, the sangha isn't solely a source for receiving support, it also offers us the opportunity to support others. Taking refuge in the sangha is not merely a passive act of devotion but an essential, active practice. Individual learning and growth are not the sole objectives, as Thakura has stated "My happiness will be immeasurable if I witness the development of you all. I urge you to unite and form a sangha. I advise you to strive for collective development and progress simultaneously. If only one or two of you live according to my teaching, can I be satisfied to see the spiritual development of this small number if other five of my children in the sangha deviate from their goal? My purpose is not fulfilled if one of you build your life according to my advice and ideals. My intention is for all of you to lead lives based on my ideals by helping one another."

It is important to recognize both our strengths and weaknesses. When we are alone in the path of realization there is a tendency to overestimate ourselves, which is common trait among human beings. However being in a group naturally directs our attention to the strengths that others have, fostering humility and respect. In a group setting, we would become aware of our own shortcomings and strive to overcome them with the guidance of Guru bhais and maas. It is important to remember that we are all devotees of Thakura, united by a common objective. In a healthy sangha, the prevailing energy is that of mindfulness, awareness, support, compassion, and wisdom. There is no expectation of perfection, but rather a loving anticipation of growth. When we observe imperfections in our fellow sangha members, we can choose to see them as opportunities for our growth. Just as we handle our own faults, we should learn to let go of judgment and approach them with compassion. In fact, the sangha acts as a mirror through which we might better recognize our

faults. Refraining from negative action is one thing when one is alone but doing so in the company of family or friends presents a different challenge. Hence the sangha is a ground for transformation.

**Sangha provides a platform for Selfless work and Service:**

Sangha provides us with a platform to perform Selfless work (Niskama karma) and service. According to Thakura's teachings, "I advise that you should purify your mind through Karma. With a purified mind the path of truth will naturally unfold before you. *** If I do not establish any monasteries or hermitages, I shall neither gain nor lose. These monasteries and hermitages are created to provide a congenial environment for your welfare and spiritual growth. I have a large number of devotees who engage in various sadhanas, but these monasteries and hermitages are set up to provide a common platform for collective life-building and pursuit of shared objective and feeling. Here the sangha sadhana is more essential than the individual sadhana." The scope of service expands significantly when there is a greater number of devotees and along with this, the maintenance of asana mandira becomes essential. This demands selfless service from sangha members. Through this approach, the time dedicated to this selfless service helps in purification of the mind. With a purified mind, devotion and knowledge become easier. However, there is a risk of ego development while performing service and one must remain vigilant against it. In our sangha, the practice of seeking permission before performing any service and surrendering service at the end of the work, ensures that the sadhaka doesn't succumb to ego while performing service. Chanting the "Jayaguru" mantra while performing seva also helps us in focusing the mind and bringing oneself nearer to Thakura. This practice also eliminates the fear of guru bhai and maa engaging in worldly conversation with others.

Serving fellow devotees enables one to transcend their own self-interests. This helps one to serve others by recognizing the divinity within oneself as well as in others. This prepares one for Thakura's broader objective, that is "service to the needy seeing, God in them". Engaging in service naturally broadness the mind, develops the heart, and enhances one's skills. However, the main objective of service is to purify the mind, leading to devotion and knowledge.

**Sangha as a platform to practice Knowledge and Devotion:**

Unboubtedly, the practices followed in sangha, such as the devotees gathering together, worshipping collectively, singing Thakura's praises, discussing Thakura's greatness and sweetness, performing service, offering materials and food, and chanting His name evoke a strong divine sentiment gradually leading to devotion. The presence of Thakura and other seekers facilitate the process. There is no better way to increase devotion towards Thakura than through regular practice. In this regard it is essential to adhere to the dos and don'ts prescribed by bhakti sastras, and to avoid the three types of faults (seba-aparadha, nama-aparadha and baishnava-aparadha).

The sangha sessions are designed to discuss spiritual matters, to read spiritual books aligned with the ideologies of Thakura, as he recommended reading the Arjyadarpanas since they contain articles which are in accordance to his teachings. The sessions serve to discuss his teachings, implement them among the devotees, and assess the sangha's progress in spreading dharma, promoting the right education and service. Spreading dharma and right education among the masses would only come when we ourselves are knowledgeable and the sangha sessions serve as a means to educating us in these matters. The light of knowledge gradually illuminates everyone

as purity of mind is attained However, genuine effort is needed to strive for both knowledge and devotion.

Thakura also advised the establishment of a fund to support the service of needy people.

Today the sangha has expanded significantly in terms of the number of devotees, the scope of services, and in spreading Thakura's teaching. This has all been possible due to the grace and blessings of Thakura Maharaj. May he manifest himself in the heart of his devotees.

In conclusion, I would like to share these profound words from Thakura: "However, today is my birthday. I hope that you will not forget to act upon whatever I have told you on this auspicious day. Focus on Atma and remain absorbed in it. By doing so, you can realize all my desires whether expressed or unexpressed. Upon leaving this physical body, I shall merge with my will. Only those who can translate my desire into action will truly realize me. To comprehend my unexpressed will, you must immerse your mind in it. Once your mind is purified, I will reveal myself in your purified heart in the form of inspiration. Establish yourself in the purity of soul."

Sri Sri Thakura Charanasritaa
**Smt. Nibedita Nayak**
Kendra Sebaka Sangha, Satsikhya Mandir, Bhubaneswar

# ମନ ବାୟାରେ

କେତେ ଜନମର    କେଉଁ ପୁଣ୍ୟବଳେ
ଏ ଜନ୍ମେ ତୁମକୁ ପାଇଛି
ତଥାପି ଏ ମନ    ତୁମ ହାତ ଛାଡ଼ି
ଜାଣେନା କୁଆଡ଼େ ଧାଉଁଛି ।୦।

ଆକଟ ଶୁଣିନି    ବାରଣ ମାନୁନି
ଏଣେ ତେଣେ ଦଉଡୁଛି;
ଯେତେ ବି କହିଲେ    ଅବା ବୁଝାଇଲେ
ଆହୁରି ଅବୁଝା ହେଉଛି ।୧।

କେବେ ୟା ପଛେ    କେବେ ତା ପଛେ
ଅକାରଣେ ଗୋଡ଼ାଉଛି
ଆକୁଳ ବିକଳ    ଅସ୍ଥିର ଚଞ୍ଚଳ
ଜାଣେ ନା କ'ଣ ସେ ଖୋଜୁଛି ।୨।

ସଂଧ୍ୟା ଗଡ଼ିଲାଣି    ରାତି ଆସିଲାଣି
ଅନ୍ଧାର ଘନେଇ ଆସୁଛି
କାହିଁକି କେଜାଣି    ଏତିକି ଭାବୁନି
ସମୟ ତ ସରି ଯାଉଛି ।୩।

ଦେଖୁ ଦେଖୁ କେବେ    କାଳ ପୁରିଯିବ
କିଏ ଅବା ବେଳ ଜାଣିଛି ?
ସବୁ ଜାଣିଶୁଣି    ବାଇଆ ମନ ମୋ
ଅଜଣା କେମିତି ହେଉଛି ।୪।

ତୁମେତ ଠାକୁର    କରୁଣା ସାଗର,
ଉପାୟ କର ହେ କିଛି;
ଅରଣା ମଇଁଷି    ପରି ମୋ ମନକୁ
ବାନ୍ଧିରଖ ତୁମ କତି ।୫।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତା
**ଶ୍ରୀମତୀ କଳ୍ପନା ଦାଶ**
ଆମେରିକା ସାରସ୍ୱତ ସଂଘ

# ନାମେ ରୁଚି ଜୀବ ସେବା

ଶ୍ରୀଶ୍ରୀଠାକୁର କହିଛନ୍ତି- ଭଗବାନଙ୍କର ଅନନ୍ତ ନାମ, ଅନନ୍ତ ରୂପ, ଯେ ଯେଉଁ ରୂପରେ ତାଙ୍କ ଚିନ୍ତା କଲେ ମଧ, ଯେଉଁ ନାମରେ ତାଙ୍କୁ ଡାକିଲେ ମଧ ସବୁ ନାମ, ସବୁ ରୂପ ଗୋଟିଏ ବସ୍ତୁକୁ ଲକ୍ଷ୍ୟ କରୁଛି ବୋଲି ଚରମରେ ସମସ୍ତଙ୍କର ଏକାଗତି ହୁଏ। ପାର୍ଥକ୍ୟ କିଛି ନାହିଁ। ସବୁ ନାମ ସବୁ ରୂପର ଅନ୍ତରାଳରେ ତାଙ୍କ ଶାଶ୍ୱତ ଅରୂପ ରୂପ ବିରାଜିତ। ତେଣୁ ଯେ କୌଣସି ନାମ, ଯେ କୌଣସି ରୂପ ଅବଲମ୍ବନ କଲାକ୍ଷଣି ତାଙ୍କୁ ଉପଲବ୍ଧି କରାଯାଇଥାଏ। (ନିଗମ ଉପଦେଶ ପୃ-୧୩୪)।

ଏହାଛଡ଼ା ଶ୍ରୀଶ୍ରୀଠାକୁର ନାମ ସମ୍ପର୍କରେ ବିଭିନ୍ନ ସ୍ଥାନରେ ବିଭିନ୍ନ ଉପଦେଶ ଦେଇଛନ୍ତି। ଶ୍ରୀଶ୍ରୀଠାକୁର ନାମ ସମ୍ପର୍କରେ ଏକ ପତ୍ରରେ ଉଲ୍ଲେଖ କରିଛନ୍ତି- "ବତ୍ସ ! ମୁଁ ଯେତେବେଳେ ତୁମକୁ ଶିଷ୍ୟ ବୋଲି ଗ୍ରହଣ କରିଛି ସେତେବେଳେ ଯେଉଁଠାରେ ଥିଲେ ମଧ ସର୍ବଦା ତୁମର ମଙ୍ଗଳ ଚିନ୍ତା କରିବି। କୌଣସି ଅବସ୍ଥାରେ ବିଶ୍ୱାସ ହରାଅ ନାହିଁ। ଯେତେବେଳେ ଯେଉଁ ଅବସ୍ଥାରେ ଥାଅ- ସୁଖରେ ଦୁଃଖରେ ବିପଦରେ ସମ୍ପଦରେ ଭଗବାନଙ୍କ ନାମ ଭୁଲିବ ନାହିଁ। ବିଭିନ୍ନ ଅବସ୍ଥା ମଧରେ ସେ ଜୀବକୁ ମଙ୍ଗଳ ପଥରେ ନେଇଯାଆନ୍ତି। ମନେରଖ ତୁମର ଭାର ଭଗବାନ ନେଇଛନ୍ତି। ସୁତରାଂ ତୁମର ଚିନ୍ତାର କିଛି ନାହିଁ। କେବଳ କର୍ତ୍ତବ୍ୟ ସମ୍ପାଦନ କର ଏବଂ ସର୍ବାବସ୍ଥାରେ ତାଙ୍କ ନାମ ଗାନ କର।" (ଶ୍ରୀଶ୍ରୀଠାକୁର, ଚିଠି ନଂ ୪୦, ୨ୟ)।

ଆଧାତ୍ମ ଜଗତରେ ଜଣେ ସାଧକଙ୍କୁ ତାଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ଦେବାପାଇଁ ଶ୍ରୀଶ୍ରୀଠାକୁର ଯେଉଁ ସହଜ ସରଳ ପଥ ଦେଖାଇ ଦେଇଛନ୍ତି ସେଥିରୁ ତିନୋଟି ମୁଖ୍ୟ ପଥ ହେଉଛି- କର୍ମ, ଜ୍ଞାନ ଓ ଭକ୍ତି। କଳିଯୁଗର ମାନବମାନଙ୍କ ପାଇଁ ଶ୍ରୀଶ୍ରୀଠାକୁର ଏହି ତିନୋଟି ପଥରେ ଚଳିବାକୁ ବିଶେଷ ଉପଦେଶ ଦେଇଛନ୍ତି। ଜ୍ଞାନଦ୍ୱାରା ତାଙ୍କର ଜଗତହିତକର କର୍ମ କରିହୁଏ ଏବଂ ସେବା ଓ ଭକ୍ତିର ଅମୋଘ ଶକ୍ତିରେ ତାଙ୍କୁ ଲାଭ କରିହୁଏ। ଆମେ ଜ୍ଞାନକୁ ସୂର୍ଯ୍ୟ କହିଲେ କର୍ମକୁ ଆଲୋକ ଏବଂ ଭକ୍ତିକୁ ତାପ କହିପାରିବା। ଜ୍ଞାନ ନ ହେବା ପର୍ଯ୍ୟନ୍ତ ବା ତାଙ୍କୁ ନ ଜାଣିବା ପର୍ଯ୍ୟନ୍ତ ବା ତାଙ୍କ ସ୍ୱରୂପ ନ ବୁଝିବା ପର୍ଯ୍ୟନ୍ତ ତାଙ୍କ ପ୍ରତି ଶ୍ରଦ୍ଧା ଭକ୍ତି ଜାତ ହେବା ସୁକଠିନ। ପ୍ରକୃତ ଜ୍ଞାନ ନ ହେଲେ ପ୍ରେମ ଭକ୍ତି ଲାଭ ଅସମ୍ଭବ। ଜ୍ଞାନ ଲାଭପରେ ଯେଉଁ ଭକ୍ତି ଜାତ ହୁଏ ତାହା ପରାଭକ୍ତି। ତାହାହେଲେ ଜ୍ଞାନଲାଭର ଉପାୟ କ'ଣ ? ଶ୍ରୀମଦ୍‌ଭଗବତ ଗୀତାରେ ଅଛି-

ତଦବିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବାୟା
ଉପଦେକ୍ଷ୍ୟନ୍ତି ତେ ଜ୍ଞାନଂ ଜ୍ଞାନୀନାଂ ତତ୍ତ୍ୱ ଦର୍ଶନାଃ।

*(ଚତୁର୍ଥ ଅଧ୍ୟାୟ, ଶ୍ଳୋକ-୩୪)*

ଶ୍ରୀଗୁରୁଦେବଙ୍କ ସମୀପରେ ରହି ସେହି ଜ୍ଞାନକୁ ବୁଝିବାକୁ ଚେଷ୍ଟା କରିବା, ତାଙ୍କ ସମୀପରେ ଉପସ୍ଥିତ ହୋଇ ସେହି ଜ୍ଞାନ ଲାଭ ନିମିତ୍ତ ତାଙ୍କୁ ପ୍ରଶ୍ନ କରିବା ଓ ତାଙ୍କୁ ସେବା କରି ପରିତୁଷ୍ଟ କରିପାରିଲେ ଏବଂ ନିର୍ବିଚାରରେ ତାଙ୍କ ଆଦେଶ ପାଳନ କରିପାରିଲେ ଓ ନିଷ୍କାମ ଭାବରେ ତାଙ୍କ ସେବା କରିପାରିଲେ, ଯେଉଁ ସତ୍ୟ ଶ୍ରୀଗୁରୁଦେବ ଉପଲବ୍ଧି କରିଛନ୍ତି, ସେ କୃପାକରି ଶିଷ୍ୟର ଜିଜ୍ଞାସା ଓ ବ୍ୟାକୁଳତାର ସତ୍ୟତା ଜାଣିପାରିଲେ ସେହି ତତ୍ତ୍ୱଜ୍ଞାନ ଶିଷ୍ୟଙ୍କ ଅନ୍ତରରେ ଫୁଟାଇ ଦେଇପାରନ୍ତି। କେବଳ ଶିଷ୍ୟଙ୍କର ଶ୍ରୀଗୁରୁଙ୍କ ପ୍ରତି ଦୃଢ଼ନିଷ୍ଠା ଅଟଳ ବିଶ୍ୱାସ, ଆଦୌ ଶ୍ରଦ୍ଧା ଓ ଅଚଳା ଭକ୍ତି ଥିବା ଆବଶ୍ୟକ। ବ୍ରହ୍ମବିଦ୍ ଗୁରୁଙ୍କ ସେବାରେ ବ୍ରହ୍ମଜ୍ଞାନ ଲାଭ ହୋଇଥାଏ।

ସଦ୍‌ଗୁରୁଙ୍କ ଉପରେ ନିର୍ଭରତା ସର୍ବାପେକ୍ଷା ସହଜ ସାଧନ କୌଶଳ। ଏହା ମାନସିକ ସ୍ତରରେ ସଂଘଟିତ ହୋଇଥାଏ। ସଦ୍‌ଗୁରୁ ଶିଷ୍ୟଙ୍କୁ ଯେଉଁ ଉପଦେଶ ଦିଅନ୍ତି ଓ ଆଦେଶ ପ୍ରଦାନ କରନ୍ତି, ଶିଷ୍ୟ ତାହା ପାଳନ କଲେ ଶିଷ୍ୟ ଚରମରେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିଥାଏ। ସେଥିପାଇଁ ଗୀତାର ବାଣୀ ଉଦ୍ଧୃତ କରି ଶ୍ରୀଶ୍ରୀଠାକୁର ଜଣେ ଶିଷ୍ୟଙ୍କୁ ଏକ ଚିଠିରେ ନିର୍ଦ୍ଦେଶ ଦେଇଛନ୍ତି 'ମାମେକଂ ଶରଣଂ ବ୍ରଜଃ'। ମୋର ଶରଣ ନିଅ, ମୋ ବାକ୍ୟରେ ବିଶ୍ୱାସ କର ମୋ ଉପରେ ନିର୍ଭର କର, ମୋତେ ଟିକିଏ ଭଲପାଅ- ସେଥିରେ ହିଁ ତୁମର ସର୍ବାର୍ଥ ସିଦ୍ଧ ହେବ। ତୁମମାନଙ୍କର ସବୁହେବ। ତୁମେମାନେ ସବୁ ପାଇବ। ଶିଷ୍ୟ ସେବକ ବିଶ୍ୱାସ ଓ ନିର୍ଭରତା- ଏହି ଦୁଇଟି ଅମୂଲ୍ୟ ସମ୍ପଦକୁ ନିଜ ଅନ୍ତରରେ ପ୍ରତିଷ୍ଠିତ କରିବା ଏକାନ୍ତ ବିଧେୟ। ଯେକୌଣସି ସାଧନ ଭଜନର ସ୍ତର ହେଉନା କାହିଁକି ପ୍ରଥମେ ନିର୍ବିଚାରରେ ଗୁରୁଙ୍କ ଆଦେଶ ପାଳନ ଓ ତାଙ୍କ ନିର୍ଦ୍ଦେଶରେ ପ୍ରଥମେ ସେବା ଦ୍ୱାରା ଚିତ୍ତଶୁଦ୍ଧି ଓ ମନକୁ ଏକାଗ୍ର କରିବାକୁ ହୋଇଥାଏ।

ଶ୍ରୀଶ୍ରୀଠାକୁରଙ୍କ ସାଧନ ଜୀବନରେ ମଧ୍ୟ ଠିକ୍ ଏହିଭଳି ଘଟଣା ସଂଘଟିତ ହୋଇଛି ଯେତେବେଳେ ସେ ଜ୍ଞାନୀଗୁରୁ ସ୍ୱାମୀ ସଚ୍ଚିଦାନନ୍ଦଙ୍କ ଆଶ୍ରମରେ ରହି ଜ୍ଞାନ ସାଧନା ପାଇଁ ସନ୍ନ୍ୟାସ ଗ୍ରହଣ କରିଥିଲେ। ଜ୍ଞାନୀଗୁରୁ ସଚ୍ଚିଦାନନ୍ଦଙ୍କ ଠାରୁ ଅକଥ୍ୟ ଗାଳି ଶ୍ରବଣ କରି ମଧ୍ୟ ଶ୍ରୀଶ୍ରୀଠାକୁର ଗୁରୁଙ୍କ ପ୍ରତ୍ୟେକ ଆଦେଶ ଠିକ୍ ଭାବରେ ପାଳନ କରୁଥିଲେ। ସେ ଜ୍ଞାନୀଗୁରୁ ସଚ୍ଚିଦାନନ୍ଦଙ୍କୁ ଅତ୍ୟନ୍ତ ଶ୍ରଦ୍ଧା ଭକ୍ତି କରୁଥିଲେ ଓ ସହଜ ଭାବରେ ତାଙ୍କୁ ଭଲ ପାଉଥିଲେ। ଏହା ହିଁ ଶିଷ୍ୟ ଭକ୍ତମାନଙ୍କର ସାଧନଜଗତର ଗୂଢ଼କଥା।

ଶାସ୍ତ୍ରରେ ଅଛି- ସେବା ଚତୁର୍ବିଧ। ବ୍ରାହ୍ମଣ୍ୟ ଭାବରେ ସେବା, କ୍ଷତ୍ରୀୟ ଭାବରେ ସେବା, ବୈଶ୍ୟ ଭାବରେ ସେବା ଓ ଶୁଦ୍ର ଭାବରେ ସେବା। ଶ୍ରୀଶ୍ରୀଠାକୁର କହିଛନ୍ତି- ଏହି ଜଗତରେ ଶ୍ରୀଭଗବାନ ହିଁ ଏକମାତ୍ର ସେବକ। ସେ ସ୍ଥୂଳଭାବରେ ପିତାମାତାଙ୍କ ମଧ୍ୟରେ ରହି ସେବା କରିଥାନ୍ତି ଓ ସଦ୍‌ଗୁରୁଙ୍କ ମଧ୍ୟରେ ଅଧିଷ୍ଠିତ ରହି ଶିଷ୍ୟ ଭକ୍ତମାନଙ୍କର ଆଧ୍ୟାତ୍ମ୍ୟ ରାଜ୍ୟର ସେବା କରିଥାନ୍ତି। ସେଥିପାଇଁ ଏ ଜଗତରେ ସେ ଶ୍ରେଷ୍ଠ ସେବକ। ଶ୍ରୀଶ୍ରୀଠାକୁର ଆସାମର କୋକିଳାମୁଖ ମଠରେ ଶ୍ରୀଗୌରାଙ୍ଗ ସେବାଶ୍ରମ ପ୍ରତିଷ୍ଠା କରି ତାଙ୍କ ସନ୍ନ୍ୟାସୀ ବ୍ରହ୍ମଚାରୀ ଶିଷ୍ୟଭକ୍ତମାନଙ୍କୁ ସ୍ଥୂଳ ସେବା ମାଧ୍ୟମରେ ଚିତ୍ତଶୁଦ୍ଧିର ଧାରା ପ୍ରବର୍ତ୍ତନ କରିଥିଲେ। ଆସାମର ବାତ୍ୟା ବନ୍ୟା ମରୁଡ଼ି ସହିତ ବଙ୍ଗ ଦେଶରେ ମଧ୍ୟ ବନ୍ୟାପ୍ଲାବିତ ଅଞ୍ଚଳରେ ସେବକମାନଙ୍କୁ ପଠାଇ ସେବା ସମ୍ପାଦନ କରୁଥିଲେ। ସମ୍ବାଦପତ୍ରରୁ ବନ୍ୟା, ମରୁଡ଼ି ପ୍ରପିଡ଼ୀତ ଜନଗଣଙ୍କ ସେବା ନିମିତ୍ତ ସେବାଶ୍ରମର ସେବକମାନଙ୍କୁ ପ୍ରେରଣ କରି ଦୁର୍ଗତମାନଙ୍କ ସେବାରେ ନିୟୋଜିତ କରିଥିଲେ। ଏହି ସମ୍ପର୍କରେ ସାରସ୍ୱତ ମଠ ଓ ସ୍ୱାମୀ ସ୍ୱରୂପାନନ୍ଦ ପୁସ୍ତକରୁ କିୟଦଂଶ ଏଠାରେ ଉଦ୍ଧୃତ କରୁଛି- "୧୩୨୦ ବଙ୍ଗାବ୍ଦ ଭାଦ୍ରବ ୧୨ ଦିନ ଗୁରୁବାର ଅପରାହ୍ନ ଏକ ଘଟିକା ସମୟରେ ସ୍ୱାମୀ ସ୍ୱରୂପାନନ୍ଦ, ଯୋଗାନନ୍ଦ, ଚିଦାନନ୍ଦ, ଶୁଦ୍ଧାନନ୍ଦ, ସାରଦାନନ୍ଦ ଭାଇ ଓ ରାମାନନ୍ଦ ବ୍ରହ୍ମଚାରୀ ଏହି ଛଅଜଣ ମେଦିନୀପୁରର ବନ୍ୟାପ୍ରପୀଡ଼ିତ ଅଞ୍ଚଳକୁ ଯାତ୍ରା କଲେ। ଯାତ୍ରା ପୂର୍ବରୁ ଶ୍ରୀଶ୍ରୀଠାକୁର ବିଶେଷ ଉପଦେଶ ଦେଇ କହିଲେ "ତୁମେମାନେ ଯେତେବେଳେ ରୋଗୀମାନଙ୍କର ସେବା କରିବ ବା ଯାହାର ଯେଉଁ ସେବା କରିବ, ସେତେବେଳେ ମନେ କରିବ ତୁମମାନଙ୍କ ଠାକୁରଙ୍କର ହିଁ ସେବା କରୁଛ। ମାନ ଅପମାନ ଭୁଲି, ଜାତି ଧର୍ମ ନିର୍ବିଶେଷରେ ସେବା କରିବ। ଯେ କୌଣସି ପ୍ରକାର ରୋଗୀ ହୁଅନ୍ତୁ ନା କାହିଁକି ତୁମେମାନେ ତାଙ୍କର ସେବା କରିବ। ମନେକରିବ ତୁମ ଗୁରୁ ରୋଗୀ ହୋଇ ତୁମମାନଙ୍କ ସେବା ଗ୍ରହଣ କରୁଛନ୍ତି। ତୁମେମାନେ ବ୍ରହ୍ମଚାରୀ। ତୁମେମାନେ ଆଦର୍ଶ ରକ୍ଷା କରି ଚଳିବ। ରାତ୍ରରେ ଭଗବାନଙ୍କ ନାମ କରିବ ଓ ସ୍ଥାନୀୟ ଲୋକମାନଙ୍କୁ ନେଇ କୀର୍ତ୍ତନ କରିବ। ଟଙ୍କା ପାଇଁ ଚିନ୍ତା କରିବ ନାହିଁ। ଟଙ୍କା ଭଗବାନ ଜୁଟାଇ ଦେବେ। ନିରଭିମାନ ହୋଇ ନିଷ୍ଠାର ସହିତ ସେବା କରିପାରିଲେ ମୁଁ ଆଶା କରୁଛି ତୁମେମାନେ ପ୍ରାଣଭରା ଆନନ୍ଦ ନେଇ ଫେରିଆସିବ।" ଯାତ୍ରାରମ୍ଭ ସମୟରେ ଶ୍ରୀଶ୍ରୀଠାକୁର ଆସନମନ୍ଦିରରୁ ଅପରାଜିତା ଫୁଲ ଆଣି ଦେଇ କହିଲେ- "ମା'ଙ୍କର ଗୋଟିଏ ନାମ ଅପରାଜିତା। ତୁମେମାନେ ଅପରାଜେୟ ହୋଇ ଫେରିଆସିବ।"

ଜ୍ଞାନୀମାନେ ପ୍ରକୃତ ସେବକ- ଗୁରୁସେବା, ସାଧୁସଙ୍ଗ ଓ ଶାସ୍ତ୍ରପାଠ- ଏହି ତିନୋଟି ଅମୂଲ୍ୟ ସମ୍ପଦ ଭକ୍ତି ପଥରେ ସାଧକଙ୍କୁ ସାଧନା ଓ ସିଦ୍ଧିର ଉଚ୍ଚତର ସୋପାନକୁ ଉନ୍ନୀତ କରିଥାଏ। ଏ ଜଗତରେ ସେବକମାନଙ୍କର ଆଦର୍ଶ କେବଳ ଭଗବାନ। ଜ୍ଞାନଲାଭ ହୋଇଛି ବୋଲି ସେତିକିବେଳେ ବୁଝିବ ଯେତେବେଳେ ଅନ୍ୟର ଦୁଃଖ ଦୈନ୍ୟରେ ବିଚଳିତ ନ ହୋଇ ରହିପାରିବ ନାହିଁ। ଜଗତର ଅବିଦ୍ୟା ଦୂର କରିବା ପାଇଁ ଆଚାର୍ଯ୍ୟ ଶଙ୍କରଙ୍କ ପରି ଯେତେବେଳେ ପ୍ରାଣରେ ଆକୁଳତା ଜାତ ହେବ ସେତେବେଳେ ତୁମର ଶଙ୍କରଙ୍କ ଜ୍ଞାନଲାଭ ହୋଇଛି ବୋଲି ବୁଝାଯିବ। ତେଣୁ ନିଜକୁ ଭୁଲି ଜୀବକୁ ଯେ ଶିବଜ୍ଞାନରେ ସେବା କରିପାରନ୍ତି ସେ ହିଁ ପ୍ରକୃତ ସେବକ। ଅନ୍ୟର ପ୍ରୟୋଜନ ମନରେ ଆସିବା ମାତ୍ରେ ତାହା ପୂରଣ କରିବାର ବ୍ୟାକୁଳତା ଯେଉଁମାନଙ୍କର ଜାତହେବ ସେମାନଙ୍କର ଆଧ୍ୟାତ୍ମିକ ଉନ୍ନତି ଅବଶ୍ୟମ୍ଭାବୀ। ଶାସ୍ତ୍ରରେ ଅଛି-

ତୃଣାଦପି ସୁନୀଚେନ ତରୋରିବ ସହିଷ୍ଣୁନା
ଅମାନିନା ମାନଦେନ କୀର୍ତ୍ତନୀୟ ସଦାହରି।

ଅର୍ଥାତ୍ ସେବକ ନିଜକୁ ତୃଣଠାରୁ କ୍ଷୁଦ୍ର ମନେକରିବେ, ବୃକ୍ଷପରି ସହିଷ୍ଣୁ ହେବେ, ସମସ୍ତଙ୍କୁ ନିଜ ଅପେକ୍ଷା ଶ୍ରେଷ୍ଠ ମନେକରିବେ ଓ କାହାରିକୁ ଅବଜ୍ଞା ଚକ୍ଷୁରେ ନ ଦେଖି ମାନ ଅପମାନ ଓ ଅଭିମାନ ତ୍ୟାଗ କରି ଦୀନଭାବରେ ଚଳିଲେ ନାମ ଜପ କରିବାର ସ୍ପୃହା ଜାତ ହେବ। ସେବକ ଦୀନ ଭାବରେ ଚଳିଲେ ହିଁ ଜଗତ୍‌ସେବାରେ ନିୟୋଜିତ ହୋଇପାରିବେ।

ଶ୍ରୀଶ୍ରୀଠାକୁର କହିଛନ୍ତି– ନାମ ସହିତ ନାମୀଙ୍କର ଅଭେଦ ସମ୍ବନ୍ଧ ବିଦ୍ୟମାନ। ନାମ ଉଚ୍ଚାରଣରେ ଯେଉଁ ଅନୁଭୂତି ଉପନ୍ନ ହୁଏ ଅନୁଭୂତି ସହିତ ନାମୀଙ୍କର ଯୋଗସୂତ୍ର ରହିଛି। ନାମୀଙ୍କ ସହିତ ଅର୍ଥାତ୍ ଗୁରୁଙ୍କ ସହିତ ଯୋଗସୂତ୍ର ରକ୍ଷାକରି ଜପ ନକଲେ କିଛି ଫଳ ଲାଭ ହେବ ନାହିଁ। ଯୋଗରଖି ନାମଜପ କଲେ ନାମୀ ହୃଦୟ ମନ୍ଦିରରେ ଫୁଟିଉଠିବେ। ଆଧ୍ୟାତ୍ମ ଜଗତରେ ନାମଜପର ମାହାତ୍ମ୍ୟ କାହାରିକୁ ଅବିଦିତ ନୁହେଁ। ଏହି ପରିପ୍ରେକ୍ଷୀରେ ଶ୍ରୀଶ୍ରୀଠାକୁର ଗୋଟିଏ ଗଳ୍ପର ଅବତାରଣା କରି କହିଲେ– "ଜଣେ କୈବର୍ତ୍ତ ପ୍ରତିଦିନ ନୌକାରେ କେତେ ବାଟୋଇଙ୍କୁ ନଦୀ ପାର କରୁଥିଲେ। ସେହି ନଦୀଘାଟରେ ତାଙ୍କରି ଗ୍ରାମର ଜଣେ ଗୁରୁ ପାରଉତାର ହେଉଥାନ୍ତି। ତାଙ୍କ ପୋଷାକ ପରିଚ୍ଛଦ ଓ ଚିତାଚୈତନ୍ୟ ଦେଖି କୈବର୍ତ୍ତର ତାଙ୍କ ଠାରୁ ଦୀକ୍ଷା ନେବାପାଇଁ ଇଚ୍ଛା ହେଲା ଓ ସେ ସେହି ଗୁରୁଙ୍କୁ ତାକୁ ଦୀକ୍ଷା ଦେବାପାଇଁ ଅନେକଥର ଅନୁରୋଧ କଲେ ମଧ୍ୟ ଜଣେ କେଉଟକୁ ଦୀକ୍ଷା ଦେଇ ତା'ର ଗୁରୁ ହେବାକୁ ସେ ମନା କରୁଥିଲେ। ଦିନେ ନୌକାରେ ସେ ଗୁରୁଙ୍କୁ ଏକୁଟିଆ ପାଇ କହିଲେ– ଗୁରୁଦେବ, ଆଜି ମୋତେ ଦୀକ୍ଷା ଦେବାକୁ ହେବ ନଚେତ୍ ଏହି ନଦୀଗର୍ଭରେ ନୌକାକୁ ବୁଡ଼ାଇ ଦେଇ ପ୍ରାଣ ବିସର୍ଜନ କରିବି ତୁମେ ମଧ୍ୟ ବାଦ୍ ଯିବ ନାହିଁ। କୈବର୍ତ୍ତର ଏହିଭଳି ଉକ୍ତି ଓ ରୁଦ୍ରମୂର୍ତ୍ତି ଦେଖି ଗୁରୁ ପ୍ରମାଦ ଗଣିଲେ ଓ କହିଲେ ତୋ ହାତରେ ଏହି ଯେଉଁ କାତ ଧରିଛୁ ଏଟା କେତେ ହାତ ? କେଉଟ କହିଲା–ଦଶହାତ। ଗୁରୁ କହିଲେ ତୋତେ ନାମଦେଲି– 'ଦଶହାତ' ବୋଲି ସବୁଦିନେ ନିଷ୍ଠାର ସହିତ ଜପକଲେ ମା ଦଶହାତୀ ଦୁର୍ଗାଙ୍କ ଦର୍ଶନ ପାଇବୁ। ଏହି କଥାରେ ବିଶ୍ୱାସ କରି କେଉଟ 'ଦଶହାତ' ନାମ ନିଷ୍ଠାର ସହିତ ଜପକଲା ଓ ଜପ କରୁକରୁ ସେ ସବୁ ଭୁଲିଗଲା। ଦିନେ ରାତିରେ ମା ଦଶଭୂଜା ଦୁର୍ଗା ତାଙ୍କୁ ଦର୍ଶନ ଦାନ କରି କହିଲେ– କ'ଣ ବର ମାଗୁଛୁ ମାଗ। ସେ ଦେଖିଲେ ତୁଳସୀ ବୃକ୍ଷ ନିକଟ ଅଞ୍ଚଳ ଚତୁର୍ଦ୍ଦିଗ ଜ୍ୟୋତିର୍ମୟ କରି ମାଆ ବିରାଜିତା ଓ ତାକୁ ବର ପ୍ରାର୍ଥନା କରିବାକୁ କହୁଛନ୍ତି। ସେ ମାଆଙ୍କୁ ପ୍ରଶ୍ନକଲା 'ତୁମେ କିଏ ?' ମାଆ କହିଲେ "ତୁ ଯାହାକୁ ପାଇବାକୁ ଏହି ଗୁରୁପ୍ରଦତ୍ତ ମନ୍ତ୍ର ଜପ କରୁଛୁ ମୁଁ ସେଇ ଦଶଭୂଜା ଦୁର୍ଗା।" ସେ କହିଲା ମୁଁ ତୁମକୁ କ'ଣ ମାଗିବି ଜାଣେ ନାହିଁ। ମୋ ଗୋସେଇଁଙ୍କୁ ପଚାରି ଆସି କହିବି। ତୁମେ ଏଠାରେ ଅପେକ୍ଷା କର। ମା– 'ତଥାସ୍ତୁ' କହିଲେ ଓ କୈବର୍ତ୍ତ ସେହି ଗ୍ରାମର ଗୋସେଇଁଙ୍କ ନିକଟକୁ ଦୌଡ଼ିଦୌଡ଼ି ଯାଇ ରାତି ଅଧରେ ନିଦରୁ ଉଠାଇ କହିଲା ଦଶଭୂଜା ଆସିଛନ୍ତି ଓ କହୁଛନ୍ତି, "ମୋତେ କାହିଁକି ଡାକିଛୁ ଓ କ'ଣ ଚାହୁଁଛୁ"। ଏବେ କହନ୍ତୁ ମୁଁ କ'ଣ ଚାହିଁବି ? ଏତେ ରାତିରେ ନିଦ୍ରାଭଙ୍ଗ ହେବାରୁ ଗୁରୁଦେବ ଅଗ୍ନିଶର୍ମା ହୋଇ କହିଲେ ତୁ କ'ଣ ମଦ କି ଗଞ୍ଜେଇ ଖାଇଛୁ ? ଦଶଭୂଜା ଆସିଛନ୍ତି କ'ଣ କହୁଛୁ ? କୈବର୍ତ୍ତ କହିଲା ହଁ ଗୁରୁଦେବ ସେ ମୋତେ କହୁଛନ୍ତି କ'ଣ ଚାହୁଁଛୁ। କି ସୁନ୍ଦର ମୂର୍ତ୍ତି ! କେତେ ଗହଣା ପିନ୍ଧିଛନ୍ତି। ଚାରିଆଡ଼ ଆଲୋକିତ। ଗୁରୁ ଭାବିଲେ ଉତ୍କଟ ନାମ ଜପ ଫଳରେ ମା' ଭଗବତୀଙ୍କ ଆସନ ଟଳିଛି ତେଣୁ ସେ ଦେଖାଦେଇଛନ୍ତି। ସେତେବେଳେ ଗୁରୁ କହିଲେ ଯା କହିବୁ– ତୁମ ସହିତ ଯେଉଁ ପାଗଳା ଥାଆନ୍ତି ତାଙ୍କୁ ନେଇ ଆସ। ସେ ଦୌଡ଼ିଯାଇ ମାଆଙ୍କୁ ଏକଥା କହିବାରୁ ମୂର୍ତ୍ତି କ୍ଷଣକାଳ ପାଇଁ ଅନ୍ତର୍ହିତ ହୋଇ ମହାଦେବଙ୍କ ସହ ପୁନଃ ଆବିର୍ଭାବ ହେଲେ ଓ କହିଲେ ଏଥର କ'ଣ ଚାହୁଁ କହ। ପୁନଶ୍ଚ କେଉଟ ଗୁରୁଙ୍କ ନିକଟକୁ ଯାଇ ପଚାରିବାରୁ ଗୁରୁ କହିଲେ ଏଥର କହିବୁ ତୁମ ସହିତ କଳା ରଙ୍ଗର ଗୋଟିଏ ପିଲା ରହେ, ବଂଶୀ ବଜାଏ ତାକୁ ନେଇଆସ। ପୁଣି କେଉଟ ଦେଖିଲା କୃଷ୍ଣ ମଧ୍ୟ ବଂଶୀଧରି ଆସିଛନ୍ତି ଓ ପୁନଶ୍ଚ ତାକୁ ବରପ୍ରାର୍ଥନା କରିବାକୁ କହୁଛନ୍ତି ସେ ଗୁରୁଙ୍କ ପାଖକୁ ଧାଇଁଯାଇ କହିବାରୁ ଗୁରୁ ନିଜେ ଏସବୁ କଥା ପ୍ରତ୍ୟକ୍ଷ କରିବାକୁ ଆସି ଦେଖିଲେ କୈବର୍ତ୍ତ ଘରେ ତୁଳସୀ କାନନରେ ମହାଦେବ ପାର୍ବତୀ ଓ ରାଧାକୃଷ୍ଣ ବିରାଜମାନ କରିଛନ୍ତି। ଗୁରୁ ଆସି ଦର୍ଶନ କରି ସାଷ୍ଟାଙ୍ଗ ପ୍ରଣାମ କରିବା ମାତ୍ରେ ଦେବଦେବୀମାନେ ସମସ୍ତେ ଅନ୍ତର୍ଦ୍ଧାନ ହୋଇଗଲେ। ଗୁରୁ ମଧ୍ୟ ଶିଷ୍ୟର ସାଧନା ନିମିତ୍ତ ଏହି ଦେବଦେବୀ ଦର୍ଶନ କରି ଧନ୍ୟ ହେଲେ।

ଅଖଣ୍ଡ ବିଶ୍ୱାସ ଓ ଗୁରୁନିର୍ଭରତାରେ ନାମ ଜପର ମହିମା ବଳରେ ସାଧକ ଅସାଧ୍ୟ ସାଧନ କରିପାରନ୍ତି ଏହି ଗଳ୍ପ ହିଁ ତାହାର ଉଦାହରଣ।

ଶ୍ରୀଶ୍ରୀଠାକୁର ସଦା ସର୍ବଦା 'ଜୟଗୁରୁ' ନାମ ଜପ କରିବାକୁ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅସାମ୍ପ୍ରଦାୟିକ 'ଜୟଗୁରୁ' ନାମ ଜପ କରିବା ଫଳରେ ଇହକାଳରେ ଶାନ୍ତି ଓ ପରକାଳରେ ପରମାଗତି ଲାଭହେବ ଓ ପ୍ରତିନିୟତ ଶ୍ରୀଶ୍ରୀଠାକୁରଙ୍କୁ ନିଜ ନିକଟରେ ପ୍ରତ୍ୟକ୍ଷ କରିବ। ଏହି ନାମ ଜପ କରୁକରୁ ଏହା ନିଶ୍ୱାସର ତାଳେ ତାଳେ ଅଜପା ଜପରେ ପରିଣତ ହୋଇଯିବ ଏବଂ ମୃତ୍ୟୁକାଳରେ ଏହି ସିଦ୍ଧନାମ ହିଁ ଗୁରୁଙ୍କୁ ଦର୍ଶନ କରାଇବାରେ ସାହାଯ୍ୟ କରିବ। ଶ୍ରୀଶ୍ରୀଠାକୁରଙ୍କ ଅମୋଘ ବାଣୀ– "କୌଣସି ଅବସ୍ଥାରେ ହେଲେ ନାମ ଜପ କରିବାକୁ ଭୁଲିବ ନାହିଁ। ନାମ ଜପ କରିବାକୁ ବାଧ୍ୟତା ଓ ନିର୍ଭରତା ଅଭ୍ୟାସ କରିବ।" ଶ୍ରୀଶ୍ରୀଠାକୁର ଆହୁରି କହିଛନ୍ତି "ବିପଦ ସମୟରେ ଯଦି ସ୍ୱତଃ ନାମର ସ୍ମରଣ ନ ହେଲା, ତେବେ ତୁମର ସମସ୍ତ ଜପ ପକ୍ଷୀର ହରିନାମ ଶିକ୍ଷା ପରି ମିଥ୍ୟା। ସେହି

ନାମ ବା ମନ୍ତ୍ରଦ୍ୱାରା ତୁମର କରପାଳରେ କିଛି କାର୍ଯ୍ୟ ହେବ ନାହିଁ। ଶୁଆର ସବୁବେଳେ ତୁଣ୍ଡରେ ହରିନାମ। କିନ୍ତୁ ବିରାଡ଼ି ଦେଖିଲେ ସେ ହରିଙ୍କୁ ଡାକିବା ଛାଡ଼ିଦେଇ ପକ୍ଷୀର ସ୍ୱାଭାବିକ ସ୍ୱରରେ କେଁ କେଁ ରଡ଼ିଛାଡ଼େ। ସେହିପରି ବିପଦ ଆପଦବେଳେ ଯଦି ଇଷ୍ଟମନ୍ତ୍ର 'ଜୟଗୁରୁ' ସ୍ୱତଃ ସ୍ଫୁରଣ ନ ହେବ, ତେବେ ସେହି ନାମଦ୍ୱାରା ତୁମର ପରକାଳରେ କିଛି ଲାଭ ହେବ ନାହିଁ। ସମ୍ପଦ ସମୟରେ ଓ ବିପଦରେ ସବୁବେଳେ ନାମ ସ୍ମରଣ କରିବା ଉଚିତ।

ମଠରେ ଜଣେ ବ୍ରହ୍ମଚାରୀ ସ୍ୱପ୍ନରେ ଦେଖିଲେ ଯେ ସେ ଗୋଟିଏ ନଦୀକୂଳରେ ଥିବା ଜଙ୍ଗଲରେ ବୁଲୁଛନ୍ତି। ହଠାତ୍ ଗୋଟିଏ ବାଘ ତାଙ୍କୁ ଆକ୍ରମଣ କଲା। ସେ ସଙ୍ଗେ ସଙ୍ଗେ 'ଜୟଗୁରୁ' ନାମ ଜପ ଆରମ୍ଭ କଲେ ଓ ବାଘ ଅନ୍ତର୍ହିତ ହୋଇଗଲା। (ନିଳାଚଳ ବାଣୀ)

ଶାସ୍ତ୍ରାନୁଯାୟୀ ନାମେ ରୁଚି ଓ ଜୀବ ସେବାମୂଳକ ଦୁଇଟି ପଥ ଦ୍ୱୈତବାଦକୁ ବୁଝାଉଥିଲେ ମଧ୍ୟ ସାଧନାର ଉଚ୍ଚ ସ୍ତରରେ ଅଦ୍ୱୈତ ତତ୍ତ୍ୱରେ ସାଧକ ଉପନୀତ ହୋଇଥାଏ। ସେତେବେଳେ ସେବ୍ୟ ସେବକ ଭାବ ରହେ ନାହିଁ। ଭକ୍ତମାନେ ଜ୍ଞାନପୂର୍ବକ ଦ୍ୱୈତଭାବ ଧରି ସେବା ନିରତ ରହନ୍ତି କିନ୍ତୁ ଏହି ସେବାଭାବ ଓ ନାମ ଜପ କରୁ କରୁ ଅଦ୍ୱୈତ ଭାବ ସହଜରେ ଆସିଥାଏ।

ବୈଷ୍ଣବ ଶାସ୍ତ୍ରରେ ଅଛି- 'ନାମେ ରୁଚି ଜୀବେ ଦୟା ବୈଷ୍ଣବ ସେବନ।" କିନ୍ତୁ ଶ୍ରୀଶ୍ରୀଠାକୁର ଏହାକୁ ହିଁ ଆର୍ତ୍ତ କ୍ଲିଷ୍ଟ ରୁଗ୍ଣ ଦରିଦ୍ରନାରାୟଣ ସେବା ବା ଶିବଜ୍ଞାନରେ ଜୀବସେବା ବୋଲି କହିଛନ୍ତି। ଜୀବେ ଦୟା ଅର୍ଥ ଜୀବକୁ ଦୟା ନୁହେଁ- ଜୀବ ସେବାରେ ଜଗତ ସେବାର ଆଦର୍ଶ ଜଗତ ସମକ୍ଷରେ ଉପସ୍ଥାପିତ କରିବାକୁ ବୁଝାଏ।

ଆମେରିକା ସାରସ୍ୱତ ସଂଘର ଭକ୍ତ ସମ୍ମିଳନୀ ସର୍ବସାଫଲ୍ୟ ମଣ୍ଡିତ ହେଉ- ଶ୍ରୀଶ୍ରୀଠାକୁର ମହାରାଜଙ୍କ ଅମଳଧବଳ ଶ୍ରୀଚରଣ କମଳରେ ପ୍ରାର୍ଥନା।


ଶ୍ରୀଶ୍ରୀଠାକୁର ଚରଣାଶ୍ରିତ

**ଶ୍ରୀ ନିହାରରଞ୍ଜନ ନାୟକ**

ଆମେରିକା ସାରସ୍ୱତ ସଂଘ


ପାପକୁ ଘୃଣା କର, କିନ୍ତୁ ପାପୀକୁ ଘୃଣା ନ କରି ତା'ପ୍ରତି ସହୃଦୟ ହୁଅ। ତାକୁ ଉନ୍ନତି ପଥରେ ଅଗ୍ରସର କରାଇଦିଅ। କାରଣ, କେବଳ ମନୁଷ୍ୟର କର୍ମ ହିଁ ଅଶୁଚି ହୁଏ, ମନୁଷ୍ୟ ହୁଏ ନାହିଁ। ମନୁଷ୍ୟ ଭିତରେ ଯେଉଁ ପଶୁ ଅଛି କେବଳ ତାହାରି ଅନ୍ୟାୟ ହୁଏ।

ବସ୍ ! ଭଗବାନ ସର୍ବତ୍ର ବିଦ୍ୟମାନ। ତାଙ୍କୁ ଡାକି ପାରିଲେ ସବୁଠାରେ ତାଙ୍କର ପ୍ରକାଶ ହୋଇଥାଏ। ସେପରି ନ ହେଲେ ସାରା ଜଗତ ଘୂରି ବୁଲିଲେ ମଧ୍ୟ କୌଣସି ଫଳ ମିଳେ ନାହିଁ। ସଂସାରର କର୍ତ୍ତବ୍ୟ ଯଥାଯଥ ଭାବରେ କରିଯାଅ। ସତ୍ୟନିଷ୍ଠ ହୁଅ। ତାହାହେଲେ ଘରେ ବସି ସବୁ ପାଇ ପାରିବ।

ଈଶ୍ୱର ଅନାଦି ଓ ଅନନ୍ତ- ସେ ସର୍ବଭୂତରେ ଅଛନ୍ତି ସତ, କିନ୍ତୁ ତୀର୍ଥାଦି ସ୍ଥାନରେ ତାଙ୍କର ବିଶେଷ ପ୍ରକାଶ ଦେଖାଯାଇଥାଏ। ସେ କୌଣସି କୌଣସି ସ୍ଥାନରେ ସ୍ଥୂଳ ଭାବରେ ପ୍ରକାଶିତ ହୋଇ ଲୀଳାବିଳାସ କରିଥାନ୍ତି। ତାଙ୍କର ମହିମାମୟୀ ଶକ୍ତି ପ୍ରଭାବରେ ସେହି ସବୁ ଲୀଳାସ୍ଥାନ ପବିତ୍ର ଏବଂ ମହାଶକ୍ତିଶାଳୀ ହୋଇଅଛି। ତେଣୁ ଯେକୌଣସି ସାଧକ ବା ତତ୍ତ୍ୱଜ୍ଞାନୀଙ୍କ ପକ୍ଷରେ ଏହିସବୁ ତୀର୍ଥ ଅଶେଷ କଲ୍ୟାଣକର। ଏହି ପବିତ୍ର ସ୍ଥାନରେ ପ୍ରତ୍ୟେକ ଅଣୁପରମାଣୁ ଭଗବତ୍ ଚରଣସ୍ପର୍ଶରେ ବିଶୁଦ୍ଧ ହୋଇ ତୀର୍ଥରେ ପରିଣତ ହୋଇଅଛି। ଏହିସବୁ ସ୍ଥାନ ଦର୍ଶନ ଓ ସ୍ପର୍ଶ କରି ମନୁଷ୍ୟ ପାପମୁକ୍ତ ହୁଏ।

**– ଶ୍ରୀଶ୍ରୀଠାକୁର**

# ସମର୍ପଣକାରିତା

"ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ, ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା' ଶୁଚଃ ।"

*(ଗୀତା ୧୮/୬୬)*

"ତତ୍ ପ୍ରସାଦାତ୍ ପରାଂ ଶାନ୍ତି ସ୍ଥାନଂ ପ୍ରାପ୍ସ୍ୟସି ଶାଶ୍ୱତମ୍।" *(ଗୀତା ୧୮/୬୨)*

ଯିଏ ସଂସାରରୁ ବିମୁଖ ହୋଇ କେବଳ ଭଗବାନଙ୍କ ଶରଣାପନ୍ନ ହୁଏ, ତାହାକୁ ଭଗବାନ୍ ସମସ୍ତ ପାପରୁ ମୁକ୍ତ କରିଦିଅନ୍ତି।

ଭଗବାନ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ କହିଛନ୍ତି – "ଅର୍ଜ୍ଜୁନ, ତୁମେ ସମସ୍ତ ଧର୍ମର ଆଶ୍ରୟ ଛାଡି ଏକମାତ୍ର ମୋର ଶରଣକୁ ଆସିଯାଅ, ମୁଁ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବି, ତୁମେ ଆଦୌ ଚିନ୍ତା କରନାହିଁ"।

ପ୍ରାଣାରାଧ୍ୟ ଶ୍ରୀଶ୍ରୀଠାକୁର କହିଲେ, "ମଠରେ ଯେଉଁମାନେ ଅଛନ୍ତି, ତାଙ୍କୁ ମୁଁ ଅନ୍ୟ କିଛି ଦେଇନାହିଁ, କେବଳ ସମର୍ପଣ ସାଧନା ଦେଇଛି।"

ସମର୍ପଣକାରିତା ଅର୍ଥାତ୍ ସମର୍ପଣ ସାଧନା କହିଲେ ଆତ୍ମସମର୍ପଣକୁ ବୁଝାଏ। ଆତ୍ମସମର୍ପଣର ଅର୍ଥ ଆତ୍ମବଳରେ ବଳୀୟାନ ହୋଇ ଶ୍ରୀଶ୍ରୀଠାକୁରଙ୍କ ପ୍ରତି ଆସ୍ଥାସ୍ଥାପନ ମାତ୍ର ନୁହେଁ। ଆତ୍ମସମର୍ପଣର ଅର୍ଥ – "ମୁଁ ଠାକୁରଙ୍କର" – ଏହି ଭାବ ଓ ଭାବନା ପ୍ରତି ସମ୍ପୂର୍ଣ୍ଣ ଶ୍ରଦ୍ଧା ଓ ବିଶ୍ୱାସ। ପୂର୍ଣ୍ଣ ସମର୍ପଣ ପାଇଁ ସାଧକଙ୍କର ତିନୋଟି କଥା ମନେ ରଖିବା ଆବଶ୍ୟକ।

୧. I am nothing. ଅର୍ଥାତ୍ ମୁଁ କିଛି ବି ନୁହେଁ, ମୁଁ କେବଳ ଠାକୁରଙ୍କର। ମୋର ଏକମାତ୍ର ପରିଚୟ ହେଉଛି "ମୁଁ ଠାକୁରଙ୍କ ସେବକ / ସେବିକା।"

୨. I have nothing. ଅର୍ଥାତ ଏ ସଂସାରରେ ମୋର କିଛି ହେଲେ ନାହିଁ। ଯାହା କିଛି ପ୍ରାପ୍ତ ହୋଇଛି ସେ ସବୁ ଠାକୁର ତୁମରି ଦିଆ ଦାନ।

୩. I can do nothing. ଅର୍ଥାତ୍ ମୁଁ ନିଜେ କିଛି ମଧ୍ୟ କରିପାରିବି ନାହିଁ। ମୋର ସେତିକି ଶକ୍ତି କିମ୍ବା ସାମର୍ଥ୍ୟ ନାହିଁ, ଯାହା ବଳରେ ମୁଁ କିଛି କରିପାରିବି। ଅର୍ଥାତ୍ ପ୍ରଭୁ ! ତୁମ କୃପା ବିନା ମୁଁ କିଛି ବି କରିପାରିବି ନାହିଁ।

ଶ୍ରୀଶ୍ରୀଠାକୁରଙ୍କର ବାଣୀ, "ବତ୍ସ ! ନିଜେ ଦୁର୍ବଳ ହେଲେ ମଧ୍ୟ ମନେ ରଖ, ତାଙ୍କ ଇଚ୍ଛାରେ ମୂକ ବାଚାଳ ହୁଏ ଏବଂ ପଙ୍ଗୁ ଗିରି ଲଙ୍ଘନ କରିପାରେ।"

ନିଷ୍ଠା ଓ ଶ୍ରଦ୍ଧା ସହକାରେ ମନପ୍ରାଣ ଢାଳି ଶ୍ରୀଶ୍ରୀଠାକୁରଙ୍କର ଶ୍ରୀଚରଣରେ ପୂର୍ଣ୍ଣ ମାତ୍ରାରେ ବିଶ୍ୱାସ ସ୍ଥାପନ ପୂର୍ବକ ନିଜର ସମସ୍ତ ସମର୍ପଣ କରିପାରିଲେ ଜୀବନ ଧନ୍ୟ ହୁଏ। ଯେଉଁମାନେ ଆତ୍ମ ସମର୍ପଣର ପଥ ନେଇ ଚାଲନ୍ତି, ସିଦ୍ଧି ଲାଭର ଶେଷ ପର୍ଯ୍ୟନ୍ତ ଶ୍ରଦ୍ଧା ଓ ବିଶ୍ୱାସ ରଖିବା ଉଚିତ୍। ଶ୍ରୀଶ୍ରୀଠାକୁର ତାଙ୍କ ଉପଦେଶରେ କହିଲେ, "ଆତ୍ମ ସମର୍ପଣ ପଥରେ ଯେଉଁମାନେ ଚଳିବେ, ସେମାନଙ୍କର କଳିଜା ଟାଣ ହେବା ଆବଶ୍ୟକ। ସାମାନ୍ୟ ସାମାନ୍ୟ କଥା ନେଇ ସ୍ଖଳିତ ହେବା ଉଚିତ୍ ନୁହେଁ, ଜୀବନ ବ୍ୟର୍ଥ ହେବ।" ଜୀବନର ରୂପାନ୍ତର ହୁଏ ସମର୍ପଣ ଭିତରେ। ଅହଂ ବିସର୍ଜନ କରି ନ ପାରିଲେ ଭଗବତ୍ ବିଶ୍ୱାସର ଶୁଦ୍ଧ ଆଧାର ମିଳିପାରିବ ନାହିଁ। ଭଗବତ୍ ବିଶ୍ୱାସର ବିଶୁଦ୍ଧ ଆଧାର ପ୍ରବାହିତ ହୋଇପାରେ ନାହିଁ। ସମର୍ପଣ ସାଧନ ପଥରେ ସାଧକର ମୁଖ୍ୟ ପ୍ରତିବନ୍ଧକ ହେଉଛି ଅହଂ। ତେଣୁ ସର୍ବପ୍ରଥମେ ଆତ୍ମସମୀକ୍ଷା ପୂର୍ବକ ଅହଂ ବିସର୍ଜନ କରିବାକୁ ହେବ। ଯେତେବେଳେ ଅନ୍ତରରେ କୌଣସି ବିକାର ଆସୁନଥିବ ନିଜକୁ ସମସ୍ତଙ୍କଠାରୁ ନ୍ୟୁନ ବୋଲି ଭାବନା ଆସିବ, ସେତେବେଳେ ଅହଂ ବିସର୍ଜନ ହେଲା ବୋଲି ଜାଣିବ।

ସମର୍ପଣ ପଥରେ ସାଧନା ଅନ୍ୟ କିଛି ନୁହେଁ। କେବଳ ଶ୍ରୀଗୁରୁଦେବଙ୍କ ପାଖରେ ଆତ୍ମସମର୍ପଣ। କଳିଯୁଗରେ ଏହାହିଁ ସାଧନାର ସରଳ ଓ ସହଜ ପଥ। ଦେହ ସମର୍ପଣ, ମନ ସମର୍ପଣ, ପ୍ରାଣ ସମର୍ପଣ, ବୁଦ୍ଧି ସମର୍ପଣ ତଥା ଆତ୍ମସମର୍ପଣର ସମ୍ମିଶ୍ରଣରେ ହିଁ ସମର୍ପଣ ସାଧନା ପୂର୍ଣ୍ଣ ହୋଇଥାଏ।

**ଦେହ ସମର୍ପଣ –** ଆହାର, ନିଦ୍ରା, ଭୟ ଓ ମୈଥୁନକୁ ସ୍ୱବଶରେ ରଖି କେବଳ ଠାକୁରଙ୍କ କାର୍ଯ୍ୟ ତଥା ସେବାରେ ସମର୍ପଣ କରିବା ହିଁ ଦେହ ସମର୍ପଣ।

**ମନ ସମର୍ପଣ –** ନିଜର ମନକୁ ଆୟତ୍ତରେ ରଖି ସଂଯମ ଅବଲମ୍ବନ ପୂର୍ବକ ଶ୍ରୀଗୁରୁଦେବଙ୍କୁ ଏହାକୁ ସମର୍ପଣ କରିବା ତଥା ଶ୍ରୀଗୁରୁଦେବଙ୍କ ସେବାରେ ଅର୍ପଣ କରିବା ହିଁ ମନ ସମର୍ପଣ। ସୁଖରେ ଲିପ୍ତ ହୋଇ ଠାକୁରଙ୍କର ସେବା ନ କରିବା ଏହି ଭାବନାକୁ ଜୟ କରିବା ହିଁ ମନୋମୟ କୋଷର ଜୟ।

**ପ୍ରାଣ ସମର୍ପଣ –** ପ୍ରାଣମୟ କୋଷ ଉପରେ ବିଜୟପ୍ରାପ୍ତ ପୂର୍ବକ ଦୁଃଖ ସମୟରେ ମ୍ରିୟମାଣ ନ ହୋଇ ସେସବୁ ଠାକୁରଙ୍କର ଦାନ ବୋଲି ଭାବିବା। ଦୁଃଖରେ ବିଚଳିତ ନ ହୋଇ ଠାକୁରଙ୍କର କାର୍ଯ୍ୟ କରିବା ହିଁ ପ୍ରାଣମୟ କୋଷର ଜୟ। ଅର୍ଥାତ୍ ଯେତେ ସୁଖର ସମୟ ଆସୁ ବା ଯେତେ ଦୁଃଖ ପଡୁ, ସ୍ଥିର, ଅବିଚଳିତ, ସ୍ଥିତପ୍ରଜ୍ଞ ଅବସ୍ଥା ପ୍ରାପ୍ତ ପୂର୍ବକ ଠାକୁରଙ୍କର ସେବା କରିବା। ପ୍ରାଣ ଦେଇ ଠାକୁରଙ୍କୁ ପାଇବା। ସେଥିପାଇଁ କୁହାଯାଏ, "Love is the highest form of positive emotion."

**ବୁଦ୍ଧି ସମର୍ପଣ –** ନିଜର ବିଦ୍ୟା, ବୁଦ୍ଧି, ବିଚାରଶକ୍ତି, ପ୍ରତିପତ୍ତି ସମସ୍ତ ଅବିଚାରରେ ଶ୍ରୀଗୁରୁଦେବଙ୍କ ଶ୍ରୀଚରଣରେ ସମର୍ପଣ କରିବା। ଶ୍ରୀଗୁରୁଦେବହିଁ ଏକମାତ୍ର ସତ୍ତା, ସେ ଅଦ୍ୱିତୀୟ, ତାଙ୍କ କୃପା ବ୍ୟତୀତ ଅମ୍ଭମାନଙ୍କର ଅନ୍ୟକିଛି ଅବଲମ୍ବନ ନାହିଁ। ଭଗବାନ ବା ଗୁରୁଙ୍କ ନିକଟରେ ପାର୍ଥିବ କୌଣସି ଜିନିଷ ଯେପରି ପ୍ରାର୍ଥନା କରା ନ ଯାଏ। ଏକମାତ୍ର ତାଙ୍କୁ ପାଇଲେ ହିଁ ସବୁକିଛି ପ୍ରାପ୍ତ ହୁଏ।

**ଆତ୍ମ ସମର୍ପଣ –** "ତମ ଇଚ୍ଛା ସଙ୍ଗେ ମୋର କ୍ଷୁଦ୍ର ଇଚ୍ଛା ହୋଇଯାଉ ସଦାଲୀନ।"

ମୋର କୌଣସି ସ୍ୱତନ୍ତ୍ର ଇଚ୍ଛା ନାହିଁ, ଠାକୁରଙ୍କର ଇଚ୍ଛା ହିଁ ମୋର ଇଚ୍ଛା ଏହି ଭାବ ଓ ଭାବନାର ଅନ୍ୟ ନାମ ହିଁ ଆତ୍ମ ସମର୍ପଣ।

ଶ୍ରୀଶ୍ରୀଠାକୁରଙ୍କର ଭାଷାରେ "ଯେଉଁମାନେ କାୟମନୋବାକ୍ୟରେ ସ୍ୱ ସ୍ୱ ଗୁରୁଙ୍କଠାରେ ଆତ୍ମ ସମର୍ପଣ କରିଛନ୍ତି, ତାଙ୍କୁ ହିଁ ଆଶ୍ରୟ କରିଛନ୍ତି, ଗୁରୁଙ୍କ ପ୍ରିୟ କର୍ମ ଅନୁଷ୍ଠାନ ଅର୍ଥାତ୍ ଗୁରୁସେବା କରୁଛନ୍ତି, ସେମାନେ ଅଜ୍ଞାନୀ ମୂର୍ଖ ହୁଅନ୍ତୁ, ବିବେକ-ବୈରାଗ୍ୟ ନ ଥାଉ, ଏପରିକି ଭୋଗସକ୍ତି ଥିଲେ ମଧ୍ୟ ସେମାନଙ୍କର ଗୁରୁଙ୍କର ଯେଉଁ ଗତି ହେବ, ସେମାନଙ୍କର ମଧ୍ୟ ସେହି ଗତି ହୋଇଥାଏ।"

ସମର୍ପଣକାରିତାର ଅର୍ଥ ପୂର୍ଣ୍ଣ ପ୍ରାଣରେ ସମର୍ପଣ କରିବା ଠାକୁରଙ୍କୁ ସର୍ବସ୍ୱ ସମର୍ପଣ ଅର୍ଥ ତାଙ୍କର ବାଣୀ, ଉପଦେଶ ଏବଂ ତାଙ୍କ ପ୍ରଦର୍ଶିତ ମାର୍ଗକୁ ଅବଲମ୍ବନ ପୂର୍ବକ ଜୀବନଯାପନ କରିବା। କାୟମନୋବାକ୍ୟରେ ଶ୍ରୀଗୁରୁଦେବଙ୍କୁ 'କର୍ତ୍ତା' ରୂପରେ ବରଣ କରି – ଅର୍ଥାତ୍ ସେ ଯେ କେବଳ 'ଗୃହକର୍ତ୍ତା' ବା 'ସଂଘ ପ୍ରତିଷ୍ଠାତା' ନୁହଁନ୍ତି, ଆମ ଜୀବନର କର୍ତ୍ତା, ଧର୍ତ୍ତା ଭାବରେ ମାନି ଚଳିବା ହିଁ ପୂର୍ଣ୍ଣ ସମର୍ପଣକାରିତା। ପୂର୍ଣ୍ଣ ରୂପରେ ଠାକୁରଙ୍କ ସ୍ୱରୂପ ବୁଝି ତାଙ୍କ ନିକଟରେ ଆତ୍ମସମର୍ପଣ କରିବା।

ଶ୍ରୀଶ୍ରୀଠାକୁର କହିଛନ୍ତି "ଶ୍ରୀଗୁରୁଦେବଙ୍କ ଉପରେ ଯଥାର୍ଥ ନିର୍ଭର କରିପାରିଲେ ସର୍ବାର୍ଥ ସିଦ୍ଧ ହୋଇଥାଏ – ଏହା ଏକାବେଳକେ ଧ୍ରୁବ ସତ୍ୟ। ଯଦି ତୁମର କୌଣସି ସାଧନରେ ପ୍ରବୃତ୍ତି ନ ଥାଏ, ତେବେ ସର୍ବାନ୍ତଃ କରଣରେ ମୋ ଉପରେ ନିର୍ଭର କର। ମୋ ଉପରେ ସବୁ ଭାର ଛାଡ଼ିଦିଅ, ସର୍ବାବସ୍ଥାରେ ମୋର ଶରଣାପନ୍ନ ହୁଅ। ମୋତେ ଟିକିଏ ସୁଖ ପାଇବାକୁ ଅଭ୍ୟାସ କର, ତାହାହେଲେ ସବୁ ହେବ, ସବୁ ପାଇବ।"

ପରିଶେଷରେ, "ଆମେ ସମର୍ପିତ ହେବା ବା କିପରି ?" ଆମ ଅନ୍ତରରେ, ଭାବନାରେ ଥିବା "'ମୁଁ' ଟିକୁ ଯଦି ତାଙ୍କୁ ପୂର୍ଣ୍ଣପଣରେ ସମର୍ପଣ କରି ଦେଇପାରିବା, ତେବେ ଆମେ ସମର୍ପିତ ହୋଇଯିବା – ଏହାହିଁ ସମର୍ପଣ ସାଧନାର ଶେଷ ଧାଡ଼ି।"

ପ୍ରଭୁ !
କିଛି ନାହିଁ ଜାନି,
ତୁମି ଆଛ, ଆମି ଆଛି ଜାନି।"
– ଏହା ହିଁ ମୋର ସମର୍ପଣ ସାଧନା ହେଉ।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତା
**ଶ୍ରୀମତୀ ଯଶସ୍ୱିନୀ ମହାନ୍ତି**
ପୁନେ ଶାଖା ସଂଘ

# ଏ ଜୀବନ ତୁମ ସେବାରେ

କେତେ ଜନ୍ମର ପୁଣ୍ୟ ବଳରେ ଆମେ ଶ୍ରୀଶ୍ରୀଠାକୁରଙ୍କର ଶ୍ରୀଚରଣରେ ସ୍ଥାନ ପାଇଛୁ । ସବୁବେଳେ ଆମେ ତାଙ୍କର କରୁଣା ପାଇବାପାଇଁ ବ୍ୟାକୁଳ । ଶ୍ରୀଶ୍ରୀଠାକୁର ସଦାସର୍ବଦା ତାଙ୍କର କରୁଣା ଆମ ଉପରେ ବର୍ଷା କରି ଚାଲିଛନ୍ତି । କିନ୍ତୁ ଆମେ ମାଠିଆକୁ ତଳମୁହାଁ କରି ରଖିଛୁ । କରୁଣାମୟଙ୍କର କରୁଣା ଧରି ରଖିପାରିବା କିପରି ? ସେହି କରୁଣାକୁ ପାଥେୟ କରି ଜୀବନଯାତ୍ରାର ବନ୍ଧୁର ପଥରେ ଚାଲିବା କିପରି ? ଆଜି ପର୍ଯ୍ୟନ୍ତ ମୋର ଜୀବନ ପଥରେ ଅନେକ ଉଠାଣି ଗଡ଼ାଣି ଆସିଛି । ଜୀବନର ପ୍ରତ୍ୟେକ ସୁଖ ଦୁଃଖରେ ଶ୍ରୀଶ୍ରୀଠାକୁର ପାଖରେ ରହି ସବୁବେଳେ କିପରି ରକ୍ଷା କରିଆସିଛନ୍ତି, ସେହି ଜୀବନର ଏକ ଅନୁଭୂତି ଲେଖିବାକୁ ଯାଉଛି । ବାହାଘର ପରେ ୧୯୯୫ ମସିହା ମାର୍ଚ୍ଚ ମାସରେ ମୁଁ USA ଆସିଥିଲି । ୧୯୯୮ ମସିହାରେ ମୋର ପ୍ରାଇମେରି କେୟାର ଡାକ୍ତର କହିଲେ ମୋତେ SLE (Systemic Lupus Exythematosus) ହୋଇଛି । ଏହା ଏକ Auto immune disease. ଏହି ରୋଗରେ ଶରୀରର ପ୍ରତିରୋଧକ ଶକ୍ତି ସବୁ ଭାଇଟାଲ ଅରଗାନ୍‌କୁ ଆଟାକ୍ କରେ । ଅଧିକାଂଶ ସ୍ଥଳରେ ଏହି ରୋଗ କିଡ଼ିନ୍‌କୁ ଆଟାକ୍ କରେ । ତାପରେ ୨୦୦୦ ମସିହା ଡିସେମ୍ବର ମାସରେ ମୋର ବହୁତ ଦେହ ଖରାପ ହେଲା, ଗୋଡ଼ ଦୁଇଟା ଖୁବ୍ ଜୋର୍‌ରେ ଫୁଲିଗଲା । Kidney biospy ପରେ ଜଣାପଡ଼ିଲା, Lupus ମୋ କିଡ଼ିନ୍‌କୁ ଆକ୍ରମଣ କରିଛି ଏବଂ କିଡ଼ିନ୍‌ର ପ୍ରୋଟିନ୍ ଲିକ୍ ହେଉଛି । ନେଫ୍ରୋଲୋଜିଷ୍ଟ୍ କହିଲେ ପ୍ରୋଟିନ୍ ଲିକ୍ ବନ୍ଦ କରିହେବ ନାହିଁ । ଏହା ଧୀରେ ଧୀରେ କିଡ଼ିନ୍ ଡ୍ୟାମେଜ୍ କରି ଚାଲିବ ଏବଂ କିଛି ବର୍ଷପରେ dialysis ଦରକାର ହେବ । ଏପରି ଏକ ରୋଗ ବିଷୟରେ ମୁଁ କେବେ ଶୁଣି ନ ଥିଲି, କିନ୍ତୁ ଡାଇଲିସିସ୍ କଥା ଶୁଣି ମୋତେ ଖୁବ୍ ଡର ଲାଗିଲା । କାନ୍ଦି କାନ୍ଦି ଶ୍ରୀଶ୍ରୀଠାକୁରଙ୍କ ଆସନରେ ଜଣାଇଲି । ରାତିରେ ସ୍ୱପ୍ନ ଦେଖିଲି ଗୋଟିଏ ହାତ ଆସି ମୋ ମୁଣ୍ଡ ଉପରେ ରହିଲା ତାପରେ ମନ ଅନେକ ପରିମାଣରେ ଶାନ୍ତ ହୋଇଗଲା । ଏହିପରି ୧୨ ବର୍ଷ ବିତିଗଲା । ୨୦୧୨ ମସିହା ସେପ୍ଟେମ୍ବର ମାସରେ ନେଫ୍ରୋଲୋଜିଷ୍ଟ କହିଲେ ମୋର କିଡ଼ିନ୍ ମାତ୍ର ୧୦% କାମ କରୁଛି । ମୋର ୬ ମାସ ଭିତରେ ଡାଇଲିସିସ୍ ଦରକାର ହେବ । ମୁଁ ଦୁଃଖରେ ଭାଙ୍ଗିପଡ଼ିଲି । ପ୍ରଥମରୁ ଡାକ୍ତର କହିଥିଲେ ପ୍ରୋଟିନ୍ ଓ ଲୁଣ କମ୍ ଖାଇବା ଦରକାର । ମୋ ସ୍ୱାମୀ ନିରାମିଶ ଭୋଜନ କରୁଥିଲେ, ତେଣୁ ବାହାଘର ପରେ ମୁଁ ଆମିଷ ଖାଇବା ଛାଡ଼ି ଦେଇଥିଲି । ତାପରେ ଖାଇବା ପୁରା କଣ୍ଟ୍ରୋଲ କଲି ଏବଂ ଅଲଗା ଖାଇବା ଆରମ୍ଭ କଲି । ଯେଉଁ କିଡ଼ିନ୍ ମାତ୍ର ୬ ମାସ କାମ କରିବ ବୋଲି ଡାକ୍ତର କହୁଥିଲେ ସେହି କିଡ଼ିନ୍ ଆହୁରି ୬ ବର୍ଷ କାମକଲା । ନିରାମିଷ ଭୋଜନ ଦ୍ୱାରା ଏହା ସମ୍ଭବ ହୋଇଥିଲା । ମନେଅଛି ମୋ ବଡ଼ମାଇଁ (ଚୈତନ୍ୟ ଭାଇଙ୍କ ବଡ଼ ଝିଅ ମନା ମା') ମତେ ସବୁବେଳେ କହୁଥିଲେ ଆମିଷ ଭୋଜନ ଛାଡ଼ିବା ପାଇଁ । ମୋ ସ୍ୱାମୀ ନିରାମିଷାଶି ଥିବାରୁ ବାହାଘର ପରେ ମୁଁ ମଧ୍ୟ ଆମିଷ ଛାଡ଼ି ଦେଇଥିଲି । ମୋର କିଡ଼ିନ୍ ଖରାପ ହେବା, ଏହାକି ଠାକୁରଙ୍କର ପୂର୍ବ ପ୍ରସ୍ତୁତି ନଥିଲା ? ୨୦୧୮ ମସିହା ଡିସେମ୍ବର ମାସରେ ମୋର ପ୍ରଥମ ହାର୍ଟଆଟାକ୍ ହେଲା । Heart catheterization ହୋଇ ୨ଟି stent ଲାଗିଲା । ତା'ପରେ ଡାକ୍ତର କହିଲେ କିଡ଼ିନ୍ ଆଉ କାମ କରୁ ନାହିଁ ତେଣୁ ଡାଇଲିସିସ୍ ଆରମ୍ଭ ହେବ । ସେହି ସମୟରେ ମୋର ପେଟରେ ଟ୍ୟୁମର ଡିଟେକ୍ଟ ହୋଇ ମେଜର୍ ସର୍ଜରୀ କରିବାପାଇଁ ସ୍ଥିର ହୋଇଥିଲା । ଶ୍ରୀଶ୍ରୀଠାକୁରଙ୍କୁ ଜଣାଇ ମୁଁ ମନକୁ ଦୃଢ଼ କରିନେଲି । ଯେହେତୁ ପେଟରେ ସର୍ଜରୀ ହେବ, ତେଣୁ କିଛି ମାସପାଇଁ Hemodialysis କରିବାପାଇଁ ସ୍ଥିର କରାହେଲା । ହେମୋଡ଼ାଇଲିସିସ୍ ଆରମ୍ଭ ହେବାର ୨/୩ ମାସ ପୂର୍ବରୁ ହାତରେ ଏକ ଛୋଟ ସର୍ଜରି କରାହୋଇ Arteri ଏବଂ Veinକୁ Join କରାଯାଇ ଦେହରୁ ରକ୍ତ ବାହାର କରିବାପାଇଁ Access Point ପ୍ରସ୍ତୁତ କରାଯାଏ ।

ଏହାକୁ Artriovenous fistula କୁହାଯାଏ ଏବଂ ସର୍ଜରି ପରେ ଏହା mature ହେବାପାଇଁ ୨/୩ ମାସ ଲାଗିଥାଏ । ହେମୋଡ଼ାଇଲିସିସ୍ ଅତ୍ୟନ୍ତ କଷ୍ଟଦାୟକ । Fistulaରେ ଦୁଇଟି ବଡ଼ ଛୁଞ୍ଚି ଫୋଡ଼ାହୁଏ ଏବଂ ପ୍ରତ୍ୟେକ ଛୁଞ୍ଚିରେ ଏକ Tube ଲାଗିଥାଏ । ଗୋଟିଏ ଟ୍ୟୁବ୍‌ରେ ଦେହରୁ ରକ୍ତ କଢ଼ାହୋଇ ଡାଇଲିସିସ୍ ମେସିନ୍‌ରେ ରକ୍ତ ପରିଷ୍କାର ହୁଏ ଏବଂ ଅନ୍ୟ ଟ୍ୟୁବ୍‌ରେ ପରିଷ୍କାର ରକ୍ତ ଦେହକୁ ଯାଏ । ହେମୋଡ଼ାଇଲିସିସ୍ ସପ୍ତାହକୁ ୨/୩ ଥର କରାହୁଏ । ଦେହରେ ଜମା ହୋଇଥିବା ୨-୩ଲିଟର fluid ମାତ୍ର ୪ ଘଣ୍ଟାରେ କଢ଼ା ହୁଏ, ତେଣୁ body ଉପରେ ଅତ୍ୟଧିକ stress ପଡ଼େ । ବ୍ଲଡ୍‌ପ୍ରେସର ହଠାତ୍ କମିଯାଏ, Muscle cramp ହୁଏ, ଯାହା ଅତ୍ୟନ୍ତ କଷ୍ଟଦାୟକ । ରୋଗୀ ଖୁବ୍ ଥକିଯାଏ । ଯେହେତୁ ମୋର ହେମୋଡ଼ାଇଲିସିସ୍ ଅଳ୍ପ କିଛି ମାସ କରିବା ପାଇଁ ସ୍ଥିର ହୋଇଥିଲା ଏବଂ ଫିଷ୍ଟୁଲା ପାଇଁ ସମୟ ନଥିଲା, ଛାତିର ଉପର ଭାଗରେ ଏକ କଣା କରାହୋଇ ୨ଟି ଟ୍ୟୁବ୍ ଲାଗିଲା । ହେମୋଡ଼ାଇଲିସିସ୍

ସମୟରେ ମୋ ଦେହରେ ଛୁଞ୍ଚି ଫୋଡ଼ା ନହୋଇ, ଛାତିରେ ଲାଗିଥିବା ଟ୍ୟୁବ୍‌କୁ ଡାଇଲିସିସ୍ ମେସିନ୍‌ରେ କନେକ୍ଟ କରାହେଲା। ଶ୍ରୀଶ୍ରୀଠାକୁରଙ୍କ କୃପାରୁ ବିନା କୌଣସି କଷ୍ଟରେ ୭ ମାସ ପର୍ଯ୍ୟନ୍ତ ହେମୋଡ଼ାଇଲିସିସ୍ ଚାଲିଲା। ପେଟରେ ହୋଇଥିବା ସର୍ଜରୀ ଭଲହେବା ପରେ, ହେମୋଡ଼ାଇଲିସିସ୍ ବନ୍ଦ କରାହୋଇ Peritoneal dialysis ଆରମ୍ଭ ହେଲା। Peritoneal dialysis ପେଟର ନାଭି ପାଖରେ ସର୍ଜରୀ କରି ଏକ ପ୍ଲାଷ୍ଟିକ୍ ଟ୍ୟୁବ୍ ଲଗାଯାଏ। ରାତିରେ ଶୋଇବା ପୂର୍ବରୁ ସେହି ଟ୍ୟୁବ୍‌କୁ ଡାଇଲିସିସ୍ ମେସିନ୍‌ରେ କନେକ୍ଟ କରାଯାଏ। ମେସିନ୍ ଦ୍ୱାରା ପେଟରେ ରକ୍ତ ପରିଷ୍କାର କରିବାପାଇଁ ଏକ solution ଭର୍ତ୍ତି କରାଯାଏ ଏବଂ ଦେଢ଼ଘଣ୍ଟା ପରେ ମେସିନ୍ ସେହି Solution ପେଟରୁ ବାହାର କରେ। ଏହି ପ୍ରକ୍ରିୟା ୧୨/୧୩ ଘଣ୍ଟା ପର୍ଯ୍ୟନ୍ତ ଚାଲିଥାଏ। ଥରେ ମେସିନ୍‌ରେ କନେକ୍ଟ ହେଲାପରେ ରୋଗୀକୁ କିଛି କରିବାକୁ ପଡ଼େ ନାହିଁ। ରୋଗୀ ରାତିରେ ଶୋଇଥିବା ସମୟରେ ମେସିନ୍ ରକ୍ତ ପରିଷ୍କାର କରୁଥାଏ।

ହେମୋଡ଼ାଇଲିସିସ୍ ସପ୍ତାହରେ ୩ଦିନ କରାଯାଏ। କିନ୍ତୁ Peritoneal Dialysis ପ୍ରତ୍ୟେକ ଦିନ କରାଯାଏ। ହେମୋଡ଼ାଇଲିସିସ୍‌ରେ ବଡ଼ିରେ ୨ ଦିନ ଧରି ଜମା ହୋଇଥିବା ଫ୍ଲୁଇଡ୍‌କୁ ୪ ଘଣ୍ଟାରେ ବାହାର କରାଯାଏ, କିନ୍ତୁ ପେରିଟୋନିଆଲ ଡାଇଲିସିସ୍‌ରେ ଗୋଟିଏ ଦିନର ଫ୍ଲୁଇଡ୍ ୧୨/୧୩ ଘଣ୍ଟାରେ ବାହାର କରାଯାଏ। ସେଥିପାଇଁ ବଡ଼ି ଉପରେ ଖୁବ୍ କମ୍ ଷ୍ଟ୍ରେସ୍ ପଡ଼େ ଏବଂ ରୋଗୀ ବେଶୀ ଟାଏଡ୍ ହୁଏ ନାହିଁ। ପେରିଟୋନିଆଲ ଡାଏଲିସିସ୍ ଏକ Time consuming କିନ୍ତୁ Painless Process। ଏଥିରେ ଛୁଞ୍ଚି ଫୋଡ଼ାର କଷ୍ଟ ନ ଥାଏ ଏବଂ blood pressure ହଠାତ୍ କମିଯିବା, Muscle crampରୁ ଆଶଙ୍କା ଖୁବ୍ କମ୍ ଥାଏ। କିନ୍ତୁ Peritoneal dialysis ସବୁ patientଙ୍କ ପାଇଁ କାମ କରେ ନାହିଁ। ଶ୍ରୀଶ୍ରୀଠାକୁରଙ୍କ କୃପାରୁ peritoneal dialysis ମୋ ପାଇଁ କାମ କରିଥିଲା। ପରେ ଡାଇଲିସିସ୍ ମେସିନ୍ ରଖି ପ୍ରତ୍ୟେକ ଦିନ ୧୨/୧୩ ଘଣ୍ଟା ମେସିନ୍‌ରେ ମୁଁ କନେକ୍ଟ ହୋଇ ରହୁଥିଲି। ସକାଳବେଳା ମେସିନ୍‌ରେ କନେକ୍ଟ ହୋଇ ଅଫିସ୍ କାମ କରୁଥିଲି। ମୋ ମା ବନଲତା ଆମ ପାଖରେ USAରେ ରହନ୍ତି। କିଛିବର୍ଷ ତଳେ ତାଙ୍କୁ Parkinson's disease ହେଲା। ଠିଆ ହେଲେ କିମ୍ବା ଚାଲିଲାବେଳେ ବାଲାନ୍ସ ହରାଇ ସେ ପ୍ରାୟ ପଡ଼ିଯାଆନ୍ତି। ତେଣୁ ପ୍ରାୟ ଚଲାବୁଲା କରିପାରନ୍ତି ନାହିଁ। ତାଙ୍କର ମଧ୍ୟ ଯତ୍ନ ନେବାକୁ ହୁଏ। ମା'ଙ୍କୁ ନେଇ ଖାଇବାକୁ ଦେବା, ଔଷଧ ଦେବା, ଡାକ୍ତର ପାଖକୁ ନେବା ଏବଂ Emergencyରେ ଡାକ୍ତରଖାନା ନେବା– ଏସବୁ କାମ ମୁଁ କରୁଥିଲି। ସେଥି ସହିତ ମୋର ନିଜର ମଧ୍ୟ ପ୍ରତ୍ୟେକ ସପ୍ତାହରେ ପ୍ରାୟ ୨/୩ଟି Lab ଏବଂ Doctor appointment ରହିଥାଏ। ମୁଁ ସକାଳେ କିଛି ଘଣ୍ଟା ଡାଇଲିସିସ୍ ମେସିନ୍‌ରେ କନେକ୍ଟ ଥିବାରୁ ମୋ ସ୍ୱାମୀ ଅଫିସ୍ ଯିବା ପୂର୍ବରୁ ବ୍ରେକ୍‌ଫାଷ୍ଟ ଚା ତିଆରି କରି ମା'ଙ୍କୁ ଦେଉଥିଲେ। ୨୦୧୯ ଡିସେମ୍ବର ମାସରେ ମୋର ଦ୍ୱିତୀୟ ହାର୍ଟଆଟାକ୍ ହୋଇ ଆଉ ଏକ ଷ୍ଟେଣ୍ଟ ଲାଗିଥିଲା। ଏସବୁ ଭିତରେ ମଧ୍ୟ ମୁଁ ମୋର କର୍ତ୍ତବ୍ୟ କର୍ମ ଅବ୍ୟାହତ ରଖିଥିଲି। ଜଣେ ଡାଇଲିସିସ୍ ପେସେଣ୍ଟ ଫୁଲ ଟାଇମ୍ Job କରି, ଘର ପରିବାର ସମ୍ଭାଳି, ଏକ ରୋଗୀର ଯତ୍ନ ନେଇପାରିବା– ଏପରି ଏକ ଉଦାହରଣ ଆପଣମାନେ ଦେଖିଛନ୍ତି କି ? ଏହା ଶ୍ରୀଶ୍ରୀଠାକୁରଙ୍କର କୃପା ନୁହେଁ ତ ଆଉ କ'ଣ ? ମୋ ମା'ଙ୍କ ଦେହ ଖରାପ ବୋଲି ମୋ କମ୍ପାନୀ ମଧ୍ୟ ଘରେ ରହି କାମ କରିବାକୁ ମତେ ଅନୁମତି ଦେଇଥାଏ।

କୃପାମୟଙ୍କ କୃପାର ପଟାନ୍ତର ନାହିଁ। ଶ୍ରୀଶ୍ରୀଠାକୁରଙ୍କ ବହିରେ ପଢ଼ିଛୁ– ଶ୍ରୀଗୁରୁଙ୍କ କୃପାବଳେ "ଭବ ସାଗର ଦୁସ୍ତର ପାଲଟେ ଗୋଷ୍ପଦ ଛାର"। ଏହି ବାକ୍ୟର ସତ୍ୟତା ମୁଁ ମର୍ମେମର୍ମେ ଅନୁଭବ କରିଥିଲି। ମୋର ପ୍ରାରବ୍ଧ ଥିଲା ଡାଇଲିସସ୍ ହେବ, କିନ୍ତୁ ଡାଇଲିସିସ୍ କଷ୍ଟ ମୁଁ କେବେ ଅନୁଭବ କରିନଥିଲି। ଏହିପରି ସାଢ଼େ ଚାରିବର୍ଷ ବିତିଗଲା। ୨୦୨୦ ମସିହା ଡିସେମ୍ବର ମାସରେ ମୋର ଡାଇଲିସିସ୍ ଆରମ୍ଭ ହୋଇଥିଲା। ମୁଁ ଏଠାରେ Kidney Transplant Hospitalରେ ରେଜିଷ୍ଟ୍ରେସନ୍ କରିଥିଲି। ଏଠାରେ ଲକ୍ଷ ଲକ୍ଷ ଲୋକ କିଡ଼ିନ୍ ପାଇବା ପାଇଁ ଅପେକ୍ଷା କରିଥାନ୍ତି। ଯେତବେଳେ Kidney available ହୁଏ ଯେଉଁ ପେସେଣ୍ଟମାନଙ୍କର ନାମ ତାଲିକା ଉପରେ ଥାଏ ସେମାନଙ୍କର blood group, doner blood group ସାଙ୍ଗରେ ମ୍ୟାଚ୍ କରାଯାଏ। ଏହା ମ୍ୟାଚ୍ ହେଲା ପରେ ହସ୍‌ପିଟାଲ୍ ପେସେଣ୍ଟଙ୍କୁ ଫୋନ୍ କରି କିଡିନ୍ ଅଫର୍ କରନ୍ତି। ସେହି ଫୋନ୍ ଦିନରେ କିମ୍ବା ରାତିରେ ଯେକୌଣସି ସମୟରେ ଆସିପାରେ। କିଡ଼ିନ୍ ପାଇଁ ରେଜିଷ୍ଟ୍ରେସନ୍ କଲା ସମୟରେ ସେମାନେ ଫୋନ୍‌କୁ ସବୁବେଳେ ଅନ୍ ରଖିବାପାଇଁ ଆଡ୍‌ଭାଇସ୍ ଦେଇଥାନ୍ତି। ଯେତେବେଳେ କିଡିନ୍ ପାଇଁ ଫୋନ୍ ଆସେ, ପେସେଣ୍ଟ ଯଦି ନ ଉଠାଏ, ସେମାନେ ଭଏସ୍ ମେଲ୍ ମେସେଜ୍ ଛାଡ଼ନ୍ତି। ୨ ଘଣ୍ଟା ଭିତରେ ଯଦି ପେସେଣ୍ଟ ଠାରୁ ଫୋନ୍ ନ ଆସେ ତେବେ ସେହି କିଡ଼ିନ୍ ୱେଟିଂ ଲିଷ୍ଟରେ ଥିବା Next ପେସେଣ୍ଟଙ୍କୁ ଅଫର୍ କରାଯାଏ। କିଡିନ୍ ଟ୍ରାନସ୍‌ପ୍ଲାଣ୍ଟ ପାଇଁ କନ୍‌ସିଡର୍ କରିବା ପୂର୍ବରୁ ଅନେକ ପ୍ରକାର ଟେଷ୍ଟ କରିବା ପାଇଁ କୁହନ୍ତି ଏବଂ ସେହି ତାଲିକାରେ। ହାର୍ଟ

ପାଇଁ ଟେଷ୍ଟ ମଧ୍ୟ ଥାଏ। ହାର୍ଟ ପାଇଁ EKG, Echocardiogram ଏବଂ nuclear stress test କରାଯାଏ। ମୁଁ କାର୍ଡିଓଲୋଜିଷ୍ଟ ପାଖକୁ ଯାଇ ସବୁ ଟେଷ୍ଟ କରାଇଥିଲି। କିନ୍ତୁ ଷ୍ଟ୍ରେସ୍ ଟେଷ୍ଟ ସେମାନେ Artifacts ଦେଖିଥିଲେ। Artifacts ଥିଲେ ସେମାନେ ଷ୍ଟ୍ରେସ୍ ଟେଷ୍ଟର ରେଜେଲ୍ଟ ସେମାନେ ଠିକ୍ ଭାବରେ interpret କରିପାରନ୍ତି ନାହିଁ। ସେଥିପାଇଁ cardiologist ମଧ୍ୟ Kidney Transplant ପାଇଁ clearance ଦେଇନଥିଲେ ଆଉଥରେ ଆସି ଷ୍ଟ୍ରେସ୍ ଟେଷ୍ଟ କରିବାପାଇଁ କହିଥିଲେ ଏବଂ ମୁଁ ମଧ୍ୟ ଆଉଥରେ ଷ୍ଟ୍ରେସ୍ ଷ୍ଟେଟ୍ କରି ରେଜଲ୍ଟ ଅପେକ୍ଷାରେ ଥିଲି। Transplant Clinicରେ କହିଥିଲେ କାର୍ଡିଓଲୋଜିଷ୍ଟ ଠାରୁ କ୍ଲିୟରାନ୍ସ ନ ଆସିବା ପର୍ଯ୍ୟନ୍ତ ତୁମକୁ କିଡିନ୍ ଅଫର୍ କରାଯିବ ନାହିଁ। ତେଣୁ ମୁଁ ଫୋନ୍‌କୁ Do not disturb modeରେ ରଖି ରାତିରେ ଶୋଇଥିଲି।

ସେଦିନ ଥାଏ ଜୁନ୍ ୨୫, ୨୦୨୩ ରବିବାର। ସେଦିନ ସକାଳୁ କିଡିନ୍ ଟ୍ରାନ୍ସପ୍ଲାଣ୍ଟ ହସ୍‌ପିଟାଲ୍‌ରୁ ମୋ ପାଖକୁ କିଡିନ୍ ଅଫର୍ ପାଇଁ ଫୋନ୍ ଆସିଛି। କିନ୍ତୁ ମୋ ଫୋନ୍ ଡୁ ନଟ୍ ଡିଷ୍ଟ୍ରବ୍ ମୋଡ଼ରେ ଥିବାରୁ ମୁଁ ଜାଣିପାରି ନଥିଲି। ସେମାନେ ମୋ ସ୍ୱାମୀଙ୍କୁ ମଧ୍ୟ ଫୋନ୍ କରିଛନ୍ତି। ସେ ଚାଲିବା ପାଇଁ ପାର୍କ ଯାଇଥିଲେ ଏବଂ ଫୋନ୍ ରିସିଭ୍ କରିନଥିଲେ। କିଡିନ୍ ସର୍ଜନ୍ ଯେତେବେଳେ ଶୁଣିଲେ ମୁଁ ଫୋନ୍ ଉଠାଇ ନାହିଁ, ସେ ସାଙ୍ଗେ ସାଙ୍ଗେ ତାଙ୍କ ଝିଅକୁ ଫୋନ୍ କରି କହିଲେ ମୋ ପୁଅ ସାର୍ଥକକୁ ଜଣାଇବା ପାଇଁ। କିଡ଼ିନ୍ ସର୍ଜନଙ୍କ ଝିଅ ମୋ ପୁଅ ସାର୍ଥକର ଖୁବ୍ ଭଲ ସାଙ୍ଗ ଆମେ ଯେଉଁ ହାଉସିଂ କମ୍ପ୍ଲେକ୍ସରେ ରହୁ ସେମାନେ ମଧ୍ୟ ସେଠାରେ ରହନ୍ତି। ସେହି କିଡ଼ିନ୍ ସର୍ଜନ ହେଉଛନ୍ତି ଟେକ୍ସସାସ୍, ୟୁଏସ୍‌ଏର ସବୁଠାରୁ ନାମଜାଦା କିଡ଼ିନ୍ ସର୍ଜନ୍, ସେମାନେ ଚାଇନିଜ୍ ଲୋକ। ସେତେବେଳେ ସାର୍ଥକ ଘରେ ନଥିଲା। ସେ ଘରଠାରୁ ୩୦୦୦ ମାଇଲ ଦୂର Vermontରେ Summer Intership କରୁଥିଲା। ସର୍ଜନ୍‌ଙ୍କ ଝିଅ ସାର୍ଥକକୁ ଫୋନ୍ କରି କହିଲା କିଡିନ୍ ଟ୍ରାନ୍ସପ୍ଲାଣ୍ଟ ହସ୍‌ପିଟାଲରୁ ଫୋନ୍ ଆସୁଛି, ତୋ ମା ଫୋନ୍ ଉଠାଇ ନାହାନ୍ତି। ତାଙ୍କୁ କହି ଶୀଘ୍ର ଟ୍ରାନ୍ସପ୍ଲାଣ୍ଟ ହସ୍‌ପିଟାଲକୁ ଫୋନ୍ କରିବେ। ସାର୍ଥକ ମତେ ଫୋନ୍ କଲା, କିନ୍ତୁ ମୁଁ ନିଦରେ ଶୋଇପଡ଼ିଥିଲି, ତା ଫୋନ୍ ମଧ୍ୟ ଉଠାଇ ନାହିଁ। ତା'ପରେ ସାର୍ଥକ ଆମର ପଡ଼ୋଶୀ ଜଣେ ଓଡ଼ିଆ ଲୋକଙ୍କୁ ଡାକି ମତେ ଜଣାଇବାକୁ କହିଲା। ସେ ଭଦ୍ରଲୋକ ଅଧଘଣ୍ଟା କାଳ ଆମ ଘର ସାମ୍ନାରେ କଲିଂବେଲ୍ ବଜାଇ ଚାଲିଛନ୍ତି। ମୁଁ କବାଟ ଖୋଲିଲି। ସେ ମତେ ଶୀଘ୍ର ଟ୍ରାନ୍ସପ୍ଲାଣ୍ଟ ହସ୍‌ପିଟାଲ ଫୋନ୍ କରିବାପାଇଁ କହିଲେ। ମୁଁ ସଙ୍ଗେ ସଙ୍ଗେ ସେମାନଙ୍କୁ କଣ୍ଟାକ୍ଟ କଲି। ସେମାନେ ରବିବାର ଦିନ ପ୍ରତି ୨/୩ ଘଣ୍ଟାରେ ଫୋନ୍ କରି କିଡ଼ିନ୍ ବିଷୟରେ ଅପ୍‌ଡେଟ୍ ଦେଉଥାନ୍ତି। ତାପରେ ରାତି ସାଢ଼େ ୧୧ଟାରେ ଫୋନ୍ କରି ତା ପରଦିନ ସକାଳ ୫.୩୦ରେ ହସ୍‌ପିଟାଲରେ ପହଞ୍ଚିବା ପାଇଁ କହିଲେ। ସେଠାରେ ଆହୁରି କେତୋଟି ଟେଷ୍ଟ ହେବ ଏବଂ ସବୁ ମ୍ୟାଚ୍ କଲେ ଦିନ ୧୦ଟା ବେଳେ କିଡ଼ିନ୍ ଟ୍ରାନ୍ସପ୍ଲାଣ୍ଟ ହେବ। ମୁଁ ତାଙ୍କୁ କହିଲି କାର୍ଡ଼ିଓଲୋଜିଷ୍ଟଙ୍କ ଠାରୁ ଏପର୍ଯ୍ୟନ୍ତ କ୍ଲିୟରାନ୍ସ ମିଳି ନାହିଁ। ମୁଁ ଆଉଥରେ ଷ୍ଟ୍ରେସ୍ ଟେଷ୍ଟ ପାଇଁ ଯାଇଥିଲି କିନ୍ତୁ ରେଜଲ୍ଟ ଆସି ନାହିଁ। କିଡିନ୍ ସର୍ଜନ ମତେ କହିଲେ ମୁଁ ଆଜି ସକାଳେ ତୁମ କାର୍ଡିଓଲୋଜିଷ୍ଟଙ୍କ କ୍ଲିନିକ୍‌ରେ କାମ କରୁଥିବା ଆଉଜଣେ କାର୍ଡ଼ିଓଲୋଜିଷ୍ଟଙ୍କୁ ତୁମ ଷ୍ଟ୍ରେସ୍ ଟେଷ୍ଟ ରିପୋର୍ଟ ଦେଖିବାକୁ କହିଥିଲି ଏବଂ ସେ ତୁମ ରିପୋର୍ଟ ଆନାଲିସସ୍ କରି ସର୍ଜରୀ ପାଇଁ କ୍ଲିୟାରନ୍ସ ଦେଇଛନ୍ତି। ଏହିପରି ସେଦିନ ଜୁନ୍ ୨୬, ୨୦୨୩ ସୋମବାର ସକାଳ ୧୦ଟାବେଳେ ମୋର କିଡ଼ିନ୍ ଟ୍ରାନ୍ସପ୍ଲାଣ୍ଟ ହେଲା। ସେହି ସର୍ଜରୀ ସମୟରେ ମଧ୍ୟ ମୋ ବେକରେ କଣା ହୋଇ ଟ୍ୟୁବ୍ ଲାଗିଲା। ସର୍ଜନ କହିଲେ ଟ୍ରାନ୍ସପ୍ଲାଣ୍ଟ ପରେ କେତେକ କିଡ଼ିନ୍‌କୁ କାମ କରିବା ପାଇଁ ୨ ସପ୍ତାହ ପର୍ଯ୍ୟନ୍ତ ଲାଗିଥାଏ। ଯଦି ସେପରି ହୁଏ ତେବେ ବେକରେ ଲାଗିଥିବା ଟ୍ୟୁବ୍‌ରେ କନେକ୍ଟ କରା ହୋଇ ଡାଇଲିସିସ୍ କିଛି ସପ୍ତାହ କରିବା ଦରକାର ହେବ। କିନ୍ତୁ କିଡ଼ିନ୍ ଟ୍ରାନ୍ସପ୍ଲାଟ ହେବାର ପ୍ରଥମ ଦିନରୁ ସେହି କିଡ଼ିନ୍ ଖୁବ୍ ଭଲ ଭାବରେ କାମ କଲା।

ଯେପରି ଭାବରେ ମୋର କିଡିନ୍ ଟ୍ରାନ୍ସପ୍ଲାଣ୍ଟ ହେଲା ତାହାକୁ Miracle କହିଲେ ଅତ୍ୟୁକ୍ତି ହେବ ନାହିଁ। ଡୋନ୍‌ର ଆଭିଲେବ୍‌ଲ ହେଲେ ପେସେଣ୍ଟକୁ ଡାକି କିଡ଼ିନ୍ ଅଫର କରିବା ଏବଂ ୨ ଘଣ୍ଟା ଭିତରେ ପେସେଣ୍ଟ ଠାରୁ Response ନ ଆସିଲେ ୱେଟିଂ ଲିଷ୍ଟରେ ଥିବା ପର ପେସେଣ୍ଟକୁ ସେହି କିଡ଼ିନ୍ ଅଫର କରିବା ଏସବୁ କରିବା ପାଇଁ ଟ୍ରାନ୍ସପ୍ଲାଣ୍ଟରେ ଏକ ସ୍ପେସିଆଲ ଟିମ୍ ଥାଏ। କିଡ଼ିନ୍ ଟ୍ରାନ୍ସପ୍ଲାଣ୍ଟ ସର୍ଜନ୍ ଏଥିରେ ମୁଣ୍ଡ ଖେଳାନ୍ତି ନାହିଁ। ସେମାନଙ୍କର କାମ ହେଲା ଟ୍ରାନ୍ସପ୍ଲାଣ୍ଟ ସର୍ଜରୀ କରିବା। ଜଣେ କିଡ଼ିନ୍ ଟ୍ରାନ୍ସପ୍ଲାଣ୍ଟ ସର୍ଜନ୍ ରୋଗୀ ପ୍ରତି ସ୍ପେସିଆଲ ଇଣ୍ଟରେଷ୍ଟ ନେଇ ଯେତେବେଳେ ପେସେଣ୍ଟ ଫୋନ୍ ଉଠାଇ ନାହିଁ କିଡ଼ିନ୍ ଅଫର ବିଷୟରେ ପେସେଣ୍ଟକୁ ଜଣାଇବାକୁ ଚେଷ୍ଟା କରୁଛନ୍ତି– ଏପରି ଏକ ଉଦାହରଣ ଆମେରିକା ଭଳି ଦେଶରେ ଅତ୍ୟନ୍ତ ବିରଳ। କିଡ଼ିନ୍ ସର୍ଜନଙ୍କ ଝିଅ ମୋ ପୁଅ ସାର୍ଥକର ଖୁବ୍ ଭଲ ସାଙ୍ଗ ଏବଂ ସେମାନେ ଆମ ହାଉସିଂ କମ୍ପ୍ଲେକ୍ସରେ ରହନ୍ତି। କିନ୍ତୁ ଆମେ କେବେ ତାଙ୍କୁ କିମ୍ବା ତାଙ୍କ ପରିବାରକୁ ଦେଖି ନଥିଲୁ। କିନ୍ତୁ ସେ କହିଲେ ମିଷ୍ଟ୍ରେସ୍ ମହାନ୍ତିଙ୍କ କିଡ଼ିନ୍ ଟ୍ରାନ୍ସପ୍ଲାଣ୍ଟ ନ କଲା ପର୍ଯ୍ୟନ୍ତ ମୁଁ ଏ ହସ୍‌ପିଟାଲ୍ ଛାଡ଼ିଯିବି

ନାହିଁ। ଜଣେ ଚାଇନିଜ୍ ଟ୍ରାନ୍ସପ୍ଲାଣ୍ଟ ସର୍ଜନ ଯାହାଙ୍କୁ ମୁଁ ଚିହ୍ନି ନାହିଁ କି କେବେ ଦେଖି ନାହିଁ ତାଙ୍କର ମୋ ପ୍ରତି ଏତେ ଦରଦ ଆସିଲା କିପରି ? ଏସବୁ ଶ୍ରୀଶ୍ରୀଠାକୁରଙ୍କ କୃପାବିନା କ'ଣ ସମ୍ଭବ ହୋଇପାରେ ? ଜୀବନରେ ପ୍ରତ୍ୟେକ ମୁହୂର୍ତ୍ତରେ ସୁଖ ଦୁଃଖ ପ୍ରତ୍ୟେକ ପରିସ୍ଥିତିରେ ଶ୍ରୀଶ୍ରୀଠାକୁର ସାଙ୍ଗରେ ରହିଛନ୍ତି। ଆମର ଭବିଷ୍ୟତରେ କ'ଣ ଅଛି ସବୁ ସେ ଜାଣିଛନ୍ତି। ପ୍ରାରବ୍ଧରେ ଥିବା ଦୁଃଖକଷ୍ଟ କିପରି ଅଳ୍ପରେ ଭୋଗହେବ ତାର ମଧ୍ୟ ବ୍ୟବସ୍ଥା ସେ ଆଗରୁ କରି ରଖିଛନ୍ତି। ଆମର ସୁଖ ସମୟରେ ସେ ଆମ ସାଙ୍ଗରେ ରହି ଅଦୃଶ୍ୟ ଭାବରେ ସାହାଯ୍ୟ କରନ୍ତି। କିନ୍ତୁ ମୁଁ ମୁର୍ଖ ଏହା ବୁଝି ମଧ୍ୟ ବୁଝୁ ନାହିଁ। ଶ୍ରୀଶ୍ରୀଠାକୁର ଅଛନ୍ତି। ଉପଯୁକ୍ତ, ସମୟରେ ସେ ଦୁଃଖର ପ୍ରତିକାର ନିଶ୍ଚୟ କରିବେ। ଆମକୁ ଠାକୁରଙ୍କ ଉପରେ ବିଶ୍ୱାସ ରଖି ଧୈର୍ଯ୍ୟର ସହିତ ସେହି ଉପଯୁକ୍ତ ସମୟର ଅପେକ୍ଷା କରିବାକୁ ହେବ। କଷଟି ପଥର ଧରି ଯେତେଥର ସେ ମୋ ବିଶ୍ୱାସର ପରୀକ୍ଷା ନେଇଛନ୍ତି, ପ୍ରତ୍ୟେକଥର ମୁଁ ପରୀକ୍ଷାରେ ଫେଲ୍ ହୋଇଛି। ମୋର ସେ ଧୈର୍ଯ୍ୟ ନାହିଁ, ବିଶ୍ୱାସର ଦୃଢ଼ତା ନାହିଁ। ଅନେକଥର ତାଙ୍କ ଉପରେ ଅଭିମାନ କରି ତାଙ୍କୁ ଗାଳି ଦେଇଛି। କିନ୍ତୁ ସେ କେବେହେଲେ ମୋ ହାତ ଛାଡ଼ି ନାହାନ୍ତି। ସଦାସର୍ବଦା ପାଖରେ ରହି ଜୀବନରେ ପ୍ରତ୍ୟେକ ବିପଦରୁ ଉଦ୍ଧାର କରିଛନ୍ତି।

ହେ ଠାକୁର। ଏତିକି ପ୍ରାର୍ଥନା ମୋତେ ବିଶ୍ୱାସ ଦିଅ, ଯେଉଁ ବିଶ୍ୱାସ ଯେକୌଣସି ପରିସ୍ଥିତିରେ ମଧ୍ୟ ଚଳମଳ ନ ହୁଏ। ମତେ ଯେଉଁ ନବ ଜୀବନ ଦେଇଛ, ତାକୁ ଯେପରି ସେବାରେ ଲଗାଇପାରେ। ଏତିକି ପ୍ରାର୍ଥନା।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତା
**ଶ୍ରୀମତୀ ଶିବାନୀ ମହାନ୍ତି**
ଆମେରିକା ସାରସ୍ୱତ ସଂଘ

# ଏତିକି କରଇ ଅଳି

ଜନମେ ଜନମେ ପଦ ସେବୁଥିବି ପଦକଞ୍ଜେ ଏହି ଅଳି
ତବକରୁଣାରେ ବିକଶିତ ହେଉ କ୍ଷୁଦ୍ର ମୋ ପରାଣ କଳି ।୦।

ଆହେ ପ୍ରେମସିନ୍ଧୁ ତବ ପ୍ରେମ ଲଭି ଜୀବନ ହେବ ମୋ ଧନ୍ୟ
ପଞ୍ଚ ପରାଣ ମୋ ଉଲ୍ଲସିତ ହେବ ଶୁଣି ସେ ମୂରଲୀ ସ୍ୱନ
ହୃଦୟତନ୍ତ୍ରୀ ମୋ ଗୁଞ୍ଜରିତ ହେବ ଉଠିବ ତନୁଶ୍ରୀ ଝଳି ।୧।
ଜନମେ ଜନମେ ପଦ ସେବୁଥିବି.............

ଅପଲକ ନେତ୍ରେ ଅପରୂପକାନ୍ତି ନିରେଖି ପ୍ରଭୁ ତୁମର
ସକଳ ଯାତନା ପାଶୋର ହୋଇବ ହେ ମୋର ପରାଣେଶ୍ୱର
ଅମୀୟ ପରଶ ସଂଚାରିତ କରି ତ୍ରିତାପକୁ ଦେବ ଜାଳି ।୨।
ଜନମେ ଜନମେ ପଦ ସେବୁଥିବି.............

କେତେ ପୁଣ୍ୟବଳେ ତୁମକୁ ଠାକୁର ଗୁରୁରୂପେ ଅଛି ବରି
ଆଲିଙ୍ଗନ କରି ଅରୂପସ୍ୱରୂପ ଲୀଳାନନ୍ଦ ଭୋଗକରି
ଉଲ୍ଲସିତ ପ୍ରାଣେ ଏ ତନୁ ବଲ୍ଲରୀ ତବ ଆମେ ଯିବ ଚଳି ।୩।
ଜନମେ ଜନମେ ପଦ ସେବୁଥିବି.............

ତବ ପ୍ରେମ ସ୍ରୋତେ ଭାସିଯାଉ ମୋର ଜନ୍ମଜନ୍ମର କଳୁଷ
ଶୁଦ୍ଧପୁତ ହୋଇ ପଦ ସରସୀରେ ମିଶୁ ପରାଣ ସାରସ
ବିକଶିତ ହୋଇ ମହ ମହ ବାସୁ ପରାଣ କଳମ କଳି ।୪।
ଜନମେ ଜନମେ ପଦ ସେବୁଥିବି.............

ଜୀବନ ଜନମ ସଫଳ କରହେ ପଦେ ଆଶ୍ରା କରିଥିବି
ପ୍ରତି ନିଃଶ୍ୱାସରେ ତୁମରି ଚରଣ ନିରନ୍ତର ପୂଜୁଥିବି
ପତ ସରସିଜେ ପ୍ରଣତି ଜଣାଇ ଏତିକି କରଇ ଅଳି ।୫।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତା
**ଶ୍ରୀମତୀ ଶ୍ରଦ୍ଧାଞ୍ଜଳୀ ନାୟକ**
ଢେଙ୍କାନାଳ ଟାଉନ୍ ସଂଘ

# ସୁଗମ ପଥ

କ୍ଷଣ ଭଙ୍ଗୁର ଏ ସୃଷ୍ଟି । ଏ ନଶ୍ୱର ସୃଷ୍ଟିରେ ଜୀବକୁ ବାରମ୍ବାର ଆସିବାକୁ ପଡ଼େ ।

ପୁନରପି ଜନନଂ ପୁନରପି ମରଣଂ, ପୁନରପି ଜନନୀ ଜଠରେ ଶୟନଂ ।

ପ୍ରାରବ୍ଧ ଭୋଗ ନିମନ୍ତେ ଜୀବକୁ ଧରାପୃଷ୍ଠକୁ ବାରମ୍ବାର ଆସିବାକୁ ପଡ଼େ । କାରଣ ନିଜର କୃତକର୍ମ ପ୍ରାରବ୍ଧ ରୂପରେ ଜୀବ ସମ୍ମୁଖକୁ ଆସିଥାଏ । ଭଗବାନ ଜୀବକୁ ତାଙ୍କ ଲୋକ କରି ଧରାପୃଷ୍ଠକୁ ପଠାଇଥାନ୍ତି । ଜୀବ କିନ୍ତୁ ଭୁଲିଯାଏ ଯେ ସେ ଭଗବାନଙ୍କ ଲୋକ । ଧରାପୃଷ୍ଠର ସୌନ୍ଦର୍ଯ୍ୟ ପସରା-ମୋହ-ମାୟା-ରୂପ-ରସ-ରଙ୍ଗର ଆକର୍ଷଣରେ ଆତ୍ମବିସ୍ମୃତ ହୋଇ ସଂସାରକୁ ମୋର ମୋର ବୋଲି କହେ । ପ୍ରାରବ୍ଧରୁ ପ୍ରାପ୍ତ ପ୍ରକୃତି ଦ୍ୱାରା ପରିଚାଳିତ ହୋଇ କର୍ମକରେ ।

ସଦୃଶଂ ଚେଷ୍ଟତେ ସ୍ୱସ୍ୟା ପ୍ରକୃର୍ତିଜ୍ଞାନବାନପି, ପ୍ରକୃତି ଯାନ୍ତି ଭୂତାନି ନିଗ୍ରହଂକିଂ କରିଷ୍ୟତି । *(ଶ୍ରୀମଦ୍ ଭଗବଦ୍‌ଗୀତା ୩/୩୩)*

ପ୍ରକୃତିବଶେ କାର୍ଯ୍ୟ କରେ । ଜ୍ଞାନ ଥିଲେ ହେଁ ନସୁମରେ, ଶାସ୍ତ୍ର ନିଷେଧ ଯେତେ ବାଣୀ, କି କରେ ସେମାନଙ୍କୁ ପୁଣି ।

ଜୀବ ପ୍ରକୃତିର ଆକର୍ଷଣୀୟ ରୂପ ଓ ଇନ୍ଦ୍ରିୟଗଣଙ୍କର ପ୍ରଲୁବ୍ଧ ମନୋମୁଗ୍ଧକର କାର୍ଯ୍ୟ କଳାପରେ ମୁଗ୍ଧ ହୋଇ ପଥଭ୍ରଷ୍ଟ ହୁଏ । ସେ ଭୁଲିଯାଏ ଧରାଗମନର ଉଦ୍ଦେଶ୍ୟକୁ । ସେ ଭାବିବା କଥା ସେ ଈଶ୍ୱରଙ୍କର କର୍ମକରି ନିତ୍ୟଲୋକକୁ ଫେରିବ । ଏ ପୃଥିବୀର ରୂପ-ରସ କିଛି ତା ସଙ୍ଗରେ ଯିବ ନାହିଁ । ସେ କେବଳ ଆଦେଶ ବାହକ ମାତ୍ର । ମହାମାୟାଙ୍କର ମାୟାବିମୁଗ୍ଧ ମନ ନିଜକୁ ଏଇ ମର୍ତ୍ତ୍ୟ ଭାବରେ ହଜାଇଦିଏ ଆଉ ହଜାଇଦିଏ ଫେରନ୍ତା ଗାଡ଼ିର ଚାବିକାଠି । ମୋର ମୋର କହି ମୁଁ କିଏ ? ନିଜର ସ୍ୱରୂପକୁ ଚଉଦିଗରେ ଖୋଜିହୁଏ । ଜନ୍ମଜନ୍ମାନ୍ତରର ଫଳ ଭୋଗିଭୋଗି ସଂସାରର ଅସାରତାକୁ ପ୍ରାଣେପ୍ରାଣେ ଉପଲବ୍ଧି କରି ଲେଉଟାଣି ପଥକୁ ଖୋଜେ । କେଉଁ ପଥରେ ଗମନକରି ରାଗ-ରୋଷ-ମାନ-ଅଭିମାନ-ଅହଂକାର, ଗର୍ବ-ଦମ୍ଭ-ଅଭିମାନର ଶକ୍ତଶିଙ୍କୁଳିରେ ବନ୍ଧା ହୋଇଥିବା ତାର କଅଁଳ ମନକୁ ମୁକ୍ତ କରିବ । ସେ ଜାଣିପାରେନା ଯେ ଚଲାପଥର ଦୁଇ ପାର୍ଶ୍ୱରେ କେତେ ଅଳିଆ-ଆବର୍ଜନା-କଣ୍ଟା-ଝଟା ପଡ଼ିଥାଏ । ପଥିକ ତାହା ଦେଖେ କିନ୍ତୁ ମନେ ରଖେନା, ନାନା କଥା ଶୁଣେ କିନ୍ତୁ ଶୁଣେନା । ପଥିକର ଲକ୍ଷ୍ୟଥାଏ ଆଗକୁ ଅଗ୍ରସର ହେବା ତେଣୁ କେଉଁ ପଥରେ ପାଦ ଚଳାଇଲେ ମାନବ ସକଳ ପତନରୁ ନିଜକୁ ରକ୍ଷା କରିବ, ଆସନ୍ତୁ ଆଲୋଚନା କରିବା ।

ଏ ମଧୁମୟ ସୃଷ୍ଟି ସୌନ୍ଦର୍ଯ୍ୟର ଅପାଶୋରା ପସରା ଖେଳାଇ ଦେବତା-ଗନ୍ଧର୍ବ-ଯକ୍ଷ-ରକ୍ଷ-ମାନବ- ସମସ୍ତଙ୍କୁ ଆକର୍ଷଣ କରୁଛି । ପିତାମାତାଙ୍କ ବାତ୍ସଲ୍ୟ ପ୍ରେମ- ପରିବାରର ଅମୃତ ସ୍ନେହର ସ୍ୱାଦ ଆସ୍ୱାଦନ କରିବା ପାଇଁ ଦେବଲୋକରୁ ଦେବତାମାନେ ମଧ୍ୟ ଏ ଧୂଳିଧରାରେ ପାଦ ଦେଇଥାନ୍ତି । ଏ ପାଲଟିଯାଏ ମର୍ତ୍ତ୍ୟ ବୈକୁଣ୍ଠ । ଏ ମର୍ତ୍ତ୍ୟଧାମର ସ୍ୱାଦ ମନୋଲୋଭ ଓ ମଧୁର । ତେଣୁ ମାନବ ଏଥିରେ ଲିପ୍ତ ହୋଇଯାଏ । ଶବରର ଅଠା ଲାଗିଥିବା ଜାଲରେ ପଡ଼ିଥିବା କପୋତ ଯେପରି ନିଜକୁ ମୁକ୍ତ କରିନପାରି ଛଟ୍‌ପଟ୍ ହୁଏ ସେପରି ମାନବ ଏ ମର ସଂସାରର ମୋହିନୀ ମାୟାରେ ଉବୁଟୁବୁ ହୁଏ ।

ଜନ୍ମିତ ଶିଶୁକୁ ମାୟା ସ୍ପର୍ଶ କରି ନ ଥାଏ । କିନ୍ତୁ ଧୀରେଧୀରେ ତାକୁ ମାୟାର ବନ୍ଧନ ବାନ୍ଧିଦିଏ । ପିତା-ମାତା-ପରିବାରକୁ ସେ ମୋର ବୋଲି ମନେକରେ । ସେ ଯେ ଈଶ୍ୱରଙ୍କ ପ୍ରେରିତ ଲୋକ, ମାନବ ଏକଥା ଭୁଲିଯାଏ । ଏ ସଂସାରର ସ୍ନେହ, ପ୍ରେମ, ଭଲପାଇବା ସତ ମନେହୁଏ । ସେ ନିଜର ସ୍ୱରୂପ ଭୁଲିଯାଏ । ପ୍ରାରବ୍ଧରୁ ମିଳିଥିବା ଧନ-ସମ୍ପଦ, ପଦ-ପଦବୀ, ଯଶ-ଖ୍ୟାତି ଓ ଐଶ୍ୱର୍ଯ୍ୟକୁ ନିଜସ୍ୱ ବୋଲି ମନେକରେ । ସେ ବୁଝି ମଧ୍ୟ ଅବୁଝା ହୁଏ ଯେ ଭଗବାନ ଓଜାଡ଼ି ଦେଇଥିବା କରୁଣାର ଦାନକୁ ଯେତେବେଳେ ହାତରେ ନେବାକୁ ଚାହିଁବେ ସେଥିପାଇଁ କେତେ ସମୟ ଲାଗିବ ? କିନ୍ତୁ ମାନବ ଜାଣିବା ଉଚିତ ଯେ-

"ଗଲେଣି ତୋ ସଙ୍ଗରେ କେ କେତେ ଜନ, ଗଣ୍ଠିରେ ବାନ୍ଧିନେଲେ କେ କେତେ ଧନ ?"
ଏ ପଞ୍ଚଭୂତର ସୁନ୍ଦର ଶରୀର ବି ଏ ଧରାପୃଷ୍ଠରେ ମୁଠାଏ ପାଉଁଶରେ ପରିଣତ ହେବ । କିନ୍ତୁ

ଘଟ ବିନାଶେ ଘଟାକାଶ । ଯେପରି ନ ହୁଏ ବିନାଶ, ସଦା ଅସ୍ତିତ୍ୱ ତାର ଥାଇ । ତେଣୁ ଜ୍ଞାନୀ ଯେ ନ ଚିନ୍ତଇ ।
ଏ ଦେହ ଅସତ୍ୟ ଅନିତ୍ୟ । ଜୀବାତ୍ମା ସତ୍ୟ ପୁଣି ନିତ୍ୟ, ଏ ଦୁଇ ବିଷୟଟି ସ୍ଥିର । ଜାଣନ୍ତି ତତ୍ତ୍ୱଦର୍ଶୀ ନର ।

ଜ୍ଞାନୀ ସୁଖ ଦୁଃଖ ସମ ମନେକରେ। ରାଗ-ରୋଷ-ମାନ-ଅଭିମାନ-ଗର୍ବ-ଦମ୍ଭ-ଅହଂକାରକୁ ଜ୍ଞାନୀ ଅସତ୍ୟ ମନେକରେ। ଏହା କ୍ଷଣସ୍ଥାୟୀ, ଏହାର ଊର୍ଦ୍ଧ୍ୱରେ ଜ୍ଞାନ ଅବସ୍ଥାନ କରେ। ସେ ସର୍ବଦା ଆତ୍ମଜ୍ଞାନରେ ପ୍ରତିଷ୍ଠିତ ରହେ। ସେ ଜାଣେ ଯେ ସେ କେବଳ ଜଣେ ଶରୀରଧାରୀ। ଆତ୍ମା ସଂସାରର କୌଣସି କାଣ୍ଡ-କାରନାମାରେ ଲିପ୍ତ ରହେନା। ମାନବ ମନେକରିବା ଉଚିତ ଯେ ମୃତ୍ୟୁ ପଥର ଯାତ୍ରୀର ପଥ ନିର୍ଦ୍ଦିଷ୍ଟ। ସେ କୌଣସିଥିରେ ଲିପ୍ତ ନ ହୋଇ ଆଗକୁ ଯିବ। ଏହି ନିର୍ଲିପ୍ତ ଭାବ, ଅନୁସରଣ କରିବା କଷ୍ଟସାଧ୍ୟ। କିନ୍ତୁ ଅସାଧ୍ୟ ନୁହେଁ। ଜ୍ଞାନୀ ଆତ୍ମଜ୍ଞାନରେ ପ୍ରତିଷ୍ଠିତ ରହି ପ୍ରତ୍ୟେକ କଥାକୁ ଶୁଣି ମଧ୍ୟ ଶୁଣେ ନାହିଁ, ଦେଖି ମଧ୍ୟ ଦେଖେ ନାହିଁ, କରି ମଧ୍ୟ କରେ ନାହିଁ। ସେ ନିଜକୁ ଯନ୍ତ୍ରବତ୍ ମନେକରେ। ଯନ୍ତ୍ରବତ୍ ନିଜକୁ ମନେକରି ସେ ଈଶ୍ୱରଙ୍କ ସତ୍ତାକୁ ଅନୁଭବ କରେ।

ଜନ୍ମ-ମୃତ୍ୟୁର ସୁଦୀର୍ଘ ପଥରେ ଆଉ ଦୁଇଟି ରାସ୍ତା ଅଛି। ତାହା ହେଲା ପ୍ରବୃତ୍ତି ପଥ- ନିବୃତ୍ତି ପଥ।

**ପ୍ରବୃତ୍ତି ପଥ:** ପ୍ରାରବ୍ଧ ଅନୁସାରେ ମନୁଷ୍ୟର ପ୍ରକୃତି ଗଢ଼ାଯାଇଥାଏ। ପାଞ୍ଚ ମନ ଓ ପଚିଶ ପ୍ରକୃତି ଅନୁସାରେ ମାନବ ନିଜର ଗୁଣ-ଗାରିମା, କାର୍ଯ୍ୟକ୍ରମ ଦେଖାଏ।

ପ୍ରକୃତି ବଶେ କାର୍ଯ୍ୟ କରେ, ଜ୍ଞାନ ଥିଲେ ହେଁ ନ ସୁମରେ।

ପ୍ରକୃତି ଦ୍ୱାରା ପରିଚାଳିତ ମାନବ ଭଲ-ମନ୍ଦ-ପାପ-ପୁଣ୍ୟର ବିଚାର ନ କରି ଅନ୍ଧ ଭାବରେ କାର୍ଯ୍ୟ କରେ। ନିଜର ବୁଦ୍ଧି ଉପଯୋଗ କରେ ନାହିଁ। ଲୋକଦେଖାଣିଆ ଭାବ-ଭକ୍ତି, ବାହ୍ୟ-ସୂଚୀ-ଶୌଚ ପ୍ରଭାବରେ ପ୍ରଭାବିତ ହୁଏ। ତା' ହୃଦୟ ଭିତରେ ଥିବା ଲୁକ୍‌କାୟିତ ଶକ୍ତିକୁ ପ୍ରୟୋଗ କରେ ନାହିଁ। ଯଦିଓ ଭଗବାନ ବିଚାର କରିବାର ଦକ୍ଷତା ଓ କ୍ଷମତା ମାନବକୁ ପ୍ରଦାନ କରିଛନ୍ତି। ପ୍ରବୃତ୍ତିର ପିଚ୍ଛଳ ପଥରେ ଗତିକରି ପାପର ଆବର୍ତ୍ତ ଘୂର୍ଣ୍ଣାୟମାନ ଭଉଁରୀରେ ପଡ଼ି-ପ୍ରବୃତ୍ତିର ମଧୁର ବିଷ ପାନକରି ଅଧଃପତନ ଦିଗକୁ ଗତିକରେ। କାମଳ ରୋଗୀକୁ ଜଗତ ହଳଦିଆ ଦେଖାଗଲା ପରି ଜାଗତିକ ମାୟାରେ ମାନବ ମୁଗ୍ଧ ହୋଇ ସେ ସମୟ ସୁଅରେ ଭାସିଚାଲେ।

**ନିବୃତ୍ତି ପଥ:** ପ୍ରବୃତ୍ତି ପଥ ଓ ନିବୃତ୍ତି ପଥ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ସତ୍‌ଶିକ୍ଷା ଆମକୁ ନିବୃତ୍ତି ପଥର ମାର୍ଗଦର୍ଶନ କରେ। ନିବୃତ୍ତି ମାର୍ଗ ଅର୍ଥାତ୍ ମନ୍ଦର ନିବୃତ୍ତି, ଅଧର୍ମରୁ ନିବୃତ୍ତି, ଅସତ୍ୟରୁ ନିବୃତ୍ତି, ଅନିତ୍ୟରୁ ନିବୃତ୍ତି ଆମର ଏକାନ୍ତ କାମ୍ୟ। ଖାଦ୍ୟରେ ମାଛି ବସିଲେ ଆମେ ଯେପରି ବାରମ୍ବାର ମାଛିକୁ ଘଉଡ଼ାଇଥାଉ, ସେପରି କୁଭାବନା-କୁଚିନ୍ତାକୁ ଆମେ ବାରମ୍ବାର ପ୍ରତ୍ୟାଖ୍ୟାନ କରିବା। ମନକୁ ବାରଣ କରିବା ଯେ 'ମୁଁ ଖରାପ କାମ କରିବି ନାହିଁ। ଚୋରି-ନାରୀ-ଦାରୀ-ଲୋଭର ଆକର୍ଷଣ ମାନବକୁ ପତନଦିଗକୁ ଘେନିଯାଏ। ଏସବୁଠାରୁ ଦୂରେଇ ରଖିବା ହେଲା ନିବୃତ୍ତିର କାର୍ଯ୍ୟ। ଏ ସଂସାର ମାୟାର ପାରାବାର। ମାନବକୁ ସଂସାରରେ ପୁରି ରହିଥିବା ଷଡ଼ରିପୁ ଓ ନାନା କୁକାର୍ଯ୍ୟ ରୂପକ ମଗରମାଛ ଠାରୁ ଦୂରେଇ ରହି ଆରକୂଳକୁ ଯିବାକୁ ପଡ଼ିବ। ପ୍ରବୃତ୍ତିର ପଥ ବହିର୍ମୁଖୀ କିନ୍ତୁ ନିବୃତ୍ତିର ପଥ ଅନ୍ତର୍ମୁଖୀ। ମନକୁ ଅନ୍ତର୍ମୁଖୀ କଲେ ଆମେ ଭଗବତ୍ ସାରୂପ୍ୟ ଲାଭ କରିବା।

ଏ ଭାବସାଗରରୁ ପାର ହେବାର ପଥ ହେଲା ସମର୍ପଣର ପଥ। ଜୀବନରେ ପ୍ରତ୍ୟେକ କାର୍ଯ୍ୟ ପ୍ରତ୍ୟେକ ମୁହୂର୍ତ୍ତ ଭଗବାନ୍‌ଙ୍କ ନିକଟରେ ସମର୍ପଣ କରିବା। ଯାହାଙ୍କ ନିର୍ଦ୍ଦେଶରେ ଏ ସଚରାଚର ସୃଷ୍ଟି ସଂଚାଳିତ ସେ ଜୀବକୁ ଯେପରି ଯେଉଁଠି ଯେଉଁ ଅବସ୍ଥାରେ ରଖିଛନ୍ତି ସେଥିରେ ଜୀବ ଆତ୍ମସନ୍ତୋଷ ଲାଭକଲେ ସୁଖ ଅନୁଭବ କରିବ। ନିଜକୁ ଏକ ନିର୍ଜୀବ ଯନ୍ତ୍ର ମନେ କରିବା ଉଚିତ। ଜୀବ ଶିବ ବିନା ଶବମାତ୍ର। ପରମାତ୍ମାଙ୍କ ନିର୍ଦ୍ଦେଶରେ ଏ ଶରୀରର ପ୍ରତ୍ୟେକ ଅଙ୍ଗ, ମନ ସଂଚାଳିତ। କିନ୍ତୁ ଆମେ ନିଜକୁ କର୍ତ୍ତା ବୋଲି ଅନୁଭବ କରୁଛେ। କର୍ତ୍ତାଭାବ ଆମକୁ ଆଚ୍ଛନ୍ନ କଲେ ମଧ୍ୟ କର୍ତ୍ତା ନୋହୁ। ସେ ଅଛନ୍ତି ବୋଲି ଶରୀର ଅଛି, ସେ ନ ଥିଲେ ଶରୀର ନାହିଁ।

ଜୀବ ଭଗବାନ୍‌ଙ୍କ ଚରଣରେ ମନେମନେ ଭାବନା କରିବ ଯେ ପ୍ରଭୁ ତୁମେ ମତେ କେବଳ ତୁମ ପାଶରେ ରଖ। "ସ୍ୱର୍ଗ ବା ନରକେ ନିଅ ପାଶେ ପାଶେ ରଖିଥାଅ।" ନିଜର କର୍ତ୍ତାଭାବ ତ୍ୟାଗକରି ଜୀବନରେ ଘନଘଟା, ଚଲାପଥର କଣ୍ଟା ଝଟା, ଦୁଃଖ ସୁଖ ପ୍ରଭୁଙ୍କ ଚରଣ ତଳେ ଶତଦଳ ପରି ଅରପି ଦେଲେ ମନ ବଗିଚାରେ ଫୁଟା ସୁମନର ମହମହ ବାସ ଖେଳି ବୁଲିବ। ଏ ସୃଷ୍ଟି ସୁନ୍ଦର ଲାଗିବ। ଭଗବାନଙ୍କ ବିଧାନ ମଧ୍ୟ ଆମକୁ ବିହିତ, ଉଚିତ ଓ ଆନନ୍ଦମୟ ହେବ। ଭଗବାନ ଓ ଆମ ମଧ୍ୟରେ ଥିବା ଘନ କୁଜ୍ଝଟିକା ଜ୍ଞାନ ସୂର୍ଯ୍ୟର କିରଣରେ ଉଦ୍ଭାସିତ ହୋଇଯିବ।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତା
**ଶ୍ରୀମତୀ ଶ୍ରଦ୍ଧାଞ୍ଜଳୀ ନାୟକ**
ଢେଙ୍କାନାଳ ଟାଉନ୍ ସଂଘ

# ଚମକ ଭଙ୍ଗ

ପ୍ରବୃତ୍ତି ସ୍ରୋତରେ ନିଜକୁ ଭସାଇ ଦେବାପାଇଁ ମାନବର ଜନ୍ମ ନୁହେଁ। ନିବୃତ୍ତି ପଥରେ ପ୍ରକୃତ ଜ୍ଞାନ ଲାଭ କରିବା ମାନବ ଜନ୍ମର ଉଦ୍ଦେଶ୍ୟ। ପ୍ରବୃତ୍ତି ଅର୍ଥ ଯେତେବେଳେ ଯେଉଁ ଭୋଗ ଇଚ୍ଛାର ଉଦୟ ହୁଏ, ବିନା ବିଚାରରେ ସେଗୁଡ଼ିକର ଚରିତାର୍ଥ ପାଇଁ କର୍ମ କରିବା। ଏହି ପ୍ରବୃତ୍ତି ପଥରେ ଚାଲି ପ୍ରକୃତ ଲକ୍ଷ୍ୟରେ ପହଞ୍ଚିବା ଏକ କଷ୍ଟସାଧ୍ୟ ପ୍ରୟାସ। ସଂଯମ ବୈରାଗ୍ୟ ଆଦି ବୃତ୍ତିର ଅନୁଶୀଳନ କଲେ ମନୁଷ୍ୟ ପ୍ରବୃତ୍ତି ପଥ ଛାଡ଼ି ନିବୃତ୍ତି ପଥରେ ଆଗେଇ ଯାଇ ପ୍ରକୃତ ଜ୍ଞାନ ଲାଭ କରିପାରିବ।

ତେବେ ଆଜିର ସମାଜରେ, ଏହି ଭୋଗ ଐଶ୍ୱର୍ଯ୍ୟର ପ୍ରାଚୁର୍ଯ୍ୟ ମଧ୍ୟରେ ସଂଯମ ସାଧନ! ଏହା କ'ଣ ଏତେ ସହଜ? କାହିଁ କେତେ ଜନ୍ମର ଭୋଗର ସଂସ୍କାର। କିନ୍ତୁ ଅନ୍ତିମରେ ଯେ, ନିଜ ପ୍ରକୃତ ଘରକୁ ବାହୁଡ଼ିବାର ଅଛି। ଏଇଠି ପରବ୍ରହ୍ମ, ଗୁରୁ ରୂପରେ ଅବତରଣ କରି ଜୀବର ଏହି ସଂସାର ଚମକ ଭାଙ୍ଗି ତାକୁ ପ୍ରକୃତ ରାସ୍ତାରେ ନେଇଥା'ନ୍ତି। ଗୁରୁଦେବ ପ୍ରଥମେ ଜୀବକୁ ସ୍ନେହରେ ନାନା ଉପଦେଶ, ଶାସ୍ତ୍ରୀୟ ଉଦାହରଣ ଦେଇ ଏହି ପ୍ରବୃତ୍ତି ପଥରୁ ବାହାରିବା ପାଇଁ ମାର୍ଗ ଦର୍ଶାନ୍ତି କିନ୍ତୁ ଯେତେବେଳେ ଜୀବ ଭୋଗ ପଥରୁ ବାହାରି ପାରେ ନାହିଁ, ସେ ନିଜ ଶାସନ ଅଙ୍କୁଶ ଦ୍ୱାରା ତା'ର ଚମକ ଭାଙ୍ଗି ଦିଅନ୍ତି। ଏହି ଶାସନ ଅଙ୍କୁଶ ମଧ୍ୟ ଜୀବକୁ ସତ୍ ପଥରେ ନେବା ପାଇଁ ତାଙ୍କ କୃପା – ପ୍ରତିକୂଳ କୃପା। ବିନା ଅଙ୍କୁଶରେ ଜୀବ ଯେ ଉଚ୍ଛୃଙ୍ଖଳ ହୋଇଉଠେ, ଯେପରି ଏହି ବାନରର ହୋଇଥିଲା।

ଜଣେ ରାଜାଙ୍କର ଏକ ଅନୁଗତ ବାନର ଥାଏ। ସେ ବାନରଟି ପ୍ରତିଦିନ ସକାଳ ହେଲେ ରାଜସଭାକୁ ଆସି ରାଜାଙ୍କ ପାଦତଳେ ଫଳଟିଏ ଥୋଇ ପ୍ରଣାମ କରି ବସେ। ପ୍ରତିବଦଳରେ ରାଜା ତାକୁ ଚାପୁଡ଼ାଟିଏ ଦିଅନ୍ତି। ଏହିପରି ପ୍ରତିଦିନ ହୁଏ କିନ୍ତୁ ଏହା ଦେଖି ରାଜସଭାର ପାତ୍ର ମନ୍ତ୍ରୀମାନେ ଟିକେ ଅସନ୍ତୁଷ୍ଟ ହୁଅନ୍ତି। ପଶୁଟି ପ୍ରତି ରାଜା ଅନ୍ୟାୟ କରୁଛନ୍ତି ବୋଲି ଭାବନ୍ତି।

ଦିନେ ସାହସ କରି ମନ୍ତ୍ରୀ ଏହି କଥା ରାଜାଙ୍କୁ କହିଲେ, "ଆପଣଙ୍କୁ ବାନରଟି ଫଳ ଦେଇ ପ୍ରଣାମ କରୁଛି। ପ୍ରତି ବଦଳରେ ଆପଣ ତାକୁ ଚାପୁଡ଼ା ଦେଉଛନ୍ତି। ଏହା ଆପଣଙ୍କର ଅନ୍ୟାୟ ହେଉଛି।" ରାଜା ମୃଦୁ ହସି କହିଲେ, "ତୁମର କହିବା ଠିକ୍। ଏଥର ତୁମ ହିସାବରେ କାର୍ଯ୍ୟ କରିବି।"

ପରଦିନ ବାନର ଆସି ଫଳ ଦେଇ ବସିଲା। ରାଜା କିନ୍ତୁ ଚାପୁଡ଼ା ମାରିଲେ ନାହିଁ। ବାନର ଟିକେ ଆଶ୍ଚର୍ଯ୍ୟ ହେଲା। ପୂର୍ବପରି ଚୁପ୍ ଚାପ୍ ନ ବସି ଟିକେ ଏପଟ ସେପଟ ହେଲା। ଥରେ ଦୁଇଥର କୁଣ୍ଡାଇ ହେଲା। ତା' ପରଦିନ ଯେତେବେଳେ ଚାପଡ଼ ନପଡ଼ିଲା, ଆସି ଫଳ ରଖି ଆଉ ପ୍ରଣାମ ନକରି ଗୋଡ଼ ଲମ୍ବାଇ ବସିଲା। ରାଜା କିଛି କହିଲେ ନାହିଁ। ତା' ପରଦିନ ଫଳ ରଖିଦେଇ ସିଧା ସିଂହାସନ ବାଡ଼ ଉପରକୁ ଉଠିଯାଇ ରାଜସଭାର ଲୋକମାନଙ୍କୁ ଖତେଇ ହେଲା। ତେବେ ବି ରାଜା କିଛି କହିଲେ ନାହିଁ। ତା' ପରଦିନ ଫଳ ଆଣିଲା ନାହିଁ ବରଂ ରାଜାଙ୍କୁ ଖତେଇ ହୋଇ, ସିଧା ଯାଇ ରାଜାଙ୍କ କାନ୍ଧ ଉପରେ ବସିଗଲା। ଆଜି ରାଜା ହାତ ବଢ଼ାଇ ବାନରକୁ ଶକ୍ତ ଚାପୁଡ଼ାଟାଏ ଦେଲେ। ବାନରର ଚମକ ଭାଙ୍ଗିଗଲା ଓ ଚୁପ୍ ଚାପ୍ ପୋଷ୍ୟ ପଶୁଟି ପରି ଆସି ରାଜାଙ୍କ ପାଦତଳେ ବସିପଡ଼ିଲା। ରାଜା ମନ୍ତ୍ରୀଙ୍କୁ ହସି ହସି କହିଲେ, ଏବେ ଚାପୁଡ଼ା ମାରିବାର କାରଣ ବୁଝି ପାରିଛ ତ!

ଯେଉଁମାନେ ଆଜନ୍ମ ସିଦ୍ଧ, ଅନେକଙ୍କ କ୍ଷେତ୍ରରେ ମଧ୍ୟ ଦେଖାଯାଇଛି, ମହାମାୟାଙ୍କ ଲୀଳାରେ ସଂସାରରେ କିଛିଦିନ ଅଜ୍ଞାନରେ ରହି ପୁଣି ନିଜର ଚମକ ଭାଙ୍ଗି, ଜ୍ଞାନ ମାର୍ଗରେ ସେ ଆଗେଇ ଯାଇଛନ୍ତି।

ଯେପରି ହୋଇଥିଲା ଗୌତମବୁଦ୍ଧଙ୍କ କ୍ଷେତ୍ରରେ, ଜୀବନର ପ୍ରଥମ କିଛି ବର୍ଷ ଐଶ୍ୱର୍ଯ୍ୟରେ କାଟିଥିଲେ ମଧ୍ୟ ଯେତେବେଳେ ସଂସାରରେ ଜରା, ବ୍ୟାଧି, ମୃତ୍ୟୁର ପ୍ରକୋପ ଦେଖିଲେ, ତାଙ୍କର ଚମକ ଭାଙ୍ଗିଥିଲା। ତା'ପରେ ବୈରାଗ୍ୟ ଅବଲମ୍ବନ କରି ବୁଦ୍ଧତ୍ୱ ପ୍ରାପ୍ତ ହୋଇଥିଲେ। ଶ୍ରୀଶ୍ରୀଠାକୁରଙ୍କର ମଧ୍ୟ ପୂର୍ବ ଜନ୍ମର ଅଭିଶାପ କାରଣରୁ କିଛି ବର୍ଷ ଅଜ୍ଞାନରେ ଥିଲେ। ସଂସାରରେ ସମୟ ଅତିବାହିତ କରୁଥିବା ବେଳେ ହଠାତ୍ ପ୍ରିୟ ପତ୍ନୀଙ୍କ ବିୟୋଗ ଯୋଗୁଁ ବୈରାଗ୍ୟ ଜନ୍ମିଥିଲା ଏବଂ ନିବୃତ୍ତି ପଥରେ ଯାଇ ଚତୁର୍ବିଧ ସାଧନରେ ସିଦ୍ଧିଲାଭ କରି ସାର୍ବଭୌମ ଗୁରୁ ହୋଇପାରିଥିଲେ।

ଯେଉଁ ବି ସାଧକଙ୍କ କଥା ଆମେ ଜାଣୁ, ଭକ୍ତି ମାର୍ଗରେ ହୁଅନ୍ତୁ କିମ୍ବା ଜ୍ଞାନ ମାର୍ଗରେ, ସିଦ୍ଧିଲାଭ କରିବାକୁ ହେଲେ ନିବୃତ୍ତି ମାର୍ଗରେ ଗତି କରିବାକୁ ହିଁ ହୁଏ। କାରଣ କେବେହେଲେ ପ୍ରବୃତ୍ତି ଦ୍ୱାରା ପ୍ରବୃତ୍ତିକୁ ରୋଧ କରାଯାଇପାରେନାହିଁ। ଏକମାତ୍ର ନିବୃତ୍ତି ହିଁ ପ୍ରବୃତ୍ତିକୁ ନିର୍ବାପିତ କରିବାକୁ ସକ୍ଷମ।

ଶ୍ରୀଶ୍ରୀଠାକୁର ନିଜର ବିବିଧ ବାଣୀ ଓ ଉପଦେଶ ମାଧ୍ୟମରେ ଶିଷ୍ୟ ଭକ୍ତମାନଙ୍କୁ ଏହି ନିବୃତ୍ତି ମାର୍ଗରେ ଆତ୍ମଗଠନ କରିବାକୁ ପ୍ରେରଣା ପ୍ରଦାନ କରୁଛନ୍ତି। ବିଭିନ୍ନ ଉପାୟ ଯଥା ସଂଯମ, ସଦାଚାର, ସାଧୁସଙ୍ଗ, ପବିତ୍ରତା, ନମ୍ରତା, ସାତ୍ତ୍ୱିକ ଚିନ୍ତା, ସାତ୍ତ୍ୱିକ ଆହାର, ପ୍ରେମ, ସେବା ଆଦି ଦ୍ୱାରା ଏହି ମାର୍ଗରେ ଆଗେଇ ଯିବାକୁ ହେବ। ସମସ୍ତଙ୍କର ଏହି ସୁଖ ସ୍ୱପ୍ନ ସଂସାରରେ ଚମକ ନିଶ୍ଚୟ ଦିନେ ଭାଙ୍ଗିବ। ବେଳ ଥାଉ ଥାଉ ଏହି ଚମକ ଭାଙ୍ଗିଲେ ଆମେ ଶ୍ରୀଶ୍ରୀଠାକୁରଙ୍କ ଆଦର୍ଶ ରକ୍ଷା କରିବା ଦିଗରେ ଅଗ୍ରସର ହୋଇପାରିବା। ଶ୍ରୀଶ୍ରୀଠାକୁରଙ୍କ ମତରେ, "ଅଧିକାଂଶ ଭାରତବାସୀ ଯେଉଁଦିନ ନିବୃତ୍ତି ସାଧନ ଅର୍ଥାତ୍ ଜ୍ଞାନ, ଧର୍ମ ଓ ବିବେକର ପ୍ରଶାନ୍ତ ଭାବ ଦ୍ୱାରା ଏବଂ ତ୍ୟାଗ, ସଂଯମ, ପ୍ରେମ ଓ ଏକାତ୍ମାର ଶକ୍ତି ଦ୍ୱାରା ସେମାନଙ୍କ ସ୍ୱଦେଶୀ ଓ ବିଦେଶୀ ଯାବତୀୟ ମାନବବୃନ୍ଦଙ୍କ ସହିତ ଭ୍ରାତୃତ୍ୱ ବନ୍ଧନରେ ଆବଦ୍ଧ ହେବେ, ତେବେ ଯାଇ ଭାରତ ଧର୍ମଗୁରୁ ଆସନ ଅଳଙ୍କୃତ କରିବ। ଭାରତବାସୀମାନେ ପୃଥିବୀର ଯାବତୀୟ ନୀତି ଓ ଆଦର୍ଶର ପଥ ପ୍ରଦର୍ଶକ ରୂପରେ ସମ୍ମାନ ଲାଭ କରିବେ।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତା
**ଶ୍ରୀମତୀ ପ୍ରିୟମ୍ବଦା ହୋତା**
ମୁମ୍ବାଇ ଶାଖା ସଂଘ

# ହୃଦୟ ବୀଣାର କୋହ

ଶରଣ ମନାସୀ ଚରଣ ଧରିଛି
ବରଣ କରିଛି ପ୍ରିୟ
ଦୂର ଦେଶୀ ବୋଲି ଦୂର କରିବନି
ପର କରିବନି କୁହ... ।୦।

ସଞ୍ଜ ସକାଳରେ ବିଜନ ବେଳାରେ
ଦିଶିଯାଏ ତୁମ ମୁହଁ
ନିରବ ନିଶିଥେ ନିଃସଙ୍ଗ ଜଗତେ
ସାଥି ଏକା ତୁମ ସ୍ନେହ... ।୧।

ନିତି ଖୋଜି ହୁଏ ନିତି ହଜି ଯାଏ
ପାଇବାକୁ ତୁମ ଲୟ
କେବେ କେବେ ଥରେ ସୁପ୍ତ ମନ ଘରେ
ଚିତ୍ତ ହୁଏ ଅବା ଥୟ... ।୨।

ସେହି ସ୍ମୃତି ଗୀତି ଜୀବନର ସାଥି
ହୃଦୟ ବୀଣାର କୋହ
ଜାଗିଉଠୁ ପ୍ରାଣେ ନିତି ପ୍ରତି କ୍ଷଣେ
ଏହି ଶୁଭାଶିଷ ଦିଅ... ।୩।

କି କହିବି ଆଉ କେଉଁ ଭାବେ ପ୍ରିୟ
ଅଜଣା କି ଅଛି କୁହ
ବାକି ଯାହା ଅଛି ବୁଝିବ ଲେଖୁଛି
ଏଇ ଦୁଇ ଟୋପା ଲୁହ... ।୪।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ
**ଡ. ସଂଗ୍ରାମ କେଶରୀ ମଲ୍ଲିକ**
ସମ୍ପାଦକ, ପରାମର୍ଶଦାତା ମଣ୍ଡଳୀ

# ଯାହା ମୁଁ ଅଙ୍ଗେ ନିଭାଇଛି

ବହୁଦିନ ତଳର କଥା। ସେତେବେଳେ ମୁଁ ପ୍ରତି ରବିବାର ଦିନ କଟକରୁ ସାଇକଲରେ ପୁରୀ ଯାଇ ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ କରୁଥିଲି। ସେତେବେଳେ ପୁରୀକୁ ପକ୍‌କା ରାସ୍ତା ନ ଥିଲା କି ନଦୀରେ ପୋଲ ହୋଇ ନଥିଲା। ବଡ଼ିପାହାଡ଼ାରୁ ଗାଧୋଇ ସାଇକେଲରେ ହାତୀଗଡ଼ାଘାଟରେ ଖରାଦିନିଆ ରାସ୍ତା ପଇସା ଦେଇ ପାର ହୋଇଯାଏ। ଫୁଲନଖରା ପାଖରେ ସୂର୍ଯ୍ୟ ଉଦୟ ହୁଅନ୍ତି। ପୁରୀରେ ପ୍ରାୟ ନ'ଟା ସାଢ଼େ ନ'ଟା ମଧ୍ୟରେ ପହଞ୍ଚି ସାଇକେଲ ଦୁର୍ଗାଚରଣ ଭାଇଙ୍କ ବଳଗଣ୍ଡି ପାଖ ସଖୀମାତା ମଠରେ ରଖି ଭାଇ ଓ ମୁଁ ଦୁହେଁ ନୀଳାଚଳ କୁଟୀରକୁ ଯାଇ ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ କରୁ। ସେତେବେଳକୁ ଠାକୁର ସ୍ନାନ କରିବାକୁ ତଳକୁ ଆସିନଥାନ୍ତି। ତା'ପରେ ସ୍ନାନ ସାରିଲେ ଆମେ ତାଙ୍କୁ ଦର୍ଶନ କରି ବସାକୁ ଆସି ହାତରେ ରୋଷାଇ କରି ଖାଇ ଫୁଲ ଗୁନ୍ଥି ବନମାଳୀ ଭାଇଙ୍କ ବସା ବାଟେ କୁଟୀରକୁ ଯାଇ ଠାକୁରଙ୍କ ସଙ୍ଗରେ ସମୁଦ୍ର କୂଳକୁ ବୁଲିବାକୁ ଯାଉଥିଲୁ। ସମୁଦ୍ର କୂଳରୁ ଫେରି କୁଟୀରରେ ଠାକୁରଙ୍କ ଦର୍ଶନ କରି ରାତିରେ ଆସି ସଖୀମାତା ମଠରେ ଖାଇପିଇ ଶୋଇ ପରଦିନ ସକାଳେ କଟକ ଫେରୁଥିଲୁ।

ଏହିଭଳି ଭାବରେ ଯାତାୟତ କରୁଥିବା ସମୟରେ କେତେ ପ୍ରକାର ଅଲୌକିକ ପ୍ରତ୍ୟକ୍ଷ ଅନୁଭୂତି ପାଉଥିଲି। ସାଇକେଲରେ ଯିବାବେଳେ କେଜାଣି କାହିଁକି ବେଶି ଭୋକ ହୁଏ। ଯଦି ପାଖରେ କିଛି ନ ଥାଏ ତେବେ ଅପ୍ରତ୍ୟାଶିତ ଭାବରେ ମୋତେ ଖାଇବାକୁ ମିଳିଯାଉଥିଲା। ଥରେ ଫେରିଲାବେଳେ ମୁଁ ଭାବିଲି ଆଜି ବୋଧହୁଏ ଖାଇବାକୁ ମିଳିବ ନାହିଁ। ଖରାଦିନ ରାସ୍ତା କଡ଼ ଆମ୍ବଗଛରେ ଆମ୍ବ ପାଚି ଝୁଲୁଥାଏ। ମାତ୍ର ମୋତେ ଗଛ ଚଢ଼ି ଆସୁନଥାଏ। ତେଣୁ ତଳେ ପଡ଼ିଥିବା ଆମ୍ବ ଖାଇବା ଆଶାରେ ଚାଲିଥାଏ। ଜଣେ ଯୁବକ ଗୋଟିଏ ଗଛ ଉପରେ ଥାଇ ଡାକିଲେ। "ଓ ଭାଇ ଆମ୍ବ ଖାଇବ କି?" ମୁଁ କହିଲି, "ହଁ ଖା'ନ୍ତିଯେ ମାତ୍ର ମୋତେ ଗଛଚଢ଼ି ଆସେ ନାହିଁ। ହଉ ତୁମେ ସାଇକେଲରୁ ଓହ୍ଲାଅ ମୁଁ ଦେଉଛି। ଏହା କହି ସେ ଆମ୍ବ ଦେଲେ ଏବଂ କହିଲେ "ଏହି ଆମ୍ବକୁ କଦଳୀ ଚୋପା ଛଡ଼ାଇ ଖାଇବାପରି ଖାଅ। ସେ ପକାଉଥାନ୍ତି ମୁଁ ଖାଉଥାଏ। ପେଟ ପୁରିଗଲା, ମୁଁ ବାହାରିଲି। ଯିବାପାଇଁ ଉଦ୍ୟମ କରିବାରୁ ସେ କହିଲେ ଆଉକିଛି ନେଇ ଯାଇଥା ବାଟରେ କାଳେ ଭୋକ ଲାଗିବ। ଏହା କହି ସେ ଆଉ କିଛି ଆମ୍ବ ବାଟପାଇଁ ଦେଲେ।

ଆଉ ଦିନକର କଥା ସେଦିନ ଭୋକ ହେଉଥାଏ। ଜଣେ ହଳିଆ, ବଳଦ ଓ ହଳ ନେଇ ଚାଲିଥାଏ। ମୁଁ ପଚାରିଲି, 'ଭାଇ ଏଠି କେଉଁଠି ଗୁଡ଼ିଆଘର ଅଛି କି? ସେ କହିଲେ, 'କାହିଁକି'? ମୁଁ କହିଲି ମୋତେ ଭୋକ କରୁଛି। ସେ ମୋତେ ଏକ ପିଣ୍ଡା ଉପରକୁ ଡାକିନେଲେ, ଡାକିନେଇ ଡାଳରେ ପାଣି ଦେଲେ ଗୋଡ଼ ଧୋଇବାକୁ, ମୁଁ ଗୋଡ଼ଧୋଇ ସାରିବା ବେଳକୁ ସେ ଘରଭିତରକୁ ଯାଇ ସରଥିବା ସିଝାକ୍ଷୀର, ଏକ ତାଟିଆରେ ତାଟିଆଏ ଗୁଡ଼ ଓ ପାହିଲିରେ ପାହିଲିଏ ଚୂଡ଼ା ଆଣିଦେଲେ। ମୁଁ ସେଥିରୁ ଦୁଧତକ ନେଲି ଚୂଡ଼ା ଓ ଗୁଡ଼ ଅଳ୍ପଅଳ୍ପ ନେଇ ଖାଇଲି। ଖାଇସାରି ମୁଁ ବାହାରିବା ବେଳକୁ ତାଙ୍କୁ କହିଲି, "ଭାଇ କେତେ ପଇସା ହେଲା ନିଅ" ସେ କହିଲେ, ପଇସା କ'ଣ? ଆମ ଘର କ'ଣ ଗୁଡ଼ିଆ ଘର କେଉଟ ଘର? ତୁମେ ମୋତେ କାହିଁକି ପଚାରିଲ ଗୁଡ଼ିଆ ଘର କେଉଟ ଘର ବିଷୟ। ମୋ ଚାଷ ଜମିର ଧାନ ଚୂଡ଼ା ଓ ମୋର ଆଖୁକ୍ଷେତରୁ ଗୁଡ଼ ଓ ଘର ଗାଈର ଦୁଧ ମୁଁ ତୁମକୁ ଖାଇବାକୁ ଦେଲି। ପଇସା କାହିଁକି ତୁମଠାରୁ ନେବି?"

"ଶ୍ରୀଶ୍ରୀଠାକୁର ନିଗମାନନ୍ଦ" ଓଡ଼ିଆ ଜୀବନୀ ପୁସ୍ତକ ପ୍ରକାଶ ପରେ ବୋମାମାଡ଼ ଭୟରେ କଟକ ବାସଭବନରେ ବହି ନ ରଖି ଦୁର୍ଗାଚରଣ ଭାଇଙ୍କ ଗ୍ରାମ ବୀରତୁଙ୍ଗରେ ତାଙ୍କ ଦାଣ୍ଡଘରେ ଥିବା ଭାଡ଼ି ଉପରେ ବହି ପ୍ୟାକେଟ୍ ରଖାଯାଇଥିଲା। ସେଥିରୁ ମୋ ପାଖରୁ ବହି ସରିଗଲେ ମୁଁ ଯାଇ ତାଙ୍କ ଘରୁ ଆଣୁଥିଲି। ଏହି ସମୟରେ 'ଆର୍ଯ୍ୟ ଦର୍ପଣ' ପତ୍ରିକା ମଧ୍ୟ ମଗାଇ ପଢୁଥିଲି। ସାର୍ବଭୌମ ସମ୍ମିଳନୀ କିପରି ଅନୁଷ୍ଠିତ ହେଲା ତାହା ପାଠକମାନେ ଅବଗତ ଅଛନ୍ତି। ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ ସେ ସମୟରେ ଆରମ୍ଭ ହୋଇ ନ ଥାଏ। କେବଳ ଠାକୁର ସଂଘ ଗଠନ କରି ସେଠାରେ ସାପ୍ତାହିକ, ପାକ୍ଷିକ, ତ୍ରୈମାସିକ ଓ ବାର୍ଷିକ ଅଧିବେଶନ କରିବା ପାଇଁ ଦେଇଥିବା ନିର୍ଦ୍ଦେଶମାନ ପଢୁଥିଲୁ। ମୋର ମନରେ ସେତେବେଳକୁ ଉଙ୍କି ମାରିଥାଏ, 'ଠାକୁର ତ ଆମକୁ କେବଳ ସଂଘ ପୂଜା କରିବାପାଇଁ ନିର୍ଦ୍ଦେଶ ଦେଇନାହାନ୍ତି। ହେଲେ ଆମେ ଯଦି ଠାକୁରଙ୍କ ଆଦେଶ ନିର୍ଦ୍ଦେଶ ଅନୁସାରେ ପରିଚାଳିତ ହେବାକୁ ଚାହିଁବୁ, ତବେ କ'ଣ ଆମେ ଉତ୍କଳରେ ଭକ୍ତମାନେ ଏକତ୍ର ହୋଇ ପାକ୍ଷିକ, ମାସିକ, ତ୍ରୈମାସିକ ଓ ଆଞ୍ଚଳିକ ଭକ୍ତ ସମାବେଶ କ'ଣ କରିପାରିବୁ ନାହିଁ। ଏହାତ ଠାକୁରଙ୍କ ଇଚ୍ଛା। ମୋ ଭଳି ସ୍ୱଳ୍ପଜୀବୀ ଅନ୍ତରରେ ଏ ଯେଉଁ ପ୍ରେରଣା ସେତେବେଳେ ପ୍ରକାଶିତ ହୋଇଥିଲା, ବହୁଦିନ ପରେ ତାହାର ରୂପାୟନ ସମ୍ଭବ ହେଲା।

‘ଗରିବର ନନ୍ଦିନୀ ଅଟୁ ତୁହି ତଟିନୀ–
ଗଭୀର ଗହ୍ୱର ବର୍ତ୍ତରେ
ଥିଲୁ ତୁ ଗର୍ଭବାସେ ନୀରୋଳେ ଅପ୍ରକାଶେ
ଲୋକ ଲୋଚନ ଅଗୋଚରେ
କ୍ରମେ ଜନ୍ମ କନ୍ଦରେ ଅଦ୍‌ଭୁତ ହୃଦରେ
ପଶିଲା ଡାକ ଜଗତର
ଭାଜିଲା ତୋ ସ୍ୱପନ, ମେଲିଲୁ ତୁ ନୟନ
ନିକଷେ ସ୍ୱର୍ଣ୍ଣରେଖା ସରି
(କଷଟି ପଥରରେ ସୁନାକୁ ଘଷିଲେ
ଯେଉଁ ଚିହ୍ନ ଦେଖାଯିବା ପରି)
ପତିତ ବକ୍ଷରେ ତୋହରି ସେ କର ପରଶନେ
ଥର ଥର କମ୍ପନେ ଥରିଲୁ ବେଗେ ଝରଝରି।”

ଉପରୋକ୍ତ ପଂକ୍ତିର ସାର୍ଥକତା ଅବଲମ୍ବନ କରି ଆଜି ଆମର ଏହି ଉତ୍କଳ ପ୍ରାଦେଶିକ ଭକ୍ତି ସମ୍ମିଳନୀରେ ୩୧ଶ ଅଧିବେଶନ ଅପୂର୍ବ ପ୍ରେରଣା ଆଣି ଦେଇଛି। ଯାହା ମାନୁଷୀ ଶକ୍ତିର ସୀମାର ବାହାର ସେହି ଅଲୌକିକ ଅପାର୍ଥିକ, ସୌନ୍ଦର୍ଯ୍ୟରେ ବିମଣ୍ଡିତ ହୋଇ ଆଜି ଏହା ଆତ୍ମପ୍ରକାଶ କରିଛି।

ମୁଁ ଯେତେବେଳେ ସାଇକେଲରେ ପାଟୋଳିଆ (କାଶୀନାଥ ରଥଙ୍କ ଘରେ) ପ୍ରଥମ ପୂଜାକୁ ଯାଉଥିବାବେଳେ ଯେଉଁ ପ୍ରେରଣା ଅନୁଭବ କରିଥିଲି ଆଜି ତାହା ସାଫଲ୍ୟମଣ୍ଡିତ ହୋଇଛି। ମୁଁ ଗ୍ରାମକୁ (ମାଟିଆ) ଗଲାବେଳେ ଅସୁରେଶ୍ୱରସ୍ଥ କ୍ଷୀର ଭାଇଙ୍କ ଦାଣ୍ଡପିଣ୍ଡାରେ ସାଇକେଲ୍ ଡେରିଦେଇ ମା’ ବୋଲି ଡାକଦେଲେ, କ୍ଷୀର ଭାଇ ପାଟି କରି କହନ୍ତି ଆଲୋ ହେ ଦେଖିଲୁଣି। କିଏ ଆସିଛି। ତୁ ଦୁଇ ଜଣଙ୍କ ପାଇଁ ବାଢ଼। ଏହା ପରେ ଆମେ ଦୁଇ ଜଣ ଭିତରେ ଯାଇ ଖାଉ। ଏ ଯେଉଁ ସ୍ମୃତି ଓ ଅନୁଭୂତି ମନେପକାଇ ସମ୍ମିଳନୀର ସଫଳ ରୂପାୟନ କିଭଳି ସମ୍ଭବ ହୋଇଛି ତାହା କହିବାର ଭାଷା ମୋର ନାହିଁ। ଆଉ ଗୋଟିଏ କଥା ନ ଲେଖି ରହିପାରୁ ନାହିଁ।

ଆମେ କେ ଯେ କରି ଆଶ୍, ଆମି ତାର୍ କରି ସର୍ବନାଶ୍
ତବୁ ଯଦି କରେ ଆଶ୍, ଆମି ହଇ ତା’ର ଦାସେର ଦାସ

ଏକଥା ମଧ୍ୟ ଏଠାରେ ପ୍ରମାଣିତ ହୋଇଛି। ବାଲେଶ୍ୱରଠାରେ ସମ୍ମିଳନୀର ନିମନ୍ତ୍ରଣ କରିବା ପରେ ଶ୍ରୀ ଧନେଶ୍ୱର ଭାଇଙ୍କ ଜାମାତା ପ୍ରଥମେ ମସ୍ତିଷ୍କ କର୍କଟ ରୋଗରେ ପ୍ରାଣ ବିସର୍ଜନ କରିଥିଲେ। ଏଥିରେ ଧନୀ ଭାଇ ଭାଙ୍ଗି ନ ପଡ଼ି ଏ ଦାରୁଣ ଦୁଃଖକୁ ହୃଦୟରେ ଚାପି ଧରି ସମ୍ମିଳନୀ କାର୍ଯ୍ୟରେ ଅଗ୍ରସର ହେଲେ। ଏହାପରେ ତାଙ୍କର ୩୦ ବର୍ଷର ପୁଅ ଅକସ୍ମାତ ଆମ୍ବ ଗଛରୁ ପଡ଼ି ପ୍ରାଣ ତ୍ୟାଗକଲା ପରେ ମଧ୍ୟ ସେ ଭାଙ୍ଗି ନ ପଡ଼ି ଆହୁରି ଅଧିକ ଭାବରେ ସମ୍ମିଳନୀ କାର୍ଯ୍ୟରେ ଉତ୍ସାହୀ ହୋଇବାହାରିଲେ। ସେତିକିରେ ମଧ୍ୟ ଶେଷ ହେଲା ନାହିଁ। ଠାକୁର ଚାହାଁନ୍ତି, ‘ସେ ଯାହାକୁ କୋଳକୁ ନେବେ ତାକୁ ସବୁ ପ୍ରକାର ଦୁଃଖ କଷ୍ଟ ଦେଇ ଭଲକରି ପରୀକ୍ଷା କରିନେବେ। ସେ ତାଙ୍କୁ ଷୋଳଅଣା ସମର୍ପି ଦେଇଅଛି କି ନାହିଁ। ଏହା ସେ ଭଲ କରି ବଜାଇ ତାପରେ ନେବେ।’

ଗୋରକ୍ଷଣୀରେ କିପରି ଜଳଧର ଭାଇ ଠାକୁରଙ୍କୁ ନେଇ ଲୀଳା କରୁଥିଲେ, ତାହା ମୁଁ ପୂର୍ବରୁ ଅନୁଭବ କରିଛି। ଶ୍ରୀଧର ଭାଇ ସୁକରପଡ଼ାରେ ପୋଷ୍ଟ ମାଷ୍ଟର ଥାଆନ୍ତି। ମୁଁ ମାଟିଆ ଗଲେ ତାଙ୍କ ପୋଷ୍ଟ ଅଫିସ୍‌ରେ ଟିକିଏ ବିଶ୍ରାମ କରିଥାଏ। ଏହି ସମୟରେ ଜଳଧର ଭାଇଙ୍କ ସହ ସାକ୍ଷାତ ହୁଏ ଓ ଠାକୁରଙ୍କ ଲୀଳା କିପରି ଆମ ଅଞ୍ଚଳରେ ବିସ୍ତାର ଲାଭ କରିବ ସେହି ବିଷୟରେ ସେ ଆଲୋଚନା କରନ୍ତି। ଆଜି ତାର ଏହି ଅଭିବ୍ୟକ୍ତି ଓ ଅଭିବୃଦ୍ଧି ଦେଖି କେତେଯେ ଖୁସି ହେଉଥିବେ ତାହା ଶ୍ରୀଶ୍ରୀଠାକୁର ହିଁ ଜାଣନ୍ତି। ମୁଁ ଆଉ ଅଧିକ ବା କ’ଣ ଲେଖିବି। ଆଉ କେତେ କଥା ରହିଗଲା ଯାହାକୁ ପ୍ରକାଶ କରିପାରୁ ନାହିଁ।

(ନୀଳାଚଳ ସାରସ୍ୱତ ସଂଘର ପୂର୍ବତନ ସଭାପତି ଓ ପରିଚାଳକ ଚୈତନ୍ୟ ଚରଣ ଦାସ ଭାଇଙ୍କ ଜୀବନର କେତୋଟି ଘଟଣା ପୁରାତନ ‘ସ୍ୱାଗତିକା’ରୁ ସଂଗୃହୀତ ହୋଇ ଦିଆଯାଇଛି।)

# ଅଧମ ଭକ୍ତର ପୁର୍ନଜନ୍ମ

**ପରିଚୟ:** କେନ୍ଦ୍ରାପଡ଼ା ଜିଲ୍ଲା ଅର୍ନ୍ତଗତ ପଟ୍ଟାମୁଣ୍ଡାଇ ବ୍ଲକ୍ ବଡଜରିଆ ଗ୍ରାମରେ ଶ୍ରୀଯୁକ୍ତ ଗୌରାଙ୍ଗ ଚରଣ ନାୟକ (ଗୌରାଙ୍ଗ ଭାଇ)ଙ୍କ ମଧ୍ୟମ ପୁତ୍ର ଶ୍ରୀ ଗିରିଶ୍ ଚନ୍ଦ୍ର ନାୟକ। ମୋତେ ଗିରିଶ ଭାଇ ବୋଲି ସମସ୍ତେ ଡାକନ୍ତି। ୧୯୬୦ ମସିହା ଏପ୍ରିଲ୍ ମାସ ୧୧ ତାରିଖରେ ଜନ୍ମ ହୋଇ, ହେତୁପାଇଲା ପରେ ଆମ ଗୃହାସନରୁ ଶ୍ରୀଶ୍ରୀଠାକୁର ମହାରାଜାଙ୍କୁ ଜାଣିଲି। ପ୍ରଥମ କରି ମଣ୍ଡପଡ଼ା ଆସନ ମନ୍ଦିରରେ ଦର୍ଶନ କରି ବହୁତ ଆନନ୍ଦ ଉପଭୋଗ କରିଥିଲି। ପରେ ପୁଣି କଲିକତାରେ ଋକିରୀ କରୁଥିବା ସମୟରେ ୧୯୯୪ ମସିହା ଅକ୍ଷୟତୃତୀୟା ଦିନ ପାଠଚକ୍ର ଆରମ୍ଭ ହେବାରୁ ପ୍ରଥମ କରି ସେବାର ସୁଯୋଗ ପାଇଥିଲି। କିଛିଦିନପରେ କେନ୍ଦ୍ରସଂଘର ସଭାପତି ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ଦାଶ ଭାଇ, ଶ୍ରୀଶ୍ରୀଠାକୁର ଓ ଭକ୍ତମାନେ ଗୃହାସନରେ ନିତ୍ୟ ବ୍ୟବହୃତ ସମସ୍ତ ସେବାପୋଯୋଗୀ ଦ୍ରବ୍ୟଗୁଡ଼ିକ ସଂଗ୍ରହ କରି ଯଥା ସମୟରେ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବାର ସେବା ସ୍ଥାୟୀଭାବେ ପ୍ରଦାନ କରିଥିବାରୁ ଏ ଅଧମ ତାହା ଏ ପର୍ଯ୍ୟନ୍ତ ସୂଚାରୁ ରୂପେ ତୁଲାଇ ଆସୁଅଛି ଏବଂ ଭବିଷ୍ୟତରେ ଯେପରି ତୁଲାଇ ପାରିବ, ସେଥିପାଇଁ ଠାକୁରଙ୍କ ଶ୍ରୀପାଦପଦ୍ମରେ ପ୍ରାର୍ଥନା କରୁଅଛି।

ଜୁଲାଇ ୨୦୧୫ ମସିହାର କଥା, ସେତେବେଳେ ମୁଁ Lutheran World Service India Trust ନାମକ ଏକ Foreign NGOରେ Electrician ଭାବେ କାର୍ଯ୍ୟରତ ଥିଲି। ହଠାତ୍ ମୋ ବାମ କାନ୍ଧରେ ବ୍ୟଥା ଅନୁଭବ ହେବାରୁ Family Doctor Satish Duttଙ୍କ ଚିକିତ୍ସା ଦ୍ୱାରା ଔଷଧ ସେବନର କିଛିଦିନ ପରେ ପୁନରାୟ ଯନ୍ତ୍ରଣା ହେବାରୁ ସେ ମୋତେ ପରାମର୍ଶ ଦେଲେ ଯେ ଆପଣ ଯେ କୌଣସି hospitalରେ Emergency Section ରେ ଯାଇ ଥରେ Check up କରାଇ ନିଅନ୍ତୁ। ତେଣୁ ମୁଁ ଗୃହାସନରେ ଶ୍ରୀଶ୍ରୀଠାକୁର ମହାରାଜାଙ୍କୁ ଜଣାଇ ନିକଟରେ ବାସ କରୁଥିବା ପୁପୁଭାଇଙ୍କୁ (ଗୁରୁଭାଇ) ଡାକି କହିଲି। ସେହିଦିନ ଝିପ୍‌ଝିପ୍ ବର୍ଷା ହେଉଥିବାରୁ ସେ କହିଲେ 'ଏବେ ଯିବା କି'? ମୁଁ କହିଲି ହଁ। ତେଣୁ ଦୁହେଁ rain coat ପରିଧାନ ପୂର୍ବକ ନିକଟସ୍ଥ "Kothari Medical" Motor Cycle ମାଧ୍ୟମରେ ପହଞ୍ଚି emergency sectionରେ ଦେଖାଇବା ଦ୍ୱାରା ସେଠାରେ ଉପସ୍ଥିତ ଡାକ୍ତର ତୁରନ୍ତ ଆଡମିଟ୍ ହେବା ନିମନ୍ତେ advice କଲେ। ଏହାଶୁଣି ପକେଟ୍‌ରେ ଦେଖିବାରୁ ୨୫୦୦ ଟଙ୍କା ପାଇଲି। ହେଲେ ସେ ଟଙ୍କା ଋମର କିଣିବା ପାଇଁ ଜଣେ ମା' ୨-୩ ଦିନ ପୂର୍ବରୁ ପଠାଇଥିଲେ। ଏହି amountରେ କ'ଣ ବା ହେବ ବୋଲି ଡକ୍ଟର କହି Mediclaim policy ମାଧ୍ୟମରେ 'ICU'ରେ ଆଡମିଟ୍ କରାଇଦେଲେ। ସେଠାରେ ୨ ଦିନର ଅବହେଳିତ ଚିକିତ୍ସା ଦ୍ୱାରା ମୋର ହାର୍ଟଷ୍ଟ୍ରୋକ୍ ହେଇଗଲା। ସେ ସମୟରେ ମୋର ରକ୍ତଋପ ସର୍ବନିମ୍ନ ୩ ଓ ସର୍ବୋଚ୍ଚ ୩୦ ମଧ୍ୟରେ ରହୁଥାଏ। ମୁଁ ଅଜ୍ଞାନ ଅବସ୍ଥାରେ ଥିବାରୁ ଡାକ୍ତରମାନେ ୯୫% ମୃତ ଓ ୫% ଜୀବିତ ବୋଲି ରିର୍ପୋଟ ଦେବାରୁ ମୋର ସମସ୍ତ ପରିବାର ବର୍ଗ, ବନ୍ଧୁବାନ୍ଧବ, ଅଫିସ୍ ସହକର୍ମୀ ଓ ଗୁରୁଭାଇ ଓ ମା'ମାନେ ମୋର ସେ ଅବସ୍ଥା ସ୍ୱଚକ୍ଷୁରେ ଦେଖି ଦୁଃଖରେ ମୂହ୍ୟମାନ ହୋଇ ଶ୍ରୀଶ୍ରୀ ଠାକୁରଙ୍କ ଶ୍ରୀଚରଣରେ ପ୍ରାର୍ଥନା ନିରତ ଥା'ନ୍ତି। ଉକ୍ତ ସମୟରେ ମୋ ବଡ଼ ଭାଇଙ୍କ ବଡ଼ ଜ୍ୱାଇଁ 'ଶ୍ରୀକାନ୍ତ ବାବୁ' "B.M. Birla Art Reserach Center" Medicine Departmentରେ କାର୍ଯ୍ୟରତ ଥିବାରୁ ବଡଭାଇ ସମସ୍ତ ବିଷୟ ଅବଗତ କରାଇବାରୁ ତୁରନ୍ତ Ambulance ଦ୍ୱାରା "Kothari Medical"ରୁ "B.M. Birla Hospital"କୁ ସ୍ଥାନାନ୍ତରିତ କରିବାକୁ ନିର୍ଦ୍ଦେଶ ଦେବାରୁ କୋଲକାତା ସଂଘର ଶ୍ରୁକାନ୍ତ ନାୟକ ଭାଇ ଦୁଇ ଦିନର Bill ୬୯୦୦୦.୦୦ ଟଙ୍କା Kothari Medicalରେ ପରିଶୋଧ କରାଇ B.M. Birla Medicalକୁ ସ୍ଥାନାନ୍ତରିତ କରାଇ ଆଣିଲେ।

ଉକ୍ତ ଦିନ ଥାଏ 'ନେତ୍ର ଉତ୍ସବ'। ପରଦିନ ଶ୍ରୀଗୁଣ୍ଡିଚା ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନବକଳେବର। ମୋର ରକ୍ତଋପ ନିୟନ୍ତ୍ରିତ ନ ହେଉଥିବାରୁ ଡାକ୍ତରମାନଙ୍କର Board ବସି ଜଣେ ପଞ୍ଜାବୀ ଡାକ୍ତରଙ୍କ ନିର୍ଦ୍ଦେଶକ୍ରମେ ଛାତିରେ ଜମିଥିବା ରକ୍ତ ଡ୍ରିଲ କରାଇ ପ୍ରାୟ 750 mg. ବାହାର କରାଗଲା। ତା'ପରେ ରକ୍ତଋପ ନିୟନ୍ତ୍ରିତ ହେବାରୁ Operation ଦ୍ୱାରା stent ବସାଇବାର ପ୍ରାୟ ୧୨ ଘଣ୍ଟା ପରେ ଧିରେ ଧିରେ ଜ୍ଞାନ ଫେରୁଥାଏ ଏବଂ ଡାକ୍ତରମାନେ କହୁଥାନ୍ତି ଆଖି ଖୋଲ। କିନ୍ତୁ ମୁଁ ଶୋଇ ପଡୁଥିବାରୁ ନର୍ସମାନେ ମଧ୍ୟ ମୋତେ ନଶୋଇବାକୁ Alert କରୁଥା'ନ୍ତି। ପ୍ରାୟ କିଛି ସମୟପରେ ମୁଁ ଶୋଇ ପଡିଛି ହେଲେ ପଛରେ ଜଣେ କେହି ଠିଆ ହୋଇ ମୋ କାନ୍ଧରେ ହାଲକା ଧକ୍‌କା ଦେଇ ଉଠେଇ ଦେଉଥାନ୍ତି। ହେଲେ ମୁଁ ଖାଲି ଶୋଇ ପଡୁଥାଏ। ବାରମ୍ବାର ଧକ୍‌କା ଖାଇବାରୁ ଧିରେ ଘୁରିକି ଦେଖେ ଯେ ମୋ ପାଖରେ କେହିନାହାନ୍ତି। ମୋ ସାମନାରେ ଏକ କାନ୍ଥ ଘଡି ଝୁଲୁଛି। ସମୟ ପ୍ରାୟ ଘ ୧୨:୩୦ମି। ରାତିକି ଦିନ ଜାଣି ପାରୁନଥାଏ। ପୁଣି କେତେବେଳେ ଶୋଇପଡ଼ିଛି ପରଦିନ ଯଥାରୀତି ମୋତେ ଉଠାଇ ବସାଇଥା'ନ୍ତି ହେଲେ ମୁଁ

ବସୁ ବସୁ ଶୋଇ ପଡୁଥାଏ। ଏହିପରି ସାରାଦିନ ବିତିଗଲା ପରେ ସନ୍ଧ୍ୟା ବେଳକୁ ଆମ କଲିକତା ସଂଘର ସଭାପତି ସୁରେଶ ଚନ୍ଦ୍ର ସାହୁ ଭାଇ ମୋତେ ସାକ୍ଷାତ୍ କରିବାକୁ ଆସି କିପରି ଅନୁଭବ କରୁଛ ବୋଲି ପଚରା ଉଚରା କରୁଥା'ନ୍ତି। ମୁଁ ଉତ୍ତରରେ ଭଲ ଲାଗୁଛି ବୋଲି କହିବାରୁ ପୁଣି ପ୍ରଶ୍ନକଲେ ଯେ ତୁମେ ତ ନିଶ୍ଚୟ ଏଠାରେ ଶ୍ରୀଶ୍ରୀଠାକୁରଙ୍କୁ ଉପଲବ୍ଧି କରିଥିବ। ମୁଁ କହିଲି ହଁ, ମୋ କାନ୍ଧ ଉପରେ ନିଶ୍ଚୟ ହାଲ୍‌କା ଧକ୍‌କା ମାରି କେହି ମୋତେ ଜାଗ୍ରତ ରଖିବାକୁ ଚେଷ୍ଟା କରୁଥିଲେ ? ପୁଣି ସମୟ ପଋରିବାରୁ ମୁଁ କହିଲି ଘ ୧୨.୩୦ ମି ହେବ।

ଠିକ୍ ସେହି ସପ୍ତାହର ସାପ୍ତାହିକ ସଂଘ ପାଳି ଅତୁଲ୍ୟ ବାରିକ୍ ଭାଇଙ୍କର ଥାଏ। ତାଙ୍କ ଭାବବିନିମୟରେ ବ୍ୟକ୍ତ କରୁଥିଲେ ଯେ ଗୃହାସନରେ ସକାଳ ସେବାପୂଜା କରିବାକୁ ଯାଇ ଦେଖୁଛନ୍ତି ଶ୍ରୀଶ୍ରୀଠାକୁର ମହାରାଜ ତାଙ୍କ ବେଡ୍‌ରେ ଆଗରୁ ଉଠିକି ବସିଛନ୍ତି। ଏହା ଦେଖି ଭୟଭୀତ ହୋଇ ବିଳମ୍ବ ହୋଇଯାଇଥିବାରୁ କ୍ଷମା ମାଗିବାରୁ ଶ୍ରୀଶ୍ରୀଠାକୁର ମହାରାଜ କହିଲେ ଯେ "ଆରେ ନା ତୋମାର ଡେରି ହୟେନି, ଆମି କାଲକେ ସାରା ରାତ୍ ଗିରିଶର କାଛେ ଛିଲମ୍, ଏଖୁନି ଫିରେଛି।" ଶ୍ରୀଶ୍ରୀଠାକୁରଙ୍କର ଏହି କଥା ଶୁଣି ସେ ଖୁସିରେ ଭୋ ଭୋ ହୋଇ କାନ୍ଦି  ପକାଇଲେ।

ଅତୁଲ୍ୟ ବାରିକ୍ ଭାଇଙ୍କର ଏହି ଭାବ ବିନିମୟ ଶୁଣି ସଂଘର ସଭାପତି ସୁରେଶ ଭାଇ ନିଶ୍ଚିନ୍ତ ହୋଇଗଲେ ଯେ ମୋ ଅପରେସନ୍ ସମୟରେ ଶ୍ରୀଶ୍ରୀଠାକୁର ନିଜେ ଉପସ୍ଥିତ ରହି କରାଉଥିଲେ।

ତେଣୁ ମୋ ଜୀବନରେ ମୁଁ ବୁଝିଲି ଯେ ଯେ ହେଉଛନ୍ତି କଥାକୁହା ଶ୍ରୀଶ୍ରୀଠାକୁର କାହିଁକି ନା ଜୀବନ ଦାନ କରିବା ସଙ୍ଗେ ସଙ୍ଗେ କିପରି ଅର୍ଥର ବ୍ୟବସ୍ଥା ମଧ୍ୟ କରାଇଛନ୍ତି ତାହା ଶୁଣିଲେ ନିଶ୍ଚୟ ଚକିତ ହୋଇଯିବେ।

Lutheran World Service India Trust ନାମକ ଯେଉଁ Foreign NGO ରେ ମୁଁ Electrician ଭାବେ କାର୍ଯ୍ୟରତ ଥିଲି ନିୟମ ଅନୁସାରେ ପ୍ରତି ୫ ବର୍ଷରେ ଥରେ Director change ହୋଇ ନୂଆ Foreign Director Appoint ହୁଅନ୍ତି।

Christ Minderhood ନାମକ ଜଣେ Holand ବାସୀ ୧୯୯୪ ରୁ ୧୯୯୯ ମସିହା ପର୍ଯ୍ୟନ୍ତ Director ଭାବେ ନିଯୁକ୍ତ ଥିଲେ ସେତେବେଳେ ମୁଁ ତାଙ୍କ ଅଧିନରେ କାମ କରୁଥାଏ। ଏବଂ ତାଙ୍କର Personal Secretary Ms Lorel Rapel (O/o Loly DIDI) ନାମକ ଜଣେ ଭଦ୍ରମହିଳା ଥିଲେ। Handicap ଥିଲେ। NGO ର ନିୟମାନୁସାରେ ପ୍ରତିବର୍ଷ Donerମାନେ ବିଦେଶରୁ ପରିଦର୍ଶନରେ ଆସନ୍ତି।

ଠିକ୍ ସେହି ପିରିଅଡ୍‌ରେ Denmark ଦେଶରୁ ଜଣେ Donor ଆମ NGOକୁ ଆସିଥିଲେ। loly ଦିଦିଙ୍କର କାର୍ଯ୍ୟ ଓ ବ୍ୟବହାରରେ ସନ୍ତୁଷ୍ଟ ହୋଇ ସହାନୁଭୂତି ଦୃଷ୍ଟିରୁ ସେ ତାଙ୍କୁ ଗୋଟିଏ 2 BHK (Flat) ଘର ଅନୁଦାନ ପୂର୍ବକ ଦେଲେ। କାରଣ ସେ Doner ମଧ୍ୟ Handicap ଥିଲେ।

ତା'ପରେ Christ Minderhood, Directorଙ୍କ ନିର୍ଦ୍ଦେଶକ୍ରମେ ମୁଁ Loly ଦିଦିଙ୍କ 2 BHK Flatର ସମସ୍ତ Electrical କାର୍ଯ୍ୟ ସୂଚାରୁରୂପେ ସମ୍ପନ୍ନ କରିବା ଦ୍ୱାରା ସେ ମୋତେ ପାରିଶ୍ରମିକ ପ୍ରଦାନ କରିବାରୁ ମୁଁ କହିଲି ଦିଦି Denmark ର Donor ଆପଣଙ୍କୁ ଏତେ ବଡ ଘର ଦାନ କଲେ ହେଲେ ମୁଁ କ'ଣ ମୋର ପାରିଶ୍ରମିକ ଦାନ କରିପାରିବି ନାହିଁ। ଏହାପରେ ମୁଁ କହିଲି ଯେ ଦିଦି, ପରବର୍ତ୍ତୀ ସମୟରେ ଯଦି କୌଣସି Electrician ଜନିଷ ଖରାପ ହୁଏ ତେବେ ମୋତେ ଫୋନ୍ କରିଦେଲେ ମୁଁ ଆସି ଦେଖି ସବୁ ଠିକ୍ କରିଦେଇଯିବି।

ଏହିପରି ମଝିରେ ମଝିରେ ସେ ମୋତେ କଲ୍ କରନ୍ତି ଏବଂ ମୁଁ ତାଙ୍କ Electrician କାର୍ଯ୍ୟ କରିଦେଉଥାଏ। ଏହିପରି କିଛିଦିନ ପରେ Director ବଦଳି ହେବା ସଙ୍ଗେ ସଙ୍ଗେ Loly ଦିଦିଙ୍କର Retirement ମଧ୍ୟ ହୋଇଯାଇଥାଏ। ମୁଁ କିନ୍ତୁ ସେତେବେଳେ 'et Function 'NGO' ରେ କାର୍ଯ୍ୟରତ ଥାଏ। ହେଲେ ଲିଲିଦିଦିଙ୍କ ସହିତ ମୋର କାର୍ଯ୍ୟସୂତ୍ରରୁ ଯୋଗାଯୋଗ ରହିଥାଏ। ଏହିପରି ଦୀର୍ଘ ୧୫ ବର୍ଷ ବିତିଗଲା ପରେ ଜୁଲାଇ ୨୦୧୫ ମସିହାରେ ମୁଁ ଅସୁସ୍ଥ ଥିବା ସମୟରେ ହଠାତ୍ ଲିଲିଦିଦିଙ୍କର କଲିଙ୍ଗ୍ ବେଲ୍ ଅଚଳ ହୁଏ। ତେଣୁ ସେ ମୋତେ କଲ୍ କରନ୍ତି। ହେଲେ ମୋ ମୋବାଇଲ ସାନପୁଅ ହିମାଂଶୁ ପାଖରେ ଥିବାରୁ ତାକୁ ସେ ମୋ ଅସୁସ୍ଥତାର ସମସ୍ତ ବିଷୟ ଅବଗତ କରାଇବା ଦ୍ୱାରା ସେ ଅତ୍ୟନ୍ତ ଦୁଃଖୀ ହୋଇପଡ଼ିଲେ। ହେଲେ ପ୍ରତିଦିନ ଫୋନ୍ ମାଧ୍ୟମରେ ସବୁ ଖବର ରଖୁଥା'ନ୍ତି। ଉକ୍ତ ସମୟରେ Christ Minderhood, Director Holand ରୁ ଲିଲିଦିଦିଙ୍କ ପାଖକୁ କଲ୍ କରିଥିବାରୁ ମୋର

ଏହି ଶୋଚନୀୟ ଅବସ୍ଥା ବିଷୟରେ ସେ ତାଙ୍କୁ ଅବଗତ କରାଇବା ଦ୍ୱାରା ସେ ମଧ୍ୟ ଖୁବ୍ ବିଚଳିତ ହୋଇ କହିଲେ ଯେ ଗିରିଶର ଆର୍ଥିକ ଅବସ୍ଥା ତ ଖୁବ୍ ଖରାପ ବୋଲି ମୋର ବିଶ୍ୱାସ । ତେଣୁ ଏଥିରେ ତ ଅନେକ ଟଙ୍କା ଲାଗିବ କହି ଲିଲିଦିଦିଙ୍କ ଠାରୁ B.M.BIRLA Hospital ର Contact Number ମାଧ୍ୟମରେ ସେଠାକାର Accountant ଙ୍କ ସହିତ ଯୋଗାଯୋଗ କରି ମୋପାଇଁ ହୋଇଥିବା ସମସ୍ତ ଖର୍ଚ୍ଚ Accountant କୁ Holand ରୁ ପଠାଇବାରୁ Hospital କର୍ତ୍ତୃପକ୍ଷ ମୋତେ ଚିଠି ମାଧ୍ୟମରେ ଡକାଇଲେ ହେଲେ ସେତେବେଳକୁ ମୋ ପିଲା ଓ ଗୁରୁଭାଇମାନେ ମିଳିତ ଭାବେ Payment କରାଇ Hospitalରୁ Release କରି ଗୃହକୁ ନେଇ ଆସିଥା'ନ୍ତି । ତେଣୁ B.M.Birla Hospital କୁ Holand ଆସିଥିବା ଅର୍ଥରାଶି ଆମ୍ଭ ଭାରତୀୟ ମୁଦ୍ରାରେ ୫ ଲକ୍ଷ ଟଙ୍କା ମୋ Bank Account କୁ Cheque ମାଧ୍ୟମରେ ତୁରନ୍ତ Transfer କରାଇ ଦେଲେ । ଉକ୍ତରାଶି ଦ୍ୱାରା ମୋର ନେଇଥିବା ଟଙ୍କା ଗୁରୁଭାଇମାନଙ୍କୁ ଫେରସ୍ତ କରି ବଳକା ୧ ଲକ୍ଷ ୪୦ ହଜାର ଟଙ୍କା ଥିବାରୁ ପୁଅ ସୁଧାଂଶୁ Director ଙ୍କ ସହ ଯୋଗାଯୋଗ କରି ଫେରାଇବା କଥା କହିବାରୁ ସେ କହିଲେ ଯେ ଏବେ ତୁମ ବାପାଙ୍କର ଚିକିତ୍ସାପାଇଁ ଆଉ ବହୁତ ଟଙ୍କା ଖର୍ଚ୍ଚ ହେବ । ତେଣୁ ସେ ଟଙ୍କା ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଥାଉ ।

ଏହି ପରିପ୍ରେକ୍ଷିରେ ଏ ଅଧମ ଅନ୍ତରର ସହ ବୁଝିଲା ଯେ ଯେଉଁ ବ୍ୟକ୍ତିଙ୍କ ସହ ୧୫ ବର୍ଷ ମୋର ଯୋଗାଯୋଗ ନଥିଲା ଓ ମୁଁ ସେହିପରି ୯ ଜଣ Foreign Director ଙ୍କ ଅଧିନରେ କାମ କରିସାରିଥିବା ସତ୍ତ୍ୱେ ଯେ ଜଣଙ୍କର ମୋ ପ୍ରତି ଏପରି ସହାନୁଭୂତିର ମନଭାବ ଆସିଲା କିପରି ଏବଂ ଏହା କିଏ କରାଇଲେ ।

ଏହା କେବଳ ଶ୍ରୀଶ୍ରୀଠାକୁରଙ୍କ ଅଶେଷ କୃପା ବ୍ୟତୀତ ଅନ୍ୟ କିଛି ନୁହେଁ । ତେଣୁ ଠାକୁରଙ୍କ ଶ୍ରୀଚରଣରେ ପ୍ରାର୍ଥନା କରେ ସେ ଆମକୁ ଶୁଦ୍ଧ କରିନିଅନ୍ତୁ । ସମସ୍ତ ବିପଦ ଆପଦରୁ ସେ ଆମକୁ ଉଦ୍ଧାର କରନ୍ତି ବୋଲି ଏହା ତାହାର ଜ୍ୱଳନ୍ତ ପ୍ରମାଣ । "ଗୁରୁକୃପା ହିଁ କେବଳମ୍ ।"

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ
**ଶ୍ରୀ ଗିରୀଶ ଚନ୍ଦ୍ର ନାୟକ**
କୋଲକାତା ସାରସ୍ୱତ ସଂଘ

# ପ୍ରାଣ ଠାକୁର ହେ

ଜଣାଉଛି ଶ୍ରୀଚରଣେ ଯୋଡ଼ି କରପତ୍ର
ମୋର ତୁଣ୍ଡ ଘୋଷୁଥାଉ ଜୟଗୁରୁ ମନ୍ତ୍ର ।
ପ୍ରାଣ ଠାକୁର ହେ- (୦)

ନାମ ଗାଉ ଗାଉ ପ୍ରେମେ ହୋଇବି ବିଭୋର
ନବଭାବେ ପୁଲକିତ ହେଉ ଚିତ୍ତ ମୋର
ପ୍ରାଣଠାକୁର ହେ- (୧)

ନୟନେ ନାଚିବ ତୁମ ସ୍ୱରୂପ ମାଧୁରୀ
ଝରଝର ଝରି ପଡୁଥିବ ନେତ୍ର ବାରି
ପ୍ରାଣ ଠାକୁର ହେ- (୨)

ଅନାଇ ଥିବ ନୟନେ ଭରି ମଧୁହାସ
ଶିରେ ମୋର ଦେବ ପ୍ରଭୁ ଶ୍ରୀପଦ ପରଶ
ପ୍ରାଣ ଠାକୁର ହେ- (୩)

ନେତ୍ରେ ଯେବେ ନିରେଖିବି ତୁମ ହସମୁଖ
ପାଶୋରିବି ସଂସାରର ଯେତେ ସୁଖଦୁଃଖ
ପ୍ରାଣଠାକୁର ହେ- (୪)

ଧରମେ କରମେ ଅବା ନିଦ୍ରା ଜାଗରଣେ
ତୁମ ନାମ ସାଥି ହୋଇଥିବ ଅନୁକ୍ଷଣେ
ପ୍ରାଣ ଠାକୁର ହେ- (୫)

ଚରମ କମଳେ ପ୍ରଭୁ ଏତିକି ମିନତୀ
ଜୀବନେ ବା ମରଣରେ ତୁମେ ଥିବ ସାଥି
ପ୍ରାଣଠାକୁର ହେ- (୬)

ଶ୍ରୀଶ୍ରୀଠାକୁର ଚରଣାଶ୍ରିତା
**କାଞ୍ଚନ ବାଳା ଦାଶ ମା'**
ଏକାମ୍ର ସାରସ୍ୱତ ସଂଘ

# କି ଭାଷାରେ କୃତଜ୍ଞତା ଜଣାଇବି ମୋର

ଶ୍ରୀଶ୍ରୀଠାକୁର କରୁଣାମୟ, ପରମ ପ୍ରେମମୟ, ଦୟାମୟ, ଅହେତୁକ କୃପାମୟ ଓ ବାଞ୍ଛାକଳ୍ପତରୁ। ସେ ସର୍ବ ଅନ୍ତର୍ଯ୍ୟାମୀ, ଶରଣାଗତ ରକ୍ଷକ ଓ ପ୍ରତିପାଳକ। ସଦାସର୍ବଦା ଆମ ପାଶେ ପାଶେ ରହି ଆମ ହାତ ଧରିଛନ୍ତି ଓ ଆମକୁ ପରିଚାଳିତ କରୁଛନ୍ତି। ତାଙ୍କର ପ୍ରାଣପ୍ରିୟ ଅନୁଷ୍ଠାନ 'ଭକ୍ତ ସମ୍ମିଳନୀ' ଆମ ପ୍ରତି ଏକ ବଡ଼ ଆଶୀର୍ବାଦ ଓ ଜଗତକୁ ଏକ ମହାନ୍ ଅବଦାନ।

ଗତବର୍ଷ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀରେ ୨୦୨୪ ମସିହାରେ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀର ୭୩ତମ ଅଧିବେଶନ ପୁନେଠାରେ ଫେବୃୟାରୀ ୨୩ ରୁ ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାପାଇଁ ନିମନ୍ତ୍ରଣ କରାଗଲା। ଆମେ ଗୃହାସନରେ ଲାଇଭ୍ ଟେଲିକାଷ୍ଟ ଦେଖୁଥାଉ। ଆମେ ପ୍ରାର୍ଥନା ଜଣାଇଥିଲୁ, କିପରି ପିଲାଙ୍କୁ ନେଇ ଏହି ସମ୍ମିଳନୀରେ ଯୋଗ ଦେଇପାରିବୁ। ତାଙ୍କ ଇଚ୍ଛାବିନା ଗଛରେ ପତ୍ର ହେଲେ ନାହିଁ। ତାଙ୍କ କୃପାବଳରେ ଅସମ୍ଭବ ସମ୍ଭବ ହୁଏ।

ଆମଘର ଭାଇ ଏହି ସମ୍ମିଳନୀର ପ୍ରସ୍ତୁତି ବିଷୟରେ ବିଭିନ୍ନ ସୂତ୍ରରେ ଯୋଗାଯୋଗ କରି ଖବର ରଖୁଥାନ୍ତି। ଫେବୃୟାରୀ ୨୨ ତାରିଖ ଦିନ ଯେଉଁ ଫ୍ଲାଇଟ୍ ଭୁବନେଶ୍ୱରରୁ ପୁନେ ଯିବ ତାହା ଶୀଘ୍ର Full ହୋଇଯାଉଥାଏ। ଆମ ଗୁରୁଭାଇ ଓ ମା'ମାନେ ସମସ୍ତେ ବୁକ୍ କରୁଥାନ୍ତି। ଏହା ଅଧିବାସ ଦିନ। ଆମେ କେଉଁ ତାରିଖରେ ଓ କେଉଁ ଫ୍ଲାଇଟ୍‌ରେ ଭାରତ ଯିବୁ ସ୍ଥିର ହୋଇନଥାଏ। କିନ୍ତୁ ଶ୍ରୀଶ୍ରୀଠାକୁରଙ୍କୁ ଜଣାଇ Akash Air ଫ୍ଲାଇଟ୍‌ରେ ୨୦୨୪ ମସିହା, ଫେବୃୟାରୀ ୨୨ତାରିଖ ଦିନ ଯାତ୍ରାପାଇଁ, ୨୦୨୩ ମସିହା ସେପ୍ଟେମ୍ବର ୨୭ ତାରିଖରେ ୪ଟି ଟିକେଟ୍ ବୁକ୍ କରାଗଲା। ଭୁବେନେଶ୍ୱରରୁ ପୁନେ ଫ୍ଲାଇଟ୍‌ରେ ଯାଇ ଅଧିବାସ ଦିନ ପହଞ୍ଚିବୁ। ଶ୍ରୀଶ୍ରୀ ଠାକୁରଙ୍କ ପାଖରେ ଏହି ଟିକେଟ୍ ପ୍ରିଣ୍ଟ୍ କରି ଜଣାଇ ଦେଇଥିଲୁ। ଭକ୍ତି ଓ ଜ୍ଞାନ ସହିତ ଆଲୋଚନାକରି ୨୦୨୩ ମସିହା, ନଭେମ୍ବର ୧୫ ତାରିଖରେ Lufthansa flightରେ Charlotte, NC ରୁ Bhubaneswar ଯାତ୍ରା ପାଇଁ ଟିକେଟ୍ ବୁକ୍ କରାଗଲା। ପୁନେରୁ ଦିଲ୍ଲୀ ପର୍ଯ୍ୟନ୍ତ ଫ୍ଲାଇଟ୍ ଟିକେଟ୍ ଏଥି ସହିତ ବୁକ୍ କରାଗଲା। ସବୁ ପ୍ରିଣ୍ଟଆଉଟ୍ ନେଇ ଶ୍ରୀଶ୍ରୀଠାକୁରଙ୍କୁ ଗୃହାସନରେ ଜଣାଉଥାଉ ଓ ପାଦାସନ ପାଖରେ ରଖିଦେଇଥିଲୁ। ପୁନେଠାରେ ସମ୍ମିଳନୀ ସ୍ଥାନ ମହାଲକ୍ଷ୍ମୀ ଲନ୍‌ସ୍ ନିକଟବର୍ତ୍ତୀ ହୋଟେଲ ଗୁଡ଼ିକରେ ଭକ୍ତମାନଙ୍କ ରହିବା ପାଇଁ ପ୍ଲାନ୍ କରାଯାଉଥିଲା। ଆମ ଘର ଭାଇ 'ହାଉସ୍ ମେଟ୍' ହୋଟେଲ୍‌ରେ ୨ଟି Room ଆମପାଇଁ ବୁକ୍ କରିଥିଲେ। ପ୍ରତିଦିନ ଗୃହାସନରେ ପ୍ରାର୍ଥନା ସହିତ ସମ୍ମିଳନୀରେ କେତେ ଆନନ୍ଦ ମିଳିବ, କେମିତି ସବୁ ଅଧିବେଶନରେ ବସି ଶ୍ରୀଶ୍ରୀଠାକୁରଙ୍କୁ ସମ୍ମିଳନୀ କ୍ଷେତ୍ରରେ ଦର୍ଶନ ଓ ପ୍ରଣାମ କରିବି ଭାବନାରେ ମନ ବୁଡ଼ି ରହୁଥାଏ।

୨୦୨୪ ମସିହା ଜାନୁୟାରୀ ୧୪ ତାରିଖରେ ଆମେରିକା ସାରସ୍ୱତ ସଂଘର ବାର୍ଷିକ ଉତ୍ସବ ପାଳିତ ହୋଇଥିଲା। ଶ୍ରୀଶ୍ରୀଠାକୁରଙ୍କ କୃପାରୁ ସେଥିରେ ଯୋଗ ଦେବାର ସୁଯୋଗ ମିଳିଥିଲା। ସେଦିନ ସଂଘ ଆସନରେ ଶ୍ରୀଶ୍ରୀଠାକୁରଙ୍କୁ ଆସନ୍ତା ଭକ୍ତ ସମ୍ମିଳନୀରେ ଯୋଗଦେବା ପାଇଁ ଜଣାଇଥିଲୁ। ଏହାର କିଛିଦିନ ପରେ ମୋ ଦେହ ବହୁତ ଖରାପ ହେଲା। ଥଣ୍ଡା, କାଶ ବହୁତ ଦିନ ପରେ ଠିକ୍ ହେଲା। ଦେହ ଦୁର୍ବଳ ଲାଗୁଥାଏ, କିନ୍ତୁ ସମ୍ମିଳନୀକୁ ଯିବୁ ଭାବିଲାବେଳକୁ ଶକ୍ତି ଆସିଯାଉଥାଏ। ଶ୍ରୀଶ୍ରୀଠାକୁରଙ୍କୁ ଜଣାଇ ଫେବୃୟାରୀ ୧୫ ତାରିଖ ସନ୍ଧ୍ୟାରେ Charlotteରୁ ବାହାରି ଫେବୃୟାରୀ ୧୭ ତାରିଖ ସକାଳେ ଭୁବନେଶ୍ୱରରେ ପହଞ୍ଚିଲୁ। ତାପରଦିନ ରବିବାର ଫେବୃୟାରୀ ୧୮ ତାରିଖରେ ଏକାମ୍ର ସଂଘକୁ ଯାଇଥିଲୁ। ସେହିଦିନ ସନ୍ଧ୍ୟାରେ ସତ୍‌ଶିକ୍ଷା ମନ୍ଦିରରେ ସନ୍ଧ୍ୟା ଆରତି ଦର୍ଶନ ଓ ସ୍ତୋତ୍ରବନ୍ଦନା, ଶାସ୍ତ୍ରପାଠରେ ଯୋଗଦେବାର ଅପୂର୍ବ ସୁଯୋଗ ମିଳିଥିଲା। ବହୁତ ଇଚ୍ଛା ଥିଲା ସନ୍ଧ୍ୟା ଆରତି ଦର୍ଶନ ପାଇଁ। ସତ୍‌ଶିକ୍ଷା ମନ୍ଦିରର ସୁଦୃଶ୍ୟ ଗେଟ୍ ଦେଇ ଭିତରକୁ ଗଲାବେଳେ ସୁଲଳିତ କଣ୍ଠରେ ପ୍ରତୀକ୍ଷା ଶଭୁଥାଏ। କି ସୁନ୍ଦର ଓ ମନୋମୁଗ୍ଧକର ସେ ପରିବେଶ। ଫେବୃୟାରୀ ୧୯ ତାରିଖ ସୋମବାର ଦିନ ବ୍ରାହ୍ମମୁହୂର୍ତ୍ତରୁ ନୀଳାଚଳଧାମ ପୁରୀ ଅଭିମୁଖେ ଯାତ୍ରାକଲୁ। କୁହୁଡ଼ି ଥାଏ ଓ ଅନ୍ଧାର ଥିବାରୁ ଡ୍ରାଇଭର ଟିକେ ଧୀରେଧୀରେ Hazard light blink କରି ଚଲାଉଥାଏ। ସେହି ପ୍ରାତଃ କାଳରେ ଶ୍ରୀଜଗନ୍ନାଥ ମନ୍ଦିରକୁ ଯାଇ ଦର୍ଶନ, ପ୍ରଣାମ କଲୁ ଓ ମହାପ୍ରସାଦ ପାଇଲୁ। ତା'ପରେ ଶ୍ରୀଶ୍ରୀଠାକୁରଙ୍କ ନିତ୍ୟବାସସ୍ଥଳୀ ନୀଳାଚଳ କୁଟୀରକୁ ଗଲୁ। ଅନ୍ୟ ବର୍ଷମାନଙ୍କରେ ଭୁବନେଶ୍ୱରରୁ ଟିକେ ଡେରିରେ ବାହାରିଥାଉ ପ୍ରାୟ ସକାଳ ୯ଟା ପାଖାପାଖି। ତେଣୁ କୁଟୀର ବନ୍ଦ ହୋଇଯିବ ବୋଲି ତରତର ଥାଉ। ଏହିଥର ଶ୍ରୀଶ୍ରୀଠାକୁରଙ୍କ ଅହେତକୁ କୃପାରୁ ସମୟ ବହୁତ ଥିଲା। ତେଣୁ ମନଭରି ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ ଓ

ପ୍ରଣାମ କଲୁ । ତା'ପରେ ସ୍ମୃତିମନ୍ଦିର ଯାଇ ଦର୍ଶନ, ପ୍ରଣାମ କରି ପ୍ରସାଦ ପାଇଲୁ । ଶ୍ରୀଶ୍ରୀଠାକୁରଙ୍କ ବ୍ୟବହୃତ ସେଇ ହାତଟଣା ରିକ୍ସାଟି ଦେଖିଲେ ଭାରି ଖୁସିଲାଗେ । ଫେବୃୟାରୀ ୨୦ ତାରିଖ ମଙ୍ଗଳବାର ଦିନ କଟକ ଅଭିମୁଖେ ଯାତ୍ରାକଲୁ । କଟକ ସାରସ୍ୱତ ସଂଘରେ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କଲୁ । ଏଠାରେ ଶ୍ରୀଶ୍ରୀଠାକୁରଙ୍କର ସମ୍ମିଳନୀରୁ ଶୁଭ ପ୍ରତ୍ୟାବର୍ତ୍ତନ ସମୟରେ କେତେ ସୁନ୍ଦର ସାଜସଜ୍ଜା ସାଙ୍ଗକୁ ଅଭ୍ୟର୍ଥନା କରାଯିବ, ଏହା ମନେ ମନେ ଭାବି ଖୁସୀ ହେଲି ।

ଫେବୃୟାରୀ ୨୨ ତାରିଖ ଗୁରୁବାର ସକାଳେ ପରିବାରର ଅନେକ ସଦସ୍ୟଙ୍କ ସହିତ ପୁନେ ଅଭିମୁଖେ ଯାତ୍ରା ଆରମ୍ଭ କଲୁ । ଭୁବନେଶ୍ୱର ଏୟାରପୋର୍ଟରେ ଅନେକ ଗୁରୁ ଭାଇ ଓ ମା'ମାନଙ୍କ ସହିତ ଭେଟ ହେଲା । ଯେଉଁଆଡ଼େ ଚାହୁଁଥିଲି ଜଣେ ଭାଇ କି ମା' । ଆମ ସଂଘର ଅନୁପ ଭାଇ, ଶ୍ୱେତା ମା, ତାଙ୍କ ବାପା ମା ଓ ଅନ୍ୟ ପରିବାର ସଦସ୍ୟମାନଙ୍କ ସହିତ ଓ ବୃନ୍ଦାବନ ଭାଇଙ୍କ ସହିତ ସେହିଠାରେ ପ୍ରଥମେ ଦେଖାହେଲା । ଫ୍ଲାଇଟ୍‌ଟା ସାରା ବୋଧେ ୮୦%-୯୦% ଆମ ଗୁରୁଭାଇ ଓ ମା'ମାନେ ଥିଲେ । ଏହା ଜୀବନର ଏକ ସୁନ୍ଦର ଅନୁଭୂତି । ଶ୍ରୀଶ୍ରୀଠାକୁରଙ୍କର ଶୁଭାଗମନ ସମୟରେ ଯେଉଁମାନଙ୍କର ଶ୍ରୀଶ୍ରୀଠାକୁରଙ୍କ ସହିତ ଫ୍ଲାଇଟ୍‌ରେ ଯିବାର ସୁବର୍ଣ୍ଣ ସୁଯୋଗ ମିଳିଥିଲା, ସେମାନଙ୍କର ଆନନ୍ଦ ଅବର୍ଣ୍ଣନୀୟ । ପ୍ରତି ମୁହୂର୍ତ୍ତରେ ସେହି ଫ୍ଲାଇଟ୍‌ରେ 'ଜୟଗୁରୁ' ନାମ ଶୁଭୁଥାଏ ଓ ମା', ଭାଇ ଡାକ ମଧ୍ୟ କାନରେ ପଡୁଥାଏ । ପୁନେ ଏୟାରପୋର୍ଟରେ ପହଞ୍ଚିବା ପରେ ମନରେ କି ଖୁସୀ । ଭକ୍ତ ସମ୍ମେଳନୀ ଶ୍ରୀଶ୍ରୀଠାକୁରଙ୍କର ଏ ମର୍ତ୍ତ୍ୟଧାମରେ ନିତ୍ୟ ବୃନ୍ଦାବନ । ସେହି ଶୁଭ ଅଧିବାସ ଦିନ ଶ୍ରୀଶ୍ରୀଠାକୁରଙ୍କର ଲୀଳା ସହଚରମାନଙ୍କ ସହିତ ଦେଖା ହେଉଥାଏ । ଭାଇମାନେ ସମସ୍ତଙ୍କ ପାଇଁ ଟ୍ୟାକ୍ସି ଠିକ୍ କରି ଦେଉଥାନ୍ତି । ହୋଟେଲ୍‌ରେ ପହଞ୍ଚିବା ପରେ ମଧ୍ୟ ଭାଇ ଓ ମା' ମାନଙ୍କୁ ଦେଖି 'ଜୟଗୁରୁ' ପ୍ରଣାମ କରିବାର ସୁଯୋଗ ମିଳୁଥାଏ । ଆମେ ଛ'ତାଲାରେ ରହିଲୁ । ଆମର ସେହି ଫ୍ଲୋରରେ ଦୀପ୍ତି ସାମଲ ମା', ଅବନ୍ତୀ ମା' (ଦେବୀ ସାମଲ ଭାଇଙ୍କ ବୋଉ), ସଙ୍ଗୀତା ମା', କାହ୍ନା, ପୁରବୀ, ଶକୁନ୍ତଳା ମା' ପ୍ରଭୃତି ରହୁଥିଲେ । ଲିଫ୍‌ଟ୍‌ରେ ଗଲାବେଳେ ମଧ୍ୟ 'ଜୟଗୁରୁ' ସମ୍ଭାଷଣ । ମୋତେ ଲାଗିଲା ଯେମିତି ସେହି ହୋଟେଲଟି ଧନ୍ୟ ହୋଇଗଲା । ଜିନିଷପତ୍ର ରଖିଦେଇ ତଳକୁ ଆସିଲୁ ସମ୍ମିଳନୀ କ୍ଷେତ୍ର ମହାଲକ୍ଷ୍ମୀ ଲନସ୍‌କୁ ଯିବାପାଇଁ ।

ସେଠାରେ ଲୀନା ମା', ଦେବ ଭାଇ, ଜ୍ଞାନ ଭାଇ ଓ ଶୀବାନୀ ମା', ବ୍ରଜଭାଇ ଓ ରଶ୍ମି ମା'ଙ୍କ ସହ ଦେଖାହେଲା । Uberରେ ମହାଲକ୍ଷ୍ମୀ ଲନସ୍‌କୁ ଗଲୁ । ଏହି ସ୍ଥାନରେ ପ୍ରବେଶ ଦ୍ୱାର ପାଖରେ ଆମ ଭକ୍ତ ସମ୍ମିଳନୀର ବିରାଟ ଡିସ୍‌ପ୍ଲେ ରଖାଯାଇଥିଲା । ଶ୍ରୀଶ୍ରୀଠାକୁର, ତାଙ୍କର ଇଚ୍ଛା ଅନୁସାରେ ଏହି ସମ୍ମିଳନୀ ସ୍ଥାନକୁ ବାଛିଛନ୍ତି । କି ସୁନ୍ଦର ସେ ପରିବେଶ । ଚତୁର୍ଦ୍ଦିଗରେ ସୁନ୍ଦର ଗଛଗୁଡ଼ିକ ଲାଗିଥାଏ । ସବୁ ପ୍ରସ୍ତୁତି ସୁନ୍ଦର ଓ ଆକର୍ଷଣୀୟ ହୋଇଥାଏ । ଶ୍ରୀଶ୍ରୀଠାକୁର ସୁଦୃଶ୍ୟ ପାଲିଙ୍କିରେ ବସି ସମ୍ମିଳନୀ ସ୍ଥାନ ପରିଦର୍ଶନରେ ବାହାରିଲେ । ଆମେ ତାଙ୍କ ସଙ୍ଗେ ସଙ୍ଗେ ଚାଲିଲୁ । ପ୍ରଣାମ କଲୁ । ସନ୍ଧ୍ୟା ଆରତି ଓ ସ୍ତୋତ୍ର ବନ୍ଦନା ପ୍ରଭୃତିରେ ଯୋଗଦେଲୁ । ପ୍ରସାଦ ପାଇ ଆଗାମୀ ଦିନର ଉତ୍କଣ୍ଠା ଓ ବ୍ୟାକୁଳତାକୁ ମନରେ ଧରି ହୋଟେଲକୁ ଫେରିଆସିଲୁ ।

ଫେବୃୟାରୀ ୨୩ ତାରିଖ ଶୁକ୍ରବାର, ସମ୍ମିଳନୀର ପ୍ରଥମ ଦିବସ । ଆମମାନଙ୍କର ବହୁ ପ୍ରତୀକ୍ଷିତ ସେହି ଶୁଭଦିନ । ବ୍ରାହ୍ମମୁହୂର୍ତ୍ତରେ ସମ୍ମିଳନୀ କ୍ଷେତ୍ରରେ ପହଞ୍ଚି ଶ୍ରୀଶ୍ରୀଠାକୁରଙ୍କୁ ଅନ୍ତରର ଗଭୀର କୃତଜ୍ଞତା ଜ୍ଞାପନ କଲି । ଭକ୍ତ ବାଞ୍ଛାକଳ୍ପତରୁ ପ୍ରାର୍ଥନା ଶୁଣି ଆମକୁ ସମ୍ମିଳନୀ କ୍ଷେତ୍ରକୁ ଆଣିଛନ୍ତି । "କି ଭାଷାରେ କୃତଜ୍ଞତା ଜଣାଇବି ମୋର ।" "We are Thankful, Grateful and Truely Blessed". ଷୋଡଶ ଉପଚାର ପୂଜା ଓ ଆରତି ଦର୍ଶନ କରି ମନ, ପ୍ରାଣ ପୁଲକିତ ହୋଇ ଦିବ୍ୟ ଆନନ୍ଦରେ ଭରିଗଲା । ମୋତେ 'ସତ୍ୟଲୋକ ପରପାର, ବିରାଜିତ ନିତ୍ୟପୁର' ପ୍ରାର୍ଥନାଟି ବହୁତ ଭଲ ଲାଗେ । ଶ୍ରୀଶ୍ରୀଠାକୁରଙ୍କର ଆରତିବେଳେ ମୋତେ ଲାଗେ ଶ୍ରୀଶ୍ରୀଠାକୁରଙ୍କୁ ମୁଁ ନିତ୍ୟଲୋକରେ ନିତ୍ୟ ପୁରୁଷଭାବରେ ଦର୍ଶନ କରୁଛି । ଭକ୍ତବତ୍ସଳ, ଭାବଗ୍ରାହୀ, କରୁଣାସାଗର, ପ୍ରେମ କରୁଣାଭରା ଚାହାଣୀରେ ସମସ୍ତଙ୍କ ଉପରେ କୃପାବୃଷ୍ଟି କରୁଛନ୍ତି । ଶ୍ରୀଶ୍ରୀଠାକୁର କହିଛନ୍ତି "ତୁମେମାନେ ମନେକରିବ, ମୁଁ ନିତ୍ୟଲୋକର ନିତ୍ୟପୁରୁଷ । ତୁମେମାନେ ମୋର ନିତ୍ୟ ସଙ୍ଗୀ ବା ପାର୍ଶ୍ୱଦ । ତୁମେମାନେ ମୋର ନିତ୍ୟ ସହଚର ।" ଏହା ମନେ ରଖିବାକୁ ଚେଷ୍ଟା କରିଥାଏ । ଭକ୍ତ ସମ୍ମିଳନୀରେ ଯୋଗଦାନ ସମୟରେ ବେଶୀ ମନେପଡ଼େ । କି ସୁନ୍ଦର ଆସନ ସଜ୍ଜା ଓ ପୁଷ୍ପ ସମ୍ଭାର । ଏହା ତ ସେହି ନିତ୍ୟଲୋକର ବର୍ଣ୍ଣନା । କି ଆନନ୍ଦ ଅନୁଭବ, ତାହା ଭାଷାରେ କ'ଣ ପ୍ରକାଶ କରାଯାଇପାରିବ ? ମନରେ ଶ୍ରୀଶ୍ରୀଠାକୁରଙ୍କୁ ପ୍ରାର୍ଥନା ଜଣାଇଥିଲି ଯେମିତି ସମ୍ପୂର୍ଣ୍ଣ ଅଧିବେଶନ ଗୁଡ଼ିକରେ ଯୋଗଦେଇପାରେ । ଅପରାହ୍ନକୁ ଛାଡ଼ି ଏହା ସମ୍ଭବ ହୋଇପାରୁଥିଲା । ଶ୍ରୀଶ୍ରୀଠାକୁରଙ୍କୁ

ସମ୍ମିଳନୀରେ ଦର୍ଶନ ମୋ ପାଇଁ ପରମ ସୌଭାଗ୍ୟ ଥିଲା । ଭକ୍ତି ଓ ଜ୍ଞାନ ମଧ୍ୟ ଶ୍ରୀଶ୍ରୀଠାକୁରଙ୍କର ପୂଜା ଓ ଆରତି ଦେଖି ବହୁତ ଆନନ୍ଦିତ ହେଉଥିଲେ । ସବୁ ଓଡ଼ିଶା ବାହାର Cityରେ ଅନୁଷ୍ଠିତ ଭକ୍ତ ସମ୍ମିଳନୀ ଯୋଗ ଦେବାପାଇଁ ପ୍ରାର୍ଥନା ଜଣାଇଛନ୍ତି । 'ଗୁରୁକୃପା ହିଁ କେବଳମ୍' । ଭକ୍ତ ସମ୍ମିଳନୀ ଶ୍ରୀଶ୍ରୀଠାକୁରଙ୍କ କୃପାରୁ ସରସ ସୁନ୍ଦର ଓ ସାଫଲ୍ୟ ମଣ୍ଡିତ ହୋଇଥିଲା । ଆମେ ସମସ୍ତେ ଯୋଗଦେଇ ଶ୍ରୀଶ୍ରୀଠାକୁରଙ୍କୁ ପ୍ରାର୍ଥନା, ପ୍ରଣାମ କରି ଓ ପ୍ରସାଦ ପାଇ ପରମ ଆନନ୍ଦ ଲାଭକରି ଧନ୍ୟ ହେଲୁ । ଶ୍ରୀଶ୍ରୀଠାକୁରଙ୍କ କୃପାରେ ଆମ ଜୀବନ ନଉକା ଚାଲିଛି, ତାଙ୍କୁ ଭରସା କରି ଓ ତାଙ୍କ ନାମ ନେଇ ।

ମହାଲକ୍ଷ୍ମୀ ଲନ୍‌ସ କି ସୁନ୍ଦର ସ୍ଥାନ । ତାକୁ ଦେଖି ମୋ ମନରେ କେତେ କଳ୍ପନା ଉଙ୍କି ମାରିଛି । ଆମେରିକା ସାରସ୍ୱତ ସଂଘର କେତେ ବଡ଼ ଜାଗା । ଏମିତି ଅନେକଗୁଡ଼ିଏ ବଖରା, ବଡ଼ ପୂଜା ହଲ୍, ପ୍ରସାଦ, ମଣ୍ଡପ ପ୍ରଭୃତି ଶ୍ରୀଶ୍ରୀଠାକୁର ଚାହିଁଲେ ନିଶ୍ଚୟ ସମ୍ଭବ ହେବ । ଯାହାଫଳରେ ପ୍ରତିବର୍ଷ ଆମେରିକାର ବିଭିନ୍ନ ସ୍ଥାନରୁ ଭକ୍ତମାନେ ଆସି ମହା ଆନନ୍ଦରେ ଖୁବ୍ ସୁବିଧାରେ ଭକ୍ତ ସମ୍ମିଳନୀରେ ଯୋଗ ଦେଉଥିବେ । ପିଲାମାନେ ମଧ୍ୟ ଅଧିକ ଜାଗା ପାଇ ଖୁସି ହେଉଥିବେ । 'ସରବେ ସେବା ନିରତ, ସମଭାବେ ଆନନ୍ଦିତ ।' ପ୍ରତିବର୍ଷ ଆମେରିକାରେ ଭକ୍ତ ସମ୍ମିଳନୀ ସର୍ବାଙ୍ଗ ସୁନ୍ଦର ହୋଇ ସାଫଲ୍ୟମଣ୍ଡିତ ହେଉଥିବ ।

ଦେଖୁ ଦେଖୁ ସମ୍ମିଳନୀ ୩ ଦିନ (ଫେବୃୟାରୀ ୨୩,୨୪, ୨୫ ତାରିଖ) ସରିଗଲା, ଫେବୃୟାରୀ ୨୬ ତାରିଖ ସୋମବାର ସକାଳେ ହୋଟେଲରୁ ପୁନେ ସାରସ୍ୱତ ସଂଘ ଅଭିମୁଖେ ଯାତ୍ରା କଲୁ । କି ସୁଦୃଶ୍ୟ ପରିବେଶ, ସଂଘ ଗେଟ ଭାରି ସୁନ୍ଦର ଚାରିଆଡ଼େ ଫୁଲ ଓ ସୁନ୍ଦର ସାଜସଜ୍ଜା । ଆଗରୁ ଭିଡ଼ିଓ କ୍ଲିପ୍‌ସ୍ ଓ ଲାଇଭ୍ ଟେଲିକାଷ୍ଟରେ ଦେଖିଥିଲି । ନିଜ ଆଖିରେ ଦେଖିବାର ଅନୁଭୂତି ସ୍ୱତନ୍ତ୍ର । ସେଠାରେ ଶ୍ରୀଶ୍ରୀଠାକୁର ସମ୍ମିଳନୀ କ୍ଷେତ୍ରରୁ ପୂର୍ବଦିନ ରାତ୍ରିରୁ ଆସିଯାଇଥାନ୍ତି । ସେଠାରେ ଆମେ ଶ୍ରୀଶ୍ରୀ ଠାକୁରଙ୍କୁ ପ୍ରଣାମ କରି ମଧ୍ୟାହ୍ନ ପ୍ରସାଦ ପାଇଲୁ । ପୁନେ ସଂଘ ସଭାପତି ଭାଇ ଓ ଅନ୍ୟ କେତେଜଣ ଭାଇଙ୍କର ଘର ସଂଘ ଆସନକୁ ଲାଗିଛି । ମୋର ମନରେ ଭାବନାର ତରଙ୍ଗ । ଆମେ ମଧ୍ୟ ଆମେରିକାରେ ସଂଘ ଆସନ ମନ୍ଦିର ପାଖରେ ଘର କିଣିବା ବା ତିଆରି କରିବା । ଅଧିକ ସେବାର ସୁଯୋଗ ମିଳିବ । ସବୁ ଶ୍ରୀଶ୍ରୀଠାକୁରଙ୍କ ଇଚ୍ଛାରୁ ସମ୍ଭବ ହୁଏ । ସେ ମଙ୍ଗଳମୟ, ଆମପାଇଁ ଯାହା ଶୁଭପ୍ରଦ, ମଙ୍ଗଳ ତାହା ହିଁ ସେ କରାଇବେ । ପୁନେ ସଂଘ ଆସନ ମନ୍ଦିର ପାଚେରୀ ପାଖରେ ମୋର ପ୍ରିୟ ଚମ୍ପା ଗଛଗୁଡ଼ିକ ଧାଡ଼ିଧାଡ଼ି ହୋଇ ଲାଗିଛି । ଲାଗୁଥାଏ ଭକ୍ତମାନେ କେତେ ଭଲ ପାଉଛନ୍ତି ଓ କେତେ ସେବା କରୁଛନ୍ତି ଜୀବନର ପ୍ରିୟତମଙ୍କ ପ୍ରୀତି ସମ୍ପାଦନ ପାଇଁ । "ସବୁ ସେହି ପ୍ରିୟତମଙ୍କର ତ ଦାନ ।" ଭକ୍ତକବି ଗାଇଛନ୍ତି– "ତୁମେ ଅଛ ବୋଲି ମୁହିଁ ସିନା ଅଛି, ତୁମେ ପ୍ରାଣମୟ ତେଣୁ ମୁଁ ବଞ୍ଚିଛି ।"

ତାପରେ ପୁନେ ହୋଟେଲକୁ ଫେରି, ପୁନେ ଏୟାରପୋର୍ଟ ଅଭିମୁଖେ ଯାତ୍ରା ଆରମ୍ଭ କଲୁ । ଆସିବା ବେଳର ଏୟାରପୋର୍ଟରେ ସେ ଅନୁଭୂତି, ଗୁରୁଭାଇ ଓ ମା'ମାନଙ୍କ ସହ ଦେଖା, 'ଜୟଗୁରୁ' ସମ୍ଭାଷଣ ନ ଥିଲା । ପୁନେରୁ ଦିଲ୍ଲୀକୁ ଆସିଲୁ ଓ ତାପରେ Munich ଦେଇ Charlotteରେ ଆସି ଫେବୃୟାରୀ ୨୭ ମଙ୍ଗଳବାର ସନ୍ଧ୍ୟାରେ ଗୃହାସନରେ ପହଞ୍ଚିଲୁ ।

ଗୃହାସନରେ ପହଞ୍ଚି ଶ୍ରୀଶ୍ରୀଠାକୁରଙ୍କୁ ନିତ୍ୟପୂଜା କରାଗଲା । ଏଠାରେ ଶୀତଯୋଗୁ Sun Room ଓ ଗ୍ୟାରେଜରେ ଫୁଲଗଛ, ତୁଳସୀ ଓ ଅନ୍ୟ ଗଛ ସବୁ ରଖାଯାଇଥିଲା । ୧୧ ଦିନ ପାଇଁ ବିଭିନ୍ନ ପ୍ରକାର ବ୍ୟବସ୍ଥା କରାଯାଇଥିଲା । ଶ୍ରୀଶ୍ରୀଠାକୁରଙ୍କ ଅସୀମ କୃପାରୁ ସମସ୍ତେ ଖୁବ୍ ଭଲରେ ଥିଲେ ଓ ଶ୍ରୀଶ୍ରୀଠାକୁରଙ୍କ ସେବାରେ ଲାଗିବାପାଇଁ ଖୁବ୍ ଉତ୍କଣ୍ଠିତ ହୋଇ ରହିଥିଲେ । ମନ୍ଦାର ଗଛରେ କଢ଼ ଓ ତୁଳସୀ ଗଛ ନୂତନ ପତ୍ର ଓ ମଞ୍ଜୀରୀରେ ପଲ୍ଲବିତ ହୋଇ ପ୍ରଭୁଙ୍କ ସେବାରେ ଲାଗିବାକୁ ପ୍ରସ୍ତୁତ ଥିଲେ । ମାର୍ଚ୍ଚ ୨ ତାରିଖ ଶନିବାର ଦିନ ସଂଘ ଆସନ ମନ୍ଦିରକୁ ଯାଇଥିଲୁ । ମାର୍ଚ୍ଚ ୩ ତାରିଖ ରବିବାର ସଂଘ ପୂଜାରେ ଶ୍ରୀଶ୍ରୀଠାକୁରଙ୍କୁ ଘର ଭାଇ, ଭକ୍ତି, ଜ୍ଞାନ ଓ ମୁଁ ପ୍ରଣାମ କରି ଅନ୍ତରର ଭକ୍ତିଭରା ପ୍ରଣତି ଓ କୃତଜ୍ଞତା ଜ୍ଞାପନ କରିଥିଲୁ । ଏ ମାୟାମୋହ ଘେରା ସଂସାରର କୋଳାହଳରୁ କିଛି ଦିନ ପାଇଁ ନିତ୍ୟାନନ୍ଦ ଓ ଦିବ୍ୟ ଅନୁଭୂତି ଲାଭ ହୋଇଥିଲା କେବଳ ଶ୍ରୀଶ୍ରୀଠାକୁରଙ୍କ କୃପାରୁ । ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ କୋଟି ପ୍ରଣାମ ଓ ଅନ୍ତରର ପ୍ରାର୍ଥନା ଏମିତି ଦିବ୍ୟ ଆନନ୍ଦର ସୌଭାଗ୍ୟ ମିଳୁଥାଉ । 'ଜୟଗୁରୁ' ।


ଶ୍ରୀଶ୍ରୀଠାକୁର ଚରଣାଶ୍ରିତା

**ଶ୍ରୀମତୀ ସ୍ମିତା ରାୟ**

ଆମେରିକା ସାରସ୍ୱତ ସଂଘ

# ମୋ ଜୀବନରେ ଶ୍ରୀଶ୍ରୀଠାକୁର ଭାଗ - ୪

ତ୍ୱମେବ ମାତା ଚ ପିତା ତ୍ୱମେବ, ତ୍ୱମେବ ବନ୍ଧୁଶ୍ଚ ସଖା ତ୍ୱମେବ
ତ୍ୱମେବ ବିଦ୍ୟା ଦ୍ରବିଣଂ ତ୍ୱମେବ, ତ୍ୱମେବ ସର୍ବଂ ମମ ଦେବ ଦେବ।

ରାଜରାଜେଶ୍ୱର, ହୃଦୟେଶ୍ୱର, ଅଗତିର ଗତି, ପରମ ପ୍ରେମମୟ, ପ୍ରାଣପ୍ରିୟ ଶ୍ରୀଶ୍ରୀଠାକୁର ମହାରାଜଙ୍କ ଅମଳ ଧବଳ ଶ୍ରୀଚରଣ କମଳରେ ଏ ଦୀନା ଦାସୀ ଶତଶତ କୋଟି ପ୍ରଣତି ଜ୍ଞାପନ କରିବା ସହିତ ମୋ ଜୀବନରେ ଶ୍ରୀଶ୍ରୀଠାକୁର ଭାଗ-୪ ଲେଖା ଲେଖିବା ପାଇଁ ଶ୍ରୀଶ୍ରୀଠାକୁରଙ୍କ ନିକଟରେ ଅନୁମତି ମାଗିବା ସହିତ କୃପା ଭିକ୍ଷା କରୁଅଛି। କରି କରାଉ ଥାଏ ମୁହିଁ, ମୋ ବିନୁ ଅନ୍ୟଗତି ନାହିଁ।

ଶ୍ରୀଶ୍ରୀଠାକୁରଙ୍କ ବିନା ଆମର ଅନ୍ୟ ଗତି ନାହିଁ। ଏହି ଆପ୍ତ ବାକ୍ୟଟି ମୁଁ ମୋ ଜୀବନ ପ୍ରବାହରେ ଅଙ୍ଗେ ଅଙ୍ଗେ ଅନୁଭବ କରୁଛି। ଶ୍ରୀଶ୍ରୀଠାକୁର କହିଛନ୍ତି, ରଖୁଆଳ ଗାଈ ପଛେ ପଛେ ଧାଇଁଲା ପରି, ମୁଁ ସବୁବେଳେ ତୁମ ସହିତ ରହିଛି। ଏହା ଏପରି ଏକ ଧ୍ରୁବସତ୍ୟ ଯେ ଏହାକୁ ପ୍ରତ୍ୟେକ ଶ୍ରୀଶ୍ରୀଠାକୁରଙ୍କ ଶରଣାଗତ ଭକ୍ତ ଅନୁଭବ କରୁଥିବେ। ୨୦୨୩ ମସିହା ଜାନୁଆରୀ ମାସ ୮ତାରିଖରେ ଆମେରିକା ସାରସ୍ୱତ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେଲା। ଏଥିରେ ଯୋଗଦେଇ ଖୁବ ଆନନ୍ଦ ମନରେ ଆମେ ଗୃହାସନକୁ ଫେରିଲୁ। ପ୍ରତ୍ୟେକଟି ଥର ପରି ଏହି ଆଶା ମନରେ ଧରି ଯେ ପୁଣି କେବେ ଆଶ୍ରମକୁ ଆସିବୁ, କାରଣ ଏହା ଖାଲି ଯେ ଆସନ ମନ୍ଦିର, ଗୁରୁଗୃହ, ଆଶ୍ରମ, ସଂଘ ନୁହେଁ ଏହା ହେଉଛି ମୋ ପିତ୍ରାଳୟ। ବାପଘରକୁ ଝିଅଟି ଗଲେ ଯେଉଁ ଆନନ୍ଦ ପାଏ, ତା'ଠୁଁ କୋଟି ଗୁଣ ସୁଖ ଆମ ଆସନ ମନ୍ଦିରରେ ଆମ ଶ୍ରୀଶ୍ରୀଠାକୁରଙ୍କ ପାଖକୁ ଗଲେ ମୁଁ ପାଇଥାଏ। ହେଲେ ଆସନ ମନ୍ଦିରରୁ ଆସିଲା ପରେ ମୋ ଦେହ ଟିକେ ଅସୁସ୍ଥ ଲାଗିବାରୁ ମୁଁ ଡାକ୍ତରଙ୍କ ପାଖକୁ ଗଲି, ସେଠାରୁ ମୁଁ ଆମ ଘରକୁ ଏକ ନୂଆ ଅତିଥିର ଆଗମନର ବାର୍ତ୍ତା ପାଇ ଧନ୍ୟ ହେଲି। ଏହା ଥିଲା ଶ୍ରୀଶ୍ରୀଠାକୁରଙ୍କର ମୋ ପ୍ରତି ଅପାର କରୁଣା। ଘରକୁ ଫେରି ଗୃହାସନରେ ଶ୍ରୀଶ୍ରୀଠାକୁରଙ୍କୁ ଏ ଶୁଭ ସମ୍ବାଦ ଜଣାଇଲି। ଅଶ୍ରୁଜଳରେ ଶ୍ରୀଶ୍ରୀଠାକୁରଙ୍କୁ ମୁଁ ମୋର କୃତଜ୍ଞତା ଜ୍ଞାପନ କଲି। ହେଲେ ମନରେ ସଙ୍ଗେ ସଙ୍ଗେ ସେଇ ପ୍ରଶ୍ନ। ଶ୍ରୀଶ୍ରୀଠାକୁରଙ୍କ ପାଖକୁ ଆଶ୍ରମ କେମିତି ଯିବି! ଆମ ଆଶ୍ରମ ଗୃହାସନଠୁ ପ୍ରାୟ ୫୨୫ ମାଇଲ ବାଟ। ତେଣୁ ଶ୍ରୀଶ୍ରୀଠାକୁରଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ପ୍ରାର୍ଥନା ଜଣାଇବାକୁ ଲାଗିଲି, ହେ ପ୍ରଭୁ ଯେମିତି ହେଲେ ମୋତେ ସମ୍ମିଳନୀକୁ ନେବେ, ଆପଣଙ୍କ ଦର୍ଶନ କରିବି। ଡାକ୍ତର ମୋତେ ଜୁଲାଇ ମାସ ଶେଷରେ date ଦେଇଥା'ନ୍ତି। ଏହିପରି ଦିନ ବିତିବାକୁ ଲାଗିଲା, ପ୍ରତ୍ୟେକ ବର୍ଷ ମୋ ପାଳି ସେବା ମୁଁ ଅକ୍ଷୟ ତୃତୀୟା ବିଶେଷ ଉତ୍ସବରେ ନେଇଥାଏ। ସେତେବେଳକୁ ମୋର ୬ ମାସ ଚାଲିଥାଏ। ମୁଁ ଆଶ୍ରମ ଯିବା କଥା ଭାବିନଥାଏ କିନ୍ତୁ ଶ୍ରୀଶ୍ରୀଠାକୁର ମୋ ଯିବା ବନ୍ଦୋବସ୍ତ କରିଦେଲେ। ଆମ ସଂଘର ଅନୁପ୍ ଭାଇ ଓ ଶ୍ୱେତା ମାଆଙ୍କ ସହିତ। ଆମେ ପୁଣି ଥରେ ଆଶ୍ରମ ବାହାରି ପଡ଼ିଲୁ। ମୋର ପାଳି ସେବା ଭଲରେ ହୋଇଗଲା। ଆନନ୍ଦମୟ ଶ୍ରୀଶ୍ରୀଠାକୁର ମାଗିବା ଆଗରୁ ସବୁ ଇଚ୍ଛା ପୁରଣ କରନ୍ତି। ସେହି ସମୟରେ ଆମ ସଂଘ ଜ୍ଞାନ ଭାଇଙ୍କ ଗୃହାସନ ବାର୍ଷିକ ଉତ୍ସବ ଥାଏ। ଶ୍ରୀଶ୍ରୀଠାକୁରଙ୍କ କୃପାରୁ ପୂଜା ଦେଖି ମନ ମୋର ଆନନ୍ଦରେ ଭରିଗଲା। ଏହି ଅପାଶୋରା ସ୍ମୃତି ସବୁକୁ ସାଉଁଟି ନେଇ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ ଜଣାଇ ଆମେ ସମସ୍ତେ ନିଜନିଜ ଗୃହାସନକୁ ଫେରିଲୁ। ଆସିଲା ବେଳେ ଶ୍ରୀଶ୍ରୀଠାକୁରଙ୍କୁ ମୋର ଏହି ଅଳି ଜଣାଇଆସିଲି ଯେ ଶ୍ରୀଶ୍ରୀଠାକୁର ସବୁବର୍ଷ ଭଳି ମତେ ଏହି ବର୍ଷ ମଧ୍ୟ ଆମ ସଂଘର ବାର୍ଷିକ ଭକ୍ତ ସମ୍ମିଳନୀକୁ ଆଣିବେ। ଦିନ ବିତିଲା, ଏପଟେ ମୁଁ ଡାକ୍ତରଙ୍କୁ ପଚାରୁଥାଏ, travel କେବେଠୁ ବନ୍ଦ। ଡାକ୍ତର June ୨୨ ପରଠୁ travel restriction କରିଦେଲେ। ମନ ବ୍ୟାକୁଳ ହେବାକୁ ଲାଗିଲା। ସମ୍ମିଳନୀ ଆମର ଜୁଲାଇ ମାସର ପ୍ରଥମ ୩ ଦିନ। ତେଣୁ ଡାକ୍ତରଙ୍କୁ କହିଲି ଘରଭାଇଙ୍କର North Carolinaରେ କାମ ଅଛି। ଏଠି ମୋ relativesବି କେହି ନାହାଁନ୍ତି ମୋ କଥା ବୁଝିବାକୁ। ତେଣୁ ମତେ ତାଙ୍କ ସହିତ ଯିବାକୁ ପଡ଼ିବ। ଶ୍ରୀଶ୍ରୀ ଠାକୁରଙ୍କ କୃପାରୁ ସେ ରାଜି ହୋଇଗଲା ଓ ରାସ୍ତାରେ ଦିନକୁ ୪ ଘଣ୍ଟାରୁ ଅଧିକ drive କରିବାକୁ ମନାକରି travel ସମୟରେ medicine ଖାଇବାକୁ ଲେଖିଦେଲେ।

ଝିଅର ବି ଖରାଦିନ ଛୁଟି ଆରମ୍ଭ ହୋଇଯାଇଥାଏ। ଘରଭାଇ ମଧ୍ୟ work from homeରେ ଅଫିସ୍ କାମ କରିବାକୁ ସ୍ଥିର କରି ଆମେ ସମ୍ମିଳନୀର ୧୫ଦିନ ଆଗରୁ ସୁରକ୍ଷା ଦୃଷ୍ଟିରୁ ଆଶ୍ରମ ବହାରିପଡ଼ିଲୁ। ଡାକ୍ତର କହିଥିଲେ କିଛି emergency ହେଲେ ନିକଟସ୍ଥ କୌଣସି hospitalକୁ ସଙ୍ଗେ ସଙ୍ଗେ ଯିବ। ଶ୍ରୀଶ୍ରୀଠାକୁରଙ୍କ କୃପାରୁ ଭଲରେ ଆଶ୍ରମରେ ପହଞ୍ଚିଲୁ। ଏହି ବର୍ଷ ସମ୍ମିଳନୀକୁ କେନ୍ଦ୍ର

ପ୍ରତିନିଧି ଶ୍ରଦ୍ଧେୟ ଶରତ ଭାଇ ଓ ନଳିନୀପ୍ରଭା ମାଆ ଆସିଥିଲେ। ଅଧିବାସ ଦିନ ଶ୍ରୀଶ୍ରୀଠାକୁରଙ୍କୁ ସୁସଜ୍ଜିତ ରଥରେ ବସାଇ ଆଶ୍ରମ ପରିକ୍ରମାର ସେ ଦୃଶ୍ୟ ଭୁଲିହେବ ନାହିଁ। ଆଉ ଆମେ ସବୁ ତାଙ୍କ ସହିତ ପଛେ ପଛେ ଧାଉଁଥାଉ। ମନପ୍ରାଣ ଆନନ୍ଦରେ ଭରି ଯାଉଥାଏ। ମୁଁ ଶ୍ରୀଶ୍ରୀଠାକୁରଙ୍କୁ ଚାମର କରୁଥାଏ ଆଉ ଭାବୁଥାଏ ଶ୍ରୀଶ୍ରୀଠାକୁର ମୋ ଡାକ ଶୁଣି ମତେ ତାଙ୍କ ପାଖକୁ ନେଇ ଆସିଲେ। ସମ୍ମିଳନୀ ମଣ୍ଡପରେ ହୃଦୟେଶ୍ୱରଙ୍କୁ ନିଉୟର୍କ ସହର ଆସନସଜ୍ଜା ଟାହିଆରେ ଦେଖିଲି। ଶ୍ରୀଶ୍ରୀଠାକୁରଙ୍କୁ ସ୍ଥୂଳରେ ପାଇ ଧନ୍ୟ ହେଲି, ଆମ ଗୁରୁଭାଇ, ମାଆମାନେ ଆମ ପ୍ରାଣପ୍ରିୟ ଗୁରୁଦେବଙ୍କ ପାଇଁ କେଡ଼େ ସୁନ୍ଦର ପୁଷ୍ପମାଲ୍ୟ ଗୁନ୍ଥି ତାଙ୍କୁ ସଜାଇଥିଲେ। ଶ୍ରୀବିଗ୍ରହଙ୍କୁ ଦର୍ଶନ କରି ମନ, ପ୍ରାଣ ଭରି ଯାଉଥାଏ। ପରିଚାଳକ ମହୋଦୟ, ସଭାପତି ଭାଇ ଓ ସମସ୍ତ ଗୁରୁଭାଇ, ମାଆଙ୍କ ଆଲୋଚନା ଶୁଣିଲି। ପ୍ରସାଦ ସେବନ କଲି। ମାଆ ଓ ଭାଇମାନଙ୍କ ସହିତ ଦେଖାହେଲା। ବିଦାୟ ଦିବସ ଦିନ ସମସ୍ତ ମାଆ ମାନେ ମୋର ସାଦଖିଆ ବିଧି ପାଳନ କଲେ। ଆଖି ମୋର ଲୁହରେ ଭରି ଗଲା। ଶ୍ରୀଶ୍ରୀଠାକୁରଙ୍କ କରୁଣା କେମିତି ବରଷୁଛି। ତାହା ମର୍ମେ ମର୍ମେ ଉପଲବ୍ଧି କଲି। ସମ୍ମିଳନୀ ପୂର୍ବରୁ ଆମେ ଯେଉଁ ୧୫ଦିନ ଆଗରୁ ଆଶ୍ରମ ଯାଇଥିଲୁ, ସେହି ସମୟରେ North Carolina Raleigh ସହରରେ ରଥଯାତ୍ରା ପାଳିତ ହେଉଥାଏ। ଆମେ ଶ୍ରୀଜଗନ୍ନାଥଦେବଙ୍କ ମନ୍ଦିରକୁ ରଥଯାତ୍ରା ଦେଖିବାକୁ ଯାଇଥିଲୁ। ଏହା ମଧ୍ୟ ଶ୍ରୀଶ୍ରୀଠାକୁରଙ୍କ ଅହେତୁକ କୃପା ବୋଲି ଆମେ ଅନୁଭବ କଲୁ। ସମ୍ମିଳନୀ ଶେଷ ହେବା ପରେ ଆମେ ସମସ୍ତେ ଗୃହାସନକୁ ଫେରିଲୁ। ଆସିଲା ବେଳକୁ ବାଟରେ Fredericksburg ବୋଲି ଗୋଟେ ଜାଗା ଅଛି। ସେଠି ସବୁବେଳ ବହୁ ଟ୍ରାଫିକ୍ ପାଇଁ ବିଳମ୍ବ ହୁଏ। କିନ୍ତୁ ସେଦିନ ଆଦୌ ଟ୍ରାଫିକ୍ ନଥାଏ। ଠିକ୍ ସମୟରେ ଆସି ଗୃହାସନରେ ପହଞ୍ଚିଲୁ ଓ ଆଶ୍ରମ ଯିବା ଆସିବାବେଳେ ମୁଁ କୌଣସି ପ୍ରକାରର ସ୍ୱାସ୍ଥ୍ୟଗତ ଅସୁବିଧା ମଧ୍ୟ ଅନୁଭବ କରିନାହିଁ। ଶ୍ରୀଶ୍ରୀଠାକୁର ଆମ ପାଖରେ ସଦାସର୍ବଦା ଅଛନ୍ତି, ସେ କୌଣସି ଅସୁବିଧା ହେବାକୁ ଦେଇ ନାହାଁନ୍ତି। North Carolinaରୁ ଫେରି ମୁଁ ଯେତେବେଳେ ଡାକ୍ତରଙ୍କ ପାଖକୁ Checkup ପାଇଁ ଗଲି, ସେ ଶୁଣି ଆଶ୍ଚର୍ଯ୍ୟ ହେଲେ ଯେ ସତରେ ମୁଁ ଏତେ ବାଟ ବିନା କୌଣସି ଅସୁବିଧାରେ ଯାତ୍ରା କରି ଫେରିଛି। ଜୁଲାଇ ମାସ ୨୭ ତାରିଖ ୨୦୨୩ ତାରିଖ ଗୁରୁବାର ଦିନ ସନ୍ଧ୍ୟା ୫.୦୨ ମିନିଟ୍ ସମୟରେ ଶ୍ରୀଶ୍ରୀଠାକୁରଙ୍କ କୃପାରୁ ଆମର ପୁତ୍ର ସନ୍ତାନ ପ୍ରାପ୍ତି ହେଲା। ଶ୍ରୀଶ୍ରୀଠାକୁରଙ୍କୁ ଗୃହାସନରେ ମନକଥା ଜଣାଇଲେ ସେ ଶୁଣନ୍ତି। ମୋର ସମ୍ମିଳନୀକୁ ଯିବା ପ୍ରାର୍ଥନାକୁ ସେ ପୁରଣ କଲେ। ପୁଣି ପୁଅକୁ ନେଇ ଆମେ ସମସ୍ତେ ଅନ୍ନ ପ୍ରାସନ୍ନ କରିବା ପାଇଁ ଆମ ସଂଘର ବାର୍ଷିକ ଉତ୍ସବକୁ ଗଲୁ। ଖୁବ୍ ଆନନ୍ଦ ମନରେ ସମସ୍ତେ ଗୁରୁଭାଇ ଓ ମାଆ ମାନେ ଶ୍ରୀଶ୍ରୀଠାକୁରଙ୍କ ପ୍ରସାଦ କ୍ଷୀରି ପୁଅକୁ ଖୁଆଇ ଦେଲେ, ଏହା ଆମ ସୌଭାଗ୍ୟ। ଶ୍ରୀଶ୍ରୀଠାକୁରଙ୍କ ଅଶେଷ କୃପାରୁ ଶ୍ରୀଶ୍ରୀଠାକୁର, ଗୁରୁଭାଇ ଓ ମାଆମାନଙ୍କ ଗହଣରେ ଅନ୍ନ ପ୍ରାସନ୍ନ ଉତ୍ସବ ହୋଇପାରିଲା। ତାଙ୍କ ଦୟା, କରୁଣା ଆମ ସମସ୍ତଙ୍କ ଉପରେ ନିରନ୍ତର ବରଷୁଛି। ଏ ଜୀବନ ଯେପରି ତାଙ୍କରି ନାମ, ଗୁଣ, ଶ୍ରବଣ, କୀର୍ତ୍ତନରେ ଓ ତାଙ୍କରି ଜଗଦ୍ଧିତକର କର୍ମ କରି ବିତିଯାଉ। ଶ୍ରୀଶ୍ରୀଠାକୁର ନିରନ୍ତର ଆମ ସମସ୍ତଙ୍କ ପାଖେ ପାଖେ ରହିଥା'ନ୍ତୁ। ରଙ୍ଗଅଧରଙ୍କ ଶ୍ରୀଚରଣ କମଳରେ ଏହି ପ୍ରାର୍ଥନା ଜଣାଉଛି। ମୋର କ୍ଷୁଦ୍ର ଲେଖନୀ ମୁନରେ ଦେବାଧିଦେବ ମହାଦେବ, ଗ୍ରହରୂପୀ ଜନାର୍ଦ୍ଦନ, ସଚ୍ଚିଦାନନ୍ଦ, ପରମବ୍ରହ୍ମ ଶ୍ରୀଶ୍ରୀଠାକୁର ମହାରାଜାଙ୍କ ମହିମାଗାନ ସମ୍ଭବପର ନୁହେଁ। ତେଣୁ ମୁଁ ଦୟାମୟ, କ୍ଷମାର ସାଗର ଶ୍ରୀଗୁରୁଦେବଙ୍କ ଶ୍ରୀଚରଣରେ ଜ୍ଞାତ ଓ ଅଜ୍ଞାତ ସାରରେ କରିଥିବା ଭୁଲ୍, ତ୍ରୁଟି ନିମିତ୍ତ କ୍ଷମା ପ୍ରାର୍ଥନା କରୁଛି। ସୁଧୀ ପାଠକଗଣ ଏହି ଲେଖାର ଦୋଷାଂଶ ପରିହାର କରି, ନିଜଗୁଣେ କ୍ଷମା ପ୍ରଦାନ କରିବେ।

ତୁମରି ପୂଜାର ଗୁରୁଭାର ମୋତେ ଦେଇଅଛ ଦୟା ବହି
ରହି ପାଶେ ମୋର ଦିଅ ହେ ବତାଇ ପଥ କାହିଁ ନ ହୁଡ଼ଇ।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତା
**ଶ୍ରୀମତୀ ଉଦିତା ସୁନ୍ଦରରାୟ**
ଆମେରିକା ସାରସ୍ୱତ ସଂଘ

# ପାଶେ ପାଶେ ରହିଥାଅ

ଓଁ ଗୁରୁର୍ବ୍ରହ୍ମା, ଗୁରୁର୍ବିଷ୍ଣୁ ଗୁରୁର୍ଦ୍ଦେବ ମହେଶ୍ୱରଃ, ଗୁରୁଃ ସାକ୍ଷାତ୍ ପରଂବ୍ରହ୍ମଂ ତସ୍ମୈ ଶ୍ରୀଗୁରବେ ନମଃ।

**ସଦ୍‌ଗୁରୁ:** ସାଧାରଣ ଜୀବ କଠୋର ସାଧନା ଦ୍ୱାରା ଯେତେବେଳେ ପୂର୍ଣ୍ଣତ୍ୱ ଲାଭ କରନ୍ତି ସେତେବେଳେ ତାଙ୍କର ଶୁଦ୍ଧ ଆଧାରରେ ଜଗଦ୍‌ଗୁରୁଙ୍କ ଇଚ୍ଛା- ପ୍ରତିଫଳିତ ହେଲେ ତାଙ୍କୁ ସଦ୍‌ଗୁରୁ କୁହାଯାଏ।

**ଶ୍ରୀଶ୍ରୀଠାକୁର କହିଲେ:** ଯାଅ ସଂଘ ଗଠନ କର, ତେବେ ଯାଇ ମୋତେ ପାଇବ। ମୁଁ ସେଠାରେ ଅଯାଚିତ ଭାବରେ ଉପସ୍ଥିତ ରହି ତୁମମାନଙ୍କର ମନୋବାଞ୍ଛା ପୂର୍ଣ୍ଣ କରିବି।

**ସେବକ:** ଶ୍ରୀଶ୍ରୀଠାକୁର ଆମକୁ ଯାହା ଉପଦେଶ ଦେଇଛନ୍ତି ତାକୁ ଆମେ ମାନିବା। ଖାଲି ଉଚ୍ଚାରଣରେ ନୁହେଁ ଆଚରଣରେ ମାନିବା। 'ମୁଁ' କାର ଓ ଆଳସ୍ୟକୁ ତ୍ୟାଗ କରିବା।

ମୁଁ ଆଜିକୁ ସେବକ ଭାବରେ ଦୀର୍ଘ ଷୋହଳ ବର୍ଷ ହେଲା ଶ୍ରୀଶ୍ରୀଠାକୁର ନିଗମାନନ୍ଦ ପରମହଂସ ଦେବଙ୍କର (ସଦ୍‌ଗୁରୁ) ସେବାକରି ଆସୁଛି। ଦିଲ୍ଲୀ ସଂଘରେ ପନ୍ଦର ବର୍ଷ ଥିଲି। ତା'ପରେ ଆମେରିକା ସାରସ୍ୱତ ସଂଘରେ ଏକ ବର୍ଷ ହୋଇଗଲା। ଜୀବନରେ ବହୁତ ବାଧାବିଘ୍ନ ଆସିଛି ଏବଂ ବହୁତ ଅନୁଭୂତି ମଧ୍ୟ ପାଇଛି। ତା' ସହିତ ନିଜର ଜୀବନଶୈଳୀ ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଛି। ପ୍ରତିଦିନ ସକାଳୁ ଉଠି ଶ୍ରୀଶ୍ରୀଠାକୁରଙ୍କ ସେବା ପୂଜା କରିବା, ଠାକୁରଙ୍କ ପାଇଁ ଭୋଗ ରନ୍ଧନ କରିବା, ବାସନ ମାଜିବା, ଠାକୁରଙ୍କ ଲୁଗା ସଫା କରିବା, ଲୁଗା କୁଞ୍ଚ କରିବା, ଆଶ୍ରମ ପରିଷ୍କାର ରଖିବା ଏବଂ ପ୍ରତ୍ୟେକ ଗୁରୁଭାଇ ଓ ମା'ଙ୍କ ସହିତ ଭଲ ବ୍ୟବହାର କରିବା। ସମସ୍ତଙ୍କ କଥା ମାନିବା ମୋ ଜୀବନରେ ଏହି ପରିବର୍ତ୍ତନ ଆଣି ଦେଇଛି।

**ଆମେରିକା ସଂଘ:** ମୁଁ ଯେତେବେଳେ ଆମେରିକା ସଂଘକୁ ଆସିଲି, ସଂଘର ପରିବେଶଟି ମୋତେ ବହୁତ ଭଲ ଲାଗିଥିଲା। ମୁଁ ଅନୁଭବ କଲି ଶ୍ରୀଶ୍ରୀଠାକୁର ଏଠାରେ ସ୍ଥୂଳ ବିଦ୍ୟମାନ। ଏହି ସୁନ୍ଦର ପରିବେଶଟି ଶ୍ରୀଶ୍ରୀଠାକୁର ନିଜେ ବାଛିଛନ୍ତି। ଏଠି ଠାକୁରଙ୍କର କିଛି ଅଭାବ ଅନୁଭବ କଲି ନାହିଁ। ନାଟ ମନ୍ଦିର, ଶ୍ରୀଶ୍ରୀଠାକୁରଙ୍କର ବିଶ୍ରାମ ଘର, ରୋଷେଇଘର, ନାଟଘର, ଭକ୍ତ ନିବାସ। ସବୁ ବ୍ୟବସ୍ଥା କରାଯାଇଛି। ଆଶ୍ରମର ସୁନ୍ଦର ବଗିଚା ମଧ୍ୟ ଅଛି। ଏଠାରେ ସୁନ୍ଦର ଫୁଲଗଛ ସବୁ ଲଗାଯାଇଛି। ଦୂରଦୃଷ୍ଟି ଯୋଗୁଁ ବର୍ଷସାରା ଗୋଟେ ଫୁଲ ସରିବା ପରେ ଆଉ ଗୋଟେ ଫୁଲ ଫୁଟୁଛି। ଯେମିତି ଶ୍ରୀଶ୍ରୀଠାକୁରଙ୍କର ଫୁଲର ଅଭାବ ରହିବ ନାହିଁ।

**ଦିଲ୍ଲୀ ସଂଘରେ ଅନୁଭୂତି:** ଦିଲ୍ଲୀ ସଂଘରେ ସେବା କରିବା ସମୟରେ ମୁଁ ଦିନେ ଶ୍ରୀଶ୍ରୀଠାକୁରଙ୍କୁ କହିଲି, ଦିଲ୍ଲୀ ସଂଘର ଜଣେ ଗୁରୁ ଭାଇଙ୍କ ପାଖରେ ବହୁତ ଟଙ୍କା ଅଛି। ସେ ବହୁତ ଭଲରେ ଥିବେ। ଯାହା ଇଚ୍ଛା ତାହା କରୁଥିବେ। ଯାହା ଇଚ୍ଛା ତା ଖାଉଥିବେ। ମୋ ମନକୁ କ'ଣ ଆସିଲା କେଜାଣି ମୁଁ ଠାକୁରଙ୍କୁ ଏ କଥା ଜଣେଇଲି। ଶ୍ରୀଶ୍ରୀଠାକୁର ମୋ କଥା ଶୁଣି ବୋଧେ ଭାବିଲେ ସେବକର ମନଟି ବୈଷୟିକ ଦିଗକୁ ଗଲାଣି। ତାକୁ ଟିକେ ବାଟକୁ ଆଣିବାକୁ ପଡ଼ିବ। ସେହି ଭାଇ ଜଣକ ଖରାବେଳକୁ ମୋତେ ଫୋନ୍ କରି ପଚାରିଲେ "ବିଜୟ ଭାଇ କ'ଣ ସବୁ ଭଲ।" ମୁଁ କହିଲି "ହଁ ଭାଇ ସବୁ ଭଲ।" ବିଜୟ ଭାଇ- "ତୁମକୁ ଗୋଟେ କଥା କହିବାକୁ ଫୋନ୍ କରିଛି।" ମୁଁ କହିଲି "ଭାଇ କୁହନ୍ତୁ।" ସେ ଭାଇ କହିଲେ ଟଙ୍କା ପଇସା ଅଭାବ ଦୂର କରେନି। ତୁମେ ଭାବୁଛ  କି ମୋ ପାଖରେ ବହୁତ ଟଙ୍କା ଅଛି ବୋଲି ମୁଁ ବହୁତ ଭଲରେ ଅଛି। ଏ ଟଙ୍କା ମୋତେ ଏତେ ଯନ୍ତ୍ରଣା ଦେଲାଣି ସେ କଥା କହି ହେବନି। ତୁମେ ମୋ ଠାରୁ ବହୁତ ଭଲରେ ଅଛ। ଦୁଇଟା ଜିନିଷ ଏକାବେଳେକେ ପାଇଛ ତୁମେ। ସେବା ଓ ରୋଜଗାର ଓ ଗୁରୁଙ୍କ ପାଖରେ ଅଛ। ଭାଇ 'ଜୟଗୁରୁ' ମୁଁ ରହିଲି, କହି ଫୋନ୍‌ଟା କାଟିଦେଲେ। ଏସବୁ କଥା  ଶୁଣିଲା ପରେ ମୋର ମୁଣ୍ଡ କିଛି କାମ କଲାନି। ମୁଁ ଶ୍ରୀଶ୍ରୀଠାକୁରଙ୍କୁ କହିଲି ଠାକୁରେ ମୋ ପ୍ରଶ୍ନର ଉତ୍ତର ମୁଁ ପାଇଗଲି। ଆଉ କେବେ ସେମିତି କାହା ବିଷୟ ସମ୍ପତ୍ତି ଚିନ୍ତା ମନରେ ଆଣିବି ନାହିଁ।

**ଆମେରିକା ସାରସ୍ୱତ ସଂଘରେ ଶ୍ରୀଶ୍ରୀଠାକୁରଙ୍କୁ ନେଇ ଏକ ଅନୁଭୂତି:** ରବିବାର ସକାଳ ୫.୩୦ ମିନିଟ୍‌ରେ ଶଯ୍ୟାତ୍ୟାଗ କରେ। ସେଦିନ ମୁଁ ଉଠି ପୁଣି ୧୦ ମିନିଟ୍ ଶୋଇ ପଡ଼ିଛି। ମୁଁ ଦେଖୁଛି ଶ୍ରୀଶ୍ରୀଠାକୁର ଆସି ମୋ ମୁଣ୍ଡ ପାଖ ଚେୟାରରେ ବସିଛନ୍ତି। ମୋତେ କହୁଛନ୍ତି ସେ ଗୀତ ଖାତାକୁ ଖୋଲିଲୁ। ମୁଁ ଖାତାଟିକୁ ଖୋଲିଲି। ପ୍ରଥମ ପୃଷ୍ଠାଟା ଖାଲିଥିଲା। ମୋତେ କହିଲେ ଦ୍ୱିତୀୟ

ପୃଷ୍ଠାଟା ଖୋଲେ। ମୁଁ ଖୋଲି ଦେଖୁଛି– ସକାଳ ଆରତି ଲେଖା ଅଛି ତା'ପରେ ମୋ ନିଦ ଭାଙ୍ଗିଗଲା। ମୁଁ ବୁଝିଗଲି ଶ୍ରୀଶ୍ରୀଠାକୁରଙ୍କର କହିବାର ଥିଲା, ଯେ ଆରେ ଶୋଇଛୁ କ'ଣ ଯା ଆରତି ସଜାଡ଼ିବୁ। ଶ୍ରୀଶ୍ରୀଠାକୁରଙ୍କ କୃପାରୁ ମୁଁ ଏଠାରେ ବହୁତ ଭଲରେ ଅଛି। ଏଠାରେ ଭାଇ ମା'ମାନଙ୍କର ବହୁତ ଭଲ ପାଇବା ମିଳୁଛି।

ମୁଁ ଏତିକି ପ୍ରାର୍ଥନା କରୁଛି ହେ ଠାକୁର, ଯହିଁ ଇଚ୍ଛା ତହିଁ ନିଅ। ପାଶେ ପାଶେ ରହିଥାଅ।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ
**ଶ୍ରୀ ବିଜୟ ଉପାଧ୍ୟାୟ**
ଆମେରିକା ସାରସ୍ୱତ ସଂଘ

# ସାରସ୍ୱତ ସଂଘ କି ଜୟ

୨୦୨୧ ମସିହା ବିଧିରକ୍ଷା ପ୍ରାଦେଶିକ ସମ୍ମିଳନୀର ସିଧାପ୍ରସାରଣ ଫୋନ୍ ମାଧ୍ୟମରେ ଦେଖୁଥାଏ। ଆନନ୍ଦସଭା ସମୟରେ ଗାଡିଚଳାଇ ଯିବାକୁ ଥିବାରୁ ଠିକଭାବେ ମନଯୋଗ କରିପାରୁନଥାଏ, ମାତ୍ର ଏଇ ଗୋଟିଏ ଉପାଖ୍ୟାନରେ ମନ ଅଟକିଯାଇଥିଲା। ଦୀର୍ଘ ଦିନର ସଞ୍ଚିତ ଅନ୍ତରର ବେଦନାକୁ ସତେ ଯେପରି କେହି ଜଣେ ସମପରାୟଣ ମା/ଭାଇ ଏଇ ସୁନ୍ଦର ବ୍ୟଙ୍ଗ ନାଟକ ମାଧ୍ୟମରେ କରିଛନ୍ତି ପ୍ରତିଧ୍ୱନିତ।

କାହାଣୀଟି ଥିଲା ଏହିପରି – କୌଣସି ଏକ ସ୍ଥାନରେ ଦୁଇ ଭାଇ ଅବସ୍ଥାନ କରୁଥାନ୍ତି। ପିତୃ ବିୟୋଗ ପରେ, ଦୁହେଁ ସମସ୍ତ ପୈତୃକ ସ୍ଥାବର ଅସ୍ଥାବର ସମ୍ପତ୍ତିକୁ ସମାନ ଭାଗରେ ବାଣ୍ଟି ନେଇ ଅଲଗା ହୋଇଗଲେ। କିଛି ଦିନ ପରେ ସେମାନଙ୍କର କୁଳଗୁରୁ ତାଙ୍କ ଘରେ ଉପସ୍ଥିତ ହେଲେ। ବାପାଙ୍କ ଅବର୍ତ୍ତମାନରେ ଗୁରୁ ପୂଜନ ତଥା ପାଦପୂଜାର ଦାୟିତ୍ୱ ଏବେ ଦୁଇ ଭାଇଙ୍କ ଉପରେ। ଦୁଇ ଭାଇ ସ୍ଥିର କଲେ, ଦକ୍ଷିଣ ପାଦପୂଜା ଜ୍ୟେଷ୍ଠ ଭାଇ ଓ ବାମ ପାଦପୂଜା କନିଷ୍ଠ ଭାଇ କରିବେ। ପ୍ରଥମେ ନିଜ ନିଜ ଦାୟିତ୍ୱର ପାଦକୁ ଭଲଭାବେ ପୂଜା କରିବାରେ ଲାଗି ପଡ଼ିଲେ ଦୁଇ ଭାଇ, କ୍ରମଶଃ ଆରମ୍ଭ ହେଲା ପ୍ରତିଯୋଗିତା କାହା ଭାଗର ପାଦପୂଜା ଭଲ ହେଉଛି। ବୈମାତୃକ ଭାବ ବଢ଼ି ପରେ ପରିସ୍ଥିତି ଏପରି ହେଲା ଯେ ଦୁଇ ଭାଇ ଅପର ଭାଇର ପୂଜିତ ପାଦକୁ ବିକୃତ କରି ନିଜ ଭାଗର ପାଦକୁ ସୁନ୍ଦର ସାବ୍ୟସ୍ତ କରିବାରେ ଲାଗିପଡ଼ିଲେ। ଏପରିକି ଜଣେ ଅନ୍ୟ ଭାଇର ପୂଜିତ ପାଦକୁ ଠେଙ୍ଗାରେ ପିଟି ଭାଙ୍ଗିଦେବାକୁ ବାହାରିଲେ। ଦୁଇ ଭାଇ ଆତ୍ମଗାରିମା ପାଇଁ ଅଥବା ଅନ୍ୟ ଯେକୌଣସି କାରଣ ପାଇଁ ହେଉ। ବିସ୍ମୃତ ହେଲେ ଯେ ପାଦ ଦୁଇ ସେମାନଙ୍କର ଗୁରୁଦେବଙ୍କର।

କହିବା ବାହୁଲ୍ୟ ଯେ ଆଜି ଆମମାନଙ୍କର ଅବସ୍ଥା ଠିକ ଏହିପରି। ଶ୍ରୀଶ୍ରୀଠାକୁରଙ୍କ ସ୍ନିଗ୍ଧ ନିର୍ମଳ ଭଲ ପାଇବା ଭୁଲି ଆମେମାନେ ମତୁଆଲ ହୋଇଛନ୍ତି ନିଜର ଆତ୍ମ ଗାରିମାରେ। ଆତ୍ମ ପ୍ରତିଷ୍ଠାର ପ୍ରତିଯୋଗିତାରେ ସଂଘ ଭିତରେ ଭକ୍ତମାନଙ୍କ ମଧ୍ୟରେ– କେତେବେଳେ ସେବା ମୁଖ୍ୟ ହେବାର ଅଭିମାନତ କେତେବେଳେ ପରିଚାଳନା ମଣ୍ଡଳୀର ଦୌଡ଼, କେତେବେଳେ ପୁଣି ବଡ଼ ଭାଇ ସାଜିବାର ଟାଣ ସଂଘ-ସଂଘ ମଧ୍ୟରେ, ମଠ-ଆଶ୍ରମ ମଧ୍ୟରେ, ଅନୁଷ୍ଠାନଗୁଡ଼ିକ ମଧ୍ୟରେ ମଧ୍ୟ ଏହି ଆତ୍ମପ୍ରତିଷ୍ଠାର ସଂକୀର୍ଣ୍ଣ ପ୍ରତିଯୋଗିତା ଏତେ ପ୍ରବଳ ଯେ, ଆମେମାନେ ଭୁଲି ଯାଇଥାଉ ଅପର ଭକ୍ତ ଭାଇ/ମା, ସଂଘ, ଆଶ୍ରମ ତଥା ଅନୁଷ୍ଠାନଟି ମଧ୍ୟ ପ୍ରାଣ ପ୍ରିୟ ଠାକୁରଙ୍କର।

ଶ୍ରୀଶ୍ରୀଠାକୁର ତନ୍ତ୍ର, ଜ୍ଞାନ, ଯୋଗ, ପ୍ରେମ ଆଦି ସକଳ ସାଧନାର ଶିଖରରେ ପ୍ରତିଷ୍ଠିତ ହୋଇ, ନିର୍ବିକଳ୍ପ ଭୂମିରୁ ଜଗଦ୍‌ଗୁରୁଙ୍କ ଇଚ୍ଛାନେଇ ସଦ୍‌ଗୁରୁରୂପେ ବ୍ୟଥିତ ହୋଇ ସନାତନ ଧର୍ମ ତଥା ବେଦାନ୍ତର ଉଦାରବାଦର ଭିତ୍ତିଭୂମିରେ ପ୍ରତିଷ୍ଠା କରିଥିଲେ ଜଗଦ୍‌ଗୁରୁଙ୍କ ଆସନ ଓ ପ୍ରଚାର କରିଥିଲେ ଅସାମ୍ପ୍ରଦାୟିକ ଜୟଗୁରୁ ମହାନାମ। ସେହି ସୁମହାନ ସାର୍ବଭୌମ ସଦ୍‌ଗୁରୁଙ୍କ ଦାୟାଦ ହୋଇ, ଆସନ୍ତୁ ଆମେମାନେ ସକଳ ସଂକୀର୍ଣ୍ଣତା ପରିତ୍ୟାଗ କରି, ଜୟଗୁରୁ ମହାନାମ କୀର୍ତ୍ତନ କରି ସାରସ୍ୱତ ସଂଘ ସମୂହର ଜୟଧ୍ୱନି ଦେବା। "ସାରସ୍ୱତ ସଂଘ କି ଜୟ !! ଶ୍ରୀଶ୍ରୀଠାକୁର ମହାରାଜକି ଜୟ !!"

ଶ୍ରୀଶ୍ରୀଠାକୁରଙ୍କ ଚରଣାଶ୍ରିତ
**ଶ୍ରୀ ଅମିତାଭ ଦାଶ**
ଆମେରିକା ସାରସ୍ୱତ ସଂଘ

# 73RD PRADESHIK BHAKTA SAMMILANI – MY PERSONAL EXPERIENCE

It was the afternoon of 22nd February 2024. We were on our way to attend the 73rd Pradeshik Bhakta Sammilani at Pune, Maharashtra. We could not get a direct flight to Pune from Bhubaneswar so took a connecting one via Bengaluru. When our flight was approaching the Pune airport to land and the captain had given instructions to the cabin crew to get ready for landing, my mind was occupied with thoughts of when I would get the *darshan* of Shri Shri Thakur Maharaj at the sammilani grounds.

My wait to see Shri Shri Thakur at Pune was very long since, I heard the news back in 2019. I had decided that I will definitely attend the event. But, we had the COVID pandemic play out in the middle destroying people's dreams and plans. So many people around the world lost so much. Human race lost all positivity and things looked gloomy. During all those dark days the one voice that kept going inside me was the call of Shri Shri Thakur to believe in Him, to rely on Him and to surrender to Him wholeheartedly.

For me this long journey started the previous week in Manchester (UK) taking me through Chennai and then to Bhubaneswar, covering over 5000 miles. After resting couple of days at Bhubaneswar, we were heading to Pune. The entire of last year, after returning from the 72nd Pradeshik Bhakta Sammilani at Cuttack (2023), I went through an extremely busy period, at work and family commitments. There were times when I have thought I will not make it to Pune in person. Then I remembered Thakur's own words – "You have to attend Bhakta Sammilani despite all obstacles and challenges unless there is a natural calamity." The *prarthana* songs of the sammilani kept playing in my head months on end. Every night before going to bed and every morning after waking up, I have prayed to Shri Shri Thakur to give me courage and strength to do His work. And finally, when I was on the plane to Chennai from Manchester (UK) I realised that the ultimate countdown has started.

My day dreaming stopped when the plane hit the tarmac with the familiar bump of landing. Though Pune airport is not too big, but the walk to the Uber cab pick-up point seemed long to me and we finally got the cab after some wait. The hotel was about 30 minutes ride from the airport. At the hotel while checking in. I realised that besides my own family and extended family, the whole *Nigama* family was there from different parts of the world. It was such a joyous feeling to meet the bhakta bhai and maa from various shakha sanghas. After getting the keys to our rooms, and freshened up we hurried to get to the Mahalaxmi lawns (sammilani ground) which was within a kilometre from the hotel.

It was around 5 pm, when we entered the lawns through the gates and the decorated arches to reach a large open area next to the sammilani stage (*mandap*). The setting sun on the west was spreading a golden orange hue on every object it touched – the buildings, the trees, tips of the sammilani camps for offices and residential quarters. The open area was full of bhaktas as they were getting close to the *palinki* of our beloved Shri Shri Thakur. Thakur Maharaj was doing his rounds (*parikrama*) to inspect the arrangements at the sammilani site and meeting bhaktas. This tradition of *parikrama* continues from the very first bhakta sammilani where Thakur Maharaj took charge of checking the arrangements made for his invited disciples and devotees is and unique as it gives the devotees a very affectionate welcome and an opportunity to be close to Shri Shri Thakur.

The Pradeshik Bhakta sammilani is an annual congregation of bhaktas of Nilachal Saraswata Sangha (NSS) which mostly is held within the state of Odisha although some times it is held in an out of state (*prabasi*) sangha like Pune. The purpose of Bhakta Sammilani is to experience the

divine joy, spending three days with Shri Shri Thakur and his devotees. These three days are specially designed by Thakur Maharaj himself for discussions on how to lead an ideal householder's life (*Adarsha Gruhastha jiban gathan*), establishing Sangha power (*sangha shaktira pratistha*) and exchange of thoughts and reflections (*bhaba binimaya*). Each day would start with an early morning *prabhati* puja around 5 am, with *Sodhasa upachara* puja (on the first day) followed by arati, bandana and strotra bandana and end with kirtan. Then, there were sessions during the mid-morning, afternoon, and evening where eminent members of NSS, sannyasi disciples and bhaktas participate discussion and share the teachings of Shri Shri Thakur Nigamananda. The intervals between the sessions were to have the divine offering or *prasad* (*balya, madhanya and ratra bhoga*), go round the stalls and interact with fellow bhaktas.

This year, at Pune, the process of scanning the QR codes on our ID Badges by volunteers to enter the Prasad Mandap was unique. We saw many things happen for the first time at this year's sammilani, including Shri Shri Thakur taking a flight, the Railways, all the way from Puri to Pune. The divine sight of Thakur and his beloved devotees singing kirtan and chanting Jayaguru Mahanama made headlines in the social media world as Thakur Maharaj crossed the country from east to west. Maharashtra, the land of many pious souls, Jnanis and mighty *Maratha* warriors welcomed our Thakur with open arms.

With all these grand arrangements Shri Shri Thakur Maharaj reached Pune Ashram at the end of January 2024 and spent nearly three weeks before the start of the bhakta sammilani. It was a gathering of around 5000 bhaktas and other invited guests. The sprawling ground of Mahalaxmi lawns provided ample space for a large size sammilani mandap fitted with two internal and one external large screen monitors for viewing. This was very helpful for bhaktas who were doing seba at the camps, offices, and kitchen area.

I was becoming immersed in the divine atmosphere of the sammilani, singing with the arati, strotra bandana and prarthana songs. It was a serene experience mingling with bhaktas doing darshan of the Nama Mandap and taking *charanamrita* and dry *bhoga*. The discussions and advice from Sannyasi disciples and senior members of Nilachal Saraswata Sangha gave us food for thought on how to lead a good life, how to serve others, how can we contribute to spreading the principles of sanatan *dharma* and *satshiksya* as the values and path shown by Sri Sri Thakur.

Then came the lighter atmosphere of various performers and *astha sakhi* arati in the evening of *Ananada sabha* (on day 2). This is again a tradition in the sammilani where Shri Shri Thakur and devotees enjoy the divine joy of innocent comical performances. Some of the scripts go back as far as when Shri Shri Thakur himself was in his mortal body and some were even written by himself. It is interesting to see how fun is generated even though the story line is very old. It shows the versatility and timeless nature of Thakur's creativity.

Finally, the last day came and we were in the *bidaya sabha* bidding farewell to Thakur Maharaj and each other. At the end of this session, the next Sangha (Soro, Odisha) who will be hosting the sammilani in 2025 invited Thakur Maharaj and all bhakta. The sammilani ended with the last *bidaya prarthana* and Jayaguru *nama kirtan*. This moment is really very sad and it heralded the time for us to go back to our mundane worlds.

I returned with tons of joy and inspiration to carry on with my life but with a strong promise that I will look after my spiritual needs and development more than I have done so far.

Sri Sri Thakur Charanashritaa
**Smt. Lipsita Patnaik**
London, UK

# MY EXPERIENCE ATTENDING THE 2024 PRADESHIKA SAMMILANI

Shri Shri Thakura has called Sammilani his most favorite institution, stating, “If I would not have done anything else, this Sammilani would have preserved and borne my sacred memory.” I have had the privilege to attend the annual AMSAS Sammilani every summer, along with a few Pradeshika/Sarbabhouma Sammilanis in my childhood. After watching the Sammilani livestream several times on YouTube, I wished to attend a Pradeshika Sammilani in person. However, the prospect of traveling to India during the bustling months of January or February presented a significant challenge since school was always in full swing at the time. Discussions with my mom about this ignited hope that we all could feasibly attend a Sammilani in a major city after completing my education. Therefore, my parents, brother, and I planned to attend the 73rd Pradeshika Sammilani in Pune, seeking Shri Shri Thakura’s blessings for a successful trip.

We landed in India on Saturday, February 17, and initially spent a few days in Odisha. During our time in Odisha, we attended sangha puja at Ekamra Sangha, joined the evening aarati and puja at Satsikhya Mandir, and visited Lingaraj Temple in Bhubaneswar. We went to Puri early one morning, where we sought blessings at the serene Nilachal Kutir, Smruti Mandir, and the iconic Jagannath Temple. Additionally, we visited Cuttack Sangha and Chandi Mandir in Cuttack. Everywhere, I felt the collective excitement and anticipation that everyone had for the upcoming Sammilani. I learned about the types of preparations that were ongoing for the Sammilani, the sevas in which devotees were participating, and their travel plans to Pune. I, too, felt really excited and was eagerly looking forward to being part of this grand event.

On Sammilani Adhibasa day (Thursday, February 22), we flew from Bhubaneswar to Pune. At the airport gate, we were greeted by so many familiar faces of fellow guru maas and bhais from AMSAS and other sanghas. It felt as though almost everyone on the plane was there to attend the Sammilani. It was heartwarming for us all to be journeying together to our same destination.

After arriving in Pune, we headed to the hotel to drop off our luggage before proceeding to the Sammilani venue, Mahalakshmi Lawns. On the way to the hotel from the airport, we passed the site of the Sammilani. From a distance, my eyes were drawn to a large pink billboard announcing the 73rd Utkal Pradeshika Sammilani, stating it would be held on February 23, 24, and 25, 2024. The double-sided billboard stood at the entrance gates of Mahalakshmi Lawns.

At the hotel, I noticed many other bhaktas were also staying there due to its convenient location—a short five-minute drive from the venue. I began to wonder what the site of the Sammilani would be like, imagining it bustling with hundreds of devotees already gathered there.

During Adhibasa, Shri Shri Thakura was carried out in a palanquin, and shown various sites and tents. Numerous bhais and maas followed this procession, chanting “Jayaguru.” I had the opportunity to do Pranam to Shri Shri Thakura during the procession.

This year’s Sammilani took place in a wide and spacious venue. The main entrance, situated approximately 0.3 miles from the main road, was adorned with temple-style decorations and an artistic sign that welcomed attendees to the Sammilani. Beyond this first gateway, a second set of gates revealed a vast lawn. On the left side, various tents were arranged for registration, first aid,

books, and more. Each person registered to attend Sammilani received a delegate badge. It was interesting that the badges had scannable codes used to get prasad. To the right stood the Sammilani mandap, a permanent structure ensconced among tropical trees. Straight down the center on a white stage stood the Jayaguru Naama mandap. Here Jayaguru kirtan resonated around the clock and devotees could do pranam to "Naama Thakura." Exploring the site further, I came across numerous wings housing rooms for maas, bhais, and kids. Screens displaying the livestream were strategically placed both in the outdoor yard and within the Sammilani mandap. The detail-oriented organization and careful arrangement of the venue was impressive, and I felt a spiritual ambience permeate the entire space.

Throughout the three days of the Sammilani, I had a wonderful experience. Attending the morning and evening aaratis, sodasaupachar puja, and ashtasakhi aarati was truly amazing. The grandeur of Shri Shri Thakura and the asana sajja was spectacular. Each day, it was delightful to behold the new bigraha adorned with flower garlands made of fragrant roses and rajnigandha (tuberose). It was incredible to see Shri Shri Thakura's bigraha up close in the main Sammilani asana while offering Pranam after sessions.

Each day of the Sammilani covered the three main themes: living an ideal household life, the establishment and power of sangha, and bhaba binimaya. It was fascinating to hear the diverse and unique perspectives from all the speakers on these topics. Some shared their personal experiences, others delved into philosophy and presented their analyses, while some discussed scientific viewpoints. My favorite part was listening to the bhaba binimayas shared by maas in the mahila sabha on the third day. These bhaba binimayas were deeply emotional and touching. Hearing about their experiences with Shri Shri Thakura and how He has guided their lives was thought-provoking and moving. I also appreciated the melodious devotional songs, which were energizing and vibrant.

I am incredibly thankful and grateful to Shri Shri Thakur and happy that I was able to attend the Sammilani in Pune this year. I will always remember the amazing experience I had over those three days. I pray to Shri Shri Thakur to remain connected with Him and to have the opportunity to attend more Sammilanis in the future.

Sri Sri Thakura Charanashritaa
**Saumyashree Ray (Bhakti)**
America Saraswata Sangha

You should be ideal in this world. You are born not to teach lethargy and inaction to the world. Your birth aims at exploring unshakable truth how to remain untroubled, firm, calm and absorbed in actions. If you are successful in this test, you will attain divine life. People spend the entire day in idleness and negligence. You will open their eyes. You will verily embody the ideal of life. Always remember that you can never establish that ideal, if you retire from the world of action. **– Sri Sri Thakur**

# ପୁନେ ସମ୍ମିଳନୀର ଅନୁଭୂତି, "ଗୁରୁକୃପା ହି କେବଳମ୍"

ଶ୍ରୀଶ୍ରୀଠାକୁର ମହାରାଜଙ୍କ ଅପାର କରୁଣାରୁ ପୁନେରେ ନୀଳାଚଳ ସାରସ୍ୱତ ସଂଘ ତତ୍ତ୍ୱାବଧାନରେ ତଥା ପ୍ରବାସୀ ଆଞ୍ଚଳିକ ସଂଘ ଆନୁକୂଲ୍ୟରେ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀର ୭୩ତମ ଅଧିବେଶନ ଗତ ଫେବୃଆରୀ ୨୩,୨୪,୨୫ ରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ କେତେକ ବିଶେଷ କଥା ହୋଇଛି। ଗୁରୁଦେବଙ୍କ କୃପା ବ୍ୟତୀତ ଏସବୁ ସମ୍ଭବ ନୁହେଁ। ମୋର ସମ୍ପୂର୍ଣ୍ଣ ଅନୁଭୂତି କେବଳ ଏତିକି ଯେ ଶ୍ରୀଶ୍ରୀଠାକୁର ଅଛନ୍ତି, ସେ ସମ୍ମିଳନୀ କରାଉଛନ୍ତି ଓ ଭକ୍ତମାନଙ୍କ ସହିତ ଆନନ୍ଦ ଲାଭ କରୁଛନ୍ତି। ପୁନେ ସଂଘ ଓ ସମ୍ମିଳନୀର କିଛି ବୃତ୍ତାନ୍ତ ଏଠି ବର୍ଣ୍ଣନା କରୁଛି।

**ପିଲାବେଳର ସଂଘ:**

ଶ୍ରୀଶ୍ରୀଠାକୁରଙ୍କୁ ଜାଣିଲି ବାପାଙ୍କଠାରୁ। ସେ ତାଳଚେର, ଜଗନ୍ନାଥପୁର ସଂଘର ଗଠନ ତଥା ଅନ୍ତିମ କାଳ ପର୍ଯ୍ୟନ୍ତ ସଭ୍ୟ ଥିଲେ। ପିଲାବେଳେ ବାପା ଓ ମା' ଙ୍କ ସହିତ ମିଶି ମୁଁ ଭକ୍ତ ସମ୍ମିଳନୀ କେତେଥର ଦେଖିଛି। ସେତେବେଳେ ସଂଘ ବିଷୟରେ ଟିକେ ଟିକେ ବାପାଙ୍କଠାରୁ ଶୁଣେ, କିପରି ସଂଘ ହେଉଛି ଠାକୁରଙ୍କ ପ୍ରାଣ କେନ୍ଦ୍ର। ଜଗନ୍ନାଥପୁର ସଂଘରେ କେତେଥର ଯେ ଭାଇମାନେ କୀର୍ତ୍ତନ କରି କରି ଅଚେତ ହୋଇପଡନ୍ତି ଆଉ ଚେତା ଫେରିଲା ପରେ କୁହନ୍ତି, କିପରି ଆଜି ଠାକୁରଙ୍କୁ ଆସନରେ ବସିଥିବାର ଦେଖିଲେ ଓ ଆନନ୍ଦରେ ମୂର୍ଚ୍ଛା ହୋଇଗଲେ। ଏସବୁ ମୁଁ କିଛି ବୁଝି ପାରେନାହିଁ। ପ୍ରଥମ କି ଦ୍ୱିତୀୟ ଶ୍ରେଣୀର ଛାତ୍ର ହେବି ବୋଧେ। କେବଳ ବୁଝେ କି ଆଜି ଖିରି ହୋଇଛି କି ନାହିଁ? ଖିରି ନ ହୋଇଥିଲେ, ସେଦିନ ସଂଘ ପୂଜା, ବଡ ଦୁଃଖର ଦିନ! ଦିନେ ସଂଘ ପୂଜାରେ ମୁନାଭାଇ (ଏବେ ଜଗନ୍ନାଥପୁର ସଂଘର ସଭାପତି) ଖିରି ପରିବେଷଣ କରୁଥିଲେ। ଖିରି ଅଳ୍ପ ହୋଇଥିଲା, ତେଣୁ ସେ ଛୋଟ ଡଙ୍କୀରେ ଅଳ୍ପ ଟିକେ ଖିରି ସମସ୍ତଙ୍କୁ ଦେଉଥିଲେ, ମୋତେ ବି ସେମିତି ଦେଲେ, ମୋର ରାଗ ପଞ୍ଚମରେ, କହିଲି, ଏତେଟିକେ କ'ଣ ଖିରି ଦେଇଛ? ମୁନାଭାଇ ମୋଠାରୁ ବୟସରେ ବଡ଼। କିନ୍ତୁ ଅତି ନମ୍ରତାରେ କହିଲେ "ହଁ ହଁ ଦେଉଛି ଭାଇ।" କହି ଫେରି ଆସି ପୁଣି କେବଳ ମୋତେ ଭଲ କରି ଖିରି ଦେଇଗଲେ। ଏସବୁ ଘଟଣା ଭାଇମାନେ ଦେଖୁଥା'ନ୍ତି ଓ ହସୁଥା'ନ୍ତି। ତା'ପରେ ସଂଘ ସାରା ସମସ୍ତେ ଜାଣିଗଲେ, ଏବଂ ଭାଇମାନେ ମୋତେ ଦେଖିବା ମାତ୍ରେ କୁହନ୍ତି, 'ଆଜି ଖିରି ହୋଇଛି।' ଆଉ ମଧ୍ୟ ଜଗନ୍ନାଥପୁର ସଂଘରେ ଜଣେ ପ୍ରଧାନ ଭାଇ ବୋଲି ଥିଲେ, ସେ ତାଙ୍କ ପୂଜା ପାଳିରେ ଖିରି ସହିତ ରସଗୋଲା ବି ଦେଇଥା'ନ୍ତି। ସେଦିନ ସଂଘ ପୂଜା କଥା କ'ଣ କହିବି, ବହୁତ ଭଲ ପୂଜା, ଆଉ ଭଲ ଶ୍ରୀଶ୍ରୀଠାକୁର ଆମର। ମୋଟାମୋଟି ରବିବାର ଦିନଟି ବହୁତ ଭଲଦିନ ଏବଂ ଶ୍ରୀଶ୍ରୀଠାକୁର ଆମର ନିଜ ଲୋକ, ନଚେତ ଏପରି ଖିରି ଓ ମିଠା କ'ଣ ମିଳନ୍ତା? ସେଦିନ ଯଦି ମୁନାଭାଇ ମୋର ଧୃଷ୍ଟତା ପାଇଁ ଗାଳି କରିଥା'ନ୍ତେ, ହୁଏତ ମୋର ଠାକୁରଙ୍କ ପ୍ରତି ଅନ୍ୟ ପ୍ରକାର ଭାବନା ଆସିଥା'ନ୍ତା। ତାଙ୍କର ପରିବେଷଣ ସେବା ମୋ ପାଇଁ ଏକ ଶିକ୍ଷା। ଖିରି ଖାଇ ଖାଇ ଧୀରେ ଧୀରେ ଜୟଗୁରୁ କୀର୍ତ୍ତନ ଭଲ ଲାଗିଲା। ବାପାଙ୍କ ନିର୍ଦ୍ଦେଶ ବି ଥିଲା ସଂଘକୁ ଯାଇ ଖାଲି ଜୟଗୁରୁ କୀର୍ତ୍ତନ କରିବା ଓ ପ୍ରସାଦ ପାଇ ଆସିବା। ଏହିଭାବେ ସଂଘର ଏକ ଆକର୍ଷଣ ରହିଲା।

**ପୁନେ ସଂଘ ଗଠନ ଓ ପରିଚୟ ପତ୍ର ଗ୍ରହଣ:**

ପଢା ଶେଷ ପରେ ପ୍ରଥମ ଚାକିରୀରେ ବରୋଦାରେ ଯୋଗ ଦେଲି। କିନ୍ତୁ ସେଠି କୌଣସି ସଂଘ ନଥିବାରୁ ଠାକୁରଙ୍କୁ ଜଣାଇଲି। ଅବସ୍ଥା ଏପରି ହେଲା ଯେ ଏକ ନୂତନ ଚାକିରୀ ମିଳିବାରୁ ପୁନେ ଆସିଲି। ପୁନେଠାରେ ଯଦୁନାଥ ମହାନ୍ତି ଭାଇଙ୍କ ଗୃହରେ ପାଠଚକ୍ର ହେଉଥାଏ। ମୋର ସହପାଠୀ ଚିନୁ ଭାଇ ମୋତେ ଥରେ ଫୋନ୍‌ରେ କହିଲେ, "ଆମେ କେତେଜଣ ଭାଇ ଓ ମା' ମିଶି ପାଠଚକ୍ର ଆରମ୍ଭ କରିଛୁ। ତୁମେ ଆସୁ ନାହଁ? ମୁଁ କହିଲି– "ହେଉ, ଯିବା।" ଚିନୁ ଭାଇ ଦେଇଥିବା ଠିକଣାରେ ଯଦୁଭାଇଙ୍କ ତତକର ସୋସାଇଟିରେ ପହଞ୍ଚିଲି। ଭିତରୁ ଜଣେ ବୟସ୍କ ଲୋକ ବାହାରି ଆସି ମୋତେ କହିଲେ, "ଭାଇ, ବହୁତ ଭଲ ହେଲା, ଆଜି ଆପଣ ଆସିଲେ, ଆମେ ପାଠଚକ୍ର ଆରମ୍ଭ କରିଛୁ, ଆପଣ ସବୁ ରବିବାର ଦିନ ଆସନ୍ତୁ।" ତାଙ୍କରି ଏହି କଥା ହସ ହସ ବଦନରେ କହିଲେ, ମୋତେ ଲାଗିଲା ଯେପରି ସେ ବହୁ ଦିନରୁ ମୋର ପରିଚିତ। ମୁଁ ନିୟମିତ ପାଠଚକ୍ରରେ ଯୋଗ ଦେଲି। ଯଦୁଭାଇଙ୍କ ଠାରୁ ଜାଣିଲି ସେ ଆମର ଘର ଜଗନ୍ନାଥପୁର ସଂଘ ପାଖରେ ଥିବା FCI ସଂଘରେ ଥିଲେ। ଦିନେ ଯଦୁଭାଇ କହିଲେ, "ଆମେ ତିନୋଟି ଗୃହାସନ

କରିଲେ ନୀଳାଚଳ ସାରସ୍ୱତ ସଂଘ ଆମକୁ ଅନୁମତି ଦେବେ ସଂଘ ଗଠନ କରିବା ପାଇଁ । ମୋର ଗୋଟିଏ ଗୃହାସନ ଅଛି । ବିବାହିତ ଭାଇମାନଙ୍କ ଭିତରୁ ଜୟଗୁରୁ ଭାଇ ଓ ବ୍ରହ୍ମାନନ୍ଦ ଭାଇ ଗୃହାସନ କରନ୍ତୁ ।" ଆମେ ଅବିବାହିତ ଭାଇମାନେ ଗୃହାସନ ନ ରଖିଲେ ବି ନିତ୍ୟପୂଜା କରୁଥାଉ । ପାଠଚକ୍ରର ଏକ ବର୍ଷ ପରେ ୨୦୦୯ ରେ ଶ୍ରୀଶ୍ରୀଠାକୁରଙ୍କ କୃପାରୁ ନୀଳାଚଳ ସାରସ୍ୱତ ସଂଘର ମଞ୍ଜୁରୀରେ ପୁନେ ଠାରେ "ପୁନେ ସାରସ୍ୱତ ସଂଘ" ଗଠନ ହେଲା । ସମସ୍ତ ଭାଇ ଓ ମା' ମାନେ ପରିଚୟ ପତ୍ର ଧାରୀ ହେଲେ । ଏହିଠାରୁ ଅର୍ଥାତ୍ ୨୦୦୯ ରୁ ମୁଁ ଠାକୁରଙ୍କ ପରିଚୟ ପତ୍ର ଗ୍ରହଣ କରିବାର ସୌଭାଗ୍ୟ ଲାଭ କଲି । ଦିନେ ମୁଁ ଠାକୁରଙ୍କୁ କହିଥିଲି- ମୋତେ ସଂଘ ଠାରୁ ଦୂରରେ ରଖିଲ, ଆଜି ଗୁରୁଦେବ ଏକ ସୁଯୋଗ ଦେଇ ପୁନେ ସଂଘ ନିର୍ମାଣ କରିଦେଲେ । ଯେମିତି ବାପା ଜଗନ୍ନାଥପୁର ସଂଘ ଗଠନ କରିବାରେ ଜଣେ ସେବକ ଥିଲେ ସେମିତି ମୋତେ ମଧ୍ୟ ଠାକୁରଙ୍କର ଏକ ନୂତନ ସଂଘ ଗଠନରେ ସେବକ ହେବା ପାଇଁ ସୁଯୋଗ ମିଳିଲା, ଏହା କ'ଣ କମ ସୌଭାଗ୍ୟର କଥା ?

ଯଦୁଭାଇଙ୍କ ହଡସପର ଗୃହ ନିର୍ମାଣ ହେବା ପରେ ପୁନେ ସଂଘକୁ ସେଠାକୁ ନିଆଗଲା । ହଡପସର ମୋ ପାଇଁ ଆହୁରି ନିକଟତର ହେଲା । ଧୀରେ ଧୀରେ ଭାଇ ଓ ମା'ମାନଙ୍କ ସଂଖ୍ୟା ବଢିବାକୁ ଲାଗିଲା । ପୁଣି ଜାଗାର ଅଭାବ ହେଲା । ଏଥିରେ ଯଦୁଭାଇ, ଜୟଗୁରୁଭାଇ, ବ୍ରହ୍ମାନନ୍ଦଭାଇ, ବଶିଷ୍ଠଭାଇ, ରଞ୍ଜନଭାଇ ମଧ୍ୟ କିଛି ଜାଗା ଆଶ୍ରମ ସହିତ ମିଶିକରି କିଣିଲେ । ଉଦ୍ଦେଶ୍ୟ ଥିଲା ସଂଘର ଭାଇମାନେ ପାଖରେ ରହିଲେ ପୂଜା ସୂଚାରୁ ରୂପେ ହେବ ଓ ବାହାର ଲୋକଙ୍କ ସହିତ ବାଦ ବିବାଦ ହେବ ନାହିଁ । ଭାଇମାନେ ନିଜର ସାଧ ମତେ ପ୍ରଣାମୀ ଦେଇଥିଲେ । କିନ୍ତୁ ଏହା ଯଥେଷ୍ଟ ନ ଥିଲା । ଯଦୁଭାଇ ଆଶ୍ରମ ଜାଗା କ୍ରୟ କରିବା ପାଇଁ ନିଜର ଏକ ଘର ବାଡ଼ି ଓଡ଼ିଶାରୁ ବିକ୍ରି କରି ସେଇ ଅର୍ଥକୁ ଆଶ୍ରମ ନିର୍ମାଣରେ ଦାନ କରିଲେ । ଏହାର ପରିମାଣ ୬୦-୭୦ ଲକ୍ଷରୁ ଅଧିକ ହେବ । ମୁଁ ପ୍ରାୟ ଯଦୁଭାଇଙ୍କ ଘରେ ରବିବାର ଦିନ ପୂଜା ପରେ ଅନେକ ଚିଠି ଓ ପ୍ରଣାମୀ NSSକୁ Internet ଜରିଆରେ ପଠାଏ । ଏହା ମୋର ଏକ ପ୍ରକାର ନିତ୍ୟ ସେବା ଥିଲା । ଯଦୁଭାଇ କହନ୍ତି- ମୁଁ ଏତେଦିନ ହେଲା ପୁନେ ଆସିଲିଣି, ଠାକୁରଙ୍କ ସଂଘଟିଏ ନ ଥିଲେ ଧିକ ଏ ଜୀବନକୁ । ସଂଘ ପ୍ରତି ଏପରି ଥିଲା ତାଙ୍କର ନିଷ୍ଠା । ସଂଘ ନିର୍ମାଣ ବେଳେ ଜମି ପରିଷ୍କାର କରିବା ଓ ସେଥିରେ ଫୁଲ ଗଛ ଲଗାଇବା ବେଳେ ଥରେ ଭାଇଙ୍କୁ କହିଲି, "ଆପଣଙ୍କର ହାର୍ଟ ପ୍ରୋବ୍ଲେମ୍ ଅଛି, ତେଣୁ ଆପଣ ରେଷ୍ଟ ନିଅନ୍ତୁ ମୁଁ କରି ଦେଉଛି ।" ଯଦୁଭାଇ କହିଲେ, "ହେ କି ହାର୍ଟ ପ୍ରୋବ୍ଲେମ୍ ମ ! ମାର ଗୋଲି ତାକୁ । ଠାକୁରଙ୍କ କାମ ଆଗେ ।" ତାଙ୍କ ମୁହଁରୁ 'ମାର୍ ଗୋଲି' କଥା ଶୁଣି ସମସ୍ତେ ହସି ହସି ବେଦମ !

ପୁନେ ସଂଘର ଜମି କ୍ରୟ ପରେ ନିର୍ମାଣ ପାଇଁ ପ୍ରସ୍ତୁତି ଚାଲିଛି । ବଜେଟକୁ ଦେଖି ୨ ମହଲା building କରିବାପାଇଁ ସ୍ଥିର ହେଲା । ପାଖାପାଖି 6000 sqft area ରେ layout ହେଲା, ଠାକୁରଙ୍କ ବେଡ଼ରୁମ୍, ନାଟ ମନ୍ଦିର, ଭକ୍ତମାନଙ୍କ ପ୍ରସାଦ ସେବନ, ଭକ୍ତ ନିବାସ, ଷ୍ଟୋର ରୁମ୍ ଇତ୍ୟାଦି । ଜାଗା କମିଯିବ ବୋଲି ଯଦୁଭାଇ ପୁଣି ନିଜ ଜାଗାରୁ ଆଉ 500 sqft area ଆଶ୍ରମକୁ ଦାନ କଲେ । ତଥାପି ଠାକୁରଙ୍କୁ ଫୁଲ ଦେବା ପାଇଁ ବଗିଚା ଜାଗା ବେଶୀ ରହିଲା ନାହିଁ । ଏତିକିବେଳେ ବଶିଷ୍ଠ ଭାଇଙ୍କର ପୁଅର cancer ହେଇଥିବା ଜଣାପଡିଲା । ବଶିଷ୍ଠ ଭାଇ ଓ ମା' ଦୁହେଁ ବ୍ୟସ୍ତ ହୋଇପଡିଲେ, ପୁଅ କିପରି ଭଲ ହେବ, ସେଥିପାଇଁ ଠାକୁରଙ୍କୁ ପ୍ରାର୍ଥନା କରି ଚାଲିଲେ । ହଠାତ୍ ବଶିଷ୍ଠ ଭାଇଙ୍କୁ ଲାଗିଲା ଯେ ଏସବୁ ଧନ ସମ୍ପତ୍ତି କାହା ପାଇଁ ଯଦି ପୁଅଟି ( ୨-୩ ବର୍ଷ) ଆଉ ରହିବ ନାହିଁ ? ତାଙ୍କ ମନକୁ ଏପରି ଆସିଲା ଯେ ସଂଗେ ସଂଗେ ସଂଘକୁ 1000 sqft area ତାଙ୍କ ଜାଗାରୁ ଦାନ କଲେ କହିଲେ ଠାକୁରଙ୍କ ଫୁଲ ବଗିଚା ଜାଗା କମ୍ ପଡୁଛି, ତାହା ଏଥିରେ ପୂରଣ ହେବ । ତାଙ୍କର ବିଶ୍ୱାସ, ସଂଘ ପାଇଁ କିଛି କରିଲେ, ତାହାର ପ୍ରଭାବରେ ପ୍ରାରବ୍ଧ କ୍ଷୟ ହେବ । ଆଶ୍ଚର୍ଯ୍ୟ ଜନକ ଭାବେ ତାଙ୍କ ପୁଅ କ୍ୟାନସରରୁ ଭଲ ହୋଇଆସିଲା । ବଶିଷ୍ଠ ଭାଇଙ୍କ ଘର ମା' ସମ୍ମିଳନୀରେ ପୁଅ ଭଲ ହେବା କଥା ଭାବ ବିନିମୟରେ କହିଛନ୍ତି । ମୁଁ ବାପାଙ୍କ ଠାରୁ ଶୁଣିଛି, ଶ୍ରୀଶ୍ରୀଠାକୁର କାହାର ଋଣ କେବେ ରଖନ୍ତି ନାହିଁ । ଠାକୁରଙ୍କୁ କିଛି ଦେଲେ ତାହା ପୁଣି ଲେଉଟି ଆସେ । ବଶିଷ୍ଠ ଭାଇଙ୍କର ଆର୍ଥିକ ଉନ୍ନତି ହୋଇଛି । ଆଚ୍ଛା ଯାହାର ମୃତ୍ୟୁ ଯୋଗ ଥିଲା ସେ ପୁଣି ବଞ୍ଚିଲା କେମିତି ? ପୁଣି ଏ ବିଷୟରେ ବାପାଙ୍କ ଠାରୁ ଶୁଣିଛି, ଗୁରୁଦେବ କେତେ ଜନ୍ମର ପ୍ରାରବ୍ଧକୁ ଗୋଟେ ଜନ୍ମରେ କଟାଇ ଦିଅନ୍ତି । ସେ ଏହା କିପରି କରନ୍ତି ତାହା କେବଳ ତାଙ୍କୁ ହିଁ ଜଣା । ସେଥିପାଇଁ କୁହନ୍ତି କି, ସମସ୍ତ ଗ୍ରହ ନକ୍ଷତ୍ର ଗୁରୁଙ୍କ ନିର୍ଦ୍ଦେଶରେ ତାଙ୍କର ଶିଷ୍ୟ ଭକ୍ତମାନଙ୍କର ପ୍ରାରବ୍ଧ ଭୋଗ କରାନ୍ତି । ଏହାପରେ ଆଶ୍ରମର 7500 sqft area ରେ ବର୍ତ୍ତମାନର ସଂଘ ତିଆରି ହେଲା । ସଂଘ ଚାରିପାଖେ ତା'ର ବାଡ଼ ଦିଆଗଲା । ଆସନ ମନ୍ଦିର ନିର୍ମାଣ ହେଲା । ଠାକୁରଙ୍କ ପ୍ରାର୍ଥନା ବନ୍ଦନା ଠିକ୍ ଠିକ୍ ହେବାପାଇଁ, ଯଦୁଭାଇ

କେତେଥର କହିଛନ୍ତି ଓ ନିଜେ ଠାକୁରଙ୍କୁ ପ୍ରାର୍ଥନା ବି କରନ୍ତି। ସମୟ ସମୟରେ ପୁନେ ସଂଘକୁ ସଂଗୀତ ପାଇଁ ସୁପ୍ରୀତ ପଟ୍ଟନାୟକ ଭାଇ, ପ୍ରଗତି ମା', ଅରୁଣ ପତି ଭାଇ ଓ ବାଦ୍ୟ ବଜାଇବା ପାଇଁ ହଡ଼ା ଭାଇ ଓ ଅନ୍ୟ ଭାଇମାନେ ଆସିଛନ୍ତି। ସୁବାଷ ଭାଇ କୋଷାଧ୍ୟକ୍ଷ ଭାବେ, ପ୍ରେମାନନ୍ଦ ଭାଇ ଆସନ ସଜ୍ଜା ଭାବେ ସେବକ ରହିଲେ। ଜଣେ ନିତ୍ୟ ସେବକ ବି ରହିଲେ। ସଂଘ ପୂଜାଟି ଏବେ ଭଲ ଭାବେ ହୋଇପାରିଲା।

**ପୁନେ ସମ୍ମିଳନୀ ପ୍ରସ୍ତୁତି:**

ଯଦୁଭାଇ ସମସ୍ତଙ୍କ ସହିତ ଭଲ ସମ୍ପର୍କ ରଖିବାକୁ ଚେଷ୍ଟା କରୁଥିଲେ। ପୁନେରେ ସମ୍ମିଳନୀ ହେବା ତାଙ୍କର ଏକମାତ୍ର ଇଚ୍ଛା ଥିଲା। କିନ୍ତୁ ସଂଘ ଭାଇମାନଙ୍କର ଆର୍ଥିକ ସ୍ଥିତି ଦେଖି ସମ୍ମିଳନୀ କିପରି ସୁରୁଖୁରୁରେ ହୋଇପାରିବ ସେଥିପାଇଁ ଠାକୁରଙ୍କୁ ପ୍ରାର୍ଥନା କରୁଥିଲେ। ମୁଁ ତାଙ୍କ ସହିତ ସବୁ ରବିବାର ଦିନ ଘଣ୍ଟା ଘଣ୍ଟା ଧରି ଆଲୋଚନା କରେ। ଚିଠି ଲେଖିବା ବେଳେ ଠାକୁରଙ୍କ ବିଷୟରେ ପ୍ରକାର କଥା ହେଉ। ଯଦୁଭାଇ ବଡ ସରଳ ସ୍ୱଭାବର ଥିଲେ। ମଜାର ବିଷୟ ହେଉଛି, ଦିନେ ଯଦୁଭାଇ ବଡ ଖୁସି ହୋଇ କି କହିଲେ, "ଅଜୀତଭାଇ, ବହୁତ ବଡ ଖୁସି ଖବର ଅଛି। କାହିଁକି ନା ମୋର ସମସ୍ତ ଚିନ୍ତା ଗଲା। ସମ୍ମିଳନୀ ପାଇଁ ଅର୍ଥର ବ୍ୟବସ୍ଥା ହୋଇଯାଇଛି।" ମୁଁ ବଡ ଆଶ୍ଚର୍ଯ୍ୟ ହେଲି, "ସମ୍ମିଳନୀର ଏତେ ଖର୍ଚ୍ଚ ପାଇଁ ପଇସା କେଉଁଠାରୁ ଆସିଲା ?" ଭାଇ ହସି ହସି କହିଲେ, "ଆଜି ମୋତେ ଗୋଟେ email ଆସିଛି, 2.5 crore ଟଙ୍କା ମୋର ଫୋନ୍ ନମ୍ବରକୁ ମିଳିଛି। ମୋତେ ଆକାଉଣ୍ଟ ନମ୍ବର ଦେବାପାଇଁ କହୁଛନ୍ତି।" ମୁଁ ଭାଇଙ୍କର email ଦେଖିଲି, କହିଲି ଏହା scam email. ଭାଇଙ୍କର ମନ ଟିକେ ଦୁଃଖ ହେଇଗଲା ଦେଖି କହିଲି, "ଆମେ ଠାକୁରଙ୍କୁ ପ୍ରାର୍ଥନା କରୁଛନ୍ତି।" ସଙ୍ଗେ ସଙ୍ଗେ ଉତ୍ସାହିତ ହୋଇ କହିଲେ, "ହଁ,ହଁ, ସେ ବ୍ୟବସ୍ଥା କରିବେ। ଆମେ ଖାଲି ପ୍ରାର୍ଥନା କରିବା।" କହିବା କଥା କି ତାଙ୍କର ଦିନ ରାତି କେବଳ ଗୋଟିଏ ଚିନ୍ତା, ପୁନେରେ ସମ୍ମିଳନୀ ହେଉ।

ଓଡ଼ିଶା ବାହାରେ ଦିଲ୍ଲୀ, କୋଲକାତା, ହାଇଦରାବାଦ, ଚେନ୍ନାଇ, ବାଙ୍ଗାଲୋର, ମୁମ୍ବାଇ, ପୁନେ, ସୁରଟ ପ୍ରଭୃତି ସଂଘକୁ ନେଇ ପ୍ରବାସୀ ଆଞ୍ଚଳିକ ସଂଘ। ଏଥିରେ ସଭାପତି ଭାବେ ଯଦୁଭାଇ ରହିଲେ। ବହୁତ ପୂର୍ବରୁ (୮ ବର୍ଷ) ସଭା ଅଧିବେଶନରେ ଯଦୁଭାଇ ତଥା ପ୍ରବାସୀ ସଂଘର ଭାଇ ମାନେ ପୁନେ, ହାଇଦରାବାଦ ଓ କୋଲକାତା ସଂଘକୁ ସମ୍ମିଳନୀ ପ୍ରାର୍ଥୀ ରୂପେ ମନରେ ରଖିଥିଲେ। ଏହିପରି ପ୍ରବାସୀ ସଂଘର ଜନ୍ମ ଓ କାର୍ଯ୍ୟ ସ୍ଥିର ହେଲା। ଏହା ଏକ ବିଶେଷ ଘଟଣା ! ଯେତେବେଳେ ଓଡ଼ିଶା ବାହାରେ ସମ୍ମିଳନୀ କରିବା ପାଇଁ ସମସ୍ତ ପ୍ରବାସୀ ସଂଘ ମିଳିମିଶି ଉଦ୍ୟମ କରିବେ ବୋଲି ସ୍ୱୀକୃତି ଦେଲେ। ଏଠି କହିବା ଜରୁରୀ କି, ଓଡ଼ିଶାରେ ସମ୍ମିଳନୀ ହେବା ଓ ଓଡ଼ିଶା ବାହାରେ ସମ୍ମିଳନୀ ହେବା, ଏକ ଭିନ୍ନ ଧରଣର ଉଦ୍ୟମ, ଖର୍ଚ୍ଚ ଓ ଯୋଗାଣ ଆବଶ୍ୟକ। ପ୍ରବାସୀ ସଂଘମାନେ ସମସ୍ତେ ମିଶିକରି ସାହାଯ୍ୟ, ଅର୍ଥ ଓ ସେବା କରିବାପାଇଁ ବଦ୍ଧ ପରିକର ତାହା ପୁନେ ସମ୍ମିଳନୀରୁ ଭଲ ଭାବେ ଲକ୍ଷ୍ୟ କରିହୁଏ। ଏହା ଠାକୁରଙ୍କ ଭାବଧାରା ଅନୁଯାୟୀ ସଂଘ ଶକ୍ତିର ପ୍ରତିଷ୍ଠା। ପ୍ରତ୍ୟେକ ପ୍ରବାସୀ ସଂଘ ଅଧିବେଶନରେ କିପରି ଜଳ, ବିଦ୍ୟୁତ, କ୍ୟାମ୍ପ, ଗମନା ଗମନର ସୁବିଧା ହେବ ସେଥିଲାଗି ସବୁ ଆମୂଳଚୂଳ ଆଲୋଚନା ହେଉଥାଏ। ଠାକୁରଙ୍କ କୃପା ଦେଖନ୍ତୁ କି, ଭୁବନେଶ୍ୱରରୁ ପୁନେ ପାଇଁ direct flight ଚଳାଚଳ ଆରମ୍ଭ ହେଲା। ଏହାକୁ ଯଦୁଭାଇ କହିଲେ, "ଦୟାମୟଙ୍କ କୃପାରୁ ଯିବା ଆସିବା ବ୍ୟବସ୍ଥା ହେଇଗଲା। ଟ୍ରେନର ସୁବିଧା ତା' ପୂର୍ବରୁ ଅଛି କେବଳ flight ନ ଥିଲା, ତାହା ବି ହେଇଗଲା।"

୨୦୧୮ ରେ ପୁନେ ସଂଘରେ ଶ୍ରୀଶ୍ରୀ ଠାକୁରଙ୍କ ଲୀଳା କଥା ତ ସମସ୍ତେ ଜାଣନ୍ତି। ସଂକ୍ଷେପରେ – ଶ୍ରୀଶ୍ରୀଠାକୁର ଯେ ସ୍ୱୟଂ ବିଦ୍ୟମାନ ଏହାର ପ୍ରମାଣ ଦେବା ପାଇଁ ସେ ପୁନେ ସଂଘ ପୂଜାରେ ଦିନେ ଲୀଳା ଦେଖାଇଲେ, "ଠାକୁରଙ୍କୁ ବେଡ଼ରୁମରେ ବିଶ୍ରାମ ଦେବା ପରେ, ଆମେ ନାଟ ମନ୍ଦିରରେ ସମ୍ମିଳନୀ ଆଲୋଚନାରେ ବ୍ୟସ୍ତ ଅଛୁ। କିଛି ସମୟ ପରେ ଦେଖିଲୁ କି, ଶ୍ରୀଶ୍ରୀଠାକୁର ଆଉ ବେଡ଼ରେ ନାହାନ୍ତି, ଅର୍ଚ୍ଚନା ଆସନରେ ସେ (ଠାକୁରଙ୍କ ପ୍ରତୀକ) ବସିଛନ୍ତି। ସେତେବେଳେ ଭୟ ପାଇ, କେହି ଠାକୁରଙ୍କ ବିଶ୍ରାମ ଗୃହକୁ ପ୍ରବେଶ କରୁନଥା'ନ୍ତି। ଯଦୁଭାଇ ପ୍ରବେଶ କରି ଠାକୁରଙ୍କୁ କ୍ଷମା ପ୍ରାର୍ଥନା କରି ଚାଲିଲେ, "ଶ୍ରୀଶ୍ରୀଠାକୁର, ଆପଣ ଆମ ପାଇଁ ବ୍ୟସ୍ତ ହୁଅନ୍ତୁ ନାହିଁ, ପିତାଙ୍କ ପରି ପୁତ୍ରକୁ ପରିଚାଳନା କରି କହିଲେ, "ସମ୍ମିଳନୀ ହେବ ବୋଲି ଠାକୁରଙ୍କୁ ଆଉ ନିଦ ହେଉନାହିଁ। ତାଙ୍କୁ ଶୋଇବାକୁ ଦେଲୁ, ସେ ଉଠି ଆସି ଚେୟାରରେ ବସିଲେଣି।" ସେଦିନ ସମସ୍ତେ ଏକ ମନରେ ସମ୍ମିଳନୀ ପ୍ରାର୍ଥନା କରିଲେ ଓ ଠାକୁରଙ୍କର ବିଦ୍ୟମାନତାର ପରିଚୟ ମଧ୍ୟ ପାଇଲେ। ସେଦିନ ସେହି ମୁହୂର୍ତ୍ତରେ ମୁଁ ଠାକୁରଙ୍କୁ ପ୍ରାର୍ଥନା କରିଲି, "ଯଦୁଭାଇ ସମ୍ମିଳନୀରେ

ଅର୍ଥର ପ୍ରୟୋଜନକୁ ନେଇ ଚିନ୍ତିତ ଅଛନ୍ତି। ଓଡ଼ିଶା ବାହାରେ ହେବା ଯୋଗୁଁ ସମ୍ମିଳନୀର ଖର୍ଚ୍ଚ ବହୁତ ବେଶୀ ହେବ। ହେ ଗୁରୁଦେବ, ଦୟାକରି ପୁନେ ସମ୍ମିଳନୀକୁ ଯେପରି ଅର୍ଥର ଅଭାବ ନ ହେବ ସେଥିଲାଗି ଟିକେ ବ୍ୟବସ୍ଥା କରିଦିଅନ୍ତୁ।" ସଂଘରେ ସମସ୍ତେ ସମ୍ମିଳନୀ ସୁରୁଖୁରୁରେ ହେବା ପାଇଁ ପ୍ରାର୍ଥନା କରୁଥିଲୁ। ସେହି ବର୍ଷ ମୁଁ ଆମେରିକା ଆସିଲାପରେ ମାସିକ ଯଦୁଭାଇଙ୍କ ସହ ଫୋନ୍‌ରେ କଥା ହେଉଥିଲି। ସେତେବେଳେ ସେ ବିସ୍ତୃତ ଭାବେ ସବୁ କହିଥା'ନ୍ତି କିପରି ସମ୍ମିଳନୀ ଆୟୋଜନ ଚାଲିଛି। ଫୋନ୍‌ରେ କଥା ବେଳେ ଯଦୁଭାଇ ମୋତେ କହିଲେ, "ଆପଣ, ସମ୍ମିଳନୀ ବେଳେ ଛଅ ମାସ ପୂର୍ବରୁ ପୁନେ ଆସିବେ।" ଭାବିଲି, "ଏହା କିପରି ସମ୍ଭବ? ମୋତେ ଏତେଦିନ ଛୁଟି ମିଳିବ ନାହିଁ।" ପରିସ୍ଥିତି ଏପରି ହେଲା ଯେ, ମୋର ଆମେରିକାର ଭିସାକୁ ନେଇ କମ୍ପାନୀ ମୋତେ ଏକ ବର୍ଷ ପାଇଁ ପୁନେରୁ କାମ କରିବା ପାଇଁ ସ୍ଥିର କଲେ। ସଭାପତି ବ୍ରଜଭାଇଙ୍କ ଠାରୁ ଅନୁମତି ପାଇଲି ପୁନେ ସଂଘରେ ଯୋଗ ଦେବାପାଇଁ।

୨୦ ଅଗଷ୍ଟ ୨୦୨୩ ରେ ଆମେରିକାରୁ ପୁନେ ଆସି ହଠାତ୍ ମନେ ପଡିଲା, "ଅଗଷ୍ଟ ୨୦,୨୦୨୩ - ଫେବୃଆରୀ ୨୩,୨୦୨୪ ଠିକ୍ ଛଅ ମାସ, ଯଦୁଭାଇ କହିବା ଅନୁଯାୟୀ।" ସେଦିନ ଯେ ଠାକୁରଙ୍କୁ ସମ୍ମିଳନୀ ପ୍ରାର୍ଥନା କରିଥିଲି, ତେଣୁ ଏ ଅଧମକୁ ସମ୍ମିଳନୀରେ ଯୋଗ ଦେଇ କିପରି ସମ୍ମିଳନୀ ସେ କରାଇ ନେଇଛନ୍ତି, ଶ୍ରୀଶ୍ରୀଠାକୁର ଦେଖାଇଛନ୍ତି। ତାହାର ଏକ ଉଦାହରଣ - ୨୦୨୩ ପୁନେ ସଂଘର ପାଚେରୀ ନିର୍ମାଣ କଥା। ଶ୍ରୀଶ୍ରୀଠାକୁରଙ୍କ ପୁନେ ଆସିବାର ଏକ ବର୍ଷ ପୂର୍ବରୁ ସଂଘରେ ନିର୍ମାଣ କାର୍ଯ୍ୟ ଚାଲୁଥାଏ। ଆଶ୍ରମର ପଶ୍ଚିମରେ ଜଣେ ମରାଠୀ ବ୍ୟକ୍ତିଙ୍କର ଜାଗା ଲାଗି କରିଅଛି। ନିର୍ମାଣ କାର୍ଯ୍ୟ କରୁଥିବା ମିସ୍ତ୍ରୀ ପାଚେରୀ କରିବାବେଳେ ଭୁଲ୍‌ରେ ପ୍ରାୟ ଏକ ଫୁଟ ଜାଗା ପଶ୍ଚିମ ଜାଗା ଆଡକୁ ମାଡି କାନ୍ଥ ତିଆରି କରିଦେଲେ। ଏହି ସମୟରେ ମରାଠୀ ବ୍ୟକ୍ତି ଜଣକ ଏ କଥା ଜାଣି କ୍ରୋଧରେ ପୁନେ ସଂଘର ସଭାପତିଙ୍କୁ ଡାକି କର୍କଶ ସ୍ୱରରେ କହିଲେ। ସଭାପତି ବଡ ନମ୍ରତା ସହକାରେ ତାଙ୍କୁ ଉତ୍ତର ଦେଲେ ଯେ ସେ ପାଚେରୀ କାନ୍ଥ ଭାଙ୍ଗି ଦେବେ ଓ ତାଙ୍କ ଜାଗା ତାଙ୍କୁ ଫେରାଇ ଦେବେ, ଏହା ମିସ୍ତ୍ରୀ ଭୁଲ୍‌ବଶତଃ କରିଦେଇଛନ୍ତି। ପାଚେରୀ କାନ୍ଥ ଭଙ୍ଗା ହୋଇ ଯେଉଁ ଅର୍ଥ ହାନି ହେବ ତାହା ସଂଘର ଅର୍ଥ, ତେଣୁ ସଭାପତି ସୁରେଶ ଭାଇ ସଂଘ ଆସନ ମନ୍ଦିରରେ ଶ୍ରୀଶ୍ରୀଠାକୁରଙ୍କୁ କ୍ଷମା ପ୍ରାର୍ଥନା କରିଲେ ଓ ସମସ୍ତ କଥା ଜଣାଇଲେ। ତା' ପରଦିନ ମରାଠୀ ବ୍ୟକ୍ତି ଜଣକ ତାଙ୍କ ନିଜ ତରଫରୁ ଆସି ସୁରେଶଭାଇଙ୍କୁ ଅତି ଭଦ୍ରତାର ସହ କହିଲେ, "ଆପଣ ଆଉ ସଂଘର ପାଚେରୀ ଭାଙ୍ଗିବେ ନାହିଁ। ମୋର ଜାଗାରୁ ଏକ ଫୁଟ ଭିତରକୁ ପାଚେରୀ ମାଡି ଆସିଛି ସତ କିନ୍ତୁ ଏହା ଠାକୁରଙ୍କ କାର୍ଯ୍ୟରେ ଲାଗିବ। ଆପଣଙ୍କ ଶ୍ରୀଶ୍ରୀଠାକୁର କ'ଣ ମୋର ଶ୍ରୀଶ୍ରୀଠାକୁର ନୁହନ୍ତି!!! ମୁଁ ଭଗବାନଙ୍କ ପାଚେରୀ ଭାଙ୍ଗି ଦେଇ କ'ଣ ସୁଖରେ ରହିପାରିବ? ନା ନା କଦାପି ନୁହେଁ। ପାଚେରୀ ଯେମିତି ହୋଇଛି ସେମିତି ରହିବ। ମୁଁ ସେ ଜାଗାକୁ ଭଗବାନଙ୍କୁ ଦାନ କଲି। ମୋ ପରିବାରକୁ ଶ୍ରୀଶ୍ରୀଠାକୁର ଆଶୀର୍ବାଦ କରନ୍ତୁ।" ଏ କଥା ଶୁଣି ସୁରେଶ ଭାଇଙ୍କ ହୃଦୟ ଖାଲି ଭକ୍ତିରେ ଠାକୁରଙ୍କୁ ବାରମ୍ବାର ପ୍ରଣାମ କରୁଥାଏ ଓ ବିସ୍ମୟରେ ଭାବୁଥା'ନ୍ତି କ୍ରୋଧ ପରାୟଣ ସେ ବ୍ୟକ୍ତିଙ୍କର ଏପରି ଭାବ ପରିବର୍ତ୍ତନ କିପରି ସମ୍ଭବ ହେଲା!!! କିଏ ଅବା ତାଙ୍କୁ କ'ଣ କହିଲା ଯେ ସେ ଆଜି ଏପରି ଠାକୁରଙ୍କୁ ନିଜ ଶ୍ରୀଶ୍ରୀଠାକୁର ବୋଲି ଜ୍ଞାନ କରୁଛନ୍ତି। ସେ ଭଦ୍ରବ୍ୟକ୍ତି ଏବେ ଆଶ୍ରମରେ ଉତ୍ସବରେ ଯୋଗ ଦେଉଛନ୍ତି।

**ଆମେରିକା ସଂଘର ଶ୍ରୀଶ୍ରୀଠାକୁରଙ୍କ ଅଭ୍ୟର୍ଥନା:**

ସମ୍ମିଳନୀର ଏକ ମାସ ପୂର୍ବରୁ ଶ୍ରୀଶ୍ରୀଠାକୁର ନୀଳାଚଳ କୁଟୀରରୁ ବାହାରି ଭୁବନେଶ୍ୱରରୁ ବାଙ୍ଗାଲୋର, ହାଇଦରାବାଦ, ମୁମ୍ବାଇ ସଂଘ ଦେଇ ପୁନେ ଆସିବା ପାଇଁ ସ୍ଥିର ହେଲା। ଯଦୁଭାଇଙ୍କ କାର୍ଯ୍ୟସ୍ଥଳୀ VSI institute ଠାରୁ ପୁନେ ସଂଘ ପର୍ଯ୍ୟନ୍ତ ଶ୍ରୀଶ୍ରୀଠାକୁରଙ୍କ ଶୋଭାଯାତ୍ରା ଆରମ୍ଭ ହେବ। ବାଟରେ ଅଭ୍ୟର୍ଥନା ପାଇଁ ୧୩ଟି ସ୍ଥାନରେ ଆୟୋଜନ ଚାଲିଲା। ମୁଁ ଏହା ପୂର୍ବରୁ କେବେ ଅଭ୍ୟର୍ଥନା କରି ନାହିଁ। ଜାଣିଲି ଭାଇ ଓ ମା' ମାନେ ଅଭ୍ୟର୍ଥନା କରିବା ପାଇଁ ଆବେଦନ ପତ୍ର ଲେଖୁଛନ୍ତି। ମନରେ ଆସିଲା, ମୁଁ ଟିକେ ଅଭ୍ୟର୍ଥନା କରନ୍ତିନି? ଆଉ କ'ଣ କେବେ କିପରି ସୁଯୋଗ ମିଳିବ? ଭାବିଲି ମୋର ତ ପରିଚୟ ପତ୍ର ଆମେରିକା ସଂଘରେ ଅଛି, ତେଣୁ ପୁନେ ସଂଘର ସଭ୍ୟ ଭାବେ ଆବେଦନ ଦେଇ ପାରିବିନାହିଁ। ତେବେ ଜଣେ ଭକ୍ତଙ୍କ ହିସାବରେ ଅଭ୍ୟର୍ଥନା କରିହେବ। ତେଣୁ ପୁନେ ସଂଘର ଅରୁଣପତି ଭାଇ ଓ ସିଦ୍ଧାର୍ଥ ଭାଇଙ୍କ ସହିତ ମିଶି ଅଭ୍ୟର୍ଥନା କରିବି ବୋଲି ସ୍ଥିର କଲି। ଶ୍ରୀଶ୍ରୀଠାକୁରଙ୍କ କୃପା! ଏହି ସମୟରେ ସମ୍ପାଦକ (ବିଶ୍ୱଜିତ୍ ରାୟ ଭାଇ) ମୋତେ ପଚାରିଲେ, "ଆପଣ ଏବେ ପୁନେରେ ଅଛନ୍ତି, ଠାକୁରଙ୍କୁ

ଆମେରିକା ସଂଘ ତରଫରୁ ଅଭ୍ୟର୍ଥନା କରିବେ କି?" ଏହା ଶୁଣି ମନ ଆନନ୍ଦରେ ନାଚି ଉଠିଲା, ମୁଁ ତ ଅଭ୍ୟର୍ଥନା କରିବା ପାଇଁ ଭାବୁଥିଲି କିନ୍ତୁ ମନରେ ସଂକୋଚ ଆସୁଥିଲା କି ମୋତେ ଅନୁମତି ମିଳିନାହିଁ। ଶ୍ରୀଶ୍ରୀଠାକୁର ସେଥିପାଇଁ ବ୍ୟବସ୍ଥା କରିଲେ। ସଙ୍ଗେ ସଙ୍ଗେ ବିଶ୍ୱଜିତ୍ ରାୟ ଭାଇଙ୍କୁ କହିଲି, "ଭାଇ, ଏହା ମୋ ପାଇଁ ବଡ ଭାଗ୍ୟ।" ସଭାପତିଙ୍କ ଅନୁମତି ନେଇ ଅଭ୍ୟର୍ଥନା ପାଇଁ ପ୍ରସ୍ତୁତି ହେଲା। ବ୍ରଜଭାଇ, ବିଶ୍ୱଜିତ୍ ଭାଇ ଓ ବୃନ୍ଦାବନ ଭାଇଙ୍କୁ ମେସଜରେ ଜଣାଇଲି। ବିଶ୍ୱଜିତ୍ ଭାଇ ଆବେଦନ ପତ୍ର ଲେଖିଦେଲେ। ଗୋଟିଏ flex banner ଓ ସେଥିରେ କିପରି ଆମେରିକ ସଂଘ ତଥା ଠିକଣା ଲେଖା ହେବ, ସେ ବିଷୟରେ ସଭାପତି ଓ ସମ୍ପାଦକଙ୍କ ନିର୍ଦ୍ଦେଶ ମତେ କରିନେଲି। ଶ୍ରୀଶ୍ରୀଠାକୁରଙ୍କ ଭୋଗ ଥାଳି, ଅର୍ଚ୍ଚନା ଓ ଭୋଗ ତଥା ଭକ୍ତମାନଙ୍କ ପାଇଁ ସନ୍ଧ୍ୟାରେ snacks and juice ର ବ୍ୟବସ୍ଥା ହେଲା। ଏହି ସମୟରେ ମମତା ମିଶ୍ର ମା' ଯେ କି ପୂର୍ବେ ସଂଘରେ ସଭ୍ୟା ଥିଲେ, କେତେକ କାର୍ଯ୍ୟ ବ୍ୟସ୍ତରେ ସେ ସଂଘ ଆସି ପାରୁନଥିଲେ, ମୋଠାରୁ ଜାଣିବାକୁ ପାଇଲେ କି ଶ୍ରୀଶ୍ରୀଠାକୁର ଏବେ ପୁନେ ଆସୁଛନ୍ତି। ସେ ନିଜ ତରଫରୁ ମୋତେ ଅନୁରୋଧ କଲେ କି ଠାକୁରଙ୍କ ଅଭ୍ୟର୍ଥନା କରିବେ। ମୋର ଏଥିରେ କିଛି ଆପତ୍ତି ନ ଥିଲା। ଦୟାମୟଙ୍କ ବ୍ୟବସ୍ଥା ଅଗୋଚର। ଯେତେବେଳେ ଶ୍ରୀଶ୍ରୀଠାକୁର ପୁନେ ସଂଘରେ ପହଞ୍ଚିବେ, ତା'ର ୪ ଦିନ ପୂର୍ବରୁ ଜଣେ ଆତ୍ମୀୟ ସ୍ୱଜନଙ୍କ ମୃତ୍ୟୁ ଯୋଗୁଁ ମୃତକିୟା ହେଲା। ମୁଁ ଏବେ ବଡ ଅସୁବିଧାରେ ପଡ଼ିଗଲି। ଅଶୁଦ୍ଧିରେ ଠାକୁରଙ୍କ ଜନିଷ କି ଭୋଗ କିଛି ଛୁଇଁ ହେବ ନାହିଁ। ତେବେ ଅଭ୍ୟର୍ଥନା କିପରି ହେବ? ମମତା ମା' ତାଙ୍କ ପରିବାର ସହିତ ଆସି, ଅଭ୍ୟର୍ଥନା ପାଇଁ ସମସ୍ତ ଯୋଗାଡ କରିଦେଲେ। ମନେ ମନେ ଭାବିଲି, ଶ୍ରୀଶ୍ରୀଠାକୁର ତେବେ କ'ଣ ଏସବୁ ଜାଣି କରି ମମତା ମା'ଙ୍କୁ ପୂର୍ବରୁ ଅଭ୍ୟର୍ଥନା ପାଇଁ ଯୋଡ଼ିଥିଲେ। ଯା ହେଉ ମା'ଙ୍କ ପରିବାର ସହିତ ମିଶିକରି ଅଭ୍ୟର୍ଥନା ସ୍ଥାନରେ ପ୍ରସ୍ତୁତି ସମୟରେ ଜଣେ ମରାଠୀ ବ୍ୟକ୍ତି ମୋତେ ହିନ୍ଦୀରେ ପଚାରିଲେ,

ଭଦ୍ରବ୍ୟକ୍ତି – "Banner ରେ ଆମେରିକା ଲେଖା ହୋଇଛି! ଶୋଭାଯାତ୍ରା ସହିତ ଆମେରିକାର କ'ଣ ସମ୍ପର୍କ?"

ମୁଁ – "ହଁ, ଆମେରିକାରେ ଗୁରୁଦେବଙ୍କର ଏକ ସଂଘ ଅଛି। ଶୋଭାଯାତ୍ରା ତାଙ୍କର ଆଗମନରେ ହେଉଛି। ଆମେ ଆମେରିକା ସଂଘ ତରଫରୁ ତାଙ୍କୁ ସ୍ୱାଗତ କରୁଛୁ।"

ତା'ପରେ ଭଦ୍ରବ୍ୟକ୍ତି ଜଣକ ଆହୁରି କେତେକ ପ୍ରଶ୍ନ କଲେ, ଗୁରୁଦେବଙ୍କର philosophy କ'ଣ? ସେ କେଉଁ ସମ୍ପ୍ରଦାୟର, ସେ ହିନ୍ଦୁ କି ମୁସଲିମ? ଏ ସମ୍ମିଳନୀର ଉଦ୍ଦେଶ୍ୟ କ'ଣ? ତା'ପରେ ମୋଠାରୁ ଠାକୁରଙ୍କର ଜୀବ ଉଦ୍ଧାର ବିଷୟ ଶୁଣି କି ସେ ବଡ ଉତ୍ସାହରେ ପଚାରିଲେ, "ତେବେ କ'ଣ ଏଠି ସଂଘରେ ଏହିପରି ସବୁ ଆଲୋଚନା ହେବ?"

ଏହି ସମୟରେ ଶ୍ରୀଶ୍ରୀଠାକୁର ମହାରାଜ ଭକ୍ତମାନଙ୍କ ସହିତ ରଥାରୁଢ଼ ହୋଇ ବିଜେ କଲେ। ପ୍ରଥମ ଥର ପାଇଁ ମମତା ମା' ଓ ମୁଁ ଠାକୁରଙ୍କୁ ଅଭ୍ୟର୍ଥନା ସେବା କରୁଥାଉ। ଜୟଗୁରୁ କୀର୍ତ୍ତନ ସହିତ ଶୋଭାଯାତ୍ରାରେ ପ୍ରଥମେ 'ଜୟଗୁରୁ' ମହାନାମ ହେଉଥିବା ଗାଡି ଓ ପରେ ପରେ ଶ୍ରୀଗୁରୁଙ୍କ ରଥ ଆସି ପହଞ୍ଚିଲା। ଲାଗିଲା, ଯେପରି ସ୍ୱୟଂ ଗୁରୁଦେବ ଆଜି ଆମର ସେବା ଗ୍ରହଣ ପାଇଁ କୃପା କରି ଆମେରିକା ସଂଘ ଅଭ୍ୟର୍ଥନା ସ୍ଥଳରେ ବିରାଜମାନ। ଖୁସିରେ ଏବଂ ଡରରେ କିପରି ଠିକ୍ ଭାବେ ଅଭ୍ୟର୍ଥନା କରିବା ଉଚିତ୍ ଭାବିଲାବେଳେ, ଠାକୁରଙ୍କ ରଥ ସହ ଥିବା ସେବକ, ଜଗନ୍ନାଥପୁର ସଂଘର ମୁନାଭାଇ ଯାହାଙ୍କୁ ମୁଁ ଭଲ ଭାବେ ଜାଣିଛି, ମୋତେ କହିଲେ, "କିଛି ବ୍ୟସ୍ତ ନାହିଁ, ସବୁ ଠିକ୍‌ରେ ହେବ, ଠାକୁରଙ୍କୁ ଗୋଟିଏ ପରେ ଗୋଟିଏ ଉପଚାର ଦେଇଚାଲ।" ମନରେ ଟିକେ ଆସ୍ୱସ୍ତି ଅନୁଭବ କଲି। ମମତା ମା' ଠାକୁରଙ୍କୁ ଗୋଟି ଗୋଟି କରି ଉପଚାର ଦେଇ ଚାଲିଛନ୍ତି। ଠାକୁରଙ୍କୁ ଭୋଗ ନିବେଦନ ପରେ ପ୍ରଣାମ କରିଲୁ, ସମସ୍ତେ ସମବେତ ସ୍ୱରରେ 'ଜୟଗୁରୁ' କହିଲେ, ଆଉ ମମତା ମା' ରହି ପାରିଲେ ନାହିଁ, ଆଖିରୁ ତାଙ୍କର ଲୁହ ଧାରା ଗଡିଚାଲିଲା। ମମତା ମା'ଙ୍କ husband ତାଙ୍କୁ ଦେଖି, ଖାଲି ବୁଝିବାକୁ ଚେଷ୍ଟା କରୁଥାନ୍ତି ଯେ ଆଜି ତାଙ୍କ ପତ୍ନୀଙ୍କର କ'ଣ ହୋଇଛି। ସେ ପରିବେଶ କେମିତି ବର୍ଣ୍ଣନା କରିବି, ଖୁସିରେ ସ୍ଥାଣୁ ପାଲଟି ଖାଲି ଗୁରୁଦେବଙ୍କୁ ଦେଖି ଚାଲିଥିବ ଆଉ 'ଜୟଗୁରୁ' କହୁଥିବ। ଭକ୍ତମାନଙ୍କ ପାଇଁ ପ୍ରସାଦ ତଥା ପାନୀୟ ବିତରଣ ହେଲା। ଗୁରୁଦେବଙ୍କୁ ଭୋଗ ନିବେଦନ ପରେ ଆମେ ପ୍ରସାଦ ସେବନ କରିଲୁ। ମୋର ଏବଂ ମମତା ମା'ଙ୍କର ସବୁଦିନ ପାଇଁ ଏହା ଏକ ସ୍ମରଣୀୟ ଦିନ ହୋଇରହିଲା। ଆମେରିକା ସଂଘ ଦ୍ୱାରା ଏହି ସେବାଟି ଶ୍ରୀଶ୍ରୀଠାକୁର ଅନୁମତି ଦେଇଥିବାରୁ ତାଙ୍କ ଚରଣରେ ପ୍ରଣାମ।

**ପ୍ରବାସୀ ସଂଘ ଉଦ୍ୟମ ଓ ସମ୍ମିଳନୀ ବୃତ୍ତାନ୍ତ:**

ଯଦୁଭାଇ ପ୍ରବାସୀ ସଂଘର ସଭାପତି ଥିଲେ। ଆମେରିକାରୁ ତାଙ୍କ ସହ ମୋର ଫୋନ୍‌ରେ କଥା ପ୍ରସଙ୍ଗରେ ଯଦୁଭାଇ ତାଙ୍କର ଏ ସଂସାରରୁ ଚାଲିଯିବା କଥା କହିଥିଲେ, ତାଙ୍କୁ କିପରି ୩ ଥର ଡାକରା ଆସିଲାଣି, ସେ କେବଳ ଠାକୁରଙ୍କ କାର୍ଯ୍ୟ କରିବା ଲାଗି ଅଛନ୍ତି, ଇତ୍ୟାଦି। ଏଥିରୁ ଗୋଟିଏ ଘଟଣା – ଥରେ ଯଦୁଭାଇଙ୍କ ଝିଅ, ଯଶସ୍ୱିନୀ ମା' ସ୍ୱପ୍ନରେ ଦେଖିଲେ, "ଶ୍ରୀଶ୍ରୀଠାକୁର କହୁଛନ୍ତି, ମୁଁ ଏଥର ତୋ ବାପାଙ୍କୁ ନେଇଯିବି। ସେ ଏଠି ଯେପରି ଅଛି, ସେଠି ଆହୁରି ଭଲରେ ରହିବ।" ମା' କହିଲେ, "ଆପଣ, ବାପାଙ୍କୁ ନେଇଗଲେ ଆମେ ଏକା କିପରି ରହିବୁ ? ମା'ଙ୍କ ନିଦ ଭାଙ୍ଗିଗଲା। ଏହାପରେ ୨୦୨୧ କରୋନା ସଂକ୍ରମଣରେ ଯଦୁଭାଇ ଇହଧାମ ତ୍ୟାଗ କଲେ। କିନ୍ତୁ ସେ ଆରମ୍ଭ କରିଦେଇଥିବା ଉତ୍ସାହ ଓ ପ୍ରେରଣା ପ୍ରବାସୀ ସଂଘରେ ରହିଲା। ସମସ୍ତେ ବଡ ଉତ୍ସାହର ସହ ସମ୍ମିଳନୀ ପାଇଁ କାର୍ଯ୍ୟ କରୁଥା'ନ୍ତି। ପ୍ରବାସୀ ସଂଘ ସଭାପତି (କୁନାଭାଇ) ଓ ପୁନେ ସଂଘ ସଭାପତି (ସୁରେଶ ଭାଇ) ସମ୍ମିଳନୀ ପାଇଁ ଆଲୋଚନା କରୁଥା'ନ୍ତି। କୌତୁହଳ ବଶତଃ ମୁଁ ମଧ୍ୟ ସେହି ସଭାରେ ଯୋଗ ଦେଲି। ଏହି ବୈଠକ ଥିଲା ଯେତେବେଳେ ଶ୍ରୀଶ୍ରୀଠାକୁର ସମ୍ମିଳନୀର ମାସକ ପୂର୍ବରୁ ପୁନେରେ ଥା'ନ୍ତି। ପ୍ରବାସୀ ସଭାପତି କହିଲେ, "ଓଡ଼ିଶା ବାହାରେ ଖର୍ଚ୍ଚ ତ ହେବ, ବଜେଟ ହେଲା ୧.୨ କୋଟି ଟଙ୍କା। ପୁନେ ସଂଘ ୩୦ ଲକ୍ଷ, ପ୍ରବାସୀ ସଂଘ ୨୦ ଲକ୍ଷ, ସମ୍ମିଳନୀ ଡେଲିଗେଟ ଓ ଦିନକିଆ ପାଳିରୁ ଏବେ ଯାଏଁ ଯାହା ପ୍ରଣାମୀ ଆସିବ ସେଥିରୁ ସମ୍ମିଳନୀ negative budgetରେ ଅଛି। ପ୍ରାୟ ୧୭ ଲକ୍ଷ ଟଙ୍କା କମ୍ ହେଉଛି।" ଜଣେ ଭାଇ କହିଲେ, "କଟକ ସମ୍ମିଳନୀରେ ବି ଏମିତି fund shortage ହେଇଥିଲା, ପୁଣି ସମ୍ମିଳନୀ ବେଳେ ତାହା ପୂର୍ଣ୍ଣ ହେଇଗଲା।" ଆଉ ଜଣେ ଭାଇ ପଚାରିଲେ, "ଏପରି ସମୟରେ, କେଉଁଠାରୁ ସେ ପଇସା ଆସେ, କିଏ ସେ ପଇସା ଦିଅନ୍ତି ?" ଅନ୍ୟ ଜଣେ ଭାଇ ଉତ୍ତର ଦେଲେ, "ତାହା, ଶ୍ରୀଶ୍ରୀଠାକୁର ଦେଇ ଦିଅନ୍ତି।"

ପ୍ରସ୍ତାବ ହେଲା, "ଆମେ ଡେଲିଗେଟ ପ୍ରଣାମୀ ୪୦୦ ରୁ ବଢ଼ାଇ ୬୦୦ ଟଙ୍କା କରି ପାରିବା ? ପୁନେ ଭଳି ସହରରେ ୪୦୦ ଟଙ୍କାରେ ୪ ଦିନ ରହିବା ଖାଇବା କ'ଣ ହୁଏ, କେବଳ ସମ୍ମିଳନୀ ପାଇଁ ଭକ୍ତମାନଙ୍କ ପାଇଁ କମ୍ ପଇସାରେ ବ୍ୟବସ୍ଥା କରାଯାଇଛି।" ଉତ୍ତରରେ ପ୍ରବାସୀ ସଂଘ କହିଲେ, "ନା ନା ତାହା କେତେ ଜଣ ଭକ୍ତମାନଙ୍କ ପାଇଁ ଅର୍ଥର ଚାପ ପଡିବ। କାରଣ, ସେମାନେ, ପୁନେ ଆସିବା ପାଇଁ ଟ୍ରେନରେ ଖର୍ଚ୍ଚ କରୁଛନ୍ତି, ଯାହା କି ଓଡ଼ିଶାରେ ସେମାନଙ୍କୁ ଖର୍ଚ୍ଚ ଦେବାକୁ ପଡ଼ିନଥା'ନ୍ତା। ତେଣୁ, ଆମେ ତାହା କରିପାରିବା ନାହିଁ। କିନ୍ତୁ ଯେଉଁମାନଙ୍କର ଆର୍ଥିକ ସ୍ୱଚ୍ଛଳ ଅଛି ସେମାନଙ୍କୁ ଆମେ ପ୍ରୋତ୍ସାହିତ କରିବା। ବେଶୀରୁ ବେଶୀ ସମ୍ମିଳନୀ ଦିନିକିଆ ପାଳି ନେବାପାଇଁ। ଏହାପରେ ଆମେରିକା ସଂଘର ବ୍ରଜଭାଇ ସମସ୍ତଙ୍କୁ ଦିନକିଆ ପାଳି ନେବାକୁ ଜଣାଇଥିଲେ। ଆମେରିକାର ଭାଇ ଓ ମା' ମାନେ ନିଜର ସାଧମତେ ପ୍ରଣାମୀ ଦେଇଛନ୍ତି। ଯାହା ହେଉ, ଠାକୁରଙ୍କର ଶକ୍ତି ସମ୍ମିଳନୀରେ ସମସ୍ତ ଶିଷ୍ୟ ଭକ୍ତମାନଙ୍କ ମଧ୍ୟରେ ପ୍ରବେଶ କରି ସମ୍ମିଳନୀର ବଜେଟକୁ negative ରୁ positive କରାଇଲେ। ଆଶ୍ଚର୍ଯ୍ୟ କଥା – କଟକ ସମ୍ମିଳନୀରେ ଖର୍ଚ୍ଚ ହୋଇ ଶେଷରେ କିଛି ଅର୍ଥ ବଳିପଡିଲା। ପୁନେ ସମ୍ମିଳନୀରେ ବ୍ୟୟର ପରିମାଣ କଟକ ସମ୍ମିଳନୀର ବ୍ୟୟର ଦୁଇଗୁଣରୁ ଅଧିକ ହୋଇ ମଧ ପୁଣି କେଉଁଠାରୁ ବା ଅର୍ଥ ଆସିଲା, ସମ୍ମିଳନୀ ଶେଷରେ ପୁଣି ଅର୍ଥ ବଳିପଡିଲା। କହିବାର ତାତ୍ପର୍ଯ୍ୟ, ସମ୍ମିଳନୀରେ ଖର୍ଚ୍ଚର ପରିମାଣ ଯେତେ ହେଉ ନା କାହିଁକି, କେହି ଜଣେ ତାହା ପୂର୍ଣ୍ଣ କରି ଦେଉଛନ୍ତି, ଏପରି ଭାବେ ସମ୍ମିଳନୀ ଶେଷରେ positive budget ଥାଏ। ତାଙ୍କର ହସ୍ତକ୍ଷେପ ବିନା କ'ଣ ଏହା ସମ୍ଭବ ? କେତେଜଣ ଭାଇ କହିଲେ, "ସମ୍ମିଳନୀରେ ଅର୍ଥର ବଳକା ରହିବା ହେଉଛି ସମ୍ମିଳନୀର ସଫଳତା।"

ପୁନେ ସମ୍ମିଳନୀରେ online ଡେଲିଗେଟ ଆରମ୍ଭ ଏକ ନୂତନ ପଦକ୍ଷେପ ଥିଲା। ମୋର ମାମୁଁ ତାଙ୍କର ଡେଲିଗେଟ ଓଡ଼ିଶାରେ ଛାଡି ଯାଇଥିଲେ, କିନ୍ତୁ softcopy ଥିବା ଯୋଗୁଁ ତାଙ୍କୁ ସମ୍ମିଳନୀ କ୍ଷେତ୍ରରେ କିଛି ଅସୁବିଧା ହେଲା ନାହିଁ। online ଡେଲିଗେଟ କରିବାର ମୁଖ୍ୟ ଉଦ୍ଦେଶ୍ୟ ଥିଲା, "ସମ୍ମିଳନୀ ପୂର୍ବରୁ ଭକ୍ତମାନଙ୍କ ସଂଖ୍ୟା ଜାଣି ସେଥିପାଇଁ ସୁବ୍ୟବସ୍ଥା କରିବା।" ପ୍ରଥମେ, ଶାଖା ସଂଘ ମାନଙ୍କୁ ପଚାରି ଯାହା ଜଣା ପଡୁଥିଲା ପାଖାପାଖି ୩୦୦୦ ଭକ୍ତ ଆସିବେ। ତେଣୁ ପୁନେ ସଂଘ ୩୫୦୦ ଜଣ ଭକ୍ତଙ୍କ ପାଇଁ କ୍ୟାମ୍ପ କରିବାକୁ ପ୍ରସ୍ତୁତି କରିଲେ। ଫେବୃଆରୀ ୧୯ ବେଳେ online ଡେଲିଗେଟ ୩୫୦୦ ଯାଇ ପହଁଚିଲା, ଯାହା କି କେହି ହେଲେ ଅନୁମାନ କରିପାରି ନ ଥିଲେ। ସେଦିନ ଅନୁଭବ ହେଲା କି, ଆନୁମାନିକ ସଂଖ୍ୟା ଭୁଲ୍ ହେବାକୁ ଯାଉଛି। ନୂତନ ସଂଖ୍ୟା ଅନୁମାନ ହେଲା ୪୫୦୦। କିନ୍ତୁ ତାହା ମଧ ଭୁଲ୍ ହେଲା, ଯେତେବେଳେ ଅଧିବାସ ଦିନ ଭକ୍ତ ଆସି ପହଞ୍ଚିଲେ, ପ୍ରସାଦ ପତ୍ରକୁ

ନେଇ ଭକ୍ତଙ୍କ ସଂଖ୍ୟା ହେଲା ପ୍ରାୟ ୫୮୦୦ । ସେଥିପାଇଁ ପ୍ରଥମ ଦିନର ରୋଷେଇ ପାଇଁ ଥିବା ସାମଗ୍ରୀ ଅଧିବାସ ଦିନ ହିଁ ଶେଷ ହେଇଗଲା । ତା'ପରେ ଜରୁରୀକାଳୀନ ପରିସ୍ଥିତି ପରି ସଙ୍ଗେ ସଙ୍ଗେ ରୋଷେଇ ସାମଗ୍ରୀ କିଣା ହେଲା । ଯୋଗାଣ ଭାଇ ମାନେ କହିବା ଅନୁଯାୟୀ, ତାଙ୍କୁ ଶୋଇବା ପାଇଁ ସମୟ ମିଳି ନାହିଁ, ସେଇ ରାତିରେ ହିଁ ରୋଷେଇ ସାମଗ୍ରୀ କିଣା ହେଲା ପର ଦିନ ପାଇଁ । ଅଧିବାସ ଦିନ ଏତେ ସଂଖ୍ୟାରେ ଭକ୍ତ ମାନେ ଆସିଥିବା ଯୋଗୁଁ କ୍ୟାମ୍ପର ଅଭାବ ହେଲା । ତେଣୁ ଭକ୍ତମାନେ ସମ୍ମିଳନୀ ମଣ୍ଡପରେ ଥା'ନ୍ତି । ପୁନେ ସଂଘରୁ ଶ୍ରୀଶ୍ରୀଠାକୁର ବାହାରି ସମ୍ମିଳନୀ କ୍ଷେତ୍ର ଦର୍ଶନରେ ଆସିଲେ । ପୁନେ ସଭାପତି ଭାଇ ପରିଚାଳକଙ୍କୁ ଭୟରେ ଜଣାଇଲେ, "ଭକ୍ତମାନଙ୍କ ପାଇଁ କ୍ୟାମ୍ପ ତିଆରି କରି ହୋଇ ନ ଥିବା ଯୋଗୁଁ ଆପଣ ସେମାନଙ୍କୁ ସମ୍ଭାଳିନେବେ ।" ପରିଚାଳକ କହିଲେ, "ବ୍ୟସ୍ତ ହୁଅ ନାହିଁ । ଶ୍ରୀଶ୍ରୀଠାକୁର ଅଛନ୍ତି ।" ଶ୍ରୀଶ୍ରୀଠାକୁର ଯାଇ ସମ୍ମିଳନୀ କ୍ଷେତ୍ରରେ ପହଞ୍ଚିଲାବେଳକୁ ଆଶ୍ଚର୍ଯ୍ୟ ଭାବେ ଏକ ପ୍ରସାଦ ମଣ୍ଡପକୁ ଏକ କ୍ୟାମ୍ପରେ ରୂପାନ୍ତରିତ କରାଗଲା ଓ ଭକ୍ତମାନେ ସେଠି ରହିଲେ । ଏତେ ଶୀଘ୍ର ଏହା କିପରି ସମ୍ଭବ ହେଲା !!!

ସମ୍ମିଳନୀର ପ୍ରତ୍ୟେକ ଦିବସ ବହୁତ ଶୃଙ୍ଖଳାର ସହିତ ସମାପନ ହେଉଥିଲା । ସମ୍ମିଳନୀର LED displayକୁ ସନ୍ଧ୍ୟାରେ ଭକ୍ତମାନେ ଘାସ ଗାଲିଚାରେ ବସି ବଡ ଆନନ୍ଦରେ ଦର୍ଶନ କରୁଥିଲେ । selfi-point ରେ ଜୟଗୁରୁ ମହାମନ୍ତ୍ର ସହିତ ଫୋଟୋ ନେବାରେ କେହି ବୋଧେ ବାକି ନଥିବେ । ଶ୍ରୀଶ୍ରୀଠାକୁର ଯେତେବେଳେ କ୍ୟାମ୍ପ ପରିଦର୍ଶନରେ ବାହାରିଲେ, ଲାଗୁଥିଲା ଯେପରି ସାକ୍ଷାତ ଶ୍ରୀଗୁରୁ ଧରା ପୃଷ୍ଠରେ ଅବତାରଣା କରି ଭକ୍ତମାନଙ୍କର ସୁଖ ସୁବିଧା ଦେଖୁଛନ୍ତି । ଠାକୁରଙ୍କ ଜୀବନୀର animated video ସମ୍ମିଳନୀରେ ଅନ୍ୟ ଏକ ଆକର୍ଷଣର ବିଷୟ ହୋଇଥିଲା । ଆନନ୍ଦ ସଭାରେ ବଡ ହସଖୁସି ଜମିଥିଲା । ଆମେରିକା ସଂଘର ଠାକୁରଙ୍କ ନାଟକଟି ବହୁତ ଭଲଭାବେ ପରିବେଷଣ ହୋଇଥିଲା । ସମ୍ମିଳନୀରେ ଆମେରିକାରୁ ରେକର୍ଡ ସଂଖ୍ୟାକ ଭକ୍ତମାନେ ଏଥର ଯୋଗ ଦେଇଥିଲେ । ସୁପ୍ରୀତଭାଇ, ବିଶ୍ୱଜିତ୍ ରାୟ ଭାଇ, ଜ୍ଞାନ ଭାଇ, ବଡ ଚମତ୍କାର ଭାବ ବିନିମୟ କରିଲେ । ଆମେରିକା ସଂଘର ସଭାପତି (ବ୍ରଜଭାଇ) ତାଙ୍କ ଭାବ ବିନିମୟରେ କହିଲେ, "ଶ୍ରୀଶ୍ରୀଠାକୁର ପ୍ରଥମ ଥର ପାଇଁ flight ରେ ଆସିଲେ ଭୁବନେଶ୍ୱରରୁ ବାଙ୍ଗାଲୋରକୁ ଯାହା ୨ ଘଣ୍ଟା ଯାତ୍ରା ଥିଲା, ପିତାଙ୍କ ଠାରେ ସବୁ ପୁତ୍ରର ସମ ଅଧିକାର, ତେଣୁ ଶ୍ରୀଶ୍ରୀଠାକୁର କାହିଁକି ଆମେରିକାକୁ ଆସି ପାରିବେ ନାହିଁ, ତାହା ମାତ୍ର ୧୬ ଘଣ୍ଟାର flight ଯାତ୍ରା ।" ପରେ ଏହା ବଡ ଆଲୋଚ୍ୟ ବିଷୟ ହେଇଥିଲା କି ତେବେ ଆମେରିକା ସଂଘ କିଛି ପ୍ରସ୍ତୁତି କରୁଛନ୍ତି । ପୁନେ ସଂଘର କେତେକ ଭାଇ ଖୁସିରେ କହିଲେ, "ଏପରି ହେଲେ ଆମକୁ ଆମେରିକା ଦେଖିବା ପାଇଁ ସୁଯୋଗ ମିଳିଯିବ ।"

ସମ୍ମିଳନୀର ଏବେ ସମୀକ୍ଷା ଚାଲିଛି । କିପରି ଭୁଲ ତ୍ରୁଟି ସବୁ ପୁନରାବୃତ୍ତି ନ କରି ଆଗକୁ ସମ୍ମିଳନୀରେ ଠିକ୍ ଠିକ୍ ଭାବେ ସେବା ହୋଇପାରିବ । ପୁନେ ସମ୍ମିଳନୀରୁ ଶିକ୍ଷା, "ଶ୍ରୀଶ୍ରୀଠାକୁର ଅଛନ୍ତି ଓ ସେ ସମ୍ମିଳନୀ କରାଉଛନ୍ତି । ଗୁରୁକୃପା ହି କେବଳମ୍ ।" ସଂଘ ଠାକୁରଙ୍କ ପ୍ରାଣକେନ୍ଦ୍ର ହେଲେ ସମ୍ମିଳନୀ ତାଙ୍କର ବିରାଟ ରୂପ । ସେଇ ବିରାଟ ରୂପୀ ଗୁରୁବ୍ରହ୍ମ ଯେ ପୁଣି ଆମକୁ ଧରା ଦେଇଛନ୍ତି ଓ ଆମ ସହିତ ମିଶି ସମ୍ମିଳନୀରେ ଆନନ୍ଦ ଉପଲବ୍ଧି କରୁଛନ୍ତି । ହେ ଗୁରୁଦେବ ! ଆମକୁ ତୁମର ମନଲାଖି ସେବକ କରି ନିଅନ୍ତୁ, ଶ୍ରୀଚରଣ ତଳେ ଏତିକି ପ୍ରାର୍ଥନା । 'ଜୟଗୁରୁ'

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ
**ଶ୍ରୀ ଅଜିତ ବେହେରା**
ଆମେରିକା ସାରସ୍ୱତ ସଂଘ

ତୁମ ସମସ୍ତଙ୍କ ଜୀବନରେ ଏକମାତ୍ର ଲକ୍ଷ୍ୟ ଠାକୁରଙ୍କ କର୍ମସାଧନ, ତେଣୁ ତୁମମାନଙ୍କ ଭିତରେ ବିରୋଧ ମନୋବୃତ୍ତି ରହି ନ ପାରେ । ତୁମେମାନେ କାହିଁକି କର୍ମ କରିବ ? ଠାକୁରଙ୍କ ପ୍ରୀତି ନିମିତ୍ତ । ଏହା ହିଁ ତୁମମାନଙ୍କର ଲକ୍ଷ୍ୟ, ଏହା ହିଁ ତୁମମାନଙ୍କର ସାଧନା । – **ଶ୍ରୀଶ୍ରୀଠାକୁର**

# ପ୍ରାର୍ଥନା ଓ କାମନା ପୂରଣ

ଶ୍ରୀଶ୍ରୀଠାକୁର ସର୍ବଅନ୍ତର୍ଯ୍ୟାମୀ। ଆମର ସବୁ ପ୍ରାର୍ଥନା ସେ ଶୁଣନ୍ତି ଓ ତାଙ୍କ ଇଚ୍ଛା ଅନୁଯାୟୀ ପୂରଣ କରନ୍ତି। ସବୁବେଳେ କାମନା ଓ ପ୍ରାର୍ଥନା ଭାବିଚିନ୍ତି କରିବା ଉଚିତ୍ ବୋଲି ଶ୍ରୀଶ୍ରୀଠାକୁର କହିଛନ୍ତି।

୨୦୦୮ ମସିହା ଡିସେମ୍ବର ମାସରେ ଆମ ଘର ଭାଇ (ବିଶ୍ୱଜିତ୍ ରାୟ) ଓ ପିଲାମାନଙ୍କ ସହିତ ଭାରତ ଯାଇଥିଲୁ। ଡିସେମ୍ବର ମାସ ଶେଷ ସପ୍ତାହରେ ଶାଶୁ ଶ୍ୱଶୁରଙ୍କ ସହିତ ମଥୁରା, ବୃନ୍ଦାବନ, ହରିଦ୍ୱାର ଓ ଋଷିକେଶ ପ୍ରଭୃତି ଭ୍ରମଣ କରିଥିଲୁ। ବୃନ୍ଦାବନରେ ପହଞ୍ଚି ଦେଖିଲୁ, ବହୁତ ଶ୍ରଦ୍ଧାଳୁ ଭକ୍ତ ଓ ଆଖପାଖରୁ ନୂଆବର୍ଷକୁ ସ୍ୱାଗତ କରିବାକୁ ପ୍ରବଳ ଜନସମାଗମ ହେଉଛି। ଭକ୍ତି ରସାମୃତ ସଙ୍ଗୀତ ଓ ନାମ ଗାନରେ ଚତୁର୍ଦ୍ଦିଗ ମୁଖରିତ ହେଉଥାଏ। ଆମେମାନେ ଶ୍ରୀମଦ୍ ବାୟାବାବାଙ୍କ ଆଶ୍ରମରେ ରହିଥିଲୁ। ସେତେବେଳେ ମୋ ମନରେ ଏକ ପ୍ରାର୍ଥନା ତଥା କାମନା ଜାଗିଲା। "ଥରେ କେମିତି ନୂଆବର୍ଷ ଦିନ ବୃନ୍ଦାବନରେ ରହିବି ବା ନୂତନ ବର୍ଷକୁ ଏହି ପବିତ୍ର ସ୍ଥାନରେ ସ୍ୱାଗତ କରିବି।" ପ୍ରେମଭକ୍ତିରେ ମନ, ପ୍ରାଣ ଭରିଯିବ। ଶ୍ରୀଶ୍ରୀଠାକୁର ଏହା ନିଶ୍ଚୟ ଶୁଣିଥିଲେ ଓ ଠିକ୍ ସମୟରେ ମୋର କର୍ମଫଳ ଭୋଗ ସହ ଏହା ପୂରଣ କରାହେବାପାଇଁ Approve କରିଥିଲେ।

୨୦୦୮ ମସିହା ଡିସେମ୍ବର ୨୮ ତାରିଖ ରବିବାର ସକାଳେ ବୃନ୍ଦାବନରୁ ଦିଲ୍ଲୀ ଅଭିମୁଖେ ଯାତ୍ରା ଆରମ୍ଭ କଲୁ। ଦିଲ୍ଲୀ ସାରସ୍ୱତ ସଂଘର ସଂଘାଧିବେଶନରେ ଯୋଗ ଦେଇ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କରିବାର ଅଭିଳାଷ ଥିଲା। ସେଠାରେ ପହଞ୍ଚି ବାଲ୍ୟ ପ୍ରସାଦ ପାଇଲୁ। ଦ୍ୱିତୀୟ ଅଧିବେଶନ ସଂଘ ପୂଜାରେ ଯୋଗ ଦେଲୁ। ସଂଗ୍ରାମ ଧର ଭାଇ ଓଡ଼ିଆ ପୁସ୍ତକ ପାଠ କରୁଥିଲେ। ଜଣେ ହିନ୍ଦି ଭାଷୀ ଭକ୍ତ ଆସି ପହଞ୍ଚିଲେ। ସଂଗ୍ରାମ ଭାଇ (କୁନାଭାଇ) ସଙ୍ଗେ ସଙ୍ଗେ ସେହି ପୁସ୍ତକଟିକୁ ଧରି ହିନ୍ଦି ଭାଷାରେ ପାଠ କରିଚାଲିଲେ। ମୁଁ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଗଲି। ମନେ ରହିଯାଇଛି। ଶ୍ରୀଶ୍ରୀଠାକୁରଙ୍କ ଶକ୍ତିରେ ତାଙ୍କର ସେବକ କ'ଣ ନକରି ପାରନ୍ତି। ସେହି ସଂଘ ପୂଜାରେ ମୁଁ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣାମ କଲି। ମୋର ଶ୍ରୀଶ୍ରୀଠାକୁରଙ୍କର ରୂପା ପାଦାସନ ଉପରେ ନଜର ପଡିଲା। ଭାରି ଭଲ ଲାଗିଲା। ମୋତେ ସେଠାରେ ଭାବ ବିନିମୟ କରିବାକୁ ସୁଯୋଗ ମିଳିଲା। ସେତେବେଳକୁ ଆମେରିକାରେ କେବଳ ଫୋନ୍ ମାଧ୍ୟମରେ ସଂଘ ପୂଜା ହେଉଥାଏ। ସଂଘ ଆସନ ମନ୍ଦିର ନ ଥାଏ। ମୁଁ ସେଦିନ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ କୃତଜ୍ଞତା ଜ୍ଞାପନ କରିଥିଲି ଯେ ସଂଘପୂଜାରେ ଯୋଗଦେଇ ପାରିଲୁ। ଏହା ସହିତ କାନ୍ଦିକି ପ୍ରାର୍ଥନା କରିଥିଲି ଯେ ଆମେରିକାରେ ଶ୍ରୀଶ୍ରୀଠାକୁରଙ୍କର ସୁଦୃଶ୍ୟ ଆସନ ମନ୍ଦିରଟିଏ ହେଉ। ଶ୍ରୀଶ୍ରୀଠାକୁରଙ୍କୁ ରୂପା ପାଦାସନ ମଧ୍ୟ ଦିଆଯାଉ। ଆମକୁ ସେବାର ସୁଯୋଗ ମିଳୁ ସଂଘ ଆସନ ମନ୍ଦିରରେ। ଏହି ପ୍ରାର୍ଥନା ସହିତ ମୋର ଭାବବିନିମୟ ଶେଷ କରିଥିଲି। ଶ୍ରୀଶ୍ରୀଠାକୁର କରୁଣାମୟ। ସେହିଦିନ ରାତ୍ରି Flight ରେ ଦିଲ୍ଲୀରୁ ଆମେରିକା ଫେରି ଆସିଥିଲୁ। ଶ୍ରୀଶ୍ରୀଠାକୁର ତାଙ୍କର ସମସ୍ତ ସନ୍ତାନଙ୍କର ଆକୁଳ ପ୍ରାର୍ଥନା ଶୁଣିଲେ। ୨୦୧୨ ମସିହାରେ ଆମେରିକାରେ ନୂତନ ଆସନ ମନ୍ଦିର ନିର୍ମିତ ହେଲା।

ଶୁଭଲଗନରେ ଶ୍ରୀଶ୍ରୀଠାକୁର ବିଜେ କଲେ ଆମେରିକାର ନିଗମ ସ୍ମୃତି ମନ୍ଦିରକୁ। ସଂଘ ଆସନରେ କିଛି ବର୍ଷ ପରେ ରୂପା ପାଦାସନ ଦିଆଯାଇଥିଲା। ବେଳେ ବେଳେ ପାଦାସନରେ ଚନ୍ଦନ ଲଗାଇବାର ସୁଯୋଗ ମିଳେ। ମୋତେ ଭାରି ଭଲ ଲାଗେ। ୨୦୦୮ ଡିସେମ୍ବର ମାସରେ ଦିଲ୍ଲୀ ସଂଘରେ ବିଜୟ ଉପାଧ୍ୟାୟ ଭାଇ ସେବା କରୁଥିଲେ। ସେ ମୋର ଭାବ ବିନିମୟ ଓ ରୂପା ପାଦାସନ ପାଇଁ ପ୍ରାର୍ଥନାକୁ ମନେ ରଖିଥିଲେ। ଏଠାରେ ଆମେରିକା ସଂଘକୁ ଆସି ଏବେ ନିତ୍ୟ ସେବା ପୂଜା କରୁଛନ୍ତି। ସେ ମୋତେ ଦିନେ ତାହା ମନେ ପକାଇଥିଲେ।

ଶ୍ରୀଶ୍ରୀଠାକୁରଙ୍କ ପାଖରେ ସେହି ୨୦୦୮ ଡିସେମ୍ବର ମାସ ସମୟରେ ଅନ୍ୟ ପ୍ରାର୍ଥନା ଓ କାମନାଟି କେମିତି ପୂରଣ ହେଲା, ତାହା ଭାବିଲେ ଦେହ ଥରିଯାଏ ଓ ନୟନରେ ଲୋତକ ଭରିଯାଏ। ୨୦୧୬ ଡିସେମ୍ବର ମାସ ବଡଦିନ ଛୁଟିରେ ଆମ ଘର ଭାଇ ଓ ପିଲାମାନଙ୍କ ସହ ଆମେ ଏକ ଯାଗାକୁ ବୁଲିବାକୁ ଯାଇଥିଲୁ। ମୋର ଦୁଇଟି ସାନ ଭାଇ ଓ ମୁଁ ଗୋଟିଏ ଝିଅ। ସେହି ସମୟରେ ମୋ ବାପା ବୋଉ ସାନଭାଇ ମାନସ ଓ ତା ସ୍ତ୍ରୀ ପୁଅଙ୍କ ସହ ମଥୁରା, ବୃନ୍ଦାବନ ଯାଇଥିଲେ। ବାପା ବୋଉ ଆଗରୁ ସେଠାକୁ ଯାଇଥିଲେ ମଧ୍ୟ

ଶ୍ରୀରାଧାକୃଷ୍ଣ ଭକ୍ତ ହୋଇଥିବାରୁ ସବୁବେଳେ ଯିବାପାଇଁ ରହାନ୍ତି। ୨୦୧୬ ଡିସେମ୍ବର ୨୪ ତାରିଖ ଶନିବାର ଦିନ ସଫଳା ଏକାଦଶୀ ଥାଏ। ସାନଭାଇ ତା' ସ୍ତ୍ରୀ ପିଲାଙ୍କ ସହ ଆଗ୍ରା ଯାଇଥିଲା। ବାପା ବୋଉ ISKCON Guest House ବୃନ୍ଦାବନରେ ଥାଆନ୍ତି। ସେମାନେ ସେଦିନ ବିଶ୍ରାମ କରିବାର ଥିଲା। ମାତ୍ର ଅଳ୍ପ ଏକାଦଶୀ ପ୍ରସାଦ ପାଇ ସେମାନେ ଏକ ଅଟୋରେ ବୃନ୍ଦାବନ ପରିକ୍ରମା କରି ସବୁ ମନ୍ଦିରରେ ପ୍ରଣାମ କରିବାକୁ ମନସ୍ଥ କଲେ। ଶ୍ରୀମଦ୍ ବାୟାବାବାଙ୍କ ଆଶ୍ରମ ମଧ୍ୟ ସେହି ପାଖରେ ଥିଲା। ସେଠାରୁ ଜଣେ ଚିହ୍ନା ଅଟୋରିକ୍ସାରେ ପରିକ୍ରମା ଆରମ୍ଭ କଲେ। ବାପା ଧଇଁ ସଇଁ ହୋଇଯାଉଥାନ୍ତି ଓ ଚାଲିପାରୁନଥା'ନ୍ତି। ବୋଉ ଭାବୁଥାଏ ଥଣ୍ଡା ଓ ଜଳବାୟୁ ପ୍ରଦୂଷଣ ପାଇଁ ଏମିତି ହେଉଛି। ସେ ଫେରିଯିବା ପାଇଁ କହୁଥାଏ। ବାପା ଯେମିତି ଜାଣିପାରୁଥା'ନ୍ତି ତାଙ୍କର ଶେଷ ସମୟ ଆସିଯାଉଛି, ସବୁ ଶୀଘ୍ର ଶୀଘ୍ର ଦେଖି ପ୍ରଣାମ କରୁଥା'ନ୍ତି। ଖିଆ ପିଆ ନାହିଁ, ଶେଷରେ ବୃନ୍ଦାବନ ପରିକ୍ରମା ପ୍ରଭୁଙ୍କ କୃପାରୁ କେବଳ ସମ୍ଭବ ହୋଇଥିଲା। ତାଙ୍କର ଆରାଧ୍ୟ ବାଙ୍କବିହାରୀ ତାଙ୍କ ମନୋକାମନା ପୂରଣ କରିଥିଲେ। ତା'ପରେ ଶ୍ରୀମଦ୍ ବାୟାବାବାଙ୍କ ଆଶ୍ରମକୁ ଯାଇ ତାଙ୍କୁ ପ୍ରଣାମ କଲାବେଳେ ବାୟା ବାବାଙ୍କ ମୁଖ ତାଙ୍କୁ ବିଷର୍ଣ୍ଣ ଦେଖାଗଲା। ବାପା ଭାବୁଥା'ନ୍ତି ମୋ ଗୁରୁ ମୋତେ କିଛି ଇଙ୍ଗିତ ଦେଉଛନ୍ତି। ତା'ପରେ ସେହି ପାଖରେ ଥିବା ISKCON Guest House କୁ ଫେରି ଆସିଲେ। ଅଳ୍ପ ପାଣିଟିକେ ପିଉ ପିଉ ବାପା ବେହୋସ୍ ହୋଇଗଲେ।

ସାନଭାଇ ମଧ୍ୟ ସେତେବେଳକୁ ISKCON Guest Houseକୁ ଫେରିଆସିଥାଏ। ମଥୁରାର Multispeciality Nayati Hospital କୁ ବାପାଙ୍କୁ ସଙ୍ଗେ ସଙ୍ଗେ ନିଆଗଲା। ସେଠାରେ ଡାକ୍ତର କହିଲେ ଯେ ତାଙ୍କର ହାର୍ଟ ଆଟାକ୍ ହୋଇଛି। ସଙ୍ଗେ ସଙ୍ଗେ Life Support ଦରକାର। ତାଙ୍କର treatment start ହୋଇ ସେନ୍ସ ଫେରିଆସିଲା। ସେହିଦିନ ଭକ୍ତି, ଜ୍ଞାନ ଓ ମୋର ଭୀଷଣ ଦେହ ଖରାପ ଓ ଆମେ ହୋଟେଲ୍ ରୁମ୍‌ରେ ଶୋଇ ରହିଥାଉ। ସେଠାରେ ଭଲ ସିଗ୍‌ନାଲ ନ ଥାଏ। ତେଣୁ ସାନଭାଇ ଫୋନ୍ ମୁଁ ପାଇପାରିଲିନି। ତା' ପରଦିନ ଡିସେମ୍ବର ୨୫ ତାରିଖ ରବିବାର ଦିନ ସିଗନାଲ ଭଲ ଥିବାରୁ ସାନଭାଇ ମୋତେ ଫୋନ୍ କରି କାନ୍ଦି କାନ୍ଦି ବାପାଙ୍କ ଖବର ଦେଲା। ମୁଁ ଜ୍ୟୋତିଷ ଗଣନାରେ ଏତେ ବିଶ୍ୱାସ କରୁନଥିଲି। ବାପା ସବୁବେଳେ କହୁଥିଲେ ଯେ ଜ୍ୟୋତିଷ ଗଣନା ଅନୁଯାୟୀ ୭୩ ବର୍ଷ ବୟସରେ ତୀର୍ଥ ସ୍ଥାନରେ ତାଙ୍କର ମୃତ୍ୟୁ ଯୋଗ ଅଛି। ୨୦୧୭ ଫେବୃଆରୀ ୧ ତାରିଖରେ ବାପାଙ୍କୁ ୭୩ ବର୍ଷ ହେବ। ମୁଁ ଶ୍ରୀଶ୍ରୀଠାକୁରଙ୍କୁ ଆକୁଳ ପ୍ରାର୍ଥନା ଜଣାଇଲି, କେମିତି ଶୀଘ୍ର ଯାଇ ଟିକେ ବାପାଙ୍କୁ ଦେଖିପାରିବି। ତାଙ୍କ ୨ ପୁଅଙ୍କ ଅପେକ୍ଷା ମୁଁ ଗୋଟିଏ ଝିଅ ବୋଲି ମୋତେ ବହୁତ ଭଲପାଆନ୍ତି ଓ ପିଲାବେଳରୁ ଧର୍ମ ମାର୍ଗରେ ଚଳିବା ପାଇଁ ଶିକ୍ଷା ଦେଇଛନ୍ତି। ଆମେରିକାରୁ ଫୋନ୍‌ରେ ତାଙ୍କ ସହିତ ମୋର ସାଧୁସଙ୍ଗ ଓ ଭଗବତ୍ ପ୍ରସଙ୍ଗ ଆଲୋଚନା ହୁଏ। ଦୀନବନ୍ଧୁ ଦୟାସିନ୍ଧୁ, ପରମକାରୁଣିକ ଶ୍ରୀଶ୍ରୀଠାକୁର ମୋ ପ୍ରାର୍ଥନା ସଙ୍ଗେସଙ୍ଗେ ଶୁଣିଲେ। ଡିସେମ୍ବର ୨୭ ତାରିଖରେ ସାର୍‌ଲୋଟ୍‌ରୁ ବାହାରି ଡିସେମ୍ବର ୨୮ ତାରିଖରେ ଦିଲ୍ଲୀରେ ଓ ୨୯ ତାରିଖ ସକାଳେ ମଥୁରାରେ ପହଞ୍ଚିଲି। ବାପା ମୋତେ ଦେଖି ଭାରି ଖୁସୀ ହେଲେ। ମୋର ସାନଭାଇ ଦୁଇ ଜଣ ଓ ମୁଁ ବାପାଙ୍କୁ ପାଖରେ CCU (Critical Care Unit)ରେ ଥାଉ। ମୁଁ ବାପାଙ୍କୁ ପଚାରିଲି କ'ଣ ପ୍ରାର୍ଥନା କରିଥିଲ କି ଶ୍ରୀରାଧାଦାମୋରଙ୍କ ପାଖରେ ? ବାପା କହିଲେ ବଡ଼ ପୁଅ ସଙ୍ଗରେ ଆଗରୁ ମଥୁରା ବୃନ୍ଦାବନ ଆସିଛି। ସାନପୁଅ ସଙ୍ଗରେ ଆସିଛି। କେବେ ତିନି ପିଲାଙ୍କ ସଙ୍ଗରେ ଆସିବାକୁ ମନରେ ଥିଲା। ଏମିତି ଶ୍ରୀରାଧାଦାମୋଦର ପୂରଣ କଲେ। ମୋର ୨୦୦୮ ଡିସେମ୍ବର ୨୭, ୨୮ ତାରିଖର ପ୍ରାର୍ଥନା ମନେପଡ଼ିଗଲା। ହସ୍‌ପିଟାଲରୁ ISKCON guest house ଯିବା ବାଟରେ ସେମିତି ଶ୍ରଦ୍ଧାଳୁ ଭକ୍ତଙ୍କ ଆଗମନ ଭଜନ କୀର୍ତ୍ତନ ଶୁଣୁଥାଏ। ଡାକ୍ତର ୩୦ ତାରିଖ ଦିନ କହିଲେ ଭୁବନେଶ୍ୱର ନେଇଯାଇ ସେଠାରେ ଚିକିତ୍ସା କର। ମାତ୍ର ଡିସେମ୍ବର ୩୧ ତାରିଖ ଦିନ ଟିକେଟ୍ ବହୁତଗୁଣା ଥିଲା। ତେଣୁ ୨୦୧୭ ମସିହା ଜାନୁୟାରୀ ୧ ତାରିଖ ଦିନ ଅପରାହ୍ନରେ ଦିଲ୍ଲୀରୁ ଭୁବନେଶ୍ୱର ଯିବାପାଇଁ ଫ୍ଲାଇଟ୍ ଟିକେଟ୍ କରାଗଲା।

ଏଥର ବୃନ୍ଦାବନରେ ଥାଇ ନୂତନ ବର୍ଷକୁ ସ୍ୱାଗତ କରିବି। ଡିସେମ୍ବର ୩୧ ତାରିଖ ରାତ୍ରିରେ ଗୁରୁଗୀତା ପାଠକରି 'ଜୟଗୁରୁ' ମହାମନ୍ତ୍ର ଜପ କରୁଥାଏ। ଭାବୁଥାଏ କେମିତି ଆମର ପ୍ରାର୍ଥନା ଓ କାମନା ସବୁ ପୂରଣ ହୁଏ। ହସ୍‌ପିଟାଲ୍‌ର ଡାକ୍ତର, ନର୍ସଙ୍କ ପରାମର୍ଶ କ୍ରମେ ହସ୍‌ପିଟାଲର ଆମ୍ବୁଲାନ୍ସ ବୁକ୍ କରିଥିଲୁ ଦିଲ୍ଲୀ ଯିବାପାଇଁ, ବାପାଙ୍କର ଏମିତି ଅବସ୍ଥାରେ ଯେତେ ଶୀଘ୍ର ଦିଲ୍ଲୀରେ ପହଞ୍ଚିବାକୁ ପଡିବ। କାର୍‌ରେ ନୂଆବର୍ଷ ଭିଡରେ ୬/୭ ଘଣ୍ଟା ଲାଗିପାରେ। ଆମ୍ବୁଲାନ୍‌ସ ପଛରେ ବାପା ଶୋଇଥା'ନ୍ତି ଓ ତାଙ୍କ ପାଖରେ ଜଣେ

ଡାକ୍ତର, ଜଣେ ସହକାରୀ ଓ ସାନଭାଇ ମାନସ ଥାଏ । ଆମ୍ବୁଲାନ୍ସର ଆଗରେ ଡ୍ରାଇଭର, ମୋ ସାନଭାଇ ବିଭୂତି ଓ ମୁଁ ବସିଥାଉ । ୨ ଘଣ୍ଟା ୩୦ ମିନିଟ୍‌ରେ ମଥୁରାରୁ ଦିଲ୍ଲୀରେ ପହଞ୍ଚିଗଲୁ । ସକାଳେ ବୃନ୍ଦାବନ ପରିକ୍ରମା ସାରି ଅଦୃଷ୍ଟ ନିୟତିର ନିର୍ଦ୍ଦେଶରେ ବାପା ମଥୁରାର Nayati ହସ୍‌ପିଟାଲରେ ସନ୍ଧ୍ୟାରେ ହାର୍ଟ ଆଟାକ୍‌ରେ ଆକ୍ରାନ୍ତ ହୋଇ ଆଡ୍‌ମିଟ୍ ହୋଇଥିଲେ । ଭକ୍ତବତ୍ସଳ ଭଗବାନ ତାଙ୍କର ସବୁ ଆଶା ଓ ପ୍ରାର୍ଥନା ପୂରଣ କରିଥିଲେ । ଭୁବନେଶ୍ୱରର କଳ୍ପତରୁ ଶ୍ରୀମଦ୍ ବାୟାବାବା ଆଶ୍ରମରେ ତାଙ୍କ ଗୁରୁଙ୍କୁ ଜଣାଇ ମଥୁରା ଓ ବୃନ୍ଦାବନ ଯାଇଥିଲେ । ଫେରିଆସି ପ୍ରଣାମ କରିବେ ବୋଲି ଜଣାଇଥିଲେ । ତାଙ୍କ ଗୁରୁ ବାୟାବାବା ତାହା ପୂରଣ କରିଥିଲେ । ଭୁବନେଶ୍ୱରରେ ପହଞ୍ଚି ବାପା ତାଙ୍କ ଗୁରୁ ଶ୍ରୀମଦ୍ ବାୟାବାବାଙ୍କୁ ନୂଆବର୍ଷରେ ପ୍ରଣାମ କରି ଘରକୁ ଆସିଲେ । ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ସବୁବେଳେ ପରୀକ୍ଷୀତଙ୍କ ପରି ଭାଗବତ ଶ୍ରବଣ, ନାମକୀର୍ତ୍ତନ ଓ ନାମ ଜପ କରୁଥିଲେ । ଆମେ ଭାବିଥିଲୁ ଭଲ ହୋଇଗଲେ । ତାଙ୍କର ୭୩ ତମ ଜନ୍ମ ଦିନ ଫେବୃଆରୀ ୧ ତାରିଖରେ ପରିବାର ସହ ପାଳନ କଲେ । ଶ୍ରୀପଞ୍ଚମୀ ସରସ୍ୱତୀ ପୂଜା ଦିନ ତାଙ୍କର ଜନ୍ମଦିନ । ମୁଁ ଆମେରିକାରୁ ବାପାଙ୍କୁ ଫୋନ୍ କରିଥିଲି । ବାପା ବାରମ୍ବାର, କହିଥିଲେ ଯେ ତାଙ୍କର ସବୁ ପ୍ରାର୍ଥନା ଓ କାମନା ପୂରଣ ହୋଇଛି । ଫେବୃଆରୀ ୨ ତାରିଖ ସକାଳେ ଆଉ ଗୋଟେ ହାର୍ଟ ଆଟାକ୍‌ରେ ସ୍ୱଧାମକୁ ଚାଲିଗଲେ । ଏହି ଗୋଟିଏ ମାସ ଭିତରେ ମୁଁ ତାଙ୍କ ସହିତ ପ୍ରାୟ ପ୍ରତିଦିନ ଫୋନ୍‌ରେ ଭଗବତ୍ ପ୍ରସଙ୍ଗ କଥା ହୁଏ । ମୁଁ ଶ୍ରୀଶ୍ରୀଠାକୁର ଚରଣାଶ୍ରିତ ବୋଲି ସେ ବହୁତ ଖୁସୀ ଥିଲେ ।

ଭକ୍ତି ଓ ଜ୍ଞାନ ହାଇସ୍କୁଲ୍‌ରେ ପଢ଼ିଲା ବେଳଠୁ ମୋ ମନରେ ଥାଏ କିପରି ଆମ ରହିବା ସ୍ଥାନଠୁ ୨/୩ ଘଣ୍ଟା ବାଟ ଦୂର University ଯାହା ଆମେରିକା ସାରସ୍ୱତ ସଂଘ ଆସନ ମନ୍ଦିରଠାରୁ ୨୦ ମିନିଟ୍ ଦୂରରେ ଅଛି, ପିଲାମାନେ ସେଠାରେ ପଢ଼ିବେ । ଶ୍ରୀଶ୍ରୀଠାକୁରଙ୍କ ସହିତ ଯୋଗଯୁକ୍ତ ରହିବେ । ଶ୍ରୀଶ୍ରୀଠାକୁରଙ୍କ ଅସୀମ କୃପାରୁ ଭକ୍ତି ଓ ଜ୍ଞାନ ସେହିଠାରେ ପାଠ ପଢ଼ିଲେ । ଜନ୍ମୋତ୍ସବରେ ପ୍ରାୟତଃ ଆଶୀର୍ବାଦ ନେଇ ନୂତନ ବର୍ଷ କ୍ଲାସ୍ ଆରମ୍ଭ ହୁଏ । ଆମଘର ଭାଇ ଓ ମୁଁ ସାର୍‌ଲୋଟ୍‌ରୁ ଆସି ପିଲାଙ୍କୁ ଆଣି ସଂଘ ପୂଜାରେ ଯୋଗ ଦେଉ । ମୋର ଜୀବନକୁ ଅନୁଧ୍ୟାନ କଲେ ମୋର ଦୁଇଟି ପଦ ମନେ ପଡ଼ିଯାଏ ।

"କେତେ ସୁଧାବୋଳା ଆଶୀଷ ତୁମର ମୋ ପରି ଅଧମ ଜନ ପାଇଁ
ଚଲାପଥ ମୋର, କଣ୍ଟକମୟ, କୁସୁମିତ କଲ ପ୍ରାଣସାଇଁ ।"

ମୁଁ ଖାଲି ସବୁବେଳେ ମାଗୁଛି । ଶ୍ରୀଶ୍ରୀଠାକୁରଙ୍କ କୃପା ହିଁ ଏକମାତ୍ର ସମ୍ବଳ ।

"ଦେଇ ଜାଣେ ନାହିଁ, ନେଇ ଜାଣେ ଖାଲି ଛାମୁରେ ହାତ ପତାଏ ॥"

ଏହିବର୍ଷ ପୁନେ ସମ୍ମିଳନୀରେ ଯୋଗ ଦେବାପାଇଁ ଯାଇଥିଲୁ । ମୁଁ ମନେ ମନେ ଭାବୁଥିଲି, ଶ୍ରୀଶ୍ରୀଠାକୁରତ ସଂଘରେ ରୂପା ମୁକୁଟ ପିନ୍ଧୁଛନ୍ତି । ସୁନା ମୁକୁଟ କ'ଣ ସମ୍ମିଳନୀରେ ପିନ୍ଧନ୍ତି ? ମନୋମୁଗ୍ଧକର ସମ୍ମିଳନୀ ଆସନରେ ଅପରୂପ, ବିଶ୍ୱେଶ୍ୱର, ରାଜରାଜେଶ୍ୱର ପ୍ରାଣପ୍ରିୟ ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ କରି ପ୍ରଣାମ କଲି । "ନିରେଖ ନିରେଖ ଆଖି ରାଜେଶ୍ୱର ରାଜେ" । ଦେଖିଲି ଶ୍ରୀଶ୍ରୀଠାକୁର ହସ ହସ ମୁହଁରେ ସ୍ନେହ କରୁଣା ଚାହାଣୀରେ ମୋତେ ଚାହିଁଛନ୍ତି ଓ ରୂପା ସହିତ ସୁନା ଖଚିତ ମୁକୁଟ ପିନ୍ଧିଛନ୍ତି । ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ସଦାସର୍ବଦା ମନରହୁ ଓ ସେବାର ସୁଯୋଗ ମିଳୁ, ଅନ୍ତରର ଆକୁଳ ପ୍ରାର୍ଥନା । ଜୟଗୁରୁ ।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତା
**ଶ୍ରୀମତୀ ସ୍ମିତା ରାୟ**
ଆମେରିକା ସାରସ୍ୱତ ସଂଘ

# ମୋ ଜୀବନର ପ୍ରଥମ ପ୍ରାଦେଶିକ ସମ୍ମିଳନୀର ଅନୁଭୂତି

କେଉଁ ଏକ ଶୁଭ ବେଳାରେ କରିଥିଲି ଏକ ବିଶୁଦ୍ଧ ଚିନ୍ତା, ଯାହା ଆମର ବାଞ୍ଛା କଳ୍ପତରୁ ଏ ଅଧମର ମନ ବାଞ୍ଛା ପୂରଣ କରିଛନ୍ତି। ୨୦୧୩ ମସିହା ମେ ୧ ତାରିଖ, ମୋର କାର୍ଯ୍ୟସ୍ଥଳୀ ଓ ଆଧ୍ୟାତ୍ମିକ କ୍ଷେତ୍ରର ମୂଳ ସ୍ଥାନ, ପୁନେ ସହର ଛାଡି ଆମେରିକା ଆସିବା ପାଇଁ ନିଷ୍ପତ୍ତି ନେଇ, ଠାକୁରଙ୍କ ତତ୍‌କାଳୀନ ଆଶ୍ରମରେ ଠାକୁରଙ୍କୁ ଜଣାଇ ଆସିଥିଲି, ଠାକୁରେ ଏ ପୁଣ୍ୟ କ୍ଷେତ୍ରରେ ଆପଣଙ୍କ ନୂତନ ଆଶ୍ରମ ପ୍ରତିଷ୍ଠାର ଶୁଭ କାର୍ଯ୍ୟରେ ମୁଁ ଆସି ଯୋଗଦେଇ ପାରିବି, ସେତିକି କୃପା କରିବା ହେବେ। ବାଞ୍ଛା କଳ୍ପତରୁ ମୋର ମନ ବାଞ୍ଛା ପୂରଣ କରି ମୋତେ ଓ ମୋର ସପରିବାରକୁ ପୁନେ ନୂତନ ଆସନ ମନ୍ଦିର ପ୍ରତିଷ୍ଠାରେ ଯୋଗ ଦେବାର ସୁଯୋଗ ଲାଭ କରାଇଥିଲେ। ସେହିଦିନ ତତ୍‌କାଳୀନ ପୁନେ ସଂଘର ସଭାପତି ପୁନେରେ ଏକ ପ୍ରାଦେଶିକ ଭକ୍ତ ସମ୍ମିଳନୀର ପରିକଳ୍ପନା କରି ପ୍ରତିଶୃତି ପାଇଁ ଅଗ୍ରିମ ପ୍ରଣାମୀ ମଧ୍ୟ କେନ୍ଦ୍ରକୁ ଦେଇଥିଲେ। ସେତେବେଳେ ଜଣା ନଥିଲା ପୁନେରେ ସମ୍ମିଳନୀ କେବେ ହେବ, କିନ୍ତୁ ଏ ଅଧମ ଠାକୁରଙ୍କୁ ପୁଣି କହିଥିଲା, ଏଠି ସମ୍ମିଳନୀ ଯେବେ ହେବ ଯେପରି ମୁଁ ସବୁ କାର୍ଯ୍ୟ ଛାଡି ଏଠି ଆସି ଯୋଗଦେଇ ପାରିବି। ସମୟର ଅଲଂଘନୀୟ ପରିସ୍ଥିତିରେ, କରୋନା ମହାମାରୀର ତାଣ୍ଡବ ଲୀଳା ମନରୁ ସେ ସ୍ୱପ୍ନ ଦୂରେଇ ନେବାରେ ସଦା ତତ୍‌ପର ଥିଲା। ସତରେ କ'ଣ ମୁଁ ସପରିବାର ନେଇ ପୁନେ ସମ୍ମିଳନୀରେ ଯୋଗଦାନ କରିପାରିବି ? Visa ଓ Job ର ପରିସ୍ଥିତି କ'ଣ ଥିବ ଇତ୍ୟାଦି ଭାବି ଦେଲା ବେଳକୁ ତାହା ଦୁରୂହ ବେପାର ଲାଗୁଥିଲା। କରୋନା ପରିସ୍ଥିତି ହେତୁ ପୁନେ ସମ୍ମିଳନୀ କେଉଁ ମସିହାରେ ହେବ ତାହା ମଧ୍ୟ ସ୍ଥିର ହେଇପାରୁନଥିଲା। ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଶ୍ରୀଶ୍ରୀଠାକୁରଙ୍କର ବହୁ ଅପେକ୍ଷା ରତ କଟକରେ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ ହେବାର ଦିନ ଧାର୍ଯ୍ୟ ହୋଇଥିଲା। କଟକ ସମ୍ମିଳନୀ କ୍ଷେତ୍ରକୁ ଶୁଭ ଆଗମନ ସମୟରେ କୌଣସି କାରଣବଶତଃ ମୋତେ ଓଡ଼ିଶା ଯିବାପାଇଁ ପଡିଥିଲା। ଶ୍ରୀଶ୍ରୀଠାକୁରଙ୍କ ଅପାର କରୁଣାରୁ ସେହି ମନ ବାସନା ମଧ୍ୟ ପୂରଣ ହୋଇଥିଲା। କି ଦିବ୍ୟ ଅନୁଭୂତି। ସତେକି ଠାକୁରଙ୍କର ନିତ୍ୟ ଲୋକର ନିତ୍ୟ ଲୀଳା ଯେପରି ଧରାପୃଷ୍ଠରେ ଅବତରଣ କରିଥିଲା। ଯିଏ ଅଙ୍ଗେ ଲିଭେଇଛି ସେ ଅନୁଭୂତି ସେ ହିଁ ଜାଣିଛି। କିନ୍ତୁ ସମୟର ଅଲଂଘନୀୟ ପରିସ୍ଥିତିରେ ଯୋବ୍ରା ସମ୍ମିଳନୀରେ ଯୋଗଦେଇ ନ ପାରି ମୋତେ ଆମେରିକା, ମୋ କାର୍ଯ୍ୟ କ୍ଷେତ୍ରକୁ ଫେରିବାକୁ ପଡିଥିଲା। କିନ୍ତୁ ଶ୍ରୀଶ୍ରୀଠାକୁରଙ୍କୁ ସେଠି ଜଣାଇଥିଲି, ଠାକୁରେ ଆପଣଙ୍କ ସମ୍ମିଳନୀ କ୍ଷେତ୍ରକୁ ଶୁଭ ଆଗମନର ରସ ଆସ୍ୱାଦନ କରାଇଲେ, ଆସନ୍ତା ବର୍ଷ ଯେପରି ପୁନେ ସମ୍ମିଳନୀରେ ଯୋଗଦେବାର ସୁଯୋଗ ଲାଭ କରାଇବେ ମୋତେ। ସେହିଦିନଠାରୁ ଶ୍ରୀଶ୍ରୀଠାକୁରଙ୍କ ଶ୍ରୀଚରଣରେ ଗୋଟିଏ ପ୍ରାର୍ଥନା, ପୁନେ ସମ୍ମିଳନୀରେ କିପରି ମୁଁ ସପରିବାର ଯୋଗଦାନ କରିବି। ସେ ବି ଭକ୍ତକୁ ବିନା ପରୀକ୍ଷା କରି ତାଙ୍କ ପାଖକୁ କେବେ ନେବେନି। ସବୁ କିଛି ଠିକ୍ ଠିକ୍ ସୂଚାରୁ ରୂପେ ହେଉଥାଏ କିନ୍ତୁ ଯିବା ପୂର୍ବ ଦିନ ଘର ମାଙ୍କୁ flu ହୋଇଗଲା। ସେ ଆଉ ବିଛଣାରୁ ଉଠି ପାରିଲେ ନାହିଁ। ପରଦିନ flight ଅଛି india କୁ। ଠାକୁରେ, ଏ କି ପରୀକ୍ଷା ? ମାଙ୍କୁ ପଚାରିଲି, ସତରେ କ'ଣ ତୁମେ ଏ ପରିସ୍ଥିତିରେ ଯାଇ ପାରିବ ? ସେ କହିଲେ, ହଁ ଯିବା, ଆମେ ନିଶ୍ଚୟ ଯିବା। ଠାକୁରଙ୍କୁ ପ୍ରାର୍ଥନା କଲୁ, ଠାକୁରେ ଏ ଅଧମକୁ ପରୀକ୍ଷା କଲେ, ସେ ଫେଲ୍ ହୋଇଯିବ, ବାସ୍ କୃପା କରନ୍ତୁ ଓ ଆମକୁ ଆପଣଙ୍କ ପ୍ରାଦେଶିକ ସମ୍ମିଳନୀରେ ପହଞ୍ଚିବାର ସୁଯୋଗ ଦିଅନ୍ତୁ।

ବାଞ୍ଛାକଳ୍ପତରୁ ଆମମାନଙ୍କ ମନରେ ଏତେ ସାହସ ଭରିଦେଲେ, ଆମେ ଆମ ସପରିବାର, ଆମ ଜୀବନର ପ୍ରଥମ ପ୍ରାଦେଶିକ ଭକ୍ତ ସମ୍ମିଳନୀରେ ଉପସ୍ଥିତ ରହିପାରିଲୁ। ସେ କି ଆନନ୍ଦ। ସେ ମହାନ ମିଳନ ସ୍ଥଳ। ଜୀବନର ପ୍ରଥମ ସମ୍ମିଳନୀ, ପ୍ରଥମ ଦିନର, ପ୍ରଥମ ସଭାରେ ପୁଣି ମୋତେ ନିର୍ଦ୍ଦେଶ ଆସିଥିଲା, "ଆଦର୍ଶ ଗୃହସ୍ଥ ଜୀବନ ଗଠନ" ବିଷୟରେ ମୋର ଅଭିମତ ରଖିବା ପାଇଁ। ମୋର ଝିଅ ଦୁଇ ଜଣଙ୍କୁ ମଧ୍ୟ ସଙ୍ଗୀତ ସେବାରେ ସୁଯୋଗ ମିଳିଥିଲା। ମନଭରି ଠାକୁରଙ୍କୁ ଦେଖିଲୁ, ପ୍ରସାଦ ପାଇଲୁ ଓ ଦୂର ଦୂରାନ୍ତରରୁ ଆସିଥିବା ବହୁ ଭାଇ ମା' ମାନଙ୍କର ଭାବ ବିନିମୟ ହୃଦୟଙ୍ଗମ କରିପାରିଲୁ। ଲାଗିଲା ଯେପରି ଜୀବନର ଏକ ବହୁତ ବଡ ଲକ୍ଷ୍ୟସ୍ଥଳୀ ଅତିକ୍ରମ କରିପାରିଲି ଠାକୁରଙ୍କ କୃପାରୁ। ଆଉ ବୁଝି ପାରିଲି କ'ଣ ମୁଁ ହରାଇ ଥା'ନ୍ତି ଯଦି ମୁଁ ଆଜି ଆସିପାରି ନ ଥା'ନ୍ତି। ଜୀବନର ଏକ ଅଭୁଲା ସ୍ମୃତି ଚିର ଜୀବନ ପାଇଁ ମନ ରହିବ। ତିନି ଦିନ ତିନି ଘଣ୍ଟା ଭଳି ଚାଲିଗଲା। ପୁଣି ମନର ଠାକୁରଙ୍କୁ ମନର ଗଣ୍ଠିଲି କରି ବାହୁଡ଼ାଯାତ୍ରା କଲି, ମୋର ଗନ୍ତବ୍ୟସ୍ଥଳ, ଆମେରିକାକୁ।

କହିବା ବାହୁଲ୍ୟ, ଶ୍ରୀଶ୍ରୀଠାକୁର ମୋତେ ଓ ମୋ ପରିବାରକୁ କେବଳ ସମ୍ମିଳନୀକୁ ନେଇ ନାହାନ୍ତି, ବରଂ ଆମ ଆଧ୍ୟାତ୍ମିକ ରାଜ୍ୟର ରାସ୍ତାରେ କିପରି ଦୃଢ଼, ନିଶ୍ଚଳ ଓ ବିଶ୍ୱାସର ସହ ଜୀବନର ପ୍ରତିକୂଳ ପରିସ୍ଥିତିକୁ କିପରି ତାଙ୍କ ଦାନ ବୋଲି ଭାବି, ହସରେ ହସରେ ଆପଣେଇ ନେବା ତାହା ଭକ୍ତମାନଙ୍କ ଭାବ ବିନିମୟ ମାଧ୍ୟମରେ ହୃଦୟଙ୍ଗମ କରାଇଦେଲେ।

ଶ୍ରୀଶ୍ରୀଠାକୁରଙ୍କ ନିକଟରେ ପ୍ରାର୍ଥନା, ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଯେପରି ତାଙ୍କ ନିର୍ଦ୍ଦେଶିତ ପଥରେ ଚାଲି ପାରିବି ଓ ତାଙ୍କ ମନ ମୁତାବକ ସେବକଟିଏ ହୋଇପାରିବି, ତାହା କୃପା କରନ୍ତୁ।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ
**ଶ୍ରୀ ସୁପ୍ରୀତ ପଟ୍ଟନାୟକ**
ଆମେରିକା ସାରସ୍ୱତ ସଂଘ

# ସତୀର୍ଥ ସ୍ମରଣେ - ଶ୍ରଦ୍ଧେୟ ଯଦୁଭାଇ

ପୁନେଠାରେ ଶ୍ରୀଶ୍ରୀଠାକୁର ମହାରାଜଙ୍କର ଭାବଧାରା ପ୍ରଚାର ଓ ପ୍ରସାରରେ ଯିଏ ନିଜର ଜୀବନକୁ ସମ୍ପୂର୍ଣ୍ଣ ସମର୍ପିତ କରିଦେଇଥିଲେ - ସେ ଅନ୍ୟ କେହି ନୁହଁନ୍ତି, ଆମ ସମସ୍ତଙ୍କର ପ୍ରିୟ, ଶ୍ରଦ୍ଧେୟ ଯଦୁଭାଇ। ପ୍ରତ୍ୟେକ ପ୍ରବାସୀ ସଂଘର ଭାଇ ଓ ମା' ମାନଙ୍କ ପ୍ରାଣରେ ସେ ଭରି ଦେଇଥିଲେ ସ୍ନେହ, ପ୍ରେମର ଅମୀୟଧାରା। ସେ ଥିଲେ ସେବା ଓ ତ୍ୟାଗର ମୂର୍ତ୍ତୀମନ୍ତ ପ୍ରତୀକ ତଥା ଏକ ସରଳ, ନିଷ୍କପଟ, ଗୁରୁଗତପ୍ରାଣ ଭକ୍ତଟିଏ। ନିଜର, ଅତି ଆପଣାର ଲୋକମାନଙ୍କୁ ପାଖରେ ପାଇଲେ ଆମେ ଯେପରି ଆନନ୍ଦିତ ହୋଇଯାଉ, ସେହିଭଳି ଆନନ୍ଦିତ ହୋଇଯାଆନ୍ତି ସେ ଗୁରୁଭାଇ ଓ ମା'ମାନଙ୍କୁ ଦେଖି। ଓଡ଼ିଶାରେ ଜନ୍ମଗ୍ରହଣ କରି, ପୁନେ ସହରକୁ ନିଜର କର୍ମସ୍ଥଳ ରୂପେ ବାଛି, ଏହି ମହାନଗରୀରେ ଶ୍ରୀଶ୍ରୀଠାକୁରଙ୍କର ଭାବଧାରାର ପ୍ରଚାର ଓ ପ୍ରସାରର ସହାୟକ ହୋଇଛନ୍ତି, ତାହା ଅବିସ୍ମରଣୀୟ ହୋଇ ରହିବ।

ଠାକୁରଙ୍କୁ ଭଲପାଇବାର ସାଧନା - ଯଦୁଭାଇଙ୍କ ଠାରୁ ଶିକ୍ଷଣୀୟ। ଶ୍ରୀଶ୍ରୀଠାକୁର କିପରି ଭଲରେ ରହିବେ, ତାଙ୍କ ସେବାପୂଜାରେ ଯେପରି କୌଣସି ପ୍ରକାର ତ୍ରୁଟି କିମ୍ବା ବ୍ୟାଘାତ ନ ଘଟେ, ସେଥିପାଇଁ ସେ ସଦାସର୍ବଦା ତତ୍ପର ରହୁଥିଲେ। ସଂଘ ପୂଜାରେ ଶ୍ରୀଶ୍ରୀଠାକୁର ମହାରାଜଙ୍କର ସେବାପୂଜାଠାରୁ ଆରମ୍ଭ କରି ସଂଘପୂଜା ତଥା ଶ୍ରୀଶ୍ରୀଠାକୁରଙ୍କ ସମ୍ବନ୍ଧୀୟ କୌଣସି କାର୍ଯ୍ୟରେ କିଛିମାତ୍ର ତ୍ରୁଟି ପରିଲକ୍ଷିତ ହେଲେ, ସେ ବିଚଳିତ ହୋଇପଡୁଥିଲେ।

ଶ୍ରୀଶ୍ରୀଠାକୁର ମହାରାଜଙ୍କୁ ଯଦୁଭାଇ ଯେପରି ଭଲ ପାଉଥିଲେ, ସମସ୍ତ ଭାଇ ଓ ମା' ମାନଙ୍କୁ ମଧ୍ୟ ଠିକ୍ ସେହିପରି ଭଲପାଉଥିଲେ। ପ୍ରତ୍ୟେକ ସଂଘ ପୂଜାର ଅଧିବାସ ଦିନ ସମସ୍ତ ଭାଇ ଓ ମା' ମାନଙ୍କୁ ଫୋନ୍ କରି ପଚାରୁଥିଲେ। "ଆଜି ଅଧିବାସ ପୂଜାରେ କେତେବେଳେ ପହଞ୍ଚିବେ ?" ଯଦି କୌଣସି ଭାଇ କିମ୍ବା ମା' କହିଥିବା ସମୟରେ ପହଞ୍ଚି ନ ପାରନ୍ତି, ଯଦୁଭାଇ ଖୁବ୍ ବ୍ୟସ୍ତ ହୋଇ ପଡନ୍ତି ଏବଂ ବିଳମ୍ବର କାରଣ କୌଣସି ଅସୁବିଧା ନୁହେଁ ତ ଜାଣିବା ପାଇଁ ଫୋନ୍ କରୁଥା'ନ୍ତି।

ଆମେମାନେ ପ୍ରାୟତଃ ଆଶ୍ରମଠାରୁ ଦୂରରେ ଅର୍ଥାତ୍ ପ୍ରାୟତଃ ୩୦ କିଲୋମିଟର ଦୂରରେ ରହୁ। ସେଥିପାଇଁ ସେ ଆମ୍ଭେମାନେ ଘରୁ ବାହାରି ଆଶ୍ରମରେ ପହଞ୍ଚିବା ପର୍ଯ୍ୟନ୍ତ ମଝିରେ ମଝିରେ ଫୋନ୍ କରି "ଭାଇ, କେତେ ବାଟ ଆସିଲେଣି, କିଛି ଅସୁବିଧା ନାହିଁ ତ ?" - ପଚାରି ଚାଲନ୍ତି। ଏହା ତାଙ୍କର ଆମମାନଙ୍କୁ ଭଲପାଇବାର ଓ ପିତୃତୁଲ୍ୟ ସ୍ନେହ ଦେବାର ଏକ ନିଦର୍ଶନ। ସମସ୍ତ ଗୁରୁଭାଇ ଓ ମା' ମାନଙ୍କୁ ସମଭାବରେ ଭଲ ପାଉଥିଲେ ତଥା ଆମ ସମସ୍ତଙ୍କୁ ଠାକୁର ମହାରାଜଙ୍କର ଅଭିମୁଖୀ କରାଇବାରେ ଆପ୍ରାଣ ଚେଷ୍ଟା ନିରତ ଥିଲେ।

ସଂସାର ଭିତରେ ଭଗବତ୍ ଭାବଧାରାର ପ୍ରସାର ଜଣେ ସାଧାରଣ ମନୁଷ୍ୟଙ୍କ ପକ୍ଷରେ ଏତେଟା ସମ୍ଭବପର ନୁହେଁ। ଆମ୍ଭେମାନେ ଯେତେଦୂର ଯଦୁଭାଇଙ୍କୁ ଦେଖିଛୁ, ଜାଣିଛୁ ଓ ତାଙ୍କ ସାଙ୍ଗରେ ମିଶିଛୁ। କୌଣସି ମତେ ସେ ସାଧାରଣ ମନୁଷ୍ୟ ପରି ଜଣାପଡ଼ନ୍ତି ନାହିଁ। ମୋର କହିବାର ଅର୍ଥ ବାହ୍ୟ ଆଡ଼ମ୍ବରରେ ଯେତିକି ସାଧାରଣ ପ୍ରତୀୟମାନ ହେଉଥିଲେ, ଅନ୍ତରରେ ଓ ଭାବରେ ତାହାଠାରୁ ଢେର ଅଧିକ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। 'ସେ ଓ ଠାକୁର', "ଠାକୁରଙ୍କ ସେବା ନିମିତ୍ତ ତାଙ୍କ ଜନ୍ମ", "ଶ୍ରୀଶ୍ରୀଠାକୁର ଖୁସିରେ ରହିବେ", "ଠାକୁରଙ୍କର କୌଣସି ଅସୁବିଧା ନ ହେଉ" – ଏହିସବୁ ଭାବନାରେ ଦିନରାତି ମଜ୍ଜି ରହୁଥିଲେ। ତାହାଠାରୁ ଅଧିକ ଥିଲା ତାଙ୍କର 'ସମ୍ମିଳନୀ' ଭାବନା। ପୁନେଠାରେ ନିଶ୍ଚିତ ଭାବରେ 'ଭକ୍ତ ସମ୍ମିଳନୀ' ର ଏକ ଅଧିବେଶନ ଅନୁଷ୍ଠିତ ହେବ ଏହି ଦୃଢ଼ ବିଶ୍ୱାସ ଓ ଠାକୁରଙ୍କ ଉପରେ ଆସ୍ଥା ସହ ଠାକୁରଙ୍କର ପୁନେ ଭୂମିରେ ପାଦ ପକାଇବା ଦିନକୁ ଯେମିତି ସେ ଚାହିଁ ରହିଥିଲେ। ଶ୍ରୀଶ୍ରୀଠାକୁର ମହାରାଜ ମଧ୍ୟ ତାଙ୍କ ଲୀଳାର ସହାୟକ ଭାବରେ ଯଦୁଭାଇଙ୍କୁ ମର୍ତ୍ତ୍ୟଧାମକୁ ନେଇ ଆସିଥିଲେ। ଯେପରି ମହାଭାରତ ଯୁଦ୍ଧରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ନିଜର ମାଧ୍ୟମ କରିଥିଲେ। ଠିକ୍ ସେହିପରି ଶ୍ରୀଶ୍ରୀଠାକୁର ମହାରାଜ ତାଙ୍କର ଲୀଳାଖେଳା ପାଇଁ ଯଦୁଭାଇଙ୍କୁ ମାଧ୍ୟମ କରି ପୁନେଠାରେ ଏକ ଶାଖାସଂଘ ପ୍ରତିଷ୍ଠା କରିଛନ୍ତି ଯାହାକି ଠାକୁରଙ୍କର ଭାବଧାରା ପ୍ରସାରରେ ସହାୟକ ହେବ।

ଆଶ୍ରମ ନିମନ୍ତେ ଜମି କିଣିବା, ନିର୍ମାଣ କାର୍ଯ୍ୟ ସବୁଥିରେ ଯଦୁଭାଇଙ୍କର ଅବଦାନ ଅତୁଳନୀୟ। ଠାକୁରଙ୍କର ସେବା ନିମନ୍ତେ ନିଜର ଜନ୍ମମାଟିଠାରେ ଥିବା ପୈତୃକ ସମ୍ପତ୍ତି ତଥା ପୁନେଠାରେ କରିଥିବା ଘରଦ୍ୱାର ବିକ୍ରିକରି ସେହି ଅର୍ଥ ଆଶ୍ରମର ଜମିକ୍ରୟ ଓ ନିର୍ମାଣ କାର୍ଯ୍ୟରେ ବିନିଯୋଗ କରିଥିଲେ। ଠାକୁରଙ୍କ ସେବା ନିମନ୍ତେ ଯେଉଁ ଅର୍ଥ ସେ ବ୍ୟୟ କରୁଥିଲେ। ସେଥିନିମିତ୍ତ ଘରମା' କିମ୍ବା ପୁତ୍ର କନ୍ୟାଙ୍କ ପରାମର୍ଶ ଲୋଡୁ ନ ଥିଲେ। କେହି ପଚାରିଲେ କୁହନ୍ତି, "ଏହି ଅର୍ଥ ଶ୍ରୀଶ୍ରୀଠାକୁର ତାଙ୍କୁ ଦେଇଛନ୍ତି, ତାଙ୍କରି (ଠାକୁରଙ୍କର) ସେବାରେ ହିଁ ଲାଗିବ।" ଯଥାର୍ଥରେ ସଂସାରରେ ଥାଇ ମଧ୍ୟ ସେ ଥିଲେ ନିଷ୍କାମ କର୍ମୀ, ତ୍ୟାଗୀ, ଲୋଭପରି ରିପୁକୁ ଜୟ କରିଥିବା ମଣିଷଟିଏ। ଠାକୁରଙ୍କ ପାଇଁ ସର୍ବସ୍ୱ ତ୍ୟାଗ କରିଥିବା ମହାନ୍ ଭକ୍ତଟିଏ।

ଆଶ୍ରମର ଜମିକ୍ରୟ ହେଉ, ନିର୍ମାଣ ହେଉ ଅଥବା ପୁନେଠାରେ ସମ୍ମିଳନୀ ହେଉ, ସେ ସଦାସର୍ବଦା ଗୋଟିଏ କଥା ଭାଇ ଓ ମା' ମାନଙ୍କୁ କୁହନ୍ତି ଯେ, "ସକାଳ, ସନ୍ଧ୍ୟାରେ ଦୁଇଟୋପା ଲୁହ ଢାଳି ପ୍ରାର୍ଥନା କର।" ଶ୍ରୀଶ୍ରୀଠାକୁର ମହାରାଜ ଅର୍ଥ, ସାମର୍ଥ୍ୟ, ଶକ୍ତି ସବୁ ଯୋଗାଇ ଦେବେ।" ଆଜି ଯଦୁଭାଇଙ୍କର ସେହି ଦୁଇଟୋପା ଲୁହ ଭକ୍ତ ସମ୍ମିଳନୀ ରୂପକ ମହାନ୍ ସ୍ରୋତରେ ପରିଣତ ହୋଇଛି।

ସର୍ବଶେଷରେ ଗୋଟିଏ ପଦ –

"ଧନ୍ୟ ଧନ୍ୟ ଧନ୍ୟ ଯଦୁଭାଇ, ନୀଳାଚଳ ସାରସ୍ୱତ ସଂଘର ଯୋଗ୍ୟଭାଇ
ଦେଇଗଲ ପ୍ରବାସୀ ସଂଘକୁ ନବପ୍ରେରଣା, ଶିଖାଇଲ ତ୍ୟାଗ, ସେବା, ଗୁରୁଭକ୍ତିର ଭାବନା।"

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ
**ଶ୍ରୀ ସୁବାଷ ଚନ୍ଦ୍ର ପଢ଼ିହାରୀ**
ପୁନେ ଶାଖା ସଂଘ

ଦେଖ, ମୁଁ ବିଦେହୀ ହେବା ପରେ ତୁମେମାନେ ମୋତେ ଭଲ ଭାବରେ ଉପଲବ୍ଧି କରିପାରିବ। ମୁଁ ଯେଉଁ ଶକ୍ତି ନେଇ ଜଗତକୁ ଆସିଥିଲି, ମୋର ଏ ସ୍ଥୂଳଦେହଟା ସେ ଶକ୍ତିଧାରଣର ଉପଯୋଗୀ ହେଲା ନାହିଁ। ମୁଁ ଏଥର ସମାଧିସ୍ଥ ହୋଇ ଦେହତ୍ୟାଗ କରିବି କିମ୍ବା ନୂତନ ବଳ ଓ ଉତ୍ସାହ ନେଇ ଫେରିଆସି ଜଗତରେ ଅନ୍ୟ ଭାବରେ କାର୍ଯ୍ୟ କରିବି। ମୋ ଭିତରେ ଯେଉଁ ଶକ୍ତି କେନ୍ଦ୍ରୀଭୂତ ହୋଇଅଛି, ମୋର ଏହି ସ୍ଥୂଳଦେହ ରକ୍ଷା ପରେ ମୋର ସେହି ଶକ୍ତି ଶିଷ୍ୟ ଭକ୍ତମାନଙ୍କ ଭିତରେ ସଞ୍ଚାରିତ ହୋଇଯିବ। ମୁଁ ମୋ ଗୁରୁଭାଇ କାହାକୁ ଦେଇଯିବି ନାହିଁ। ମୁଁ ନିଜେ ଗୁରୁ ହୋଇ ରହିଲି। ଯେଉଁଦିନ ଶୁଦ୍ଧ ଆଧାର ପାଇବି, ସେହିଦିନ ସେହି ଶୁଦ୍ଧ ଆଧାର ଭିତରେ ମୁଁ ଆବିଷ୍ଟ ହୋଇଯିବି। ମୋର ଭକ୍ତମାନେ ମୋତେ ଏହିପରି ଭାବରେ ପାଇବେ। – **ଶ୍ରୀଶ୍ରୀଠାକୁର**

# ଆମେରିକା ସାରସ୍ୱତ ସଂଘ ବାର୍ଷିକ ବିବରଣୀ

ଶ୍ରୀଶ୍ରୀଠାକୁର ମହାରାଜଙ୍କ ଅପାର କରୁଣାରୁ ତା ୪ ଅଗଷ୍ଟ ୨୦୦୧ରିଖ ଦିନ ଶ୍ରୀଶ୍ରୀଠାକୁରଙ୍କ ଶୁଭ ଜନ୍ମଦିନରେ ମାତ୍ର ସାତଗୋଟି ଭକ୍ତ ପରିବାରକୁ ନେଇ ଆରମ୍ଭ ହୋଇଥିବା 'ଆମେରିକାର ସାରସ୍ୱତ ପାଠଚକ୍ର' ନୀଳାଚଳ ସାରସ୍ୱତ ସଂଘର ତତ୍କାଳୀନ ସଭାପତି ଓ ପରିଚାଳକ ଶ୍ରୀଯୁକ୍ତ ଶ୍ୟାମ ସୁନ୍ଦର ଦାଶ ଭାଇଙ୍କ ଦ୍ୱାରା ଅନୁମତି ପ୍ରାପ୍ତ ହୋଇ ୨୦୦୪ ମସିହା ଜାନୁୟାରୀ ୭ ତାରିଖ ପୌଷ ପୂର୍ଣ୍ଣିମା ଦିନ ସଂଘରେ ପରିଣତ ହୋଇଥିଲା। 'ଆମେରିକା ସାରସ୍ୱତ ସଂଘ' ଆଜି ଊନବିଂଶ ବର୍ଷ ଅତିକ୍ରମ କରି ବିଂଶ ବର୍ଷରେ ପଦାର୍ପଣ କରିଥିବାରୁ ଶ୍ରୀଶ୍ରୀଠାକୁର ମହାରାଜଙ୍କ ଶ୍ରୀଚରଣ ସରୋଜରେ ସର୍ବପ୍ରଥମେ ଭକ୍ତି ବିନମ୍ର ପ୍ରଣତି ଜ୍ଞାପନ କରୁଅଛି।

### ନିଗମ ସ୍ମୃତି ମନ୍ଦିରରେ ସଂଘ ଅଧିବେଶନ

ନର୍ଥ କାରୋଲିନା ରାଜ୍ୟର ଏଫ୍‌ଲାଣ୍ଡ ସହରସ୍ଥିତ 'ଆମେରିକା ସାରସ୍ୱତ ସଂଘ'ର ଆସନ ମନ୍ଦିର 'ନିଗମ ସ୍ମୃତି ମନ୍ଦିର'ରେ ଗତବର୍ଷ ସଂଘପୂଜା ଅଧିବେଶନ ଓ Young Aspirant's Sessions ନିୟମିତ ଭାବରେ ପ୍ରତ୍ୟେକ ରବିବାର ଦିନ ଅନୁଷ୍ଠିତ ହୋଇଥିଲା। ମାସର ପ୍ରଥମ ରବିବାର ଦିନ ମହିଳା ପୂଜା ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏତଦ୍‌ବ୍ୟତୀତ ଜାନୁଆରୀ ୮,୨୦୨୩ ରବିବାର ଦିନ ସଂଘର ଊନବିଂଶ ବାର୍ଷିକ ଉତ୍ସବ, ଏପ୍ରିଲ ୨୨, ୨୦୨୩ ଶନିବାର ଦିନ ସଂଧ୍ୟାରେ ଅକ୍ଷୟ ତୃତୀୟା, ଅଗଷ୍ଟ ୩୦, ୨୦୨୩ ବୁଧବାର ଦିନ ଜନ୍ମୋତ୍ସବ ଓ ନଭେମ୍ବର ୨୬, ୨୦୨୩ ରବିବାର ଦିନ ରାସପୂର୍ଣ୍ଣିମା ଉପଲକ୍ଷେ ସଂଘପୂଜାର ବିଶେଷ ଅଧିବେଶନମାନ ଅନୁଷ୍ଠିତ ହୋଇଥିଲା। ଉକ୍ତ ବିଶେଷ ଅଧିବେଶନଗୁଡ଼ିକ ସହିତ ସଂଘପୂଜାର ପୂର୍ଣ୍ଣାଙ୍ଗ ଅଧିବେଶନମାନ ନିଗମ ସ୍ମୃତି ମନ୍ଦିରରୁ live broadcast www.youtube.com ମାଧ୍ୟମରେ କରିବାକୁ ଚେଷ୍ଟା କରାଯାଇଅଛି।

ପ୍ରତିମାସର ଶେଷ ରବିବାର ଦିନ ନୀଳାଚଳ ସାରସ୍ୱତ ସଂଘର ଅନୁମୋଦିତ ଜଣେ ସଦସ୍ୟ କେନ୍ଦ୍ର ପ୍ରତିନିଧି ଭାବରେ ଫୋନ୍ ମାଧ୍ୟମରେ ଯୋଗଦାନ କରି ଶ୍ରୀଶ୍ରୀଠାକୁରଙ୍କ ଭାବଧାରା ବିଷୟରେ ଆଲୋଚନା କରିଥାନ୍ତି। ବିଗତ ବର୍ଷ କେନ୍ଦ୍ର ପ୍ରତିନିଧି ଭାବରେ ପରିଚାଳକ ଶ୍ରୀ ଶରତ ଚନ୍ଦ୍ର ସିଂହଦେଓ ଭାଇ, ସଭାପତି ଶ୍ରୀ ସନ୍ତୋଷ କୁମାର ମହାନ୍ତି ଭାଇ, ସମ୍ପାଦକ ଶ୍ରୀ ନରେଶ ଚନ୍ଦ୍ର ପତି ଭାଇ, ଶ୍ରୀ ସଂଗ୍ରାମ କେଶରୀ ସିଂହ ଭାଇ, ଶ୍ରୀ ରବିନ୍ଦ୍ର ନାଥ ପରିଡ଼ା ଭାଇ, ଶ୍ରୀ ଜଗନ୍ନାଥ ଦାଶ ଭାଇ, ଶ୍ରୀ ସୁରେଶ କୁମାର ସେନାପତି ଭାଇ, ଶ୍ରୀ ଗୌରାଙ୍ଗ ଚରଣ ମହାନ୍ତି ଭାଇ, ଶ୍ରୀ ଶ୍ରୀଚରଣ ସାମଲ ଭାଇ ଓ ଶ୍ରୀ ମନ୍ମଥ ଜେନା ଭାଇ ଆମ ସଂଘପୂଜା ଅଧିବେଶନଗୁଡ଼ିକରେ ଯୋଗଦେଇ ଆଲୋଚନା କରିଥିଲେ।

୨୦୨୩ ମସିହାର ସଂଘ ଅଧିବେଶନରେ ୧୦୮ ଜଣ (୫୧ ଭାଇ ଓ ୫୭ ମା') ଯୋଗଦାନ କରିଛନ୍ତି। ସେମାନଙ୍କ ମଧ୍ୟରୁ ୮୫ ଜଣ Regular Members, ୫ ଜଣ Associate Members ଓ ୧୮ ଜଣ ଦର୍ଶକ ଅନ୍ତର୍ଭୁକ୍ତ।

### Young Aspirants' Session

ଆମ ସଂଘରେ ପିଲାମାନଙ୍କର ଅଧିବେଶନ ୨୦୦୪ ମସିହା ଜାନୁୟାରୀ ମାସରୁ ଅନୁଷ୍ଠିତ ହୋଇଆସୁଅଛି। ଗତ ବର୍ଷ ପିଲାମାନଙ୍କର ଅଧିବେଶନ ରବିବାର ଦିନ ୧୧ରୁ ୧୧.୩୫ EST ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। Elementary, Middle School ଏବଂ High Schoolରେ ପଢୁଥିବା ପିଲାମାନଙ୍କ ପାଇଁ ସେମାନେ ବୁଝିପାରିବାଭଳି ପୃଥକ୍ ଆଲୋଚନା କରାଯାଉଅଛି। ଶ୍ରୀମତୀ ସ୍ୱାତୀ ଦ୍ୱିବେଦୀ ମା' (ମୁନି), ସୌମ୍ୟାଶ୍ରୀ ରାୟ ମା' (ଭକ୍ତି) ଓ ଶ୍ରେୟା ପ୍ରଭାକର ମା' (ଆନି) ମୁଖ୍ୟତଃ ଏହି ଅଧିବେଶନଗୁଡ଼ିକ ପରିଚାଳନା କରୁଛନ୍ତି ଏବଂ ଆବଶ୍ୟକ ଅନୁଯାୟୀ ଶ୍ରୀମତୀ ବେଦମତି ଉପାଧ୍ୟାୟ ମା', ଶ୍ରୀ ବିଜୟ ସାହୁ ଭାଇ ଓ ଶ୍ରୀ ବରଦାକାନ୍ତ ନାୟକ ଭାଇ ଅଧିବେଶନ ପରିଚାଳନାରେ ସାହାଯ୍ୟ କରିଛନ୍ତି। ପ୍ରତ୍ୟେକ ସଂଘ ଅଧିବେଶନରେ ପାଳିଆ ସଂଘସେବୀଙ୍କ ସହିତ ଜଣେ Young Aspirant ମଧ୍ୟ ଶ୍ରୀଶ୍ରୀଠାକୁରଙ୍କୁ ନିମନ୍ତ୍ରଣ ଓ ଭାବ ବିନିମୟ ସେବା କରୁଛନ୍ତି। ବିଗତ ବର୍ଷରେ ୩୦ ଜଣ ପିଲା Young Aspirant Sessionରେ ଯୋଗଦାନ କରିଛନ୍ତି।

## ପରିଚୟ ପତ୍ର

୨୦୨୩ ମସିହାରେ ଆମେରିକା ସାରସ୍ୱତ ସଂଘରୁ ଜଣେ ଭାଇ, ଦୁଇ ଜଣ ମା' ଓ ଜଣେ Young Aspirant ନୂତନ ପରିଚୟପତ୍ର ଗ୍ରହଣ କରିଛନ୍ତି। ପୁରାତନ ଭକ୍ତଙ୍କ ମଧ୍ୟରୁ ୪୧ ଜଣ ଭାଇ ଓ ୩୭ ଜଣ ମା' ଓ ୧୬ ଜଣ Young Aspirants ପରିଚୟ ପତ୍ର ନବୀକରଣ କରିଥିଲେ। ସର୍ବମୋଟ ୯୮ ଜଣ ଭକ୍ତ (୪୨ ଭାଇ, ୩୯ ମା' ଓ ୧୭ Young Aspirants) ପରିଚୟପତ୍ର ଆମ ସଂଘ ମାଧ୍ୟମରେ କରିଥିଲେ। ଆମ ସଂଘର ୪୧ଟି ପରିବାର କେନ୍ଦ୍ରରୁ ଅନୁମତି ନେଇ ଗୃହାସନରେ ପୂଜା କରୁଛନ୍ତି। ଆମ ସଂଘରୁ ୯୩ ଜଣ ଭକ୍ତ ୭୩ତମ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀର ଆବାହକ ଭାବରେ ଅଂଶ ଗ୍ରହଣ କରିଛନ୍ତି। ଏହା ବ୍ୟତୀତ ୪୦ଟି ପରିବାର ସଂଘ-ସେବକ ପତ୍ରିକା ଗ୍ରହଣ କରିଛନ୍ତି।

## ଭକ୍ତ ସମ୍ମିଳନୀ

ଆମେରିକା ସାରସ୍ୱତ ସଂଘର ଏକବିଂଶ ବାର୍ଷିକ ଭକ୍ତ ସମ୍ମିଳନୀ ଗତ ୨୦୨୩ ମସିହା ଜୁଲାଇ ମାସ ୧, ୨ ଓ ୩ ତାରିଖ ଶନିବାର ଠାରୁ ସୋମବାର ପର୍ଯ୍ୟନ୍ତ ନିଗମ ସ୍ମୃତି ମନ୍ଦିରରେ 'ନୀଳାଚଳ ସାରସ୍ୱତ ସଂଘ'ର ପରିଚାଳକ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ସିଂହଦେଓ ଭାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ସଭାପତି ଶ୍ରୀଯୁକ୍ତ ସନ୍ତୋଷ କୁମାର ମହାନ୍ତି ଭାଇ ଟେଲିଫୋନ୍ ମାଧ୍ୟମରେ ଯୋଗଦାନ କରି ଭକ୍ତମାନଙ୍କୁ ଉଦ୍‌ବୋଧନୀ ଅଭିଭାଷଣ ଦେଇଥିଲେ। ଏହି ସମ୍ମିଳନୀରେ ସର୍ବମୋଟ ୧୧୯ ଭାଇ, ମା' ଓ ପିଲାମାନେ ଯୋଗଦାନ କରିଥିଲେ। ୮୭ ଜଣ ଭକ୍ତ ସମ୍ମିଳନୀର ଆବାହକ ଭାବରେ ଅଂଶ ଗ୍ରହଣ କରିଛନ୍ତି ଏବଂ ସେଥିମଧ୍ୟରୁ ୩୨ ଜଣ ନୂତନ ଆବାହକ ହୋଇଥିଲେ। ଭକ୍ତ ସମ୍ମିଳନୀ ସମୟରେ 'ସାରସ୍ୱତ ମାଧୁରୀ' ପତ୍ରିକା ପ୍ରକାଶିତ ହୋଇଥିଲା।

## ସେବାଶିକ୍ଷାର୍ଥୀ ମଣ୍ଡଳ

୨୦୦୬ ମସିହା କେନ୍ଦ୍ର ଅନୁମତିକ୍ରମେ ଶ୍ରୀଜୟଦେବ ସେବାଶିକ୍ଷାର୍ଥୀ ମଣ୍ଡଳ ନାମରେ ଏକ ସେବାଶିକ୍ଷାର୍ଥୀ ମଣ୍ଡଳ ଗଠନ କରାଯାଇଥିଲା। ଗତ ଜୁନ୍ ୨୫,୨୦୨୩ ଠାରୁ ଜୁନ୍ ୨୭,୨୦୨୩ ପର୍ଯ୍ୟନ୍ତ ନିଗମ ସ୍ମୃତି ମନ୍ଦିରରେ ଏହି ସେବାଶିକ୍ଷାର୍ଥୀ ମଣ୍ଡଳର ଷୋଡ଼ଶ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। 'ନୀଳାଚଳ ସାରସ୍ୱତ ସଂଘ'ର ପରିଚାଳକ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ସିଂହଦେଓ ଭାଇ ଯୋଗଦେଇ ସଭା ପରିଚାଳନା କରିଥିଲେ। ଶ୍ରୀଜୟଦେବ ସେବାଶିକ୍ଷାର୍ଥୀ ମଣ୍ଡଳର ସେବକମାନେ ହେଲେ- ସର୍ବଶ୍ରୀ ସୁବ୍ରତ କୁମାର ନାୟକ, ବିଶ୍ୱଜିତ୍ ସୁନ୍ଦରରାୟ, ବୃନ୍ଦାବନ ସାହୁ, ପ୍ରଭାକର ବାଇ, ଅଶ୍ୱିନୀ କୁମାର ନାୟକ ଓ ସାନୁଜିତ୍ ସେନାପତି।

ଏତଦ୍‌ବ୍ୟତୀତ କେନ୍ଦ୍ର ଅନୁମତି କ୍ରମେ ଭାଇମାନଙ୍କ ପାଇଁ ଶ୍ରୀଚୈତନ୍ୟ ସେବାଶିକ୍ଷାର୍ଥୀ ମଣ୍ଡଳର ଦ୍ୱିତୀୟ ଅଧିବେଶନ ଗତ ୨୦୨୩ ମସିହା ଜୁନ୍ ମାସ ୨୭ ତାରିଖ ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ନିଗମ ସ୍ମୃତି ମନ୍ଦିରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ତିନି ଜଣ ନୂତନ ଭକ୍ତ ସଂକଳ୍ପ କରି ଯୋଗଦେଇଥିଲେ। ପରିଚାଳକ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ସିଂହଦେଓ ଭାଇ ଯୋଗଦେଇ ସଭା ପରିଚାଳନା କରିଥିଲେ। ଶ୍ରୀଚୈତନ୍ୟ ସେବାଶିକ୍ଷାର୍ଥୀ ମଣ୍ଡଳରେ ଯୋଗଦେଇଥିବା ସେବକମାନେ ହେଲେ- ସର୍ବଶ୍ରୀ ସୁପ୍ରିତ୍ ପଟ୍ଟନାୟକ ଭାଇ, ସ୍ୱପ୍ନେଶ୍ୱର ସୁନ୍ଦରରାୟ ଭାଇ, ଅନୁପ୍ କାଳିଆ ଭାଇ, ବିନୟ ସାହୁ ଭାଇ, ମହେଶ ଚୌଧୁରୀ ଭାଇ ଅମିତାଭ ଦାଶ ଭାଇ।

ମା'ମାନଙ୍କ ପାଇଁ ଶ୍ରୀ ଅରୁନ୍ଧତୀ ସେବାଶିକ୍ଷାର୍ଥୀନୀ ମଣ୍ଡଳର ଦ୍ୱିତୀୟ ଅଧିବେଶନ ଗତ ୨୦୨୩ ମସିହା ଜୁଲାଇ ମାସ ୪ ତାରିଖ ଠାରୁ ୬ ତାରିଖ ପର୍ଯ୍ୟନ୍ତ ନିଗମ ସ୍ମୃତି ମନ୍ଦିରରେ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ତିନି ଜଣ ନୂତନ ଭକ୍ତ ସଂକଳ୍ପ କରି ଯୋଗଦେଇଥିଲେ। ପରିଚାଳକ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ସିଂହଦେଓ ଭାଇ ଯୋଗଦେଇ ସଭା ପରିଚାଳନା କରିଥିଲେ। ଅରୁନ୍ଧତୀ ସେବାଶିକ୍ଷାର୍ଥୀନୀ ମଣ୍ଡଳରେ ଯୋଗଦେଇଥିବା ସେବିକାମାନେ ହେଲେ- ଉଷା ଅଗ୍ରୱାଲ ମା', ଶ୍ରୀମତୀ ପଦ୍ମଗନ୍ଧା ସାହୁ ମା', ଶିବାନୀ ଦ୍ୱିବେଦୀ ମା', ରଶ୍ମୀ ପଣ୍ଡା ମା', ସ୍ମିତା ରାୟ ମା', ସ୍ମିତା ବାଇ ମା', ବେଦମତି ଉପାଧ୍ୟାୟ ମା', ସସ୍ମିତା ପଟ୍ଟନାୟକ ମା', ସୁଶ୍ରୀ ସୁବୁଦ୍ଧିରାୟ ମା', ସୁଧାଂଶୁବାଳା ଜେନା ମା' ଓ ରଶ୍ମୀ ଚୌଧୁରୀ ମା'।

ଶାଖାସଂଘର ସଭାପତି ଶ୍ରୀ ବ୍ରଜେନ୍ଦ୍ର ନାଥ ପଣ୍ଡା ଭାଇ ଓ ଶ୍ରୀ ଜ୍ଞାନରଞ୍ଜନ ଦ୍ୱିବେଦୀ ଭାଇ ଉକ୍ତ ଅଧିବେଶନମାନଙ୍କରେ ସହଯୋଗିତା କରିଥିଲେ।

### ଗୃହାସନ ପ୍ରତିଷ୍ଠା ଉତ୍ସବ

ଗତବର୍ଷ ତା ୨୧ ଅକ୍ଟୋବର ୨୦୨୩ରିଖ ଦିନ ଶ୍ରୀ ପ୍ରବିର କୁମାର ଖୁଣ୍ଟିଆ ଭାଇ ଓ ମଧୁସ୍ମିତା ମା' ଶ୍ରୀଶ୍ରୀଠାକୁରଙ୍କର ନୂତନ ଗୃହାସନ ପ୍ରତିଷ୍ଠା ଉତ୍ସବ ନର୍ଥ କାରୋଲିନା ରାଜ୍ୟର ଆପେକ୍ସ ସହରସ୍ଥିତ ତାଙ୍କ ବାସଭବନରେ ଆମେରିକା ସାରସ୍ୱତ ସଂଘର ସମ୍ପାଦକ ଶ୍ରୀ ବିଶ୍ୱଜିତ୍ ସୁନ୍ଦରରାୟ ଭାଇଙ୍କ ସଭାପତିତ୍ୱରେ ପାଳନ କରିଥିଲେ। ଏଥିରେ 'ନୀଳାଚଳ ସାରସ୍ୱତ ସଂଘ'ର ପୂର୍ବତନ ସମ୍ପାଦକ ଶ୍ରୀଯୁକ୍ତ ଗଗନ କୁମାର ଦାସ ଭାଇ କେନ୍ଦ୍ର ପ୍ରତିନିଧି ଭାବରେ ଯୋଗଦେଇ ଆଲୋଚନା କରିଥିଲେ। ଆମେରିକା ସାରସ୍ୱତ ସଂଘର ଅନେକ ଭକ୍ତ ଯୋଗଦେଇ ପୂଜାକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଆମ ସଂଘରେ ପ୍ରତିଷ୍ଠିତ ଗୃହାସନ ସଂଖ୍ୟା ୧୧ ।

### ଗୃହାସନ ବାର୍ଷିକ ଉତ୍ସବ

ବିଗତବର୍ଷ ନିମ୍ନଲିଖିତ ଆଠଗୋଟି ଗୃହାସନରେ ବାର୍ଷିକ ଉତ୍ସବ ପାଳିତ ହୋଇଥିଲା।

| | | |
|---|---|---|
| ତା ୨୨ ଏପ୍ରିଲ ୨୦୨୩ ରିଖ | – | ଶ୍ରୀ ଜ୍ଞାନରଞ୍ଜନ ଦ୍ୱିବେଦୀ ଭାଇ ଓ ଶିବାନୀ ମା' |
| ତା ୧୦ ଜୁନ୍ ୨୦୨୩ ରିଖ | – | ଶ୍ରୀ ଅଶ୍ୱିନୀ ନାୟକ ଭାଇ ଓ ସଂଘମିତ୍ରା ମା' |
| ତା ୮ ଜୁଲାଇ ୨୦୨୩ ରିଖ | – | ଶ୍ରୀ ବିଶ୍ୱଜିତ୍ ସୁନ୍ଦରାୟ ଭାଇ ଓ ସ୍ମିତା ମା' |
| ତା ୧୫ ଜୁଲାଇ ୨୦୨୩ ରିଖ | – | ଶ୍ରୀ ସୁପ୍ରିତ୍ ପଟ୍ଟନାୟକ ଓ ସସ୍ମିତା ମା' |
| ତା ୩ ସେପ୍ଟେମ୍ବର ୨୦୨୩ ରିଖ | – | ଶ୍ରୀ ବୃନ୍ଦାବନ ସାହୁ ଭାଇ ଓ ପଦ୍ମା ମା' |
| ତା ୭ ଅକ୍ଟୋବର ୨୦୨୩ ରିଖ | – | ଶ୍ରୀ ଦେବୀ ଦାସ ଭାଇ ଓ ସୋନାଲିସା ମା' |
| ତା ୨୪ ନଭେମ୍ବର ୨୦୨୩ ରିଖ | – | ଶ୍ରୀ ପ୍ରଭାକର ବାଇ ଭାଇ ଓ ସ୍ମିତା ମା' |
| ତା ୨ ଡିସେମ୍ବର ୨୦୨୩ ରିଖ | – | ଶ୍ରୀ ବରଦାକାନ୍ତ ନାୟକ ଭାଇ ଓ ସୋନିଆ ମା' |

### ପାଠଚକ୍ର ଅଧିବେଶନ

- **North Carolina Pathachakra:** ଗତବର୍ଷ 'ନିଗମ ସ୍ମୃତି ମନ୍ଦିର'ରେ ପ୍ରତି ମାସରେ ଗୋଟିଏ ଶନିବାର ଦିନ ସଂଧ୍ୟାରେ ଏହି ପାଠଚକ୍ରର ଅଧିବେଶନମାନ ନିୟମିତ ଭାବରେ ଅନୁଷ୍ଠିତ ହୋଇଥିଲା।
- **California Pathachakra:** ଗତବର୍ଷ ପ୍ରତି ଦୁଇ ମାସରେ ଥରେ ଏହି ପାଠଚକ୍ରର ଅଧିବେଶନମାନ ଅନୁଷ୍ଠିତ ହୋଇଥିଲା।
- **Midwest Pathachakra:** ଗତବର୍ଷ ଏହି ପାଠଚକ୍ରର ଅଧିବେଶନ ଚାରିଥର ଅନୁଷ୍ଠିତ ହୋଇଥିଲା।
- **North East Pathachakra:** New York, New Jersey, Connecticut, Massachusetts ରାଜ୍ୟରେ ରହୁଥିବା ଭକ୍ତ ପରିବାରର ସଦସ୍ୟମାନେ ଗତବର୍ଷ ଏହି ପାଠଚକ୍ରର ଅଧିବେଶନ ପ୍ରତି ତିନି ମାସରେ ଥରେ ଏକତ୍ରିତ ହୋଇ କରିଥିଲେ।
- **Texas Pathachakra:** Texas ରାଜ୍ୟରେ ରହୁଥିବା ଭକ୍ତ ପରିବାରର ସଦସ୍ୟମାନେ ଗତବର୍ଷ ଏହି ପାଠଚକ୍ରର ଅଧିବେଶନ ପ୍ରତି ଦୁଇ ମାସରେ ଥରେ ଏକତ୍ରିତ ହୋଇ କରିଥିଲେ।

### ନିଗମ ସ୍ମୃତି ମନ୍ଦିରରେ ଶ୍ରୀଶ୍ରୀଠାକୁରଙ୍କ ନିତ୍ୟ ସେବାପୂଜା

ଶ୍ରୀଶ୍ରୀଠାକୁର ମହାରାଜଙ୍କ ଅପାର କରୁଣାରୁ ତା ୧୯ ଅଗଷ୍ଟ ୨୦୧୬ରିଖ ଶୁଭ ଜନ୍ମୋତ୍ସବଠାରୁ ଶ୍ରୀଶ୍ରୀଠାକୁର ମହାରାଜଙ୍କ ଆସନ ମନ୍ଦିରରେ ନିତ୍ୟ ସେବାପୂଜା ଆରମ୍ଭ ହୋଇଅଛି। ଶ୍ରୀ ବିଶ୍ୱଜିତ୍ ପତି (ବିଶୁ) ଭାଇ ସେବାପୂଜା କରିଆସୁଥିଲେ। ଶ୍ରୀ ବିଜୟ କୁମାର ଉପାଧ୍ୟାୟ (ବିଜୁ) ଭାଇଙ୍କ ଆର୍-୧ ଭିସା ଅନୁମୋଦନ ହେବାପରେ ତା ୧୦ ଫେବୃୟାରୀ ୨୦୨୩ ରିଖ ଦିନ ଆମେରିକା ଆସି ଆସନ ମନ୍ଦିର ସେବାରେ ଯୋଗଦେଇଥିଲେ। ସେ ପ୍ରତିଦିନ ଶ୍ରୀଶ୍ରୀଠାକୁର ମହାରାଜଙ୍କ ନିତ୍ୟ ସେବାପୂଜା (ସକାଳ– ଘ୬.୩୦, ସନ୍ଧ୍ୟା ଘ୬.୩୦) ସହିତ ମଧ୍ୟାହ୍ନ ଭୋଗ ଘ ୧୧.୩୦ ଓ ରାତ୍ର ଭୋଗ ଘ ୮.୩୦ ସମୟରେ ଶ୍ରୀଶ୍ରୀଠାକୁର ମହାରାଜଙ୍କୁ ନିବେଦନ

କରୁଛନ୍ତି। ଏକାଦଶୀ, ସଂକ୍ରାନ୍ତି, ଅମାବାସ୍ୟା ଓ ପୂର୍ଣ୍ଣିମା ଦିନମାନଙ୍କରେ ନିଶିପାଳନ କରିଥାନ୍ତି। ଏତଦ୍‌ବ୍ୟତୀତ ସେ ଆସନ ମନ୍ଦିରର ରକ୍ଷଣାବେକ୍ଷଣ ସମ୍ବନ୍ଧୀୟ ସେବା ସମ୍ପାଦନ କରିଥାନ୍ତି। ସେ ସାପ୍ତାହିକ ସେବା ସମୀକ୍ଷାର ବିବରଣୀ ନିୟମିତ ପ୍ରଦାନ କରୁଛନ୍ତି ଏବଂ ଏହାକୁ ସଂଘ ପରିଚାଳନା ମଣ୍ଡଳୀ ଅନୁଧ୍ୟାନ କରିଥାଏ।

**ସଂଘ ପରିଚାଳନା ମଣ୍ଡଳୀ**

ବିଗତ ବର୍ଷ ପ୍ରତି ମାସରେ ପ୍ରାୟତଃ ପ୍ରଥମ ରବିବାର ରାତ୍ର ଘ୮.୩୦ମିନିଟ୍‌ରୁ ଅନ୍ୟୁନ ଘ୧୦.୦୦ମିନିଟ୍ ପର୍ଯ୍ୟନ୍ତ ସଂଘର ପରିଚାଳନା କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ଏତଦ୍‌ବ୍ୟତୀତ ସମ୍ମିଳନୀ ସମୀକ୍ଷା ବିଷୟରେ ଆଲୋଚନାପାଇଁ ଥରେ ବିଶେଷ ବୈଠକ ବସିଥିଲା। ବିଗତ ବର୍ଷ ସର୍ବମୋଟ ୧୩ ଥର ଅଧିବେଶନ ବସିଥିଲା। ପରିଚାଳନା ମଣ୍ଡଳୀ ଅଧିବେଶନର ବିବରଣୀ ଗୁଡ଼ିକ ଶ୍ରୀଶ୍ରୀଠାକୁର ମହାରାଜଙ୍କୁ 'ନିଗମ ସ୍ମୃତି ମନ୍ଦିର'ରେ ଏବଂ ସଂଘର ସମସ୍ତ ସଦସ୍ୟମାନଙ୍କୁ ଇମେଲ୍ ଦ୍ୱାରା ଜଣାଯାଇଛି। ଗତବର୍ଷ ପରିଚାଳନାମଣ୍ଡଳୀ ବୈଠକମାନଙ୍କରେ ନିଆଯାଇଥିବା ବିଶେଷ ନିଷ୍ପତ୍ତିଗୁଡ଼ିକ ହେଲା:

1. Publishing the Divine Acts of Sadguru Nigamananda in 73rd Pradeshik Sammilani at Pune.
2. Dropping Aasana Mandira Nityapuja Prathana and Sangha Sebaka Prarthana Geetika from Puja program.
3. Selection of Presidents of all local Pathachakra groups.
4. Construction of a Shoe Shed at NSM
5. Various repairing works at NSM
6. Review of Sammilani Seba and taking necessary steps for improvement.
7. Increased Sammilani Delegate fees by 20%. New delegate fees are $120 for adult.
8. Installation of Ring Security Camera at NSM
9. Budgeted $3000 for the Narayana Seva in 2023.
10. Modification of Application for Extended Stay at NSM
11. Formation of a committee for development of NSM Landmass.

**General Body Meeting**

ବିଗତ ବର୍ଷ ତିନିଥର General Body Meeting ଅନୁଷ୍ଠିତ ହୋଇଥିଲା। ତା ୧ ଜୁଲାଇ ୨୦୨୩ ରିଖ ସମ୍ମିଳନୀରେ Vision Committee NSM Landmassର possible development proposalରେ perimeter fencing, adding North West side exit on the driveway and a new building structure construction ବିଷୟରେ ଆଲୋଚନା କରାଯାଇଥିଲା।

ତା ୨୭ ଅଗଷ୍ଟ ୨୦୨୩ରିଖରେ 2022 Fiscal Report, 2023 Annual Budget ପ୍ରସ୍ତାବ ଗ୍ରହଣ କରାଯାଇଥିଲା ଏବଂ ତା ୧୯ ନଭେମ୍ବର ୨୦୨୩ରିଖରେ Vision Committee NSM Landmass development proposal ବିଷୟରେ ଆଲୋଚନା କରାଯାଇଥିଲା।

**ସଂଘ ପକ୍ଷରୁ ନାରାୟଣ ସେବା ଓ ସମାଜ ସେବା**

- ତା ମଇ ୧୫, ୨୦୨୩ରିଖ ଦିନ Greater Baton Rouge Food Bank, Louisiana ସଂସ୍ଥାକୁ $1,000 ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। 3000+ meals were provided on behalf of AMSAS in the Hunger for Children program.

- Tampaର Kinnan Parkକୁ ଗତ ବର୍ଷ ଭକ୍ତମାନେ ପାଞ୍ଚଥର ସଫା କରିଛନ୍ତି ।
- ନିଗମ ସ୍ମୃତି ମନ୍ଦିର ସମ୍ମୁଖସ୍ଥ ରାସ୍ତା West Ten Roadର ଦୁଇପାର୍ଶ୍ୱ ପରିଷ୍କାର ତା ୩୦ ସେପ୍ଟେମ୍ବର ୨୦୨୩ରିଖ ଦିନ କରାଯାଇଥିଲା ।
- ତା ୩ ଡିସେମ୍ବର ୨୦୨୩ରିଖ ଦିନ Dallas, Texas ସ୍ଥିତ ଭକ୍ତମାନେ Our Daily Bread, Dallas ଠାରେ ସେବା ପ୍ରଦାନ କରିଥିଲେ । ଉକ୍ତ ସଂସ୍ଥାକୁ $700 ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।
- ତା ଅଗଷ୍ଟ ୧୫, ୨୦୨୩ରିଖ ଦିନ Ronal McDonald House, Tampa ସଂସ୍ଥାକୁ $1,000 ରୋଗୀମାନଙ୍କ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏଥିରେ ସେମାନେ ନିତ୍ୟ ବ୍ୟବହାର ପାଇଁ 12 queen size vellux blankets, 6 queen size mattress pads and few sleeping pillows କିଣିଛନ୍ତି ।
- Narayana Seva ଗୁଡ଼ିକ AMSAS website- www.jayaguru.orgରେ upload କରାଯାଇଛି ।

**ଇଂରାଜୀ ଅନୁବାଦ ସେବା**

- ‘ସଂସାର ପଥେ’ ପ୍ରଥମ ଭାଗ ପୁସ୍ତକର ଇଂରାଜୀ ଅନୁବାଦ କରାଯାଇ ସଂଘପୂଜାରେ ନିୟମିତଭାବରେ ପାଠ କରାଯାଉଛି ।

**Finance and Accounting**

- ଗତ ବର୍ଷର Income: $95,424; Expense: $99,585, Year End Outstanding Balance: $263,462. ଏହି ଉଦ୍‌ବୃତ ପରିମାଣରୁ ନୀଳାଚଳ ସାରସ୍ୱତ ସଂଘକୁ $548 ଦେବାପାଇଁ ଅଛି ।
- ତା ୨୭ ଅକ୍ଟୋବର ୨୦୨୩ରିଖ ଦିନ Bank of Americaରେ $ 180Kର Fixed Deposits accounts ଖୋଲାଯାଇଛି ।
- ଗତ ବର୍ଷ ପ୍ରତି ମାସରେ ଶ୍ରୀଶ୍ରୀଠାକୁର ମହାରାଜଙ୍କୁ ପୂର୍ବମାସର ଆୟ, ବ୍ୟୟ ଓ ବଳକା ପ୍ରଣାମୀର ବିବରଣୀ ଜଣାଯାଇଛି ।

**ନିଗମ ସ୍ମୃତି ମନ୍ଦିରରେ ବିଭିନ୍ନ ମରାମତି କାର୍ଯ୍ୟ**

- Installed new Carpets in two rooms in the basement and 2nd floor (hall, two rooms and closets) in March.
- Installed a new Microwave in May
- Installed a new Refrigerator in June
- Resolved 2nd floor A/C issue and installed a new evaporator coil in May
- Puchased annual maintenance for the HVAC systems in May
- Purchased new rugs for all bathrooms
- Fixed water leakage from the 2nd floor south side bathroom in Feb.
- Deck and hadicap access area pressure washing and staining work in March.
- Sprinkler head moved in Patio
- Under Deck celling in the Patio completed in June
- New Shoe Stand (8ft x 12 ft) construction completed in July

- Few other additional repairing works at NSM
- Fire Alarm System, Fire Extinguishers and Emergency Lights inspection

**ଦିନଲିପି ପୂରଣ**

- ଦିନଲିପି ପୂରଣକାରୀଙ୍କ ସଂଖ୍ୟା ୪୩ କରିବାପାଇଁ ଲକ୍ଷ୍ୟ ଥିଲା। ଗତ ବର୍ଷ ୪୭ ଜଣୁ ଊର୍ଦ୍ଧ୍ୱ ଦିନଲିପି ପୂରଣ କରିପାରିଛନ୍ତି।

**୨୦୨୪ ବର୍ଷ ପାଇଁ ସଂଘର ଲକ୍ଷ୍ୟ**

୧. 'ନିଗମ ସ୍ମୃତି ମନ୍ଦିର'ରେ ଶ୍ରୀଶ୍ରୀଠାକୁରଙ୍କର ନିତ୍ୟ ସେବାପୂଜା ସୂଚାରୁରୂପରେ କରିବାପାଇଁ ବନ୍ଦୋବସ୍ତ କରିବା।

୨. ନର୍ଥ କାରୋଲିନାରେ ପ୍ରତିବର୍ଷ ଅନ୍ୟୁନ ଦୁଇଥର ନାରାୟଣ ସେବା କରିବା ଏବଂ ଆମେରିକାର ଅନ୍ୟ ଅଞ୍ଚଳମାନଙ୍କରେ ନାରାୟଣ ସେବା କରିବା ପାଇଁ ଚେଷ୍ଟା କରିବା।

୩. ଦିନଲିପି ପୂରଣ ମାଧ୍ୟମରେ 'ଆତ୍ମଗଠନ' ପ୍ରତି ଗୁରୁତ୍ୱ ଦେବାପାଇଁ ଚେଷ୍ଟା କରିବା (୬୦%)।

୪. ସନାତନ ଧର୍ମର ପ୍ରଚାର

କ) 'ସାରସ୍ୱତ ମାଧୁରୀ' ପ୍ରକାଶନ।

ଖ) 'ସଂସାରପଥେ, ପ୍ରଥମ ଭାଗ' ପୁସ୍ତକର ଇଂରାଜୀ ଅନୁବାଦ ଓ ପ୍ରକାଶନ।

ଗ) Technology Improvement (of Sangha Website)

୫. ନିଗମ ସ୍ମୃତିମନ୍ଦିରରେ soil testing and determination of site for the second structure, perimeter fencing, adding an exit on Northwest side, and Publish the bluepring of the new structure at Nigama Smruti Mandir.

୬. Involve YAs in various Sevas.

**କ୍ଷମା ପ୍ରାର୍ଥନା**

ପରିଚାଳନା ମଣ୍ଡଳୀ ତରଫରୁ ତଥା ସମସ୍ତ ଭକ୍ତମାନଙ୍କ ପକ୍ଷରୁ ଗତବର୍ଷ ନିଗମ ସ୍ମୃତିମନ୍ଦିରରେ ଶ୍ରୀଶ୍ରୀଠାକୁରଙ୍କର ସେବାପୂଜାରେ ଜ୍ଞାତ ଓ ଅଜ୍ଞାତସାରରେ ହୋଇଥିବା ସମସ୍ତ ତ୍ରୁଟି ଏବଂ ସଂଘର କେତେକ ଲକ୍ଷ୍ୟ ପୂରଣ ଦିଗରେ ଅସଫଳତା ଯୋଗୁ ଶ୍ରୀଶ୍ରୀଠାକୁରଙ୍କର ଶ୍ରୀଚରଣରେ ବିନୀତ କ୍ଷମା ପ୍ରାର୍ଥନା କରୁଅଛି। ଏହାର ଯେପରି ପୁନରାବୃତ୍ତି ନ ହେବ ସେଥିପାଇଁ ଆଶୀର୍ବାଦ ଭିକ୍ଷା କରୁଅଛି।

**ପରିଶେଷରେ**

ଆମେରିକା ସାରସ୍ୱତ ସଂଘ ପ୍ରତିଷ୍ଠା ହେବାର ଊନବିଂଶ ବର୍ଷ ଅତୀତ ହେଲାଣି। ଏହି ୧୯ ବର୍ଷ ମଧ୍ୟରେ ଆମର ସଂଘସେବୀଙ୍କ ସଂଖ୍ୟା ୨୦ରୁ ବୃଦ୍ଧିପ୍ରାପ୍ତ ହୋଇ ଏବେ ୧୦୮ରେ ପହଞ୍ଚିଛି। ଏହି ପ୍ରବାସୀ ସଂଘଟି ଶ୍ରୀଶ୍ରୀଠାକୁରଙ୍କ ଭାବଧାରାରେ ଗଢ଼ିଉଠୁ ଏବଂ ତାଙ୍କରି ମହାନ୍ ଆଦର୍ଶ ବିଶ୍ୱବ୍ୟାପୀ ପ୍ରଚାରରେ ସହାୟକ ହେଉ। ସମସ୍ତ ସଂଘସେବୀ ସଂଘବଦ୍ଧ ହୋଇ ଏକମନ ଏକପ୍ରାଣରେ ତାଙ୍କରି ସେବା ଓ ଜଗତ୍‌ହିତକର କାର୍ଯ୍ୟରେ ଜୀବନ ଉତ୍ସର୍ଗ କରନ୍ତୁ। ପରମକାରୁଣିକ ବାଞ୍ଛାକଳ୍ପତରୁ ଶ୍ରୀଶ୍ରୀଠାକୁର ମହାରାଜଙ୍କ ରାତୁଳ ଶ୍ରୀଚରଣରେ ଏତିକି ପ୍ରାର୍ଥନା।

ଶ୍ରୀଶ୍ରୀଠାକୁର ଚରଣାଶ୍ରିତ

**ଶ୍ରୀ ବିଶ୍ୱଜିତ୍ ସୁନ୍ଦରରାୟ**

ସମ୍ପାଦକ, ଆମେରିକା ସାରସ୍ୱତ ସଂଘ

# ଆମେରିକା ସାରସ୍ୱତ ସଂଘର ଏକବିଂଶ ବାର୍ଷିକ ଭକ୍ତ ସମ୍ମିଳନୀର ବିବରଣୀ

## ନିଗମ ସ୍ମୃତିମନ୍ଦିର, ଏଫ୍‌ଲାଣ୍ଡ, ନର୍ଥ କାରୋଲିନା

ଯୁକ୍ତରାଷ୍ଟ୍ର ଆମେରିକାରେ 'ଆମେରିକା ସାରସ୍ୱତ ସଂଘ'ର ଏକବିଂଶ ବାର୍ଷିକ ଭକ୍ତ ସମ୍ମିଳନୀ ଗତ ୨୦୨୩ ମସିହା ଜୁଲାଇ ମାସ ୧, ୨ ଓ ୩ ତାରିଖ ଶନିବାର ଠାରୁ ସୋମବାର ପର୍ଯ୍ୟନ୍ତ ନର୍ଥ କାରୋଲିନା ରାଜ୍ୟର ଏଫ୍‌ଲାଣ୍ଡ ସହରସ୍ଥିତ ଆସନ ମନ୍ଦିର 'ନିଗମ ସ୍ମୃତିମନ୍ଦିର'ରେ ଅତ୍ୟନ୍ତ ଆନନ୍ଦ ଉଦ୍ଦୀପନା ସହକାରେ ଅନୁଷ୍ଠିତ ହୋଇଥିଲା। 'ନୀଳାଚଳ ସାରସ୍ୱତ ସଂଘ'ର ପରିଚାଳକ ମାନନୀୟ ଶ୍ରୀ ଶରତ ଚନ୍ଦ୍ର ସିଂହଦେଓ ଭାଇ ଏହି ଭକ୍ତ ସମ୍ମିଳନୀରେ ଯୋଗଦେଇ ସଭା ପରିଚାଳନା କରିଥିଲେ। କେନ୍ଦ୍ର ସଭାପତି ଶ୍ରୀଯୁକ୍ତ ସନ୍ତୋଷ କୁମାର ମହାନ୍ତି ଭାଇ ଟେଲିଫୋନ୍ ମାଧ୍ୟମରେ ଯୋଗଦାନ କରି ଉଦ୍‌ବୋଧନୀ ଅଭିଭାଷଣ ଦେଇଥିଲେ। ଏହି ସମ୍ମିଳନୀରେ ସର୍ବମୋଟ ୧୧୯ ଭାଇ, ମା' ଓ ପିଲାମାନେ ଯୋଗଦାନ କରିଥିଲେ। ୮୭ ଜଣ ଭକ୍ତ ସମ୍ମିଳନୀର ଆବାହକ ଭାବରେ ଅଂଶ ଗ୍ରହଣ କରିଛନ୍ତି ଏବଂ ସେଥିମଧ୍ୟରୁ ୩୨ ଜଣ ନୂତନ ଆବାହକ ହୋଇଥିଲେ।

ସମ୍ମିଳନୀର ଅଧିବାସ ସଭା ଜୁନ୍ ମାସ ୩୦ ତାରିଖ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ଏଥିପୂର୍ବରୁ ଶ୍ରୀଶ୍ରୀଠାକୁର ମହାରାଜ ସମ୍ମିଳନୀ କ୍ଷେତ୍ରର ବିଭିନ୍ନ ବିଭାଗ ତଥା ଆସନ ମନ୍ଦିରର ବଗିଚା ପରିଦର୍ଶନ କରିଥିଲେ। ପଥସୂଚୀ ଅଭ୍ୟର୍ଥନା ଓ ସମ୍ମିଳନୀ କ୍ଷେତ୍ର ପରିଦର୍ଶନ ସେବାରେ ଅନେକ ଭକ୍ତ ଭାଗ ନେଇଥିଲେ। ସନ୍ଧ୍ୟା ଆରତି ଓ ସ୍ତୋତ୍ର ବନ୍ଦନା ପରେ ପରିଚାଳକ ଶ୍ରୀ ଶରତ ଚନ୍ଦ୍ର ସିଂହଦେଓ ଭାଇଙ୍କ ଅଧ୍ୟକ୍ଷତାରେ ଅଧିବାସ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସେ 'ଭକ୍ତ ସମ୍ମିଳନୀ' ପୁସ୍ତକରୁ 'ଭକ୍ତ ସମ୍ମିଳନୀ ସଂପର୍କରେ ଶ୍ରୀଶ୍ରୀଠାକୁରଙ୍କର ବାଣୀ' ପାଠ କରି ଆଲୋଚନା କରିଥିଲେ। ତତ୍ପରେ ସଂପାଦକ ବିଶ୍ୱଜିତ୍ ସୁନ୍ଦର ରାୟ ଭାଇ ଶ୍ରୀଶ୍ରୀଠାକୁରଙ୍କୁ ସମ୍ମିଳନୀର କାର୍ଯ୍ୟସୂଚୀ ପ୍ରଦାନ ପୂର୍ବକ ଉପସ୍ଥିତ ଭକ୍ତମାନଙ୍କୁ ସମ୍ମିଳନୀରେ ଚଳଣି ସମ୍ବନ୍ଧରେ କେତେକ ଆବଶ୍ୟକୀୟ ସୂଚନା ପ୍ରଦାନ କରିଥିଲେ। ଏହାପରେ "ତୁମରି ପୂଜାର ଗୁରୁଭାଇ ମୋତେ ଦେଇଅଛ ଦୟାବହି" ପ୍ରାର୍ଥନା ସଙ୍ଗୀତ ଗାନ କରାଯିବା ପରେ 'ଜୟଗୁରୁ' କୀର୍ତ୍ତନ ସହ ଅଧିବାସ ସଭା ଶେଷ କରାଯାଇଥିଲା।

### ଜୁଲାଇ ୧, ୨୦୨୩ (ଶନିବାର), ପ୍ରଥମ ଦିବସ - ପ୍ରାତଃ ଅଧିବେଶନ

ସମ୍ମିଳନୀର ପ୍ରଥମ ଦିବସର ପ୍ରଭାତରେ ଜାଗରଣ, ପ୍ରତୀକ୍ଷା ଓ ଆବାହନ ସଂଗୀତମାନ ଗାନ ସମାପନାନ୍ତେ ସଭାପତି ଶ୍ରୀ ବ୍ରଜେନ୍ଦ୍ର ପଣ୍ଡା ଭାଇ ଶ୍ରୀଶ୍ରୀଠାକୁରଙ୍କୁ ଷୋଡ଼ଶୋପଚାର ପୂଜା ଓ ପ୍ରଭାତୀ ଆରତି ନିବେଦନ କରିଥିଲେ। ସମବେତ ଭାବରେ ଗୁରୁ ବନ୍ଦନା ଓ ସ୍ତୋତ୍ର ବନ୍ଦନା କରାଯାଇଥିଲା। ତତ୍ପରେ ପରିଚାଳକ ଶ୍ରୀ ଶରତ ଚନ୍ଦ୍ର ସିଂହଦେଓ ଭାଇ ଶ୍ରୀଶ୍ରୀଠାକୁରଙ୍କୁ ପ୍ରଣତି ନିବେଦନ ପୂର୍ବକ ଭକ୍ତମାନଙ୍କୁ ପରିଚୟ ପତ୍ର ପାଠ, 'ନିରାଜନା'ରୁ ବୈଦିକ ମନ୍ତ୍ର-୧୫ ଓ ସମୂହ ପ୍ରାର୍ଥନା ଆବୃତ୍ତି କରାଇଥିଲେ। ନିଗମ ଉପଦେଶ ପୁସ୍ତକରୁ 'ସଂଘସେବୀଙ୍କ ପ୍ରତି'ରୁ ପାଠକରି ଆଲୋଚନା କରିଥିଲେ। ପରବର୍ତ୍ତୀ ଅଧିବେଶନ ପାଇଁ ଶ୍ରୀଶ୍ରୀଠାକୁରଙ୍କୁ ନିମନ୍ତ୍ରଣ କରାଯାଇ 'ଜୟଗୁରୁ' କୀର୍ତ୍ତନ ଓ ପ୍ରଣାମ ସହ ଉକ୍ତ ଅଧିବେଶନ ସମାପ୍ତ କରାଯାଇଥିଲା। ତଦନନ୍ତର ଶ୍ରୀଶ୍ରୀଠାକୁରଙ୍କୁ ବାଲ୍ୟ ଭୋଗ ନିବେଦନ କରାଯିବାପରେ ଭକ୍ତମାନେ ପ୍ରସାଦ ସେବନ କରିଥିଲେ।

### ଜୁଲାଇ ୧, ୨୦୨୩ (ଶନିବାର), ପ୍ରଥମ ଦିବସ- ପୂର୍ବାହ୍ନ ଅଧିବେଶନ- ଆଦର୍ଶ ଗୃହସ୍ଥ ଜୀବନ ଯାପନ

ପୂର୍ବାହ୍ନ ଅଧିବେଶନ ଘ.୯.୪୫ମି. ସମୟରେ ଆରମ୍ଭ କରାଯାଇଥିଲା। ପରିଚାଳକ ଶରତ ଭାଇ ଓ ସଭାପତି ବ୍ରଜ ଭାଇ ଆସନ ଗ୍ରହଣ କରିବାପରେ ବନ୍ଦନା ସଙ୍ଗୀତ 'ଘେନ ବନ୍ଦନ ବିଶ୍ୱ ମୋହନ' ଗାନ କରାଯାଇଥିଲା। ଶ୍ରୀ ବିଶ୍ୱଜିତ୍ ସୁନ୍ଦର ରାୟ ଭାଇ ଉପସ୍ଥିତ ଭକ୍ତମାନଙ୍କୁ ସ୍ୱାଗତ ଅଭିଭାଷଣ ଜଣାଇଥିଲେ। 'ନୀଳାଚଳ ସାରସ୍ୱତ ସଂଘ'ର ସଭାପତି **ଶ୍ରୀ ସନ୍ତୋଷ କୁମାର ମହାନ୍ତି** ଭାଇ ଟେଲିଫୋନ୍ ମାଧ୍ୟମରେ ଭକ୍ତ ସମ୍ମିଳନୀର ଉଦ୍‌ବୋଧନୀ ଅଭିଭାଷଣ ଦେଇଥିଲେ। ପରିଚାଳକ ଶରତ ଭାଇ ଏହି ସମ୍ମିଳନୀ ଉପଲକ୍ଷେ ସଂଘ ତରଫରୁ ପ୍ରକାଶିତ **'ସାରସ୍ୱତ ମାଧୁରୀ-୨୦୨୩'** ଶ୍ରୀଶ୍ରୀଠାକୁରଙ୍କୁ ପ୍ରଦାନ କରିଥିଲେ। ତଦନନ୍ତର ପ୍ରାର୍ଥନା

ସଙ୍ଗୀତ 'ଆନନ୍ଦଧାରା ବୁହାଇ ଦିଅ' ଗାନପରେ ଶ୍ରୀ ସୂର୍ଯ୍ୟେନ୍ଦୁ ପଣ୍ଡା ଭାଇ "ଆଦର୍ଶ ଗୃହସ୍ଥ ଜୀବନ ସଂପର୍କରେ ଶ୍ରୀଶ୍ରୀଠାକୁରଙ୍କ ବାଣୀ" ପାଠ କରିଥିଲେ। ତତ୍ପରେ ପରିଚାଳକ ଶରତ ଭାଇ 'ଆଦର୍ଶ ଗୃହସ୍ଥ ଜୀବନ ଯାପନ' ବିଷୟରେ ଆଲୋଚନା କରିଥିଲେ। ପ୍ରାର୍ଥନା ସଙ୍ଗୀତ 'ଭକତ ଗହଳେ ପୁଷ୍ପ ସିଂହାସନେ' ଗାନ କରାଯାଇଥିଲା। କ୍ରମାନ୍ୱୟରେ ସଭାପତି ବ୍ରଜ ଭାଇ "ଆଦର୍ଶ ଗୃହସ୍ଥ - ଏକ ବ୍ୟବହାରିକ ଦୃଷ୍ଟିକୋଣ" ଏବଂ ଶ୍ରୀ ଅମିତାଭ ଦାଶ ଭାଇ "ଆଦର୍ଶ ଗୃହସ୍ଥ ଜୀବନ ଗଠନ ସମୀକ୍ଷା" ସଂପର୍କରେ ଆଲୋଚନା କରିଥିଲେ। ତଦନନ୍ତର ପ୍ରାର୍ଥନା ସଙ୍ଗୀତ "ଆମି ତୋ ତୋମାରେ ଚାଇନି" ଗାନପରେ ପ୍ରଣାମ ଗାନ ସହ ଏହି ସଭା ଶେଷ କରାଯାଇଥିଲା। ଶ୍ରୀଶ୍ରୀଠାକୁର ମଧ୍ୟାହ୍ନ ଭୋଗ ଗ୍ରହଣ କରି ବିଶ୍ରାମ କରିଥିଲେ ଓ ଭକ୍ତମାନେ ପ୍ରସାଦ ସେବନ କରିଥିଲେ।

**ଜୁଲାଇ ୧,୨୦୨୩ (ଶନିବାର), ପ୍ରଥମ ଦିବସ- ଅପରାହ୍ନ ଅଧିବେଶନ, Young Aspirants' Session**

ଅପରାହ୍ନ ଘ.୩.୦୦ ସମୟରେ ପିଲାମାନଙ୍କ ନିମିତ୍ତ ଉଦ୍ଦିଷ୍ଟ Young Aspirants' Session ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନରେ ପିଲାମାନେ ଆବାହନ ସଂଗୀତମାନ ଗାନ କରିବାପରେ ପ୍ରଣାମ ଗାନ କରାଯାଇ ପରଦା ଉନ୍ମୋଚନ ହୋଇଥିଲା। ପରିଚାଳକ ଶରତ ଭାଇ ଓ ସଭାପତି ବ୍ରଜ ଭାଇ ଆସନ ଗ୍ରହଣ କରିବାପରେ ବନ୍ଦନା ସଙ୍ଗୀତ 'ହେ ସତ୍ୟ ସୁନ୍ଦର ଦେବ ପରାତ୍ପର' ଗାନ ପରେ ଶ୍ରୀ ସାର୍ଥକ ମହାନ୍ତି 'ସଦ୍‌ଗୁରୁ ସ୍ୱାମୀ ନିଗମାନନ୍ଦ ଉପଦେଶାମୃତ' ପୁସ୍ତକରୁ 'To The Students' ଅଧ୍ୟାୟରୁ କିଛି ପାଠ କରିଥିଲେ। ଶରତ ଭାଇ ଶ୍ରୀଶ୍ରୀଠାକୁର କିପରି ପିଲାମାନଙ୍କୁ ଭଲ ପାଉଥିଲେ ଗଳ୍ପ ମାଧ୍ୟମରେ କହିଥିଲେ। ଏଠାରେ ଶ୍ରୀଶ୍ରୀଠାକୁରଙ୍କ ଭାବଧାରା ପିଲାମାନେ କିପରି ପ୍ରଚାର କରିପାରିବେ ସେଥିପାଇଁ ପ୍ରସ୍ତୁତ ହେବାକୁ ଉପଦେଶ ଦେଇଥିଲେ। ତତ୍‌ପରେ ପ୍ରାର୍ଥନା ସଙ୍ଗୀତ 'ତୁମ ପୂଜା ଫୁଲ ହୋଇବି ଠାକୁର' ଗାନ କରାଯାଇଥିଲା ଓ ପିଲାମାନେ ଭାବବିନିମୟ କରିଥିଲେ। 'ଚିହ୍ନିଛୁ କି ଗୁରୁ କି ଧନ' ପ୍ରାର୍ଥନା ସଙ୍ଗୀତ ଗାନପରେ ଆଗାମୀ ବର୍ଷ ଭକ୍ତ ସମ୍ମିଳନୀରେ 'Young Aspirants' session ଅନୁଷ୍ଠିତ ହେବାପାଇଁ ଶ୍ରୀଶ୍ରୀଠାକୁରଙ୍କୁ ଏବଂ ପିଲାମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ପ୍ରଣାମ ଗାନ ପୂର୍ବକ ଏହି ସଭା ଘ.୪.୧୦ ସମୟରେ ଶେଷ ହୋଇଥିଲା।

**ଜୁଲାଇ ୧, ୨୦୨୩ (ଶନିବାର), ପ୍ରଥମ ଦିବସ- ସନ୍ଧ୍ୟା ଅଧିବେଶନ**

